# ଧରିତ୍ରୀ
DHARITRI

ସମ୍ବଲପୁର, ଶନିବାର, ଡିସେମ୍ବର ୨୯/୨୦୧୮ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, December 29/ 2018 ★★

୧୫୩ ଭାଗ ୧୪ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-




## କାନାଡ଼ାରେ ଚିକିତ୍ସାଧୀନ କାଦର ଖାନ୍

ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା କାହାଣୀ ଲେଖକ କାଦର ଖାନ୍ (୮୧) ସ୍ୱାସ୍ଥ୍ୟ ସମସ୍ୟା ନେଇ କାନାଡ଼ାରେ ଚିକିତ୍ସାଧୀନ ଅଛନ୍ତି ।

୦୭

୧୯

## ବିବାହ ବନ୍ଧନରେ ସୁନୀତା

ଭାରତୀୟ ମହିଳା ହକି ଦଳର ନିର୍ଭରଯୋଗ୍ୟ ସଦସ୍ୟା ଓଡ଼ିଶାର ସୁନୀତା ଲାକ୍ରା ଶୁକ୍ରବାର ଦୀପକ ଟପ୍ପୋଙ୍କ ସହ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି।



# ଦିନସାରା ଉପାସ ରହିଲେ ଠାକୁର

ପୁରୀ ଅଫିସ,୨୮।୧୨

ସେବାୟତଙ୍କ ପୁଞ୍ଜୀଭୂତ ଅସନ୍ତୋଷ ଶେଷରେ ନେଇଛି ବିସ୍ଫୋରକ ରୂପ। ଶୁକ୍ରବାର ଶ୍ରୀମନ୍ଦିରରେ ଘଟିଛି ଚରମ ବିଶୃଙ୍ଖଳା। ପ୍ରଶାସନିକ ଅଧିକାରୀ ଓ ସେବାୟତଙ୍କ ଜିଦ୍‌ଖୋର ମନୋଭାବ ଯୋଗୁ ମହାପ୍ରଭୁ ଦିନସାରା ଉପବାସ ରହିଛନ୍ତି। ଦିନତମାମ୍ ଫିଟି ନ ଥିଲା ଜୟବିଜୟ ଦ୍ୱାର। ଦାନ୍ତ ଘଷି ନ ଥିଲେ କି ଗାଧୋଇ ନ ଥିଲେ ଠାକୁର। ବାହାରିପାରି ନ ଥିଲା ପହିଲି ଭୋଗ। ବନ୍ଦ ରହିଥିଲା ମହାପ୍ରସାଦ। ଭୋକ ଉପାସରେ ରତ୍ନସିଂହାସନରେ ମହାପ୍ରଭୁ ବସିରହିଥିବା ବେଳେ ଦର୍ଶନ ନ ପାଇ ସିଂହଦ୍ୱାରରେ ଲୁହ ଗଡ଼ାଇ ଫେରିଥିଲେ ଭକ୍ତ। ଏହାସତ୍ତ୍ୱେ ଚେତି ନ ଥିଲେ ସେବାୟତ କିମ୍ବା ପ୍ରଶାସନିକ ଅଧିକାରୀ। ସେମାନଙ୍କ ଜିଦ୍ ପାଇଁ ଶ୍ରୀମନ୍ଦିରରେ ବିଭ୍ରାଟ ସବୁ ସୀମା ସରହଦକୁ ଟପିଥିଲା। ତିକ୍ତ ଅନୁଭୂତି ସାଉଣ୍ଟି ଫେରିଥିଲେ ହଜାର ହଜାର ଭକ୍ତ। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ସେବାୟତଙ୍କ ଲିଖିତ ଦାବି ଗ୍ରହଣ କରିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ୧୪ ଘଣ୍ଟା ବିଳମ୍ବରେ ଅର୍ଥାତ୍ ଅପରାହ୍ନ ୫ଟାରେ ଦ୍ୱାର ଫିଟିଥିବା ବେଳେ ☞ପୃଷ୍ଠା-୪



ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଶ୍ରଦ୍ଧାଳୁମାନେ ଅପେକ୍ଷା କରିଛନ୍ତି।

### ସେବାୟତ-ପ୍ରଶାସନ ବିବାଦ

- ସେବାୟତଙ୍କ ଦାବି ଗ୍ରହଣ ପରେ ନୀତି ଆରମ୍ଭ
- ୧୪ ଘଣ୍ଟା ବିଳମ୍ବରେ ଫିଟିଲା ଦ୍ୱାର
- ବ୍ୟାରିକେଡ୍ ଭାଙ୍ଗି ଧସେଇ ପଶିଲେ ଶ୍ରଦ୍ଧାଳୁ
- ଦର୍ଶନ ନ ପାଇ ଫେରିଲେ ହଜାର ହଜାର ଭକ୍ତ

■ ପୋକ୍ସୋ ଆଇନରେ ସଂଶୋଧନକୁ କ୍ୟାବିନେଟ ମଞ୍ଜୁରୀ

# ଶିଶୁଙ୍କୁ ବଳାତ୍କାର କଲେ ମୃତ୍ୟୁଦଣ୍ଡ

ନୂଆଦିଲ୍ଲୀ,୨୮।୧୨(ପି.ଟି.)

ଶିଶୁ ଯୌନ ଅପରାଧ ସୁରକ୍ଷା (ପୋକ୍ସୋ) ଆଇନରେ ସଂଶୋଧନକୁ ଶୁକ୍ରବାର କେନ୍ଦ୍ର ସରକାର ଅନୁମୋଦନ କରିଛନ୍ତି। ଏଣିକି ଶିଶୁଙ୍କ ପ୍ରତି ଯୌନ ଅପରାଧ ଲାଗି କଠୋର ଦଣ୍ଡ ଭୋଗିବାକୁ ପଡିବ। ଶିଶୁଙ୍କ ଉପରେ ଅଶ୍ଳୀଳ ଚିତ୍ର ଏବଂ ସେମାନଙ୍କୁ ହରମୋନ ଦେଇ ଯୌନତା ପ୍ରାପ୍ତ କରାଇବା କାର୍ଯ୍ୟ ବନ୍ଦ ଲାଗି କଠୋର ଦଣ୍ଡ ବ୍ୟବସ୍ଥା ରଖାଯାଇଛି। ଯୌନ ଅପରାଧରୁ ଶିଶୁମାନଙ୍କୁ ସୁରକ୍ଷା ଦେବାକୁ ହେବ। ସେଥିପାଇଁ କ୍ୟାବିନେଟ ପୋକ୍ସୋ ଆଇନର ବିଭିନ୍ନ ଧାରାରେ ସଂଶୋଧନକୁ ଅନୁମୋଦନ କରିଥିବା ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ଏହା ଦ୍ୱାରା ପୋକ୍ସୋ ଆଇନ କେବଳ ସୁଦୃଢ଼ ହେବ ନାହିଁ ଏହାର ପରିସର ବୃଦ୍ଧି ପାଇବ। କୃତ୍ରିମ ଔଷଧ ଏବଂ ହରମୋନ ଦେଇ ଶିଶୁମାନଙ୍କ ଶୈଶବାବସ୍ଥାକୁ ମାରି ଦିଆଯାଇ ପାରିବ ନାହିଁ ବୋଲି ପ୍ରସାଦ କହିଛନ୍ତି। ପୋକ୍ସୋ ଆଇନର ଧାରା ☞ପୃଷ୍ଠା-୪

■ ବଣଭୋଜି କରିବାକୁ ଆସିଥିଲେ

# ଭୀମକୁଣ୍ଡରେ ଭାସିଗଲେ ଛାତ୍ର

ପାଟଣା, ୨୮।୧୨ (ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ବ୍ଲକର ପର୍ଯ୍ୟଟନ ସ୍ଥଳୀ ଭୀମକୁଣ୍ଡକୁ ବଣଭୋଜି କରିବାକୁ ଆସିଥିବା ଜଣେ କଲେଜ ଛାତ୍ର ଶୁକ୍ରବାର ଅପରାହ୍ନରେ ଭୀମକୁଣ୍ଡର ପ୍ରବଳ ସ୍ରୋତରେ ଭାସି ଯାଇଛନ୍ତି। ଛାତ୍ର ଜଣଙ୍କ ହେଲେ କଟକ ନୂଆପଡ଼ା ଲେବର କଲୋନୀର ଦୀପକ ନାରାୟଣ ମିଶ୍ରଙ୍କ ପୁଅ ରୋହନ(୧୭)। ସୂଚନା ଅନୁଯାୟୀ, ନୂଆପଡ଼ା ବାଲିସାହିସ୍ଥିତ ଏକ କଲେଜର ୪୫ ଛାତ୍ରୀଛାତ୍ର ଓ ଅଧ୍ୟାପକ ବଣଭୋଜି ପାଇଁ ଭୀମକୁଣ୍ଡ ଆସିଥିଲେ। ରୋହନଙ୍କ ଯାଆଁଳା ଭାଇ ରୋଶନଙ୍କ କହିବା ଅନୁସାରେ ସାଙ୍ଗମାନେ ମିଶି ଭୀମକୁଣ୍ଡର ପ୍ରଥମ କୁଣ୍ଡ ନିକଟରେ ବସିଥିଲେ। ଅସାବଧାନତାବଶତଃ ରୋହନ କୁଣ୍ଡରେ ପଡ଼ି ଭାସି ଯାଇଥିଲେ। ପାଟଣା ଅଗ୍ନିଶମ ବିଭାଗର ଷ୍ଟେଶନ ମ୍ୟାନେଜର ମନୋରଞ୍ଜନ ମହାନ୍ତଙ୍କ ନେତୃତ୍ୱରେ ଅଗ୍ନିଶମ ବାହିନୀ ରୋହନଙ୍କୁ ଖୋଜାଖୋଜି କରିଥିଲେ। ରିପୋର୍ଟ ଲେଖା ଯିବା ସୁଦ୍ଧା ରୋହନଙ୍କର ପତ୍ତା ମିଳିପାରି ନ ଥିଲା। ଦୀର୍ଘଦିନରୁ ପାଟଣା ପାର୍ଶ୍ୱ ଭୀମକୁଣ୍ଡର ଭୟଙ୍କର କୁଣ୍ଡ ଓ ପ୍ରପାତରେ ସୁରକ୍ଷାବାଡ଼ ନ ଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଡୁମୁରିଆ ସରପଞ୍ଚ ଦମୟନ୍ତୀ ନାଏକ କହିଛନ୍ତି।

### ଆପଣଙ୍କ ଏହି କପି ସହିତ ପାଇବେ ପିଲାଙ୍କ ଧରିତ୍ରୀ




ହକର ଭାଇଙ୍କଠାରୁ ମାଗି ନିଅନ୍ତୁ


CBSE
Exam Mate
ପୃଷ୍ଠା -୧୫


NATIONAL EGG CO-ORDINATION COMMITTEE 28.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 75 | 126 | 136 |
| CTC | 75 | 126 | 136 |
| DKL | 77 | 128 | 138 |
| BDK | 75 | 126 | 136 |
| BLS | 77 | 128 | 138 |
| ANG | 79 | 131 | 141 |

*Conditions Apply

Eggs Retail Price- 55/-Dozen
Issued in the Interest of Consumers

### ଆଜିର ସମ୍ପାଦକୀୟ

ଅଚଳ ନିଯୁକ୍ତି ପ୍ରକ୍ରିୟା

### ଆଜିର ମନ୍ତବ୍ୟ

“ ଜମ୍ମୁ-କଶ୍ମୀରରେ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି କେନ୍ଦ୍ର ପ୍ରତିଶ୍ରୁତିବଦ୍ଧ।
**-ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ**

### କିଛି ତଥ୍ୟ

୨୦୧୮-୧୯ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ଦେଶରୁ ୯,୬୦୦ ଟନ୍ ଦୁଗ୍ଧଜାତ ସାମଗ୍ରୀ ରପ୍ତାନି ହୋଇଛି। ଗତ ବର୍ଷ ସମାନ ସମୟରେ ଏହା ୪,୭୫୦ ଟନ ରହିଥିଲା। **- ବାଣିଜ୍ୟ ମନ୍ତ୍ରଣାଳୟ**

ଅନିର୍ବାଯ୍ୟ କାରଣବଶତଃ ଏଥରର କ୍ୟାରିୟର ଆପଏଣ୍ଟମେଣ୍ଟ ସମ୍ପର୍କିତ ଲେଖା ପ୍ରକାଶ ପାଇପାରୁନାହିଁ।







# ୪୮ ଘଣ୍ଟା ମହାବନ୍ଦ

ଏବେ ସବୁଠି ସରିଆସୁଥିବା ୧୮ର ଛବି । ସେହି ଚିତ୍ର ଝାପ୍‌ସା ହୋଇ ଆସୁଥିଲେ ବି ସମ୍ପୂର୍ଣ୍ଣ ଲିଭିନାହିଁ ମନରୁ । କେଉଁଠି ତନ୍ତ୍ରସାଧନା ପାଇଁ ବଳି ପଡିଥିଲା ତ ଆଉ କେଉଁଠି ଦାଦନ ଶ୍ରମିକଙ୍କୁ ପାଉଣା ବଦଳରେ ମିଳିଥିବା ଏସିଡ଼ ମାଡ଼ । କୋର୍ଟ ଭିତରେ ପ୍ରେମିକକୁ ହତ୍ୟା, ଓକିଲଙ୍କ ୪୮ ଘଣ୍ଟିଆ ବନ୍ଦ । ପୁଣି ଜୁନିୟର ଡାକ୍ତରଙ୍କ ୨୧ ଦିନିଆ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁ ବିପର୍ଯ୍ୟସ୍ତ ହୋଇପଡିଥିଲା ରୋଗୀସେବା । ଏମିତି ଭିତରେ ଶିଳାନ୍ୟାସ,ଉଦ୍‌ଘାଟନ ପର୍ବ ବି ଚାଲିଥିଲା ବର୍ଷତମାମ...। ସମ୍ବଲପୁର ବୋର୍ଡ ଅଫିସ ପୋଡ଼ି ହେଉ କି ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଦୁର୍ଘଟଣାରୁ ବର୍ତ୍ତିବା ଘଟଣା ଚଳିତ ବର୍ଷର ପ୍ରମୁଖ ଖବର ଥିଲା ।




ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଚାଲିଥିବା ସମ୍ବଲପୁର ଜିଲା ଓକିଲ ସଂଘର ଆନ୍ଦୋଳନ ୧୦୦ ଦିନରେ ପହଞ୍ଚି ଥିଲା । ସଂଘ ପକ୍ଷରୁ ନଭେମ୍ବର ୨୯ ଓ ୩୦ ତାରିଖ ମହାବନ୍ଦ ପାଳନ କରାଯାଇଥିଲା। ଏଥିଯୋଗୁ ୪୮ ଘଣ୍ଟା ଧରି ରେଳ ସେବା ସାଙ୍ଗକୁ ସହର,ବଜାର ବନ୍ଦ ରହିଥିଲା । ବିଭିନ୍ନ ସରକାରୀ ଓ ବେସରକାରୀ ଅଫିସ ବନ୍ଦ ଥିବା ବେଳେ କୋର୍ଟ କଚେରି ଏକ ପ୍ରକାର ଅଚଳ ହୋଇପଡିଥିଲା। ବଲାଙ୍ଗୀର ଓକିଲ ସଂଘ ପକ୍ଷରୁ ମଧ୍ୟ ଡିସେମ୍ବର ୩୧ ତାରିଖ ପର୍ଯ୍ୟନ୍ତ ଜିଲାର ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି ।

## ମୁକ୍ତିକାନ୍ତଙ୍କ ପଦଯାତ୍ରା



ରାଉରକେଲାର ମୁକ୍ତିକାନ୍ତ ବିଶ୍ୱାଳଙ୍କ ପଦଯାତ୍ରା ଚଳିତବର୍ଷ ବିଭିନ୍ନ ଗଣମାଧ୍ୟମ ପାଇଁ ବଡ଼ ଖବର ଥିଲା । ଏପ୍ରିଲ ୧୬ରୁ ସେ ପାଦରେ ଚାଲି ଚାଲି ନୂଆଦିଲ୍ଲୀରେ ପହଞ୍ଚି ଥିଲେ । ଏହା ପରେ ବି ତାଙ୍କୁ ପ୍ରଧାନମନ୍ତ୍ରୀଙ୍କୁ ଭେଟି ବାକୁ ସୁଯୋଗ ମିଳି ନ ଥିଲା । ଏହାର ପ୍ରତିବାଦରେ ସେ ରାମଲୀଳା ମଇଦାନରେ ଅନଶନରେ ବସିଥିଲେ । ମୁକ୍ତିକାନ୍ତଙ୍କ ନୂଆଦିଲ୍ଲୀ ପଦଯାତ୍ରା ବିଫଳ ହେବା ପରେ ସେ ପୁଣିଥରେ ରାଉରକେଲାରୁ ପାଦରେ ଚାଲି ଚାଲି ଭୁବନେଶ୍ୱରରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଥିଲେ ।

## ଭୀମଭୋଇ ମେଡିକାଲ କଲେଜ ଲୋକାର୍ପିତ



ଦୀର୍ଘ ୧୮ ବର୍ଷର ପ୍ରତୀକ୍ଷା ପରେ ବଲାଙ୍ଗୀରରେ ସନ୍ଥ ଭୀମଭୋଇ ମେଡିକାଲ କଲେଜ ଲୋକାର୍ପିତ ହୋଇଥିଲା। ଗତ ଅଗଷ୍ଟ ୩୧ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ମେଡିକାଲ କଲେଜକୁ ଉଦ୍‌ଘାଟନ କରିଥିଲେ ।

## ୨୧ ଦିନ ଧରି ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ

ସମ୍ବଲପୁର ବୁର୍ଲା ଭୀମସାର ଜୁନିୟର ଡାକ୍ତରଙ୍କ ଆନ୍ଦୋଳନ ଅକ୍ଟୋବର ୧୭ ତାରିଖରୁ ଆରମ୍ଭ ହୋଇ ୨୧ ଦିନ ପର୍ଯ୍ୟନ୍ତ ଚାଲିବା ଘଟଣା ଚଳିତ ବର୍ଷର ବଡ଼ ଖବର ଥିଲା । ରାଜ୍ୟ ସରକାର ନିର୍ଦ୍ଦେଶକ ଅଶ୍ୱିନୀ ପୁଜାହାରୀଙ୍କୁ ବାଧତାମୂଳକ ଭାବେ ଛୁଟିରେ ଯିବାକୁ ନିର୍ଦ୍ଦେଶ ଦେବା ପରେ ଏହି ଆନ୍ଦୋଳନରୁ ଜୁନିୟର ଡାକ୍ତରମାନେ ଓହରିଥିଲେ । ନିର୍ଦ୍ଦେଶକ ପୁଜାହାରୀଙ୍କୁ ବହିଷ୍କାର ଦାବିରେ ଚାଲିଥିବା ଏହି ଆନ୍ଦୋଳନ ଯୋଗୁ ଭୀମସାରରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଥିଲା।

## ଦୁର୍ଘଟଣା ଅପରାଧ

### ଆରଏସ୍‌ପି ଟନେଲରେ ୫ ଯୁବକଙ୍କ ପ୍ରାଣଗଲା

ଜୁନ ୩ ତାରିଖ ଘଟଣା । ରାଉରକେଲା ଇସ୍ପାତ କାରଖାନା ପାଚୋରି ୯ ନଂ. ଆଉଟ ଫଲ ନିକଟ ଟନେଲରେ ଘଟିଥିଲା ଏକ ମର୍ମନ୍ତୁଦ ଦୁର୍ଘଟଣା। ଟନେଲ ବାଟ ଦେଇ କାରଖାନା ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରୁଥିବା ଶୀତଳପଡା ଅଞ୍ଚଳର ୫ ଯୁବକ ଶ୍ୱାସରୁଦ୍ଧ ହୋଇ ପ୍ରାଣ ହରାଇଥିଲେ। ଉକ୍ତ ଘଟଣାର ସପ୍ତାହକ ପରେ ମୃତକଙ୍କ ମୃତଦେହ ପର୍ଯ୍ୟାୟ କ୍ରମେ ଉଦ୍ଧାର କରାଯାଇଥିଲା।

### ତନ୍ତ୍ର ସାଧନା ପାଇଁ ସ୍ତ୍ରୀକୁ ବଳି

ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ହିତସରା ଗ୍ରାମରେ ଅକ୍ଟୋବର ୩୦ ତାରିଖରେ ଚଗଲା ସେଠୀ ତନ୍ତ୍ର ସାଧନା ପାଇଁ ନିଜ ସ୍ତ୍ରୀ ସୁଲୋଚନା ସେଠୀଙ୍କୁ ବଳି ଦେଇଛନ୍ତି। ଅଭିଯୁକ୍ତ ଚଗଲା ପୋଲିସ ପାଖରେ ଅପରାଧ ସ୍ୱୀକାର କରିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ବିସ୍ଫୋରଣ, ୨ମୃତ

ସେପ୍ଟେମ୍ବର ୧୭ । ମଧୁସୂଦନପାଲି ତେଲୁଗୁପଡାରେ ଦିନ ପ୍ରାୟ ୧୨ଟା ୧୫ରେ ଘଟିଲା ଭୟଙ୍କର ବିସ୍ଫୋରଣ। ଏହି ବିସ୍ଫୋରଣର ତୀବ୍ରତା ଏତେ ଥିଲା ଯେ ଆଖପାଖର ୨୦ରୁ ଊର୍ଦ୍ଧ୍ୱ ଘରର ଛାତ ଉଡିଯାଇଥିଲା । ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିଲା । ଘରେ ମହଜୁଦ ଥିବା ବାରୁଦ ବିସ୍ଫୋରଣ ଯୋଗୁ ଏପରି ଘଟଣା ଘଟିଥିବା ଅନୁମାନ କରାଯାଉଛି ।

### ଟ୍ରେନ ଧକ୍କାରେ ୪ କାଉଡିଆ ମୃତ

ଅଗଷ୍ଟ ୧୨ ତାରିଖ ବିଳମ୍ବିତ ରାତି । ପାନପୋଷ ବ୍ରାହ୍ମଣୀ ନଦୀ ରେଳ ବ୍ରିଜ ଉପରେ ଏକ ଦୁଃଖଦ ଘଟିଥିଲା। ବେଦବ୍ୟାସ ଶୈବପୀଠକୁ ପାଣିଲାଗି କରିବାକୁ ଆସୁଥିବା ଗୋଟିଏ ପରିବାର ୪ ସଦସ୍ୟଙ୍କ ମୁମ୍ବାଇ ହାଓଡା ମେଲ ଟ୍ରେନ ଧକ୍କାରେ ମୃତ୍ୟୁ ଘଟିଥିଲା । ସେମାନେ ସମସ୍ତ ଛତିଶଗଡ଼ର ବାସିନ୍ଦା । ରେଳବ୍ରିଜ୍ ଉପରେ ସମସ୍ତ ଚାଲି ଚାଲି ଆସୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା ।

### କୋର୍ଟ ଭିତରେ ପ୍ରେମିକାଙ୍କୁ ହତ୍ୟା

ଏପ୍ରିଲ ୨୩ । ସମ୍ବଲପୁର ଜିଲା ଫ୍ୟାମିଲି କୋର୍ଟ ଭିତରେ ଘଟିଲା ଏକ ବିବସ୍ତ୍ର ହତ୍ୟାକାଣ୍ଡ। ସିନ୍ଦୂରପଙ୍କ ଗାଁର ବିଫଳ ପ୍ରେମିକ ରମେଶ କୁମ୍ଭାର ନିଜ ପ୍ରେମିକା ସଙ୍ଗୀତା ଚୌଧୁରୀଙ୍କୁ ଖଣ୍ଡାରେ ହାଣି ହତ୍ୟା କଲେ । ପୂର୍ବାହ୍ନ ସାଢେ ୮ଟାରେ ଘଟିଥିବା ଏହି ଅଭାବନୀୟ ଘଟଣା ସମ୍ବଲପୁର ସହରରେ ଆଲୋଡନ ସୃଷ୍ଟି କରିଥିଲା । ସ୍ଥାନୀୟ ଲୋକେ ରମେଶଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ । ଏହି ଘଟଣାରେ ସଙ୍ଗୀତାଙ୍କ ମା' ଓ ଝିଆରି ଆହତ ହୋଇଥିଲେ ।

### ଦାଦନ ଶ୍ରମିକଙ୍କୁ ଏସିଡ୍ ମାଡ଼

ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌ସ୍ଥିତ ଇଟାଭାଟିକୁ କାମ କରିବାକୁ ଯାଇଥିବା ସୁନ୍ଦରଗଡ ଜିଲା ହେମଗିର ଥାନା ଅଞ୍ଚଳର ୧୧ଜଣ ଦାଦନ ଶ୍ରମିକ ଡିସେମ୍ବର ମାସରେ ନିର୍ଯାତନାର ଶିକାର ହୋଇଥିଲେ । ପାଉଣା ମାଗିବାରୁ ଜୟଦେବ ଚନ୍ଦନିଆଁ (୩୫) ନାମକ ଜଣେ ଶ୍ରମିକ ଉପରକୁ ମାଲିକ ଏସିଡ୍ ପିଙ୍ଗିବାରୁ ସେ ଗୁରୁତର ଆହତ ହୋଇଥିଲେ । ଅନ୍ୟ ଜଣେ ଶ୍ରମିକ କିରଣ ବାରିକଙ୍କ ୩ଟି ଆଙ୍ଗୁଠି କାଟି ଦିଆଯାଇଥିଲା।

### ୧୨ ଦିନରେ ରାୟ

ଜୁନ୍ ୨ । ସମ୍ବଲପୁର ଜିଲା ତଥା ଓଡିଶା ବିଚାର ବିଭାଗ ପାଇଁ ଥିଲା ଏକ ଐତିହାସିକ ଦିନ । ବହୁ ଚର୍ଚ୍ଚିତ ଶାସନ ଥାନା ଅଞ୍ଚଳରେ ନବମ ଶ୍ରେଣୀ ଛାତ୍ରୀ ବଳାତ୍କାର ଓ ଆତ୍ମହତ୍ୟା ଘଟଣା ରାୟ ମାତ୍ର ୧୨ ଦିନରେ ପ୍ରକାଶ ପାଇଥିଲା । ଫାଷ୍ଟ ଟ୍ରାକ କୋର୍ଟରେ ଚାର୍ଜସିଟର ଦାଖଲ ହେବାର ୧୨ ଦିନ ଭିତରେ ରାୟ ପ୍ରକାଶ ପାଇବା ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଥିଲା । କୋର୍ଟ ଅଭିଯୁକ୍ତ ପୁରୁଷ ବନ୍ଧୁଙ୍କ ସମେତ ୫ ଜଣଙ୍କୁ ଆଜୀବନ ଜେଲଦଣ୍ଡରେ ଦଣ୍ଡିତ କରିଥିଲେ ।

## ବିଡିଓଙ୍କ କାନ୍ଧରେ ଅଜଣା ବୃଦ୍ଧଙ୍କ ଶବ



ଖପ୍ରାଖୋଲ ବିଡିଓ ତରଣୀ ସୁନା ଜଣେ ଆଇନଜୀବୀ ଓ ଦୁଇ ସାମାଜିକ କର୍ମୀଙ୍କ ସହାୟତାରେ ୨ କିଲୋମିଟର ପର୍ଯ୍ୟନ୍ତ ମୃତଦେହ କାନ୍ଧେଇ ଶ୍ମଶାନକୁ ନେବା ଘଟଣା ଅନ୍ୟ ଏକ ଭଲ ଖବର ଥିଲା । ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ବାଞ୍ଜିପାଲି ଗାଁ ମୁଣ୍ଡରେ ଥିବା ଯାତ୍ରୀ ପ୍ରତୀକ୍ଷାଳୟରେ ଜଣେ ଅସହାୟ ବୃଦ୍ଧ ରହିଆସୁଥିଲେ। ନାଥ ବାବା ରୂପେ ସେ ପରିଚିତ ଥିଲେ । କୌଣସି କାରଣରୁ ସେ ଅସୁସ୍ଥ ହୋଇ ପ୍ରାଣ ହରାଇଥିଲେ । ହେଲେ ମୃତଦେହକୁ ସଂସ୍କାର ପାଇଁ ଶ୍ମଶାନଘାଟ ନେବାକୁ କେହି ରାଜି ହୋଇ ନ ଥିଲେ। ବିଡିଓ ସୁନା ଏ ସମ୍ପର୍କରେ ଖବର ପାଇ ବାଞ୍ଜିପାଲି ଗାଁରେ ପହଞ୍ଚିଥିଲେ। ଗ୍ରାମବାସୀ ତଥା ସ୍ଥାନୀୟ ଲୋକଙ୍କୁ ଶବ ସତ୍କାର ପାଇଁ ଅନୁରୋଧ କରିଥିଲେ। ହେଲେ ସମସ୍ତେ ଅମଙ୍ଗ ହୋଇଥିଲେ। ଶେଷରେ ବିଡିଓ , ଜଣେ ଆଇନଜୀବୀ ଓ ୨ ସାମାଜିକ କର୍ମୀ ମୃତଦେହ କାନ୍ଧେଇ ଶ୍ମଶାନକୁ ନେଇଥିଲେ । ସେଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।



### ଶହୀଦ ହେଲେ ଚନ୍ଦ୍ରେଶ୍ୱର

ସମ୍ବଲପୁର ଜିଲା ରେଢ଼ାଖୋଲ ବ୍ଲକ କଦଳୀଗଡ ପଞ୍ଚାୟତର ଧଉରାଖମଣ ଗ୍ରାମର ଚନ୍ଦ୍ରେଶ୍ୱର ମହାକୁଡ ଅକ୍ଟୋବର ୫ତାରିଖରେ ଶହୀଦ ହୋଇଥିଲେ। ମଣିପୁର-ମିଆମାର ସୀମାନ୍ତ କାନ୍ଧେଲ ଜିଲା ଜୌପିରେ ପିପୁଲ୍ସ ଲିବରେଶନ ଆର୍ମି ସହିତ ଗୁଳି ବିନିମୟରେ ସେ ଶହୀଦ ହୋଇଥିଲେ।

## ସାଇକେଲ, ଠେଲା ଗାଡ଼ିରେ ମୃତଦେହ





ବୌଦ୍ଧ ଜିଲା ବ୍ରାହ୍ମଣପାଲି ପଞ୍ଚାୟତର କୃଷ୍ଣପାଲି ଗାଁ । ସେହି ଗାଁର ଚତୁର୍ଭୁଜ ବାଙ୍କଙ୍କ ଶାଳୀ ପାଞ୍ଚ ମହାକୁଡଙ୍କ ଝାଡାବାନ୍ତିରେ ବୌଦ୍ଧ ଡାକ୍ତରଖାନାରେ ପରଲୋକ ଘଟିଥିଲା। ସାମାଜିକ ବାସନ୍ଦ କାରଣରୁ ତାଙ୍କ ଶବକୁ କେହି ଉଠାଇବାକୁ ଆସି ନ ଥିଲେ । ଶେଷରେ ଭିଣୋଇ ଚତୁର୍ଭୁଜ ମୃତଦେହକୁ ନିଜ ସାଇକେଲରେ ବାନ୍ଧି ଶ୍ମଶାନକୁ ଆଣି ଦାହ କରିଥିଲେ । ଏହି ଘଟଣା ଚଳିତ ବର୍ଷ ଚର୍ଚ୍ଚାର ବିଷୟ ସାଜିଥିଲା । ସେହିପରି ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବସ୍ତିରେ ରହୁଥିବା ଅଚ୍ୟୁତ ମହାପାତ୍ରଙ୍କ ସ୍ତ୍ରୀ ସୁମିତ୍ରାଙ୍କ ସୋନପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ପରଲୋକ ଘଟିଥିଲା । ମହାପ୍ରୟାଣ ଗାଡ଼ି ନ ମିଳିବାରୁ ମୃତଦେହକୁ ଏକ ଭଡ଼ା ଗାଡ଼ିରେ ଘରକୁ ଅଣାଯାଇଥିଲା । ଏହାପରେ ନିଜ ଠେଲା ରିକ୍ସାରେ ସ୍ତ୍ରୀଙ୍କ ମୃତଦେହକୁ ଅଚ୍ୟୁତ୍ ଶ୍ମଶାନକୁ ନେଇ ଦାହ କରିବା ଘଟଣା ଚଳିତ ବର୍ଷ ବିଭିନ୍ନ ଗଣମାଧ୍ୟମରେ ସ୍ଥାନ ପାଇଥିଲା ।

## ପରିବାର ଶାନ୍ତି ପାଇଁ ଶିଶୁ ବଳି

ସେପ୍ଟେମ୍ବର ୨୮ । ବଲାଙ୍ଗୀର ଜିଲା ସିନ୍ଧେକେଲା ନିକଟ ଉନ୍ଦେର ନଦୀ ପଠାରେ କୁମ୍ଭାରପଡାର ମିଥୁନ୍ ଓରଫ ଘନଶ୍ୟାମ ରଣା (୯) ନାମକ ଏକ ଶିଶୁ ବଳି ଦିଆଯିବା ଘଟଣା ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା । ପାରିବାରିକ ଶାନ୍ତି ପାଇଁ ଏହି ବାଳକଙ୍କୁ ତାଙ୍କର ଜଣେ ସମ୍ପର୍କୀୟ ଭାଇ ଓ ତାଙ୍କ ଗୁରୁ ବଳି ଦେଇଥିଲେ ।



ଗିରଫ ହୋଇଥିବା ସମ୍ପର୍କୀୟ ଭାଇ ଓ ଗୁରୁ



ମିଥୁନ୍

## ବଟଲିଂ ପ୍ଲାଣ୍ଟ



ବଲାଙ୍ଗୀର ସହର ଉପକଣ୍ଠ ବରକାନୀରେ ପ୍ରସ୍ତାବିତ ବିପିସିଏଲ ଏଲପିଜି ବଟଲିଂ ପ୍ଲାଣ୍ଟର ଶିଳାନ୍ୟାସ ମେ'୨୧ରେ କେନ୍ଦ୍ର ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ କେନ୍ଦ୍ର ସଶକ୍ତିକରଣ ମନ୍ତ୍ରୀ ଥାୱର ଚନ୍ଦ ଗେହଲଟ୍‌ଙ୍କ ଉପସ୍ଥିତିରେ ଶେଷ ହୋଇଛି । ଏଥିପାଇଁ ୧୦୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି । ସେଦିନ ଶାସ୍ତ୍ରୀନଗରରେ ନିର୍ମିତ ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ ଅଫ୍ ରିହାବ୍ଲିଟେଶନ୍ ଟ୍ରେନିଂ ଏଣ୍ଡ ରିସର୍ଚ୍ଚ (ନିରତାର) ସେଟେଲାଇଟ୍ ସେଣ୍ଟର ମଧ୍ୟ ଉଦ୍‌ଘାଟିତ ହୋଇଥିଲା ।

## ବୋର୍ଡ ଅଫିସ ପୋଡ଼ି

ସମ୍ବଲପୁର ସହରର ଧନୁପାଲି ଥାନା ଅଧୀନ ଜେଲ ଛକରେ ଥିବା ମାଧମିକ ଶିକ୍ଷା ପରିଷଦ ଅଫିସ(ବୋର୍ଡ କାର୍ଯ୍ୟାଳୟ)କୁ ଡିସେମ୍ବର ୧୯ ତାରିଖରେ କେତେକ ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିଲେ । ଦୁର୍ବୃତ୍ତମାନେ ଅଫିସରେ ପଶି ଭଙ୍ଗାରୁଜା କରିବା ପରେ ଏହି କାଣ୍ଡ ଭିଆଇଥିଲେ । ଏଥିରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ପୋଡି ପାଉଁଶ ହୋଇଯାଇଥିଲା ।



## ଆମେ ହରାଇଛୁ

### ଫ୍ରିଡା ଟପ୍ପୋ



ସୁନ୍ଦରଗଡ଼ ଜିଲାର ପୂର୍ବତନ ଏମ୍‌ପି ତଥା ରଘୁନାଥପାଲୀର ପୂର୍ବତନ ବିଧାୟକ, କଂଗ୍ରେସ ଦଳର ବରିଷ୍ଠ ନେତ୍ରୀ ଫ୍ରିଡା ଟପ୍ପୋଙ୍କ ପରଲୋକ ଖବର ତାଙ୍କ ସମର୍ଥକଙ୍କୁ ଦୁଃଖ ଦେଇଛି । ତାଙ୍କୁ ୯୨ ବର୍ଷ ହୋଇଥିଲା। ୧୯୨୫ ମସିହା ସେପ୍ଟେମ୍ବର ୨୦ରେ ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଗୁନଗାଁ ପଞ୍ଚାୟତର ବଡପଡ଼ା ଗ୍ରାମରେ ଜନ୍ମିତ ଫ୍ରିଡା ଟପ୍ପୋ ସରକାରୀ ପ୍ରଶାସନିକ ପଦବୀରେ କାର୍ଯ୍ୟ କରିବା ପରେ ରାଜନୀତିରେ ଯୋଗ ଦେଇଥିଲେ।

### ପ୍ରଭୁଦତ୍ତ



ପ୍ରସିଦ୍ଧ ସମ୍ବଲପୁରୀ ଗୀତ 'ରଙ୍ଗବତୀ'ର ସଙ୍ଗୀତ ନିର୍ଦ୍ଦେଶକ ପ୍ରଭୁଦତ୍ତ ପ୍ରଧାନଙ୍କ ମେ ୨୮ରେ ପରଲୋକ ଘଟିଥିଲା । ସେ ଥିଲେ ଜଣେ ପ୍ରଖ୍ୟାତ ଢୋଲ ବାଦକ। ତାଙ୍କ ପରଲୋକରେ ସ୍ତବ୍ଧ ହୋଇଯାଇଥିଲେ ରଙ୍ଗବତୀ ଟିମ୍।

### ପ୍ୟାରିରାଜ୍



ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍‌ର ବରିଷ୍ଠ ବିଜେଡି ନେତା ଏମ୍‌ବି ପ୍ୟାରିରାଜଙ୍କ ୨୧ ତାରିଖ ଭୋରରୁ ଗଣେଶନଗରସ୍ଥିତ ନିଜ ବାସଭବନରେ ପରଲୋକ ହୋଇଯାଇଛି । ସେ ଗତ କିଛିମାସ ହେବ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ ।



ଶାସକ ଯଦି ତା'ର କର୍ତ୍ତବ୍ୟ ନ କଲା, ତେବେ ସେ ଦସ୍ୟୁଠାରୁ ଅଧିକ ବିପଜ୍ଜନକ।
- ଲର୍ଡ ବାଇରନ

## ସଂକ୍ଷେପରେ

### ୭୨ ହାବିଲଦାରଙ୍କୁ ହାବିଲଦାର ମେଜର ପଦବୀକୁ ପଦୋନ୍ନତି

**କଟକ ଅଫିସ, ୨୮।୧୨:** ଓଡ଼ିଶା ପୋଲିସର ୫୯ ଏବଂ ଗୁର୍ଖା ପୋଲିସର ୧୩ ଜଣଙ୍କୁ ମିଶାଇ ମୋଟ୍ ୭୨ଜଣ ହାବିଲଦାରଙ୍କର ହାବିଲଦାର ମେଜର ପଦବୀକୁ ପଦୋନ୍ନତି ହୋଇଛି। ଏ ନେଇ ଶୁକ୍ରବାର ଓଡ଼ିଶା ପୋଲିସ ପକ୍ଷରୁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଇଛି। ପୋଲିସ ଡିଜି ରାଜେନ୍ଦ୍ର ପ୍ରସାଦ ଶର୍ମା ଏହାକୁ ସ୍ୱୀକୃତି ଦେଇଥିବା ଓଡ଼ିଶା ପୋଲିସ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

### ଟାଭେରା-ଟ୍ରକ ମୁହାଁମୁହିଁ ଧକ୍କା: ୨ ମୃତ, ୭ ଗୁରୁତର

**ଢେଙ୍କିକୋଟ, ୨୮।୧୨(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥ ବରବେଡ଼ା ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଟାଭେରା ସହ ଟ୍ରକ ମୁହାଁମୁହିଁ ଧକ୍କା ହୋଇଛି। ଟାଭେରାରେ ଭୁବନେଶ୍ୱର ଆଇଗିଣିଆ ଅଞ୍ଚଳରୁ ପିକ୍‌ନିକ୍ ପାଇଁ ଆସିଥିବା ଗୋଟିଏ ପରିବାର ଲୋକେ ଘଟଗାଁ ତାରିଣୀ, ସାନ ଘାଗରା ବୁଲି ଫେରିବା ବାଟରେ ଘଟଗାଁ ପେଟ୍ରୋଲ ପମ୍ପଠାରେ ଦୁର୍ଘଟଣାର ଶିକାର ହୋଇଛନ୍ତି। ପରିବାରର ୨ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭ ଗୁରୁତର ଆହତ ହୋଇଛନ୍ତି। ମୃତକଦ୍ୱୟ ହେଲେ ତିଲୋତ୍ତମା ସୁନ୍ଦରରାୟ ଓ ତାଙ୍କ ପୁଅ ସ୍ମୃତି। ଗୁରୁତର ହୋଇଥିବା ଅପର୍ଣ୍ଣା ସୁନ୍ଦରରାୟ, ଲକ୍ଷ୍ମୀପ୍ରିୟା ସୁନ୍ଦରରାୟ, ବିଜୟ ସୁନ୍ଦରରାୟ, ନିରୁସ୍ମିତା ସୁନ୍ଦରରାୟ, ପ୍ରାଣବନ୍ଧୁ ସୁନ୍ଦରରାୟ, ଦିଗମ୍ବର ବାରିକ ଏବଂ ଜଣେ ଶିଶୁଙ୍କୁ ପ୍ରଥମେ ଘଟଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ପରେ ସେମାନଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକ ଏବଂ ଘଟଗାଁ ଦମକଳ ବାହିନୀଙ୍କ ସହାୟତାରେ ଆହତଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତିଲୋତ୍ତମା ଓ ସ୍ମୃତିଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଏକ ଦୁର୍ଘଟଣାଜନିତ ମାମଲା (ନଂ.୨୦୪/୧୮)ରୁଜୁ କରି ଦୁଇ ଗାଡିକୁ ଜବତ କରିଛି।

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ସହକାରୀ ଯନ୍ତ୍ରୀଙ୍କ ଘରେ ଭିଜିଲାନ୍ସ ଯାଞ୍ଚ

**କଟକ ଅଫିସ, ୨୮।୧୨:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ସହକାରୀ ଯନ୍ତ୍ରୀ କୈଳାସ ଚନ୍ଦ୍ର ବେହେରାଙ୍କ ଘରେ ଶୁକ୍ରବାର ଭିଜିଲାନ୍ସ ଯାଞ୍ଚ କରିଛି। ବେହେରା ଏବେ ଜଗତ୍‌ସିଂହପୁର ଜିଲା କଇଜଙ୍ଗା ଜଳସେଚନ ଉପଖଣ୍ଡରେ କାର୍ଯ୍ୟରତ। କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ପକ୍ଷରୁ ବେହେରାଙ୍କ ବିରୋଧରେ ସର୍ଚ୍ଚ ୱାରେଣ୍ଟ ଜାରି କରାଯାଇଥିଲା। ତଦନୁଯାୟୀ ବେହେରାଙ୍କ କଟକ ନୂଆପଡ଼ାଠାରେ ଥିବା ଆବାସିକ ଦୁଇ ମହଲା କୋଠା, କନ୍ଦରପୁର କୋସିଦା ନିକଟରେ ଥିବା ଦୁଇ ମହଲା କୋଠା, କନ୍ଦରପୁର ନିକଟସ୍ଥ ଯଶପଡ଼ା ଗ୍ରାମରେ ଥିବା ସମ୍ପର୍କୀୟଙ୍କ ଘର, ଯଶପଡ଼ାର ଜଣେ ମଧ୍ୟସ୍ଥଙ୍କ ଘର ଓ କାଇଜଙ୍ଗା ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଆଦି ସ୍ଥାନକୁ ଭିଜିଲାନ୍ସ ଏକକାଳୀନ ଯାଞ୍ଚ କରିଛି। ଯାଞ୍ଚରୁ ମୋଟ ୧ କୋଟି ୪ ଲକ୍ଷ ୪୫ହଜାର ୪୩୧ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଠାବ ସମ୍ପତ୍ତି ବେହେରା ଓ ତାଙ୍କ ପରିବାର ବର୍ଗଙ୍କ ନାମରେ ଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ଅନୁଯାୟୀ ନୂଆପଡ଼ାଠାରେ ଥିବା ଦୁଇ ମହଲା କୋଠାର ମୂଲ୍ୟ ୪୩ ଲକ୍ଷ ୨୩ହଜାର ୨୪୨ ଟଙ୍କା ହୋଇଥିବା ବେଳେ କୋସିଦାଠାରେ ଥିବା କୋଠାର ମୂଲ୍ୟ ୨୧ ଲକ୍ଷ ୧୮ହଜାର ୫୧୪ ଟଙ୍କା ହେବ ବୋଲି ଭିଜିଲାନ୍ସ ସୂଚନା ଦେଇଛି। ବିଭିନ୍ନ ବୀମା କମ୍ପାନୀରେ ବେହେରା ୧୩ ଲକ୍ଷ ୫୧ହଜାର ଟଙ୍କା ଜମା ରଖିଥିବା ବେଳେ ବିଭିନ୍ନ ବ୍ୟାଙ୍କରେ ୮ ଲକ୍ଷ ୬୯ହଜାର ଟଙ୍କା ଜମା ରଖିଛନ୍ତି। ଘର ଯାଞ୍ଚ ସମୟରେ ନଗଦ ୧ ଲକ୍ଷ ୫୧ହଜାର ୧୭୫ ଟଙ୍କା ଓ ୩ ଲକ୍ଷ ଟଙ୍କାର ଗହଣା ଓ ୪ ଲକ୍ଷ ୫୦ହଜାର ଟଙ୍କା ମୂଲ୍ୟର ଆସବାବପତ୍ର ଭିଜିଲାନ୍ସ ଠାବ କରିଛି।




## ପିକ୍‌ନିକ୍ ବସ୍- ହାଇୱା ମୁହାଁମୁହିଁ ଧକ୍କା
# ୨ ମୃତ, ୪୦ ଯାତ୍ରୀ ଆହତ

**୪ ଘଣ୍ଟା ଗାଡ଼ି ଚଳାଚଳ ବାଧାପ୍ରାପ୍ତ**

**କଟକ ସଦର, ୨୮।୧୨(ଡି.ଏନ୍.ଏ.)**

କଟକ-ପାରାଦୀପ ରାସ୍ତାର ପାରାବିଲ ନିକଟରେ ଶୁକ୍ରବାର ଭୋର ପ୍ରାୟ ୫ଟାରେ ଏକ ପିକ୍‌ନିକ୍ ବସ୍ ଓ ହାଇୱା ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ହାଇୱା ଚାଳକ ଚୌଦ୍ୱାର ଥାନା ଅଧୀନ କେଦାରେଶ୍ୱର ଗ୍ରାମର ମଳୟ ବେହେରା(୩୫) ଓ ବସ୍ ହେଲ୍‌ପର ନୟାଗଡ ଥାନା ମାଳିସାହିର ଜ୍ଞାନ ସାହୁ(୪୫)ଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୪୦ ଜଣ ଯାତ୍ରୀ ଆହତ ହୋଇଥିବାବେଳେ ଚିକିତ୍ସା ଲାଗି ସେମାନଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ରୀନା ମାଟି, ରଞ୍ଜନ ମାଟି ଓ ସନ୍ତୋଷ ମାଟିଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଦୁର୍ଘଟଣା ପରେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ମିଳିଥିବା ସୂଚନା ଅନୁଯାୟୀ, ଭୁବନେଶ୍ୱର ନିଳାଦ୍ରୀ ବିହାର ଅଞ୍ଚଳର ୫୦ରୁ ଊର୍ଦ୍ଧ୍ୱ ଲୋକ ପିକ୍‌ନିକ୍ କରିବା ପାଇଁ ଏକ ବସ୍ (ଓଆର୦୨କେ-୦୦୭୨)ରେ ପାରାଦୀପ ଅଭିମୁଖେ ଯାଉଥିବାବେଳେ ବିପରୀତ ଦିଗରୁ ଆସୁଥିବା ହାଇୱା (ଓଡି୦୫ୱାଇ-୦୬୦୮) ସହ ଧକ୍କା ହୋଇଥିଲା। ଫଳରେ ବସ୍‌ଟି ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱକୁ ଓଲଟି ପଡିଥିଲା। ଖବରପାଇ ଲକ୍ଷ୍ମଣ ଜେନା ନାମକ କନଷ୍ଟେବଲ ଦୁର୍ଘଟଣାସ୍ଥଳକୁ ଆସି କିଶୋରନଗର ଥାନା, କଟକ ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଖବର ଦେଇଥିଲେ। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରାୟ ୩ ଘଣ୍ଟା କାଳ ପରିଶ୍ରମ କରି ଆହତମାନଙ୍କୁ ଆମ୍ବୁଲାନ୍ସରେ କଟକ ବଡ ଡାକ୍ତରଖାନା ପଠାଇଥିଲେ। ଦୁର୍ଘଟଣାରେ ମଳୟଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ଜ୍ଞାନଙ୍କର କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଗାଡି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଦୁର୍ଘଟଣାଗ୍ରସ୍ତ ଗାଡି ଦୁଇଟିକୁ ରାସ୍ତାରୁ ହଟାଇବା ପରେ ପୂର୍ବାହ୍ନ ପ୍ରାୟ ସାଢେ ୯ଟାରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଶେଷ ଖବର ଅନୁଯାୟୀ, ମୃତଦେହ ଦ୍ୱୟକୁ ବ୍ୟବଚ୍ଛେଦ କରାଯାଇ ସେମାନଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଖଣି ନିଲାମ ପାଇଁ କେନ୍ଦ୍ର ବାଧକ

**ବଢୁଛି ଖର୍ଚ୍ଚ ଚିନ୍ତା**
- ଅନୁମତି ଅପେକ୍ଷାରେ ୧୬ ଖଣି
- ଲକ୍ଷ୍ୟ ପୂରଣ ନେଇ ଆଶଙ୍କାରେ ସରକାର

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ)**

ରାଜ୍ୟ ରାଜସ୍ୱର ସିଂହଭାଗ କେବଳ ଖଣି ରାଜସ୍ୱରୁ ଆସିଥାଏ। ଖଣି ନିଲାମକୁ ନେଇ ରାଜ୍ୟ ସରକାର ଅଡୁଆରେ ପଡିଛନ୍ତି। ନିଲାମ ପାଇଁ କେନ୍ଦ୍ର ସରକାର ଅନୁମତି ଦେଉ ନ ଥିବା ବେଳେ ଆସନ୍ତା ମାର୍ଚ୍ଚରେ ହେବାକୁ ଥିବା ୧୬ଟି ଖଣିର ନିଲାମ ଅନିଶ୍ଚିତତା ମଧ୍ୟରେ ରହିଛି। ଆସନ୍ତା ବର୍ଷ ସାଧାରଣ ନିର୍ବାଚନ ହେବାକୁ ଥିବାରୁ ରାଜ୍ୟ ସରକାର ନୂତନ ଯୋଜନା ଘୋଷଣା କରିବା ସମ୍ଭାବନା ରହିଛି। ଏଥିପାଇଁ ମୋଟା ଅଙ୍କର ବଜେଟ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଖଣି ରାଜସ୍ୱ ବୃଦ୍ଧି ନ ହେଲେ ବିଭିନ୍ନ ଯୋଜନା ଖର୍ଚ୍ଚ ଓ କର୍ମଚାରୀମାନଙ୍କ ଦରମା ତୁଲାଇବା ସରକାରଙ୍କ ପାଇଁ କାଠିକର ପାଠ ହେବ ବୋଲି ଅର୍ଥନୀତି ବିଶାରଦମାନେ ଆଶଙ୍କା କଲେଣି। ତେବେ ରାଜ୍ୟ ସରକାର ଆସନ୍ତା ବଜେଟରେ ନୂତନ ଟିକସ ଲଗାଇବାର କୌଣସି ଯୋଜନା ରଖି ନ ଥିବା ବେଳେ ଆୟ ବୃଦ୍ଧି କେବଳ ଅଣ ଟିକସ କ୍ଷେତ୍ରରୁ ଆଦାୟ କରିବାକୁ ଯୋଜନା କରିଛନ୍ତି। ବଜାରରେ ଲୁହାପଥର ଓ ମାଙ୍ଗାନିଜ ଦର ବଢୁ ନ ଥିବା ବେଳେ ନୂତନ ଖଣି ନିଲାମ ପାଇଁ ଅନୁମତି ମିଳି ପାରୁ ନ ଥିବାରୁ ସରକାର ଚିନ୍ତାରେ ପଡିଛନ୍ତି। ଅନ୍ୟ ପକ୍ଷରେ ଦିଲ୍ଲୀ ହାଇକୋର୍ଟରେ ଖଣି ସମ୍ପର୍କିତ ଏକ ମାମଲା ଚାଲିଛି। ସେହି ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଫେବୃୟାରୀ ୬ ତାରିଖରେ ହେବ। କୋର୍ଟଙ୍କ ରାୟ ଉପରେ ଓଡିଶା ଖଣିର ଭାଗ୍ୟ ନିର୍ଭର କରୁଛି।

ରାଜ୍ୟ ସରକାର ୧୬ଟି ଖଣି ନିଲାମ କରିବାକୁ ପ୍ରସ୍ତୁତ ହୋଇଛନ୍ତି। ସେହି ଖଣିଗୁଡିକ ମଧ୍ୟରେ ୧୦ଟି ଲୁହାପଥର ଓ ୬ଟି ଅନ୍ୟାନ୍ୟ ଖଣି ରହିଛି। କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଏହି ଖଣିଗୁଡିକ ନିଲାମ ପ୍ରକ୍ରିୟା ଆରମ୍ଭ ହେବ ବୋଲି ନିକଟରେ ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ କହିଛନ୍ତି। ୧୬ଟି ଖଣି ନିଲାମ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ୨୦୨୦ ସୁଦ୍ଧା ରାଜ୍ୟରେ ଆଉ ୭ରୁ ୮ଟି ନନ୍‌କ୍ୟାପଟିଭ ଖଣିଗୁଡିକର ଲିଜ ଅବଧି ଶେଷ ହେବ। ସେହି ଖଣିଗୁଡିକର ଜିଓଲୋଜିକାଲ ସର୍ଭେ ମଧ୍ୟ ଇତିମଧ୍ୟରେ ଶେଷ ହୋଇଛି। ଏହାକୁ ମିଶାଇଲେ ରାଜ୍ୟରେ ପ୍ରାୟ ୨୩ଟି ଖଣି ନିଲାମ ହେବ। ରାଜ୍ୟ ସରକାର ୨୦୧୮-୧୯ ଆର୍ଥିକ ବର୍ଷ ପାଇଁ ୮ ହଜାର କୋଟି ଟଙ୍କା ଖଣି ରାଜସ୍ୱ ଆଦାୟ କରିବାକୁ ଲକ୍ଷ୍ୟ ରଖିଛନ୍ତି। ନିର୍ଦ୍ଧାରିତ ସମୟରେ ଖଣି ନିଲାମ ନ ହେଲେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ନେଇ ଆଶଙ୍କା ବଢିଯିବ।

ଜଙ୍ଗଲ ଏବଂ ପରିବେଶ ଅନୁମତି ନେଇ ନ ଥିବା ୧୫୨ଟି ବେଆଇନ ଖଣି ଲିଜଧାରୀଙ୍କଠାରୁ ୨୦୧୭ ଡିସେମ୍ବର ୩୧ ତାରିଖ ସୁଦ୍ଧା ଶତ ପ୍ରତିଶତ ଜରିମାନା ଆଦାୟ କରିବାକୁ ସୁପ୍ରିମକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ହିସାବ ଅନୁଯାୟୀ ବେଆଇନ ଖଣିଗୁଡିକରୁ ୧୭,୫୦୦ କୋଟି ଟଙ୍କା ଜରିମାନା ଆଦାୟ କରିବାକୁ ନିଷ୍ପତ୍ତି ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ ଏ ପର୍ଯ୍ୟନ୍ତ ୧୪ ହଜାର କୋଟି ଟଙ୍କା ଜରିମାନା ଆଦାୟ କରାଯାଇଥିବା ବେଳେ ୩୧ଟି ଖଣି ଉପରେ ପ୍ରାୟ ୪ ହଜାର କୋଟି ଟଙ୍କାର ଜରିମାନା ରାଶି ବକେୟା ରହିଛି। ଯେଉଁ ଖଣିଗୁଡିକ ବନ୍ଦ ରହିଛି ସେଗୁଡିକରୁ ଜରିମାନା ଅର୍ଥ ଆଦାୟ କରିବା ସମ୍ଭବ ହେଉ ନାହିଁ। କେବଳ ସାର୍ଟିଫିକେଟ କେସ କରି ବସିବା ଛଡା ଅନ୍ୟ ଉପାୟ ନାହିଁ। ଜରିମାନା ଫାଙ୍କୁଥିବା ଲିଜଧାରୀମାନଙ୍କର ସମ୍ପତ୍ତିକୁ ଜବତ କରିବା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ତାହା ଆକଳନ କରିବା ସହଜ ହେଉ ନାହିଁ। ଏଥିଯୋଗୁ ଜରିମାନା ଅର୍ଥ ଆଦାୟ ହୋଇପାରୁ ନାହିଁ ବୋଲି ଇସ୍ପାତ ଓ ଖଣି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ପ୍ରକାଶ ଯେ, ଗତ ଅଗଷ୍ଟ ୧୦ ତାରିଖରେ ଓଡିଶା ଗସ୍ତରେ ଆସିଥିବା କେନ୍ଦ୍ର କୋଇଲା ସଚିବ ଅନିଲ ମୁକିମ ଗଣମାଧ୍ୟମକୁ ସୂଚନା ଦେଇଥିଲେ ଯେ ଓଡିଶାରେ ଥିବା ୧୭ରୁ ୧୮ଟି ଲୁହାପଥର ଖଣି ଚଳିତ ବର୍ଷ ନିଲାମ କରାଯିବ। ଓଡିଶା ହେଉଛି ଦେଶର ଖଣି ରାଜଧାନୀ। ଚଳିତ ବର୍ଷ ରାଜ୍ୟର ୧୭ରୁ ୧୮ଟି ଖଣି ନିଲାମ କରିବାକୁ ରାଜ୍ୟ ସରକାର ପ୍ରସ୍ତାବ ଦେଇଛନ୍ତି। ସଚିବ ସୂଚନା ଦେବାର ୪ ମାସ ବିତିବାକୁ ବସିଥିବା ବେଳେ ଏ ପର୍ଯ୍ୟନ୍ତ ସେହି ଖଣିଗୁଡିକର ନିଲାମ ପାଇଁ କେନ୍ଦ୍ର ଅନୁମତି ପ୍ରଦାନ କରି ନାହିଁ।

# ଆହୁରି ଥରେଇବ ଶୀତ

## ଦକ୍ଷିଣ ଓଡ଼ିଶାରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ):** ଦକ୍ଷିଣ ଓଡିଶା ଏବଂ ଉତ୍ତର ଆନ୍ଧ୍ର ପ୍ରଦେଶ ଉପରେ ଏକ ଘୂର୍ଣ୍ଣି ବଳୟ ରହିଛି। ଏଥିସହିତ ଦକ୍ଷିଣ ପୂର୍ବ ମଧ୍ୟ ପ୍ରଦେଶ ଏବଂ କର୍ଣ୍ଣାଟକ ଉପରେ ଏକ ଟ୍ରପ ଲାଇନ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ପାଗ ମେଘୁଆ ରହିବା ସହ ଦକ୍ଷିଣ ଓଡିଶାର ଗଞ୍ଜାମ, ଗଜପତି ଏବଂ ପୁରୀ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ରାଜ୍ୟରେ ଗତ କିଛି ଦିନ ହେବ ଶୀତ ପ୍ରକୋପ ଜାରି ରହିଥିଲା। ତେବେ ଘୂର୍ଣ୍ଣି ବଳୟ ଯୋଗୁ ସର୍ବନିମ୍ନ ତାପମାତ୍ରାରେ ୩ରୁ ୫ ଡିଗ୍ରୀ ସେଲସିୟସ ଯାଏ ବୃଦ୍ଧି ପାଇଛି । ୩୦ ତାରିଖରୁ ଶୀତର ପ୍ରକୋପ ପୁଣି ବୃଦ୍ଧି ପାଇବ । ପାରଦ ୫ରୁ ୬ ଡିଗ୍ରୀ ସେଲସିୟସ ଯାଏ ତଳକୁ ଖସି ଯିବ ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର କେନ୍ଦୁଝରରେ ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଫୁଲବାଣୀ ୧୧.୬, ଦାରିଙ୍ଗୀବାଡି ୧୧.୪, ସୋନପୁର ୧୧, ଝାରସୁଗୁଡା ୧୧.୪, ବାରିପଦା ୧୧.୪, ବାଲେଶ୍ୱର ୧୦.୩ ଏବଂ ଭୁବନେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୫.୪ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।

## ଲୋକସଭାରେ ବିଜେଡି ଆଗତ କଲା ୮ ବେସରକାରୀ ବିଲ୍

**ଭୁବନେଶ୍ୱର,୨୮।୧୨(ବ୍ୟୁରୋ):** ବିଜୁ ଜନତା ଦଳର ଏମପିମାନେ ଶୁକ୍ରବାର ୮ଟି ବେସରକାରୀ ବିଲ୍ ପାର୍ଲାମେଣ୍ଟରେ ଉପସ୍ଥାପନ କରିଛନ୍ତି। କଟକ ଏମ୍‌ପି ଭର୍ତ୍ତୃହରି ମହତାବ ଦୁଇଟି ବେସରକାରୀ ବିଲ ଉପସ୍ଥାପନ କରିଥିବା ବେଳେ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର କୁମାର ଜେନା ୪ଟି ଏବଂ ବରଗଡ ଏମପି ପ୍ରଭାସ କୁମାର ସିଂ ଦୁଇଟି ବିଲ ଲୋକ ସଭାରେ ଆଗତ କରିଛନ୍ତି। ସେହି ବିଲ୍‌ଗୁଡିକ ମଧ୍ୟରୁ କୋର୍ଡ ଅଫ ସିଭିଲ ପ୍ରୋସିଡ୍ୟୁଅର(ସଂଶୋଧନ) ବିଲ-୨୦୧୮କୁ ଭର୍ତ୍ତୃହରି ଆଗତ କରିଥିବା ବେଳେ ଘରୋଇ ନିଯୁକ୍ତି ସଂସ୍ଥାଗୁଡିକ ଉପରେ କଟକଣା ଲଗାଇବାକୁ ରବୀନ୍ଦ୍ର ଜେନା ଏମ୍ପ୍ଲୟମେଣ୍ଟ ଏଜେନ୍ସି(ରେଗୁଲେଶନ)ବିଲ-୨୦୧୮ ଲୋକସଭାରେ ଉପସ୍ଥାପନ କରିଛନ୍ତି। ଏହି ବିଲରେ କର୍ମଚାରୀମାନଙ୍କ ସାମାଜିକ ନିରାପତ୍ତା ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ପ୍ରଭାସ କୁମାର ସିଂ ଏୟାର (ପ୍ରିଭେନସନ ଆଣ୍ଡ କଣ୍ଟ୍ରୋଲ ଅଫ୍ ପଲ୍ୟୁସନ) ସଂଶୋଧନ ବିଲ ୨୦୧୮, ଶିଶୁ ଅଧିକାର ମୁକ୍ତ ଏବଂ ବାଧ୍ୟତାମୂଳକ ଶିକ୍ଷା(ସଂଶୋଧିତ) ବିଲ୍ ୨୦୧୮କୁ ଲୋକ ସଭାରେ ଉପସ୍ଥାପନ କରିଛନ୍ତି।




**ପାରିବାରିକ କଳହର କରୁଣ ପରିଣତି**

# ସ୍ତ୍ରୀଙ୍କୁ ଗୋଡ଼ାଇ ହାଣିଲେ ସ୍ୱାମୀ

**ଗଣିଆ,୨୮।୧୨(ଡି.ଏନ.ଏ.)**

ନୟାଗଡ଼ ଜିଲା ଗଣିଆ ଥାନା ଆଡକଟା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମରେ ଶୁକ୍ରବାର ଏକ ଅଭାବନୀୟ ଘଟଣା ଘଟିଛି। ପାରିବାରିକ କଳହକୁ କେନ୍ଦ୍ରକରି ସ୍ୱାମୀ ଗୋଡାଇ ଟାଙ୍ଗିଆରେ ଆକ୍ରମଣ କରିବାରୁ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ ଶୋଭାବଳୀ ସାହୁ ଓରଫ ସକିନା (୩୫)। ହତ୍ୟାକାଣ୍ଡ ଘଟାଇ ସ୍ୱାମୀ ସୂର୍ଯ୍ୟମଣି ସାହୁ ଫେରାର ହୋଇଯାଇଛନ୍ତି। ସକିନାଙ୍କ ଭିଣୋଇ ରବୀନ୍ଦ୍ର ସାହୁଙ୍କ ଲିଖିତ ଅଭିଯୋଗକୁ ଭିତ୍ତିକରି ପୋଲିସ ୭୩/୧୮ରେ ମାମଲା ରୁଜୁ କରିଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଜଗନ୍ନାଥପ୍ରସାଦ ଗ୍ରାମର ସୂର୍ଯ୍ୟମଣି ୧୦ବର୍ଷ ପୂର୍ବେ ପୁରୀ ଜିଲା ଚନ୍ଦନପୁର ଅଞ୍ଚଳର ଶୋଭାବଳୀଙ୍କୁ ଭଲପାଇ ବିବାହ କରିଥିଲେ। ଏଥିରେ ପରିବାର ଲୋକଙ୍କ ସହମତି ନ ଥିବାରୁ ଉଭୟେ ଗ୍ରାମର ଏକ ଭଡାଘରେ ରହିଆସୁଥିଲେ। ସେମାନଙ୍କର ୨ଟି ଛୋଟ ପୁଅ ଅଛନ୍ତି। ପୂର୍ବରୁ ଅନେକ ସମୟରେ ସୂର୍ଯ୍ୟମଣି ସକିନାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଆସୁଥିଲେ। କାମଧନ୍ଦା ବାହାନାରେ ସୂର୍ଯ୍ୟମଣି କିଛିମାସ ହେଲା ବାହାରେ ରହୁଥିବାବେଳେ ୨ଦିନ ତଳେ ହଠାତ୍ ଘରକୁ ଆସିଥିଲେ। ଶୁକ୍ରବାର ସକାଳ ପ୍ରାୟ ସାଢେ ସାତଟା ସମୟରେ ସୂର୍ଯ୍ୟମଣି ଉତ୍‌କ୍ଷିପ୍ତ ହୋଇ ଟାଙ୍ଗିଆ ଧରି ଶୋଭାବଳୀଙ୍କୁ ଆକ୍ରମଣ କରିବାକୁ ଗୋଡାଇଥିଲେ। ଶୋଭାବଳୀ ଜୀବନ ବିକଳରେ ଘରୁ ଅଗଣାକୁ ଦୌଡି ପଳାଇଯିବା ସମୟରେ ମୁଣ୍ଡ ପଛପାଖକୁ ସୂର୍ଯ୍ୟମଣି ଟାଙ୍ଗିଆରେ ଚୋଟ ପରେ ଚୋଟ ପକାଇଥିଲେ। ପ୍ରଚୁର ରକ୍ତସ୍ରାବ ଯୋଗୁ ଘଟଣାସ୍ଥଳରେ ଶୋଭାବଳୀଙ୍କ ମୃତ୍ୟୁ ଘଟିଥିଲା। ଗଣିଆ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ହତ୍ୟାକାଣ୍ଡରେ ବ୍ୟବହୃତ ଟାଙ୍ଗିଆ ଜବତ କରିଥିଲା। ପରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାସ୍ଥଳରୁ ରକ୍ତ ନମୁନା ସଂଗ୍ରହ କରିଛି। ଖଣ୍ଡପଡା ଏସ୍‌ଡିପିଓ ଶ୍ରୀନିବାସ ମହାନ୍ତି, ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ ଗ୍ରାମରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ଅପରାହ୍ନରେ ମୃତା ମହିଳାଙ୍କ ପରିବାର ଲୋକେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି।

# ପୋଡ଼ିଗଲା ୪୦ ଲକ୍ଷ ଟଙ୍କାର ପାୱାର ବୋଟ୍

**ମାର୍ଶାଘାଇ,୨୮।୧୨ (ଡି.ଏନ୍.ଏ.)**

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ବ୍ଲକର ଯଜ୍ଞମଠ ନିକଟ ଲୁଣାନଦୀ ଲଞ୍ଚ ଘାଟ ପାର୍ଶ୍ୱରେ ଥିବା 'ଏମଏଲ ଭାର୍ଗବୀ' ନାମକ ଏକ ପାୱାର ବୋଟ୍ ଶୁକ୍ରବାର ପୋଡିଯାଇଛି। ବୋଟ୍‌ରେ କେମିତି ନିଆଁ ଲାଗିଲା ତାର କାରଣ ଜଣାପଡିନାହିଁ । ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି ।

ପ୍ରକାଶ ଯେ, ଜୁଣ-ମାର୍ଶାଘାଇ ପଞ୍ଚାୟତ ଅଧୀନ ଲଞ୍ଚଘାଟ ନିକଟରେ ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ତତ୍ତ୍ୱାବଧାନରେ ଥିବା ଏହି ବୋଟ୍‌ଟି ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ସମୟରେ ହୁତୁହୁତୁ ହୋଇ ଜଳୁଥିବା ଦେଖିବାକୁ ମିଳିଥିଲା । ସେଥିରୁ ନିର୍ଗତ କଳାଧୂଆଁ ସମଗ୍ର ଅଞ୍ଚଳକୁ ଆଚ୍ଛାଦିତ କରି ଦେଇଥିଲା । ସ୍ଥାନୀୟ ଲୋକେ ଏହା ଦେଖି ନଦୀରୁ ପାଣି ଆଣି ଲିଭାଇବାକୁ ଉଦ୍ୟମ କରିବା ସହିତ ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ । ଖବରପାଇ ମାର୍ଶାଘାଇ ଦମକଳ କେନ୍ଦ୍ରର ୨ଟି ଗାଡିରେ କର୍ମଚାରୀମାନେ ପହଞ୍ଚି ନିଆଁକୁ ଲିଭାଇଥିଲେ । ସେତେବେଳକୁ ବୋଟ୍‌ଟି ସଂପୂର୍ଣ୍ଣ ପୋଡିଯାଇଥିଲା । ଖବର ଲେଖା ହେବା ପର୍ଯ୍ୟନ୍ତ ନିଆଁ ଲାଗିବାର କାରଣ ଜଣା ପଡି ନ ଥିଲେ ବି ଏତେ ମୂଲ୍ୟବାନ ସରକାରୀ ସମ୍ପତ୍ତି ଦିନ ଦ୍ୱିପ୍ରହରରେ ପୋଡି ଯିବା ନେଇ ନା ନା ପ୍ରଶ୍ନ ଉଠିଛି। ତେବେ ପୋଡିଯାଇଥିବା ବୋଟ୍ ନିଲାମ ହୋଇ ସାରିଥିବା ତହସିଲଦାର ନିରଞ୍ଜନ ସାହୁ କହିଛନ୍ତି। ଦୁଇ ବର୍ଷ ପୂର୍ବେ ଏହା ନିଲାମ କରାଯାଇଥିବା କୁହାଯାଉଥିବା ବେଳେ କେଉଁ ତାରିଖ ଓ କେତେ ଟଙ୍କାରେ ନିଲାମ କରାଗଲା ଜଣାପଡିନାହିଁ। ଏପରି କି ଏ ବାବଦରେ କେତେ ଟଙ୍କା ଡିପୋଜିଟ୍ ହୋଇଛି ଓ ନିଲାମଧାରୀଙ୍କ ନାମ ସଂପର୍କରେ ବ୍ଲକ ଏବଂ ତହସିଲର କୌଣସି ଅଧିକାରୀ ସନ୍ତୋଷଜନକ ଉତ୍ତର ଦେଇ ପାରି ନାହାନ୍ତି। ଏ ସମ୍ପର୍କରେ ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ଏକମାତ୍ର ସହକାରୀ ନିର୍ବାହୀ ଯନ୍ତ୍ରୀ ବିଜୟ ଦାସଙ୍କୁ ପଚରାଯିବାରେ ଫାଇଲ ନ ଦେଖି ଏ ନେଇ ଉତ୍ତର ଦେଇ ପାରିବେ ନାହିଁ ବୋଲି କହିଥିଲେ। ତେବେ ପୋଡିଯାଇଥିବା ବୋଟ୍ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ସେ କହିଥିଲେ। ଦୀର୍ଘ ଦିନ ଧରି ଲୁଣାନଦୀ କୂଳର ଶୁଖିଲା ସ୍ଥାନରେ ଅସୁରକ୍ଷିତ ଅବସ୍ଥାରେ ବୋଟ ପଡି ରହିଥିବା ବେଳେ ହଠାତ୍ ପୋଡିଯିବାରୁ ସରକାର କା ମାଲ ଦରିଆ ମେଁ ଡାଲ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏ ନେଇ ବ୍ଲକ ପ୍ରଶାସନ ତରଫରୁ ମାର୍ଶାଘାଇ ଥାନାରେ ଅଭିଯୋଗ ହୋଇଛି। ଜିଲାପାଳ ଦାଶରଥି ଶତପଥୀଙ୍କୁ ଯୋଗାଯୋଗ କରିବାରେ ଏହି ଘଟଣାର ତଦନ୍ତ କରାଯିବ ବୋଲି କହିଥିଲେ।




ପୋଡ଼ି ଯାଇଥିବା ପାୱାର ବୋଟ୍।



ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ଡିସେମ୍ବର, ୨୦୧୮



ରାଜମୁକୁଟ ସୁନାରେ ତିଆରି ବୋଲି ଦେଖାଯାଇଥାଏ। ପ୍ରକୃତରେ ତାହା କଣ୍ଟକ, ବିପଦ ଓ ଦୁଶ୍ଚିନ୍ତାରେ ତିଆରି।

- ମିଲଟନ




## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ..............................



ଆର୍‌ସିୟା
ପରିବାରବର୍ଗ



ଦିବ୍ୟାଂଶୁ
ପରିବାରବର୍ଗ



ସାହିଲ
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



**SALE**

L&T Pc 71 Komatsu show room condition, 2009 Dec (Mo): 7978887806. D-10187



**SALE**

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65237

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

**Gharabari plots at Balianta and Bhingarpur immediate possession, registration. Contact: 9437147826.** D-10136

Plot sale near AIIMS Hospital Bhubaneswar with 30'road. 8456850883. D-65311

Gharabari boundary plot infront of Krupajal Engineering Collage, Bhubaneswar: 9090899281, 8908805482. D-65415

Prime property at Khandagiri (land & building) 2 storyed with underground cost Rs. 1.25 crore (negotiable) prime land on Puri Konark Marine drive on NH 2800 sqft., cost 35 lacs. Contact: 9338579645. D-10204

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Booking 1 lakh simplex 2BHK 1200 sqft. land 20,50,000/- BDA area Tankapani road, Sai Temple. 7735738102. D-10260

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ନଖରା East-College @ 999/-, ବ୍ରାହ୍ମଣ ଝରିଲୋ (SC/ General) @ 499/-, ଚନ୍ଦକା NIT @ 599/-, IIT ଅରଗୁଳ @ 120-250/- ଘରବାରି ପ୍ଲଟ ବିକ୍ରିହେବ। 9439889903, 9861158141. D-65422

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32 lakhs. Contact: 9937059891, 9348253463, 8908292617.** D-10274

Plot for sale 5km. from Khordha town (Sai Sanatan Nagar), price-199/- p.sqft including registration, electricity. 9861793775, 9078013099. D-65274

**3BHK ready to move premium duplex at DHPL Sahoo Residency near Mancheswar Railway Station. Contact: 9937059891, 9348253463, 8908292617.** D-10273

Personal 2400 sqft. gharabari residential plot (2 nos) resale very near to AIIMS, Bhubaneswar in a gated society at (NTPC Thermal vihar) for sale sqft. 1500/- contact-rentex- 9090051111, 9040013456. D-65314



**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & Architect Plan- SMPL: 9439483779.** D-10272



1400 sqft. commercial space at BMC Bhabani mall sqft. 50/-. 9337119834. D-65316

**AFFIDAVIT**

My actual name is Lakshman Hembram, S/o- Buddhiram Hembram, R/o- Kesharinagar but wrongly mentioned Daka Ram in my Driving license bearing No- OR-02219850248282 which is my nick name. Vide this affidavit Lakshman Hembram and Daka Ram is one and same person. D-10277

**ଦଶମ ଜନ୍ମଦିନ ଶୁଭେଚ୍ଛା**



(ଗୁଡ୍‌ଲୀ)

**ସ୍ୱାଗତିକା ମହାପାତ୍ର**

ଟାଙ୍ଗିବନ୍ତ, ନିୟୁଭୁବନେଶ୍ୱର

ଆଜି ତୋର ଜନ୍ମଦିନରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଗ୍ରାମ୍ୟଦେବୀ ମା' ମଙ୍ଗଳାଙ୍କ ଅପାର କରୁଣାରୁ ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ ହେଉ। ଶୁଭେଚ୍ଛା ସହ: ମମି-ସୌଦାମିନୀ, ବାବା-ସୁବ୍ରତ, ଜେଜେ, ଜେଜେମା, ଅଜା, ଆଈ, ମାମୁ, ମାଇଁ, ଦାଦା, ଖୁଡୀ, ଅପା, ପିଇସା, ମୁନା, ମାମାଲୀ, ସୁଶାନ୍ତ, ଲାଡଲୀ, ଶୁଭମ୍, ସୁୟାଂଶୁ, ବନ୍ଧୁ ଓ ପରିବାରବର୍ଗ। ଧ-୧୦୨୪୦

**ସପ୍ତମ ଜନ୍ମଦିନ ଶୁଭେଚ୍ଛା**



**ଅଙ୍କିତା ପ୍ରିୟଦର୍ଶିନୀ**

ଶୁଭ ଜନ୍ମଦିନ ଅବସରରେ ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ ଏବଂ ତୁମକୁ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ

ବାବା, ମାମା, ବାପା, ବୋଉ, ବଡବାପା, ବଡମାମା, ଅଜା, ଆଈ। ଧ-୧୦୨୫୦


### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ

## ଭିଜିଲାନ୍ସ ଜାଲରେ ଢେଙ୍କାନାଳ ଆର୍‌ଟିଓ

ଢେଙ୍କାନାଳ ଅଫିସ, ୨୮।୧୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଛନ୍ଦି ହୋଇଛନ୍ତି ଢେଙ୍କାନାଳ ଜିଲା ଆଞ୍ଚଳିକ ପରିବହନ ଅଧିକାରୀ (ଆର୍‌ଟିଓ) ଦିବାକର ସିଂ। ଭିଜିଲାନ୍ସ ପକ୍ଷରୁ ଶୁକ୍ରବାର ତାଙ୍କ ଭଡ଼ାଘର, କାର୍ଯ୍ୟାଳୟ, ବାଲେଶ୍ୱର, ଭୁବନେଶ୍ୱର, ମୟୂରଭଞ୍ଜ ଜିଲା ଝାଡ଼ପୋଖରିଆସ୍ଥିତ ପୈତୃକ ଘର ଆଦି ସ୍ଥାନରେ ଏକକାଳୀନ ଚଢ଼ାଉ କରାଯାଇଛି। ଶେଷ ସୂଚନା ଅନୁଯାୟୀ, ଭୁବନେଶ୍ୱର ଜାଗମରା, ଶାସ୍ତ୍ରୀ ନଗରରେ ଦିବାକରଙ୍କ ୩ ଟି କୋଠା ଠାବ କରାଯାଇଛି। ଏତଦ୍‌ବ୍ୟତୀତ ୧୦ ଲକ୍ଷ ଟଙ୍କା ପାସ୍‌ବୁକ୍ ଡିପୋଜିଟ୍ ଜବତ ହୋଇଛି। ସକାଳ ୭ଟାରେ ଢେଙ୍କାନାଳ ସହର କୁଞ୍ଜକାନ୍ତସ୍ଥିତ ଭଡ଼ାଘରେ ଭିଜିଲାନ୍ସ ଅଧିକାରୀମାନେ ପ୍ରଥମେ ଚଢ଼ାଉ କରିଥିଲେ। ସେଠାରେ ଦିବାକରଙ୍କ ଉପସ୍ଥିତ ଥିଲେ। ସେଠାରୁ ଦରମା ପୁସ୍ତିକା ସହ ୨୪୦୦ ଟଙ୍କା ମିଳିଥିଲା। ଏହାପରେ ଅଧିକାରୀମାନେ ତାଙ୍କୁ ସାଙ୍ଗରେ ନେଇ କାର୍ଯ୍ୟାଳୟରେ ଚଢ଼ାଉ କରିଥିଲେ। ହେଲେ ଉକ୍ତ ସ୍ଥାନରୁ କୌଣସି କାଗଜପତ୍ର ମିଳିନାହିଁ। ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପି ସୁଧା ସିଂଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ଅଶୋକ ବିରୁଆ, କର୍ମଚାରୀ ସୁରେଶ ଜେନା, ସୁରେନ ମହାନ୍ତି ପ୍ରମୁଖ ଚଢ଼ାଉରେ ସାମିଲ ହୋଇଥିଲେ।


**ମନେ ପଡ଼ନ୍ତି**

**ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ରାମଚନ୍ଦ୍ର ପ୍ରଧାନ**

ପୂର୍ବତନ ବିଧାୟକ, ବୀରମହାରାଜପୁର
ବିଲେଇନାଳୀ, ଆଠମଲିକ, ଅନୁଗୋଳ
ଆବିର୍ଭାବ: ୧୩।୧୧।୧୯୪୨
ତିରୋଧାନ: ୨୧।୧୨।୨୦୧୬

ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ। ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

ଶୋକସନ୍ତପ୍ତ: ସ୍ତ୍ରୀ-ସରଳା, ପୁଅ-ସରୋଜ ଓ ସତୀଶ, ବୋହୂ ଦ୍ୱୟ, ଝିଅଜ୍ୱାଇଁ, ଭଉଣୀ, ନାତି, ନାତୁଣୀ, କକା, ଖୁଡୀ ଓ ପ୍ରଧାନ ପରିବାରବର୍ଗ।। ଧ-୧୦୨୭୫

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


### ରେଳ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

# ମୟୂରଭଞ୍ଜରେ ପ୍ରସ୍ତାବିତ ରେଳ ପ୍ରକଳ୍ପକୁ ମଞ୍ଜୁର କରାଯାଉ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)

ମୟୂରଭଞ୍ଜ ଜିଲାରେ ପ୍ରସ୍ତାବିତ ରେଳ ପ୍ରକଳ୍ପଗୁଡିକ ମଞ୍ଜୁର କରାଯାଉ। ଏହି ମର୍ମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଶୁକ୍ରବାର ଚିଠି ଲେଖିଛନ୍ତି। ଆସନ୍ତା ଜାନୁୟାରୀ ୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାରିପଦା ଆସୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ଏହି ଚିଠି ସାମ୍ପ୍ରତିକ ସମୟରେ ରାଜନୈତିକ ଭାବେ ଗୁରୁତ୍ୱପୂର୍ଣ୍ଣ ହୋଇ ଉଠିଛି। ପ୍ରଧାନମନ୍ତ୍ରୀଙ୍କ ବାରିପଦା ଗସ୍ତ ରାଜନୈତିକ ହୋଇଥିବାରୁ ରାଜ୍ୟ ଭାଜପା ମୁଖ୍ୟମନ୍ତ୍ରୀଙ୍କ ଚିଠି ଉପରେ କ'ଣ ପ୍ରତିକ୍ରିୟା ରଖୁଛି, ତାହାକୁ ନେଇ ରାଜନୈତିକ ମହଲରେ ଉତ୍କଣ୍ଠା ସୃଷ୍ଟି ହୋଇଛି।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ମୟୂରଭଞ୍ଜ ଓଡ଼ିଶାର ଏକ ଆଦିବାସୀ ବହୁଳ ଜିଲା। ଏଠାରେ ଶିମିଳିପାଳ ଭଳି ଜାତୀୟ ବ୍ୟାଘ୍ର ଉଦ୍ୟାନ ରହିଛି। ଫ୍ଲୋରା, ଫଉନାର ଉପସ୍ଥିତି ସହ ପର୍ଯ୍ୟଟନର ପ୍ରକୃଷ୍ଟ କ୍ଷେତ୍ର। ସ୍ୱାଧୀନତା ସମୟରେ ଏହି ଜିଲାରେ ବୃହତ୍ ରେଳ ନେଟୱର୍କ ରହିଥିଲା। ହେଲେ ରେଳ ମନ୍ତ୍ରଣାଳୟ ପରବର୍ତ୍ତୀ ସମୟରେ ନିବେଶ ପ୍ରତି ଧ୍ୟାନ ଦେଇନାହିଁ। ୭୦ ବର୍ଷର ସ୍ୱାଧୀନତା ପରେ ମଧ୍ୟ କେବଳ ରୂପସା-ବାଙ୍ଗିରିପୋଷି ଯାଏ ଥିବା ୯୦ କିମି ଏକଲାଇନ ବିଶିଷ୍ଟ ରେଳପଥର ଗଜ୍ କନଭରସନ୍ କାର୍ଯ୍ୟ ୨୦୦୬ରେ ହୋଇଛି। ତେଣୁ ଏହି ଗଡଜାତ ଅଞ୍ଚଳରେ ରେଳପଥ କାର୍ଯ୍ୟକୁ ଅଧିକ ଆଗକୁ ନେବାର ଆବଶ୍ୟକତା ରହିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ରୂପସା-ବାଙ୍ଗିରିପୋଷି ଲାଇନ ରୂପସାଠାରେ ହାଓଡା-ଚେନ୍ନାଇ ଟ୍ରଙ୍କ୍ ରୁଟ୍‌କୁ ଯୋଗାଯୋଗ କରୁଛି। ହେଲେ ବାଙ୍ଗିରିପୋଷିରେ ଏହା ସମାପ୍ତ ହୋଇଛି। ଯେଉଁଥିପାଇଁ ଟ୍ରେନ୍ କେବଳ ରୂପସା ଦିଗକୁ ଯିବାଆସିବା କରୁଛି। ହାଓଡା-ମୁମ୍ବାଇ ଟ୍ରଙ୍କ୍ ରୁଟ୍‌ରେ ଥିବା ଟାଟା ନଗରକୁ ଯୋଗାଯୋଗ କରୁ ନ ଥିବା ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

ରାଜ୍ୟର ବୁରାମରାଠାରୁ ଝାଡଖଣ୍ଡର ଚକୁଲିଆ ପର୍ଯ୍ୟନ୍ତ ମଞ୍ଜୁର ହୋଇଥିବା ୫୦ କି.ମି. ରେଳପଥ କାର୍ଯ୍ୟ ମନ୍ତ୍ରଣାଳୟ ପକ୍ଷରୁ ବନ୍ଦ ରହିଛି। ଏଥିପାଇଁ ଆର୍ଥିକ ଦିଗକୁ ଦାୟୀ କରାଯାଇଛି। ୪୨ କି.ମି. ଦୂରତା ବିଶିଷ୍ଟ ବାଙ୍ଗିରିପୋଷି-ଗୋରୁମହିଷାଣି ଲିଙ୍କ୍‌ର ସର୍ଭେ କାର୍ଯ୍ୟ ସରିଛି, ହେଲେ ଲାଭର ସମ୍ଭାବନା କମ୍ ଥିବାରୁ କାର୍ଯ୍ୟ ମଞ୍ଜୁର ହେଉନାହିଁ। ଏହି ସମସ୍ତ ପ୍ରକଳ୍ପ ପାଇଁ ଆର୍ଥିକ ଅନୁଦାନ ହିଁ ପ୍ରକୃତ ସମସ୍ୟା ହୋଇଛି। ବର୍ତ୍ତମାନ ଥିବା ମିସିଙ୍ଗ୍ ଲିଙ୍କ୍ ଏବଂ ଅନ୍ୟାନ୍ୟ ରୁଟ୍‌ରେ ରେଳ ବିକାଶ ପ୍ରତି ଦୃଷ୍ଟି ଦେବାର ସମୟ ଆସିଛି। ସେହିପରି ମୟୂରଭଞ୍ଜର ବାଙ୍ଗିରିପୋଷି-ଗୋରୁମହିଷାଣି ଏବଂ ଝାଡଖଣ୍ଡ-ଓଡ଼ିଶା ମଧ୍ୟରେ ଥିବା ବୁରାମରା-ଚକୁଲିଆର ରେଳ ଯୋଗାଯୋଗ ଏକ ନିହାତି ଆବଶ୍ୟକତା ରହିଛି। ଏଥିପାଇଁ ରାଜ୍ୟ ପକ୍ଷରୁ ଆବଶ୍ୟକ ସମସ୍ତ ସୁବିଧା ସୁଯୋଗ ମାଗଣାରେ ଯୋଗାଇ ଦିଆଯିବ। ମୟୂରଭଞ୍ଜବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏହି ରେଳ ପ୍ରକଳ୍ପଗୁଡିକର କାର୍ଯ୍ୟ ଉପରେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ରେଳମନ୍ତ୍ରୀ ପୀୟୂଷ ଗୋଏଲଙ୍କୁ ଅନୁରୋଧ କରିଛନ୍ତି।

## ଖଣି ଦୁର୍ଘଟଣା ଟ୍ରାଜେଡି: ମେଘାଳୟରେ ପହଞ୍ଚିଲେ ୨୦ ଅଗ୍ନିଶମ କର୍ମଚାରୀ

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)

ମେଘାଳୟ କୋଇଲା ଖଣି ଦୁର୍ଘଟଣାରେ ଫସିରହିଥିବା ୧୫ ଶ୍ରମିକଙ୍କୁ ଉଦ୍ଧାର କରିବା ପାଇଁ ଶୁକ୍ରବାର ଓଡିଶା ଅଗ୍ନିଶମ ବାହିନୀର ୨୦ କର୍ମଚାରୀ ମେଘାଳୟରେ ପହଞ୍ଚିଛନ୍ତି। ସେମାନେ ସକାଳେ ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ସ୍ୱତନ୍ତ୍ର ବିମାନ ଯୋଗେ ମେଘାଳୟ ଯାଇଥିଲେ। ମେଘାଳୟରେ ପହଞ୍ଚିବା ପରେ କର୍ମଚାରୀମାନେ ଉଦ୍ଧାର କାର୍ଯ୍ୟ ଜାରି ରଖିଥିବା ଜଣାପଡିଛି। ଅଗ୍ନିଶମ କର୍ମଚାରୀମାନେ ସାଥିରେ ୧୫ଟି ହାଇପାୱାର ପମ୍ପ ନେବା ସହ ଉଦ୍ଧାର କାର୍ଯ୍ୟରେ ବ୍ୟବହୃତ ପାଇଁ ଆଉ କିଛି ସାମଗ୍ରୀ ସାଥିରେ ନେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

### ଶିଶୁଙ୍କୁ ବଳାତ୍କାର ...

୪, ୫ ଏବଂ ୬ରେ ସଂଶୋଧନ କରାଯାଇ ଶିଶୁ ବଳାତ୍କାର ଏବଂ ଯୌନ ଅପରାଧ ଲାଗି ମୃତ୍ୟୁଦଣ୍ଡ ସମେତ କଠୋର ଦଣ୍ଡ ବ୍ୟବସ୍ଥା କରାଯିବ। ପ୍ରାକୃତିକ ଦୁର୍ବିପାକ ଓ ବିପର୍ଯ୍ୟୟ ସମୟରେ ଶିଶୁଙ୍କୁ ଯୌନ ଅପରାଧରୁ ସୁରକ୍ଷା ଦେବା ଲାଗି ଧାରା ୯ରେ ସଂଶୋଧନ ପ୍ରସ୍ତାବ ରହିଛି। ଏହା ଦ୍ୱାରା ବିପଦରେ ପଡିଥିବା ଶିଶୁଙ୍କ ସ୍ୱାର୍ଥର ସୁରକ୍ଷା ହେବା ସହ ସେମାନଙ୍କୁ ନିରାପତ୍ତା ଓ ମର୍ଯ୍ୟାଦା ମିଳିପାରିବ।

### ଦିନସାରା ଉପାସ ...

ମକର ସଂକ୍ରାନ୍ତି ପୂର୍ବଦିନ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପହିଲି ଭୋଗ ନୀତି ଚାଲିଥାଏ। ଏଥିପାଇଁ ସ୍ୱତନ୍ତ୍ର ଭାବେ ନୀତି ନିର୍ଘଣ୍ଟ ହୋଇଛି। ରାତ୍ର ୩ଟାରେ ଦ୍ୱାରଫିଟା ଯିବାକୁ ନୀତି ନିର୍ଘଣ୍ଟ ହୋଇଥିବା ବେଳେ ଶୁକ୍ରବାର ଏଥିରେ ଦେଖାଦେଇଥିଲା ବିଭ୍ରାଟ। ଗୁରୁବାର ରାତିରେ ଭିତରଚ୍ଛ ଭବାନୀ ଶଙ୍କର ମହାପାତ୍ରଙ୍କୁ ପୋଲିସର ମାଡ଼କୁ ନେଇ ଭୋରୁ ଏକଜୁଟ ହୋଇଥିଲେ ସେବାୟତ। ସକାଳ ୬ଟା ୫ରେ ସିଂହଦ୍ୱାର ଖୋଲିଥିଲେ ମଧ ଜୟବିଜୟ ଦ୍ୱାର ଖୋଲି ନ ଥିଲେ ସେବାୟତ। ଏହିଠାରୁ ଆରମ୍ଭ ହୋଇଥିଲା ନୀତି ବିଭ୍ରାଟ। ବେହେରଣ ଦ୍ୱାରରେ ଶହ ଶହ ସେବାୟତ ଧାରଣା ଦେଇଥିଲେ। କେବଳ ଭିତରଚ୍ଛଙ୍କୁ ମାଡ଼ ନୁହେଁ, ବିଗତ ଦିନରେ ସେମାନଙ୍କ ମଧ୍ୟରେ ଥିବା ପୁଞ୍ଜୀଭୂତ ଅସନ୍ତୋଷ ପ୍ରକାଶ କରିଥିଲେ। ପୋଲିସ ମାତ୍ରାଧିକ କ୍ଷମତାର ଅପବ୍ୟବହାର ବନ୍ଦ ଓ ୨୦୧୬ ଜାନୁୟାରୀ ୨୭ ପୂର୍ବରୁ ଶ୍ରୀମନ୍ଦିରରେ ଯେଉଁଭଳି ରୀତି, ନୀତି, ପରମ୍ପରା ଚାଲିଆସୁଥିଲା ପୁନର୍ବାର ସେହିଭଳି ଅକ୍ଷୁଣ୍ଣ ରଖିବା ଆଦି ୫ ଦଫା ଦାବି ନେଇ ଧାରଣା ଦେଇଥିଲେ।

ଏ ସମ୍ପର୍କରେ ଖବର ପାଇ ଜିଲାପାଳ ଜ୍ୟୋତିପ୍ରକାଶ ଦାସ, ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ ଶ୍ରୀମନ୍ଦିରରେ ପହଞ୍ଚିଥିଲେ। ସେବାୟତଙ୍କ ସହ ଆଲୋଚନା କରିଥିଲେ। କିନ୍ତୁ ସେବାୟତମାନେ ସେମାନଙ୍କ ଦାବିରୁ ଓହରି ନ ଥିଲେ। ଅନ୍ୟପକ୍ଷରେ ଭିତରକୁ ଛଡ଼ାଯାଉ ନ ଥିବାରୁ ଧୀରେ ଧୀରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଥିଲା। ଦୂର ଦୂରାନ୍ତରୁ ଆସିଥିବା ଦର୍ଶନାର୍ଥୀମାନେ ଦୀର୍ଘ ସମୟ ଧରି ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ବାହାରେ ଠିଆହୋଇ ରହିଥିଲେ। ପ୍ରଶାସନ-ସେବାୟତ ଆଲୋଚନା ବିଫଳ ହୋଇଥିବା ଶୁଣିବା ପରେ ଶ୍ରଦ୍ଧାଳୁ କ୍ରୋଧାନ୍ୱିତ ହୋଇପଡିଥିଲେ। ସେମାନେ ବ୍ୟାରିକେଡ୍ ଭାଙ୍ଗି ଭିତରକୁ ଧସେଇ ପଶିଥିଲେ। ଭିତରେ ଦ୍ୱାର ବନ୍ଦ ଥିବା ଦେଖି ବେଢ଼ା ପରିକ୍ରମା କରି ବାହାରୁ ଠାକୁରଙ୍କୁ ମୁଣ୍ଡିଆ ମାରି ଫେରିଥିଲେ। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ପୁଣି ଜିଲାପାଳ ଏବଂ ଏସ୍‌ପି ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ଭିତରକୁ ଯାଇଥିଲେ। ଆଲୋଚନା ଲାଗି ଶ୍ରୀମନ୍ଦିର ଶାଖା କାର୍ଯ୍ୟାଳୟକୁ ସେବାୟତଙ୍କୁ ଡାକିଥିଲେ। ହେଲେ ପ୍ରଶାସନ ଆମ ପାଖକୁ ଆଲୋଚନା ପାଇଁ ଆସୁ ବୋଲି ସେବାୟତମାନେ ଜିଦ୍‌ରେ ଅଟଳ ରହିଲେ। ଏପଟେ ଜିଲାପାଳ ଏବଂ ଏସ୍‌ପି ଶାଖା କାର୍ଯ୍ୟାଳୟରେ ସେମାନଙ୍କୁ ଅପେକ୍ଷା କରି ରହିଥିଲେ। ପରସ୍ପର ଜିଦ୍‌ରେ ଅଟଳ ରହିଥିଲେ। ଏପରିକି ସେବାୟତମାନେ ଉପରିସ୍ଥ ଅଧିକାରୀ ନ ଆସିବା ପର୍ଯ୍ୟନ୍ତ କୌଣସି ସମାଧାନ ହୋଇପାରିବ ନାହିଁ ବୋଲି କହିଥିଲେ। ପୁରୀ ହିଂସାକାଣ୍ଡ ସମୟରେ ଜିଲାପାଳ ଏବଂ ଏସ୍‌ପି ଶାନ୍ତି କମିଟି ବୈଠକ ଡାକିଥିଲେ। ପରବର୍ତ୍ତୀ ସମୟରେ ଶାନ୍ତି କମିଟି ସଦସ୍ୟଙ୍କ ନାଁରେ ମାମଲା ରୁଜୁ କରିଥିବାରୁ ସେମାନଙ୍କ ଉପରେ ଭରସା ନାହିଁ ବୋଲି ସେବାୟତଙ୍କ ପକ୍ଷରୁ କୁହାଯାଇଥିଲା। ତେଣୁ ଆଲୋଚନା ପାଇଁ ଆଇନମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଆସନ୍ତୁ ବୋଲି ଦାବି କରିଥିଲେ। ପରେ ସେବାୟତମାନଙ୍କ ଶ୍ରୀମନ୍ଦିର ପରିସରରେ ଏକ ଜରୁରିକାଳୀନ ବୈଠକ ବସିଥିଲା। ବୈଠକରେ ହୋଇଥିବା ନିଷ୍ପତ୍ତି ଅନୁଯାୟୀ ସେବାୟତମାନେ ପ୍ରଶାସନକୁ ୫ ଦଫା ସମ୍ବଳିତ ଦାବିପତ୍ର ଦେଇ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ କରିଥିଲେ।

ମହାପ୍ରଭୁଙ୍କ ନୀତିକାନ୍ତିରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ନେଇ ସେବାୟତଙ୍କ ସହ ଆଲୋଚନା କରାଯାଇଥିଲା। ସେବାୟତମାନେ ଲିଖିତ ଦାବି ଦେବା ପରେ ଦ୍ୱାର ଫିଟିଛି। ଶ୍ରୀମନ୍ଦିରରେ ନୀତିକାନ୍ତି ସ୍ୱାଭାବିକ ହୋଇଛି। ସକାଳୁ ଉପୁଜିଥିବା ସମସ୍ୟା ଯୋଗୁ ବହୁ ଭକ୍ତ ଦର୍ଶନରୁ ବଞ୍ଚିତ ହୋଇଛନ୍ତି। ବିଳମ୍ବିତ ରାତିଯାଏ ଶ୍ରୀମନ୍ଦିର ଦ୍ୱାର ଖୋଲା ରହିବ। ସେମାନଙ୍କୁ ଅନୁରୋଧ ସମସ୍ତେ ଆସି ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ।

**– ଜ୍ୟୋତିପ୍ରକାଶ ଦାସ, ପୁରୀ ଜିଲାପାଳ**

ଶ୍ରୀମନ୍ଦିରରେ ଏଭଳି ଅଚଳାବସ୍ଥା ସୃଷ୍ଟି ହେବା ନିଶ୍ଚିତ ଏକ ଦୁଃଖଦ ଘଟଣା। ଭକ୍ତମାନେ ଠାକୁରଙ୍କୁ ଦର୍ଶନ ନ କରିବା ଧର୍ମୀୟ ଭାବନାକୁ କ୍ଷୁଣ୍ଣ କରୁଛି। ତେଣୁ ମହାପ୍ରଭୁଙ୍କ ନୀତିକାନ୍ତି ଆରମ୍ଭ କରିବା ଲାଗି ସେବାୟତଙ୍କୁ ଅନୁରୋଧ କରିଥିଲୁ। ଭକ୍ତମାନଙ୍କୁ ବ୍ୟସ୍ତ ନ ହେବା ସହ ସମୁଦ୍ରକୂଳ ଏବଂ ପୁରୀର ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ବୁଲିବାକୁ କୁହାଯାଇଥିଲା। ଦର୍ଶନ ଆରମ୍ଭ ହେବା ପରେ ସେମାନେ ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି।

**–ଡା. ସାର୍ଥକ କୁମାର ଷଡ଼ଙ୍ଗୀ, ଏସ୍‌ପି**

ନିଶ୍ଚିତ ଭାବେ ଏହା ଏକ ଦୁଃଖଦାୟକ ଘଟଣା। ମଣିଷ ଜଳଖିଆ, ମଧ୍ୟାହ୍ନଭୋଜନ ଖାଇସାରିଥିବା ବେଳେ ମହାପ୍ରଭୁ ଶଯ୍ୟା ଛାଡି ନ ଥିବା କ୍ଷୋଭର ବିଷୟ। ଏହାର ସମାଧାନ ପାଇଁ ସମସ୍ତ ସେବାୟତ, ପ୍ରଶାସନ ଏବଂ ରାଜ୍ୟ ସରକାର ପଦକ୍ଷେପ ନେବା ଉଚିତ। ଦୀର୍ଘଦିନ ଧରି ସେବାୟତଙ୍କ ମନରେ ରହିଥିବା ଅସନ୍ତୋଷର ଏହା ଫଳ। ସରକାର ସେବାୟତଙ୍କୁ କ୍ଷତିପୂରଣ ଦେବେ ବୋଲି ଯାହା ଶୁଣାଯାଉଛି ତାହା ଉଡ଼ା ଖବର। ଠାକୁରଙ୍କ ସେବା ଏହି ସେବାୟତମାନେ ହିଁ କରିବେ। ଯାହା ହେଉଛି ମହାପ୍ରଭୁ କରାଉଛନ୍ତି, ଯାହା ହେବ ମହାପ୍ରଭୁ ହିଁ କରାଇବେ। ଏହି ଘଟଣା ପାଇଁ ଯିଏ ଦୋଷୀ ତାଙ୍କୁ ପ୍ରଭୁ ନିଶ୍ଚିତ ଦଣ୍ଡ ଦେବେ। ଦର୍ଶନରୁ ବଞ୍ଚିତ ଭକ୍ତଙ୍କ ପାଇଁ ଆମେ ଦୁଃଖପ୍ରକାଶ କରୁଛୁ।

**– ରାମଚନ୍ଦ୍ର ଦାସମହାପାତ୍ର, ପରିଚାଳନା କମିଟି ସଦସ୍ୟ**

ପୋଲିସର ମାତ୍ରାଧିକ କାର୍ଯ୍ୟ ଏବେ ଅସହ୍ୟ ହୋଇପଡିଲାଣି। ମନ୍ଦିରରେ ଯଦି ଭକ୍ତଟିଏ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହୁଏ ତେବେ ସେ ପୋଲିସ ଆଗରେ ଫେରାଦ ହୋଇଥାଏ। ହେଲେ ଏବେ ପୋଲିସ ଭକ୍ତ, ସେବାୟତଙ୍କ ଉପରକୁ ହାତ ଉଠାଉଛି। ପ୍ରତିଦିନ ଶ୍ରୀମନ୍ଦିରରେ ଭକ୍ତ ପୋଲିସର ଦୁର୍ବ୍ୟବହାରର ଶିକାର ହେଉଛନ୍ତି। ଏଭଳି ସ୍ଥିତି ଯଦି ଶ୍ରୀମନ୍ଦିରରେ ଲାଗି ରହିବ ସମୟ ଆସିବ ଭକ୍ତମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିବା ଲାଗି ଭୟ କରିବେ।

**– ଭବାନୀ ଶଙ୍କର ମହାପାତ୍ର, ଭିତରଚ୍ଛ ସେବାୟତ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବହୁତ ଦିନରୁ ଅଟକି ରହିଥିବା କାମଟି କରିବା ପାଇଁ ପ୍ରବଳ ଇଚ୍ଛା ମନରେ ଜାଗ୍ରତ ହେବ। ଅତି ପ୍ରିୟ ବ୍ୟକ୍ତିରେ ନିକଟ ଭବିଷ୍ୟତରେ ଅନୁପସ୍ଥିତିର ଆଶଙ୍କା କରି ମନ ବ୍ୟାକୁଳ ହୋଇପାରେ। ବନ୍ଧୁଙ୍କଠାରୁ ଅର୍ଥ ସାହାଯ୍ୟ ଅଯାଚିତ ଭାବେ ପାଇବେ। ନିଜ ପରିସରରେ ପ୍ରିୟବନ୍ଧୁଙ୍କର ସାନ୍ନିଧ ଲାଭ କରିବାର ସୁଯୋଗ ପାଇ ଖୁସି ହୋଇପାରନ୍ତି।

**ବୃଷ** ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବା ସକାଶେ ଜୋରଦାର ଉଦ୍ୟମ କରି ସଫଳ ମଧ ହେବେ। ଅତି ନିଜର ବୋଲି ଭାବୁଥିବା ବନ୍ଧୁଟି ହିଁ ସ୍ୱାର୍ଥକୈନ୍ଦ୍ରିକ ହେବାରୁ ବ୍ୟସ୍ତତା ଅନୁଭବ କରିବେ। ଆଗାମୀ ମାଙ୍ଗଳିକ କାର୍ଯ୍ୟ, ଆନୁଷ୍ଠାନିକ କାମ କିମ୍ବା କର୍ମକ୍ଷେତ୍ରର ବାକିଆ କାମ ସକାଶେ ଚିନ୍ତା କରିବାକୁ ପଡ଼ିପାରେ।

**ମିଥୁନ** ଅତି ନିକଟତର ବନ୍ଧୁଙ୍କ ସମ୍ପର୍କକୁ ଅନ୍ୟମାନେ ଖରାପ ଦୃଷ୍ଟିରେ ଦେଖିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ସମାଧାନ ହେବା ସକାଶେ ବହୁତ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ। ପାରିବାରିକ ଅଶାନ୍ତି କ୍ରମଶଃ ବଢୁଥିବାରୁ ଜାଣିଶୁଣି ମଧ୍ୟ ନୀରବ ରହିବେ। କର୍ମକ୍ଷେତ୍ରରେ କୌଣସି ପରିଚିତା ମହିଳାଙ୍କ ଦ୍ୱାରା ଉପକୃତ ହୋଇପାରନ୍ତି।

**କର୍କଟ** ବନ୍ଧୁମାନଙ୍କ ପରାମର୍ଶରେ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିବା ସାଙ୍ଗକୁ ସମସ୍ୟାକୁ ସୁଧାରିନେବାର ପ୍ରଯତ୍ନ କରିବେ। ଯାତ୍ରା କାଳରେ ଅନ୍ୟମନସ୍କତା, ଅସାବଧାନତା ଅଥବା ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ ହେବ। ଅଧିକାଂଶ ସମୟ ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପଡ଼ିବ।

**ସିଂହ** ବନ୍ଧୁଙ୍କ ସହ ଆଲୋଚନା କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ମଧ୍ୟାହ୍ନେ ମନରେ ବିରକ୍ତିଭାବ ସୃଷ୍ଟି ହେବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରି ନିଜକୁ ସଂକୁଚିତ ମନେ କରିପାରନ୍ତି। କର୍ମକ୍ଷେତ୍ରରେ କୌଣସି କର୍ମଚାରୀଙ୍କ ଦ୍ୱାରା ସମସ୍ୟା ସୃଷ୍ଟି ହୋଇପାରେ। ପରୋକ୍ଷ ଶତ୍ରୁତା, ଧାରକରଜ, ସ୍ଥଗିତ କାମ ମନକୁ ବିଚଳିତ କରିପାରେ।

**କନ୍ୟା** ଆକସ୍ମିକ ଭାବରେ କିଛି ନୂତନ କର୍ମାରମ୍ଭ ସକାଶେ ଅର୍ଥ ଆବଶ୍ୟକ ହୋଇପାରେ। ଆନୁଷ୍ଠାନିକ କାମରେ ଅନ୍ୟମାନଙ୍କ ସହ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆକସ୍ମିକ ଭାବରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ କିନ୍ତୁ କେବଳ କଥାରେ ହିଁ ତାହା ସୀମିତ ରହିବ।

**ତୁଳା** ଆଜି ପାରିବାରିକ ଓ କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ସହ ମତଭେଦ ଘଟିବାର ସମ୍ଭାବନା ରହିଛି। ବାଣିଜ୍ୟ ଓ ବ୍ୟବସାୟରୁ ଲାଭବାନ ହେବେ। ଦୀର୍ଘ ଦିନରୁ ଆଶା କରିଥିବା କୌଣସି ଖବର ଆଜି ଅପରାହ୍ନେ ପାଇ ଖୁସି ହେବେ। ଆର୍ଥିକ ସଂକଟ କେତେକ ବ୍ୟତିକ୍ରମ ସୃଷ୍ଟି କରିବ। ମହିଳାମାନେ ଚିନ୍ତା କରିଥିବା କାମ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ।

**ବିଛା** ପ୍ରତ୍ୟେକ କ୍ଷେତ୍ରରେ ଯାହା କରୁଛନ୍ତି, ଭାବିଚିନ୍ତି କରନ୍ତୁ ନହୁବା ପରେ ଚିନ୍ତା କରିବାକୁ ପଡ଼ିବ। ଅନ୍ୟମାନଙ୍କ ସମର୍ଥନ ନ ପାଇବା ହେତୁ କେତେକ କାମରେ ଦୂରେଇ ରହିବାକୁ ବାଧ୍ୟ ହେବେ। ଗାଡ଼ି, ମୋଟର ମରାମତି, ପୁରୁଣା ଘର ସକାଶେ ନୂତନ ଯୋଜନା ପ୍ରଣୟନ କରିପାରନ୍ତି। ଅପରାହ୍ନରେ ଟେନ୍‌ସନ୍ ଦୂର ହେବ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ନହୁବା ମନସ୍ତାପ କରିବାକୁ ପଡ଼ିପାରେ। ନିଜର ଅନିଚ୍ଛାଜନିତ ପ୍ରତିକ୍ରିୟାକୁ ହଠାତ୍ ପ୍ରକାଶ କରନ୍ତୁ ନାହିଁ। ଶାରୀରିକ ଅସୁସ୍ଥତାଜନିତ ପୀଡ଼ାରେ କଷ୍ଟ ପାଇପାରନ୍ତି। ମନୋବ୍ୟଥାକୁ ସହିପାରିବେ ନାହିଁ କିମ୍ବା ବନ୍ଧୁଙ୍କ ସମ୍ମୁଖରେ କହିପାରିବେ ନାହିଁ,ଫଳରେ ମନକଥା ଅପ୍ରକାଶ୍ୟ ରହିଯିବ।

**ମକର** ଅନୁକୂଳ ସମୟ ନ ଥିବା କାରଣରୁ ଘରେ ଓ ବାହାରେ ସବୁଠି ଅଶାନ୍ତିର ଝଲକ ଅନୁଭବ କରିବେ। କାମ ହାସଲ ସକାଶେ ନିଜ ଲୋକଙ୍କୁ ଛାଡ଼ିପାରିବେ ନାହିଁ କିମ୍ବା ସେମାନଙ୍କ ଉପରେ ଭରସା ମଧ କରିପାରିବେ ନାହିଁ। ସାମୂହିକ କାମ, ସଭାସମିତି, ପରିବହନ, କଳା, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

**କୁମ୍ଭ** କର୍ମଜଞ୍ଜାଳ ବୃଦ୍ଧି ପାଇବା କାରଣରୁ ମାନସିକ ଚାପଗ୍ରସ୍ତ ହୋଇ ପାରିବାରିକ ସମସ୍ୟା ପ୍ରତି ବୀତସ୍ପୃହ ରହିପାରନ୍ତି। ଆଗାମୀ ଦିନରେ ପିଲାଙ୍କ ବିବାହ ସମ୍ପର୍କୀୟ ପ୍ରସ୍ତୁତି ସକାଶେ ବନ୍ଧୁଙ୍କ ସହ ଆଲୋଚନା ଆରମ୍ଭ କରିବେ। ବ୍ୟବସାୟ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା ଲାଗି ରହିବା କାରଣରୁ ବ୍ୟସ୍ତତା ଅନୁଭବ କରିବେ।

**ମୀନ** ସ୍ଥଗିତ କାର୍ଯ୍ୟର ପୁନଃ ଆରମ୍ଭ, ପରିବାରରେ ସମସ୍ୟା ସମାଧାନ, ପରିବହନରେ ଅର୍ଥଲାଭ, ନିର୍ମାଣକାମରେ ଅଗ୍ରଗତି ଯୋଗୁ ଖୁସି ଅନୁଭବ କରିବେ। ପୂର୍ବରୁ କଳହ ଲାଗିଥିବା ନିକଟ ସମ୍ପର୍କୀୟ ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ। ଆଜିର ପ୍ରତ୍ୟୁଷ ଯାତ୍ରାରେ ସଫଳତା ହାସଲ କରିବା କଷ୍ଟକର ହୋଇପାରେ। ପର କଥାରେ ମୁଣ୍ଡ ନ ପୂରାଇବା ଭଲ।

ଆଜି ପୌଷ କୃଷ୍ଣ ଅଷ୍ଟମୀ ଶନିବାର, ଡିସେମ୍ବର ୨୯ ତାରିଖ, ରାଶି ନକ୍ଷତ୍ର-ଦିବା ଘ୯।୫୮ମି. ଗତେ, ହସ୍ତା/କନ୍ୟା, ବୃଷ ରାଶିର ଘାତଚନ୍ଦ୍ର, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ୧୧।୫୦ମି. ଗତେ ଘ୧।୧୦ମି. ମଧ୍ୟେ, ଘ୨।୩୧ମି. ଗତେ ଘ୩।୫୩ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୪୮ମି. ଗତେ ଘ୯।୦୩ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ୯।୦୬ମି. ଗତେ ଘ୧୦।୨୭ମି. ମଧ୍ୟେ ରାହୁକାଳ।




## ସଂକ୍ଷେପରେ

### ଅନ୍‌ଲାଇନରେ ନିମନ୍ତ୍ରିତ ହେବେ ରାଜ୍ୟପାଳ

**ଭୁବନେଶ୍ୱର, ୨୮।୧୨(ବ୍ୟୁରୋ):** ଏଣିକି ଅନ୍‌ଲାଇନରେ ରାଜ୍ୟପାଳଙ୍କୁ ନିମନ୍ତ୍ରଣ କରାଯିବ। ଯଦି କୌଣସି ସଂସ୍ଥା ବା ସଂଗଠନ ନିଜ କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କୁ ଅତିଥି ଭାବେ ଆମନ୍ତ୍ରିତ କରିବାକୁ ଚାହାନ୍ତି, ତେବେ ସେମାନେ ଅନ୍‌ଲାଇନରେ ଏଥିପାଇଁ ଆବେଦନ କରିବେ। ଏ ନେଇ 'ରାଜଭବନ ପ୍ରୋଗ୍ରାମ ମ୍ୟାନେଜମେଣ୍ଟ (ଆରବିପିଏମ୍)' ନାମକ ଏକ ସ୍ୱତନ୍ତ୍ର ଆପ୍ ପ୍ରସ୍ତୁତ ହୋଇଛି। ଆସନ୍ତା ୧ ତାରିଖରେ ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ଆପ୍‌ର ଶୁଭାରମ୍ଭ କରିବେ। ଆସନ୍ତା ୨୦୧୯ ଫେବୃଆରୀରୁ ଇଚ୍ଛୁକ ସଂସ୍ଥାମାନେ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ। ସୂଚନାଯୋଗ୍ୟ, ରାଜ୍ୟରେ ବିଭିନ୍ନ ସ୍ଥାନରେ ହେଉଥିବା କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଯୋଗଦାନକୁ ସୁବ୍ୟବସ୍ଥିତ କରିବା ଲକ୍ଷ୍ୟରେ ଗତ ଅକ୍ଟୋବରରେ ରାଜଭବନ ପକ୍ଷରୁ ଷ୍ଟାଣ୍ଡାର୍ଡ ଅପରେଶନ ପ୍ରୋସିଜ୍ୟୁର ଜାରି କରାଯାଇଥିଲା। ଏବେ ଏହାକୁ ଆହୁରି ସରଳ, ସହଜ ଓ କ୍ରିୟାଶୀଳ କରିବା ପାଇଁ ଆର୍‌ବିପିଏମ୍ ଆପ୍ ପ୍ରସ୍ତୁତ କରାଯାଇଛି। ଆବେଦନକାରୀ www.rajbhavanodisha.gov.inର ହୋମ୍ ପେଜ୍‌ରେ ଡାହାଣପାର୍ଶ୍ୱ ଶୀର୍ଷରେ ଥିବା 'RBPM'ର ଲିଙ୍କ୍‌କୁ ଯାଇ ପ୍ରଥମେ ୟୁଜର ମାନୁଆଲ୍ ଓ ଏସ୍‌ଓପିକୁ ଡାଉନ୍‌ଲୋଡ୍ କରି ଆପ୍ଲିକେଶନ ବିଷୟରେ ବୁଝିପାରିବେ। ଏହାପରେ ଆବେଦନପତ୍ରର ପ୍ରିଣ୍ଟଆଉଟ ବାହାର କରି ଉକ୍ତ କପିକୁ ପ୍ରିଣ୍ଟରାଜଭବନକୁ ପଠାଇବେ। ଇଚ୍ଛୁକ ସଂସ୍ଥା କାର୍ଯ୍ୟକ୍ରମ ଦିବସର ପୂର୍ବରୁ ଅର୍ଥାତ୍ ୬୦ରୁ ୨୫ ଦିନରେ ଆବେଦନ କରିବେ ଏବଂ ୨୦ ଦିନ ପୂର୍ବରୁ ଆବେଦନପତ୍ର ରାଜଭବନରେ ପହଞ୍ଚିବା ଦରକାର। ରାଜଭବନରେ ଏହା ପ୍ରୋସେସିଂ ହୋଇ ରାଜ୍ୟପାଳଙ୍କ ଅନୁମୋଦନ ଅଥବା ଅଗ୍ରାହ୍ୟ ନିଷ୍ପତ୍ତି ଏସ୍‌ଓପିର ସମୟସୀମା ଅନୁସାରେ ସମ୍ପୃକ୍ତ ସଂସ୍ଥାର କର୍ମକର୍ତ୍ତାଙ୍କୁ ମୋବାଇଲ୍ ମେସେଜ୍ ରେ ଜଣାଇ ଦିଆଯିବ।

### ଜିଲାସ୍ତରରେ ପରାମର୍ଶଦାତା କମିଟି ଗଠନ ନିର୍ଦ୍ଦେଶ

**ଭୁବନେଶ୍ୱର, ୨୮।୧୨(ବ୍ୟୁରୋ):** ଖାଦ୍ୟ ସୁରକ୍ଷା ଓ ମାନଦଣ୍ଡ ନିୟନ୍ତ୍ରଣ ୨୦୧୧ ଅନୁଯାୟୀ ଜିଲା ସ୍ତରରେ ପରାମର୍ଶଦାତା କମିଟି ଗଠନ ପାଇଁ ଖାଦ୍ୟ ସୁରକ୍ଷା କମିଶନର ଅର୍ଚ୍ଚନା ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କୁ ସୁରକ୍ଷିତ ଖାଦ୍ୟ ସାମଗ୍ରୀ ଓ ସ୍ୱାସ୍ଥ୍ୟକର ଆହାର ଯୋଗାଇଦେବା ଲାଗି ଜିଲାସ୍ତରୀୟ ପରାମର୍ଶଦାତା କମିଟି ଗଠନ ପାଇଁ କୁହାଯାଇଛି। ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନର ଏହି ମର୍ମରେ ଜିଲାପାଳମାନଙ୍କୁ ପତ୍ର ଲେଖିଛନ୍ତି। ଜିଲା ସ୍ତରରେ ଗଠନ ହେବାକୁ ଥିବା କମିଟିରେ ଜିଲାପାଳ ଅଧକ୍ଷ ଏବଂ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଉପାଧକ୍ଷ ରହିବେ। କମିଟିରେ ସଦସ୍ୟ ଭାବେ ଏସ୍‌ପି, ଜିଲା କୃଷି ଅଧିକାରୀ, ଜିଲା ଖାଦ୍ୟ ଯୋଗାଣ ଅଧିକାରୀ, ଡିଆଇସିର ପରିଚାଳନା ନିର୍ଦ୍ଦେଶକ, ଜିଲା ଶିକ୍ଷା ଅଧିକାରୀ, ଜିଲା ଶିଶୁ ବିକାଶ ଅଧିକାରୀ, ଖାଦ୍ୟ ସୁରକ୍ଷା ଓ ପୁଷ୍ଟିସାର ଜ୍ଞାନ ଥିବା ୨ ବିଶେଷଜ୍ଞ, ଖାଉଟି ସଂଗଠନର ଦୁଇଜଣ ମନୋନୀତ ସଦସ୍ୟ, ଜିଲାରେ ଥିବା ରାଜ୍ୟ ଖାଦ୍ୟ ପରୀକ୍ଷାଗାରର ଫୁଡ୍ ଆନାଲିଷ୍ଟ ଏବଂ ଖାଦ୍ୟ ସୁରକ୍ଷା ବିଭାଗର ଜଣେ ଅଧିକୃତ ଅଧିକାରୀ ସ୍ଥାନ ପାଇବେ। ରାଜ୍ୟ ସ୍ତରରେ ଗଠିତ ପରାମର୍ଶଦାତା କମିଟି ବୈଠକ ପ୍ରତି ୬ ମାସରେ ଥରେ ଏବଂ ଜିଲାସ୍ତରୀୟ କମିଟିର ବୈଠକ ୩ ମାସରେ ଥରେ ବସିବ। ବୈଠକରେ ଖାଦ୍ୟ ସୁରକ୍ଷା ସଂକ୍ରାନ୍ତରେ ଯେଉଁ ନିଷ୍ପତ୍ତି ହେବ ତାହାକୁ ଏଫ୍‌ଏସ୍‌ଏସ୍‌ଏଆଇ ପୋର୍ଟାଲରେ ଅପଲୋଡ୍ କରାଯିବ। ଜିଲା ସ୍ତରରେ ବିକ୍ରି ହେଉଥିବା ସମସ୍ତ ଖାଦ୍ୟ ସାମଗ୍ରୀ ଯେଭଳି ଲାଇସେନ୍ସପ୍ରାପ୍ତ ବ୍ୟବସାୟୀଙ୍କ ମାଧ୍ୟମରେ କାରବାର ହେବ ତାହା ଉପରେ କମିଟି ନଜର ରଖିବ। ନିୟମିତ ଭାବେ ଖାଦ୍ୟ ସାମଗ୍ରୀର ଯାଞ୍ଚ ଲାଗି ଯୋଜନା ପ୍ରସ୍ତୁତ କରିବ। ସୂଚନାଯୋଗ୍ୟ, ଖାଦ୍ୟ ସୁରକ୍ଷା ଓ ମାନଦଣ୍ଡ ନିୟନ୍ତ୍ରଣ ୨୦୧୧ ଅନୁଯାୟୀ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ରାଜ୍ୟ ଓ ଜିଲା ସ୍ତରରେ ପରାମର୍ଶଦାତା କମିଟି ଗଠନ କରିବା ବାଧ୍ୟତାମୂଳକ। ଏ ନେଇ ଏଫ୍‌ଏସ୍‌ଏସ୍‌ଏଆଇ ପକ୍ଷରୁ ରାଜ୍ୟ ସରକାରମାନଙ୍କୁ ଅବଗତ କରାଯାଇଥିଲା। ତଦନୁଯାୟୀ ରାଜ୍ୟ ଖାଦ୍ୟ ସୁରକ୍ଷା କମିଶନର ଜିଲା ସ୍ତରରେ ପରାମର୍ଶଦାତା କମିଟି ଗଠନ ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି।

# ଆମେ ସେବକ, ଜନସାଧାରଣଙ୍କଠାରୁ ଉର୍ଦ୍ଧ୍ୱରେ ନୁହଁ:ରାଜ୍ୟପାଳ

**ନୂଆପଡ଼ା ଅଫିସ/ଖଡ଼ିଆଳ,୨୮।୧୨(ଡି.ଏନ.ଏ.)**

ଆମ ଶାସନ ବ୍ୟବସ୍ଥା ଜନସାଧାରଣଙ୍କ ପାଇଁ । ଆମେ ୧୨୦ କୋଟି ଜନତାଙ୍କ ସେବକ । ରାଜ୍ୟପାଳ ହୁଅନ୍ତୁ କି ରାଷ୍ଟ୍ରପତି ଆମେ ସମସ୍ତେ ଜନତାଙ୍କଠାରୁ ଉର୍ଦ୍ଧ୍ୱରେ ନୁହଁ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି । ଦ୍ୱିଦିନିଆ ନୂଆପଡ଼ା ଜିଲା ଗସ୍ତରେ ଆସି ରାଜ୍ୟପାଳ କୁରେଶ୍ୱର ଗ୍ରାମପଞ୍ଚାୟତରେ ଆୟୋଜିତ ଜନସଭାରେ ଉଦ୍‌ବୋଧନ ଦେଇ ସେ ଏହା କହିଛନ୍ତି ।

ରାଜ୍ୟପାଳ ଗଣେଶୀ ଲାଲ ସଡ଼କ ପଥରେ ଖଡ଼ିଆଳରୁ ବାହାରି ଶୁକ୍ରବାର ପୂର୍ବାହ୍ନ ସାଢେ ୧୦ଟାରେ କୋମନା ବ୍ଲକରେ ପହଞ୍ଚି ଥିଲେ। ପ୍ରଥମେ ବ୍ଲକ ଅଫିସରେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ନେଇ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିବା ସହ ଜିଲାର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ପରେ ସ୍ଥାନୀୟ ଚେତନା ମହିଳା ସଙ୍ଗଠନ ଦ୍ୱାରା ଚାଲିଥିବା ସ୍ୱଧାର ଗୃହ ପରିଦର୍ଶନ କରି ଅନ୍ତେବାସୀଙ୍କ ସହ ଆଲୋଚନା କରିଥିଲେ। କୁରେଶ୍ୱର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଆୟୋଜିତ ସଭାରେ ପଞ୍ଚାୟତବାସୀଙ୍କୁ


ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପ୍ଲାଟିନମ ଜୁବିଲି ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ ଏବଂ ଅନ୍ୟ ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି ।

ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଲେ, ଓଡିଶା ମାଟି ଜଗନ୍ନାଥଙ୍କ ମାଟି । ଏଭଳି ମାଟି ତିନି ବ୍ରହ୍ମାଣ୍ଡରେ ନାହିଁ । ସବୁ ପ୍ରକାର ସମ୍ପଦରେ ଉତ୍କଳର ମାଟି ଭରପୂର । ଏହି ମାଟିର ଉତ୍‌ଥାନ ସକାଶେ ଆମ ସମସ୍ତଙ୍କୁ ସଜାଗ ହେବାକୁ ପଡିବ। ଯେ କୌଣସି ସମୟରେ ଲୋକମାନଙ୍କ ଯାହା ସମସ୍ୟା ଥିବା ତାକୁ ଜିଲାପାଳ, ରାଜ୍ୟପାଳ କିମ୍ବା ରାଷ୍ଟ୍ରପତିଙ୍କୁ ଜଣାଇପାରିବେ ବୋଲି ସେ କହିଥିଲେ।

ରାଜ୍ୟପାଳଙ୍କ ସହ ଏହି ବୈଠକରେ ଜିଲାପାଳ ଡ. ପୋମା ଟୁଡୁ, ଏସ୍‌ପି ସ୍ମିତ ପରମାର, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ, କୋମନା ବ୍ଲକ ଅଧ୍ୟକ୍ଷ ମନୋଜ କୁମାର ମିଶ୍ର, ଜିଲା ପଞ୍ଚାୟତ ଅଧିକାରୀ ବିବେକାନନ୍ଦ ମହାନନ୍ଦ, ବିଡିଓ ଶ୍ୟାମଳ ରଏ, ଏବିଡିଓ ଦେବାଶିଷ ସିହ୍ନା, ସ୍ଥାନୀୟ କୁରେଶ୍ୱର ସରପଞ୍ଚ ଅନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାଜ୍ୟପାଳ ଜନସାଧାରଣଙ୍କୁ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। କେତେଜଣ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ନିଜ ସଫଳତାର କାହାଣୀ ରାଜ୍ୟପାଳଙ୍କୁ କହିଥିଲେ । ଏକାଧିକ ଚାଷୀ ଶାସନ ବ୍ୟବସ୍ଥାରେ ତ୍ରୁଟି ବିଚ୍ୟୁତି ଯୋଗୁ ସରକାରୀ ଯୋଜନାରୁ ସୁଫଳ ମିଳୁ ନ ଥିବା ଅଭିଯୋଗ କରିଥିଲେ। ଏହା ଉପରେ ସେ ତର୍ଜମା କରିବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିଲେ। ଉପରୋକ୍ତ କାର୍ଯ୍ୟକ୍ରମ ପରେ ରାଜ୍ୟପାଳ ଖଡିଆଳ ଗସ୍ତ କରିଥିଲେ। ସନ୍ଧ୍ୟାରେ ଖଡିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ହାଇସ୍କୁଲ ପ୍ଲାଟିନମ ଜୁବିଲି ଉତ୍ସବରେ ସେ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରଧାନଶିକ୍ଷକ ନକୁଳ ଶବରଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ରାଜ୍ୟପାଳଙ୍କ ସହ ନୂଆପଡା ବିଧାୟକ ବସନ୍ତ ପଣ୍ଡା, ଓଡିଶା ମୁଖ୍ୟ ଶାସନ ଆୟୁକ୍ତ ସୁନୀଲ କୁମାର ମିଶ୍ର, ଫଣିନ୍ଦ୍ରମ ସିଂଦେଓ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏହି ଅବସରରେ ରାଜ୍ୟପାଳ ଛାତ୍ରମାନଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ଏଭଳି ଅନୁଷ୍ଠାନର ବିକାଶ ସକାଶେ ସମସ୍ତଙ୍କୁ କାମ କରିବାକୁ ପରାମର୍ଶ ଦେଇଥିଲେ । ରାଜ୍ୟପାଳ ଏହା ପୂର୍ବରୁ ଡୁଆଝର ପ୍ରାଥମିକ ବିଦ୍ୟାଳୟ ସ୍ୱର୍ଣ୍ଣଜୟନ୍ତୀ ଏବଂ ତୁକଲା ହାଇସ୍କୁଲର ଗୋଲଡେନ ଜୁବିଲି ଉତ୍ସବରେ ଯୋଗଦେଇଥିଲେ ।

# ପୂଜା ସ୍ପଞ୍ଜୀକୁ କ୍ଲୋଜର ନୋଟିସ

**ରାଉରକେଲା ଅଫିସ,୨୮। ୧୨**

କାଲୁଙ୍ଗା ଶିଳ୍ପାଞ୍ଚଳରେ ଥିବା ପୂଜା ସ୍ପଞ୍ଜ ଆଇରନ ପ୍ଲାଣ୍ଟକୁ କ୍ଲୋଜର ନୋଟିସ ଜାରି କରିଛି ରାଜ୍ୟ ପ୍ରଦୁଷଣ ବିଭାଗ। ପ୍ରଦୁଷଣ ଆଇନ ଉଲ୍ଲଂଘନ ନେଇ ଏହି କାରଖାନାକୁ ବନ୍ଦ କରିବାକୁ ଗତ ଗୁରୁବାର ସୁନ୍ଦରଗଡ ଜିଲାପାଳ ନିର୍ଦ୍ଦେଶ ଜାରି କରିଛନ୍ତି। ଏ ନେଇ ଲାଠିକଟା ତହସିଲଦାର, ବ୍ରାହ୍ମଣୀତରଙ୍ଗ ପୋଲିସ, ଆଞ୍ଚଳିକ ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାକୁ ଜିଲାପାଳ ନୋଟିସ ଜାରି କରିଛନ୍ତି। ଏ ନେଇ ଶନିବାର ପଦକ୍ଷେପ ନିଆଯାଇ ପାରେ ବୋଲି ସୂଚନା ମିଳିଛି।

**ଫର୍ମ ନଂ. ଆଇଏନ୍‌ସି-୨୬**
[କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ ଆଧାରରେ] କମ୍ପାନୀର ପଞ୍ଜୀକୃତ କାର୍ଯ୍ୟାଳୟ ଗୋଟିଏ ରାଜ୍ୟରୁ ଅନ୍ୟ ରାଜ୍ୟକୁ ପରିବର୍ତ୍ତନ ହେବା ସମ୍ପର୍କରେ ଖବରକାଗଜରେ ପ୍ରକାଶିତ ହେବାକୁ ଥିବା ବିଜ୍ଞପ୍ତି
**କେନ୍ଦ୍ର ସରକାର ପୂର୍ବାଞ୍ଚଳଙ୍କ ସମ୍ମୁଖରେ**
କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ର ଉପଧାରା (୪) ଏବଂ କମ୍ପାନୀ (ଇନ୍‌କର୍ପୋରେଶନ୍) ନିୟମାବଳୀ, ୨୦୧୪ର ନିୟମ ୩୦ର ଉପ-ନିୟମ (୫)ର ଅନୁଚ୍ଛେଦ (କ) ମାମଲାରେ
ଏବଂ
**ଡିସେଣ୍ଟ ଏଗ୍ରୋ ପ୍ରଡକ୍ଟସ ପ୍ରାଇଭେଟ୍ ଲିମିଟେଡ୍,** ପଞ୍ଜୀକୃତ କାର୍ଯ୍ୟାଳୟ: ପଙ୍କଜ ଟ୍ରେଡର୍ସ, ହୋଟେଲ ରିଜେନ୍ସି ନିକଟ, ଦୁର୍ଗା ମଣ୍ଡପ ରୋଡ୍, କେସିଙ୍ଗା, ଓଡ଼ିଶା-୭୬୬୦୧୨ର ମାମଲାରେ
..............ବାଦୀ

**ସର୍ବସାଧାରଣ ବିଜ୍ଞପ୍ତି**
ଏତଦ୍ୱାରା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରଦାନ କରାଯାଉଛି ଯେ, କମ୍ପାନୀ ଶୁକ୍ରବାର, ୧ ଡିସେମ୍ବର, ୨୦୧୮ ଦିନ ଅନୁଷ୍ଠିତ ଅତିରିକ୍ତ ସାଧାରଣ ବୈଠକରେ ସଦସ୍ୟମାନଙ୍କ ଦ୍ୱାରା ଗୃହୀତ ବିଶେଷ ସଂକଳ୍ପ ଅନୁଯାୟୀ କମ୍ପାନୀର ସଂସ୍ଥା ଜ୍ଞାପକରେ ସଂଶୋଧନ ଲାଗି ଅନୁମତି ପାଇଁ କମ୍ପାନୀ ଅଧିନିୟମ, ୨୦୧୩ର ଧାରା ୧୩ ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଆବେଦନ କରିବାର ପ୍ରସ୍ତାବ ରଖିଛି, ଯାହା କମ୍ପାନୀକୁ ଏହାର ପଞ୍ଜୀକୃତ କାର୍ଯ୍ୟାଳୟକୁ "ଓଡ଼ିଶା ରାଜ୍ୟ"ରୁ "ତେଲେଙ୍ଗାନା ରାଜ୍ୟ"କୁ ପରିବର୍ତ୍ତନ କରିବାରେ ସକ୍ଷମ କରିବ।
କମ୍ପାନୀର ପ୍ରସ୍ତାବିତ ପଞ୍ଜୀକୃତ କାର୍ଯ୍ୟାଳୟ ପରିବର୍ତ୍ତନ କାରଣରୁ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ସ୍ୱାର୍ଥ ପ୍ରଭାବିତ ହେବାର ସମ୍ଭାବନା ଥାଏ ତେବେ ସେ ଏମ୍‌ସିଏ-୨୧ ପୋର୍ଟାଲ (www.mca.gov.in)ରେ ନିବେଶକ ଅଭିଯୋଗ ଫର୍ମ ଦାଏର କରିପାରିବେ କିମ୍ବା ତାଙ୍କର ସ୍ୱାର୍ଥ ତଥା ଆପତ୍ତିର କାରଣ ଦର୍ଶାଇ ସତ୍ୟପାଠ ସହିତ ନିଜର ଆପତ୍ତିକୁ ପଞ୍ଜୀକୃତ ଡାକ ମାଧ୍ୟମରେ ଆଞ୍ଚଳିକ ନିର୍ଦ୍ଦେଶକଙ୍କ ନିକଟକୁ ଠିକଣା ଆଞ୍ଚଳିକ ନିର୍ଦ୍ଦେଶକ, ପୂର୍ବାଞ୍ଚଳ, ନିଜାମ ପ୍ୟାଲେସ, II ଏମ୍‌ଏସ୍‌ଓ ବିଲ୍ଡିଂ, ୩ୟ ମହଲା, ୨୩୪/୪ ଏ.ଜେ.ସି. ବୋଷ ରୋଡ୍, କୋଲକାତା-୭୦୦୦୨୦ଙ୍କ ନିକଟକୁ ଏହି ବିଜ୍ଞପ୍ତି ପ୍ରକାଶନ ତାରିଖରୁ ଚଉଦ ଦିନ ମଧ୍ୟରେ ପଠାଇବା ସହିତ ଏହାର ଏକ ପ୍ରତିଲିପି ଆବେଦନକାରୀ କମ୍ପାନୀର ନିମ୍ନଦର୍ଶିତ ପଞ୍ଜୀକୃତ କାର୍ଯ୍ୟାଳୟ ଠିକଣାରେ ପ୍ରେରଣ କରିବେ:
**ପଞ୍ଜୀକୃତ କାର୍ଯ୍ୟାଳୟ:**
ପଙ୍କଜ ଟ୍ରେଡର୍ସ, ହୋଟେଲ ରିଜେନ୍ସି ନିକଟ,
ଦୁର୍ଗା ମଣ୍ଡପ ରୋଡ୍, କେସିଙ୍ଗା, ଓଡ଼ିଶା-୭୬୬୦୧୨
ଆବେଦନକାରୀ ଡିସେଣ୍ଟ ଏଗ୍ରୋ ପ୍ରଡକ୍ଟସ ପ୍ରାଇଭେଟ୍ ଲିମିଟେଡ୍ ପାଇଁ ଏବଂ ତରଫରୁ
ସ୍ୱା./-
ବିଜୟ କୁମାର (ନିର୍ଦ୍ଦେଶକ) — ତାରିଖ: ୨୯।୧୨।୨୦୧୮
ଡିଆଇଏନ୍-୦୦୭୪୪୨୩୬ — ସ୍ଥାନ: କେସିଙ୍ଗା

# ୧୬ରେ ବଲାଙ୍ଗୀର ଆସିବେ ନରେନ୍ଦ୍ର ମୋଦି

**ବଲାଙ୍ଗୀର ଅଫିସ,୨୮।୧୨**

ଆସନ୍ତା ଜାନୁଆରୀ ୧୬ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବଲାଙ୍ଗୀର ପହଞ୍ଚିବେ । ବଲାଙ୍ଗୀର ପହଞ୍ଚିବା ପରେ କିଛି ସରକାରୀ କାର୍ଯ୍ୟକ୍ରମ ସହ ସାଧାରଣ ସଭାରେ ସେ ଯୋଗଦେବେ ବୋଲି ଜଣାପଡିଛି । ପ୍ରଧାନମନ୍ତ୍ରୀ ମୋଦିଙ୍କ ଗସ୍ତ କାର୍ଯ୍ୟକ୍ରମ ପରେ ବଲାଙ୍ଗୀର ଭାଜପା ଚଳଚଞ୍ଚଳ ହୋଇପଡିଛି । ଗସ୍ତକୁ ନେଇ କେଉଁଠି ସାଧାରଣ ସଭା ହେବ ସେନେଇ ଦଳୀୟ ନେତା ଓ କର୍ମକର୍ତ୍ତାମାନେ ସ୍ଥାନ ଚିହ୍ନଟ ପାଇଁ କ୍ଷେତ୍ର ପରିଦର୍ଶନ କରିଛନ୍ତି। ବଲାଙ୍ଗୀର-ପାଟଣାଗଡ ରାସ୍ତାର ପଥରଚେପା ନିକଟ ଆଦର୍ଶ ବିଦ୍ୟାଳୟ ସଂଲଗ୍ନ ଖୋଲା ସ୍ଥାନ ଓ ଗଇଁତଲାର ଏକ ଘରୋଇ ସ୍କୁଲ ପଡିଆରେ ପ୍ରଧାନମନ୍ତ୍ରୀଙ୍କ ସଭା କରାଯିବାକୁ ନେଇ ପ୍ରସ୍ତାବ ପଠାଯାଇଛି । ପାଟଣାଗଡ ବିଧାୟକ କନକ ବର୍ଦ୍ଧନ ସିଂଦେଓ, ଜିଲା ଭାଜପା ସଭାପତି ଭକ୍ତବନ୍ଧୁ ନାଏକ, ଭାଜପା ନେତା ଡା ବାସୁଦେବ ପତି, ଗୋପାଳଜୀ ପାଣିଗ୍ରାହୀ, ଜିଲା ସଂଯୋଜକ ପ୍ରଭାସ ପାଣିଗ୍ରାହୀ, ଅନନ୍ତ ଦାଶ, ପୀତାମ୍ବର ଖମାରୀ, ଦିନେଶ ଶର୍ମା ପ୍ରମୁଖ ସ୍ଥାନ ପରିଦର୍ଶନରେ ଯାଇଥିଲେ । ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ସରକାରୀ କିମ୍ବା ଦଳୀୟ ସୂତ୍ରରୁ କିଛି ବି ସୂଚନା ଦିଆଯାଇନାହିଁ।


ପ୍ରଧାନମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଭାଜପା ନେତାମାନେ ପଥରଚେପାଠାରେ ସ୍ଥାନ ପରିଦର୍ଶନ କରୁଛନ୍ତି।

■ଏସ୍‌ପି, ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କଲା କ୍ରାଇମବ୍ରାଞ୍ଚ

# ବାଲ୍ୟବିବାହ ଘଟଣାରେ ମାମଲା ରୁଜୁକର

**କଟକ ଅଫିସ, ୨୮।୧୨**

ରାଜ୍ୟର ବିଭିନ୍ନ ସ୍ଥାନରେ ବାଲ୍ୟବିବାହ ଦେଖିବାକୁ ମିଳୁଛି। ଏହାକୁ ରୋକିବା ପାଇଁ ଶୁକ୍ରବାର କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ଏସ୍‌ପି ଓ ଡିସିପିଙ୍କୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଯେଉଁମାନେ ବାଲ୍ୟବିବାହ କରାଉଛନ୍ତି ଅବା ଏହାକୁ ପ୍ରୋତ୍ସାହିତ କରୁଛନ୍ତି ସେମାନଙ୍କ ବିରୋଧରେ ମାମଲା ରୁଜୁ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନିର୍ଦ୍ଦେଶନାମା ଅନୁଯାୟୀ, ଯେକୌଣସି ସୂତ୍ରରୁ ବାଲ୍ୟବିବାହ ସମ୍ପର୍କରେ ଖବର ପାଇବା ପରେ ପୋଲିସ ମାମଲା ରୁଜୁ କରିବା ସହ ତୁରନ୍ତ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବ। ଏପରିକି ବିବାହ ସ୍ଥଳକୁ ଗଲାବେଳେ ପୋଲିସକୁ ସାଦା ପୋଷାକରେ ଏବଂ ସାଙ୍ଗରେ ମହିଳା ପୋଲିସକୁ ନେବାକୁ ନିର୍ଦ୍ଦେଶ ରହିଛି। ପୋଲିସକୁ ସ୍ଥାନୀୟ ଅଞ୍ଚଳରେ ଲୋକସମ୍ପର୍କ ବଢାଇବା ସହ ସେମାନଙ୍କ ସହାୟତାରେ ବାଲ୍ୟବିବାହ ସମ୍ପର୍କରେ ସୂଚନା ସଂଗ୍ରହ କରିବାକୁ କୁହାଯାଇଛି। ଏଥିସହିତ ବାଲ୍ୟବିବାହ ବିରୋଧରେ ଅଙ୍ଗନୱାଡି, ସାମାଜିକ ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ ସହାୟତାରେ ସ୍ଥାନୀୟ ଅଞ୍ଚଳରେ ସଚେତନାମୂଳକ କାର୍ଯ୍ୟକ୍ରମ କରିବାକୁ କୁହାଯାଇଛି।

ନ୍ୟାଶନାଲ ଫେମିଲି ହେଲ୍‌ଥ ସର୍ଭେ-୪(୨୦୧୫-୧୬) ଅନୁଯାୟୀ ଓଡ଼ିଶାରେ ୨୧.୩% ବିବାହ ନାବାଳିକା(୧୮ ବର୍ଷରୁ କମ୍)ଙ୍କ କ୍ଷେତ୍ରରେ ହେଉଛି। ଏ କ୍ଷେତ୍ରରେ ଜାତୀୟ ହାର ରହିଛି ୨୬.୮%। ଅନ୍ୟ ଜିଲା ତୁଳନାରେ ମାଲକାନାଗିରି, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, ନବରଙ୍ଗପୁର ଜିଲାରେ ବାଲ୍ୟବିବାହ ଅଧିକ ହେଉଥିବା ଜଣାପଡିଛି।

**ପୂର୍ବ ତଟ ରେଳପଥ**
**ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଇ-କ୍ରୟ ପ୍ରଣାଳୀ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.: ECoRCONTP181908, ତା: 11.12.2018, ECoRCONTP181910, ତା: 17.12.2018 ଏବଂ ECoRCONTP181911, ତା: 26.12.2018
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ), ପୂର୍ବ ତଟ ରେଳପଥ, ଭୁବନେଶ୍ୱର, ଇ-କ୍ରୟ ପ୍ରଣାଳୀ ୱେବ୍‌ସାଇଟ୍ http://www.ireps.gov.in ଜରିଆରେ ଇ-ଟେଣ୍ଡର-ଗୁଡ୍‌ସ ଏବଂ ସର୍ଭିସ୍ ପୋର୍ଟାଲରେ ସ୍ପେଶାଲ PSC ସ୍ଲିପରଗୁଡ଼ିକ ଏବଂ ଟ୍ରାକ୍ ଫିଟିଙ୍ଗ୍‌ଗୁଡ଼ିକର ଉତ୍ପାଦନ ଏବଂ ଯୋଗାଣ ନିମନ୍ତେ ଇ-ବିଡ୍ ଆମନ୍ତ୍ରଣ କରୁଛନ୍ତି । ପରବର୍ତ୍ତୀ ସଂପୂର୍ଣ୍ଣ ବିବରଣୀ ନିମନ୍ତେ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ଏହି ସାଇଟ୍ ଅବଲୋକନ କରି ପ୍ରସ୍ତାବ ଦାଖଲ କରିବାକୁ ପରାମର୍ଶ ଦିଆଯାଉଛି ।
ଉପ ମୁଖ୍ୟ ଯନ୍ତ୍ରୀ/ ନିର୍ମାଣ/ TP, ଭୁବନେଶ୍ୱର
PR-95/CB/18-19

■ଚାଷୀଙ୍କ ଲାଗି ପ୍ରସ୍ତୁତ ହେଉଛି କେନ୍ଦ୍ରର ଯୋଜନା

# ସମୟରେ ଋଣ ଶୁଝିଲେ ଚାଷୀଙ୍କ ଲାଗି ଛାଡ଼ ହୋଇପାରେ ସୁଧ

**ନୂଆଦିଲ୍ଲୀ,୨୮।୧୨**

- ୭% ସୁଧରେ ଚାଷୀଙ୍କୁ ମିଳୁଛି ୩ରୁ ୭ ଲକ୍ଷ ଋଣ
- ଖାଦ୍ୟଶସ୍ୟ ଫସଲ ବୀମା ପ୍ରିମିୟମ ହୋଇପାରେ ଛାଡ଼
- ଉଦ୍ୟାନ କୃଷି ବୀମା ପ୍ରିମିୟମ ହୋଇପାରେ ହ୍ରାସ
- ଉପକୃତ ହେବେ ୫ କୋଟି ଚାଷୀ

ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼ରେ ଭାଜପା ନିର୍ବାଚନ ହାରିବା ପରେ ଏବଂ ଆଗାମୀ ଲୋକ ସଭା ନିର୍ବାଚନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏବେ ଚାଷୀ ନେଇଥିବା ଋଣର ସୁଧ ଛାଡ଼ ଉପରେ ବିଚାର କରୁଛି। ଠିକ୍ ସମୟରେ ଋଣ ଶୁଝୁଥିବା ଚାଷୀଙ୍କ ସୁଧ ଛାଡ଼ ଲାଗି ସରକାର ନିଷ୍ପତ୍ତି ନେଇପାରନ୍ତି। ଏ ସଂକ୍ରାନ୍ତରେ ଏକ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି। ଏହାଛଡ଼ା ଖାଦ୍ୟଶସ୍ୟର ଫସଲ ବୀମାର ସମ୍ପୂର୍ଣ୍ଣ ପ୍ରିମିୟମ ମଧ୍ୟ ସରକାର ଛାଡ଼ କରିପାରନ୍ତି। ଉଦ୍ୟାନ କୃଷିର ବୀମା ପ୍ରିମିୟମକୁ ହ୍ରାସ କରାଯାଇପାରେ। କେନ୍ଦ୍ର ସରକାର ଏ ସଂକ୍ରାନ୍ତରେ ନିଷ୍ପତ୍ତି ନେଲେ ଫସଲ ବୀମା କରିଥିବା ପ୍ରାୟ ୫ କୋଟି ଚାଷୀ ଉପକୃତ ହେବେ। ଶୁକ୍ରବାର କେନ୍ଦ୍ର ମନ୍ତ୍ରୀ ରବି ଶଙ୍କର ପ୍ରସାଦ ଏ ସମ୍ପର୍କରେ ସଙ୍କେତ ଦେଇ କହିଛନ୍ତି ଯେ, ଖୁବ୍‌ଶୀଘ୍ର ଚାଷୀଙ୍କ ଲାଗି ବଡ଼ ଘୋଷଣା ହେବାକୁ ଯାଉଛି। କେନ୍ଦ୍ର ସରକାର ଚାଷୀଙ୍କ ହିତସାଧନ ଲାଗି ପ୍ରତିଶ୍ରୁତିବଦ୍ଧ।

ସୂଚନାଥାଉ କି, ସ୍ୱଳ୍ପ ମିଆଦ ଲାଗି ଚାଷୀଙ୍କୁ ୩ରୁ ୭ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ୭% ସୁଧରେ ମିଳିଥାଏ। ନିର୍ଦ୍ଧାରିତ ସମୟ ମଧ୍ୟରେ ଋଣ ପରିଶୋଧ କଲେ ତାଙ୍କୁ ୩% ପ୍ରୋତ୍ସାହନ ଦିଆଯାଏ। ଏଭଳି ଭାବେ ଠିକ୍ ସମୟରେ ଋଣ ପ୍ରଦାନ କରିଥିବା ଚାଷୀଙ୍କୁ ୪% ସୁଧ ଦେବାକୁ ପଡିଥାଏ। ଚାଷୀଙ୍କୁ ସୁଧ ଛାଡ଼ କରାଗଲେ କେନ୍ଦ୍ର ସରକାରଙ୍କ ଉପରେ ବାର୍ଷିକ ୧୫ ହଜାର କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବଢ଼ିବ। ସାଧାରଣତଃ ସବ୍‌ସିଡି ବାବଦରେ ୨% ଓ ତ୍ୱରିତ୍ ଋଣ ପରିଶୋଧ କ୍ଷେତ୍ରରେ ସରକାର ବାର୍ଷିକ ୧୫ ହଜାର କୋଟି ଟଙ୍କାର ବୋଝ ବୋହୁଛନ୍ତି। ଯଦି ସମ୍ପୂର୍ଣ୍ଣ ସୁଧ ଛାଡ଼ କରାଯାଏ ତେବେ ଏହି ରାଶି ୩୦ ହଜାର କୋଟି ଟଙ୍କାରେ ପହଞ୍ଚିବ। ସେହିଭଳି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅନ୍ତର୍ଗତରେ ସରକାର ଚାଷୀଙ୍କୁ ସ୍ୱତନ୍ତ୍ର ଭାବେ ବିଭିନ୍ନ ଫସଲ ଲାଗି ହୋଇଥିବା ବୀମା ପାଇଁ ୧.୫ରୁ ୫% ପର୍ଯ୍ୟନ୍ତ ପ୍ରିମିୟମ ନେଇଥାନ୍ତି। ଏହାର ଅବଶିଷ୍ଟ କେନ୍ଦ୍ର ଓ ରାଜ୍ୟ ସରକାର ବହନ କରିଥାନ୍ତି। ଫସଲ ବର୍ଷ ୨୦୧୭-୧୮(ଜୁଲାଇ-ଜୁନ)ରେ ୪.୭୯ କୋଟି ଚାଷୀ ଉକ୍ତ ଯୋଜନାରେ ସାମିଲ ହୋଇ ବୀମାଭୁକ୍ତ ହୋଇଛନ୍ତି। ପ୍ରାପ୍ତ ସୂଚନାନୁଯାୟୀ, ରବି ଓ ଖରିଫ ଫସଲ ଲାଗି ବୀମା ପ୍ରିମିୟମ ବାବଦରେ ଚାଷୀ ବାର୍ଷିକ ୫ ହଜାର କୋଟି ଟଙ୍କା ଦେଇଥାନ୍ତି। ରାଜନୈତିକ ବିଶ୍ଳେଷକଙ୍କ ମତରେ ୨୦୧୯ ଲୋକ ସଭା ନିର୍ବାଚନରେ କୃଷି ଋଣ ଛାଡ଼ ଏକ ପ୍ରମୁଖ ପ୍ରସଙ୍ଗ ହେବାକୁ ଯାଉଛି।



# ଅଚଳ ନିଯୁକ୍ତି ପ୍ରକ୍ରିୟା



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମୋଦି ସରକାର ତାଙ୍କ ଅବଧିର ଶେଷ ଚରଣରେ ଏକପ୍ରକାର ଧିମେଇଯାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ କାର୍ଯ୍ୟଧାରାକୁ ଠିକ୍‌ଭାବେ ପରିଚାଳିତ କରିବାକୁ ଯଥାସମ୍ଭବ ଚେଷ୍ଟା କରିଥିବା ବେଳେ ସେଥିରୁ ମିଶ୍ରିତ ଫଳ ମିଳିଛି। ବର୍ତ୍ତମାନ ୩୬୦-ଡିଗ୍ରୀ ମୂଲ୍ୟାୟନ ବ୍ୟବସ୍ଥା ଥିବାବେଳେ ଅମଲାତନ୍ତ୍ରକୁ ଢିଲାଦେଇ ଶକ୍ତିଶାଳୀ କରିବା ପାଇଁ ବାହାରୁ ମେଧାବୀଙ୍କୁ ଆଣିବାରେ ସେ ଅଧିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସରକାର କେନ୍ଦ୍ର ମନ୍ତ୍ରଣାଳୟଗୁଡ଼ିକରେ ଯୁଗ୍ମସଚିବ ସ୍ତରରେ ଘରୋଇ କ୍ଷେତ୍ରରୁ ୧୦ ଜଣ ବିଶେଷଜ୍ଞଙ୍କୁ ନିଯୁକ୍ତି ଦେବା ପାଇଁ ଜୁନ୍‌ମାସରେ ବିଜ୍ଞାପନ ଦେଇଥିଲେ। ଏଥିପାଇଁ ୬୦୦୦ରୁ ଅଧିକ ଆଶାୟୀ ପ୍ରାର୍ଥୀ ଦରଖାସ୍ତ କରିଥିବା ବେଳେ ନିଯୁକ୍ତି ପ୍ରକ୍ରିୟା କିନ୍ତୁ ଅଚଳ ହୋଇପଡ଼ିଛି। ସୂଚନା ଅନୁସାରେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ପ୍ରାର୍ଥୀମାନଙ୍କର ଏକ ସଂକ୍ଷିପ୍ତୀକୃତ ତାଲିକା ପ୍ରସ୍ତୁତ କରିବାରେ ବିଶେଷ ଅଗ୍ରଗତି କରିପାରି ନାହିଁ, କାରଣ ଅନେକ ପ୍ରାର୍ଥୀ ଯେଉଁ ତଥ୍ୟ ଦେଇଛନ୍ତି ତାହା ଅସମ୍ପୂର୍ଣ୍ଣ, ତ୍ରୁଟିଯୁକ୍ତ ବା ବ୍ୟବହାର-ଅଯୋଗ୍ୟ। ସେଥିପାଇଁ ଚୟନ ପ୍ରକ୍ରିୟା ଏକପ୍ରକାର ବନ୍ଦ ହୋଇଯାଇଥିବାରୁ ସରକାର ଏକ ନୂଆ ବିଜ୍ଞାପନ ଜାରିକରି ପୁଙ୍ଖାନୁପୁଙ୍ଖ ବିବରଣୀଯୁକ୍ତ ଦରଖାସ୍ତ ଆହ୍ୱାନ କରିଛନ୍ତି। ତେବେ ଦୁର୍ଭାଗ୍ୟର ବିଷୟ ହେଉଛି, ସାଧାରଣ ନିର୍ବାଚନ ଆଉ ମାତ୍ର କେଇମାସ ବାକି ଥିବାବେଳେ ସରକାର ଉକ୍ତ ନିଯୁକ୍ତି ପାଇଁ ଏକ ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରିନାହାନ୍ତି। ତେଣୁ ନୂଆ ସରକାର ଗଠନ ହେବା ପୂର୍ବରୁ ମୋଦିଙ୍କ ଅତିପ୍ରିୟ ଯୋଜନାଗୁଡ଼ିକ ଫଳଦାୟୀ ହେବା ଆଶା କ୍ଷୀଣ।

## ବରିଷ୍ଠ ଗୋଇନ୍ଦାଙ୍କ କାର୍ଯ୍ୟକାଳ ବୃଦ୍ଧି

ତଦନ୍ତ ବ୍ୟୁରୋ (ଆଇବି) ନିର୍ଦ୍ଦେଶକ ରାଜୀବ ଜୈନ ଏବଂ ରିସର୍ଚ୍ଚ ଓ ଆନାଲିସିସ୍ ୱିଙ୍ଗ୍ (ର) ସଚିବ ଅନିଲ କେ. ଧାସମାନାଙ୍କ କାର୍ଯ୍ୟକାଳ ଛଅମାସ ବୃଦ୍ଧି କରାଯାଇଛି। ଚଳିତମାସ ଶେଷ ସୁଦ୍ଧା ସେମାନେ ଅବସର ନେବାର ଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱାଧୀନ କ୍ୟାବିନେଟ୍ ନିଯୁକ୍ତି କମିଟି (ଏସିସି) ଏହି ନିଷ୍ପତ୍ତି ନେଇଛି। ଯାହା ଜଣାପଡୁଛି, କେନ୍ଦ୍ର ଏବେ ଆଇବି ଓ ର'ର ନିରବଚ୍ଛିନ୍ନତାକୁ ବ୍ୟାହତ କରିବା ପାଇଁ ଚାହୁଁନାହିଁ ଏବଂ ସରକାର ଚାହୁଁଛନ୍ତି ଲୋକ ସଭା ନିର୍ବାଚନ ପରେ ନୂତନ ସରକାର ଏହିସବୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ପାଇଁ ନିଷ୍ପତ୍ତି ନିଅନ୍ତୁ। ଜୈନ ସମ୍ବେଦନଶୀଳ କଶ୍ମୀର ଡେସ୍କ ସମେତ ଆଇବିର ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଆସିଛନ୍ତି। ସେ ପୂର୍ବତନ ଏନ୍‌ଡିଏ ସରକାର ଅମଳରେ ଶାବ୍ବିର ଶାହଙ୍କ ପରି କଶ୍ମୀରର ବିଚ୍ଛିନ୍ନତାବାଦୀ ନେତାଙ୍କ ସହ କଥୋପକଥନରେ ସରକାରଙ୍କ ମଧ୍ୟସ୍ଥ ଭାବେ ନିଯୁକ୍ତ କେ.ସି. ପନ୍ତଙ୍କ ଉପଦେଷ୍ଟା ଥିଲେ। ଅପରପକ୍ଷେ ଧାସମାନା ହେଉଛନ୍ତି ୧୯୮୧ ବ୍ୟାଚ୍‌ର ମଧ୍ୟପ୍ରଦେଶ କ୍ୟାଡର ଅଫିସର, ଯେ କି ୨୩ ବର୍ଷ ହେଲା ର'ରେ କାର୍ଯ୍ୟ କରିଆସୁଛନ୍ତି। ଏହି ଅବଧିରେ ସେ ପାକିସ୍ତାନ ଡେସ୍କରେ କାର୍ଯ୍ୟ କରିବା ସହ ଅନେକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ଏସବୁ ସରକାରଙ୍କ ନିୟମିତ ପଦକ୍ଷେପ, କିନ୍ତୁ ନିର୍ବାଚନର ପ୍ରାକ୍‌କାଳରେ ଗୋଇନ୍ଦା ସଂସ୍ଥାଦ୍ୱୟର ନିରବଚ୍ଛିନ୍ନତାକୁ ବଜାୟ ରଖିବା ଲାଗି ଏପରି ନିଷ୍ପତ୍ତି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ବାବୁ ଓ ଲୋକଙ୍କ କ୍ଷମତା

ବୃହତ୍ ବେଙ୍ଗାଲୁରୁ ମହାନଗରପାଳିକାର ଅତିରିକ୍ତ କମିଶନର ତଥା କର୍ଣ୍ଣାଟକ ଆଇଏଏସ୍ ଅଫିସର ଡି. ରଣଦୀପଙ୍କୁ ବଦଳି କରାଯାଇଥିଲା। କିନ୍ତୁ ଜନସାଧାରଣଙ୍କ ଚାପରେ ସରକାର ବାଧ୍ୟହୋଇ ତାଙ୍କୁ ପୂର୍ବପଦକୁ ଫେରାଇ ଆଣିଛନ୍ତି। ଗତମାସରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ରଣଦୀପଙ୍କ ସମେତ ରାଜ୍ୟର ଅନେକ ଆଇଏଏସ୍ ଅଫିସରଙ୍କୁ ବଦଳି କରିଥିଲେ। ରଣଦୀପଙ୍କୁ ସାମାଜିକ କଲ୍ୟାଣ ବିଭାଗର କମିଶନର ଭାବେ ବଦଳି କରାଯାଇଥିଲା। କିନ୍ତୁ ସେତେବେଳେ ମୁଖ୍ୟମନ୍ତ୍ରୀ ଏହି ବାବୁଙ୍କ ଲୋକପ୍ରିୟତାକୁ ଆକଳନ କରି ନ ଥିଲେ। ସୂଚନା ଅନୁସାରେ ବେଙ୍ଗାଲୁରୁର ଆବର୍ଜନା ପରିଚାଳନା ବ୍ୟବସ୍ଥା ଅତ୍ୟନ୍ତ ନିମ୍ନମାନର ଥିଲା। ରଣଦୀପ ତାହାକୁ ସୁବ୍ୟବସ୍ଥିତ କରି ଜନସାଧାରଣଙ୍କ ବିଶ୍ୱାସ ଓ ଶୁଭେଚ୍ଛାର ପାତ୍ର ହୋଇଥିଲେ। ଯେତେବେଳେ ତାଙ୍କ ବଦଳି ଖବର ପ୍ରସାରିତ ହେଲା ତାକୁ ବିରୋଧ କରି ଲୋକମାନେ ଅନ୍‌ଲାଇନ୍ ପିଟିଶନ ଦାଏର କଲେ। ପ୍ରାୟ ୯୦୦ରୁ ଅଧିକ ଲୋକ ତାଙ୍କୁ ପୁଣି ପୂର୍ବପଦକୁ ଫେରାଇ ଆଣିବାକୁ ଦାବି କରିଥିଲେ। ଏହାପରେ ସରକାର ଜନମତକୁ ସମ୍ମାନ ଦେଇ ବାବୁ ଜଣଙ୍କୁ ପୂର୍ବପଦକୁ ଫେରାଇ ଆଣିଛନ୍ତି। ଭଲକାମ କରି ଜନସାଧାରଣଙ୍କ ଆସ୍ଥା ଭାଜନ ହେବାରେ ଏହା ଏକ ବିରଳ ଘଟଣା। ପୁଣି କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ଥିବା ସାଧାରଣ ନାଗରିକଙ୍କ ଦାବିକୁ ସରକାର ସମ୍ମାନ ଜଣାଇବା ମଧ୍ୟ ଏକ ଅଶ୍ରୁତପୂର୍ବ ଘଟଣା।

Email: dilipcherian@gmail.com

# ନୂଆବର୍ଷ ନ ହେଉ ମଉଜର ବର୍ଷ



ଡ. ପ୍ରଫୁଲ୍ଲ କୁମାର ସାହୁ

ଅନନ୍ତ ସମୟର ଅସରନ୍ତି ଯାତ୍ରାକୁ ଦିନ, ମାସ ଓ ବର୍ଷ ଆଦି ଛାଞ୍ଚରେ ମାପିବା କେବଳ ଏକ ମାନବୀୟ ପ୍ରୟାସ ସତ, କିନ୍ତୁ ଆମ ଚେତନା ସହିତ ଏହା ଯୋଡ଼ିହୋଇ ରହିଛି କେଉଁ ଅନାଦି କାଳରୁ। ସମୟର ପ୍ରବହମାନ ଧାରାରେ ଗୋଟିଏ ବର୍ଷ ବିତିବା ଓ ଆଉ ଗୋଟିଏ ବର୍ଷ ଆସିବା ଏକ ଚିରନ୍ତନ ଓ ସ୍ୱାଭାବିକ ପ୍ରକ୍ରିୟା ହେଲେ ବି ତା'ର ସନ୍ଧିକ୍ଷଣ ପ୍ରାଣରେ ଭରିଦିଏ ଶିହରଣ। ମନ ସବୁବେଳେ ନୂଆ ଖୋଜେ, ସବୁଦିନେ ନୂଆ ସୂର୍ଯ୍ୟ ଉଇଁଲା ପରି। ନୂଆ ବର୍ଷକୁ ସ୍ୱାଗତ କରିବାର ଏହି ଉତ୍ସାହ ଓ ଉଦ୍ଦୀପନା ଯୋଗୁ ଡିସେମ୍ବର ଶେଷ ସପ୍ତାହରୁ ଜାନୁୟାରୀ ଅଧାଅଧି ଯାଏ ପୃଥିବୀର କୋଣ ଅନୁକୋଣରେ ପାଳନ କରାଯାଏ ଆନ୍ତର୍ଜାତିକ ନୂଆବର୍ଷ। ସାରା ପୃଥିବୀ ରଙ୍ଗିନ ଆଲୋକ ମାଳାରେ ସଜେଇ ହୋଇ ସୃଷ୍ଟିକରେ ସ୍ୱପ୍ନରାଜ୍ୟର ଭ୍ରମ।

ଭାରତୀୟ ସଂସ୍କୃତିରେ ଏହା ପ୍ରକୃତ ନୂଆବର୍ଷ ନ ହେଲେ ମଧ୍ୟ ସମଗ୍ର ଦେଶରେ ଝଲମଲ ଦିଶିଲାଣି ନୂଆବର୍ଷର ନୂଆପଣିଆ। ନୂଆବର୍ଷର ସ୍ୱାଗତ ସମ୍ବର୍ଦ୍ଧନା ନିମନ୍ତେ ନାଚଗୀତ ଓ ବାଣ ରୋଶଣିରେ କମ୍ପିବ ମେଦିନୀ। ସହରର ନାମୀଦାମୀ ହୋଟେଲ, ବାର୍ ଓ କ୍ଲବ୍‌ରେ ଜମିଉଠିବ ଜିରୋନାଇଟ୍ ସେଲିବ୍ରେଶନ୍। ଅଶ୍ଳୀଳ ନୃତ୍ୟର ତାଳେତାଳେ ସାରାରାତି ଝୁମିବେ ସହରର ତଥାକଥିତ ସଭ୍ୟ, ଶିକ୍ଷିତ ଓ ଉଚ୍ଚବର୍ଗର ଲୋକେ। ରାତି ପାହିବା ଆଗରୁ ହ୍ୱାଟ୍‌ସଆପ୍, ଫେସ୍‌ବୁକ୍, ଟୁଇଟର, ଚାଟିଂ, ଇମେଲ୍ ଓ ଏସ୍‌ଏମ୍‌ଏସ୍ ଜରିଆରେ ଚାଲିବ ପରସ୍ପରକୁ ଅଭିନନ୍ଦନ ଜଣାଇବାର ଔପଚାରିକତା। ସାରାଦିନ ହାତରେ ଫୁଲତୋଡ଼ା ଧରି ନେତା, ମନ୍ତ୍ରୀ ଓ ହାକିମଙ୍କ ଘରକୁ ଧାଡ଼ି ବାନ୍ଧିବେ ଦଳଦଳ ଅନୁକମ୍ପା-ଭିକାରି। ଦୀଘା, ଗୋପାଳପୁରର ବେଳାଭୂମିଠାରୁ ଆରମ୍ଭ କରି ଶିମିଳିପାଳ ଅଭୟାରଣ୍ୟ ପର୍ଯ୍ୟନ୍ତ କୋଳାହଳମୟ ହୋଇଉଠିବ ରାଜ୍ୟର ସବୁ ପର୍ଯ୍ୟଟନସ୍ଥଳୀ। ନୂଆବର୍ଷର ନୂଆ ସକାଳରେ ଝରି ପଡ଼ିବେ ବଞ୍ଚିବାର ଅଧିକାର ନେଇ ସଂସାରକୁ ଆସିଥିବା ଅସୁମାରି ପଶୁପକ୍ଷୀ। ସବୁ କଟକଣାକୁ ପରିହାସ କରି ଚାରିଆଡ଼େ ବିଛାଡ଼ି ହୋଇପଡ଼ିବ ପ୍ଲାଷ୍ଟିକ୍, ପଲିଥିନ୍ ଓ ଥର୍ମୋକୋଲର ପର୍ଯ୍ୟାପ୍ତ ଆବର୍ଜନା। ମଙ୍ଗଳ ଆଳତି ଗାଇବା ପରିବର୍ତ୍ତେ ନୂଆବର୍ଷର ନୂଆ ସକାଳକୁ ପ୍ରଦୂଷଣ ପର୍ବରେ ପରିଣତ କରିବ ଡିଜେର କାନଫଟା ଚିତ୍କାର।

ଭାରତୀୟ ପରମ୍ପରାରେ ଜାନୁୟାରୀ ପହିଲା ନୁହେଁ, ମେଷ ସଂକ୍ରାନ୍ତି ବା ମହାବିଷୁବ ସଂକ୍ରାନ୍ତିଠାରୁ ଆରମ୍ଭ ହୁଏ ନୂଆବର୍ଷ। ସୌରବର୍ଷ ଗଣନାନୁଯାୟୀ ସୌରବୃତ୍ତର ପ୍ରଥମ ବିନ୍ଦୁରେ ସୂର୍ଯ୍ୟଙ୍କର ସ୍ଥିତି ହିଁ ମହାବିଷୁବ ସଂକ୍ରାନ୍ତିର ପୁଣ୍ୟ ମୁହୂର୍ତ୍ତ। ପାଞ୍ଜିକାରଙ୍କ ଗଣନାନୁଯାୟୀ ମହାବିଷୁବ ସଂକ୍ରାନ୍ତି ହିଁ ବର୍ଷ ଆରମ୍ଭର ପ୍ରଥମ ଦିବସ। ଏହି ପୁଣ୍ୟ ତିଥିରୁ ପ୍ରଚଳନ ହୁଏ ନୂଆ ପାଞ୍ଜି। ପାଞ୍ଜି ଗଣନା ସହିତ ଓଡ଼ିଶାର ପୁରପଲ୍ଲୀରେ ଖେଳିଯାଏ ଆଧାତ୍ମିକ ବାତାବରଣ। ଏକ ବିଶ୍ୱମୟ ଭାବନାରେ ଅନୁପ୍ରାଣିତ ହୋଇ ଜଗତ କଲ୍ୟାଣ ନିମନ୍ତେ ଲୋକେ ଆୟୋଜନ କରନ୍ତି ହୋମଯଜ୍ଞ। ପବିତ୍ର ମାସରେ ଧର୍ମ ଅର୍ଜନ ଆଶାରେ ଲୋକଙ୍କ ମନରେ ସ୍ୱତଃ ପ୍ରକାଶ ପାଏ ଅସହାୟମାନଙ୍କୁ ଖାଦ୍ୟ ଓ ବସ୍ତ୍ରଦାନ କରିବାର ବିଶେଷ ଆଗ୍ରହ। ବୃକ୍ଷଜଗତ ଓ ଜୀବଜଗତକୁ ଜଳକଷ୍ଟରୁ ଉଦ୍ଧାର କରିବା ପାଇଁ ଲୋକେ ଠା'କୁ ଠା ଖୋଲନ୍ତି ଜଳଛତ୍ର।

ପ୍ରତ୍ୟେକ ଉତ୍ସବ ପାଳନର ଲକ୍ଷ୍ୟ ହେଉଛି ଆନନ୍ଦର ଆସ୍ୱାଦନ। ମାତ୍ର ତାହା ହିଁ ଆନନ୍ଦ, ଯାହା ଆତ୍ମାକୁ ଆହ୍ଲାଦିତ କରେ ଏବଂ ସଞ୍ଚରିଯାଏ ହୃଦୟରୁ ହୃଦୟ। ଏହି ଦୃଷ୍ଟିରୁ ନୂଆବର୍ଷ ଯେବେ ପାଳନ ହେଉନା କାହିଁକି ଖୁସିର ଭାଷା ତ ଗୋଟିଏ। ସେ ଭାଷା ହିଂସାର ନୁହେଁ କି ପ୍ରଦୂଷଣର ନୁହେଁ, ତାହା ସ୍ନେହ, ପ୍ରେମ ଓ ଆତ୍ମୀୟତାର। ତେଣୁ ଇଂଲିଶ ନୂଆବର୍ଷ ଦିନ ଅକଳନ ଛେଳି, କୁକୁଡ଼ା ହତ୍ୟାକରି ଆମେ ଯେଉଁ ଆନନ୍ଦ ଲାଭ କରୁ, ତାହା ଅସଲ ଆନନ୍ଦ ନୁହେଁ, କେବଳ ବୀଭତ୍ସ ଆନନ୍ଦର ଏକ ପ୍ରମତ୍ତପଣ। ଅଶ୍ଳୀଳ ନୃତ୍ୟସଂଗୀତ ମାଧ୍ୟମରେ ତଥା ଉଚ୍ଛୃଙ୍ଖଳ ଢଙ୍ଗରେ ନୂଆବର୍ଷକୁ ସ୍ୱାଗତ କରିବା ଆମ ସଂସ୍କୃତିର ପରିପନ୍ଥୀ। ଅଥଚ ଏଠି ନୂଆବର୍ଷକୁ ସ୍ୱାଗତ କରିବା ନାଁରେ ବାସ୍ନାବିଭୋର ହୋଇପଡୁଛି ତାରୁଣ୍ୟ। ୨୦୧୭ ନୂଆବର୍ଷ ପାଳନ ବେଳେ ବାଙ୍ଗାଲୋର ସହରର ଏମ୍.ଜି. ରୋଡ୍‌ରେ ଘଟିଥିବା ଅପ୍ରୀତିକର ଘଟଣା ତା'ର ଏକ ଦୃଷ୍ଟାନ୍ତ। ସେଠାରେ ନୃତ୍ୟଗୀତରେ ମତୁଆଲା ହୋଇ ପଡ଼ିଥିବା କିଛି ବିଶୃଙ୍ଖଳିତ ଯୁବକଙ୍କ ଦ୍ୱାରା ଅସଦାଚରଣର ଶିକାର ହେଲେ ଶତାଧିକ ମହିଳା। ଏମିତି ଅସାମାଜିକ ଆଚରଣକୁ ଖୁବ୍ ହାଲ୍‌କା ଭାବରେ ଗ୍ରହଣ କରି ମନ୍ତବ୍ୟ ଦେଲେ ତତ୍‌କାଳୀନ ରାଜ୍ୟ ଗୃହମନ୍ତ୍ରୀ ଜି. ପରମେଶ୍ୱର। ଏଥିରୁ ମନେହୁଏ ଆମ ଉତ୍ସବ ମନେଇବା ମାନସିକତା ଆଗରେ କୌଣସି ମୂଲ୍ୟ ବହନ କରେନାହିଁ ସାମାଜିକ ଶୃଙ୍ଖଳା।

ଇତିହାସ କହେ ଭାରତବର୍ଷ ଥିଲା ସଂସ୍କୃତି, ସଂସ୍କାର ଓ ସାଧନାର ଏକ ଦିବ୍ୟ ଭୂଖଣ୍ଡ। ବିଶ୍ୱ ଭ୍ରାତୃତ୍ୱ ଭାବନାରେ ଅଭିମନ୍ତ୍ରିତ ହୋଇ ଏ ଦେଶ ଦିନେ ସାରା ବିଶ୍ୱକୁ ବତେଇଥିଲା ବସୁଧାକୁ ସ୍ୱର୍ଗରେ ପରିଣତ କରିବାର ସୂତ୍ର। ଅଥଚ ସେହି ଦିବ୍ୟଭୂମି ଭାରତରେ ଏବେ ସଞ୍ଚରିଗଲାଣି ଅପସଂସ୍କୃତିର ବିଷ। ଆମ ଜୀବନଯାତ୍ରାକୁ ବିପର୍ଯ୍ୟସ୍ତ କରିଦେଲାଣି ପଶ୍ଚିମା ସଂସ୍କୃତିକୁ ଅନୁକରଣ କରିବାର ଦୁଃସ୍ଥ ମାନସିକତା।

ନୂଆବର୍ଷ ଦିନ ଥାଇଲାଣ୍ଡରେ ଅସହାୟମାନଙ୍କୁ ଭୋଜନ ଦେବା ଓ ନୂତନ ବସ୍ତ୍ର ଦାନକରିବା ନବବର୍ଷର ପରମ୍ପରା। ବ୍ରାଜିଲ୍‌ରେ ସେଦିନ ରଙ୍ଗିନ ପୋଷାକ ବଦଳରେ ଲୋକେ ସାଦା ଓ ସାଧାରଣ ପୋଷାକ ପିନ୍ଧନ୍ତି, ଯାହା ଶୁଦ୍ଧତା ଓ ସରଳତାର ପ୍ରତୀକ। ଆତଙ୍କବାଦୀଙ୍କ ସ୍ୱର୍ଗ କୁହାଯାଉଥିବା ପାକିସ୍ତାନରେ ନୂଆବର୍ଷ ଦିନ ମସ୍‌ଜିଦ ଖୋଲା ରହେ ସାରାରାତି। ନମାଜ ଧ୍ୱନିରେ ପୁଲକିତ ହୋଇଉଠେ ସେ ଦେଶର ସମଗ୍ର ପରିବେଶ। ନୂଆବର୍ଷ ଦିନ ସ୍ପେନ୍‌ରେ ପାଳନ ହୁଏ ୧୨ଅଙ୍ଗୁର ଉତ୍ସବ। ଲୋକେ ସେଦିନ ୧୨ଟି ଲେଖାଏ ଅଙ୍ଗୁର ଖାଆନ୍ତି ଏବଂ ପ୍ରତିଟି ଅଙ୍ଗୁର ସହିତ ଥାଏ ଗୋଟିଏ ସଂକଳ୍ପ ନେବାର ବିଧି। ସେହି ସଂକଳ୍ପକୁ ଆଖି ଆଗରେ ରଖି ସେମାନେ ଆଗକୁ ବଢନ୍ତି ବର୍ଷ ତମାମ। ନୂଆବର୍ଷରେ ଆମେ ବି ଅନେକ ସଂକଳ୍ପ ନେଉ, ଖରାପକୁ ପରିତ୍ୟାଗ କରିବା ପାଇଁ ପ୍ରତିଜ୍ଞା କରୁ, ମାତ୍ର ସେ ସବୁ ସମୟ ସ୍ରୋତରେ ନିଖୋଜ ହୋଇଯାଏ ଏବଂ ସଂକଳ୍ପ ପାଇଁ ବର୍ଷାନ୍ତର ପାଲଟିଯାଏ କେବଳ ଏକ 'କା' ମାତ୍ର। ରୋମ୍ ଭଳି କେତେକ ଦେଶରେ ବିଳାସବ୍ୟସନରେ ନବବର୍ଷ ପାଳନ କରିବା ଏକ ଅପରାଧ। ଅଥଚ ଆମର ଏଠି ନୂଆବର୍ଷକୁ ସ୍ୱାଗତ କରିବା ପାଇଁ ଯେଉଁ ଆଡ଼ମ୍ବରପୂର୍ଣ୍ଣ ଆୟୋଜନ ହୁଏ ସେଥିରେ ପାଣିପରି ବୋହିଯାଏ କୋଟିକୋଟି ଟଙ୍କା। ଭାବିଲେ ଦେଖି ତାହା କ'ଣ ଖର୍ଚ୍ଚ ହୋଇ ପାରନ୍ତାନି ଅର୍ଥ ଅଭାବରୁ ଚିକିତ୍ସା ପାଇପାରୁ ନ ଥିବା ଅନେକ ଅସହାୟ ରୋଗୀଙ୍କ ସେବାରେ? ଆମ ଚାରିପଟେ ଥିବା ଅନେକ ଜରାନିବାସ ଓ ଅନାଥାଶ୍ରମରେ ଯଦି ତାହା ବିନିଯୋଗ ହୁଅନ୍ତା ତା'ର ଅନ୍ତେବାସୀମାନେ ହୁଏତ ଖୋଜି ପାଆନ୍ତେ ଜୀବନର ନୂଆ ଅର୍ଥ। ହୃଦୟ ଭିତରୁ ଉଚ୍ଛୁଳିଉଠନ୍ତା ଅସଲ ଆନନ୍ଦର ଉଚ୍ଛ୍ୱାସ। ଝଲମଲ ହୋଇଉଠନ୍ତା ନୂଆବର୍ଷର ରୋଶଣି। ଅନ୍ୟଥା ଅନ୍ଧ ଆଖିର ଦୃଶ୍ୟ ପରି ଲାଗିବ ନୂଆବର୍ଷର ବିପୁଳ ଆଡ଼ମ୍ବର ଓ ସାଜସଜ୍ଜା।

ବିଜୁ ପଟ୍ଟନାୟକ ନଗର, ଭଦ୍ରକ,
ମୋ: ୯୪୩୮୪୫୫୦୮୮

# ଯୋଗଜନ୍ମା ପଠାଣି ସାମନ୍ତ



ଡ. ଉଦ୍ଧବଚରଣ ନାୟକ

ବିଶ୍ୱବିଖ୍ୟାତ ଓଡ଼ିଆ ଜ୍ୟୋତିର୍ବିଜ୍ଞାନୀ ମହାମହୋପାଧ୍ୟାୟ ଚନ୍ଦ୍ରଶେଖର ସିଂହସାମନ୍ତ ହରିଚନ୍ଦନ ମହାପାତ୍ର ବା ପଠାଣି ସାମନ୍ତ ମହାକାଶ ପର୍ଯ୍ୟବେକ୍ଷଣ କରି ମହାକାଶସ୍ଥିତ ଗ୍ରହନକ୍ଷତ୍ରାଦିଙ୍କ ସ୍ଥିତି ଓ ଚଳନ ସମ୍ପର୍କରେ ଯେଉଁ ନିତ୍ୟ ନୂତନ ତଥ୍ୟ ପରିବେଷଣ କରିଯାଇଛନ୍ତି ତାହା ବିଶ୍ୱର ଜ୍ୟୋତିର୍ବିଜ୍ଞାନୀମାନଙ୍କୁ ସ୍ୱତଃ ବିସ୍ମିତ କରେ। ତାଙ୍କ ଆବିଷ୍କୃତ ମହାକାଶ ପର୍ଯ୍ୟବେକ୍ଷଣ ସମ୍ବନ୍ଧୀୟ ସମସ୍ତ ତଥ୍ୟ ସିଦ୍ଧାନ୍ତ ଦର୍ପଣରେ ଲିପିବଦ୍ଧ ହୋଇରହିଛି। 'ସିଦ୍ଧାନ୍ତ ଦର୍ପଣ' ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ପୃଥିବୀର ଏକ ଅଦ୍ୱିତୀୟ ଗ୍ରନ୍ଥ।

ଜ୍ୟୋତିଷ ଶାସ୍ତ୍ର ଦୁଇ ପ୍ରକାର। ଫଳିତ ଜ୍ୟୋତିଷ ଓ ଗଣିତ ଜ୍ୟୋତିଷ। ଜାତକରେ ଗ୍ରହମାନଙ୍କ ସ୍ଥିତି ଦେଖି ଯେଉଁ ଶୁଭାଶୁଭ ଫଳ ବିଚାର କରାଯାଏ ତାହା 'ଫଳିତ ଜ୍ୟୋତିଷ' ଓ ମହାକାଶସ୍ଥିତ ଗ୍ରହମାନଙ୍କର ସ୍ଥିତି ଓ ଗତିକୁ ଲକ୍ଷ୍ୟ କରି ସେମାନଙ୍କ ସମ୍ବନ୍ଧରେ ଯେଉଁ କଠିନତତ୍ତ୍ୱ ନିର୍ଣ୍ଣୟ କରାଯାଏ ତାହା 'ଗଣିତ ଜ୍ୟୋତିଷ' ଭାବରେ ଅଭିହିତ। ପଠାଣି ସାମନ୍ତ ଗଣିତ ଜ୍ୟୋତିଷ ଶିକ୍ଷା ପ୍ରତି ପ୍ରଥମରୁ ଆଗ୍ରହାନ୍ୱିତ ଥିଲେ। କାରଣ ତାଙ୍କ କକେଇ ଗଣିତ ଜ୍ୟୋତିଷ ବିଦ୍ୟାରେ ସାମାନ୍ୟ ଦକ୍ଷତା ହାସଲ କରିଥିଲେ। ସେ ପୂର୍ବରୁ ମହାକାଶରେ ଚିହ୍ନଟ କରିଥିବା କେତେକ ଗ୍ରହନକ୍ଷତ୍ର ସହ ପୁତୁରା ପଠାଣି ସାମନ୍ତଙ୍କୁ ପରିଚିତ କରାଇଦେଇଥିଲେ। ଦ୍ୱିତୀୟତଃ ତାଙ୍କ ଘରେ ଗଣିତ ଜ୍ୟୋତିଷ ସମ୍ପର୍କରେ 'ସୂର୍ଯ୍ୟ ସିଦ୍ଧାନ୍ତ' ଓ 'ସିଦ୍ଧାନ୍ତ ଶିରୋମଣି' ନାମରେ ଦୁଇଟି ସଂସ୍କୃତ ଗ୍ରନ୍ଥ ତାଳପତ୍ର ପୋଥି ଆକାରରେ ଥିଲା। ଫଳରେ ଗଣିତ ଜ୍ୟୋତିଷ ଶିକ୍ଷା ପାଇଁ ପଠାଣି ସାମନ୍ତଙ୍କ ପକ୍ଷେ କୌଣସି ଅସୁବିଧା ହେଲାନାହିଁ। ସେ ଦିନରେ ଗ୍ରନ୍ଥଦ୍ୱୟ ପାଠକରି ପ୍ରାଞ୍ଜଳ ଧାରଣା ଆହରଣପୂର୍ବକ ତଦନୁଯାୟୀ ରାତିରେ ମହାକାଶରୁ ଚାକ୍ଷୁସ ତଥ୍ୟ ସଂଗ୍ରହ କରିବାରେ ଲାଗିଲେ। ଏହି ମହାକାଶ ପର୍ଯ୍ୟବେକ୍ଷଣ ନିମନ୍ତେ ସେ ଦୁଇଟି ଯନ୍ତ୍ର ବ୍ୟବହାର କରୁଥିଲେ। ନିଜ ହାତରେ ବାଉଁଶନଳୀ ଦ୍ୱାରା ଏହି ଦୁଇଟିଯାକ ଯନ୍ତ୍ର ନିର୍ମାଣ କରିଥିଲେ। ଦୁଇଟି ଯନ୍ତ୍ରର ନାମ ହେଲା 'ସ୍ୱୟଂବହ ଯନ୍ତ୍ର' ଓ 'ମାନଯନ୍ତ୍ର'। ମହାକାଶ ପର୍ଯ୍ୟବେକ୍ଷଣ କାର୍ଯ୍ୟରେ ବର୍ଷ ବର୍ଷ ବିତାଇ ସେ ଯେଉଁସବୁ ତଥ୍ୟ ସଂଗ୍ରହ କଲେ, ସେସବୁକୁ ସଂସ୍କୃତ ଭାଷାରେ ତାଳପତ୍ରରେ ଲିପିବଦ୍ଧ କରି ତା'ର ନାମ ଦେଲେ 'ସିଦ୍ଧାନ୍ତ ଦର୍ପଣ'।



ଜୟନ୍ତୀ ଉପଲକ୍ଷେ

କୌଣସି ଏକ କାର୍ଯ୍ୟ ନେଇ ପଠାଣି ସାମନ୍ତ କଟକ ସହରକୁ ଆସି କିଛିଦିନ ସେଠାରେ ରହିଗଲେ। ସେ ଯେଉଁଠାରେ ବସାଘର ନେଇ ରହୁଥିଲେ, ସେହି ପାଖରେ ରହୁଥିଲେ ରେଭେନ୍‌ଶା କଲେଜର ପଦାର୍ଥ ବିଜ୍ଞାନ ଅଧ୍ୟାପକ ଯୋଗେଶ ଚନ୍ଦ୍ର ରାୟ। ସେ ଦେଖିଲେ କିଏ ଜଣେ ଲୋକ ଦୁଇଟି ନଳୀ ସାହାଯ୍ୟରେ ରାତିରେ ଆକାଶକୁ ଚାହିଁ କ'ଣ ସବୁ ଦେଖୁଛନ୍ତି। ଯୋଗେଶବାବୁଙ୍କ ମନରେ କୌତୂହଳ ଦେଖାଦେଲା। ପଠାଣି ସାମନ୍ତଙ୍କୁ ପାଖକୁ ଡାକି ତାଙ୍କଠାରୁ ସବୁ କଥା ଶୁଣି ବିଶେଷ ଆନନ୍ଦିତ ହେଲେ। ତାଙ୍କ ରଚିତ 'ସିଦ୍ଧାନ୍ତ ଦର୍ପଣ' ପାଠକରି ବିସ୍ମିତ ମଧ୍ୟ ହୋଇଗଲେ। ଓଡ଼ିଶାରେ ଯେ ଏପରି ବୈଜ୍ଞାନିକ ଅଛନ୍ତି, ତାହା ଥିଲା ତାଙ୍କ ଧାରଣା ବାହାରେ। ସେ ପଠାଣି ସାମନ୍ତଙ୍କୁ ମହାକାଶର ଗ୍ରହନକ୍ଷତ୍ରାଦି ବିଷୟରେ ବହୁ ଜଟିଳ ପ୍ରଶ୍ନ ପଚାରି ତା'ର ଠିକ୍ ଉତ୍ତର ସବୁ ପାଇଗଲେ। କ୍ରମେ ଯୋଗେଶବାବୁଙ୍କ ପାଇଁ ପଠାଣି ସାମନ୍ତଙ୍କ ନାଁ ସାରା ଭାରତବର୍ଷରେ ବିଦିତ ହୋଇ ଉଠିଲା। ୧୮୯୭ ମସିହାରେ ପଠାଣି ସାମନ୍ତ ଭାରତର ତତ୍କାଳୀନ ବଡଲାଟଙ୍କଠାରୁ 'ମହାମହୋପାଧ୍ୟାୟ' ଉପାଧି ପ୍ରାପ୍ତ ହେଲେ। ମାସିକ ପଚାଶ ଟଙ୍କା ବୃତ୍ତି ପାଇବା ପାଇଁ ମଧ୍ୟ ଯୋଗ୍ୟ ବିବେଚିତ ହେଲେ। ପଠାଣି ସାମନ୍ତ ଏକ ସୂର୍ଯ୍ୟଶଙ୍କୁ ଉଦ୍ଭାବନ କରିଥିଲେ। ସେହି ଶଙ୍କୁର ଛାୟା ସାହାଯ୍ୟରେ ଦିନରେ ସମୟ ନିରୂପିତ ହୁଏ। ଆଚାର୍ଯ୍ୟ ଯୋଗେଶ ଚନ୍ଦ୍ର ରାୟ କଟକ ରେଭେନ୍‌ଶା କଲେଜ ପ୍ରାଙ୍ଗଣରେ ଏହି ସୂର୍ଯ୍ୟଶଙ୍କୁକୁ ସ୍ଥାପନ କଲେ। ୧୮୯୯ ମସିହାରେ ଆଠମଲ୍ଲିକର ତତ୍କାଳୀନ ମହାରାଜା ମହେନ୍ଦ୍ର ଦେବଙ୍କ ଅର୍ଥାନୁକୂଲ୍ୟରେ ସିଦ୍ଧାନ୍ତ ଦର୍ପଣ ପ୍ରକାଶିତ ହେଲା। ଏହି ପୁସ୍ତକରେ ଯୋଗେଶବାବୁ ୬୬ ପୃଷ୍ଠାର ଏକ ଇଂରାଜୀ ଭୂମିକା ଓ ଦୁଇପୃଷ୍ଠାର ସଂସ୍କୃତ ଭୂମିକା ଲେଖିଲେ। ସିଦ୍ଧାନ୍ତ ଦର୍ପଣ ୩୫୦ ପୃଷ୍ଠା ବ୍ୟାପୀ ଏକ ସୁବୃହତ୍ ଗ୍ରନ୍ଥ। ଏଥିରେ ରହିଛି ୨୫୦୦ ଶ୍ଳୋକ। ତନ୍ମଧ୍ୟରୁ ୨୨୮୪ଟି ପଠାଣି ସାମନ୍ତଙ୍କ ନିଜସ୍ୱ ଶ୍ଳୋକ, ବାକି ୨୧୬ଟି ପ୍ରାଚୀନ ଜ୍ୟୋତିଷ ଗ୍ରନ୍ଥଗୁଡ଼ିକରୁ ଉଦ୍ଧୃତ।

ଯୋଗେଶବାବୁ ସିଦ୍ଧାନ୍ତ ଦର୍ପଣକୁ ଆମେରିକା, ଫ୍ରାନ୍ସ, ଜର୍ମାନ ଓ ଇଂଲଣ୍ଡ ଆଦି ବିଶ୍ୱର ସଭ୍ୟଶିକ୍ଷିତ ଦେଶଗୁଡ଼ିକୁ ପଠାଇଦେଲେ। ସବୁରି ମୁଖରେ ଏହି ଗ୍ରନ୍ଥର ଉଚ୍ଚ ପ୍ରଶଂସା ଗାନ ହେଲା। ଇଂଲଣ୍ଡରୁ ପ୍ରକାଶ ପାଉଥିବା 'ନେଚର' ନାମକ ପତ୍ରିକାରେ ସିଦ୍ଧାନ୍ତ ଦର୍ପଣ ଓ ପଠାଣି ସାମନ୍ତଙ୍କ ଉପରେ ଏକ ସୁଦୀର୍ଘ ପ୍ରବନ୍ଧ ପ୍ରକାଶ ପାଇଲା। ଏହି ଓଡ଼ିଆ ବୈଜ୍ଞାନିକ ସମଗ୍ର ବିଶ୍ୱରେ ହେଲେ ସୁପରିଚିତ।

୧୮୩୫ ମସିହା ଜାନୁୟାରୀ ୪ରେ ପୌଷ କୃଷ୍ଣାଷ୍ଟମୀ ତିଥିରେ ଖଣ୍ଡପଡ଼ା ରାଜବଂଶରେ ପଠାଣି ସାମନ୍ତ ଜନ୍ମଲାଭ କରିଥିଲେ। ପିତାଙ୍କ ନାମ ଶ୍ୟାମବନ୍ଧୁ ସିଂହ ଓ ମାତାଙ୍କ ନାମ ବିଷ୍ଣୁମାଳୀ ଦେବୀ। ସେ ଚନ୍ଦ୍ରଶେଖର ମହାଦେବଙ୍କ ପ୍ରସାଦରୁ ଜନ୍ମଲାଭ କରିଥିବା ହେତୁ ତାଙ୍କର ନାମ ଥିଲା 'ଚନ୍ଦ୍ରଶେଖର'। ହେଲେ ସେ ଅପର୍ତ୍ୟାଣୀ ଥିବାରୁ 'ପଠାଣି' ଥିଲା ତାଙ୍କର ଅପର୍ତ୍ୟାଣୀ ନାମ। ସେ ପଠାଣି ନାମରେ ହେଲେ ପରିଚିତ। ସାମନ୍ତ ତାଙ୍କର କୁଳ ସଂଜ୍ଞା ଥିବାରୁ ତାଙ୍କୁ ସମସ୍ତେ ପଠାଣି ସାମନ୍ତ ବୋଲି ଡାକୁଥିଲେ। ଏହି ଯୋଗଜନ୍ମା ପଠାଣି ସାମନ୍ତ ୧୯୦୪ ମସିହା ମେ ୧୧ରେ ପୁରୀ ଶ୍ରୀକ୍ଷେତ୍ରଠାରେ ଇହଲୀଳା ସମ୍ବରଣ କରିଥିଲେ। ହେଲେ ସେ ସ୍ୱରଚିତ ସିଦ୍ଧାନ୍ତ ଦର୍ପଣ ନିମନ୍ତେ ଚିରକାଳ ଅମର ହୋଇ ରହିବେ। ତାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଓଡ଼ିଶାର ରାଜଧାନୀ ଭୁବନେଶ୍ୱରଠାରେ 'ପଠାଣି ସାମନ୍ତ ପ୍ଲାନେଟାରିୟମ' ପ୍ରତିଷ୍ଠା ହୋଇଛି।

**ବରମୁଣ୍ଡା, ଭୁବନେଶ୍ୱର, ମୋ-୯୪୩୮୨୯୯୧୭୪**

## ଏଇ ଭାରତରେ

ଦିଆଯାଇଥିବା ଟାସ୍କ ନ କଲେ ସ୍କୁଲରେ ଛାତ୍ରଙ୍କୁ ଦଣ୍ଡବିଧାନ କରାଯାଏ। କିନ୍ତୁ ଏହି ଦଣ୍ଡ ଅତିରିକ୍ତ ଅଥବା ଅସହ୍ୟ ହେଲେ ତାହା ସମାଜ ଦୃଷ୍ଟିରେ ଗ୍ରହଣୀୟ ହୋଇ ନ ଥାଏ। ଆନ୍ଧ୍ରପ୍ରଦେଶର ଏକ ଘରୋଇ ସ୍କୁଲରେ ୩ ଜଣ ଛାତ୍ର ହୋମ୍‌ୱାର୍କ କରି ନ ଥିବାରୁ ଶିକ୍ଷୟିତ୍ରୀ ସେମାନଙ୍କୁ ଉଲଗ୍ନ କରି ବାହାରେ ଛିଡ଼ା କରାଇବା ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ତିରୁପତି ଅନ୍ତର୍ଗତ ପୁଙ୍ଗାନୁରସ୍ଥିତ ଏକ ବେସରକାରୀ ସ୍କୁଲ୍‌ରେ ଉକ୍ତ ୩ ଜଣ ଛାତ୍ର ଘରପାଠ କରି ଆସି ନ ଥିଲେ। ଏହି ଘଟଣାରେ ଶିକ୍ଷୟିତ୍ରୀ କ୍ରୋଧରେ ସେମାନଙ୍କୁ ଦଣ୍ଡବିଧାନ ସ୍ୱରୂପ ଗୁରୁବାର ଶ୍ରେଣୀ ବାହାରେ ଖରାରେ ଛିଡା କରାଇଥିଲେ। ଏପରି କି ପିଲାଙ୍କୁ ହାତ ଉପରକୁ ଟେକିବାକୁ କୁହାଯିବା ସହିତ ସେମାନଙ୍କୁ ଉଲଗ୍ନ କରିଦିଆଯାଇଥିଲା। ଏହି ଘଟଣା ସୋସିଆଲ ମିଡିଆରେ ଶେୟାର ହେବାପରେ ଜିଲା ପ୍ରଶାସନ ପକ୍ଷରୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷୟିତ୍ରୀ ଜଣକ ପିଲାଙ୍କୁ ଏପରି ଦଣ୍ଡ ଦେଇଥିବା ଜିଲା ଶିକ୍ଷା ବିଭାଗର ଜଣେ ଅଫିସର ସୂଚନା ଦେଇଛନ୍ତି। ଏହି ଘଟଣାରେ ଶିକ୍ଷୟିତ୍ରୀ ଦୋଷୀ ପ୍ରମାଣିତ ହେଲେ ଉକ୍ତ ସ୍କୁଲରୁ ସରକାରୀ ସ୍ୱୀକୃତି ପ୍ରତ୍ୟାହାର କରିନିଆଯିବ ବୋଲି ସୂଚନା ଦିଆଯାଇଛି। ପିଲାଙ୍କ ମାତାପିତାଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ଇଂଲିଶ ମିଡିୟମ୍ ସ୍କୁଲ୍ ବିରୋଧରେ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରଖିଛି।

### ଚିରନ୍ତନୀ

ନବୀନ ପୂଜକ ରୂପେ ଏ ଧରାର
ଥିଲ ଦିନେ ଧ୍ୟାନ
ଜନ୍ମିଥିଲ ଯେଣୁ ତା'ର ହୋଇ ଏକ
ପୂତ ଅବଦାନ।
(ପ୍ରାଚୀନ ଓ ନବୀନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

### ୨୫ ବର୍ଷ ତଳର ଧରିତ୍ରୀ

୨୯ ଡିସେମ୍ବର ୧୯୯୩

- ଆମେରିକାରୁ ଖାଦ୍ୟଶସ୍ୟ ଓ ତୈଳ କିଣିବା ପାଇଁ ଆମେରିକା ମରକ୍କୋକୁ ୧୫ ମିଲିୟନ ଡଲାର ଋଣ ଯୋଗାଇ ଦେଇଛି।
- ୱାଶିଂଟନଠାରେ ସ୍ୱାକ୍ଷରିତ ହୋଇଥିବା ପାଲେଷ୍ଟାଇନ-ଇସ୍ରାଏଲ ଶାନ୍ତି ରାଜିନାମାକୁ ଇଣ୍ଡୋନେସିଆର ସମର୍ଥନ।

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | B | | | | | | | | | | | | | A |
| 5 | | | | | | | | | A | 8 | 1 | | | E |
| | | 0 | | E | | | | | 7 | C | 3 | 6 | 8 | |
| 2 | | | | | | 7 | | | E | | 6 | | 9 | |
| C | | | | | | | 2 | | | 5 | | 4 | | D |
| D | | | | | 6 | | 4 | E | | A | | | 5 | 3 |
| | | | | 0 | 1 | | | | | | 5 | 9 | | B |
| | | | D | 2 | | | | | | 7 | | 8 | | C |
| 9 | | | | | | 8 | | | 0 | | B | D | | 2 |
| 8 | | | | | 4 | C | | 5 | 6 | | 9 | | 1 | |
| 4 | | | | | D | 5 | C | 9 | | 6 | | | | |
| | | | | A | | | | 4 | 3 | | | B | | |
| 0 | | 2 | | B | 9 | 3 | | | | 1 | | C | | |
| 7 | 5 | | 1 | | C | | | | | | | | | 4 |
| 6 | 8 | | | | | A | B | | | 9 | | | | 1 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | B | 8 | 9 | D | 2 | A | C | 1 | 0 | 5 | 3 | 7 | 6 | 4 |
| 4 | C | 5 | 6 | 3 | E | B | 0 | 7 | 2 | 1 | A | D | 9 | 8 |
| 6 | 9 | 0 | 1 | 7 | A | E | 4 | 5 | 8 | D | B | 3 | C | 2 |
| 2 | 7 | A | C | 4 | 5 | D | 3 | 8 | 6 | 9 | E | 0 | 1 | B |
| 3 | D | 1 | B | 8 | 0 | 2 | 9 | 6 | C | 7 | 4 | A | E | 5 |
| C | 5 | E | 4 | B | 8 | 6 | 2 | D | A | 3 | 1 | 9 | 7 | 0 |
| 7 | 8 | 3 | A | 1 | 6 | 9 | 5 | B | E | 4 | 0 | 2 | D | C |
| A | 0 | 6 | 2 | 5 | D | 7 | E | C | B | 8 | 9 | 1 | 4 | 3 |
| D | 1 | 2 | 3 | C | 9 | 4 | 8 | 0 | 5 | 6 | 7 | B | A | E |
| B | 4 | 9 | E | 0 | 7 | 1 | A | 3 | D | 2 | C | 8 | 5 | 6 |
| 9 | A | B | 5 | 2 | C | 3 | D | 4 | 7 | E | 8 | 6 | 0 | 1 |
| 0 | 6 | 7 | 8 | E | 4 | C | 1 | A | 3 | B | D | 5 | 2 | 9 |
| 1 | 2 | 4 | 0 | 6 | B | 8 | 7 | E | 9 | A | 5 | C | 3 | D |
| 5 | 3 | D | 7 | 9 | 1 | 0 | B | 2 | 4 | C | 6 | E | 8 | A |
| 8 | E | C | D | A | 3 | 5 | 6 | 9 | 1 | 0 | 2 | 4 | B | 7 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ନକଲି ପନିର

ମହାଶୟ,

ମାନେକା ଗାନ୍ଧୀଙ୍କ ପ୍ରବନ୍ଧ 'ନକଲି ପନିର' ପଢ଼ିଲା ପରେ ଆଖିରୁ ଲୁହ ବହିବାକୁ ଲାଗିଲା। ନିରାମିଷ ଲୋକଙ୍କ ପୁଷ୍ଟିସାରର ବିକଳ୍ପ ଏହି ପନିର ଏବେ ଆଉ ଖାଇହେବନି। ଏଥିରେ ଜାଣତ ଓ ଅଜାଣତରେ ବହୁ ବ୍ୟକ୍ତି ଆକ୍ରାନ୍ତ ହେବେ। ପଲିଥିନ ଜରିକୁ ବାରଣ କରିବା ସହଜ କିନ୍ତୁ ଏହି ପନିରର ଆଭ୍ୟନ୍ତରୀଣ ବ୍ୟାପାର, ଅପମିଶ୍ରଣ ଉପରେ ଆଧାରିତ ୧୯୮୦-୯୦ ଦଶକର ଏକ ସିନେମା 'ମିଷ୍ଟର ଇଣ୍ଡିଆ'ରେ ନାୟକ ଅନିଲ କପୁର ଗୋଟିଏ ସୁନ୍ଦର ବାର୍ତ୍ତା ଦେଇଥିଲେ ଖାଦ୍ୟ ଅପମିଶ୍ରଣକାରୀଙ୍କୁ। ହାତରେ ନ ମାରି ଭାତରେ ମାରିବା ନ୍ୟାୟରେ କିଛି ଲାଭ ଓ ଲୋଭ ପାଇଁ ଏମାନେ ଏହା କରି ଚାଲିଛନ୍ତି। ବାସ୍ତବରେ ଏହା ଆତଙ୍କବାଦୀ କାର୍ଯ୍ୟକଳାପଠାରୁ ଅନେକଗୁଣରେ ଭୟଙ୍କର।

ଡି. ଲକ୍ଷ୍ମୀନାରାୟଣ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବୁର୍ଲା, ସମ୍ବଲପୁର

### ସମସ୍ତେ ଉପଲବ୍ଧି କରନ୍ତୁ

ଖାଲି ହିନ୍ଦୁ କି ଓଡ଼ିଶାବାସୀ ନୁହନ୍ତି, ସମସ୍ତଙ୍କ ପାଇଁ ଜଗନ୍ନାଥ ଆରାଧ୍ୟ ଦେବତା। ତାଙ୍କୁ ସମ୍ମୁଖରେ ଯେତେ ଦେଖିଲେ ମଧ୍ୟ ଆଖିର ତୃଷ୍ଣା ମେଣ୍ଟିପାରେନି। ତେଣୁ ଧାଡ଼ି ଦର୍ଶନ ଆଜି ଭକ୍ତଙ୍କୁ ବିଷମ ଜଣାପଡୁଛି। ସେବକଙ୍କ ପାଇଁ ସେ ରୋଜଗାରର ଓ ନେତାଙ୍କ ପାଇଁ ରାଜନୀତି କରିବାର ଠାକୁର। ହେଲେ ନୀରବ ଦର୍ଶକ ସାଜିଥିବା ଠାକୁର ନୀତିଭ୍ରଷ୍ଟ କାମ କରୁଥିବା ବ୍ୟକ୍ତିଙ୍କୁ କେବେ କ୍ଷମା ଦେବେନି। ସମସ୍ତେ ଏହା ଉପଲବ୍ଧି କରିବା ଉଚିତ।

ଗନ୍ଧର୍ବ ଜେନା, ଡେଲାଙ୍ଗ, ପୁରୀ

### ବାଲୁଙ୍ଗା, ବାଇଡଙ୍କ ଓ ବିଛୁଆତି

ଧାନବିଲରୁ ବାଲୁଙ୍ଗା ଓ ବାଡ଼ିରୁ ବାଇଡ଼ଙ୍କ ଓ ବିଛୁଆତି ପ୍ରାୟ ଲୋପ ପାଇଗଲାଣି। ଲୋକେ ଛି ଛି କହି ମୂଳ ଉପାଡ଼ି ଦେଉଥିବାରୁ ଫଳ ପର୍ଯ୍ୟନ୍ତ କଥା ଯାଉନାହିଁ। ଚଗଲା ଓ ଦୁଷ୍ଟ ପିଲାଙ୍କୁ ଆମେ ଅନେକ ସମୟରେ ଖୁସିରେ କିମ୍ବା ରାଗରେ ଏହି ନାମରେ ଡାକିଥାଉ। ଜୀବନର ଚଲାପଥରେ ଏହି ବୃକ୍ଷ ପାଇଁ ଚାଷୀ ଭୋଗୁଥିବା ଯନ୍ତ୍ରଣାରୁ ମଧ୍ୟ ମୁକ୍ତି ପାଇଗଲା। ଆଗକୁ ଗଛ ନ ରହିଲେ ବି ମଣିଷର ଭାଷା ବ୍ୟବହାରରେ ଆସୁଥିବ ଏହି ଗଛର ନାମ।

ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ସିପିଇସି ଏକ ଦ୍ୱିପାକ୍ଷିକ ଅର୍ଥନୈତିକ ପ୍ରକଳ୍ପ। ଏହାର କୌଣସି ସାମରିକ ଦିଗ ନାହିଁ।
-ମହମ୍ମଦ ଫୈଜାଲ, ପାକିସ୍ତାନ ବହିର୍ବ୍ୟାପାର ମୁଖପାତ୍ର

## ସଂକ୍ଷେପରେ

### ଆଇସ୍‌ଲାଣ୍ଡ ଦୁର୍ଘଟଣାରେ ୩ ଭାରତୀୟଙ୍କ ମୃତ୍ୟୁ



**ଲଣ୍ଡନ,୨୮।୧୨(ପି.ଟି.):** ଆଇସ୍‌ଲାଣ୍ଡରେ ଏକ ଏସ୍‌ୟୁଭି ଦୁର୍ଘଟଣାରେ ୩ ଭାରତୀୟ ବଂଶୋଦ୍ଭବଙ୍କର ମୃତ୍ୟୁ ହୋଇଛି। ବ୍ରିଟେନରେ ରହୁଥିବା ଏକ ଭାରତୀୟ ପରିବାରର ୭ ଜଣ ସଦସ୍ୟ ଟୟୋଟା ଲ୍ୟାଣ୍ଡ କ୍ରୁଇଜର ଭଡାରେ ନେଇ ଛୁଟି କଟାଇବାକୁ ନୋର୍‌ଡିକ ଦ୍ୱୀପକୁ ଯାଇଥିବାବେଳେ ଏକ ବ୍ରିଜ୍‌ରେ ଧକ୍କା ହୋଇଥିଲା। ଦୁର୍ଘଟଣାରେ ୨ ମହିଳା ଏବଂ ଜଣେ ପିଲାର ମୃତ୍ୟୁ ଘଟିଛି। ଅନ୍ୟ ୪ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବିମାନ ଯୋଗେ ଆଇସଲାଣ୍ଡ ରାଜଧାନୀ ରିକଜାଭିକରେ ଥିବା ଏକ ହସ୍ପିଟାଲକୁ ନିଆଯାଇଛି। ଭାରତୀୟ ରାଷ୍ଟ୍ରଦୂତ ଟି. ଆର୍ମଷ୍ଟ୍ରଙ୍ଗ ଚାଙ୍ଗସନ୍ ଲ୍ୟାଣ୍ଡସ ହସ୍ପିଟାଲ ଯାଇ ଆହତମାନଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ।

### ଆମେରିକା, କେନିଆକୁ ଶିଶୁ ଚାଲାଣ ମାମଲା ରୁଜୁ କଲା ସିବିଆଇ

**ନୂଆଦିଲ୍ଲୀ,୨୮।୧୨(ପି.ଟି.):** ଆମେରିକା ଓ କେନିଆକୁ ବେଆଇନ ଭାବେ ମହିଳା ଓ ଶିଶୁ ଚାଲାଣ ହେଉଥିବା ନେଇ ସିବିଆଇ ପକ୍ଷରୁ ଦୁଇଟି ପୃଥକ ମାମଲା ରୁଜୁ ହୋଇଛି। ଗତବର୍ଷ ଅଗଷ୍ଟରେ ଗଗନ ଗୁପ୍ତା ନାମ୍ନୀ ମହିଳା ୪ ଜଣ ପିଲାଙ୍କୁ ପଞ୍ଜାବ ସହିଦ ଭଗତ ସିଂ ନଗର ଜିଲାର ସେଣ୍ଟ ଜୋଶେଫ କନଭେଣ୍ଟ ଛାତ୍ର ପରିଚୟ ଦେଇ ଆମେରିକା ଚାଲାଣ ଉଦ୍ୟମ କରୁଥିବାବେଳେ ଧରାପଡିଥିଲେ । ସେମାନଙ୍କଠାରୁ ଛାତ୍ର ପାସପୋର୍ଟ ଜବତ ହୋଇଥିଲା। ତେବେ ପାସପୋର୍ଟ ଫଟୋ ସହ ପିଲାଙ୍କ ଫଟୋ ମେଳ ନ ଖାଇବାରୁ ସେମାନଙ୍କୁ ବିମାନ କର୍ମଚାରୀ ଅଟକ ରଖିଥିଲେ। ଆମେରିକା ଦୂତାବାସର ଅଭିଯୋଗ କ୍ରମେ ସିବିଆଇ ମାମଲା ରୁଜୁ କରିଛି। ସେହିପରି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଅଭିଯୋଗ କ୍ରମେ ଦ୍ୱିତୀୟ ମାମଲା ରୁଜୁ ହୋଇଛି। ତିନି ଜଣ ଯୁବତୀଙ୍କୁ ଚାକିରି କରାଇଦେବା ପ୍ରତିଶ୍ରୁତି ଦେଇ ମୋମ୍ବାସା ନିଆଯାଇ ସେଠାରେ ଦେହ ବ୍ୟବସାୟରେ ନିୟୋଜିତ କରାଯାଇଥିବାବେଳେ ନାଇରୋବିରେ ଥିବା ଭାରତୀୟ ଦୂତାବାସ ସେମାନଙ୍କୁ ଉଦ୍ଧାର କରିଥିଲା।

### ୩ ମୁଣ୍ଡବିହୀନ ମୃତଦେହ ଉଦ୍ଧାର

**ଭିୱାନି,୨୮।୧୨(ପି.ଟି.):** ହରିୟାଣାର ଭିୱାନି ଜିଲାରୁ ଶୁକ୍ରବାର ୩ଟି ମୁଣ୍ଡବିହୀନ ମୃତଦେହ ଉଦ୍ଧାର କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ୩୨ ବର୍ଷୀୟା ମହିଳା, ଜଣେ ନାବାଳିକା ଓ ଦେଢ଼ ବର୍ଷର ଶିଶୁ ଅଛନ୍ତି। ଖରକ ଗ୍ରାମ ନିକଟ ରୋହତକ-ଭିୱାନି ରାସ୍ତା ପାର୍ଶ୍ୱରୁ ପୋଲିସ ଉକ୍ତ ଶବ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ମୁଣ୍ଡ ନ ଥିବାରୁ ମୃତକଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ହରିୟାଣା ପୋଲିସ ଦିଲ୍ଲୀ, ରାଜସ୍ଥାନ ଓ ପଞ୍ଜାବ ପୋଲିସକୁ ନିଖୋଜ ବ୍ୟକ୍ତିଙ୍କ ସମ୍ପର୍କରେ ରିପୋର୍ଟ ମାଗିଛି।

### [ଇତିହାସର ଆଇନାରେ]

### ଡିସେମ୍ବର ୨୯ର ପ୍ରମୁଖ ଘଟଣା

୨୦୧୩ ଡିସେମ୍ବର ୨୯ରେ ଦକ୍ଷିଣ ରୁଷୀୟ ନଗରୀ ଭୋଲ୍‌ଗୋଗ୍ରାଡସ୍ଥିତ ରେଳଷ୍ଟେଶନ୍‌ରେ ଆତ୍ମଘାତୀ ବୋମା ବିସ୍ଫୋରଣ ଯୋଗୁ ୧୮ଲୋକ ମୃତ୍ୟୁବରଣ କରିବା ସହିତ ୪୦ଜଣ ଆହତ ହୋଇଥିଲେ। ଭୋଲ୍‌ଗୋଗ୍ରାଡ-ଗ୍ଲାଭନି ରୁଷିଆର ଏକ ବୃହତ୍ ଜଙ୍କସନ୍ ରେଳଷ୍ଟେଶନ୍। ଏହା ନଗରୀର କେନ୍ଦ୍ରଭାଗରେ ଅବସ୍ଥିତ। ବହୁ ଦୂରଗାମୀ ଏବଂ ସହରତଳି ଟ୍ରେନ୍‌ଗୁଡିକର ଏହା ରହଣିସ୍ଥଳ।

୧୯୯୮ ଡିସେମ୍ବର ୨୯ରେ ଖେମର ରଗ୍ ନେତାମାନେ ୧୯୭୦ କାମ୍ବୋଡିଆ ନରହତ୍ୟା ପାଇଁ ନିଜକୁ ଦାୟୀ କରିଥିଲେ। ଏହି ଘଟଣାରେ ପ୍ରାୟ ୧୦ଲକ୍ଷ ଲୋକଙ୍କ ମୃତ୍ୟୁ ଘଟିଥିଲା। ଜେନୋସାଇଡ୍ ବା ନରହତ୍ୟା ହେଉଛି କୌଣସି ଏକ ଗୋଷ୍ଠୀ (ଏକ ଧର୍ମ, ଏକ ରାଷ୍ଟ୍ର, ଏକ ଜାତି)ର ଲୋକଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ସମୂହ କିମ୍ବା ଆଂଶିକ ଭାବରେ ହତ୍ୟା କରିବା। ଜେନୋସାଇଡ୍ ଏକ ଯୁଗ୍ମ ଶବ୍ଦ। ଏହା ଗ୍ରୀକ୍ ଓ ଲାଟିନ୍ ଶବ୍ଦର ମିଶ୍ରଣ।

# ବିବାଦରେ ବାୟୋପିକ୍

୨୦୧୯ ଜାନୁୟାରୀରେ ସିଲ୍‌ଭର ସ୍କ୍ରିନ୍‌ରେ ପ୍ରଦର୍ଶିତ ହେବାକୁ ଯାଉଛି ଦୁଇ ଦୁଇଟି ବହୁଚର୍ଚ୍ଚିତ ହିନ୍ଦୀ ସିନେମା। ଗୋଟିଏ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ନେଇ ଗତିଶୀଳ ହୋଇଥିବାବେଳେ ଅନ୍ୟଟି ଶିବସେନାର ପୂର୍ବତନ ସୁପ୍ରିମୋ ବାଲାସାହେବ ଠାକ୍‌ରେଙ୍କ ଜୀବନୀ ଉପରେ ଆଧାରିତ। ନୂଆବର୍ଷ ପୂର୍ବରୁ ଉଭୟ ଫିଲ୍ମକୁ ନେଇ ବିବାଦ ମୁଣ୍ଡ ଟେକିଛି। ମନମୋହନ ସିଂଙ୍କୁ ନେଇ ନିର୍ମିତ ଫିଲ୍ମ 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର' ଗାନ୍ଧୀ ପରିବାର ବିରୋଧରେ ଅପପ୍ରଚାର ପାଇଁ ଭାଜପାର ଏକ ବିଧିବଦ୍ଧ ଯୋଜନା ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ସେହିପରି ବାଲ୍ ଠାକ୍‌ରେଙ୍କ ବାୟୋପିକ୍ 'ଠାକ୍‌ରେ'ର ଟ୍ରେଲର ରିଲିଜ୍ ହେବା ପରେ ଏଥିରେ ଥିବା କେତେକ ସଂଳାପକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଉଭୟ ଫିଲ୍ମର ସପକ୍ଷବାଦୀ ଓ ବିପକ୍ଷବାଦୀଙ୍କ ଆରୋପ ପ୍ରତ୍ୟାରୋପ ମଧ୍ୟରେ ଜାତୀୟ ରାଜନୀତି ସରଗରମ ହୋଇଛି।

## 'ଠାକ୍‌ରେ' ସଂଳାପକୁ ନେଇ ଆପତ୍ତି



**ମୁମ୍ବାଇ,୨୮।୧୨:** ବାଲ୍ କେଶବ ଠାକ୍‌ରେ ଥିଲେ ମହାରାଷ୍ଟ୍ରର ମୁକୁଟବିହୀନ ସମ୍ରାଟ। ସେ କେବେ କ୍ଷମତାରେ ନ ଥିଲେ, ହେଲେ ୩ ଦଶନ୍ଧି ଧରି କ୍ଷମତା ତାଙ୍କ ଅଧୀନରେ ଥିଲା। ଶିବସେନା ପ୍ରତିଷ୍ଠାତା ବାଲ୍ ଠାକ୍‌ରେଙ୍କ ଜୀବନ କାହାଣୀ ଉପରେ ପର୍ଯ୍ୟବସିତ 'ଠାକ୍‌ରେ' ଜାନୁୟାରୀ ୨୫ରେ ହିନ୍ଦୀ ଓ ମରାଠୀ ଭାଷାରେ ମୁକ୍ତିଲାଭ କରିବ। ଏଥିରେ ନୱାଜୁଦ୍ଦିନ ସିଦ୍ଦିକି ମୁଖ୍ୟ ଚରିତ୍ରରେ ନିଖୁଣ ଅଭିନୟ କରିଥିବା ଦୁଇଦିନ ତଳେ ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେଙ୍କ ଉପସ୍ଥିତିରେ ଜାରି ଫିଲ୍ମର ଟ୍ରେଲରରୁ ସ୍ପଷ୍ଟ ହୋଇଛି। ତେବେ ଏହି ବାୟୋପିକ୍‌ରେ କେତେକ ଉତ୍ତେଜକ ସଂଳାପ ରହିଥିବା ନେଇ ବିବାଦ ଉଠିଛି। 'ଆମକୁ ଏକ ସଂଘର୍ଷ ଆରମ୍ଭ କରିବାକୁ ହେବ' ହେଉଛି ତନ୍ମଧ୍ୟରୁ ଅନ୍ୟତମ। ସେହିପରି ଦକ୍ଷିଣ ଭାରତୀୟଙ୍କ ବିରୋଧରେ କେତେକ ଘୃଣା ମନ୍ତବ୍ୟ ମଧ୍ୟ ଏଥିରେ ରହିଥିବା କୁହାଯାଉଛି। ତେଣୁ ଅଭିଜିତ ପାନ୍‌ସେଙ୍କ ନିର୍ଦ୍ଦେଶିତ 'ଠାକ୍‌ରେ' ମୁକ୍ତିଲାଭ କରିବା ପୂର୍ବରୁ ବିବାଦ ଘେରକୁ ଆସିଛି। ଅନ୍ୟପକ୍ଷରେ କେନ୍ଦ୍ରୀୟ ଫିଲ୍ମ ସାର୍ଟିଫିକେଶନ୍ ବୋର୍ଡ ବା ସେନ୍‌ସର ବୋର୍ଡ ଏହି ଫିଲ୍ମର କେତେକ ବିବାଦୀୟ ଅଂଶକୁ ବାଦ୍ ଦେବା ପାଇଁ ପ୍ରଯୋଜକଙ୍କୁ ନିର୍ଦ୍ଦେଶ ଦେଇଥିବା କୁହାଯାଉଛି। ତେବେ ସେନ୍‌ସର ବୋର୍ଡ ଏଭଳି ରିପୋର୍ଟକୁ ଗୁଜବ ଆଖ୍ୟାଦେଇ ଖଣ୍ଡନ କରିଛି। 'ଠାକ୍‌ରେ'ର କାହାଣୀ ଲେଖିଥିବା ଶିବସେନା ଏମ୍‌ପି ସଞ୍ଜୟ ରାଉତ୍ କହିଛନ୍ତି, ଶିବସେନା ପ୍ରମୁଖଙ୍କ ଜୀବନୀକୁ ନିଚ୍ଛକ ଭାବେ ଏଥିରେ ଚିତ୍ରଣ କରାଯାଇଛି। ଏହି ଫିଲ୍ମ ଉପରେ କେହି କଟକଣା ଜାରି କରିପାରିବେ ନାହିଁ।

## କଂଗ୍ରେସ ବାରିଲା ଷଡ଼ଯନ୍ତ୍ର ଗନ୍ଧ

ନୂଆଦିଲ୍ଲୀ,୨୮।୧୨



ବିଜୟ ରତ୍ନାକର ଗୁଟ୍ଟେଙ୍କ ଦ୍ୱାରା ନିର୍ଦ୍ଦେଶିତ ତଥା ଅନୁପମ ଖେରଙ୍କ ଅଭିନୀତ 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର'ରେ ଷଡ଼ଯନ୍ତ୍ରର ଗନ୍ଧ ବାରିଛି କଂଗ୍ରେସ। ଗାନ୍ଧୀ ପରିବାର ଓ କଂଗ୍ରେସ ନେତାଙ୍କ ବିରୋଧରେ ଅପପ୍ରଚାର ଚଳାଇବା ପାଇଁ ଭାଜପା ପକ୍ଷରୁ ଏହା ଏକ ଚକ୍ରାନ୍ତ ବୋଲି ଶୁକ୍ରବାର ପୁରାତନ ଦଳ ପକ୍ଷରୁ ଅଭିଯୋଗ ଅଣାଯାଇଛି।

ମୁମ୍ବାଇରେ ଗୁରୁବାର 'ଦି ଆକ୍ସିଡେଣ୍ଟାଲ ପ୍ରାଇମ୍ ମିନିଷ୍ଟର'ର ଟ୍ରେଲର ରିଲିଜ୍ ହୋଇଛି। ଏଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କୁ ଜଣେ ନିରୀହ ରାଜନେତା ଭାବେ ଚିତ୍ରଣ କରାଯାଇଛି। ମନମୋହନଙ୍କ ତତ୍କାଳୀନ (୨୦୦୪-୨୦୦୮) ମିଡିଆ ଉପଦେଷ୍ଟା ସଞ୍ଜୟ ବାରୁଙ୍କ ଦ୍ୱାରା ଲିଖିତ ପୁସ୍ତକ ଉପରେ ଏହି ଫିଲ୍ମ ଗତିଶୀଳ ହୋଇଛି। ଉପା ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କ ପ୍ରତିଟି କଥାରେ ପରିଚାଳିତ ହେଉଥିବା ଏକ ହାତକଣ୍ଢେଇ ଭାବେ ମନମୋହନଙ୍କୁ ଦର୍ଶାଯାଇଛି। ସେହିପରି ସୋନିଆ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ପୁଅ ରାହୁଲ ଗାନ୍ଧୀଙ୍କ ସ୍ୱାର୍ଥରକ୍ଷା ପାଇଁ ମନମୋହନଙ୍କୁ କିପରି ବ୍ୟବହାର କରୁଛନ୍ତି ତାକୁ ନେଇ ଅନେକ ଦୃଷ୍ଟାନ୍ତ ଏହି ଫିଲ୍ମରେ ରହିଛି। ସିନେମାଟି ଜାନୁୟାରୀ ୧୧ରେ ମୁକ୍ତିଲାଭ କରିବାକୁ ଥିବାବେଳେ ଏହାର କଥାବସ୍ତୁକୁ ନେଇ କଂଗ୍ରେସ ଆପତ୍ତି ଉଠାଇଛି। କଂଗ୍ରେସ ମୁଖପାତ୍ର ରଣଦୀପ ସୁର୍ଜେୱାଲା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସରକାର ସବୁ ଦିଗରୁ ବିଫଳ ହେବା ପରେ ଲୋକଙ୍କ ଧ୍ୟାନ ହଟାଇବା ପାଇଁ ଏଭଳି ଅପପ୍ରଚାରର ଆଶ୍ରୟ ନେଇଛନ୍ତି। ସେହିପରି ଏନ୍‌ଡିଏର ଏଭଳି ଉଦ୍ୟମ ସଫଳ ହେବ ନାହିଁ। ସତ ପଦାକୁ ଆସିବ ବୋଲି ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍ କହିଛନ୍ତି। ସବୁ କ୍ଷେତ୍ରରେ ବିଫଳ ଭାଜପା ସରକାର କୁଶାସନକୁ ନେଇ ଲୋକଙ୍କ ପ୍ରଶ୍ନର ଉତ୍ତର ଏଡାଇବାକୁ ଯାଇ ଏହି ଫିଲ୍ମ ତିଆରି କରାଇଥିବା ଅଭିଯୋଗ ଆଣିଛନ୍ତି ବରିଷ୍ଠ କଂଗ୍ରେସ ନେତା ପି.ଏଲ୍. ପୁନିଆ। 'ଦି ଇନ୍‌ସେନ୍‌ସିଟିଭ୍ ପ୍ରାଇମ୍ ମିନିଷ୍ଟର' ବା ଅସମ୍ବେଦଶୀଳ ପ୍ରଧାନମନ୍ତ୍ରୀ ଶୀର୍ଷକ ଫିଲ୍ମ କେବେ ନିର୍ମାଣ ହେବ ସେତେବେଳ ଯାଏ ଅପେକ୍ଷା କରିହେବ ନାହିଁ ବୋଲି ମୋଦିଙ୍କୁ ଇଙ୍ଗିତ କରି ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା ଟୁଇଟ୍ କରିଛନ୍ତି। ଅନ୍ୟପକ୍ଷରେ ଗଣମାଧ୍ୟମ ପ୍ରତିନିଧିମାନେ ଶୁକ୍ରବାର ଫିଲ୍ମକୁ ନେଇ ମନମୋହନଙ୍କ ପ୍ରତିକ୍ରିୟା ଜାଣିବାକୁ ଚାହିଁବାରୁ ସେ ଏନେଇ ଉତ୍ତର ଦେବାକୁ ଏଡ଼ାଇଯାଇଛନ୍ତି।

ଏହି ଫିଲ୍ମକୁ କଂଗ୍ରେସ ଶାସିତ ମଧ୍ୟପ୍ରଦେଶ(ଏମ୍‌ପି)ରେ ନିଷେଧ କରାଯାଇଛି ବୋଲି ହେଉଥିବା ଚର୍ଚ୍ଚାକୁ ଦଳ ଖଣ୍ଡନ କରିଛି। ଏହା ଭାଜପା ପକ୍ଷରୁ ଚାଲିଥିବା ଏକ ଅପପ୍ରଚାର ବୋଲି ରାଜ୍ୟର ଲୋକସମ୍ପର୍କ ବିଭାଗ ଟୁଇଟ୍ କରିଛି। ଫିଲ୍ମକୁ ନେଇ ଭାଜପା ନେତାମାନଙ୍କ ମନ୍ତବ୍ୟ ବିବାଦୀୟ ସ୍ଥିତି ସୃଷ୍ଟି କରିଛି। କେନ୍ଦ୍ରମନ୍ତ୍ରୀ ରାଜ୍ୟବର୍ଦ୍ଧନ ସିଂ ରାଠୋର୍ କହିଛନ୍ତି, ଏକ ଫିଲ୍ମକୁ ଶୁଭେଚ୍ଛା ଜଣାଇବା ଭଳି ସ୍ୱାଧୀନତା କ'ଣ ତାଙ୍କ ଦଳରେ ନାହିଁ। ସେପଟେ ଅଭିନେତା ଅନୁପମ ଖେର୍ ଏହାକୁ ତାଙ୍କ ଜୀବନର ସର୍ବୋତ୍ତମ ସିନେମା ବୋଲି ଅଭିହିତ କରି ସେ ପଛଘୁଞ୍ଚା ଦେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

### 'ଦି ଆକ୍ସିଡେଣ୍ଟାଲ ପିଏମ୍' ଉପରେ କଟକଣାକୁ ଖଣ୍ଡନ କଲେ ଏମ୍‌ପି ସରକାର

## 'ତିନି ତଲାକ୍ ବିଲ୍‌କୁ ରାଜ୍ୟ ସଭାରେ ସମର୍ଥନ ମିଳିବ'



ନୂଆଦିଲ୍ଲୀ,୨୮।୧୨(ପି.ଟି.)

ତତ୍କାଳ ତିନି ତଲାକକୁ ଅପରାଧ ବିବେଚିତ କରାଯାଇଥିବା ମୁସଲମାନ ମହିଳା ବିବାହ ଅଧିକାର ସୁରକ୍ଷା ବିଲ୍, ୨୦୧୮କୁ ରାଜ୍ୟ ସଭାରେ ସମର୍ଥନ ମିଳିବ ବୋଲି ସରକାର ଆଶାବ୍ୟକ୍ତ କରିଛନ୍ତି। ବିଲ୍‌କୁ ଆଇନରେ ପରିଣତ କରିବାକୁ ହେଲେ ରାଜ୍ୟ ସଭାର ଅନୁମୋଦନ ଜରୁରୀ। ଗୁରୁବାର ଦ୍ୱିତୀୟ ଥର ଲାଗି ଏହି ବିଲ୍ ଲୋକ ସଭାରେ ଗୃହୀତ ହୋଇଥିଲା। ପ୍ରସଙ୍ଗର ସମ୍ବେଦନଶୀଳତା ଦୃଷ୍ଟିରୁ ଏହା ରାଜ୍ୟ ସଭାରେ ସମର୍ଥନ ହାସଲ କରିବା ବିଶ୍ୱାସ କରାଯାଉଛି ବୋଲି ଆଇନମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି। ତିନି ତଲାକ୍‌ର ଶିକାର ହେଉଥିବା ମହିଳାମାନଙ୍କୁ ନ୍ୟାୟ ଦେବା ଲାଗି ଏହି ବିଲ୍ ଉଦ୍ଦିଷ୍ଟ ହୋଇଥିବାରୁ ଏହାକୁ ରାଜନୈତିକ ବିରୋଧ କରାଯିବା ଉଚିତ ନୁହେଁ ବୋଲି ସେ କହିଥିଲେ। ରାଜ୍ୟ ସଭାରେ ସରକାରଙ୍କର ସଂଖ୍ୟାଗରିଷ୍ଠତା ନ ଥିବାରୁ ବିଲ୍ ଗୃହୀତ କରାଇବା କଷ୍ଟକର ହେବ ବୋଲି କୁହାଯାଉଛି।

## ରିୟଲ ଇଷ୍ଟେଟ କମ୍ପାନୀ ସମ୍ପତ୍ତି ବାଜ୍ୟାପ୍ତ

ନୂଆଦିଲ୍ଲୀ,୨୮।୧୨(ପି.ଟି.)

ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୁପିନ୍ଦର ସିଂ ହୁଡା ସମ୍ପୃକ୍ତ ଥିବା ମାନେସାର ଜମି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) କାର୍ଯ୍ୟାନୁଷ୍ଠାନ ନେଇଛି। ଏବିଡବ୍ଲ୍ୟୁ ଇନ୍‌ଫ୍ରାଷ୍ଟ୍ରକ୍ଚର ଲିଃ ବେଆଇନ ଭାବେ କୃଷକଙ୍କ ଜମିକୁ ହାତେଇଥିବା ଅଭିଯୋଗରେ ଉକ୍ତ ରିୟଲ ଇଷ୍ଟେଟ କମ୍ପାନୀର ୪୨ କୋଟି ଟଙ୍କାର ସମ୍ପତ୍ତିକୁ ଇଡି ଜବତ କରିଛି। ମନିଲଣ୍ଡରିଂ ମାମଲରେ ଉକ୍ତ କମ୍ପାନୀ ସମ୍ପୃକ୍ତ।

## ଭୁଟାନକୁ ୪୫୦୦ କୋଟି ଦେବ ଭାରତ

ନୂଆଦିଲ୍ଲୀ,୨୮।୧୨(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଭୁଟାନ ପ୍ରତିପକ୍ଷ ଲୋଟୟ ଶେରିଙ୍ଗ।

ଭୁଟାନକୁ ଭାରତ ୪୫୦୦ କୋଟି ଟଙ୍କାର ସହାୟତା ଯୋଗାଇଦେବ। ଭାରତ ଗସ୍ତରେ ଆସିଥିବା ଭୁଟାନ ପ୍ରତିପକ୍ଷ ଲୋଟୟ ଶେରିଙ୍ଗଙ୍କ ସହ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ପରେ ଏହି ଘୋଷଣା କରିଛନ୍ତି। ଭୁଟାନରେ ଭାରତ ସହାୟତାରେ ନିର୍ମିତ ମାଙ୍ଗଡେଚ୍ଛୁ ଜଳବିଦ୍ୟୁତ ପ୍ରକଳ୍ପ ଶୀଘ୍ର ଶେଷ ହେବ ବୋଲି ମୋଦି କହିଛନ୍ତି। ଶେରିଙ୍ଗ ଗତ ମାସରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମ ବିଦେଶ ଗସ୍ତରେ ଭାରତ ଆସିଛନ୍ତି। ଭୁଟାନର ବିକାଶରେ ଭାରତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଜାରି ରହିବ ବୋଲି ମୋଦି ପ୍ରତିଶ୍ରୁତି ଦେଇଛନ୍ତି।

## କଶ୍ମୀରରେ ରାଷ୍ଟ୍ରପତି ଶାସନକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୮।୧୨(ପି.ଟି.)



ଲୋକ ସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ

ଜମ୍ମୁ-କଶ୍ମୀରରେ ରାଷ୍ଟ୍ରପତି ଶାସନ ଘୋଷଣାକୁ ଶୁକ୍ରବାର ଲୋକ ସଭା ଅନୁମୋଦନ କରିଛି। ବିରୋଧୀ ଦଳଗୁଡ଼ିକ ଏହାକୁ ଅସାମ୍ବିଧାନିକ କହି ବିରୋଧ କରିଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ଏହି ପ୍ରସ୍ତାବ ଆଣିଥିଲେ। ଜମ୍ମୁ-କଶ୍ମୀରରେ କୌଣସି ଦଳ ସରକାର ଗଢ଼ିବା ସ୍ଥିତିରେ ନ ଥିବାରୁ ସେଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇଥିବା ରାଜନାଥ କହିଥିଲେ। ତେବେ ସେଠାରେ ବିଧାନସଭା ନିର୍ବାଚନ ଲାଗି କେନ୍ଦ୍ର ସରକାର ପ୍ରସ୍ତୁତ ଥିବା ସେ କହିଥିଲେ। ଏକ ଆଞ୍ଚଳିକ ଦଳକୁ ସମର୍ଥନ ଦେଇ ଭାଜପା ସେଠାରେ ସରକାର ଗଢ଼ିବାକୁ ଉଦ୍ୟମ ଚଳାଇଥିଲା ବୋଲି ବିରୋଧୀ ଅଭିଯୋଗ ଆଣିଥିଲେ। ରାଜନାଥ ଏହାକୁ ଖଣ୍ଡନ କରି କହିଥିଲେ, ସେଭଳି ଉଦ୍ଦେଶ୍ୟ ଥିଲେ ରାଜ୍ୟପାଳ ଶାସନ କାଳ ମଧ୍ୟରେ ସରକାର ଗଢ଼ିପାରିଥାନ୍ତୁ। କଂଗ୍ରେସ ସଦସ୍ୟ ଶଶୀ ଥରୁର କହିଥିଲେ, ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ନିଆ ନ ଯାଇ ଜମ୍ମୁ-କଶ୍ମୀରରେ ରାଜ୍ୟପାଳ ଶାସନ ଲାଗୁ କରାଯାଇଥିଲା। କଂଗ୍ରେସ, ପିଡିପି ଏବଂ ନ୍ୟାଶନାଲ କନଫରେନ୍ସ ମିଳିତ ସରକାର ଗଢ଼ିବା ପାଇଁ ଚାହୁଁଥିବାବେଳେ ରାଜ୍ୟପାଳ କ'ଣ ପାଇଁ ଗୃହରେ ସଂଖ୍ୟାଗରିଷ୍ଠତାର ପ୍ରମାଣ ଲାଗି ଅନୁମତି ଦେଲେନି ବୋଲି ଥରୁର ପ୍ରଶ୍ନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୃଣମୂଳ କଂଗ୍ରେସ ସଦସ୍ୟ ସୌଗତ ରାୟ ଏବଂ ଏନ୍‌ସିପିର ସୁପ୍ରିୟା ସୁଲେ ରାଷ୍ଟ୍ରପତି ଶାସନକୁ ବିରୋଧକରି ତୁରନ୍ତ ସେଠାରେ ନିର୍ବାଚନ କରାଇବା ଲାଗି ଦାବି କରିଥିଲେ। ସେହିପରି ସିପିଏମ୍‌ର ମହମ୍ମଦ ସଲିମ ଲୋକପ୍ରିୟ ସରକାର ଗଠନ ଲାଗି ଦାବି କରିଥିଲେ।

## ଫୁର୍‌ସତ

### ଦୃଶ୍ୟମାନ ହେବ ୨ ଏକ୍ଲିପ୍ସ



**ଇନ୍ଦୋର:** ୨୦୧୯ରେ ୫ଟି ଏକ୍ଲିପ୍ସ (ସୂର୍ଯ୍ୟୋପରାଗ/ଚନ୍ଦ୍ରଗ୍ରହଣ) ସଂଘଟିତ ହେବ। ତନ୍ମଧ୍ୟରୁ ୨ଟି ଭାରତକୁ ଦୃଶ୍ୟମାନ ହେବ। ଜାନୁୟାରୀ ୬ରେ ଆଂଶିକ ସୂର୍ଯ୍ୟୋପରାଗ ହେଉଥିଲେ ହେଁ ଏହା ଭାରତରେ ଦୃଶ୍ୟମାନ ହେବନାହିଁ ବୋଲି ଉଜ୍ଜୟିନସ୍ଥିତ ଜିୱାଜି ପର୍ଯ୍ୟବେକ୍ଷଣାଗାର ସୁପରିଣ୍ଟେଣ୍ଡେଣ୍ଟ ରାଜେନ୍ଦ୍ର ପ୍ରକାଶ ଗୁପ୍ତା କହିଛନ୍ତି। ଜାନୁୟାରୀ ୨୧ରେ ଦିନବେଳା ପୂର୍ଣ୍ଣଗ୍ରାସ ଚନ୍ଦ୍ରଗ୍ରହଣ ହେଉଥିବାରୁ ଏହା ଦୃଶ୍ୟମାନ ହେବନାହିଁ। ସେହିପରି ଜୁଲାଇ ୨-୩ ରାତରେ ପୂର୍ଣ୍ଣଗ୍ରାସ ସୂର୍ଯ୍ୟୋପରାଗ ହେଉଥିବାରୁ ଏହା ମଧ୍ୟ ଦୃଶ୍ୟମାନ ହେବନାହିଁ। କେବଳ ଜୁଲାଇ ୧୬-୧୭ରେ ହେଉଥିବା ଆଂଶିକ ଚନ୍ଦ୍ରଗ୍ରହଣ ଏବଂ ଡିସେମ୍ବର ୨୬ରେ ଘଟୁଥିବା ବଳୟାକୃତି ସୂର୍ଯ୍ୟୋପରାଗ ଭାରତରେ ଦୃଶ୍ୟମାନ ହେବ।

### ଗଗନୟାନ ପାଇଁ ୧୦ ହଜାର କୋଟି



**ବେଙ୍ଗାଲୁରୁ:** ପ୍ରସ୍ତାବିତ ହ୍ୟୁମାନ୍ ସ୍ପେସ୍‌ଫ୍ଲାଇଟ୍ ମିଶନ୍ (ଗଗନୟାନ) ପାଇଁ କେନ୍ଦ୍ର ସରକାର ଶୁକ୍ରବାର ୧୦,୦୦୦ କୋଟି ଟଙ୍କାର ବଜେଟ ଅନୁମୋଦନ କରିଛନ୍ତି। ଫଳସ୍ୱରୂପ ୨୦୨୨ ସୁଦ୍ଧା ଭାରତ ମହାକାଶକୁ ମାନବ ପଠାଇବାକୁ ସମର୍ଥ ହୋଇପାରିବ। ଗଗନୟାନ ପ୍ରକଳ୍ପକୁ ସ୍ୱୀକୃତି ମିଳିବା ଫଳରେ ୩ ମହାକାଶଚାରୀଙ୍କୁ ମହାକାଶ ପଠାଯିବ। ସେମାନେ ସେଠାରେ ୭ ଦିନ ଅବସ୍ଥାନ କରିବେ ବୋଲି କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ବର୍ତ୍ତମାନ ହ୍ୟୁମାନ୍ ସ୍ପେସ୍‌ଫ୍ଲାଇଟ୍ ମିଶନ୍ ପାଇଁ କାର୍ଯ୍ୟ କରୁଛି।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୪ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୪.୦ | ୧୦.୩ |
| ଚାନ୍ଦବାଲି | ୨୨.୬ | ୧୩.୮ |
| କଟକ | ୨୨.୮ | ୧୪.୦ |
| ପାରାଦ୍ୱୀପ | ୨୩.୪ | ୧୫.୦ |
| ଭୁବନେଶ୍ୱର | ୨୩.୯ | ୧୫.୪ |
| ଗୋପାଳପୁର | ୨୨.୫ | ୧୮.୮ |
| ପୁରୀ | ୨୩.୧ | ୧୨.୦ |
| ଅନୁଗୋଳ | ୨୪.୧ | ୯.୬ |
| ବାରିପଦା | ୨୨.୫ | ୧୧.୪ |
| ଝାରସୁଗୁଡ଼ା | ୨୫.୦ | ୧୧.୪ |
| କେନ୍ଦୁଝର | ୨୧.୪ | ୯.୮ |
| ସମ୍ବଲପୁର | ୨୪.୮ | ୧୧.୭ |
| ସୁନ୍ଦରଗଡ଼ | ୨୪.୦ | ୯.୦ |
| ହୀରାକୁଦ | ୨୪.୯ | ୧୨.୫ |
| ତାଳଚେର | ୨୭.୫ | ୧୦.୪ |
| ଭବାନୀପାଟଣା | ୨୫.୦ | ୧୪.୫ |
| ବଲାଙ୍ଗୀର | ୨୬.୫ | ୧୨.୫ |
| କୋରାପୁଟ | ୨୨.୬ | ୧୨.୬ |
| ଫୁଲବାଣୀ | ୨୦.୬ | ୧୧.୬ |
| ଟିଟିଲାଗଡ଼ | --- | --- |
| ମାଲକାନଗିରି | ୨୭.୦ | ୧୫.୪ |
| ସୋନପୁର | ୨୫.୦ | ୧୧.୦ |
| ଦାରିଙ୍ଗିବାଡ଼ି | ୨୦.୦ | ୧୪.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## କାନାଡା ହସ୍ପିଟାଲରେ କାଦର ଖାନ୍



**ମୁମ୍ବାଇ:** ବିଶିଷ୍ଟ ଚଳଚ୍ଚିତ୍ର ଅଭିନେତା ତଥା କାହାଣୀ ଲେଖକ କାଦର ଖାନ୍ ସ୍ୱାସ୍ଥ୍ୟ ସମସ୍ୟା ନେଇ କାନାଡ଼ାରେ ଚିକିତ୍ସାଧୀନ ଅଛନ୍ତି। ୮୧ ବର୍ଷୀୟ ଏହି ଅଭିନେତା ନିଃଶ୍ୱାସପ୍ରଶ୍ୱାସରେ କଷ୍ଟ ଅନୁଭବ କରିବାରୁ ଡାକ୍ତର ତାଙ୍କୁ ଭେଣ୍ଟିଲେଟର ଯୋଗେ ସହାୟତା ଯୋଗାଇ ଦେଇଛନ୍ତି। ମେଗାଷ୍ଟାର ଅମିତାଭ ବଚ୍ଚନ ଖାନ୍‌ଙ୍କ ଆଶୁ ଆରୋଗ୍ୟ କାମନା କରି ଟୁଇଟ୍ କରିଛନ୍ତି। ବଚ୍ଚନ ଏବଂ ଖାନ୍ ଅନେକ ଫିଲ୍ମରେ ଏକତ୍ର କାମ କରିଛନ୍ତି। ସେଗୁଡିକ ମଧ୍ୟରେ 'ଦୁ ଔର ଦୁ ପଞ୍ଚ', 'ମୁକଦ୍ଦର କା ସିକନ୍ଦର', 'ମିଷ୍ଟର ନଟୱରଲାଲ୍', 'ସୁହାଗ', 'କୁଲି' ଏବଂ 'ଶେହେନ୍‌ସା' ଅନ୍ୟତମ। କାଦର ଖାନ୍ ୧୯୩୭ ଡିସେମ୍ବର ୧୧ରେ ଆଫଗାନିସ୍ତାନର କାବୁଲରେ ଜନ୍ମଗ୍ରହଣ କରିଥିଲେ। ୧୯୭୩ରେ ରାଜେଶ ଖାନ୍ନାଙ୍କ 'ଡାଗ୍' ଫିଲ୍ମରେ ପ୍ରଥମେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ଏହା ପୂର୍ବରୁ ସେ ରଣଧୀର କପୁର, ଜୟା ବଚ୍ଚନ ଅଭିନୀତ 'ଜୱାନି ଦିୱାନି' ପାଇଁ ସଂଳାପ ରଚନା କରିଥିଲେ। ଜଣେ ସ୍କ୍ରିନ ରାଇଟର ଭାବେ ଖାନ୍ ବରାବର ମନମୋହନ ଦେଶାଇ ଏବଂ ପ୍ରକାଶ ମିଶ୍ରଙ୍କ ସହିତ ଯୋଗସୂତ୍ର ସ୍ଥାପନ କରୁଥିଲେ। ଦେଶାଇଙ୍କ ସହଯୋଗରେ କରିଥିବା ଫିଲ୍ମଗୁଡିକ ହେଲା, 'ଧରମ ବୀର', 'ଗଙ୍ଗା ଯମୁନା ସରସ୍ୱତୀ', 'କୁଲି', 'ଦେଶପ୍ରେମୀ', 'ସୁହାଗ', 'ପରବାରିଶ' ଏବଂ 'ଅମର ଆକବର ଆନ୍ଥୋନି'। ମେହେରଙ୍କ ସହ ମିଳିତ ଭାବରେ କରିଥିବା ଫିଲ୍ମଗୁଡିକ ହେଉଛି 'ଜ୍ୱାଳାମୁଖୀ', 'ଶରାବୀ', 'ଲୱାରିସ', 'ମୁକଦ୍ଦର କା ସିକନ୍ଦର'।

# ଚର୍ଚ୍ଚିତ ବିବାହ



ଅନେକ ଘଟଣା, ଦୁର୍ଘଟଣାର ମୂକସାକ୍ଷୀ ୨୦୧୮ । କିନ୍ତୁ ଯେଉଁ ଘଟଣା ବହୁ ସେଲିବ୍ରିଟିଙ୍କୁ ଜୀବନସାଥୀରେ ପରିଣତ କରିଥିଲା ତାହା ଥିଲା ବୈବାହିକ ପରମ୍ପରା। ଚଳିତ ବର୍ଷ ଅନେକ ସେଲିବ୍ରିଟିଙ୍କ ପ୍ରେମ-ପରିଣୟ ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛି । ଦୀପିକା-ରଣବୀରଙ୍କଠାରୁ ଆରମ୍ଭ କରି ପ୍ରିନ୍ସ ହାରି - ମେଘାନ୍ ମର୍କଲେ ପର୍ଯ୍ୟନ୍ତ ସଫଳ ପ୍ରେମୀଯୁଗଳ ସେମାନଙ୍କ ବୈବାହିକ ଜୀବନକୁ ଚରିତାର୍ଥ କରିଛନ୍ତି। ନୂତନ ବର୍ଷ ୨୦୧୯ ଅବ୍ୟବହିତ ପୂର୍ବରୁ ସେଇ ଚର୍ଚ୍ଚିତ ଯୋଡିଙ୍କୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା

## ଈଶା ଅମ୍ବାନୀ-ଆନନ୍ଦ ପିରାମଲ୍

ବିଶିଷ୍ଟ ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ କନ୍ୟା ଈଶା ଅମ୍ବାନୀଙ୍କ ବିବାହ ଉତ୍ସବରେ ବଲିଉଡ୍‌ର ନାମିଦାମୀ ତାରକା, ରାଜନେତା ସାମିଲ୍ ହୋଇଥିଲେ। ଉଦୟପୁରରେ ପିରାମଲ ଗ୍ରୁପ୍ ଅଫ୍ କମ୍ପାନୀର ପ୍ରତିଷ୍ଠାତା ଅଜୟ ଏବଂ ସ୍ୱାତୀ ପିରାମଲଙ୍କ ପୁଅ ଆନନ୍ଦଙ୍କ ସହ ଈଶାଙ୍କ ନିର୍ବନ୍ଧ ହୋଇଥିଲା। ମୁମ୍ବାଇସ୍ଥିତ ଅମ୍ବାନୀଙ୍କ ବାସଭବନରେ ବିବାହ ପାର୍ଟିର ଆୟୋଜନ କରାଯାଇଥିଲା। ଏଥିରେ ଅତିଥି ଭାବରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ବହୁ ଉଦ୍ୟୋଗପତି, ବଲିଉଡ୍‌ର ଅଭିନେତା ଓ ଅଭିନେତ୍ରୀମାନେ ଯୋଗ ଦେଇଥିଲେ। ସୁପରଷ୍ଟାର୍ ରଜନୀକାନ୍ତ ଓ ତାଙ୍କ ପତ୍ନୀ ଲତା, ବଚନ ପରିବାର, ଦୀପିକା-ରଣବୀର, ପ୍ରିୟଙ୍କା ଚୋପ୍ରା- ନିକ୍ ଜୋନ୍‌ସ, ବଲିଉଡ୍‌ର ଥ୍ରୀ ଖାନ୍ ଏବଂ କପୁର ପରିବାର ନବଦମ୍ପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।

## ପ୍ରିନ୍‌ସେସ୍ ୟୁଜିନି-ଜ୍ୟାକ୍ ବ୍ରୁକ୍ସବ୍ୟାଙ୍କ

ବ୍ରିଟେନ୍‌ର ୱିଣ୍ଡର କ୍ୟାସଲ୍‌ସ୍ଥିତ ସେଣ୍ଟ ଜର୍ଜଙ୍କ ଉପାସନାପୀଠରେ ୟର୍କର ରାଜକୁମାରୀ ୟୁଜିନି ଓ ଜ୍ୟାକ୍ ବ୍ରୁକ୍ସବ୍ୟାଙ୍କ ମଧ୍ୟରେ ୨୦୧୮ ଅକ୍ଟୋବର ୧୨ରେ ବିଭାଘର ଅନୁଷ୍ଠିତ ହୋଇଥିଲା। ରାଜକୁମାରୀ ୟୁଜିନି ବ୍ରିଟେନ୍ ରାଜ ପରିବାରର ସଦସ୍ୟ ତଥା ପ୍ରିନ୍ସ ଆଣ୍ଡ୍ରୁ ଓ ସାରାଙ୍କ ଦ୍ୱିତୀୟ ତଥା କନିଷ୍ଠ କନ୍ୟା। ଜ୍ୟାକ୍ ବ୍ରୁକ୍ସବ୍ୟାଙ୍କ ହେଉଛନ୍ତି ବ୍ରିଟେନ୍ ମଦ୍ୟ ବ୍ୟବସାୟୀ ତଥା କାସାମିଗୋଜ୍ ଟେକ୍ୱିଲାର ବ୍ରାଣ୍ଡ ଆମ୍ବାସାଡର। ପ୍ରିନ୍‌ସେସ୍ ୟୁଜିନି ହେଉଛନ୍ତି ପ୍ରଥମ ବ୍ରିଟିଶ୍ ରାଜକୁମାରୀ, ଯିଏ ୪୫ବର୍ଷ ପରେ ଏକ ଚର୍ଚ୍ଚରେ ବିବାହ କରିଛନ୍ତି। ଡ୍ୟୁକ୍ ଅଫ୍ ୟର୍କ ପ୍ରିନ୍ସ ଆଣ୍ଡ୍ରୁ ଏବଂ ଡଚେସ୍ ଅଫ୍ ୟର୍କ ସାରାଙ୍କର ସେ ହେଉଛନ୍ତି ଦ୍ୱିତୀୟ କନ୍ୟା। ଜାକ୍ ଖ୍ରୀଷ୍ଟୋଫର ଷ୍ଟମ୍ପ ବ୍ରୁକ୍ସବ୍ୟାଙ୍କ୍ କାସାମିଗୋଜ୍ ଟେକ୍ୱିଲା କମ୍ପାନିର ୟୁରୋପୀୟ ବ୍ରାଣ୍ଡ ମ୍ୟାନେଜର।





## କପିଲ ଶର୍ମା-ଜିନି ଚତ୍‌ରଥ

ଡିସେମ୍ବର ୧୩ରେ କମେଡି କିଙ୍ଗ୍ କପିଲ ଶର୍ମା ଏବଂ ତାଙ୍କ ପ୍ରେମିକା ଗିନି ଚତରଥଙ୍କ ମଧ୍ୟରେ ହାତଗଣ୍ଠି ପଡିଛି। ଜଳନ୍ଧରସ୍ଥିତ ଗ୍ରାଣ୍ଡ କବାନା ରିସର୍ଟରେ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ତାଙ୍କ ପରିବାର ସମେତ ବଲିଉଡ୍ ଇଣ୍ଡଷ୍ଟ୍ରିର ବହୁ କଳାକାର ଏଥିରେ ଯୋଗ ଦେଇଥିଲେ। ପୂର୍ବ ରାତିରେ କପିଲ ଶର୍ମାଙ୍କ ପରିବାର ଏକ ଜାଗୋ ଉତ୍ସବ ପାଳନ କରିଥିଲେ। ଏଥିରେ କପିଲଙ୍କ ଘନିଷ୍ଠ ସମ୍ପର୍କୀୟ ଏବଂ ପରିବାର ସଦସ୍ୟ ଯୋଗ ଦେଇଥିଲେ। ଭାରତୀ ସିଂ, ହର୍ଷ ଲିମ୍ବାଚିୟା, କୃଷ୍ଣ ଅଭିଷେକ, ସୁମୋନା ଚକ୍ରବର୍ତ୍ତୀ ପ୍ରମୁଖଙ୍କ ସମେତ ବହୁ କଳାକାର ଏଥିରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ପ୍ରାକ୍-ପରିଣୟ ଉତ୍ସବ କପିଲଙ୍କ ଭଉଣୀଙ୍କ ବାସଭବନରେ ଆୟୋଜିତ ହୋଇଥିଲା। ଏଥିରେ ରହସ୍ୟାଭିନେତାଙ୍କ ମା' ତାଙ୍କର ଠୁମ୍‌କା ନୃତ୍ୟରେ ସମସ୍ତଙ୍କୁ ମୁଗ୍ଧ କରିଥିଲେ।



## ଦୀପିକା ପାଦୁକୋନ୍-ରଣବୀର ସିଂ

ଚଳିତବର୍ଷ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଏବଂ ଅଭିନେତା ରଣବୀର ସିଂଙ୍କ ବିବାହ ଥିଲା ଖୁବ୍ ଚର୍ଚ୍ଚାରେ। ଉକ୍ତ ବିବାହ ଥିଲା ଖୁବ୍ ଆଡମ୍ବରପୂର୍ଣ୍ଣ ଓ ବିଳାସମୟ। ଇଟାଲୀର ଲେକ୍ କୋମୋଠାରେ ଶୁଭ ପରିଣୟ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଗୀତ, ମେହେନ୍ଦୀ କାର୍ଯ୍ୟକ୍ରମ କରାଯିବା ସହିତ ଦୁଇଟି ପ୍ରଥାରେ ବିଭାଘର କରାଯାଇଥିଲା। ତନ୍ମଧ୍ୟରୁ ଗୋଟିଏ କୋଙ୍କଣୀ ପ୍ରଥା ଏବଂ ଅନ୍ୟଟିରେ ଆନନ୍ଦ କରଜ ପାଳନ କରାଯାଇଥିଲା। ଏହାପରେ ଉକ୍ତ ଦମ୍ପତି ଘନିଷ୍ଠ ବନ୍ଧୁବାନ୍ଧବଙ୍କ ନିମନ୍ତେ ୩ଟି ରିସେପ୍‌ଶନ୍ ପାର୍ଟି ଆୟୋଜନ କରିଥିଲେ। ନଭେମ୍ବର ୨୧ରେ ଦୀପିକାଙ୍କ ବନ୍ଧୁବାନ୍ଧବଙ୍କ ନିମନ୍ତେ ବେଙ୍ଗାଲୁରୁଠାରେ ଏବଂ ପରେ ନଭେମ୍ବର ୨୮ରେ ରଣବୀରଙ୍କ ପରିବାର ସଦସ୍ୟ ଏବଂ ଆତ୍ମୀୟଙ୍କ ନିମନ୍ତେ ଆଉ ଏକ ରିସେପ୍ସନ୍ କରାଯାଇଥିଲା।

## ପ୍ରିନ୍ସ ହାରି-ମେଘାନ୍ ମର୍କଲେ

ବ୍ରିଟେନ୍‌ର ୱିଣ୍ଡସର କ୍ୟାସଲ୍‌ସ୍ଥିତ ସେଣ୍ଟ ଜର୍ଜଙ୍କ ଉପାସନା ପୀଠରେ ୨୦୧୮ ମେ ୧୯ରେ ପ୍ରିନ୍ସ ହାରି ଏବଂ ମେଘାନ୍ ମର୍କଲେଙ୍କ ମଧ୍ୟରେ ବିଭାଘର ଅନୁଷ୍ଠିତ ହୋଇଥିଲା। ପ୍ରିନ୍ସ ହାରି ବ୍ରିଟେନ୍ ରାଜପରିବାରର ସଦସ୍ୟ ହୋଇଥିବା ବେଳେ ମେଘାନ୍ ମର୍କଲେ ହେଉଛନ୍ତି ଆମେରିକୀୟ ଅଭିନେତ୍ରୀ। ବିବାହ ଦିନ ସକାଳେ ପ୍ରିନ୍ସ ହାରିଙ୍କ ଜେଜେ ମା' କୁଇନ୍ ଏଲିଜାବେଥ୍ ଦ୍ୱିତୀୟ ପ୍ରିନ୍ସଙ୍କୁ ଡ୍ୟୁକ୍ ଅଫ୍ ସସେକ୍ସ, ୟର୍ଲ ଅଫ୍ ଡୁମ୍ବାର୍ଟନ୍ ଏବଂ ବାରନ୍ କିଲ୍‌କିଲ୍ ଟାଇଟଲ୍ ପ୍ରଦାନ କରିଥିଲେ। ବିବାହ ଦିନ ମର୍କଲେ ଡଚେସ୍ ଅଫ୍ ସସେକ୍ସ ନାମରେ ନାମିତ ହୋଇଥିଲେ। ପ୍ରିନ୍ସ ହାରି ହେଉଛନ୍ତି ୱେଲ୍‌ସ ଯୁବରାଜ ଚାର୍ଲସ ଏବଂ ଯୁବରାଣୀ ଡାଏନାଙ୍କ ଦ୍ୱିତୀୟ ସନ୍ତାନ। ମେଘାନ ମର୍କଲେ ହେଉଛନ୍ତି ଆମେରିକୀୟ ଅଭିନେତ୍ରୀ। ୨୦୧୬ ଜୁଲାଇରେ ଉଭୟଙ୍କ ମଧ୍ୟରେ ସାକ୍ଷାତ ହେବାପରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା।



## ଇମ୍ରାନ୍ ଖାନ୍-ବୁଶ୍ରା ମାନେକା

ପାକିସ୍ତାନର ତେହରିକ୍-ଇ-ଇନ୍‌ସାଫ୍ ମୁଖ୍ୟ ଇମ୍ରାନ୍ ଖାନ୍ ତାଙ୍କ ଆଧ୍ୟାତ୍ମିକ ମାର୍ଗଦର୍ଶକ ବୁଶ୍ରା ମାନେକାଙ୍କୁ ଫେବୃୟାରୀ ୧୮ରେ ବିବାହ କରିଥିଲେ। କ୍ରିକେଟରୁ ରାଜନେତା ପାଲଟିଥିବା ଇମ୍ରାନ୍ ବର୍ତ୍ତମାନ ପାକିସ୍ତାନର ପ୍ରଧାନମନ୍ତ୍ରୀ ଅଛନ୍ତି। ଲାହୋରସ୍ଥିତ ବୁଶ୍ରାଙ୍କ ଭାଇଙ୍କ ବାସଭବନରେ ଏକ ନିରାଡମ୍ବର ଉତ୍ସବରେ ଉକ୍ତ ବିବାହ ଅନୁଷ୍ଠିତ ହୋଇଥିଲା। ଇମ୍ରାନ୍ ପ୍ରଥମେ ୧୯୯୫ରେ ଜେମିମା ଗୋଲ୍ଡସ୍ମିଥ୍‌ଙ୍କୁ ବିବାହ କରିଥିଲେ । ତାହା ବେଶିଦିନ ତିଷ୍ଠିପାରି ନ ଥିଲା। ଦୀର୍ଘ ୯ବର୍ଷ ପରେ ୨୦୦୪ରେ ସେମାନଙ୍କ ମଧ୍ୟରେ ଛାଡପତ୍ର ଦିଆନିଆ ହୋଇଥିଲା। ଇମ୍ରାନ୍ ଦ୍ୱିତୀୟରେ ଟିଭି ଆଙ୍କର ରେହମାନ୍ ଖାନ୍‌ଙ୍କୁ ବିବାହ କରିଥିଲେ। ଏହା ମାତ୍ର ୧୦ମାସ ତିଷ୍ଠି ରହିଥିଲା।



## ତେଜପ୍ରତାପ-ଐଶ୍ୱର୍ଯ୍ୟା

ବହୁ କୋଟି ଟଙ୍କାର ଗୋଖାଦ୍ୟ ଦୁର୍ନୀତିରେ ଜଡିତ ଲାଲୁ ପ୍ରସାଦ ଯାଦବଙ୍କ ପୁତ୍ର ତଥା ଆରଜେଡି ବିଧାୟକ ତେଜ ପ୍ରତାପଙ୍କ ସହିତ ଐଶ୍ୱର୍ଯ୍ୟା ରାୟଙ୍କର ବିବାହ ମେ ୧୨ରେ ଅନୁଷ୍ଠିତ ହୋଇଥିଲା। ଏଥିପାଇଁ ଲାଲୁ ପାରୋଲ୍‌ରେ ଜେଲ୍‌ରୁ ଆସି ପୁଅ ବାହାଘରରେ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏବଂ କେନ୍ଦ୍ରମନ୍ତ୍ରୀ ରାମବିଳାସ ପାଶ୍ୱାନ୍‌ଙ୍କ ସମେତ ପ୍ରାୟ ସବୁ ଦଳର ନେତା ଏଥିରେ ସାମିଲ ହୋଇଥିଲେ। ଉକ୍ତ ହାଇ-ପ୍ରୋଫାଇଲ୍ ବାହାଘରରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଅତିଥି ଯୋଗ ଦେଇଥିଲେ। ଆରଜେଡି ସମର୍ଥକମାନେ ଭିଆଇପି ଏରିଆର କର୍ଡନ ଭାଙ୍ଗି ଖାଦ୍ୟ ସାମଗ୍ରୀ ସମେତ ସାଜ ସରଞ୍ଜାମ ଲୁଟ୍‌ପାଟ୍ କରିଥିଲେ। ବାହାଘର କିଛିଦିନ ପରେ ଏବେ ଛାଡ଼ପତ୍ର ବିବାଦ ମୁଣ୍ଡ ଟେକିଛି।



## ଆୟାକୋ-କେଇ ମୋରିୟା

ଜାପାନ୍ ରାଜକୁମାରୀ ଆୟାକୋ ତାଙ୍କ ଦୀର୍ଘଦିନର ପୁରୁଷ ବନ୍ଧୁ କେଇ ମୋରିୟାଙ୍କୁ ବିବାହ କରିଥିଲେ। ଟୋକିଓର ଐତିହାସିକ ମେଇଜି ଶ୍ରାଇନ୍‌ଠାରେ ବାହାଘର ହୋଇଥିଲା। ଉକ୍ତ ବିବାହ ବିଶ୍ୱବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିଲା। କାରଣ ରାଜକୁମାରୀ ଆୟାକୋ ଜଣେ ସାଧାରଣ ନାଗରିକଙ୍କୁ ବିବାହ କରିଥିଲେ। ମୋରିୟା ଏକ ବୃହତ୍ ଶିପିଂ କମ୍ପାନୀର ଜଣେ କର୍ମଚାରୀ। ଜାପାନର ଇମ୍ପେରିଆଲ୍ ହାଉସ୍‌ର ଆଇନ ଅନୁଯାୟୀ, ରାଜନନ୍ଦିନୀ ଜଣେ ସାଧାରଣ ବ୍ୟକ୍ତିଙ୍କୁ ବିବାହ କଲେ ସେ ଉକ୍ତ ରାଜ ପରିବାରର ସଂଜ୍ଞା, ସୌଭାଗ୍ୟ ଏବଂ ସ୍ଥାନ ହରାଇବେ। ଆୟାକୋ ତାଙ୍କର ସମ୍ପର୍କୀୟା ଭଉଣୀ ପ୍ରିନ୍‌ସେସ୍ ମାକୋଙ୍କ ପଦାଙ୍କ ଅନୁସରଣ କଲେ ବୋଲି ଅନେକେ ଆଲୋଚନା କରିଥିଲେ। କଲେଜରେ ପଢୁଥିବା ସମୟରେ ମାକୋ ଜଣେ ସାଧାରଣ ବର୍ଗର ଯୁବକଙ୍କ ସହ ପ୍ରେମ ସମ୍ପର୍କ ସ୍ଥାପନ କରିଥିଲେ। ୨୦୨୦ରେ ସେମାନଙ୍କ ବିଭାଘର ହେବ।



## ମିଲିନ୍ଦ ସୋମନ-ଅଙ୍କିତା କନୱାର

ମଡେଲ ତଥା ଅଭିନେତା ଭାବରେ ପରିଚିତ ମିଲିନ୍ଦ ସୋମନ ଏବଂ ତାଙ୍କ ବାଳିକାବନ୍ଧୁ ଅଙ୍କିତା ପାରମ୍ପରିକ ରୀତିରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ମହାରାଷ୍ଟ୍ରର ଆଲିବାଗ୍‌ଠାରେ ବିବାହ ଅନୁଷ୍ଠିତ ହୋଇଥିଲା ଏବଂ ଏଥିରେ ଦୁଇ ପରିବାରର ଘନିଷ୍ଠ ବନ୍ଧୁବାନ୍ଧବ ଓ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ। ମିଲିନ୍ଦ ମହାରାଷ୍ଟ୍ରର ବାସିନ୍ଦା ହୋଇଥିବା ବେଳେ ଅଙ୍କିତା ଆସାମ ରାଜ୍ୟର ତରୁଣୀ। ଉଭୟଙ୍କ ସଂସ୍କୃତି ଓ ପରମ୍ପରା ଭିନ୍ନ ହୋଇଥିଲେ ମଧ୍ୟ ଦୁଇ ପରମ୍ପରାକୁ ସମ୍ମାନ ଜଣାଇ ଉଭୟ ରୀତିରେ ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମିଳିନ୍ଦ ଓ ଅଙ୍କିତାଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିବା ପରେ ଏହା ପରବର୍ତ୍ତୀ ପର୍ଯ୍ୟାୟରେ ବିବାହର ରୂପ ନେଇଥିଲା। ମିଳିନ୍ଦଙ୍କୁ ୫୨ବର୍ଷ ଏବଂ ଅଙ୍କିତାଙ୍କୁ ୨୭ବର୍ଷ ବୟସ। ଦୁହିଁଙ୍କ ବୟସର ବ୍ୟବଧାନ ୨୫ବର୍ଷ ହୋଇଥିଲେ ହେଁ ଭଲ ପାଇବା କ୍ଷେତ୍ରରେ ଏହା ଅନ୍ତରାୟ ସୃଷ୍ଟି କରିପାରି ନ ଥିଲା।





“ ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ।
ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ମହାରଥୀଙ୍କ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଜାରି ରହିବ ଆନ୍ଦୋଳନ

ଭୁବନେଶ୍ୱର,୨୮।୧୨(ବ୍ୟୁରୋ) ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ ପ୍ରଦୀପ ମହାରଥୀ ନିଜ ମନ୍ତବ୍ୟ ପାଇଁ ଭୁଲ୍ ମାଗିବା ଏକ ପ୍ରାୟୋଜିତ ଘଟଣା। ଏଭଳି ଏକ ସମ୍ବେଦନଶୀଳ ଓ ସ୍ପର୍ଶକାତର ପ୍ରସଙ୍ଗରେ ଖାଲି କ୍ଷମା ମାଗିଦେଲେ ହେବନାହିଁ। ନୈତିକତା ଏବଂ ନାରୀ ସମାଜକୁ ସମ୍ମାନପୂର୍ବକ ମହାରଥୀଙ୍କୁ ମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ହେବ ବୋଲି ପିସିସି ମହିଳା ସଭାନେତ୍ରୀ ସୁମିତ୍ରା ଜେନା ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି। ମହିଳା କଂଗ୍ରେସ ପକ୍ଷରୁ ମହାରଥୀଙ୍କ ବିରୋଧରେ ଆରମ୍ଭ ହୋଇଥିବା ଆନ୍ଦୋଳନ ରାଜଧାନୀ ଭୁବନେଶ୍ୱରରୁ ଗ୍ରାମାଞ୍ଚଳକୁ ବ୍ୟାପିବ। ଯେପର୍ଯ୍ୟନ୍ତ ମନ୍ତ୍ରୀ ମହାରଥୀ ଇସ୍ତଫା ଦେଇନାହାନ୍ତି କିମ୍ବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ସ୍ପଷ୍ଟୀକରଣ ରଖିନାହାନ୍ତି, ସେପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସୁମିତ୍ରା ଚେତାବନୀ ଦେଇଛନ୍ତି। ପ୍ରକାଶ ଯେ, ପିପିଲି ଗଣବଳାତ୍କାର ଘଟଣାର ରାୟ ପରେ ସତ୍ୟର ଜୟ ହୋଇଛି ବୋଲି ମନ୍ତ୍ରୀ ମହାରଥୀ ମନ୍ତବ୍ୟ ଦେଇଥିଲେ, ଯାହାକୁ ନେଇ ସାରା ରାଜ୍ୟରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗୁରୁବାର ମହିଳା କଂଗ୍ରେସ ପକ୍ଷରୁ ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ କରାଯିବା ସହ ଅଣ୍ଡା, ଟମାଟୋ ଏବଂ ଝାଡୁ ମାଡ଼ କରାଯାଇଥିଲା। ଚାରିଆଡୁ ଚାପର ସମ୍ମୁଖୀନ ହୋଇ ଗୁରୁବାର ରାତିରେ ମହାରଥୀ ନିଜ ମନ୍ତବ୍ୟ ପାଇଁ ଦୁଃଖ ପ୍ରକାଶ କରିଥିଲେ।

### ୯ ଷ୍ଟାର୍ଟଅପ୍‌କୁ ୩୮ ଲକ୍ଷ ସହାୟତା

ଭୁବନେଶ୍ୱର,୨୮।୧୨(ବ୍ୟୁରୋ): ଷ୍ଟାର୍ଟଅପ୍ ଟାସ୍କଫୋର୍ସ ଶୁକ୍ରବାର ୯ଟି ଷ୍ଟାର୍ଟଅପ୍‌କୁ ୩୮ ଲକ୍ଷ ଟଙ୍କାର ସହାୟତା ରାଶି ପ୍ରଦାନ କରିଛନ୍ତି। ଶୁକ୍ରବାର ସଚିବାଳୟଠାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ(ଏମ୍ ଏସ୍ଏମ୍ଇ) ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏଲ.ଏନ. ଗୁପ୍ତାଙ୍କ ଅଧ୍ୟକ୍ଷତାରେ ବସିଥିବା ଷ୍ଟାର୍ଟଅପ ଓଡ଼ିଶା ଟାସ୍କଫୋର୍ସର ୧୧ଦଶ ତମ ବୈଠକରେ ୫ଟି ଷ୍ଟାର୍ଟଅପ୍‌କୁ ୨୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଲା ରୋବୋଟିକ୍ସ ଫୋନିକ୍ସ ଆଣ୍ଡ ସ୍ମାର୍ଟ ସେନ୍‌ସର, ଅର୍ବୋନିକ୍ସ ଲ୍ୟାବ୍, ଇସରେଭୁ ଟେକ୍ନୋଲୋଜି, ଆର୍ଏନ ଟେକ୍ ଷ୍ଟାର୍ଟଅପ୍ ଏବଂ ଇଙ୍କସ୍ୟାଣ୍ଡ ଆର୍ଟ ଆଣ୍ଡ କ୍ରାଫ୍ଟ ଇଣ୍ଡିଆକୁ ଉକ୍ତ ସହାୟତା ପ୍ରଦାନ କରାଯାଇଛି। ସେହିପରି ଟାସ୍କଫୋର୍ସ ୪ଟି ଷ୍ଟାର୍ଟଅପ୍‌କୁ ମାସିକ ସହାୟତା ବାବଦରେ ୧୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ସେହି ଷ୍ଟାର୍ଟଅପ୍‌ଗୁଡିକ ହେଲା ଇନ୍‌ଫୋ ଟେକ୍ନୋଲୋଜି, ବସଲ ଇନିସିଏଟିଭ, କୃସାକୋ ସର୍ଭିସ୍, ଶାରଳା ପାୱାରଟେକ୍ କନ୍‌ସଲ୍‌ଟିଂ ଇଞ୍ଜିନିୟରିଂ ଏଲଏଲପି। ଏଥିସହିତ ୬୧ ଜଣ ଷ୍ଟାର୍ଟଅପ୍‌କୁ ସହାୟତା ପ୍ରଦାନ କରାଯାଇଛି। ଏଥିସହିତ ଷ୍ଟାର୍ଟଅପ ଯାତ୍ରା ୨.୦ ୨୦୧୯ ଫେବୃୟାରୀ ପ୍ରଥମ ସପ୍ତାହରେ ଆରମ୍ଭ କରିବାକୁ ଟାସ୍କଫୋର୍ସ ବୈଠକରେ ନିଷ୍ପତ୍ତି ନିଆଯାଇଛି। ବିଭିନ୍ନ ପ୍ରଫେସନାଲ ଇନ୍‌ଷ୍ଟିଚ୍ୟୁଶନରେ ୧୦ଟି ବୁଟ କ୍ୟାମ୍ପ କରାଯିବ। ଟାସ୍କଫୋର୍ସ ଉତ୍ତମ ପ୍ରଦର୍ଶନ କରୁଥିବା ଷ୍ଟାର୍ଟଅପ୍‌ଗୁଡିକର ତାଲିକା କେନ୍ଦ୍ର ସରକାର ଡିଆଇପିପିକୁ ପ୍ରଦାନ କରିବ। ଏହାଦ୍ୱାରା ଉକ୍ତ ସଂସ୍ଥାକୁ ଏକ ଉତ୍ତମ ଷ୍ଟାର୍ଟଅପ୍ ବାତାବରଣ ମିଳିପାରିବ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

### ୨୭ କିଲୋ ବାସି ଖାଦ୍ୟ ନଷ୍ଟ, ୪ ନମୁନା ସଂଗ୍ରହ

ସୋନପୁର,୨୮।୧୨(ନି.ପ୍ର): ହୋଟେଲ, ଜଳଖିଆ ଓ ଫାଷ୍ଟଫୁଡ୍ ଦୋକାନରେ ନିମ୍ନମାନର ଏବଂ ବାସି ଖାଦ୍ୟ ଦିଆଯାଉଛି। ଏଭଳି ଅଭିଯୋଗ ଆସିବା ପରେ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରର ୨୪ଟି ହୋଟେଲ ଓ ଜଳଖିଆ ଦୋକାନରେ ଖାଦ୍ୟ ନମୁନା ଯାଞ୍ଚ ହୋଇଥିଲା। ଯାଞ୍ଚ ସମୟରେ ହୋଟେଲର ୨୭ କିଲୋ ବାସି ଖାଦ୍ୟ ନଷ୍ଟ କରାଯାଇଥିଲା। ସେହିପରି ୪ଟି ଦୋକାନରୁ ଖାଦ୍ୟ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରକୁ ପଠାଯାଇଛି। ଜିଲା ରୋଗ ସର୍ବେକ୍ଷଣ ଅଧିକାରୀ ଡାକ୍ତର ଜୟପ୍ରକାଶ ପ୍ରଧାନ, ସମ୍ବଲପୁର ଖାଦ୍ୟ ନିରୀକ୍ଷକ ପ୍ରତାପ ରୁଦ୍ର ମଣ୍ଡଳ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଓ କୈଳାଶ ଚନ୍ଦ୍ର ପାତ୍ର ପୋଲିସ ଟିମ୍ ଉପସ୍ଥିତିରେ ଖାଦ୍ୟ ନମୁନା ଯାଞ୍ଚ କରିଥିଲେ। ତେବେ ଏଭଳି ଯାଞ୍ଚ ନିୟମିତ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି।

# ବାଇକ ଆରୋହୀଙ୍କୁ ଚାପିଦେଲା ଟ୍ରକ

- ଉତ୍ତ୍ୟକ୍ତ ଲୋକେ ୨ଟ୍ରକ ଜାଳିଦେଲେ
- ଉତ୍ତେଜନା, ରାସ୍ତାରୋକୋ

ବଲାଙ୍ଗୀର ଅଫିସ, ୨୮।୧୨

ବଲାଙ୍ଗୀର ସହରର ଶିବ ମନ୍ଦିର ଛକରେ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ଜଣେ ବାଇକ ଆରୋହୀଙ୍କୁ ଏକ ମାଲ ବୋଝେଇ ଟ୍ରକ ଚାପି ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଗାନ୍ଧୀ ନଗରପଡାର ଗୋପାଳ ମିଶ୍ର। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ ସହ ଅନ୍ୟ ଏକ ଟ୍ରକକୁ ଜାଳି ଦେଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଦମକଳ ସହ ପହଞ୍ଚି ଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ନିଆଁ ଲିଭାଇବାକୁ ଛାଡ଼ି ନ ଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ଟ୍ରକରେ ଲାଗିଥିବା ନିଆଁକୁ ଲିଭାଇବାକୁ ଅଗ୍ନିଶମ କର୍ମଚାରୀଙ୍କୁ ଛଡ଼ା ଯାଇଥିଲା। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକ ରହିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିପାରିନାହିଁ। ଏହି ଆନ୍ଦୋଳନରେ ଯୁବ କଂଗ୍ରେସ ଓ ବଲାଙ୍ଗୀର ଆହ୍ୱାନ କମିଟି କର୍ମକର୍ତ୍ତା ସାମିଲ ହୋଇ ବାଇପାସ୍ ରାସ୍ତା ନିର୍ମାଣ ଦାବି କରିଛନ୍ତି।



ବଲାଙ୍ଗୀର ସହରରେ ଟ୍ରକ୍ ଧକ୍କାରେ ଯୁବକ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକେ ଜାଳି ଦେଇଥିବା ଟ୍ରକ ଓ ମୃତ ଯୁବକ (ଇନ୍‌ସେଟ୍)।

ସହରର ଏକ ମହିନ୍ଦ୍ରା ଶୋରୁମ୍‌ରେ କାମ କରୁଥିବା ଗୋପାଳ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ବରଗଡ଼ ପଟୁ ଟିଟିଲାଗଡ଼ ଅଭିମୁଖେ ଯାଉଥିବା ଏକ ମାଲ ବୋଝେଇ ଟ୍ରକ ତାଙ୍କୁ ସାମନା ପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିବା ସହ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ବଲାଙ୍ଗୀର ଗସ୍ତର କେଇ ଘଣ୍ଟା ପୂର୍ବରୁ ବଲାଙ୍ଗୀର ସହର ଅଶାନ୍ତ ହୋଇ ପଡିବା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ସୂଚନାଯୋଗ୍ୟ, ମୃତ ଗୋପାଳ ୬ମାସ ତଳେ ବିବାହ କରିଥିଲେ।

# ଇଣ୍ଡିଆ ସ୍କିଲ୍‌ସ ବିଜେତା ସମ୍ବର୍ଦ୍ଧିତ

## ୱାର୍ଲଡ ସ୍କିଲ୍‌ଡ ସେଣ୍ଟରରେ ପାଇବେ ନିଯୁକ୍ତି

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)





ମୁଖ୍ୟମନ୍ତ୍ରୀଙ୍କ ଗହଣରେ ସମ୍ବର୍ଦ୍ଧିତ ଇଣ୍ଡିଆ ସ୍କିଲ୍‌ସ ବିଜେତା।

'ଇଣ୍ଡିଆ ସ୍କିଲ୍‌ସ-୨୦୧୮'ର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସୂଚନାଭବନଠାରେ ସମ୍ବର୍ଦ୍ଧିତ କରିଛନ୍ତି। ଏହିସଫଳତା ଯୁବପିଢ଼ିଙ୍କୁ ଦକ୍ଷତା, ବୈଷୟିକ ଓ ପେସାର ବୈଶିଷ୍ଟ୍ୟ ସମୂହର ଉଚ୍ଚରେ ପହଞ୍ଚିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୨ଲକ୍ଷ, ରୌପ୍ୟ ପଦକଧାରୀଙ୍କୁ ଦେଢ଼ଲକ୍ଷ ଏବଂ କାଂସ୍ୟ ପଦକଧାରୀଙ୍କୁ ୧ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସରକାରୀ ପଲିଟେକ୍‌ନିକ୍‌ରେ ନବନିଯୁକ୍ତ ୨୧୬ ଅଧ୍ୟାପକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ କର୍ତ୍ତୃପକ୍ଷ(ଓଏସ୍‌ଡିଏ) ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଯୋଗଦେଇ କହିଥିଲେ, ରାଜ୍ୟର ପ୍ରତିଟି ଆଇଟିଆଇ, ପଲିଟେକ୍‌ନିକ୍ ଏବଂ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଓଡ଼ିଶା ସ୍କିଲ ୨୦୧୯ ପାଇଁ ଆଗେଇ ଆସିବା ଉଚିତ। ଆଗାମୀ ଦିନରେ ଉଦ୍‌ଘାଟିତ ହେବାକୁ ଥିବା ୱାର୍ଲଡ ସ୍କିଲ୍‌ଡ ସେଣ୍ଟରରେ ଏହି ବିଜେତାଙ୍କୁ ପ୍ରଶିକ୍ଷକ ଭାବେ ସିଧାସଳଖ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା କରାଯିବ। ୨୦୩୦କୁ ଆଖିରେ ରଖି ଏକ ନୂତନ ଭିଜନର କାମ ଆରମ୍ଭ କରିବା ପାଇଁ ଆନ୍ତର୍ଜାତିକ ମାନର ବିଶେଷଜ୍ଞ ସଂସ୍ଥାଗୁଡ଼ିକୁ ଆମନ୍ତ୍ରିତ କରିବାକୁ ସ୍ଥିର କରିଛୁ। ଏହି ଭିଜନ ଡକ୍ୟୁମେଣ୍ଟ ଭିତ୍ତିରେ ଓଡ଼ିଶା ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଦୀର୍ଘମିଆଦୀ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ। ସ୍କିଲ୍ ଉପରେ ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ଦ୍ୱାରା ନିର୍ମିତ ଏବଂ ସମୀର ରିଶୁ ମହାନ୍ତି ଓ ପ୍ରକୃତି ମିଶ୍ରଙ୍କ ଦ୍ୱାରା ଅଭିନୀତ ଚଳଚ୍ଚିତ୍ରକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ଉଷା ଦେବୀ ଇଣ୍ଡିଆ ସ୍କିଲ୍‌ସ ବିଜେତା ଓ ନବନିଯୁକ୍ତ ଅଧ୍ୟାପକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ସଞ୍ଜୟ ସିଂ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଏସ୍‌ଡିଏର ନିୟୋଜନ ନିର୍ଦ୍ଦେଶକ ତଥା ସିଇଓ ରାଜେଶ ପ୍ରଭାକର ପାଟିଲ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବଲୱନ୍ତ ସିଂ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୩ରୁ ୫ ମଧ୍ୟରେ ନୂଆଦିଲ୍ଲୀରେ 'ଇଣ୍ଡିଆ ସ୍କିଲ୍ ୨୦୧୮' ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ୪ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୬ଟି କାଂସ୍ୟ ପଦକ ହାସଲ କରିଛି। ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରଥମ ଥର ପାଇଁ ୧୪ଟି ଅନୁଷ୍ଠାନରୁ ୨୧ଟି ଟ୍ରେଡ୍‌ରେ ୩୩ ପ୍ରତିଯୋଗୀ ଭାଗ ନେଇଥିଲେ। ସର୍ବ ଭାରତୀୟ ସ୍ତରରେ ମହାରାଷ୍ଟ୍ର ସର୍ବାଧିକ ପଦକ ହାସଲ କରିଥିବାବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି।

# ମହିଳାଙ୍କୁ ତଣ୍ଟିକାଟି ହତ୍ୟା

- କୂଅରୁ ମୃତଦେହ ଉଦ୍ଧାର
- ହତ୍ୟା ପୂର୍ବରୁ ବଳାତ୍କାର ସନ୍ଦେହ
- ଘଟଣା ପଛରେ ପ୍ରେମ ସମ୍ପର୍କ

ନୂଆଗାଁ, ୨୮।୧୨(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ଚୁଆଁବାହାଲ ବଡ଼ାଇକବସ୍ତି ନିକଟରେ ଥିବା ଏକ କୂଅରୁ ଶୁକ୍ରବାର ସକାଳେ ଜଣୈକା ୩୩ବର୍ଷ ବୟସ୍କା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ତଣ୍ଟିକାଟି ହତ୍ୟା କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ପୂର୍ବରୁ ତାଙ୍କୁ ବଳାତ୍କାର କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଏହି ଘଟଣାନେଇ ଭିନ୍ନଭିନ୍ନ କଥା ଶୁଣାଯାଉଥିଲେ ମଧ୍ୟ ପ୍ରେମ ସମ୍ପର୍କ ନେଇ ଏହି ହତ୍ୟା ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ବୀରମିତ୍ରପୁର ଏସ୍‌ଡିପିଓ ପି.କେ. ପାତ୍ର, ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କୂଅରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି। ଚୁଆଁବାହାଲ ବଡ଼ାଇକବସ୍ତିର ଜଣୈକ ବ୍ୟକ୍ତିଙ୍କ ଝିଅ ୮ବର୍ଷ ପୂର୍ବେ ସବ୍‌ଡେଗାସ୍ଥିତ ଦେଓଗାଁରେ ପ୍ରେମ ବିବାହ କରିଥିଲେ। କୌଣସି କାରଣରୁ ୩ବର୍ଷ ହେବ ଚୁଆଁବାହାଲରେ ବାପ ଘରେ ରହୁଥିଲେ। ବୁଧବାର ରାତିରେ ଉକ୍ତ ମହିଳାଙ୍କ ମୋବାଇଲକୁ ଏକ ଫୋନକଲ ଆସିଥିଲା। ସେ କଥା ହୋଇ ବାହାରକୁ ଚାଲିଯାଇଥିଲେ। ରାତିରେ ଘରକୁ ଫେରି ନ ଥିଲେ। ତେବେ ବାପଘର ଲୋକେ ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ଶୀତରାତି ହୋଇଥିବାରୁ ସମସ୍ତେ ଶୋଇଯାଇଥିଲେ। ଗୁରୁବାର ତାଙ୍କ ମୋବାଇଲ ଫୋନ୍ ବନ୍ଦ ଥିବାରୁ ଘର ଲୋକେ ସନ୍ଦେହକରି ବିଭିନ୍ନ ସ୍ଥାନରେ, ସାହିପଡ଼ିଶାରେ ଖୋଜିଥିଲେ। ସନ୍ଧ୍ୟାରେ ଘରଠାରୁ କିଛି ଦୂରରେ ଏକ ବାଇଗଣ କିଆରିରେ ମହିଳାଙ୍କ ଚପଲ ଓ ଅନ୍ତବସ୍ତ୍ର, କୂଅରେ ଆଉ ଏକ ଚପଲ ପଡ଼ିଥିବା ଦେଖିବାକୁ ମିଳିଥିଲା। ମହିଳାଙ୍କ ଭାଇ ନୂଆଗାଁ ଫାଣ୍ଡି ଅଧିକାରୀ କୈଳାସ ଚନ୍ଦ୍ର ନାଏକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପୋଲିସ ଓ ଦମକଳବାହିନୀ ଆସି କୂଅରୁ ପାଣି ବାହାର କରିଥିଲେ। ସନ୍ଧ୍ୟା ହୋଇଯିବାରୁ ପାଣି ବାହାର କରିବା ସମ୍ପୂର୍ଣ୍ଣ ହୋଇ ନ ଥିଲା। ଶୁକ୍ରବାର ସକାଳେ ପାଣି ଶୁଖିଯିବାରୁ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଏକ ମାମଲା (ନଂ. ୮୪/୨୦୧୮) ରୁଜୁକରି ତଦନ୍ତ ଚଳାଇଛି।

# ରାଜ୍ୟରେ ବଢୁଛି ଦୁର୍ଘଟଣା: ୧୦ ବର୍ଷରେ ୩୦ ହଜାର ମଲେଣି

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)

ସଡ଼କ ଦୁର୍ଘଟଣା ଦେଶ ତଥା ରାଜ୍ୟ ପାଇଁ ଚିନ୍ତାର କାରଣ ପାଲଟିଛି। ସଡ଼କ ସୁରକ୍ଷା ସମସ୍ତଙ୍କ ପାଇଁ ଆହ୍ୱାନ ପାଲଟିଛି। ୨୦୧୭ରେ ଦେଶରେ ସଡ଼କ ଦୁର୍ଘଟଣାରେ ୧.୪୮ ଲକ୍ଷ ଲୋକ ପ୍ରାଣ ହରାଇଥିବା ବେଳେ ଓଡ଼ିଶାରେ ଏହି ସମୟରେ ୫ ହଜାର ଲୋକ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ବେଳେ ୪ ହଜାର ୮୦୦ ଲୋକଙ୍କ ଜୀବନ ଯାଇଛି। ଗତ ୧୦ ବର୍ଷ ମଧ୍ୟରେ ବିଭିନ୍ନ ଦୁର୍ଘଟଣାରେ ୩୦ ହଜାର ଲୋକ ପ୍ରାଣ ହରାଇଛନ୍ତି। ସାରା ଦେଶରେ ପ୍ରତି ୧୦୦ ଦୁର୍ଘଟଣାରେ ୨୯ ଜଣ ଜୀବନ ହରାଉଥିବା ବେଳେ ଓଡ଼ିଶାରେ ଏହି ସଂଖ୍ୟା ରହିଛି ୪୪। ଦୁର୍ଘଟଣା ପରବର୍ତ୍ତୀ ଆଶୁ ଚିକିତ୍ସା ଯୋଗାଇଦେବା କ୍ଷେତ୍ରରେ ଆମର ଦାୟିତ୍ୱହୀନତା ଓ ବିଫଳତା ହିଁ ମୃତ୍ୟୁ ପାଇଁ ଦାୟୀ ବୋଲି ପ୍ରମାଣିତ ହୋଇଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ନୃସିଂହ ଚରଣ ସାହୁ କହିଛନ୍ତି। ସଚିବାଳୟଠାରେ ସଡ଼କ ସୁରକ୍ଷା ପରିଷଦ ୨୦୧୮ର ଦ୍ୱିତୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ମନ୍ତ୍ରୀ ସାହୁ କହିଛନ୍ତି ଯେ, ଦୁର୍ଘଟଣା ହାର ହ୍ରାସ କରିବା ପାଇଁ ସୁପ୍ରିମକୋର୍ଟ ୨୦୧୪ରେ ଅବସରପ୍ରାପ୍ତ ବିଚାରପତି ରାଧାକ୍ରିଷ୍ଣନଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଛନ୍ତି। ଏହି କମିଟି ଦୁର୍ଘଟଣା ହ୍ରାସ ନେଇ ପଦକ୍ଷେପ ଗ୍ରହଣ କରୁଛି। ୨୦୨୦ ସୁଦ୍ଧା ଦୁର୍ଘଟଣା ହାର ୫୦ ପ୍ରତିଶତ ହ୍ରାସ କରିବା ପାଇଁ ଗୁରୁତ୍ୱ ଦିଆଯାଉଥିବା ବେଳେ ଓଡ଼ିଶାରେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି। ୨୦୧୫ ଓ ୨୦୧୬ ତୁଳନାରେ ୨୦୧୭ରେ ଦୁର୍ଘଟଣା ହାର ୭.୩୩ ପ୍ରତିଶତ ବୃଦ୍ଧି ପାଇଛି। ୨୦୧୮ ଅକ୍ଟୋବର ସୁଦ୍ଧା ରାଜ୍ୟରେ ୪୨୭୦ ଦୁର୍ଘଟଣା ଘଟିଛି, ଯାହା ୨୦୧୭ ତୁଳନାରେ ୮.୩୪ ପ୍ରତିଶତ ଅଧିକ। ଯଦିଓ ଦୁର୍ଘଟଣା ହାରକୁ ପ୍ରତିବର୍ଷ ୧୦ ପ୍ରତିଶତ ହ୍ରାସ କରିବାକୁ ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶ ରହିଛି, ହେଲେ ଏଥିରେ କୌଣସି ସୁଧାର ଆସୁନାହିଁ।

୨୦୧୮ ଜୁଲାଇ ୧୦ରେ ରାଜ୍ୟରେ ଦୁର୍ଘଟଣା ହାର ସ୍ଥିତି ସମ୍ପର୍କରେ ରାଜ୍ୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। କମିଟି ଅସନ୍ତୋଷ ବ୍ୟକ୍ତ କରିବା ସହ କିପରି ଭାବେ ଦୁର୍ଘଟଣା ହାର ହ୍ରାସ କରାଯାଇ ପାରିବ, ସେ ସମ୍ପର୍କରେ କି ପଦକ୍ଷେପ ରାଜ୍ୟ ସରକାର ନେଉଛନ୍ତି ସେ ନେଇ ୨୦୧୮ ଡିସେମ୍ବର ୩୧ ସୁଦ୍ଧା ଜଣାଇବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଖୋର୍ଦ୍ଧାରୁ ଚଣ୍ଡିଖୋଲ ମଧ୍ୟରେ ଗାଡି ଚଳାଚଳକୁ ନିୟନ୍ତ୍ରଣ କରିବା, ନିୟମିତ ତଦାରଖ କରିବା ସହ ସିସିଟିଭି ସର୍ଭିଲାନ୍ସ ବ୍ୟବସ୍ଥା କରିବାକୁ ନିଷ୍ପତ୍ତି ନିଆଯାଇଛି। ଏବେ ସୁଦ୍ଧା ରାମେଶ୍ୱରଠାରୁ ଚଣ୍ଡିଖୋଲ ମଧ୍ୟରେ ୨୪ଟି କ୍ୟାମେରା ଲଗାଯିବାର ବ୍ୟବସ୍ଥା କରାଯାଇଛି। ଏହି କ୍ୟାମେରା ଉପରେ ତୀକ୍ଷ୍ଣ ନଜର ରଖିବା ସହ ନିୟମ ଉଲ୍ଲଂଘନକାରୀ ଚାଳକ ଓ ଗାଡି ଉପରେ ଇ-ଚାଲାଣ କାଟିପାରିବେ। ଦୁର୍ଘଟଣା ସମ୍ପର୍କରେ ସଚେତନ କରିବା ପାଇଁ ପ୍ରତ୍ୟେକ ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଅଧୀନରେ ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟର ନିଯୁକ୍ତ ହେବେ। ସମସ୍ତ ଜିଲା ଓ ସବ୍‌ଡିଭିଜନରେ ଇଲେକ୍ଟ୍ରୋନିକ ଟ୍ରାଫିକ ସିଗ୍ନାଲ ବ୍ୟବସ୍ଥା କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ଏହି ବୈଠକରେ ବିଭିନ୍ନ ବିଭାଗର ସରକାରୀ ଅଧିକାରୀ, ବସ୍ ଟ୍ରକ୍ ମାଲିକ ସଂଘର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଉଜ୍ଜ୍ୱଳା ଯୋଜନାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ମନ୍ତବ୍ୟ ପ୍ରସଙ୍ଗ

# ତଥ୍ୟ ରଖି ଜବାବ ଦେଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର

ଭୁବନେଶ୍ୱର,୨୮।୧୨(ବ୍ୟୁରୋ)



ରାଜ୍ୟରେ ଉଜ୍ଜ୍ୱଳା ଯୋଜନା ବିଫଳ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜେଡି ପ୍ରତିଷ୍ଠା ଦିବସରେ ଦେଇଥିବା ମନ୍ତବ୍ୟ ଉପରେ ଯବାବ ରଖିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏ ସଂକ୍ରାନ୍ତରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ଯୋଜନା ସମ୍ପର୍କରେ ତଥ୍ୟ ରଖିଛନ୍ତି। ଯାହାକୁ ନେଇ ରାଜ୍ୟ ରାଜନୀତି ଚର୍ଚ୍ଚା ଜୋର ଧରିଛି।

ଚିଠିରେ ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି ଯେ, ଉଜ୍ଜ୍ୱଳା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ବୟାନ ଅସତ୍ୟ ଏବଂ ତଥ୍ୟ ଉପରେ ଆଧାରିତ ନୁହେଁ। ରାଜ୍ୟରେ ଥିବା କେତେକ ଜ୍ୱଳନ୍ତ ସମସ୍ୟାରୁ ନଜର ହଟାଇବା ପାଇଁ ଏପରି କରାଯାଇଛି। ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାରେ ପ୍ରାୟ ୧.୨ କୋଟି ହିତାଧିକାରୀ ରିଫିଲ୍ କରିଛନ୍ତି। ଏହା ହିତାଧିକାରୀ ପିଛା ୩.୭ ହାରରେ ଗ୍ୟାସ ସିଲିଣ୍ଡର ବ୍ୟବହୃତ ହୋଇଛି। ଏହି ହାର ରାଷ୍ଟ୍ରୀୟ ହାର ସହିତ ସମାନ ରହିଛି। ୪.୨ ଲକ୍ଷ ଉଜ୍ଜ୍ୱଳା ପରିବାର ୪ କିମ୍ବା ତଦୂର୍ଦ୍ଧ୍ୱ ଥର ରିଫିଲ୍ କରିଛନ୍ତି। ଏହି ଯୋଜନା ଦ୍ୱାରା ଜାଳେଣି ବଞ୍ଚିବା ସହ ମହିଳାଙ୍କ ସମୟ ବଞ୍ଚିଛି। ଆଉ ଏହି ବଳକା ସମୟରେ ମହିଳାମାନେ ଅନ୍ୟ କାମ କରି ସଶକ୍ତୀକରଣ ହୋଇପାରିଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ସେହିପରି ୨୦୧୪ ମେ ମାସ ସୁଦ୍ଧା ଓଡ଼ିଶାରେ ୧୯ ଲକ୍ଷ ଏଲ୍‌ପିଜି କନେକ୍ସନ ପହଞ୍ଚିଥିଲା, ଯାହା ମୋଟ ପରିବାରର ମାତ୍ର ୨୨ ପ୍ରତିଶତ। ହେଲେ ବର୍ତ୍ତମାନ ଏହା ୬୯ ପ୍ରତିଶତରେ ପହଞ୍ଚିଛି। ନିକଟରେ ଏଲ୍‌ପିଜି ପ୍ରଦାନ ନିୟମ କୋହଳ କରାଯାଇଥିବାରୁ ରାଜ୍ୟର ୯୦ ପ୍ରତିଶତଙ୍କ ଘରେ ଉଜ୍ଜ୍ୱଳା ଯୋଜନା ପହଞ୍ଚିବ ବୋଲି ଧର୍ମେନ୍ଦ୍ର ଆଶାବ୍ୟକ୍ତ କରିଛନ୍ତି।

ସେହିପରି ଏଲ୍‌ପିଜିର ବଜାର ଦର ବଢ଼ିବାରୁ ଖାଉଟିଙ୍କ ସୁରକ୍ଷା ପାଇଁ ସରକାର ରାଜ୍ୟରେ ୩୨୬ ଟଙ୍କା ୨୨ ପଇସାର ସବ୍‌ସିଡି ଯୋଗାଇ ଦିଆଯାଉଛି। ଏହି ରିହାତିରୁ ମଧ୍ୟସ୍ଥଙ୍କୁ ମୁକ୍ତ କରି ହିତାଧିକାରୀ ଖାତାକୁ ସିଧାସଳଖ ଟଙ୍କା ଯାଉଛି। ରାଜ୍ୟରେ ସାଧାରଣ ସେବା କେନ୍ଦ୍ରଗୁଡିକରେ ୫ କିଗ୍ରା ଓଜନର ଏଲ୍‌ପିଜି ଦେବାର ନିୟମ କ୍ରୟଶକ୍ତିକୁ ଧ୍ୟାନରେ ରଖି ବ୍ୟବସ୍ଥା କରାଯାଇଥିବା କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି। ଚିଠି ମାଧ୍ୟମରେ ତାଙ୍କ ଦ୍ୱାରା ରଖାଯାଇଥିବା ତଥ୍ୟ ମୁଖ୍ୟମନ୍ତ୍ରୀଙ୍କ ଆଶଙ୍କା ଦୂର କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଏଥିସହିତ ଖୋର୍ଦ୍ଧାଠାରେ ଏଲ୍‌ପିଜି ବଟଲିଂ ପ୍ଲାଣ୍ଟ ପାଇଁ ତୁରନ୍ତ ଜମି ଯୋଗାଇ ଦେବାକୁ ଧର୍ମେନ୍ଦ୍ର ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ନକଲି ଭାଙ୍ଗ କାରଖାନା ଉପରେ ଚଢ଼ାଉ

# ୩ ଗିରଫ, ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ

ରସୁଲପୁର/କୋରେଇ, ୨୮।୧୨(ଡିଏନଏ/ସ୍ୱ.ପ୍ର.)

ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଚାଲିଥିବା ବେଆଇନ ଭାଙ୍ଗ କାରବାର ଉପରେ କଟକ ଅବକାରୀ ବିଭାଗର ଫ୍ଲାଇଂ ସ୍କ୍ୱାର୍ଡ ଓ ଯାଜପୁର ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଭୋର ସମୟରେ ମିଳିତ ଚଢ଼ାଉ କରାଯାଇଛି। ସେଠାରୁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଜବତ କରାଯିବା ସହିତ ଏଥିରେ ସମ୍ପୃକ୍ତ ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ କାରଖାନାର ମାଷ୍ଟରମାଇଣ୍ଡ ପାଣିକୋଇଲି ଥାନା କୋରେଇ ପଞ୍ଚାୟତ ଅନ୍ତର୍ଗତ ବର୍ତ୍ତମଣା ଗ୍ରାମର ଅନନ୍ତ ନାରାୟଣ ସାହୁ(୫୦) ଓରଫ ପାଣ୍ଡୁଆ, ତାଙ୍କ ସହଯୋଗୀ ଅନିରୁଦ୍ଧ ବେହେରା (୩୨) ଓ କୁଆଖିଆ ଥାନା ଅଞ୍ଚଳ ରସୁଲପୁର ଗ୍ରାମର ଅଶୋକ ସାହୁ(୪୫)। ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲିଥିବା ଏହି କାରବାର ଉପରୁ ଶୁକ୍ରବାର ପରଦା ହଟିଛି।

ପ୍ରକାଶ ଯେ, ପାଣିକୋଇଲି ଥାନା ଅନ୍ତର୍ଗତ ବର୍ତ୍ତମଣା ଗ୍ରାମରେ 'ବ୍ରୁ ସତାବରୀ ରସାୟନ' ନାମକ ଏକ ନକଲି ଭାଙ୍ଗ କାରଖାନା ଚାଲିଥିଲା। ଏ ସମ୍ପର୍କରେ ଅବକାରୀ ବିଭାଗ ଖବର ପାଇ ଅବକାରୀ କମିଶନର, କଟକ ଦେବେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ବିଭାଗର ପାଖାପାଖି ୩୫ରୁ ଉର୍ଦ୍ଧ୍ୱ ଷ୍ଟାଫ୍ ସେଠାରେ ଚଢ଼ାଉ କରିଥିଲେ। ସେଠାରୁ ଦେଢ଼ କୁଇଣ୍ଟାଲ ଭାଙ୍ଗ, ନକଲି ସତାବରୀ ଗୁଣ୍ଡ, ଭାଙ୍ଗ ପ୍ରସ୍ତୁତକାରୀ ମେଶିନ, ଟାଟା ଏସିଇ (ଓଡି୦୬ଏ୪୩୫୭), ବାଇକ୍ (ଓଡି୦୪ଜେ୧୧୭୯) ଜବତ କରିଥିଲେ। କାରଖାନା ମାଲିକ ଅନନ୍ତ ଓ ସହଯୋଗୀ ଅନିରୁଦ୍ଧଙ୍କୁ ଗିରଫ କରିବା ପରେ ତାଙ୍କଠାରୁ ସୂଚନା ସଂଗ୍ରହ କରି ସେମାନେ ରସୁଲପୁରସ୍ଥିତ ଅଶୋକଙ୍କ ଘରେ ଚଢ଼ାଉ କରିଥିଲେ। ସେଠାରୁ ଆନୁମାନିକ ୩୦ କେ.ଜି. ଓଜନର ଭାଙ୍ଗ ଓ ନକଲି ସତାବରୀ ଗୁଣ୍ଡ ଆଦି ଜବତ କରିଥିଲେ।



ଜବତ ନକଲି ସାମଗ୍ରୀ ସହ ଗିରଫ ୩ ଅଭିଯୁକ୍ତ।

ଏହି କାରବାର ପାଇଁ ବ୍ୟବସାୟୀମାନେ କଲିକତାରୁ ଏହି ବ୍ରାଣ୍ଡର ପ୍ୟାକେଟ ଜରି ଆଣି ସେଥିରେ ଶତାବରୀ ବଦଳରେ କୌଣସି ଏକ ରସାୟନିକ ଗୁଣ୍ଡ ଭର୍ତ୍ତି କରି ବିକ୍ରି କରି ଆସୁଥିଲେ। ଏହି କାରବାର ନେଇ ବ୍ୟବସାୟୀଙ୍କ ନିକଟରେ କୌଣସି ଅନୁମତି ପତ୍ର ନ ଥିଲା। ଅବକାରୀ ବିଭାଗ ଏ ସମ୍ପର୍କରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ଉକ୍ତ ଚଢ଼ାଉରେ ଯାଜପୁର ଅବକାରୀ ଆରକ୍ଷୀ ଅଧୀକ୍ଷକ ରଜତ ପ୍ରହରାଜ, କଟକ ଫ୍ଲାଇଂ ସ୍କ୍ୱାର୍ଡ ପକ୍ଷରୁ ଇନସ୍ପେକ୍ଟର ଶରତ ଚନ୍ଦ୍ର ଭଞ୍ଜ, ପ୍ରମୋଦ ପଣ୍ଡା, ଏସ୍‌ଆଇ କମଳ ଲୋଚନ ପାଇକରାୟ, ମାନସୀ ସାହୁ, ପ୍ରଶାନ୍ତ ମହାନ୍ତି, ବିଜୟଲକ୍ଷ୍ମୀ ଦାସଙ୍କ ସମେତ ବହୁ ଅଧିକାରୀ ସାମିଲ ଥିଲେ।



ରୋଗ, ଶତ୍ରୁ ଓ ଋଣ ଏମାନଙ୍କୁ ସବୁବେଳେ ଶେଷ କରିବାକୁ ଚେଷ୍ଟା କରିବା। ପାପୀ, ହିଂସ୍ର ପ୍ରାଣୀ ଓ ହିଂସ୍ର ମନୁଷ୍ୟଙ୍କଠାରୁ ସର୍ବଦା ଦୂରରେ ରହିବା।
- ତୁଳସୀ ଦାସ



**ସଂକ୍ଷେପରେ**



## ସମ୍ବଲପୁରରେ ପହଞ୍ଚିଲା ୩୯୯ ଭିଭିପାଟ ମେଶିନ

**ସମ୍ବଲପୁର,୨୮।୧୨(ବ୍ୟୁରୋ)-** ହାଇଦ୍ରାବାଦରୁ ଏକ ଟ୍ରକ୍ ଯୋଗେ ୩୯୯ ଭିଭିପ୍ୟାଟ (ଭୋଟର ଭେରିଫେବଲ ପେପର ଅଡିଟ୍ ଟ୍ରାଏଲ) ମେଶିନ ସମ୍ବଲପୁରରେ ପହଞ୍ଚିଛି। ୨୦୧୯ ସାଧାରଣ ନିର୍ବାଚନରେ ଏହା ବ୍ୟବହାର ହେବ। ଏହି ମେଶିନ ଇଭିଏମ୍ (ଇଲୋକଟ୍ରୋନିକ ଭୋଟିଂ ମେଶିନ)ରେ ବ୍ୟବହାର କରାଯିବ, ଯାହା ଜଣେ ଭୋଟର ଭୋଟ ଦେବା ପରେ ସେ କେଉଁ ଚିହ୍ନରେ ଭୋଟ ଦେଲା ତାହା ସଂରକ୍ଷିତ ହୋଇଯିବ। ଆବଶ୍ୟକସ୍ଥଳେ ଭୋଟର ଚାହିଁଲେ ସେଠାରେ ତୁରନ୍ତ ସେ ସ୍ଥିରନିଶ୍ଚିତ ହେବା ପାଇଁ କେଉଁ ଚିହ୍ନରେ ଭୋଟ ଦେଲା ଜାଣିପାରିବ। ଏହାଦ୍ୱାରା ଭୋଟ୍ ଟାମ୍ପରିଂର ପ୍ରଶ୍ନ ଉଠିବନି। ତେବେ ସଦର ତହସିଲଦାର ମାନସ ରଞ୍ଜନ ସ୍ୱାଇଁ ଓ ମାନେଶ୍ୱର ତହସିଲଦାର ଦୁର୍ବାଦଳ ଦେହୁରିଙ୍କ ଉପସ୍ଥିତିରେ ଏହି ମେଶିନଗୁଡିକୁ ଟ୍ରକ୍‌ରୁ ଅନ୍‌ଲୋଡ୍ କରାଯାଇଛି। ପରେ ଏଗୁଡିକୁ କଡା ସୁରକ୍ଷା ବଳୟ ମଧ୍ୟରେ ଜିଲା ସ୍କୁଲ ପରିସରରେ ଥିବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଛି ବୋଲି ଉପଜିଲାପାଳ ପ୍ରଦୀପ କୁମାର ସାହୁ କହିଛନ୍ତି ।

## ନାକଟିଦେଉଳ ବ୍ଲକରେ ୩ ପ୍ରକଳ୍ପର ଶିଳାନ୍ୟାସ ହେଲା

**ନାକଟିଦେଉଳ,୨୮।୧୨(ଡି.ଏନ.ଏ.)-** ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ଏବଂ ବଳମ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଶୁକ୍ରବାର ପୂର୍ତ୍ତ ବିଭାଗ ପକ୍ଷରୁ ବିଭିନ୍ନ ଉନ୍ନୟନ କାର୍ଯ୍ୟ ପାଇଁ ଶିଳାନ୍ୟାସ କରାଯାଇଛି। ବିଭାଗୀୟ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଶିଳାନ୍ୟାସ କରିଛନ୍ତି। ତାଲପାଲି-ହୀରାଲୋଇ-ବଳମ-ବରଘାଟ-ଗୋଧିଡିପ ପର୍ଯ୍ୟନ୍ତ ୧୦ କି.ମି.ରାସ୍ତା କାମ ପାଇଁ ୬ କୋଟି, ୧୬ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟ ଅଟକଳରେ ଶିଳାନ୍ୟାସ କରାଯାଇଛି। ଦ୍ୱିତୀୟରେ ଉପରମୁଣ୍ଡାରୁ ଟିକିଲିପଡ଼ା ରାସ୍ତା ପାଇଁ ଟିକିରା ନଦୀ ଉପରେ ଏକ ସେତୁ ପାଇଁ ୧୨ କୋଟି ୩୧ ଲକ୍ଷ ୭୨ ହଜାର ଟଙ୍କା ବ୍ୟୟ ଅଟକଳରେ ଶିଳାନ୍ୟାସ କରାଯାଇଥିଲା । ସେହିପରି ମହୁକୁଦରେ ଉପରମୁଣ୍ଡା-ମହୁକୁଦ-ସଢ଼ୋ-ଫୁଲକୁସୁମ ପର୍ଯ୍ୟନ୍ତ ରାସ୍ତା ପାଇଁ ୭ କୋଟି ୬୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଶିଳାନ୍ୟାସ କରାଯାଇଛି। ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ପୂର୍ତ୍ତ ବିଭାଗ ସଚିବ ନଳିନୀକାନ୍ତ ପ୍ରଧାନ, ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ସଞ୍ଜୟ କୁମାର ସାହୁ, ନିର୍ବାହୀ ଯନ୍ତ୍ରୀ ଗୌରାଙ୍ଗଚରଣ ସାହୁ, ସହକାରୀ ନିର୍ବାହୀ ଯନ୍ତ୍ରୀ ବୀରବର ବେହେରା, ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ନାଏକ, ବରିଷ୍ଠ ବିଜେଡ଼ି ନେତା ଅନାଦି ଚରଣ ସାହୁ, ବାଲକୃଷ୍ଣ ସାହୁ, ଶରତଚନ୍ଦ୍ର ପ୍ରଧାନ, ସରାପାଲି ସରପଞ୍ଚ ପ୍ରିୟମ୍ବଦା ସାହୁ, ବଳମ ସମିତି ସଭ୍ୟ ନେତ୍ରାନନ୍ଦ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

# ଶକ୍ତି ପ୍ରଦର୍ଶନ କଲେ ରୋହିତ

- ରେଢ଼ାଖୋଲରେ ବିଜେଡିର ବିକାଶ ସମାବେଶ
- ୧୫ ପ୍ରକଳ୍ପର ଶିଳାନ୍ୟାସ କଲେ ପୂର୍ତ୍ତମନ୍ତ୍ରୀ

**ରେଢ଼ାଖୋଲ,୨୮।୧୨(ଡି.ଏନ.ଏ.)**

ରେଢ଼ାଖୋଲରେ ଶୁକ୍ରବାର ବିଜୁ ଜନତା ଦଳର ବିକାଶ ସମାବେଶରେ ବିଧାୟକ ଇଂ ରୋହିତ ପୂଜାରୀ ନିଜର ଶକ୍ତି ପ୍ରଦର୍ଶନ କରିଛନ୍ତି। ରେଢ଼ାଖୋଲ ନିର୍ବାଚନ ମଣ୍ଡଳିର ନାକଟିଦେଉଳ, ରେଢ଼ାଖୋଲ, ଜୁଜୁମୁରା ଓ ମାନେଶ୍ୱର ବ୍ଲକର ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଦଳୀୟ କର୍ମୀ ଏଥିରେ ଉପସ୍ଥିତ ଥିଲେ। ନବୀନ ସରକାରଙ୍କ ୧୮ ବର୍ଷର ଶାସନର ସଫଳତା ଓ ବିଧାୟକ ଭାବେ ସେ ସାଢେ ୪ ବର୍ଷ ଭିତରେ କରିପାରିଥିବା ବିକାଶ ସମ୍ପର୍କରେ ରୋହିତ କହିଥିଲେ। ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ପୂର୍ତ୍ତ, ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ସମ୍ବଲପୁର ଏମ୍‌ପି ନଗେନ୍ଦ୍ର ପ୍ରଧାନ ଯୋଗ ଦେଇଥିଲେ। ରାଜ୍ୟର ଅନ୍ୟ ନିର୍ବାଚନ ମଣ୍ଡଳି ତୁଳନାରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳିରେ ରାସ୍ତା ନିର୍ମାଣ ପାଇଁ ୫୯ କୋଟି ଓ ପୋଲ ନିର୍ମାଣ ପାଇଁ ୯୯ କୋଟି ଟଙ୍କା ମଞ୍ଜୁର କରାଯାଇ ଟେଣ୍ଡର ପ୍ରକ୍ରୀୟା ଚୂଡାନ୍ତ ହୋଇଥିବା ମନ୍ତ୍ରୀ କହିଥିଲେ। ସମାବେଶରେ ଯୋଗ ଦେବା ପୂର୍ବରୁ ମନ୍ତ୍ରୀ ମଲିକ ରେଢ଼ାଖୋଲ ପୂର୍ତ୍ତବିଭାଗ ଡିଭିଜନ ଅଧୀନରେ ଟେଣ୍ଡର ପ୍ରକ୍ରିୟା ସରିଥିବା ୨୪ଟି ବିଭିନ୍ନ ପ୍ରକଳ୍ପ ମଧ୍ୟରୁ ୧୫ଟି ପ୍ରକଳ୍ପର ଶିଳାନ୍ୟାଶ କରିଥିଲେ। ନବୀନ ସରକାର ଅମଳରେ ବିକାଶର ଅୟମାରମ୍ଭ ହୋଇଛି। ଓଡିଶାକୁ ଭାରତର ଏକ ନମ୍ବର ରାଜ୍ୟରେ ପରିଣତ କରିବାକୁ ନବୀନ ବାବୁ ସ୍ୱପ୍ନ ଦେଖୁଛନ୍ତି। ଏଣୁ ଏହାକୁ ସାକାର କରିବାକୁ ପୁଣିଥରେ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଆସିନ କରିବାକୁ ମନ୍ତ୍ରୀ ସଭାରେ ଆହ୍ୱାନ ଦେଇଥିଲେ। ବିଧାୟକ ରୋହିତ ପୂଜାରୀ ବିକାଶ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଆଗାମୀ ଦିନରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳି ଓଡିଶା ପର୍ଯ୍ୟଟନ ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନରେ ରହିବ। ହୁମା ମନ୍ଦିର, ଦେବଝରଣ ପ୍ରକଳ୍ପ, କନ୍ଦରାସ୍ଥିତ ଭୀମ ଭୋଇ ସ୍ମୃତି ପୀଠ, ଭୀମ ମଣ୍ଡଳୀର ବିକାଶ ହୋଇଛି। ରେଙ୍ଗାଲିସ୍ଥିତ ଇକୋ ଟୁରିଜମ ପ୍ରକଳ୍ପ ପାଇଁ ଉଦ୍ୟମ ଜାରି ରହିଛି। ରେଢ଼ାଖୋଲବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଥିବା ମହାନଦୀରୁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଥିବା ସମ୍ପର୍କରେ ସୂଚନା ଦେଇ ଏଥିପାଇଁ ବିରୋଧୀ ଆତଙ୍କିତ ହୋଇପଡିଛନ୍ତି ବୋଲି କହିଥିଲେ। ରେଢ଼ାଖୋଲଠାରେ ବେକାର ଯୁବତୀ ଯୁବକଙ୍କ ନିଯୁକ୍ତି ପାଇଁ ସ୍କିଲ ଡେଭ୍‌ଲପ୍‌ମେଣ୍ଟ ସେଣ୍ଟର ପ୍ରତିଷ୍ଠା ହୋଇଛି। ହକି ଖେଳର ଉନ୍ନତି ପାଇଁ ଜୁଜୁମୁରାଠାରେ ରାଜ୍ୟର ତୃତୀୟ ବୃହତମ ହକି ଷ୍ଟାଡିୟମ ନିର୍ମାଣ ପ୍ରତିଷ୍ଠା ସରିଛି। ନିର୍ବାଚନ ମଣ୍ଡଳିର ୭ ଶହ ଗ୍ରାମ ଓ ପଡାକୁ ବିଦ୍ୟୁତୀକରଣ କରାଯାଇଥିବା ରୋହିତ ସୂଚନା ଦେଇଥିଲେ। ଏମ୍‌ପି ନଗେନ୍ଦ୍ର ପ୍ରଧାନ କେନ୍ଦ୍ର ସରକାରଙ୍କ ଅବହେଳା ଯୋଗୁ ରାଜ୍ୟରେ ବିକାଶ ହୋଇପାରୁ ନ ଥିବା କହିଥିଲେ। ଚାଷୀମାନଙ୍କ ଏମ୍‌ଏସ୍‌ପି ବୃଦ୍ଧି ପାଇଁ ଦାବି କରାଯାଇଛି। ହେଲେ କେନ୍ଦ୍ର ସରକାର କୌଣସି ପଦକ୍ଷେପ ନେଉନାହାନ୍ତି। ମୁଖ୍ୟମନ୍ତ୍ରୀ କେନ୍ଦୁପତ୍ର ତୋଳାଳିଙ୍କୁ ଶତପ୍ରତିଶତ ବୋନସ, ନିର୍ମାଣ ଶ୍ରମିକଙ୍କ ପାଇଁ କରିଥିବା ଯୋଜନା ସମ୍ପର୍କରେ ଏମ୍‌ପି କହିଥିଲେ। ସମାବେଶରେ ସମ୍ବଲପୁର ଜିଲା ଯୁବ ବିଜେଡି ସଭାପତି ସୁବାସ ଜେନା, ନାକ୍ଟିଦେଉଳ ବ୍ଲକ ବିଜେଡି ସଭାପତି ମୂଳିଆ ରାଉଳ ମଞ୍ଚାସୀନ ଥିଲେ। ରେଢ଼ାଖୋଲ ନଗର ସଭାପତି ସୁରେନ୍ଦ୍ର ବିଶ୍ୱାଳ, ନାକ୍ଟିଦେଉଳ ବ୍ଲକ ଅଧ୍ୟକ୍ଷା ମନ୍ଦାକିନୀ ରାଉଳ, ରେଢ଼ାଖୋଲ ବ୍ଲକ ଅଧ୍ୟକ୍ଷା କବିତା ପ୍ରଧାନ, ଏନଏସି ଉପାଧ୍ୟକ୍ଷ ସୁନିଲ କୁମାର ପ୍ରଧାନ, କାଉନସିଲର ଆଦିତ୍ୟ ପ୍ରଧାନ, ଜ୍ଞାନରଞ୍ଜନ ପ୍ରଧାନ, ବିଜେଡି ବ୍ଲକ ସଭାପତି ଉଦିତ ତ୍ରିପାଠି, ମାନେଶ୍ୱର ବ୍ଲକର ପୂର୍ବତନ ଅଧ୍ୟକ୍ଷ ଗିରି ଗୋବର୍ଦ୍ଧନ ପଣ୍ଡା, ବ୍ଲକ ସଭାପତି ଗୋପିରଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡଳି, ଶ୍ରମିକ ନେତା ଅନାଦି ସାହୁ, ଜୁଜୁମୁରା ବ୍ଲକ ସଭାପତି ବିନୋଦ ବଡପଣ୍ଡା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବାସୁଦେବ ପୃଷେଠ ଧନ୍ୟବାଦ ଦେଇଥିଲେ।



ରେଢ଼ାଖୋଲରେ ଶୁକ୍ରବାର ବିଜୁ ଜନତା ଦଳର ବିକାଶ ସମାବେଶରେ ମଞ୍ଚାସୀନ ନେତୃବୃନ୍ଦ।

## କୁର୍ମିମୁଣ୍ଡାରେ ଫୁଟବଲ୍ ପ୍ରତିଯୋଗିତା: ଭୁଲୁପଡ଼ାକୁ ହରାଇ ବାଉରିଗୋଡ଼ା ଚାମ୍ପିୟନ

**କୁଚିଣ୍ଡା,୨୮।୧୨ (ଡି.ଏନ୍.ଏ.)**

କୁଚିଣ୍ଡା ବ୍ଲକର ବାଉରୀଗୋଡ଼ା ପଞ୍ଚାୟତ ଅନ୍ତର୍ଗତ କୁର୍ମିମୁଣ୍ଡାରେ ଆୟୋଜିତ ତ୍ରି ଦିବସୀୟ ଫୁଟବଲ୍ ପ୍ରତିଯୋଗିତାରେ ବାଉରୀଗୋଡ଼ା ଚାମ୍ପିୟନ୍ ହୋଇଛି। ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାର ଫାଇନାଲ୍ ଖେଳ ବାଉରୀଗୋଡ଼ା ଏବଂ ଭୁଲୁପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଖେଳ ଅମୀମାଂଶିତ ରହିବାରୁ ଟାଇବ୍ରେକର ସାହାଯ୍ୟରେ ବାଉରିଗୋଡା ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସଭାରେ ବିଶିଷ୍ଟ କଳାକାର ଶ୍ରୁତିଧର ଚୌଧୁରୀ ଯୋଗଦେଇ ବିଜେତା ଦଳକୁ ସିଲ୍‌ଡ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିରୂପେ ଦୁଇ ପୂର୍ବତନ ସରପଞ୍ଚ ବିନୋଦ ରାୟ ଏବଂ ଦିଲୀପ କୁମାର ନାଏକ, ସୂର୍ଯ୍ୟ କୁମାର ଚୌଧୁରୀ, ଭୁବନେଶ୍ୱର ବାଘ ପ୍ରମୁଖ ଯୋଗ ଦେଇଥିଲେ। ରୋଶନ ପଟେଲ, ଦିଗାମ୍ବର ମାଝି, କନ୍ଦର୍ପ ଦଚ୍ଛା, ସୁନୀଲ୍ ବେହେରା, ତୀର୍ଥ ମାଝି, ଜଗନ କିଷାନ ପ୍ରମୁଖ ଏହି ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ବିଜୁ ପ୍ରଧାନ, ବଡ଼ ବାଘ ଖେଳ ପରିଚାଳନା କରିଥିଲେ । କର୍ମିମୁଣ୍ଡାର ନେଜାତୀ ବ୍ଲକ ଏହି ପ୍ରତିଯୋଗିତାର ଆୟୋଜନ କରିଥିଲା। ଏଥିରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ।

## ମାନେଶ୍ୱର ମେଡିକାଲ: ନିରାମୟ ଯୋଜନାର ଔଷଧ ମିଳୁନି



ମାନେଶ୍ୱର ଡାକ୍ତରଖାନାକୁ ଶୁକ୍ରବାର ଆସିଥିବା ରୋଗୀ ନିରାମୟ ଯୋଜନାରେ ଔଷଧ ନ ପାଇବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି।

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ରାଜ୍ୟ ଓ କେନ୍ଦ୍ର ସରକାର ଗରିବ ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ରୋଗୀଙ୍କୁ ମାଗଣା ଔଷଧ ବଣ୍ଟନ କରିବାକୁ ନିରାମୟ ଯୋଜନା ରହିଛି । ଏହି ଯୋଜନାରେ ମେଡିକାଲରେ କିନ୍ତୁ ଔଷଧ ମଳୁନି। ମାନେଶ୍ୱର ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ଏଭଳି ଘଟଣା ସାମ୍ନାକୁ ଆସିଛି। ଏଣୁ ଏଠାକୁ ଆସିଥିବା ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଥିଲା । ପାଟିତୁଣ୍ଡ ହୋଇ ଉତ୍ତେଜନା ପ୍ରକାଶ ପାଇଥିଲା। ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ଅବହେଳାକୁ ରୋଗୀ ଦାୟୀ କରିଛନ୍ତି। ଅନ୍ୟପଟେ ନିରାମୟ ଯୋଜନାରେ କାହିଁକି ଔଷଧ ମିଳୁ ନାହିଁ ବୋଲି କାର୍ଯ୍ୟରତ ଫାର୍ମାସିଷ୍ଟ ଗୌରୀଶଙ୍କର ପାଣିଗ୍ରାହୀଙ୍କୁ ପଚାରିବାରୁ ସେ ନଭେମ୍ବର ୧୭ ତାରିଖରୁ ଯୋଗ ଦେଇଛନ୍ତି। ଅଫିସ କାଗଜପତ୍ର ଓ ଔଷଧ ଷ୍ଟକ୍ ସମ୍ବନ୍ଧୀୟ କାଗଜପତ୍ର ପୂର୍ବତନ ଫାମାସିଷ୍ଟ ଜଳଧର ସେଠୀ ତାଙ୍କୁ ହସ୍ତାନ୍ତର କରି ନାହାନ୍ତି। ଏଣୁ ସେ ଆବଶ୍ୟକ ଦରକାରୀ ଔଷଧ ମଗାଇବାକୁ ପାଇଁ ଚିଠି କରିପାରୁନାହାନ୍ତି। ଏ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ଶୀଘ୍ର ଦାୟିତ୍ୱ ହସ୍ତାନ୍ତର କରିବାକୁ ପୂର୍ବତନ ଫାର୍ମାସିଷ୍ଟଙ୍କୁ ବିଭାଗ ପକ୍ଷରୁ ଚିଠି କରାଯାଇଛି । ହେଲେ କିଛି ଲାଭ ହୋଇନି। ଏବେ ସାଧାରଣ ଔଷଧ ମଧ୍ୟ ଷ୍ଟକରେ ନାହିଁ। ଯାହା କିଛି ଏବେ ରହିଛି ତାହ ଶୀଘ୍ର ସରିଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କଲ୍ୟାଣ କୁମାର ଗୁପ୍ତାଙ୍କୁ ପଚାରିବାରୁ କହିଛନ୍ତି ଯେ ଏହି ସମସ୍ୟାର ସମାଧାନ ଶୀଘ୍ର କରାଯିବ।

## ଆଜିଠୁ ନାକଟିଦେଉଳରେ ଧାନ କିଣାବିକା ସ୍ୱାଭାବିକ ହେବ

**ସମ୍ବଲପୁର,୨୮।୧୨(ବ୍ୟୁରୋ)**

ନାକଟିଦେଉଳ ବ୍ଲକରେ ଶନିବାରଠାରୁ ସ୍ୱାଭାବିକ ଭାବେ ଧାନ କିଣାବିକା କରାଯିବ। ସେଠାରେ ଧାନ କିଣାବିକାକୁ ନେଇ ଅଚଳା ଅବସ୍ଥା ଲାଗି ରହିଥିଲା। ମାର୍କେଟ ଖୋଲା ବିବାଦକୁ ନେଇ ସରାପାଲି, ସାଇବି, ନାକଟିଦେଉଳ ପଞ୍ଚାୟତରେ ୪ ଦିନ ଧାନ କିଣା ବନ୍ଦ ରହିଥିଲା । ଏଣୁ ପରିସ୍ଥିତି ସ୍ୱାଭାବିକ କରିବାକୁ ଶୁକ୍ରବାର ଜିଲା କୃଷକ ସଂଗଠନ ସଭାପତି ମୁରାରୀ ପୁରୋହିତ, ସମ୍ପାଦକ ବ୍ୟୋମୋକେଶ ଠାକୁର, ଚନ୍ଦ୍ରଶେଖର ପଣ୍ଡା ନାକଟିଦେଉ ଯାଇ ବୈଠକ କରିଥିଲେ। ସ୍ଥାନୀୟ ସମବାୟ ଅଧିକାରୀ, ଯୋଗାଣ ଅଧିକାରୀ, ନିୟନ୍ତ୍ରିତ ବଜାର କମିଟି କର୍ମଚାରୀ ଯୋଗ ଦେଇଥିଲେ। ପ୍ରଥମେ ସରାପାଲି ଓ ସାଇବି ପଞ୍ଚାୟତକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଚାଷୀମାନେ ନିଜର ସମସ୍ୟା କହିଥିଲେ। ପରେ ନାକଟିଦେଉଳରେ ବୈଠକ ଅନୁଷ୍ଠିତ ହୋଇଥିଲା । ବାରମ୍ବାର ଆଲୋଚନା ପରେ ଶେଷରେ ସମାଧାନ ବାଟ ବାହାରିଥିଲା। ଶନିବାରଠାରୁ ସ୍ୱାଭାବିକ ଭାବେ ଧାନ କିଣାବିକା କରାଯିବ ବୋଲି ସ୍ଥିର ହୋଇଛି।

## ହିନ୍ଦୁମାନଙ୍କ ଭିତରେ ଏକତା ଆବଶ୍ୟକ

**ନାକଟିଦେଉଳ,୨୮।୧୨(ଡି.ଏନ.ଏ.)**

ସ୍ଥାନୀୟ ହାଟପଦାରେ ଶୁକ୍ରବାର ବ୍ଲକସ୍ତରୀୟ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ନାକଟିଦେଉଳ ବ୍ଲକ ରାଷ୍ଟ୍ରୀୟ ସଂଘ ସେବକ ସଂଘ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ଖଗେଶ୍ୱର ବେହେରା, ହରିଶଙ୍କର ହୋତା, ଗୋବିନ୍ଦ ନାରାୟଣ ଅଗ୍ରୱାଲା, ଅରୁଣ କୁମାର ସାହୁ, ସ୍ୱଦେଶ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭାରତୀୟ ସଂସ୍କୃତିରେ ହିନ୍ଦୁ ଏକତାର ଆବଶ୍ୟକତା ଏବଂ ଭାଇଚାରା ସମ୍ପର୍କରେ ଆଲୋକପାତ କରିଥିଲେ। ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ଓ ହିନ୍ଦୁ ଏକତ୍ରୀକରଣ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବ୍ଲକସ୍ତରୀୟ ହିନ୍ଦୁ ଜାଗରଣ କମିଟି ଗଠନ କରାଯାଇଥିଲା । ଏଥିରେ ଈଶ୍ୱର ଚନ୍ଦ୍ର ବିଶ୍ୱାଳ ସଭାପତି, ଧୀରେନ୍ଦ୍ର ରାଉଳ ଉପସଭାପତି, ସଞ୍ଜୟ ପ୍ରଧାନ ସମ୍ପାଦକ, ଭୋଳାନାଥ ବେହେରାଙ୍କୁ ସହ ସମ୍ପାଦକ ଭାବେ ମନୋନିତ କରାଯାଇଛି।



ନାକଟିଦେଉଳ ହାଟପଦାରେ ଶୁକ୍ରବାର ବିଶାଳ ହିନ୍ଦୁ ସମ୍ମିଳନୀ ଅବସରରେ ଶୋଭାଯାତ୍ରା ବାହାରିଛି।

■ ପ୍ରଥମ ରୋଟାରି ରୁରାଲ୍ ଓମେନ୍ସ ହକି ଚାମ୍ପିୟନଶିପ୍

# ଢେଙ୍କାନାଳ ବନାମ ସମ୍ବଲପୁର ଅମଲିଖମନ ମ୍ୟାଚ ଡ୍ର

**ସମ୍ବଲପୁର,୨୮।୧୨ (ବ୍ୟୁରୋ)**

ସମ୍ବଲପୁର କ୍ଷେତରାଜପୁର ଇଣ୍ଡିଆନ୍ ପବ୍ଲିକ ସ୍କୁଲ ପରିସରରେ ଶୁକ୍ରବାର ପ୍ରଥମ ରୋଟାରୀ ରୁରାଲ୍ ଓମେନ୍ସ ହକି ଚାମ୍ପିୟନଶିପ୍-୨୦୧୮ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ମ୍ୟାଚ ଢେଙ୍କାନାଳ ବନାମ ସମ୍ବଲପୁର ଜିଲାର ଅମଲିଖମନ ମଧ୍ୟରେ ହୋଇଥିଲା । ମ୍ୟାଚ ଚିତାକର୍ଷକ ଓ ଆକର୍ଷଣୀୟ ହୋଇଥିଲା । ମ୍ୟାଚର ୧୫ତମ ମିନିଟରେ ଅମଲିଖମନ ଖେଳାଳି ଜର୍ସି ନମ୍ବର ୫ ରେଶମା ଖେସ ଆକର୍ଷଣୀୟ ଗୋଲ ସ୍କୋର କରିଥିଲେ । ତେଣୁ ଦଳ ୧-୦ ଗୋଲରେ ଅଗ୍ରଣୀ ହୋଇଥିଲା । ଏହାପରେ ଢେଙ୍କାନାଳ ଦଳର ଖେଳାଳିମାନେ ରଣନୀତିରେ ପରିବର୍ତ୍ତନ କରିଥିଲେ । ଫଳ ସ୍ୱରୂପ ମ୍ୟାଚର ୩୩ତମ ମିନିଟରେ ଢେଙ୍କାନାଳ ଖେଳାଳି ଜର୍ସି ନମ୍ବର ୩ କନକ ପୂର୍ତ୍ତି ଗୋଲ ସ୍କୋର କରିଥିଲେ । ମ୍ୟାଚ ୧-୧ ଗୋଲ ସ୍କୋରରେ ବରାବର ହୋଇ ଡ୍ର ରହିଥିଲା । ତେଣୁ ଦୁଇ ଦଳ ଗୋଟିଏ ଲେଖାଁଏ ପଏଣ୍ଟ ପାଇଛନ୍ତି । ମ୍ୟାଚକୁ ଅମ୍ପାୟର ରାଜେଶ୍ୱର ଖଡିଆ, ବୁଧୁଆ ମୁଣ୍ଡା ପରିଚାଳନା କରିଥିଲେ। ରବିବାର ଏକ୍କା, ବାବୁଲା ତିର୍କୀ ଓ ଅଜୟ ରାଏ ଟେକ୍‌ନିକାଲ ଟେବୁଲ ଦାୟିତ୍ୱ ତୁଲାଇଥିଲେ । ଇଣ୍ଡିଆନ୍ ପବ୍ଲିକ ସ୍କୁଲ ଓ ରୋଟାରୀ ହକି ଏକାଡେମୀ ମିଳିତ ଆନୁକୂଲ୍ୟରେ ଏହି ମହିଳା ହକି ଟୁର୍ନାମେଣ୍ଟ ଆୟୋଜିତ ହେଉଛି । ଏଥିରେ ୧୦ଟି ଦଳ ଭାଗ ନେଇଛନ୍ତି । ସମ୍ବଲପୁର ରେଲ ମଣ୍ଡଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା, ଏସ୍‌ପି ସଞ୍ଜୀବ ଅରୋରା, ଜିଲା କ୍ରୀଡା ଅଧିକାରୀ ଉପେନ୍ଦ୍ର ଶତପଥୀ, ଆଇପିଏସ ପ୍ରତିଷ୍ଠାତା ନିର୍ଦ୍ଦେଶକ କେଶବ କୁମାର ଡାଲମିଆଁ, ନିର୍ଦ୍ଦେଶକ ଅନୁରାଗ ଡାଲମିଆଁ, ସମ୍ପାଦିକା ସୁମନ ଡାଲମିଆଁ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଟୁର୍ନାମେଣ୍ଟ ଆୟୋଜକ କମିଟି ସାଂଗଠାନିକ ସମ୍ପାଦକ ଜତିନ୍ଦର କୁମାର ଶର୍ମା ସୂଚନା ପ୍ରଦାନ କରିଥିଲେ। ଉପଦେଷ୍ଟା ତଥା ଶହୀଦ ମାଧୋ ସିଂ ହକି ଏକାଡେମୀ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ମହାନ୍ତି ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସୂଚିତ କରଥିଲେ। ଇଣ୍ଡିଆନ ପବ୍ଲିକ ସ୍କୁଲ ଅଧ୍ୟକ୍ଷା ପୂଜା ସିଂ ଧନ୍ୟବାଦ ଦେଇଥିବା ବେଳେ ହେମନ୍ତ ଯାଦବ ମ୍ୟାଚ ଧାରା ବିବରଣୀ ପ୍ରଦାନ କରିଥିଲେ ।



ସମ୍ବଲପୁରରେ ଶୁକ୍ରବାର ଆୟୋଜିତ ପ୍ରଥମ ରୋଟାରି ଓମେନ୍ସ ହକି ଚାମ୍ପିୟନଶିପରେ ଢେଙ୍କାନାଳ ବନାମ ସମ୍ବଲପୁର ଅମଲିଖମନ ମ୍ୟାଚର ଦୃଶ୍ୟ ।



ଶୁକ୍ରବାର ସମ୍ବଲପୁର କ୍ଷେତରାଜପୁର ଇଣ୍ଡିଆନ୍ ପବ୍ଲିକ ସ୍କୁଲର ମହିଳା ହକି ଦଳ ଅତିଥିଙ୍କ ସହ ।



ପ୍ରଥମ ରୋଟାରି ଓମେନ୍ସ ହକି ଚାମ୍ପିୟନଶିପ୍ ଉଦଘାଟନୀ ଉତ୍ସବରେ ଇଣ୍ଡିଆନ୍ ପବ୍ଲିକ ସ୍କୁଲର ଛାତ୍ରୀମାନେ ସ୍ୱାଗତ ନୃତ୍ୟ ପରିବେଷଣ କରୁଛନ୍ତି।

## ବୁକ୍ସ ହିଲ୍ ରାମ ମନ୍ଦିରରୁ ବାହାରିଲା ବାଇକ ରାଲି

### ୩୦ରେ ବିଶାଳ ହିନ୍ଦୁ ସମ୍ମିଳନୀ

**ସମ୍ବଲପୁର, ୨୮।୧୨ (ବ୍ୟୁରୋ)**

ଶ୍ରୀରାମ ଜନ୍ମ ଭୂମିରେ ମନ୍ଦିର ନିର୍ମାଣ ସକାଶେ ବିଶାଳ ହିନ୍ଦୁ ସମ୍ମିଳନୀ ଆସନ୍ତା ୩୦ ତାରିଖ ସମ୍ବଲପୁର ମନ୍ଦଲିଆ ପଡିଆଠାରେ ହେବ । ଏ ନେଇ ପଶ୍ଚିମ ପ୍ରାନ୍ତ ବିଶ୍ୱ ହିନ୍ଦୁ ପରଷଦ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ବାଇକ ରାଲି ଅନୁଷ୍ଠିତ ହୋଇଯାଇଛି । ବୁକ୍ସ ହିଲ ରାମ ଓ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥିଲା । ରାମ ଓ ହନୁମାନ ଭକ୍ତମାନେ ବାଇକ ରାଲିରେ ସହର ପରିକ୍ରମା କରିଥିଲେ । ଭିଏଚପି ଉପଦେଷ୍ଟା ପ୍ରଦୀପ ବହିଦାର, ପଶ୍ଚିମ ପ୍ରାନ୍ତ ଯୁଗ୍ମ ସଂଯୋଜକ ରାଜୀବ ଶତପଥୀ, ବଜରଙ୍ଗଦଳ ପଶ୍ଚିମ ପ୍ରାନ୍ତ ସଂଯୋଜକ ସୁଧୀର କୁମାର ବହିଦାରଙ୍କ ପରିଚାଳନାରେ କାର୍ଯକ୍ରମ ଆୟୋଜିତ ହୋଇଥିଲା । ସୂଚନାଯୋଗ୍ୟ ଯେ, ୩୦ ତାରଖ ହେବାକୁ ଥିବା ସମ୍ମିଳନୀରେ ସମ୍ବଲପୁଲ, ବରଗଡ, ଝାରସୁଗୁଡା ଓ ଦେବଗଡ ଜିଲାର ୧୫ ହଜାର ଭକ୍ତଙ୍କ ସମାଗମରେ ସାମିଲ ହେବାକୁ ସ୍ଥିର କରାଯାଇଛି । ଦୀର୍ଘ ୨୪ ବର୍ଷ ହେବ ଶ୍ରୀରାମ ଲାଲା ଅଯୋଧ୍ୟାରେ ତମ୍ବୁ ତଳେ ରହିଛନ୍ତି । ତେଣୁ ମନ୍ଦିର କିପରି ନିର୍ମାଣ ହେବ ସେ ନେଇ ଦେଶ ସାରା ଜନଜାଗରଣ କରିବା ଲକ୍ଷ୍ୟରେ ଏହି ବିଶାଳ ହିନ୍ଦୁ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ ରହିଛି ।



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ।
ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଶ୍ରୀଜଗନ୍ନାଥ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ

ଦେବଗଡ,୨୮।୧୨(ସ୍ୱ.ପ୍ର.)
ସ୍ଥାନୀୟ ଟାଉନହଲରେ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସଦ(ବାମଣ୍ଡା)ର ୩୦ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଡ.ପଦ୍ମନାଭ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଦେବଗଡ ଆଦର୍ଶ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. କୈଳାଶ ଚନ୍ଦ୍ର ଦାଶ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଅତୁଲ୍ୟ ପୂଜାରୀ, ଡ. ଦେବାଶିଷ ପାଣ୍ଡିଆ ଓ ପ୍ରଧାପକ ପ୍ରକାଶ କୁମାର ସେଠ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଓଡିଆ ସାହିତ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଖଗେଶ୍ୱର ଦେହୁରିଙ୍କ ରଚିତ ନୂତନ ପୁସ୍ତକ 'କବିତା ବଲ୍ଲରୀ' ଉନ୍ମୋଚିତ ହୋଇଥିଲା। ପଣ୍ଡିତ ମଧୁସୂଦନ ଗୁରୁ, ଦେବଗଡର ପ୍ରଫୁଲ୍ଲ ମହାପାତ୍ର, ସମ୍ବଲପୁରର ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନ, ଟିକେଶ୍ୱର ଦାଶ, ଇଂ. ଚିତ୍ତରଞ୍ଜନ ପ୍ରଧାନ, ସରକାରୀ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଡ. ଧୀରେନ୍ଦ୍ର ଦାଶ, ବିଭୁତି ଗଙ୍ଗଦେବ, ନିତ୍ୟାନନ୍ଦ ପ୍ରଧାନ, ରାଜାବାସୁଦେବ ହାଇସ୍କୁଲର ଶ୍ରେଷ୍ଠ ଛାତ୍ର ଚମ୍ପକ ରାୟ ଆଚାର୍ଯ୍ୟ, ବାବୁନ କୁମାର ସାହୁ, କେନ୍ଦ୍ରୀୟ ବିଦ୍ୟାଳୟର ଅନୁରାଗ ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଚନ୍ଦ୍ର ମହାପାତ୍ର ଓ ନିରଞ୍ଜନ ଦ୍ୱିବେଦୀଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବେ ପ୍ରଫୁଲ୍ଲ ପଟେଲ ଯୋଗ ଦେଇଥିଲେ । ଡ. ସନ୍ତୋଷ ଦେବତା ଓ ଡ. ତନ୍ମୟୀ ମହାନ୍ତି କବିତା ସଂଯୋଜନା କରିଥିଲେ। ସୁମିତ୍ରା ପୁରୋହିତ ସହଯୋଗ କରିଥିଲେ। ଚିତ୍ତରଞ୍ଜନ ଦାସ ପ୍ରାରମ୍ଭିକ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭାନୁ ଶଙ୍କର ନନ୍ଦ, ଭୋଳେଶ୍ୱର ମିଶ୍ର ସହାୟତା ପ୍ରଦାନ କରିଥିଲେ। ଡା. ଭାରତ ଭୂଷଣ ନନ୍ଦ ବାର୍ଷିକ ବିବରଣୀ ପାଠ ସହ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଙ୍ଗଲ ବିଭାଗର ଗାତ୍ ଖୁଲା: ହାତୀକୁ ବିପଦ

ବାମରା, ୨୮।୧୨ (ସ୍ୱ.ପ୍ର.):
ସମ୍ବଲପୁର ଜିଲା ବାମରା ସୀମାନା ଅଂଚଲରେ ଦିନ୍‌କେ ଦିନ୍ ଜଂଗଲି ହାତୀକର ଉତ୍‌ପାତ ଲାଗି ଚାଷ୍‌ବାସ, ଧନ୍‌ଜୀବନ୍‌ର କ୍ଷୟକ୍ଷତି ହେଉଛେ। ଇଥିର ଉପରେ ଲଗାମ କସବାକେ ବନବିଭାଗ ତରଫୁ ଜଂଗଲ ଭିତରେ ଗାତ୍ କୁଡ଼ାଯାଇଛେ। ହେଲେ ଇତାକେ ଥାନୀୟ ଲୋକ୍ ବିରୋଧ୍ କରିଛନ୍। ଆରଗୁଟେ ହିସାବେ ଇ କୁଡ଼ଲା ଗାତେ ହାତୀ ପଡ଼ି ନାଇଁ ମରନ୍ ତ ବଲି ସାଧାରନ୍‌ରେ ଆଶଁକା ପରକାଶ ପାଇଛେ। ଏଭେ ଦିନାକେ କେତେ ଆଗ୍‌ରୁ ବାମରା ପାସର ବାଗଡିହି ରେଲ ଲାଇନ ତରେ କେବୁଲ ଲାଇନ ଲାଗି କୁଡ଼ା ଯାଇଥିବାର ଗାତେ ପଡ଼ି ୨ଟା ଛୁଆ ହାତୀର ମୁର୍‌ତୁ ଘଟିଥିଲା। ଛୁଆକୁ ବଁଚାବାକେ ଯାଇ ମାଈ ହାତୀ ବି ଜୀବନ୍ ହାରିଥିଲା। ଇ ଘଟ୍‌ନା ଉତାରୁ ବିଭାଗ୍‌ର ନିଦ୍ ଭାଂଗିଥିଲା। ଗାତ୍ ଯାକ ତୁପି ଦେଇ ଆଏଜତକ୍ ଖାଲି ଦୋଷ ଲଦା ଲଦି ଚାଲିଛେ। ବାମରା ବନ୍ୟପ୍ରାଣୀ ବନଖଣ୍ଡ ଗଡ଼ପୋଷ ଅଂଚଲରେ ଦିନୁ ଦିନ୍‌କେ ହାତୀକର ଉତ୍‌ପାତ ବଢ଼ବାରେ ଲାଗିଛେ। ଫଁବଛର ଧାନ ଅମଲ ସମିଆରେ ପଡ଼ିଶା ଜିଲାରୁ ହାତୀ ଦଲ ଦଲ ହେଇ ଆସି ଫସଲ ମାଡ଼ିଦଲି ଖରାପ କରବାର ସଂଗେ ଲୁକ୍‌କର ଘରଦୁଆର ଭାଂଗି ଦେଉଛନ୍। ଏନ୍‌ତାଥି ଧନ୍‌ଜୀବନ୍‌ର ବି ବଡ଼ଭାରି କ୍ଷୟକ୍ଷତି ଘଟୁଛେ। ହାତୀକର ଉପ୍‌ରେ ଲଗାମ କସବାର ଲାଗି ବନବିଭାଗ କରମଚାରୀ ବି ନାକେଦମ୍ ହେଇଯାଉଛନ୍। ହାତୀକୁ ଇ ସବୁରୁ ଦୁରେଇ ରଖ୍‌ବାର ଲାଗି ଜଂଗଲରେ ଗାତ୍ କୁଡ଼ାଯାଉଛେ। ଡଙ୍ଗାଯୋର ରିଜର୍ଭ ଫରେଷ୍ଟରେ ଇ କାମ୍ ମୂଲ୍ ହେଇଛେ। ହେଲେ କେତେ ଥାନୀୟ ଯୁବକ୍ ଇ କାମ୍‌କେ ବିରୋଧ କରିଥିଲେ। କିନାବଗା ପଁଚେତର ମସନିକାନୀ ଚାରପଡ଼ାରେ ବନବିଭାଗ ପାଖାପାଖି ୧ କି.ମି.ର ଗାତ୍ କୁଡ଼ିଛେ। ଇତାକେ ଥାନୀୟ ଲୋକ୍ ବିରୋଧ କରିଥିଲେ। ପଛେ ଡଙ୍ଗାଯୋର କିସାନପଡ଼ାର ଖମ୍ବଗଡ଼ା ଭିତରେ ଗାତ୍ କୁଡ଼ବାର ମୂଲ୍ କରାଯାଇଥିଲା। ହେଲେ ପୁଷା ଗାଈଗୋରୁ ଆର ହାତୀ ଗାତେ ପଡ଼ି ମରବାର ଆଶଁକା କରି ଲୋକ୍ ଇ କାମ୍‌କେ ବିରୋଧ୍ କଲାରୁ କାମ୍ ବଁଦ୍ କରାଯାଇଥିଲା। ଗାତ୍ କୁଡ଼ବାର ମାନେ ସିଧାସଲଖ ହାତୀକର ମୁର୍‌ତୁକେ ଡାକ୍‌ବାର କଥା ବଲି ଥାନୀୟ ଲୋକ୍ କହିଛନ୍। ଇ ବାବ୍‌ଦେ ବାମରା ବନ୍ୟପ୍ରାଣୀ ରେଞ୍ଜର ବିଶ୍ୱନାଥ ମେହେରଙ୍କୁଁ ପଚରାଲାରୁ ଗାତ୍ କୁଡ଼ା କାମ୍‌ରେ ଗାଁବାସୀ ବିରୋଧ କଲାରୁ କାମ୍ ବଁଦ୍ ରହିଛେ। ଥାନୀୟ ଲୁକ୍‌କର ସଂଗେ ଆଲୋଚନା କଲାପରେ କାଣା କରାଯିବା ଚିନ୍‌ତା କରାଯିବା ବଲି ସେ କହିଥିଲେ।






ସମ୍ବଲପୁରରେ ରବିବାର ଆୟୋଜିତ ହେବାକୁ ଥିବା ଜାତୀୟ ସମ୍ବଲପୁରୀ ନୃତ୍ୟ ଉତ୍ସବରେ ଭାଗ ନେବାକୁ ଶୁକ୍ରବାର ଇଟାଲୀ, ସ୍ପେନ ଓ ଜାପାନ କଳାକାରମାନେ ପହଞ୍ଚିଛନ୍ତି । (ବାମ) । ଶୁକ୍ରବାର ବୀର ସୁରେନ୍ଦ୍ର ସାଏ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତାର ଶେଷ ରଜନୀରେ ମଞ୍ଚସ୍ଥ ନାସ୍ତି ପ୍ରଜ୍ଞା ସମପ୍ରଭା ନାଟକର ଦୃଶ୍ୟ ।

### ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

## ବୀରମହାରାଜପୁରକୁ ହରାଇ ସମ୍ବଲପୁର ଚାମ୍ପିୟନ

ରେଢ଼ାଖୋଲ,/ଅମରପାଲି, ୨୮।୧୨(ଡି.ଏନ.ଏ.)

ରେଢ଼ାଖୋଲ ବ୍ଲକ୍ ବଡମାଳ ହାଇସ୍କୁଲ ପଡିଆରେ ଚାଲିଥିବା ୧୮ତମ ଶହୀଦ ଶୁକଦେବ ସ୍ମାରକୀ କ୍ରିକେଟ ଟର୍ନାମେଣ୍ଟ ଶେଷ ହୋଇଛି। ବୀରମହାରାଜପୁରକୁ ହରାଇ ଜଗନ୍ନାଥ କଲୋନୀ ସମ୍ବଲପୁର ଚାମ୍ପିୟନ ହୋଇଛି। ସମ୍ବଲପୁର ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୯ ରନ କରିଥିଲା। ଦଳର ସୁଧିର ତରିଆ ୪୧ ରନ ଓ ଅବିନାଶ ନନ୍ଦ ୩୭ ରନ କରିଥିଲେ। ବୀରମହାରାଜପୁର ଦଳର ଯଦୁଲାଲ ନନ୍ଦ, ଜୟ ପ୍ରକାଶ ସାହୁ ଓ ଶୈଳରଞ୍ଜନ ବାଦି ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ବୀରମହାରାଜପୁର ଦଳ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୧୨ ରନ କରି ପରାଜିତ ହୋଇଥିଲା । ଦଳର ଯଦୁଲାଲା ନନ୍ଦ ୪୬ ରନ ଓ ଶିତୁ ଭଞ୍ଜ ୧୮ ରନ କରିଥିଲେ। ସମ୍ବଲପୁରର ଅବିଷେକ ପଣ୍ଡା ୩ଟି ଓ ଅବିନାଶ ନନ୍ଦ ୨ଟି ଉଇକେଟ ନେଇଥିଲେ। ଉଦ୍‌ଯାପନୀ ସମାରୋହରେ ବଂଶାଜାଲ ସମବାୟ ସମିତିର ସଭାପତି ଲକ୍ଷ୍ମଣ ପ୍ରଧାନ ମୁଖ୍ୟଅତିଥି, ବଡମାଳ ୟୁନିୟନ ବ୍ୟାଙ୍କ ମ୍ୟାନେଜର ଚନ୍ଦ୍ରକାନ୍ତ ଭୋଇ, ସରପଞ୍ଚ ଷଡାନନ ପ୍ରଧାନ, ଫାଣ୍ଡି ଅଧିକାରୀ ଶାନ୍ତନୁ ବେହେରା, କ୍ରୀଡାବିତ ଠାକୁର ବାଘ, ଶହୀଦଙ୍କ ଭାଇ ମୁରଲୀଧର ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଜଗନ୍ନାଥ କଲୋନୀ ସମ୍ବଲପୁର ଦଳକୁ ନଗଦ ୧୦ ହଜାର ଟଙ୍କା ସହ ଟ୍ରଫି ଓ ଉପ ବିଜେତା ଦଳଙ୍କୁ ନଗଦ ୮ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଜଗନ୍ନାଥ କଲୋନୀ ଦଳର ଅବିନାଶ ନନ୍ଦଙ୍କୁ ମ୍ୟାନ ଅଫ ଦି ମ୍ୟାଚ, ରାଜେଶ୍ୱର ମହାନ୍ତିଙ୍କୁ ଶେଷ୍ଠ ବୋଲର, ବୀରମହାରାଜପୁର ଦଳର ଯଦୁଲାଲ ନନ୍ଦଙ୍କୁ ମ୍ୟାନ ଅଫ ଦି ସିରିଜ, ଶିତୁ ଭଞ୍ଜଙ୍କୁ ଶ୍ରେଷ୍ଠ ସିକ୍ସର ଓ ପ୍ରକାଶ ସାହୁଙ୍କୁ ଶ୍ରେଷ୍ଠ ଉଇକେଟ କିପର ଭାବେ ପୁରସ୍କୃତ କରାଯାଇଛି। ଫାଇନାଲ ମ୍ୟାଚକୁ ଦେବେନ୍ଦ୍ର ପ୍ରଧାନ ଓ ସୁଜିତ ନନ୍ଦ ପରିଚାଳନା କରିଥିଲେ। ଶଭମ ସେଠ ଓ ରାଜ କିଶୋର ପ୍ରଧାନ ସ୍କୋରର ଥିବାବେଳେ ସୁବଳ ପ୍ରଧାନ ଧାରାବିବରଣି ପ୍ରଦାନ କରିଥିଲେ। ଆୟୋଜକ ଜୟ ଜଗନ୍ନାଥ କ୍ଲବର ମନୋଜ ବାଘ, ସନାତନ ପ୍ରଧାନ, ଯୁଧିଷ୍ଠିର ଭୋଇ, ସୁରମଣି ପ୍ରଧାନ, ଚିଣ୍ଟୁ ବିଶ୍ୱାଳ, ଗୁପ୍ତେଶ୍ୱର ରଣା, ବାବୁଲା ରଣା ପ୍ରମୁଖ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

### ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟ

## ସେମିରେ ଭୁବନେଶ୍ୱର ରାମେଶ୍ୱର ସ୍ପୋର୍ଟିଂ

ଦେବଗଡ,୨୮।୧୨(ସ୍ୱ.ପ୍ର)

ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଚାଲିଥିବା ୨୯ତମ ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟର ପୁଲ 'ବି'ର ଦ୍ୱିତୀୟ ଦିନର ମ୍ୟାଚ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ବରଗଡ ବ୍ଲୁ ଡାଇମଣ୍ଡ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାମେଶ୍ୱର ସ୍ପୋର୍ଟିଂ ମ୍ୟାଚ ଜିତି ସେମି ଫାଇନାଲକୁ ପ୍ରବେଶ କରିଛି । ଶୁକ୍ରବାର ୫ମ ଦିବସରେ ରାମେଶ୍ୱର ସ୍ପୋର୍ଟିଂ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୩୦ ଓଭରରେ ୪ ଉଇକେଟ ହରାଇ ୨୧୫ ରନ କରିଥିଲା। ଦଳ ପକ୍ଷରୁ ବିକ୍ରମ ସ୍ୱାଇଁ ୬୭ ବଲରେ ୫୯ ରନ ଏବଂ କୃଷ୍ଣଚନ୍ଦ୍ର ବାରିକ ୬୫ ବଲରେ ୮୦ରନ କରିଥିଲେ। ବ୍ଲୁଡାଇମଣ୍ଡ କ୍ରିକେଟ କ୍ଲବ ଦଳର ହରଜିତ ସିଂ ଏବଂ ବିକ୍ରମ ପ୍ରଧାନ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ବ୍ଲୁ ଡାଇମଣ୍ଡ କ୍ରିକେଟ କ୍ଲବ ୩୦ ଓଭରରେ ୬ ଉଇକେଟ ହରାଇ ୨୦୯ ରନ୍ କରି ପରାଜୟ ହୋଇଥିଲା। ରାମେଶ୍ୱର ସ୍ପୋର୍ଟିଂ ସେମି ଫାଇନାଲକୁ ପ୍ରବେଶ କରିଛି। ଦଳର ସୟଦ ହାରୁମ ୯୩ ବଲରେ ୧୦୦ ରନ, ମଲୟହାତୀ ୩୪ ବଲରେ ୪୩ ରନ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂର ମହେଶ ପରିଡା ୩ ଓ ନିହାର ରଞ୍ଜନ ପଟ୍ଟନାୟକ ୨ ଉଇକେଟ ନେଇଥିଲେ । ଅତିଥି ଭାବେ ଡିଆଇପିଆରଓ ବିଜୟ କୁମାର ମିଶ୍ର ଯୋଗ ଦେଇଥିଲେ। କୃଷ୍ଣଚନ୍ଦ୍ର ବାରିକଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଛି। ଚିନ୍ମୟକାନ୍ତ ତ୍ରିପାଠି, ସତ୍ୟପ୍ରକାଶ ରଥ ମ୍ୟାଚ୍ ପରିଚାଳନା କରିଥିଲେ। ସ୍କୋରର ଭାବେ ସନ୍ତୋଷ ସେଠୀ, ବେଣୁଧର ଗଡନାୟକ ଧାରାବିବରିଣୀ ପ୍ରଦାନ କରିଥିଲେ। ଶନିବାର ଦେବଗଡ ବାମଣ୍ଡା କ୍ରିକେଟ କ୍ଲବ ଏବଂ ରାମେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।




ବାମଣ୍ଡା କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଖେଳାଳି ପୁରସ୍କାର ରାଶି ଗ୍ରହଣ କରୁଛନ୍ତି।

## ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ

ଦେବଗଡ,୨୮।୧୨(ସ୍ୱ.ପ୍ର.)
ବାରକୋଟ ବ୍ଲକ ଅଧୀନ କଣ୍ଢେଇ ଉଚ୍ଚ ମାଧ୍ୟମିକ ସ୍କୁଲ ଆନୁକୂଲ୍ୟରେ ବୁଢାବାହାଲ ଗ୍ରାମରେ ଗତ ୨୨ ତାରିଖରୁ ଚାଲିଥିବା ଜାତୀୟ ସେବା ଯୋଜନା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅଧକ୍ଷା ରଞ୍ଜିତା ନନ୍ଦ ଅଧକ୍ଷତା କରିଥିଲେ। ଅତିଥି ଭାବେ ଜିଲା ମଙ୍ଗଳ ଅଧିକାରୀ ହଳଧର ମହାନନ୍ଦ, ନେହେରୁ ଯୁବ କେନ୍ଦ୍ର ସଂଯୋଜକ ପ୍ରଦୀପ ବିଶ୍ୱାଳ, ରମ୍ଭେଇ ସରପଞ୍ଚ ସବିତା ପ୍ରଧାନ, ପିଇଓ ଭବାନୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପଲ୍ଲୀ ସେବକ ସାହୁ ଏବଂ ରେଡକ୍ରସ କାଉନସିଲର ତଥା ଶିକ୍ଷା ବିଭାଗର ପ୍ରାଧାପକ କପୁରଚନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ୭ ଦିନ ଧରିଆୟୋଜିତ ହୋଇଥିବା ଏହିଶିବିରରେ ୨୨ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗୋବିନ୍ଦଚନ୍ଦ୍ର ସାହୁ, ଖେଳ ପ୍ରଶିକ୍ଷକ ଧବଳେଶ୍ୱର ପଣ୍ଡା, ପ୍ରଶାନ୍ତ ସାମଲ ସହଯୋଗ କରିଥିଲେ।




ଜାତୀୟ ସେବା ଯୋଜନା ଶିବିରରେ ମଞ୍ଚାସୀନ ଅତିଥି।

### ଡା.ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

## ଧୁଚୁରାପଡ଼ା ବିଜୟୀ

ସମ୍ବଲପୁର, ୨୮।୧୨ (ବ୍ୟୁରୋ)

ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଜିଲା କ୍ରୀଡା ସଂଘ ଦ୍ୱାରା ଶୁକ୍ରବାର ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଆୟୋଜିତ ହୋଇଛି। ଉଦ୍‌ଘାଟନୀ ମ୍ୟାଚରେ ଧୁଚୁରାପଡା ଦଳ ୩-୨ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ମ୍ୟାଚକୁ ରେଫରୀ କର୍ଣ୍ଣ ବେହେରା, ପଦ୍ମନାଭ ବେହେରା, ମହମ୍ମଦ ଫଇଜଲ ଓ ବଳରାମ ମଟାରୀ ପରିଚାଳନା କରିଥିଲେ। ଫୁଟବଲ ସମ୍ପାଦକ ଅବଦୁଲ ଗଫାରଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଗଙ୍ଗାଧର ମେହେର ଜୁନିୟର କଲେଜ ଅଧାପକ ଡ.ସୁନୀଲ ଗୁରୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । କ୍ରୀଡା ସଂଗଠକ ବିଶ୍ୱମ୍ବର ବହିଦାର, ଜିଲା କ୍ରୀଡା ସଂଘ ସାଧାରଣ ସମ୍ପାଦକ ଦୁଲାଲଚନ୍ଦ୍ର ପ୍ରଧାନ, ଉପସଭାପତି ଦିଲୀପ କୁମାର ବିଶି, ଗେମ୍ସ ସମ୍ପାଦକ ପ୍ରଶାନ୍ତ ସେଠ, କାଉନସିଲ ସଭ୍ୟ ଅମୂଲ୍ୟ କୁମାର ମିଶ୍ର, ସୁନୀଲ ସାହୁ, ମନୋଜ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଚାରଭାଟି ଦଳର ଶ୍ରବଣ ଓରାମଙ୍କୁ ଶ୍ରେଷ୍ଠ ଖେଳାଳି ଭାବେ ପୁରସ୍କାର କରାଯାଇଥିଲା।



ଶୁକ୍ରବାର ସମ୍ବଲପୁର ଜିଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଡା. ସନାତନ ବେହେରା ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟରେ ଧୁଚୁରାପଡା ଓ ଚରଭାଟି ଦଳ ଅତିଥିଙ୍କ ସହ ।


## ୭୦ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

### ପ୍ରେସ୍ ବିଜ୍ଞପ୍ତି

ନଂ. ୮୩/ Res. ତା.୨୮.୧୨.୨୦୧୮

ଅଦ୍ୟ ତା. ୨୮.୧୨.୨୦୧୮ରିଖ ଅପରାହ୍ନ ୩ ଘଟିକା ସମୟରେ ଧନୁଯାତ୍ରା ଜମି ଆବଣ୍ଟନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଟ୍ରେଡ୍‌ଫେୟାର ପାଇଁ ଏକଗୋଟି ଟେଣ୍ଡର ପ୍ରାପ୍ତ ହୋଇଥିଲା, ଯାହାର ଡାକ ମୂଲ୍ୟ ସର୍ବନିମ୍ନ ମୂଲ୍ୟଠାରୁ ଅଧିକ ଥିଲା, ତେଣୁ ଟ୍ରେଡ୍‌ଫେୟାର ଟେଣ୍ଡର ଚୂଡାନ୍ତ କରାଗଲା ।
ଟ୍ରେଡ୍‌ଫେୟାର ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳ ନିମିତ୍ତ କୌଣସି ଟେଣ୍ଡର ଫର୍ମ ପଡି ନଥିବାରୁ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୯୪୧୪/ ତା ୨୦.୧୨.୨୦୧୮ରିଖ ଅନୁଯାୟୀ ତା ୩୦.୧୨.୨୦୧୮ରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଟେଣ୍ଡର ଫାଇନାଲ ନିମନ୍ତେ ବୈଠକ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି କରାଗଲା । ତେଣୁ ଇଚ୍ଛୁକ ନିଲାମଧାରୀ ଆସନ୍ତା ତା ୩୦.୧୨.୨୦୧୮ରିଖ ଅପରାହ୍ନ ୨ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଟେଣ୍ଡର ଫର୍ମ ଦାଖଲ କରିପାରିବେ ।
ବରଗଡ଼ର କିଛି ବ୍ୟବସାୟୀଙ୍କର ଲିଖିତ ଆବେଦନକୁ ବିଚାରକୁ ନେଇ ଜମି ଆବଣ୍ଟନ କମିଟି ଦ୍ୱାରା ପୂର୍ବ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଥିବା ସର୍ବନିମ୍ନ ମୂଲ୍ୟକୁ ନିମ୍ନମତେ କମ କରାଗଲା ।

| Zone No. | Zone Name | Previous Up-set Price (In Rs.) | Revised Up-Set Price (in Rs.) |
|---|---|---|---|
| 2A | JHULA<br>i) Near Trade Fair | 18,50,000/- | 16,17,000/- |
| 2B | ii) From Maharaja Gali to SBI Gali | 18,38,000/- | 16,10,000/- |
| 3A | MEENA BAZZAR<br>i) Near Pallishree Mela & Trade Fair | 14,00,000/- | 13,36,000/- |
| 3B | SMALL SHOP<br>ii) Near SBI Gali | 8,50,000/- | 8,28,000/- |
| 3C | SMALL SHOP<br>iii) Near Food Fest | 9,00,000/- | 8,53,000/- |
| PARKING PLACE | | | |
| Sl. No. | Place | Previous Up-Set Price (in Rs.) | Revised Up-Set Price (in Rs.) |
| 1 | Kacheri Field | 1,25,000/- | 1,15,000/- |
| 2 | Sales-Tax Field | 70,000/- | 67,000/- |
| 3 | Mahadev Temple to Super Market (Except VSS Nagar Durga Mandap) | 1,00,000/- | 67,000/- |
| 4 | Behind Women's College | 15,000/- | 11,000/- |

**ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଲା :**
ପୂର୍ବବର୍ଷ ଭଳି ପାର୍କିଂ ଫି ସାଇକେଲ ନିମନ୍ତେ ଟ.୫/-, ମୋଟର ସାଇକେଲ ନିମନ୍ତେ ଟ. ୧୦/- ଓ କାର୍ ନିମନ୍ତେ ଟ. ୨୦/- ବଳବତ୍ତର ରହିଲା । ବର୍ଦ୍ଧିତ ପାର୍କିଂ ଫି କୁ ପ୍ରତ୍ୟାହାର କରାଗଲା । ଅଧିକ ପାର୍କିଂ ଫି ଆଦାୟ ବିରୁଦ୍ଧରେ ପୋଲିସ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

**ସ୍ୱା./- ଉପ-ଜିଲ୍ଲାପାଳ ତଥା ଆବାହକ, ଜମି-ଆବଣ୍ଟନ କମିଟି**
**ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼**




Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 2

## IITJEE (Main) (PHYSICS)

**Time : 1 hour** **Maximum Marks: 120**

### GENERAL INSTRUCTIONS

*For each question you will be given **4** Marks if you have darkened only the bubble corresponding to the correct answer and zero mark if no bubble is darkened. In all other cases, minus **one (–1)** Marks **(NEGATIVE MARKING)** will be given.*

**1.** In the given circuit all resistances are of value R ohm each. The equivalent resistance between A and B is:




(1) 2R (2) 3R
(3) 5R/3 (4) 5R/2

**2.** To get maximum current through a resistance of 2.5Ω, one can use 'm' rows of cells, each row having 'n' cells. The internal resistance of each cell is 0.5Ω. What are the values of n and m, respectively, if the total number of cells is 45?
(1) 3, 15 (2) 5, 9
(3) 9, 5 (4) 15, 3

**3.** Consider the potentiometer circuit arranged as in figure. The potentiometer wire AB is 300 cm long. If the jockey touches the wire at a distance of 275 cm from A, then (3E/Nr) current flow through galvanometer. The value of N is:




(1) 64 (2) 32
(3) 16 (4) 8

**4.** The equivalent capacitance between A and B in the circuit given below, is:




(1) 2.4 μF (2) 4.9 μF
(3) 3.6 μF (4) 5.4 μF

**5.** In the following circuit, the switch S is closed at t = 0. The charge on the capacitor $C_1$ as a function of time will be given by: $\left(C_{eq} = \frac{C_1C_2}{C_1+C_2}\right)$




(1) $C_1E\left[1-e^{-tR/C_1}\right]$ (2) $C_1E\left[1-e^{-t/RC_2}\right]$
(3) $C_{eq}E\left[1-e^{-t/RC_{eq}}\right]$ (4) $C_{eq}Ee^{-t/RC_{eq}}$

**6.** A capacitor $C_1$ = 1.0 μF is charged up to a voltage V = 60V by connecting it to battery B through switch (1). Now $C_1$ is disconnected from battery and connected to a circuit consisting of two uncharged capacitors $C_2$ = 3.0μF and $C_3$ = 6.0μF through switch (2), as shown in the figure. The final charges on $C_2$ or $C_3$ is:




(1) 40 μC (2) 36 μC
(3) 20 μC (4) 54 μC

**7.** An ideal capacitor of capacitance 0.2 μF is charged to a potential difference of 10V. The charging battery is then disconnected. The capacitor is then connected to an ideal inductor of self inductance 0.5 mH. The current at a time when the potential difference across the capacitor is 5V, is:
(1) 0.34 A (2) 0.25 A
(3) 0.17 A (4) 0.15 A

**8.** In a circuit for finding the resistance of a galvanometer by half deflection method, a 6 V battery and a high resistance of 11 kΩ are used. The figure of merit of the galvanometer is 60 μA/division. In the absence of shunt resistance, the galvanometer produces a deflection of θ = 9 divisions when current flows in the circuit. The value of the shunt resistance that can cause the deflection of θ/2, is closest to:
(1) 550 Ω (2) 220 Ω
(3) 55 Ω (4) 110 Ω

**9.** In an a.c. circuit, the instantaneous e.m.f. and current are given by

$$e = 100\sin 30t,\ i = 20\sin\left(30t - \frac{\pi}{4}\right)$$

In one cycle of a.c., the average power consumed by the circuit and the wattless current are, respectively:

(1) 50, 10 (2) $\frac{1000}{\sqrt{2}}, 10$ (C) $\frac{50}{\sqrt{2}}, 0$ (4) 50, 0

**10.** A power transmission line feeds input power at 2300 V to a step down transformer with its primary windings having 4000 turns, giving the output power at 230 V. If the current in the primary of the transformer is 5A, and its efficiency is 90%, the output current would be:
(1) 50 A (2) 45 A
(3) 25 A (4) 20 A

**11.** A coil of cross-sectional area A having n turns is placed in a uniform magnetic field B. When it is rotated with an angular velocity ω, the maximum e.m.f. induced in the coil will be:
(1) 3nBAω (2) 3/2nBAω
(3) nBAω (4) 1/2nBAω

**12.** A steady current is set up in a cubic network composed of wires of equal resistance and length d as shown in figure. What is the magnetic field at the centre P of the cube due to the cubic network?




(1) $\frac{\mu_0}{4\pi}\frac{2I}{d}$ (2) $\frac{\mu_0}{4\pi}\frac{3I}{\sqrt{2}d}$

(3) 0 (4) $\frac{\mu_0}{4\pi}\frac{\sqrt{2}I}{d}$

**13.** A uniform magnetic field of magnetic 1 T exists in region $y \ge 0$ is along $\hat{k}$ direction as shown. A particle of charge 1 C is projected from point $\left(-\sqrt{3},-1\right)$, towards origin with speed 1 m/sec. If mass of particle is 1 kg, then coordinates of centre of circle in which particle moves are:




(1) $\left(1,\sqrt{3}\right)$ (2) $\left(1,-\sqrt{3}\right)$

(3) $\left(\frac{1}{2},-\frac{\sqrt{3}}{2}\right)$ (4) $\left(\frac{\sqrt{3}}{2},-\frac{1}{2}\right)$

**14.** A current carrying small circular loop lying in yz plane is placed in vacuum at a distance of 2m from an infinitely long current carrying wire lying parallel to the y-axis as shown in figure. The loop has 100 turns each carrying current I = 2A and its effective radius is 2 cm. The torque acting on the loop in N.m in the given situation is: ($\mu_0$ = numerical value of permeability of vacuum in SI unit)




(1) $\frac{\mu_0}{50}$ (2) $\frac{\mu_0}{25}$ (3) $\frac{\mu_0}{20}$ (4) $\frac{\mu_0}{40}$

**15.** The B-H curve for a ferromagnet is shown in the figure. The ferromagnet is placed inside a long solenoid with 1000 turns/cm. The current that should be passed in the solenoid to demagnetise the ferromagnet completely is:




(1) 1 mA (2) 2 mA
(3) 20 μA (4) 40 μA

**16.** A solid sphere of radius 'R' has a cavity of radius R/2 as shown in figure. The solid part has a uniform volume charge density 'ρ' and cavity has no charge. The electric potential at point A (centre of solid sphere) is $\frac{x\rho R^2}{12\varepsilon_0}$ then x is:




(1) 3 (2) 2
(3) 7 (4) 5

**17.** Two identical small balls each have a mass m and charge q. When placed in a hemispherical bowl of radius R with frictionless, non-conducting walls, the balls move and at equilibrium, the line joining the balls is horizontal and the distance between them is R (figure). Neglect any induced charge on the hemispherical bowl. Then the charge on each ball is: (Here, $K = \frac{1}{4\pi\varepsilon_0}$)




(1) $q = R\left(\frac{mg}{K\sqrt{3}}\right)^{1/2}$ (2) $q = R\left(R\frac{mg}{K\sqrt{3}}\right)^{1/2}$

(3) $q = R\left(\frac{\sqrt{3}mg}{K}\right)^{1/2}$ (4) $q = \left(R\frac{\sqrt{3}mg}{K}\right)^{1/2}$

**18.** A positive charge + Q is fixed at a point A. Another positively charged particle of mass m and charge + q is projected from a point B with velocity u as shown in the figure. The point B is at large distance from A and at distance 'd' from the line AC. The initial velocity is parallel to the line AC. The point C is at very distance from A. The minimum distance (in meter) of +q from +Q during the motion is: [Given Qq = $4\pi\varepsilon_0$ mu²d]




(A) $d\left(\sqrt{3}-1\right)$ (B) $d\left(\sqrt{3}+1\right)$

(C) $d\left(\sqrt{2}+1\right)$ (D) $d\left(\sqrt{2}-1\right)$

**19.** Three light waves combines at a certain point, where their electric field components are

$E_1 = E_0\sin\left(\omega t + 90^0\right), E_2 = E_0\sin\left(\omega t + 53^0\right)$,

$E_3 = E_0\sin\left(\omega t - 37^0\right)$

Their resultant component E(t) at that point is:

$\left(\cos 53^0 = \frac{3}{5}, \cos 37^0 = \frac{4}{5}\right)$

(A) $\frac{\sqrt{85}}{5}E_0\sin\left(\omega t + \tan^{-1}\frac{6}{7}\right)$

(B) $E_0\sin\left(\omega t + 60^0\right)$

(C) $\frac{\sqrt{85}}{5}E_0\sin\left(\omega t + \tan^{-1}\frac{7}{6}\right)$

(D) $\sqrt{3}E_0\sin\left(\omega t + 45^0\right)$

**20.** Due to interference between direct and reflected light from mirror, maxima is formed at point P. By what minimum distance mirror is shifted downward to form minima at point P? (Assume that, wavelength of light is 600 nm)




(1) 150 nm (2) 200 nm
(3) 300 nm (4) 400 nm

**21.** The path difference between two interfering waves at a point on the screen is ? / 6 in an YDSE. The ratio of intensity at this point and that at the central bright fringe will be: (Assume that intensity due to each slit is same)
(1) 0.85 (2) 8.5
(3) 0.75 (4) 7.5

**22.** Light of wavelength 550 nm falls normally on a slit of width 22.0 x $10^{-5}$ cm. The angular position of the second minima from the central maximum will be (in radians):
(1) π/12 (2) π/8
(3) π/6 (4) π/4

**23.** A plane polarized light is incident on a polariser with its pass axis making angle ? with x-axis, as shown in the figure. At four different values of θ, θ = 8°, 38°,188° and 218°, the observed intensities are same. What is the angle between the direction of polarization and x-axis ?




(1) 98° (2) 128°
(3) 203° (4) 45°

**24.** A thin equiconcave lens of focal length 20 cm and refractive index 1.5 is placed in air. A point object P is placed at a distance 40 cm from the optical centre of the lens. The surface of lens away from the object is silvered. The position of image is :




(1) 40 cm right of lens
(2) 40/9 cm right of lens
(3) 30 cm left of lens
(4) 40/3 cm right of lens

**25.** A particle is oscillating on the x-axis with an amplitude 2 cm about the point $x_0$ = 10 cm, with a constant angular frequency ω. A concave mirror of focal length 5 cm is placed at the origin (see figure). Identify the correct statements.
(A) The image executes periodic motion
(B) The image executes non-periodic motion
(C) The turning points of the image are asymmetric w.r.t. the image of the particle when the particle is at $x_0$ = 10 cm
(D) The distance between the turning points of the oscillation of the image is 100/21cm




(1) (A), (D) (2) (A), (C), (D)
(3) (B), (D) (4) (B), (C)

**26.** A ray of light suffers two internal reflections by water spherical drop of refractive index μ. This is the basic analytical discussion of secondary rainbow as shown in the figure. The angle of incidence i for minimum total deviation is:




(1) $\cos i = \sqrt{\frac{\mu^2-1}{2}}$ (2) $\cos i = \sqrt{\frac{\mu^2-1}{8}}$

(3) $\cos i = \frac{1}{2}$ (4) $\cos i = \sqrt{\frac{\mu^2-1}{6}}$

**27.** A light beam, E = 100[sin ($\omega_1$t) + sin ($\omega_2$t)] $Vm^{-1}$ with $\omega_1$ = 5 x $10^{15}$ $s^{-1}$ and $\omega_2$ = 8 x $10^{15}$ $s^{-1}$, falls on a metal surface of work function 2.0 eV. Maximum KE of emitted photoelectrons is:
(A) 3.52 eV (B) 1.5 eV
(C) 3.27 eV (D) 2.1 eV

**28.** Let two radioactive materials A and B have decay constants 10λ and λ respectively. Initially their samples have same number of atoms. The ratio of number of nuclei of A to that of B, after a time (1/9λ) seconds will be:
(1) 1 : 10 (2) 10 : 1
(3) e (4) $e^{-1}$

**29.** In Bohr's atomic model, it is assumed that the mass of electron is very less compared to mass of nucleus and nucleus remains stationary with electron revolving around it. Let's make a correction in Bohr's theory for finite mass and motion of nucleus. An atom with nucleus of mass M is a hydrogen like atom with a single electron of mass m. Let r = distance between nucleus and only electron of atom. ω = angular revolution speed of electron. Angular momentum of the atom about axis through centre of mass will be:




(1) mr²ω (2) m(r – x)²ω

(3) $\frac{r^2\omega(M+m)}{Mm}$ (4) $\frac{Mm}{M+m}r^2\omega$

**30.** In a common emitter configuration with suitable bias, it is given that $R_L$ is the load resistance and $R_{BE}$ is small signal dynamic resistance (input side). Then, voltage gain, current gain and power gain are given, respectively, by : (β is current gain, $I_B$, $I_C$ and $I_E$ are respectively base, collector and emitter currents)

(1) $\beta\frac{R_L}{R_{BE}}, \frac{\Delta I_C}{\Delta I_B}, \beta^2\frac{R_L}{R_{BE}}$ (2) $\beta\frac{R_L}{R_{BE}}, \frac{\Delta I_E}{\Delta I_B}, \beta^2\frac{R_L}{R_{BE}}$

(3) $\beta^2\frac{R_L}{R_{BE}}, \frac{\Delta I_C}{\Delta I_E}, \beta^2\frac{R_L}{R_{BE}}$

(4) $\beta^2\frac{R_L}{R_{BE}}, \frac{\Delta I_C}{\Delta I_E}, \beta\frac{R_L}{R_{BE}}$

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
NATIONAL ADMISSION cum SCHOLARSHIP TEST ON 30th DECEMBER 2018
(FOR CLASS VII, VIII, IX, X, XI & XII STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For:-IITJEE Main & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

“ବିମାନ ଉଡ଼ାଣ କ୍ଷେତ୍ରରେ ତିଷ୍ଠି ରହିବାକୁ ହେଲେ ଏୟାର ଇଣ୍ଡିଆ କର୍ମଚାରୀଙ୍କୁ ପ୍ରୟାସ ଜୋରଦାର କରିବାକୁ ହେବ ।

– ପ୍ରଦୀପ ସିଂହ ଖାରୋଲା, ସିଏମ୍‌ଡି, ଏୟାର ଇଣ୍ଡିଆ



“ଦେଶର ବିଭିନ୍ନ ଢ଼ାଞ୍ଚାଗତ ପ୍ରକଳ୍ପରେ ସେଲ୍‌ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

– ଚୌଧୁରୀ ବୀରେନ୍ଦ୍ର ସିଂ, କେନ୍ଦ୍ର ଇସ୍ପାତ ମନ୍ତ୍ରୀ



## ସଂକ୍ଷେପରେ

### ହ୍ରାସ ପାଇଛି ଏଟିଏମ୍ ସଂଖ୍ୟା

**ମୁମ୍ବାଇ,୨୮-୧୨:** ଆର୍ଥିକ ବର୍ଷ ୨୦୧୭-୧୮ରେ ଦେଶରେ ଏଟିଏମ୍ ସଂଖ୍ୟା ୧୦ ହଜାର ହ୍ରାସ ପାଇ୨.୦୭ ଲକ୍ଷ ରହିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ଶୁକ୍ରବାର ଜାରି ବାର୍ଷିକ ରିପୋର୍ଟରେ ଏହା କୁହାଯାଇଛି। କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ନିଜର ଶାଖା ସଂଖ୍ୟାକୁ ତର୍କସଙ୍ଗତ କରୁଥିବା କାରଣରୁ ଏଟିଏମ୍ ସଂଖ୍ୟା ହ୍ରାସ କରୁଛନ୍ତି ବୋଲି ରିପୋର୍ଟରେ କାରଣ ଦର୍ଶାଯାଇଛି। ଏହି କାରଣରୁ ବ୍ୟାଙ୍କ ଶାଖାରେ ଲାଗିଥିବା ଏଟିଏମ୍ ସଂଖ୍ୟା ୧.୦୯ ଲକ୍ଷରୁ ହ୍ରାସ ପାଇ ୧.୦୬ ଲକ୍ଷରେ ପହଞ୍ଚିଯାଇଛି। ଅନ୍ୟପକ୍ଷରେ ଅନ୍ୟ ସ୍ଥାନରେ ଥିବା ଏଟିଏମ୍ ସଂଖ୍ୟା ୯୮,୫୪୫ରୁ ବଢ଼ି ୧ ଲକ୍ଷରେ ପହଞ୍ଚିଯାଇଛି। ‘ଟ୍ରେଣ୍ଡସ ଆଣ୍ଡ ପ୍ରୋଗ୍ରେସ ଅଫ୍ ବ୍ୟାଙ୍କିଙ୍ଗ ଇନ୍ ୨୦୧୭-୧୮ ରିପୋର୍ଟରେ ରିଜର୍ଭ ବ୍ୟାଙ୍କ ଦର୍ଶାଇଛି ଯେ, ଆର୍ଥିକ ବର୍ଷ ୨୦୧୭-୧୮ରେ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ଏଟିଏମ୍ ସଂଖ୍ୟା ୧.୪୮ ଲକ୍ଷରୁ ହ୍ରାସ ପାଇ ୧.୪୫ ଲକ୍ଷ ହୋଇଛି। ଅନ୍ୟପକ୍ଷରେ ଏହି ସମୟ ମଧ୍ୟରେ ଘରୋଇ ବ୍ୟାଙ୍କର ଏଟିଏମ୍ ସଂଖ୍ୟା ୫୮,୮୩୩ରୁ ବୃଦ୍ଧି ପାଇ ୬୦,୧୪୫ରେ ପହଞ୍ଚିଛି। ରିପୋର୍ଟରେ କୁହାଯାଇଛି ଯେ, ଚଳିତ ବର୍ଷ ଏପ୍ରିଲରୁ ଅଗଷ୍ଟ ମଧ୍ୟରେ ଏଟିଏମ୍ ସଂଖ୍ୟା ୨.୦୪ ଲକ୍ଷକୁ ହ୍ରାସ ପାଇଛି।

### ଚ୍ୟାନେଲ ଚୟନ ଲାଗି ମିଳିଲା ମାସେ ସମୟ

**ନୂଆଦିଲ୍ଲୀ,୨୮-୧୨:** ଟେଲିକମ ଅଥରିଟି ଅଫ୍ ଇଣ୍ଡିଆ(ଟ୍ରାଇ) ନୂଆ ବ୍ୟବସ୍ଥାରେ ଗ୍ରାହକଙ୍କ ପାଇଁ ନିଜ ପସନ୍ଦର ଟିଭି ଚ୍ୟାନେଲ ଚୟନର ସମୟସୀମାକୁ ଆସନ୍ତା ବର୍ଷ ଜାନୁୟାରୀ ୩୧ ଯାଏ ବୃଦ୍ଧି କରିଛି। ସେ ସମୟ ପର୍ଯ୍ୟନ୍ତ ବର୍ତ୍ତମାନର ଚ୍ୟାନେଲ ପ୍ୟାକେଜ ଜାରି ରହିବ ବୋଲି ଟ୍ରାଇ ପକ୍ଷରୁ ଶୁକ୍ରବାର ସ୍ପଷ୍ଟ କରାଯାଇଛି। ଟ୍ରାଇ ପକ୍ଷରୁ ପୂର୍ବରୁ ଜାରି ଅଧିସୂଚନା ଅନୁଯାୟୀ ଚଳିତ ବର୍ଷ ଡିସେମ୍ବର ୨୮ ଯାଏ ସମସ୍ତ କେବୁଲ ଓ ଡିଟିଏଚ୍ ସେବା ପ୍ରଦାନକାରୀଙ୍କୁ ନୂଆ ନିୟମ ଲାଗୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅର୍ଥାତ ଡିସେମ୍ବର ୨୯ରୁ ଏହା କାର୍ଯ୍ୟକାରୀ ହୋଇଥାନ୍ତା। ତେବେ ସେବାଯୋଗାଣକାରୀ ଓ ପ୍ରସାରକଙ୍କ ସହ ଆଲୋଚନା ପରେ ଟ୍ରାଇ ସମୟସୀମା ବୃଦ୍ଧି ପାଇ ରାଜି ହୋଇଛି। ଗ୍ରାହକ ନିଜ ମନପସନ୍ଦର ଚ୍ୟାନେଲ ଚୟନ ପର୍ଯ୍ୟନ୍ତ ତାଙ୍କର ପୁରୁଣା ପ୍ୟାକେଜ ଜାରି ରହିବ ବୋଲି ଟ୍ରାଇ ନିର୍ଦ୍ଦେଶରେ କୁହାଯାଇଛି।

## ■ ପିଏନ୍‌ବି ସ୍କାମ୍‌କୁ ନେଇ ଆଇଟି ବିଭାଗର ଆକଳନ

# ବ୍ୟାଙ୍କଗୁଡ଼ିକ ୨୧ ହଜାର କୋଟିର କ୍ଷତି ସହିବେ

**ନୂଆଦିଲ୍ଲୀ,୨୮-୧୨**

ହୀରା ବ୍ୟବସାୟୀ ନୀରବ ମୋଦି ଓ ତାଙ୍କ ମାମୁ ମେହୁଲ ଚୋକ୍‌ସୀଙ୍କ ଦ୍ୱାରା ପିଏନ୍‌ବିର ମହାଦୁର୍ନୀତି କାରଣରୁ ବ୍ୟାଙ୍କଗୁଡିକୁ ପ୍ରାୟ ୨୧ ହଜାର କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିବ ବୋଲି ଆୟକର ବିଭାଗ (ଆଇଟି) ପକ୍ଷରୁ ଆକଳନ କରାଯାଇଛି।

ଆଇଟି ହିସାବ ଅନୁଯାୟୀ ନୀରବ ଓ ମେହୁଲଙ୍କ କମ୍ପାନୀଙ୍କୁ ବ୍ୟାଙ୍କଗୁଡିକ ୨୦୧୭ ମାର୍ଚ୍ଚ ସୁଦ୍ଧା ୧୭,୬୩୨ କୋଟି ଟଙ୍କା(୨.୭୪ବିଲିୟନ ଡଲାର)ର ଋଣ ଓ ଗ୍ୟାରେଣ୍ଟି ଦେଇଛନ୍ତି। ଏହାପରଠାରୁ ଋଣ



ଓ ଗ୍ୟାରେଣ୍ଟି ପରିମାଣ ବଢ଼ିଛି ପଛେ କମିନି। ଫଳରେ ଆଜିସୁଦ୍ଧା ବ୍ୟାଙ୍କଗୁଡିକ ପ୍ରାୟ ୨୧ ହଜାର କୋଟି (୩ ବିଲିୟନ ଡଲାର) କ୍ଷତି ସହିଲେଣି ବୋଲି ଆଇଟି ବିଭାଗର ହିସାବ କହୁଛି। ପିଏନ୍‌ବିର ମୁମ୍ବାଇସ୍ଥିତ ବ୍ରାଡି ହାଉସ ଶାଖାରେ ଏହି ମହାଦୁର୍ନୀତି ଦୀର୍ଘ କିଛି ବର୍ଷ ଧରି ଚାଲିଥିଲା। ଏଥିରେ କେତେକ ବିଦେଶୀ ଶାଖା ମଧ୍ୟ ସାମିଲ ରହିଥିଲେ। ବ୍ୟାଙ୍କଗୁଡିକ ପକ୍ଷରୁ କୁହାଯାଇଛି ଯେ, ବହୁ ବର୍ଷ ଧରି ଚାଲିଥିବା ଏହି ମହାଠକେଇର ପରିମାଣ ପ୍ରାୟ ୧୨,୩୯୦ କୋଟି ଟଙ୍କା ହେବ। ଏହି ଋଣ ଗ୍ୟାରେଣ୍ଟିଗୁଡିକ ବ୍ୟାଙ୍କର ଆଭ୍ୟନ୍ତରୀଣ ସଫ୍ଟୱେରରେ ରଖାଯାଇନି। ସ୍ୱିଫ୍ଟ ଇଣ୍ଟରବ୍ୟାଙ୍କ ମେସେଜିଂ ସିଷ୍ଟମ ମାଧ୍ୟମରେ ଟଙ୍କାକୁ ସ୍ଥାନାନ୍ତର କରାଯାଇଛି। ଫଳରେ ଦୁର୍ନୀତିକୁ ଲୁଚାଯାଇପାରିଛି। ଆଇଟି ବିଭାଗର ଖୋଳତାଡରୁ ଜଣାପଡିଛି ଯେ, ଚୋକ୍‌ସୀଙ୍କ କମ୍ପାନୀ ଗୀତାଞ୍ଜଳି ଜେମ୍ସ ୩୨ଟି ବ୍ୟାଙ୍କ ସହ କାରବାର କରିଥିଲା। ସେମାନଙ୍କ ମଧ୍ୟରୁ ଅଧିକାଂଶ ନୀରବ ଓ ଚୋକ୍‌ସୀଙ୍କ ଋଣ ଗ୍ୟାରେଣ୍ଟି ଯୋଗାଇଥିଲେ। ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଆଲ୍ଲାହାବାଦ ବ୍ୟାଙ୍କ ଓ ଆକ୍ସିସ୍ ବ୍ୟାଙ୍କର ବିଦେଶୀ ଶାଖା ମାଧ୍ୟମରେ ଅଧିକାଂଶ ଠକେଇ ହୋଇଛି। ଅନ୍ୟତମ ରାଷ୍ଟ୍ରାୟତ୍ତ ବ୍ୟାଙ୍କ କୁହାଯାଉଥିବା ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ କହିଛି ଯେ, ନୀରବ ଓ ମେହୁଲଙ୍କ କମ୍ପାନୀଙ୍କ ପାଇଁ ଏହା ଅନ୍ୟ ବ୍ୟାଙ୍କ ପାଇଁ ଗ୍ୟାରେଣ୍ଟି ବାବଦରେ ୨୧୦୦ କୋଟି ଟଙ୍କା ଦେବାକୁ ବାଧ୍ୟ।

## ଆସିବ ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍




**ଭୁବନେଶ୍ୱର,୨୮-୧୨**

ଦେଶର ରାଷ୍ଟ୍ରାୟତ୍ତ ତୈଳ ବୀପଣନ ସଂସ୍ଥାଗୁଡ଼ିକ ପକ୍ଷରୁ ରାଜ୍ୟରେ ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍‌ର ଶୁଭାରମ୍ଭ ହେବ। କେନ୍ଦ୍ର ପେଟ୍ରୋଲିମ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ୩୦ ତାରିଖ ଦିନ ଭୁବନେଶ୍ୱରରେ ଏହି ପଦକ୍ଷେପର ଶୁଭାରମ୍ଭ କରିବେ। ପେଟ୍ରୋଲିୟମ ଏବଂ ଦକ୍ଷତା ବିକାଶ ମନ୍ତ୍ରଣାଳୟର ପ୍ରଚେଷ୍ଟାରେ ଏହି କାର୍ଯ୍ୟକ୍ରମକୁ ରୂପରେଖ ପ୍ରଦାନ କରାଯାଉଛି। ତୈଳ ବୀପଣନ କମ୍ପାନୀଗୁଡ଼ିକର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ସାରା ରାଜ୍ୟରେ କମନ୍ ସର୍ଭିସ ସେଣ୍ଟରଗୁଡ଼ିକରେ ସାନିଟାରି ମାନୁଫାକଚରିଂ ୟୁନିଟ ସ୍ଥାପନ କରାଯିବ। ମହିଳାଙ୍କ ଲାଗି ସୁଲଭ ମୂଲ୍ୟରେ ନାପ୍‌କିନ ପ୍ରସ୍ତୁତି ଦିଗରେ ଏହା ସହାୟକ ହେବ ବୋଲି ଖବରଦାତା ସମ୍ମିଳନୀରେ କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ରହିଛି। ରାଜ୍ୟର ପ୍ରାୟ ୧୦୦ ମାନୁଫାକଚରିଂ ୟୁନିଟ୍ ଖୋଲିବାକୁ ଯୋଜନା ରହିଛି। ଏହାଦ୍ୱାରା ୬୦୦ ମହିଳା ନିଯୁକ୍ତି ସୁଯୋଗ ପାଇପାରିବେ। ପ୍ୟାଡ୍ ପ୍ରସ୍ତୁତି ଏବଂ ବିକ୍ରି ପାଇଁ ମହିଳାଙ୍କୁ ତାଲିମ ଦିଆଯିବ ବୋଲି କମ୍ପାନୀଗୁଡ଼ିକ ପକ୍ଷରୁ ସୂଚନା ରହିଛି। କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ମୁଖ୍ୟ ସିଏସ୍‌ସି ସ୍ୱର୍ଣ୍ଣପ୍ରଭା ସିଂ, ଆଇଓସିଏଲ୍ ଏଲ୍‌ପିଜି ଜିଏମ୍ ସଞ୍ଜୟ କୁମାର ଝା, ବିପିସିଏଲ୍ ଏଲ୍‌ପିଜି ଓଡ଼ିଶା ଝାଡଖଣ୍ଡ ରାଜ୍ୟ ମୁଖ୍ୟ ସଞ୍ଜୟ ଶର୍ମା, ଏଚ୍‌ପିସିଏଲ୍ ଏଲ୍‌ପିଜି ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ଆଇଓସିଏଲ୍ ସିନିୟର କର୍ପୋରେଟ କମ୍ୟୁନିକେଶନ ମ୍ୟାନେଜର ଶ୍ରୀନିବାସ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଜିଆଇଇଟି ଗୁଣପୁର ହେବ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ

**ଭୁବନେଶ୍ୱର,୨୮-୧୨:** ଜିଆଇଇଟି ଗୁଣପୁରକୁ ଆଗାମୀ ଦିନରେ ଏକ ବିଶ୍ୱସ୍ତରୀୟ ବିଶ୍ୱବିଦ୍ୟାଳୟ ଭାବେ ଗଠନ କରାଯିବ। ଏଠାରେ ଢାଞ୍ଚାଗତ ପାଠ୍ୟକ୍ରମ ବାଦ୍ ଗବେଷଣା ଉପରେ ଧ୍ୟାନ ରଖାଯିବ। ବିଜ୍ଞାନ ଓ ପ୍ରଯୁକ୍ତି ସମେତ ଶିକ୍ଷାର୍ଥୀମାନଙ୍କୁ ନିଯୁକ୍ତି ପ୍ରଦାନ କ୍ଷେତ୍ରରେ ନୂତନ ପାଠ୍ୟକ୍ରମମାନ ଆରମ୍ଭ କରାଯିବ। ରାଜ୍ୟ ସରକାର ଜିଆଇଇଟି ଗୁଣପୁରକୁ ଏକକ ବିଶ୍ୱବିଦ୍ୟାଳୟ ମଞ୍ଜୁରୀ ପ୍ରଦାନ କରିବା ଅବସରରେ ପ୍ରତିଷ୍ଠାନର ପ୍ରେସିଡେଣ୍ଟ ଡ. ସତ୍ୟ ପ୍ରକାଶ ପଣ୍ଡା ଖବରଦାତା କାର୍ଯ୍ୟକ୍ରମରେ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ବିଶ୍ୱବିଦ୍ୟାଳୟରେ ଅନେକ ସ୍ୱତନ୍ତ୍ର ପାଠ୍ୟକ୍ରମ ଖୋଲିବା ଉପରେ ଧ୍ୟାନ ଦିଆଯାଉଛି। ବୈଷୟିକ ଏବଂ ବୃତ୍ତିଗତ ବିଭାଗଗୁଡ଼ିକ ପାଇଁ ସରକାରଙ୍କ ଧାର୍ଯ୍ୟ ଫିସ୍ ଦେଇ ଛାତ୍ରୀଛାତ୍ର ପାଠ ପଢ଼ିପାରିବେ। ରାଜ୍ୟର ଛାତ୍ରୀଛାତ୍ରଙ୍କ ପାଇଁ ସବୁ ବିଷୟରେ ଶତକଡା ୫୦% ସ୍ଥାନ ସଂରକ୍ଷିତ ରହିବ। ଓଜେଇଇ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଚୟନ କରାଯିବ। ଭିତ୍ତିଭୂମି, ବିଶିଷ୍ଟ ଅଧ୍ୟାପନା ମଣ୍ଡଳୀ, ଉନ୍ନତ କ୍ୟାମ୍ପସ ପ୍ଲେସମେଣ୍ଟ ଉପରେ ପ୍ରାଥମିକତା ଦିଆଯାଉଥିବା ପଣ୍ଡା କହିଛନ୍ତି। ଆଗାମୀ ଦିନରେ ସୋସିଆଲ ୱାର୍କରେ ମାଷ୍ଟରଡିଗ୍ରୀ ସହ ଟ୍ରାଇବାଲ ଡେଭଲପମେଣ୍ଟ. ଡେଭଲପମେଣ୍ଟାଲ ଷ୍ଟ୍ରାଟେଜି ଭଳି ଅନ୍ୟାନ୍ୟ ନୂଆ ପାଠ୍ୟକ୍ରମ ଆସିବ। ବିଭିନ୍ନ ପ୍ରସ୍ତାବ ସରକାରଙ୍କ ଦିଆଯାଇଛି। ଶୀଘ୍ର ସମସ୍ତ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।


ଡ. ସତ୍ୟ ପ୍ରକାଶ ପଣ୍ଡା

## ଜାନୁୟାରୀ ୩୧ରୁ ଇନ୍‌କାଲ ୨୦୧୯

■ ଯୋଗଦେବେ ଦେଶ ବିଦେଶର ୭୦୦ ପ୍ରତିନିଧି
■ ଆଲୁମିନିୟମ ଶିଳ୍ପର ବିଭିନ୍ନ ପ୍ରସଙ୍ଗରେ ହେବ ଆଲୋଚନା

**ଭୁବନେଶ୍ୱର,୨୮-୧୨**

ଅନ୍ତର୍ଜାତୀୟ ଆଲୁମିନିୟମ କନଫରେନ୍ସ (ଇନ୍‌କାଲ) ୨୦୧୯ ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ଏଥି ଲାଗି ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଜାନୁୟାରୀ ୩୧ରୁ ଫେବୃୟାରୀ ୩ ଯାଏ ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ ହେଉଛି। କେନ୍ଦ୍ର ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଆଲୁମିନିୟମ ଆସୋସିଏସନ ଅଫ୍ ଇଣ୍ଡିଆ (ଏଏଆଇ) ଆନୁକୂଲ୍ୟରେ ଏହାକୁ ଆୟୋଜନ କରାଯାଉଛି। ବିଶ୍ୱସ୍ତରରେ ଆଲୁମିନିୟମ ଉଦ୍ୟୋଗଗୁଡ଼ିକ ମଧ୍ୟରେ ଚିନ୍ତାଧାରାର ଆଦାନ ପ୍ରଦାନ, ଆଲୁମିନିୟମ ରୋଡ୍ ମ୍ୟାପ ୨୦୩୦ ଏବଂ ଅପଷ୍ଟ୍ରିମ୍ ତଥା ଡାଉନଷ୍ଟ୍ରିମ ଇଣ୍ଟିଗ୍ରେସନ, ଶିଳ୍ପରେ ରହିଥିବା ବିଭିନ୍ନ ଚ୍ୟାଲେଞ୍ଜ ଉପରେ ଏଠାରେ ଆଲୋଚନା ହେବ। ପ୍ରଥମ ଥର ଲାଗି ଭୁବନେଶ୍ୱରରେ ଏହି କ୍ଷେତ୍ରରେ ବିଶ୍ୱ ସ୍ତରୀୟ କନଫରେନ୍ସ ଆୟୋଜନ କରାଯାଉଥିବା ନାଲ୍‌କୋ ଅଧ୍ୟକ୍ଷ ଡଃ. ତପନ କୁମାର ଚାନ୍ଦ ଗୁରୁବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଚାନ୍ଦ କହିଛନ୍ତି, କାର୍ଯ୍ୟକ୍ରମରେ ରାଜ୍ୟପାଳ ଗଣେଶି ଲାଲ, ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ର ଖଣି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ର ସଚିବ ଯୋଗ ଦେବେ। ଓଡ଼ିଶା ଆଗାମୀ ଦିନରେ ଦେଶର ଆଲୁମିନିୟମ ରାଜଧାନୀ ହେବାର ସମସ୍ତ କ୍ଷମତା ରଖିଥିବା କାର୍ଯ୍ୟକ୍ରମ ଅବସରରେ ଚାନ୍ଦ ସୂଚନା ଦେଇଛନ୍ତି।


ଡଃ. ତପନ କୁମାର ଚାନ୍ଦ

କାର୍ଯ୍ୟକ୍ରମରେ ଏକ ପ୍ରଦର୍ଶନୀ ମଧ୍ୟ ଆୟୋଜନ କରାଯାଉଛି। ନାଲ୍‌କୋ, ବେଦାନ୍ତ, ହିଣ୍ଡାଲକୋ ଏହି କାର୍ଯ୍ୟକ୍ରମ ଆୟୋଜନ କରିବାକୁ ସମବେତ ହୋଇଛନ୍ତି। ଏଥିରେ ‘ଥିଙ୍କ ଓଡ଼ିଶା ଥିଙ୍କ ଆଲୁମିନିୟମ’ ଶୀର୍ଷକରେ ବିଶେଷ କାର୍ଯ୍ୟପନ୍ଥା ହାତକୁ ନିଆଯିବ। ଏଥିରେ ବିଶ୍ୱ ସ୍ତରର ୧୦୦ରୁ ଉର୍ଦ୍ଧ୍ୱ ପ୍ରଦର୍ଶନକାରୀ ଅଂଶଗ୍ରହଣ କରିବେ। ଏହା ବାଦ ଟେକ୍ନିକାଲ ସେସନଗୁଡ଼ିକରେ ୧୨୦ ପେପର, ୩୦ରୁ ଉର୍ଦ୍ଧ୍ୱ ପୋଷ୍ଟର ଉପସ୍ଥାପନ ହେବ। ୩୦୦ରୁ ଉର୍ଦ୍ଧ୍ୱ ଅନ୍ତର୍ଜାତୀୟ ପ୍ରତିନିଧିଙ୍କ ସମେତ ମୋଟ ୭୦୦ରୁ ଅଧିକ ପ୍ରତିନିଧି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାରୁ ଯୋଜନା ରହିଛି। ୟୁରୋପ ଏବଂ ଏସିଆର ବିଭିନ୍ନ ଦେଶରୁ ଆମ୍ବାସାଡର, କନସଲ ଜେନେରାଲ ଯୋଗ ଦେବେ ବୋଲି ଚାନ୍ଦ ସୂଚନା ଦେଇଛନ୍ତି।

## ୩୮,୮୯୬ କୋଟିର ଜିଏସ୍‌ଟି ଫାଙ୍କି ଠାବ

**ନୂଆଦିଲ୍ଲୀ,୨୮-୧୨**

ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ୬,୫୮୫ ମାମଲାରେ ୩୮,୮୯୬ କୋଟି ଟଙ୍କାର ଜିଏସ୍‌ଟି ଫାଙ୍କି ଧରାପଡିଛି। କେନ୍ଦ୍ର ସରକାର ଶୁକ୍ରବାର ପାର୍ଲାମେଣ୍ଟରେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ଅର୍ଥ ରାଷ୍ଟ୍ରମନ୍ତ୍ରୀ ଶିବ ପ୍ରତାପ ଶୁକ୍ଲା କହିଛନ୍ତି ଯେ, ୩୯୮ଟି କେନ୍ଦ୍ରୀୟ ଉତ୍ପାଦ ମାମଲାରେ ୩,୦୨୮.୫୮ କୋଟି ଟଙ୍କାର ଫାଙ୍କି ଧରାପଡିଛି। ସେବା କର ବାବଦରେ ୨୬,୧୦୮.୪୩ କୋଟିର ୩,୯୨୨ଟି ମାମଲା ଧରାଯାଇଛି ବୋଲି ସେ କହିଛନ୍ତି। ସେହିଭଳି ସୀମା ଶୁଳ୍କ ବାବଦରେ ୧୨,୭୧୧ଟି ମାମଲାରେ ୬,୯୬୬.୦୪ କୋଟି ଟଙ୍କା ଏବଂ ଜିଏସ୍‌ଟି ଫାଙ୍କି ବାବଦରେ ୩୮,୮୯୫.୯୭ କୋଟି ଟଙ୍କା ଠାବ କରାଯାଇପାରିଛି ବୋଲି ଲୋକ ସଭାରେ ଲିଖିତ ଉତ୍ତରରେ ସେ କହିଛନ୍ତି। ସେହିଭଳି ୭୫ ହଜାର କୋଟିର ଅପ୍ରତ୍ୟକ୍ଷ ଟିକସ ଫାଙ୍କି ଧରାଯାଇଛି।

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁକନ୍ୟାଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡ଼ରେ ଥିବା **“ଶିଶୁଝୁଲା”**ରୁ ଉଦ୍ଧାର କରାଯାଇ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଏହି ଶିଶୁ କନ୍ୟାଟିର ନାମ **“ବିଶାଖା”** ରଖାଯାଇଅଛି। ଉକ୍ତ ଶିଶୁକନ୍ୟାଟିର ଯଦି କେହି ପିତାମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ-୬୩, କଲେକ୍ଟରିଏଟ ବିଲ୍ଡିଂ, କଟକ, ଫୋନ୍ ନଂ-୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, କଟକ ପ୍ଲଟ୍ ନଂ-୧୮୯୭, ବାଖରାବାଦ (ସନ୍ ଶାଇନ୍ ଖେଳପଡ଼ିଆର ପୂର୍ବପଟ) ଫୋନ୍ ନଂ-୦୬୭୧-୨୪୨୩୩୩୩, ମୋବାଇଲ୍ ନଂ- ୭୯୭୮୧୪୬୮୧୪ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ-୭୫୩୦୧୪କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ କନ୍ୟାଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।


ବିଶାଖା

| କ୍ରମିକ ନଂ | ଶିଶୁର ନାମ | ପୁଅ/ ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧ | ବିଶାଖା | ଝିଅ | ୨୭।୧୧।୨୦୧୮ (ପ୍ରାୟ) | ୦୫।୧୨।୨୦୧୮ | ବସୁନ୍ଧରାର ‘‘ଶିଶୁଝୁଲା’’ରୁ | -ଶିଶୁ ମଙ୍ଗଳ ସମିତିର (CWC), କଟକଙ୍କ ନିର୍ଦ୍ଦେଶନାମା ନଂ-୩୬୬୮/୨୦୧୮ – ବିଡ଼ାନାସୀ ଥାନାଙ୍କ ଏସଡିଇ ନଂ-୬/୧୮ |

**ସ୍ୱା./-ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**

**ବି.ଦ୍ରଃ-** ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧରେ ସବିଶେଷ ତଥ୍ୟ ଜାଣିବା ପାଇଁ www.cara.nic.in ରେ ଲଗ୍‌ଇନ୍ କରନ୍ତୁ।

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

### ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ ନିମ୍ନଲିଖିତ ଶିଶୁପୁତ୍ରଟିକୁ ବିଡ଼ାନାସୀସ୍ଥିତ ବସୁନ୍ଧରା ମୁଖ୍ୟ ଫାଟକ କଡ଼ରେ ଥିବା **“ଶିଶୁଝୁଲା”**ରୁ ଉଦ୍ଧାର କରାଯାଇ ବସୁନ୍ଧରାର ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗୃହରେ ରଖାଯାଇଅଛି। ଏହି ଶିଶୁ ପୁତ୍ରଟିର ନାମ **“ନିର୍ମାଲ୍ୟ”** ରଖାଯାଇଅଛି। ଉକ୍ତ ଶିଶୁପୁତ୍ରଟିର ଯଦି କେହି ପିତାମାତା କିମ୍ବା ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ କୋଠରି ନଂ-୬୩, କଲେକ୍ଟରିଏଟ ବିଲ୍ଡିଂ, କଟକ, ଫୋନ୍ ନଂ-୦୬୭୧-୨୫୦୯୦୦୯ କିମ୍ବା ଶିଶୁ ମଙ୍ଗଳ ସମିତି, କଟକ ପ୍ଲଟ୍ ନଂ-୧୮୯୭, ବାଖରାବାଦ (ସନ୍ ଶାଇନ୍ ଖେଳ ପଡ଼ିଆର ପୂର୍ବପଟ) ଫୋନ୍ ନଂ-୦୬୭୧-୨୪୨୩୩୩୩, ମୋବାଇଲ୍ ନଂ- ୭୯୭୮୧୪୬୮୧୪ କିମ୍ବା ସମ୍ପାଦିକା, ବସୁନ୍ଧରା, ବିଡ଼ାନାସୀ, କଟକ-୭୫୩୦୧୪କୁ ଯୋଗାଯୋଗ କରି ଫେରାଇ ନେବାର ବ୍ୟବସ୍ଥା କରିବାକୁ ଅନୁରୋଧ। ଏହି ସମୟ ପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଉକ୍ତ ଶିଶୁପୁତ୍ରଟିକୁ କିଶୋର ନ୍ୟାୟ (ଶିଶୁର ଯତ୍ନ ଓ ସୁରକ୍ଷା) ଆଇନ୍-୨୦୧୫ ଅନୁଯାୟୀ ଆବଶ୍ୟକ ଥଇଥାନ କରାଯିବ।


ନିର୍ମାଲ୍ୟ

| କ୍ରମିକ ନଂ | ଶିଶୁର ନାମ | ପୁଅ/ ଝିଅ | ବୟସ/ଜନ୍ମ ତାରିଖ | କେବେ ମିଳିଛି | କେଉଁ ସ୍ଥାନରୁ ଉଦ୍ଧାର | ମନ୍ତବ୍ୟ |
|---|---|---|---|---|---|---|
| ୧ | ନିର୍ମାଲ୍ୟ | ପୁଅ | ୧୯।୧୦।୨୦୧୮ (ପ୍ରାୟ) | ୨୫।୧୦।୨୦୧୮ | ବସୁନ୍ଧରାର ‘‘ଶିଶୁଝୁଲା’’ରୁ | – ଶିଶୁ ମଙ୍ଗଳ ସମିତିର (CWC), କଟକଙ୍କ ନିର୍ଦ୍ଦେଶନାମା ନଂ-୩୫୬୫/୨୦୧୮ – ବିଡ଼ାନାସୀ ଥାନାକୁ ଚିଠି ନଂ-୬୧୭୪/ ୨୦୧୮ |

**ସ୍ୱା./-**
**ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ**

**ବି.ଦ୍ରଃ-** ପୋଷ୍ୟ ସନ୍ତାନ ଗ୍ରହଣ ସମ୍ବନ୍ଧରେ ସବିଶେଷ ତଥ୍ୟ ଜାଣିବା ପାଇଁ www.cara.nic.in ରେ ଲଗ୍‌ଇନ୍ କରନ୍ତୁ।

## ଅଭିନନ୍ଦନ

ପଞ୍ଚାୟତ ସମିତି, ବାଙ୍କୀରେ ସରକାରଙ୍କର ଲୋକାଭିମୁଖୀ କାର୍ଯ୍ୟ ମାଧ୍ୟମରେ ବିଧବା ଭତ୍ତା, ବାର୍ଦ୍ଧକ୍ୟ ଭତ୍ତା, ବିକଳାଙ୍ଗ ଭତ୍ତା ସୁଚାରୁରୂପେ ବଣ୍ଟନ କରାଯାଇ ଲୋକମାନଙ୍କ ଅଭାବ ଅନଟନ ଦୂର କରାଯାଉଛି। ଗୋପବନ୍ଧୁ ଗ୍ରାମୀଣ ଯୋଜନା ମାଧ୍ୟମରେ ବିଭିନ୍ନ ଗ୍ରାମକୁ ରାସ୍ତା, ଆମ ଗାଁ ଆମ ବିକାଶ ଯୋଜନାରେ ଗୋଷ୍ଠୀ କେନ୍ଦ୍ର ପ୍ରତିଷ୍ଠା, ସ୍ୱଚ୍ଛ ଭାରତ ମିଶନ ମାଧ୍ୟମରେ ଜଳ ଯୋଗାଣ ଓ ପାଇଖାନା ନିର୍ମାଣ କରାଯାଇ ଲୋକମାନଙ୍କ ଚଳଣି ଏବଂ ବଞ୍ଚିବାରେ ଏକ ମୁଖ୍ୟ ମେରୁଦଣ୍ଡ ଭାବେ ଭୂମିକା ସମାପନ କରୁଅଛି।

**ସ୍ୱା./- ମଣ୍ଡଳ ଉନ୍ନୟନ ଅଧିକାରୀ, ବାଙ୍କୀ**

See Career Appointment on every Wednesday & Saturday

## କଟକ ଉନ୍ନୟନ କର୍ତ୍ତୃପକ୍ଷ
C.D.A ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ - ୧୨

ସଂଖ୍ୟା ନଂ................./କ.ଉ.ଖ./ତା...................

### ବିଜ୍ଞପ୍ତି

କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ପରିସୀମା ମଧ୍ୟରେ ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣକାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଓଡିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ଗେଜେଟ ସଂଖ୍ୟା - ୯୮୭ ତା ୨୦.୦୬.୨୦୧୮ ଦ୍ୱାରା ଏକ ସ୍କିମ୍ ପ୍ରଣୟନ କରାଯାଇଥିଲା । ପୁନର୍ବାର ଉକ୍ତ ସ୍କିମକୁ ଆସନ୍ତା ୬ (ଛଅମାସ) ପର୍ଯ୍ୟନ୍ତ ସଂପ୍ରାସାରଣ କରାଯାଇଅଛି, ଯାହାକି ଗୃହ ଓ ନଗର ଉନ୍ନୟନ ବିଭାଗ ଅଧିସୂଚନା ସଂଖ୍ୟା - ୩୨୦୮୬ ତା।୧୯.୧୨.୨୦୧୮ (Notification No.32086/ HUD Dt.19.12.2018) ଦ୍ୱାରା ପ୍ରକାଶ ପାଇଅଛି । ଏହା ଦ୍ୱାରା ବେଆଇନ ଓ ଅନୁମୋଦିତ ନକ୍ସା ଉଲ୍ଲଂଘନରେ ନିର୍ମିତ ନିର୍ମାଣ କାର୍ଯ୍ୟଗୁଡିକର ନିୟମିତୀକରଣ ନିମନ୍ତେ ଯେଉଁ ବ୍ୟକ୍ତିମାନେ ଏହି ସ୍କିମ୍ ପ୍ରଣୟନ ହେବା ପୂର୍ବରୁ ବେଆଇନ ନିର୍ମାଣ କରିଛନ୍ତି, ସେମାନେ ଏହି ସୁଯୋଗର ଉପଯୋଗ କରନ୍ତୁ । ଆବେଦନ ଗ୍ରହଣ କରିବାର ଶେଷ ତାରିଖ ୧୮.୦୬.୨୦୧୯ ଅଟେ ।

ଉକ୍ତ ସମ୍ବନ୍ଧୀୟ ସବିଶେଷ ତଥ୍ୟ ଓ ଆବେଦନ କରିବା ଫର୍ମଗୁଡିକ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କ ୱେବସାଇଟ - www.cdacuttack.nic.in ରେ ଉପଲବ୍ଧ ଅଟେ ।

ସ୍ୱା /-
ସଚିବ

OFFICE OF THE
**SUPERINTENDENT, PRM MCH,BARIPAPA**
Email Id: superintendentprmmch@gmail.com
Landline Phone No. 06792257013

**TENDER CALL NOTICE**

No. 2157 Dt. 24.12.2018

No.702-E: Sealed tenders are invited by the Superintendent, PRM MCH, Baripada, functioning under Health & Family Welfare Department, Government of Odisha in two Bid systems from eligible registered outsourcing Agencies for providing services for supply of diet to the indoor patients of PRM MCH, Baripada. The detail information and term & condition in the form of Tender paper along with sample copy of agreement etc. may be downloaded from the District website Mayurbhanj i.e. **www.mayurbhanj.nic.in** subject to payment of tender paper cost of Rs 2000/- in shape of demand draft in favour of Superintendent, PRM MCH, Baripada payable at Baripada from any nationalised bank. The last date and time for submission of Tender documents is **28.01.2019 by 3 P.M**. Any tender paper received after due date and time will be rejected/ returned to the sender unopened. The tender must be submitted through Registered Post / Speed Post /Courier only.

**Sd./- Superintendent,**
**PRM MCH, Baripada**
10120/11/0002/1819

**DIRECTORATE OF MEDICAL EDUCATION & TRAINING, ODISHA**

No. 17920// Bhubaneswar, the 27.12.2018
DMET-LT/RT-Council-14/18

**Notice regarding Digital provisional pass Certificate, Registration Certificate and mark sheets**

No.701-E: This is for information of the students and institutional authorities functioning under the State DMLT/DMRT Council and Board that, the provisional pass certificate/mark sheet/Registration certificate of students will be available in website of DMET, Odisha i.e. **www.dmetodisha. gov. in** in DMLT/DMRT Academic Management System from 01.01.2019.

Henceforth no students will be allowed to visit the state DMLT/DMRT Council and Board physically for the above purpose.

Prospective candidates are advised to login to the DMET (O) website for need full.

**Jt. DMET (O) & Convenor,**
**DMLT/ DMRT Selection Committee**
10016/11/0048/1819

अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
Sijua, Post : Dumuduma, Bhubaneswar - 751019
www.aiimsbhubaneswar.edu.in

**F.No. J-11048(071)/2018-19/S & P** **Date: 27.12.2018**

**TENDER CALL NOTICE**

The All India Institute of Medical Sciences (AIIMS) Bhubaneswar Odisha, GOI, inviting tender for **"Outsourcing of Hospital Patient Dietary Services at AIIMS, BBSR"** in Two Bid System. The tender document along with last date of submission of the tender can be viewed and downloaded from the official website i.e. **www.aiimsbhubaneswar.nic.in.** The sealed Tender will be received through Speed post/Reg. post/Courier/by hand only on or before due date & time i.e. **12.00 hrs.** by office of **Sr. Procurement-Cum Store Officer, AIIMS, Bhubaneswar** and the said tender will be opened on same day at **3.00 P.M.** in presence of bidders or their authorised representatives in the Board Room of Academic Building, 1st Floor, AIIMS, Bhubaneswar. Incomplete tender document/ tender received after scheduled date & time shall be rejected.

Director, AIIMS, Bhubaneswar reserves the right to reject any or all the tenders without assigning any reason thereof.

| Subject | Description |
|---|---|
| Tender No | J-11048(071)/2017-18/S&P |
| Tender Issue and Publishing Date | 27-12-2018 |
| Pre-Bid Conference | 10-01-2019 at 3.00 PM |
| Last Date & Time of Submission | 01-02-2019 at 12.00 P.M |
| Tender Opening Date (Technical Bid) | 01-02-2019 at 03.00 P.M |

Sd/-
Sr. Procurement-Cum Store Officer
AIIMS, Bhubaneswar

## ସଂକ୍ଷେପରେ

### ନ୍ୟୁଜିଲାଣ୍ଡ ନିୟନ୍ତ୍ରଣରେ ଖ୍ରୀଷ୍ଟଚର୍ଚ୍ଚ ଟେଷ୍ଟ

ଖ୍ରୀଷ୍ଟଚର୍ଚ୍ଚ,୨୮।୧୨- ଏଠାରେ ଶ୍ରୀଲଙ୍କା ବିପକ୍ଷରେ ଖେଳାଯାଉଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଘରୋଇ ନ୍ୟୁଜିଲାଣ୍ଡ ଦଳର ନିୟନ୍ତ୍ରଣରେ ରହିଛି। ପ୍ରଥମ ଟେଷ୍ଟରେ ଦ୍ୱିଶତକ ମାରିଥିବା ଟମ ଲଥାମ ଓ ହେନରୀ ନିକୋଲାସଙ୍କ ବୃହତ୍ ଶତକ ଯୋଗୁ ନ୍ୟୁଜିଲାଣ୍ଡ ଭ୍ରମଣକାରୀ ଶ୍ରୀଲଙ୍କା ଆଗରେ ୬୬୦ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଜବାବରେ ଶ୍ରୀଲଙ୍କା ୩ୟ ଦିବସ ଶେଷ ସୁଦ୍ଧା ୨ ଉଇକେଟ ହରାଇ ୨୪ ରନ୍ କରିଛି। ଦଳକୁ ମ୍ୟାଚ୍ ଜିତିବା ପାଇଁ ବଳକା ୮ ଉଇକେଟରେ ୬୩୬ ରନ୍ ଦରକାର। ଆହୁରି ଦୁଇ ଦିନ ବାକି ଥିବାରୁ ମ୍ୟାଚ୍‌ର ଫଳାଫଳ ବାହାରିବା ନିଶ୍ଚିତ। ପୂର୍ବରୁ ପ୍ରଥମ ଇନିଂସରେ ନ୍ୟୁଜିଲାଣ୍ଡ ୧୭୮ ରନ୍ କରିଥିବାବେଳେ ଶ୍ରୀଲଙ୍କା ୧୦୪ ରନ୍ କରିଥିଲା। ଶୁକ୍ରବାର ନ୍ୟୁଜିଲାଣ୍ଡ ଦଳ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର (୨/୨୩୧)ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବଦିନ ଅପରାଜିତ ଥିବା ଅଭିଜ୍ଞ ବ୍ୟାଟ୍ସମ୍ୟାନ ରସ ଟେଲର ୪୦ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଅନ୍ୟତମ ଓପନର ଲଥାମଙ୍କ ସହ ନିକୋଲାସ ମିଶି ଦଳୀୟ ସ୍କୋରରେ ୨୧୪ ରନ୍ ଯୋଡ଼ିଥିଲେ। ଲଥାମ ୧୭୬ (୧୭ ଚୌକା ଓ ଗୋଟିଏ ଛକା) ରନ୍ କରି ଆଉଟ୍ ହେବା ପରେ କଲିନ ଗ୍ରାଣ୍ଡହୋମ ଓ ନିକୋଲାସ ଦଳୀୟ ସ୍କୋରକୁ ୪/୫୮୫ ରନ୍‌ରେ ପହଞ୍ଚାଇଥିଲେ। ନିକୋଲାସ କ୍ୟାରିୟରରେ ସର୍ବାଧିକ ୧୬୨ (୧୬ ଚୌକା) ଓ ଗ୍ରାଣ୍ଡହୋମ ୭୧ ରନ୍ କରି ଅପରାଜିତ ଥିଲେ। ଫଳରେ ଶ୍ରୀଲଙ୍କା ଆଗରେ ବିଶାଳ ୬୬୦ ରନ୍‌ର ଟାର୍ଗେଟ ରହିଥିଲା।

> ଟିମ୍ ପେନ୍ ଯଦି ଶତକ ହାସଲ କରନ୍ତି, ତାଙ୍କ ନାମ ମୁଁ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ସୁପାରିସ କରିବି।
>
> – ରୋହିତ ଶର୍ମା, ଭାରତୀୟ ବ୍ୟାଟ୍ସମ୍ୟାନ



> ଭାରତୀୟ ମହିଳା ହକି ଦଳର କୌଣସି ଶୀର୍ଷ ର୍‍ୟାଙ୍କିଙ୍ଗ ଦଳକୁ ସାମ୍ନା କରିବା ସାମର୍ଥ୍ୟ ରହିଛି।
>
> – ରାଣୀ ରାମ୍‌ପାଲ, ହକି ଅଧିନାୟିକା



# ପ୍ରିୟବ୍ରତ ଚାମ୍ପିୟନ, ମନୀଷ ରନର୍ସଅପ୍

**ରାଜ୍ୟ ଓପନ ଚେସ୍**

ଭୁବନେଶ୍ୱର, ୨୮।୧୨(କ୍ରୀଡ଼ା ପ୍ରତିନିଧି)

ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଓଡ଼ିଶା ରାଜ୍ୟ ଓପନ ଚେସ୍ ଚାମ୍ପିୟନଶିପ୍ ଶୁକ୍ରବାର ଏଠାରେ ଉଦ୍‌ଯାପିତ ହୋଇଛି। ୯ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ୩ ଖେଳାଳି ପ୍ରିୟବ୍ରତ ସାମନ୍ତ ସିଂ, ମନୀଷ କୁମାର ଓ ସଞ୍ଜୀବନ ନାୟକ ୭.୫ ପଏଣ୍ଟ ଲେଖାଏ ପାଇଛନ୍ତି। ତେବେ ବୁକୋଲଜ୍‌ରେ ପ୍ରିୟବ୍ରତ ପ୍ରଥମ ସ୍ଥାନରେ ରହି ଚାମ୍ପିୟନ ହୋଇଥିବାବେଳେ ମନୀଷ ଦ୍ୱିତୀୟ ହୋଇ ରନର୍ସଅପ୍ ଏବଂ ସଞ୍ଜୀବନ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ମହିଳା ବିଭାଗରେ ମିରାକ୍‌ଲ ପଣ୍ଡା, ଅଙ୍କିତା ସାହୁ ଓ ସୁହାନା ଜେନା ପ୍ରଥମ ତିନି ସ୍ଥାନ ପାଇଛନ୍ତି। ଅବସରପ୍ରାପ୍ତ ଡିଜି ଶରତ ଚନ୍ଦ୍ର ମିଶ୍ର ମୁଖ୍ୟ ଅତିଥି ଏବଂ ମାଇଣ୍ଡଟ୍ରିର ବିଜ୍‌ନେସ୍ ହେଡ୍ ସଞ୍ଜୀବ କୁମାର, ଆୟୋଜକ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ସରୋଜ କୁମାର ବେହେରା, ମୁଖ୍ୟ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ତାପସ ମହାନ୍ତି, ସନ୍ତୋଷ କୁମାର ମହାପାତ୍ର, ଶିବ ପ୍ରସାଦ ବାରିକ ପ୍ରମୁଖ ଅନ୍ୟତମ ଅତିଥିଭାବେ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।



ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ପୁରସ୍କାର ସହ ଅତିଥିଙ୍କ ଗହଣରେ।

## ଟେନିସ ଛାଡ଼ିବେ ନାହିଁ ମୁରେ

ବ୍ରିସ୍‌ବେନ,୨୮।୧୨(ଏଏଫ୍‌ପି)

ପୂର୍ବତନ ବିଶ୍ୱର ଶୀର୍ଷ ର୍‍ୟାଙ୍କଧାରୀ ଖେଳାଳି ଆଣ୍ଡି ମୁରେ ଦୀର୍ଘ ୧୧ ମାସ ହେଲା ଅଣ୍ଟା ଜନିତ ଆହତ ସମସ୍ୟା ସତ୍ତ୍ୱେ ଟେନିସ ଖେଳିବା ଛାଡ଼ିବେ ନାହିଁ। ଏହି ନିଷ୍ପତ୍ତି ନେଇ କୌଣସି ପଶ୍ଚାତ୍ତାପ ନ ଥିବା ସେ କହିଛନ୍ତି। ୩ ଥର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ମୁରେ ବ୍ରିସ୍‌ବେନ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟରୁ ଚଳିତ ସିଜନ ଆରମ୍ଭ କରିଛନ୍ତି। ସେ ଏହି ଟୁର୍ନାମେଣ୍ଟର ୨୦୧୨ ଓ ୨୦୧୩ ସଂସ୍କରଣ ଟାଇଟଲ ଜିତିଥିଲେ। ଚଳିତ ଥର ବିଶ୍ୱର ୨୫୬ ତମ ର୍‍ୟାଙ୍କ ଖେଳାଳି ଭାବେ ମୁରେ ଏଠାରେ ଖେଳିବେ। ୩୧ ବର୍ଷୀୟ ଖେଳାଳି ଚଳିତ ବର୍ଷ ଆରମ୍ଭରୁ ଅଣ୍ଟା ଜନିତ ସମସ୍ୟା ଯୋଗୁ ଅଷ୍ଟ୍ରେଲିଆନ୍ ଓପନରୁ ଓହରି ଯାଇଥିଲେ।

## ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ

# ଛତିଶଗଡ଼ ଫରେଷ୍ଟ ବିଜୟୀ



ଛତିଶଗଡ଼ ଫରେଷ୍ଟ ଦଳର ବୈଭବଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

ଭଦ୍ରକ ଅଫିସ, ୨୮।୧୨

ଭଦ୍ରକ ଜିଲା ଚରମ୍ପା ଯୁବକ ସଂଘ ଆନୁକୂଲ୍ୟରେ ସଞ୍ଜୀବ ଜୁଏଲ୍‌ସ ପ୍ରାୟୋଜିତ ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟର ଶୁକ୍ରବାର ଥିଲା ୫ମ ଦିବସ। ଶୁକ୍ରବାର ମ୍ୟାଚ୍‌ରେ ଚରମ୍ପା ଏକାଡେମୀକୁ ପରାସ୍ତ କରି ଛତିଶଗଡ଼ ଫରେଷ୍ଟ ଦଳ ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ଚରମ୍ପା ଏକାଡେମୀ ୩୦ ଓଭରରେ ୨୫୫ ରନ୍ କରିଥିଲା। ଛତିଶଗଡ଼ ଫରେଷ୍ଟ ୨୯ ଓଭରରେ ୬ ଉଇକେଟ ହରାଇ ୨୫୬ ରନ୍ ସଂଗ୍ରହ କରିଥିଲା। ଛତିଶଗଡ଼ ଦଳର ବୈଭବଙ୍କୁ 'ମ୍ୟାନ ଅଫ୍ ଦି ମ୍ୟାଚ୍' ପୁରସ୍କାର ପ୍ରଦାନ କରାଯାଇଥିଲା। ଲଲାଟକେଶରୀ ନନ୍ଦ ଓ ତପନ ମିଶ୍ର ମ୍ୟାଚ୍ ପରିଚାଳନା କରିଥିଲେ। ନୁର ମହମ୍ମଦ ଖାନ ତୃତୀୟ ଅମ୍ପାୟାର, ଗଗନ ରାଉଳ ଓ ଅରୁଣ ନାୟକ ରେଫରୀ, ରାଜୁ ଖାନ ଭାଷ୍ୟକାର ଓ କିଶାନ ମନୋହର ସ୍କୋରର ଦାୟିତ୍ୱ ତୁଲାଇଥିଲେ।

# ଗୋଲକୁଣ୍ଡାକୁ ହରାଇ ରାମେଶ୍ୱର ସେମିଫାଇନାଲରେ

କାକଟପୁର, ୨୮।୧୨(ଡି.ଏନ.ଏ.)

ରାଜ୍ୟସ୍ତରୀୟ ମଙ୍ଗଳାକପ୍ କ୍ରିକେଟ୍ ଟୁର୍ନାମେଣ୍ଟର ଶୁକ୍ରବାର ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଯାଜପୁରର ଗୋଲକୁଣ୍ଡା ସ୍ପୋର୍ଟିଂକୁ ହରାଇ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାମେଶ୍ୱର ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ୍ ହରାଇ ୧୯୬ରନ୍ କରିଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ଭୋଇ ୪୮, ପୂର୍ଣ୍ଣଚନ୍ଦ୍ର ମହାରଣା ୪୬ରନ କରିଥିଲେ। ଗୋଲକୁଣ୍ଡା ପକ୍ଷରୁ ଜ୍ୟୋତି ଆଚାର୍ଯ୍ୟ ୩ , ରାଜେଶ ପାତ୍ର ଓ ସତ୍ୟପ୍ରକାଶ ୨ଟି ଲେଖାଏଁ ଉଇକେଟ୍ ଅକ୍ତିଆର କରିଥିଲେ। ୧୯୭ ରନ୍‌ର ବିଜୟ ଲକ୍ଷ୍ୟ ନେଇ ଗୋଲକୁଣ୍ଡା ୨୫ଓଭରରେ ୧୩୬ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ପ୍ରଶାନ୍ତ ନାୟକ ୩୬,ରାଜେଶ ପାତ୍ର ୩୧ ରନ ସଂଗ୍ରହ କରିଥିବା ବେଳେ ଆଉ କୌଣସି ବ୍ୟାଟ୍ସମ୍ୟାନ ସଫଳ ହୋଇ ପାରି ନ ଥିଲେ। ରାମେଶ୍ୱର ପକ୍ଷରୁ ତୋଫାନ ଗୌଡା ୩, ପରେଶ ପଟେଲ ଏବଂ ପୂର୍ଣ୍ଣଚନ୍ଦ୍ର ୨ଟି ଲେଖାଏ ଉଇକେଟ୍ ନେଇଥିଲେ। ଉନ୍ନତ ପ୍ରଦର୍ଶନ ପାଇଁ ରାମେଶ୍ୱରର ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଏବଂ ବେଷ୍ଟ ପ୍ଲେୟାର ଭାବେ ପ୍ରଶାନ୍ତ ଭୋଇଙ୍କୁ କାକଟପୁର ହିରୋ ଶୋ'ରୁମର ପରିଚାଳନା ନିର୍ଦ୍ଦେଶକ ବିଷ୍ଣୁଚରଣ ପଣ୍ଡା ଏବଂ ବିଶିଷ୍ଟ ଶିଳ୍ପପତି ଦେବୀପ୍ରସାଦ ମହାନ୍ତି ପୁରସ୍କାର ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିଲେ ନିର୍ମଳ କୁମାର ମିଶ୍ର ଏବଂ ଦ୍ୱିଜେନ୍ଦ୍ର ଘୋଷ। ଧାରାବିବରଣୀ ପ୍ରଦାନ କରିଥିଲେ ଭାଗବତ ସ୍ୱାଇଁ, ପ୍ରଦୀପ ପଣ୍ଡା, ଅଞ୍ଜନ ଦୀକ୍ଷିତ। ସ୍କୋରର ଥିଲେ ସଚିନ୍।


# ଓଡ଼ିଶା ସରକାର

No.XXIV-98

## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

## ଅଧିସୂଚନା

No. RDM-LAA-JAJ-0049-2018/38278 R&DM Dated : 10.10.2018

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ଯାଜପୁର ଜିଲ୍ଲାର ରେଙ୍ଗାଳୀ ବାମ ପାର୍ଶ୍ୱ କେନାଲର କୋରେଇ ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା- ମଞ୍ଜୁରୀ, ଥାନା- କୋରେଇ ସଂ ୧୪, ତହସିଲ - ବ୍ୟାସନଗର, ଜିଲ୍ଲା - ଯାଜପୁରରେ ନିମ୍ନ ତଫସିଲ ମତେ ପ୍ରାୟ ଏ. ୨୯.୫୧ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLAR & R Act. 2013)ର ୧୧(୧) ଧାରା ରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ / ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ - ରେଙ୍ଗାଳୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ - ନିର୍ବାହୀ ଯନ୍ତ୍ରୀ, ବାମ ପାର୍ଶ୍ୱ କେନାଲ ଡିଭିଜନ ନଂ୨, ଦୁବୁରି।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ : ସାର୍ବଜନୀନ ଉଦ୍ଦେଶ୍ୟରେ ରେଙ୍ଗାଳୀ ଜଳସେଚନ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ- ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ:- ଉପଜିଲ୍ଲାପାଳ, ଯାଜପୁର।
୬. ଜମିର ବିବରଣୀ :-

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ | ପ୍ଲଟ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତ୍‌ର ନାମ |
|---|---|---|---|---|---|---|---|---|
| ଯାଜପୁର | ବ୍ୟାସନଗର | ମଞ୍ଜୁରୀ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏ. ୫୨.୭୪୧ | ଏ. ୨୯.୫୧ | ଏଥି ସହିତ ସଂଲଗ୍ନ |

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ. ୫.୫୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ମଣ୍ଡଳ ଅଧିକାରୀ, ସୁକିନ୍ଦା, ଯାଜପୁର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣନେଣ) କିମ୍ବା ଦାୟ ସୃଷ୍ଟି ଯାଜପୁର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- (ଅଭୟ କୁମାର ନାୟକ)
ଯୁଗ୍ମ ଶାସନ ସଚିବ

### ଜମି ଅନୁସୂଚି

ଗ୍ରାମର ନାମ : ମଞ୍ଜୁରୀ
ଥାନାର ନାମ : କୋରେଇ ନଂ:୧୪, ତହସିଲ : ବ୍ୟାସନଗର, ଜିଲ୍ଲା : ଯାଜପୁର
ଜମି ଅଧିଗ୍ରହଣ କେସ୍ ନଂ. :

| କ୍ରମିକ ନଂ | ଖତିୟାନ ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିଗୃହୀତ ଜମିର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୧ | ୨ | ୬୭୬ | ୦.୨୩ | ୦.୨୩ | ଅଗାଡି ଜେନା, ପିତା- ନଣ୍ଡେଇ ଜେନା, ଜା: ପାଣ, ବା: ଖମିଗାଁ | |
| ୨ | ୩ | ୬୮୦ | ୦.୨୦ | ୦.୨୦ | ଅର୍ଜୁନ ପାତ୍ର, ପିତା- ଆର୍ତ୍ତ ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୩ | ୧୩ | ୬୭୮ | ୦.୨୦ | ୦.୨୦ | ଲକ୍ଷ୍ମୀଧର ସ୍ୱାଇଁ, ପିତା- ନବଘନ ସ୍ୱାଇଁ, ଜା: ଖଣ୍ଡାୟତ, ବା: ନିଜଗାଁ | |
| ୪ | ୧୪ | ୨୮୦ | ୦.୨୭ | ୦.୦୯ | ଉଦ୍ଧବ ପାତ୍ର, ପିତା - ହରି ପାତ୍ର ଓଗେର, ଜା: ପାଣ, ବା: ଗୟଳଗାଡିଆ | |
| ୫ | | ୨୬୯ | ୦.୯୯ | ୦.୨୦ | ଉଦ୍ଧବ ପାତ୍ର, ପିତା- ହରି ପାତ୍ର ଓଗେର, ଜା: ପାଣ, ବା: ଗୟଳଗାଡିଆ | |
| ୬ | ୨୦ | ୬୭୯ | ୦.୨୦ | ୦.୨୦ | ଏକନ ପାତ୍ର, ପିତା : ଆର୍ତ୍ତ ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୭ | ୨୬ | ୧୪୭ | ୧.୧୧ | ୧.୧୧ | କାହ୍ନୁ ଜେନା, ପିତା : ଦୁନ୍ଦି ଜେନା, ଜା: ପାଣ, ବା: ଖମିଗାଁ | |
| ୮ | ୨୮ | ୮ | ୧.୦୧ | ୧.୦୧ | କୀର୍ତ୍ତନ ଜେନା, ପିତା -ପହଲି ଜେନା, ଜା: ପାଣ, ବା: ନିଜଗାଁ | |
| ୯ | ୩୦ | ୧୦ | ୧.୦୨ | ୧.୦୨ | କୀର୍ତ୍ତନ ବିହାରୀ ଜେନା, ପିତା- ମକର ଜେନା, ଜା: ପାଣ, ବା: ନିଜଗାଁ | |
| ୧୦ | ୪୮ | ୬୮୧ | ୦.୨୦ | ୦.୧୪ | ତରଣୀ ସେନ ପାତ୍ର, ପିତା: ମହେଶ୍ୱର ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୧୧ | | ୬୮୩ | ୦.୨୨ | ୦.୧୦ | ତରଣୀ ସେନ ପାତ୍ର, ପିତା- ମହେଶ୍ୱର ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୧୨ | ୫୬ | ୨୧୮ | ୦.୯୬ | ୦.୦୪ | ବାଙ୍କବିହାରୀ ଜେନା, ପିତା : ରଙ୍ଗାଧର ଜେନା, ଜା: ପାଣ, ବା: ନିଜଗାଁ | |
| ୧୩ | ୫୯ | ୧୪୮ | ୧.୯୪ | ୧.୭୬ | ଗୋପୀନାଥ ଦାସ, ପିତା : ଅର୍ଜୁନି ଦାସ, ଜା: ପାଣ, ବା: ଖମିଗାଁ | |
| ୧୪ | ୬୦ | ୭୩୭ | ୦.୧୯ | ୦.୦୪ | ଗୋବର୍ଦ୍ଧନ ଜେନା, ପିତା : ଅର୍ଜୁନ ଜେନା, ଜା: ଖଣ୍ଡାୟତ, ବା: ଖମିଗାଁ | |
| ୧୫ | | ୭୩୯ | ୦.୧୭ | ୦.୦୩ | ଗୋବର୍ଦ୍ଧନ ଜେନା, ପିତା : ଅର୍ଜୁନ ଜେନା, ଜା: ଖଣ୍ଡାୟତ, ବା: ଖମିଗାଁ | |
| ୧୬ | ୬୧ | ୨୨୬ | ୦.୪୨ | ୦.୦୩ | ଗୋବର୍ଦ୍ଧନ କର, ପିତା- ଭକ୍ତୁ କର ଓଗେର, ଜା : ଖଣ୍ଡାୟତ, ବା: ଗୋହିରାଗଡିଆ | |
| ୧୭ | | ୨୪୬ | ୦.୯୧ | ୦.୨୮ | ଗୋବର୍ଦ୍ଧନ କର, ପିତା- ଭକ୍ତୁ କର ଓଗେର, ଜା : ଖଣ୍ଡାୟତ, ବା: ଗୋହିରାଗଡିଆ | |
| ୧୮ | | ୭୦୯ | ୦.୩୩ | ୦.୧୦ | ଗୋବର୍ଦ୍ଧନ କର, ପିତା- ଭକ୍ତୁ କର ଓଗେର, ଜା : ଖଣ୍ଡାୟତ, ବା: ଗୋହିରାଗଡିଆ | |
| ୧୯ | ୮୧ | ୬୮୫ | ୦.୨୦ | ୦.୦୧ | ଚକ୍ରଧର ପାତ୍ର, ପିତା : ଗୋପାଳ ପାତ୍ର ଓଗେର, ଜା : ପାଣ, ବା: ଗୟଳଗାଡିଆ | |
| ୨୦ | | ୧୪୯ | ୧.୦୭ | ୦.୦୮ | ଚକ୍ରଧର ପାତ୍ର, ପିତା : ଗୋପାଳ ପାତ୍ର ଓଗେର, ଜା: ପାଣ, ବା: ଗୟଳଗାଡିଆ | |
| ୨୧ | ୧୦୨ | ୨୧୯ | ୦.୯୨ | ୦.୧୮ | ଯୋଗି ଦାସ, ପିତା : ଦୁଃଖୀ ଦାସ, ଜା: ପାଣ, ବା: ଖମିଗାଁ | |
| ୨୨ | ୧୦୪ | ୧୧୬ | ୦.୮୪ | ୦.୮୪ | ତଉଲି ଜେନା, ପିତା: ଅନନ୍ତ ଜେନା ଓଗେର, ଜା: ପାଣ, ବା: ଖମିଗାଁ | |
| ୨୩ | | ୧୪୦ | ୦.୧୬ | ୦.୧୬ | ତଉଲି ଜେନା, ପିତା: ଅନନ୍ତ ଜେନା ଓଗେର, ଜା: ପାଣ, ବା: ଖମିଗାଁ | |
| ୨୪ | ୧୦୫ | ୬୭୨ | ୦.୨୦ | ୦.୦୪ | ତରଣୀସେନ ପାତ୍ର, ପିତା : ମହେଶ୍ୱର ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୨୫ | ୧୧୧ | ୧/ ୧୨୭୦ | ୧.୦୦ | ୦.୫୦ | ସଞ୍ଜୟ କୁମାର ସାହୁ, ପିତା : ସତ୍ୟାନନ୍ଦ ସାହୁ, ଜା: ତେଲି, ବା: ନାଉପାଳ, ଥାନା- ବିଂଝାରପୁର | |
| ୨୬ | ୧୧୩ | ୨୮୩ | ୦.୫୫ | ୦.୧୪ | ଦୁର୍ଯ୍ୟୋଧନ କର, ପିତା : ଶୁକଦେବ କର, ଜା: ଖଣ୍ଡାୟତ, ବା: ଗୋହିରାଗଡିଆ | |
| ୨୭ | ୧୩୩ | ୧୧୭ | ୦.୮୭ | ୦.୫୭ | ଅପର୍ତ୍ତି ବେହେରା, ପିତା : ଶମ୍ଭୁ ବେହେରା, ଜା: କୈବର୍ତ୍ତ, ବା: ରଙ୍ଗମାଟିଆ | |
| ୨୮ | ୧୫୨ | ୧୪୩ | ୪.୨୫ | ୧.୨୦ | ପ୍ରଫୁଲ୍ଲ କୁମାର ସାହୁ, ପିତା : ଲକ୍ଷ୍ମୀଧର ସାହୁ ଓଗେର, ଜା: ଖଣ୍ଡାୟତ, ବା: ରଗଡି | |
| ୨୯ | | ୨୨୩ | ୦.୪୦ | ୦.୧୬ | ପ୍ରଫୁଲ୍ଲ କୁମାର ସାହୁ, ପିତା : ଲକ୍ଷ୍ମୀଧର ସାହୁ ଓଗେର, ଜା: ଖଣ୍ଡାୟତ, ବା: ରଗଡି | |
| ୩୦ | ୧୬୩ | ୨୨୦ | ୧.୦୦ | ୦.୫୫ | ପୂର୍ଣ୍ଣଚନ୍ଦ୍ର ଜେନା, ପିତା - ଦୁଃଶାସନ ଜେନା, ଜା: ପାଣ, ବା: ଖମିଗାଁ | |
| ୩୧ | ୧୯୨ | ୭୨୧ | ୦.୭୨ | ୦.୦୮ | ବାଞ୍ଛାନିଧି ବାରିକ, ପିତା- ଗଙ୍ଗାଧର ବାରିକ, ଜା : ଭଣ୍ଡାରି, ବା: ଖମିଗାଁ | |
| ୩୨ | ୧୯୬ | ୬୭୩ | ୦.୨୦ | ୦.୦୬ | ବାବାଜୀ ପାତ୍ର, ପିତା : ଧୋଇଆ ପାତ୍ର, ଜା: ପାଣ, ବା: ନିଜଗାଁ | |
| ୩୩ | ୨୧୦ | ୭୨୬ | ୦.୭୦ | ୦.୧୦ | ବିମଳା ମଲ୍ଲିକ, ସ୍ୱାମୀ- ବସନ୍ତ କୁମାର ମଲ୍ଲିକ, ଜା: ଖଣ୍ଡାୟତ, ବା: ଖମିଗାଁ | |
| ୩୪ | ୨୧୨ | ୧୫୦ | ୧.୦୦ | ୦.୧୪ | ବିସୁନ ପାତ୍ର, ପିତା : ଅଇଁଠୁ ପାତ୍ର, ଜା : ପାଣ, ବା :ଗୟଳଗାଡିଆ | |
| ୩୫ | ୨୨୬ | ୭୪୦ | ୦.୩୬ | ୦.୩୬ | ମଣିମାଳା ରଥ, ସ୍ୱାମୀ- ନିମାଇଁ ପଣ୍ଡା, ଜା: ବ୍ରାହ୍ମଣ, ବା: ମିର୍ଜାପୁର, ଥା: ଧର୍ମଶାଳା | |
| ୩୬ | | ୭୪୨ | ୦.୧୨ | ୦.୧୨ | ମଣିମାଳା ରଥ, ସ୍ୱାମୀ- ନିମାଇଁ ପଣ୍ଡା, ଜା: ବ୍ରାହ୍ମଣ, ବା: ମିର୍ଜାପୁର, ଥା: ଧର୍ମଶାଳା | |
| ୩୭ | ୨୨୮ | ୭୦୫ | ୦.୧୩ | ୦.୧୩ | ଭାବାନି ପାତ୍ର, ସ୍ୱାମୀ : ଆର୍ତ୍ତ ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୩୮ | | ୭୦୬ | ୦.୧୮ | ୦.୧୮ | ଭାବାନି ପାତ୍ର, ସ୍ୱାମୀ : ଆର୍ତ୍ତ ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୩୯ | | ୭୦୭ | ୦.୧୫ | ୦.୧୫ | ଭାବାନି ପାତ୍ର, ସ୍ୱାମୀ : ଆର୍ତ୍ତ ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୪୦ | | ୭୧୪ | ୧.୨୬ | ୧.୦୨ | ଭାବାନି ପାତ୍ର, ସ୍ୱାମୀ : ଆର୍ତ୍ତ ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୪୧ | | ୭୧୫ | ୦.୯୯ | ୦.୯୯ | ଭାବାନି ପାତ୍ର, ସ୍ୱାମୀ : ଆର୍ତ୍ତ ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୪୨ | ୨୩୭ | ୧୪୫ | ୧.୪୪ | ୧.୧୪ | ମନ୍ଦରଧର ଜେନା, ପିତା - କୀର୍ତ୍ତନ ଜେନା, ଜା: ପାଣ, ବା: ନିଜଗାଁ | |
| ୪୩ | ୨୪୦ | ୬୮୪ | ୦.୨୦ | ୦.୦୫ | ମହେଶ୍ୱର ପାତ୍ର, ପିତା- ଭାବନ ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୪୪ | ୨୪୩ | ୬୭୧ | ୦.୨୦ | ୦.୦୧ | ମାଗୁଣି ପାତ୍ର, ପିତା- କାହ୍ନୁ ପାତ୍ର ଓଗେର, ଜା: ପାଣ, ବା: ଗୟଳଗାଡିଆ | |
| ୪୫ | ୨୫୫ | ୪୦୨ | ୦.୨୦ | ୦.୦୮ | ମୂଷା ସେଠୀ, ପିତା- ଫକିର ସେଠୀ, ଜା: ଧୋବା, ବା: ଅରଣ୍ୟମଦନ | |
| ୪୬ | | ୪୧୨ | ୦.୬୬ | ୦.୨୬ | ମୂଷା ସେଠୀ, ପିତା- ଫକିର ସେଠୀ, ଜା: ଧୋବା, ବା: ଅରଣ୍ୟମଦନ | |
| ୪୭ | ୨୫୬ | ୧୧ | ୧.୦୦ | ୦.୨୦ | ସଞ୍ଜୟ କୁମାର ସାହୁ, ପିତା- ସତ୍ୟାନନ୍ଦ ସାହୁ, ଜା: ତେଲି, ବା: ଜାଇପାଳ, ବିଞ୍ଝାରପୁର | |
| ୪୮ | ୨୫୮ | ୧୧୫ | ୦.୭୩ | ୦.୬୪ | ରଜନି ଦାସ, ସ୍ୱାମୀ- ବିଦ୍ୟାଧର ଦାସ, ଜା: ପାଣ, ବା: ଖମିଗାଁ | |
| ୪୯ | ୨୫୯ | ୬୭୪ | ୦.୨୦ | ୦.୧୨ | ରତ୍ନାକର ପାତ୍ର, ପିତା- ଭାଗବତ ପାତ୍ର, ଜା: ପାଣ, ବା: ଗୟଳଗାଡିଆ | |
| ୫୦ | ୨୬୨ | ୭୧୬ | ୦.୦୩ | ୦.୦୩ | ରମେଶ ଚନ୍ଦ୍ର ପତି, ପିତା : ବନମାଳି ପତି ଓଗେର, ଜା: ବ୍ରାହ୍ମଣ, ବା: ଖମିଗାଁ | |
| ୫୧ | | ୭୧୯ | ୦.୦୩ | ୦.୦୩ | ରମେଶ ଚନ୍ଦ୍ର ପତି, ପିତା : ବନମାଳି ପତି ଓଗେର, ଜା: ବ୍ରାହ୍ମଣ, ବା: ଖମିଗାଁ | |
| ୫୨ | | ୭୨୯ | ୦.୩୨ | ୦.୨୬ | ରମେଶ ଚନ୍ଦ୍ର ପତି, ପିତା : ବନମାଳି ପତି ଓଗେର, ଜା: ବ୍ରାହ୍ମଣ, ବା: ଖମିଗାଁ | |
| ୫୩ | | ୭୩୦ | ୦.୧୪ | ୦.୦୨ | ରମେଶ ଚନ୍ଦ୍ର ପତି, ପିତା : ବନମାଳି ପତି ଓଗେର, ଜା: ବ୍ରାହ୍ମଣ, ବା: ଖମିଗାଁ | |
| ୫୪ | | ୭୩୪ | ୦.୦୮ | ୦.୦୮ | ରମେଶ ଚନ୍ଦ୍ର ପତି, ପିତା : ବନମାଳି ପତି ଓଗେର, ଜା: ବ୍ରାହ୍ମଣ, ବା: ଖମିଗାଁ | |
| ୫୫ | ୨୬୨ | ୭୨୮/ ୧୨୪୨ | ୦.୧୩ | ୦.୧୩ | ରମେଶ ଚନ୍ଦ୍ର ପତି, ପିତା : ବନମାଳି ପତି ଓଗେର, ଜା: ବ୍ରାହ୍ମଣ, ବା: ଖମିଗାଁ | |
| ୫୬ | ୨୬୩ | ୭ | ୧.୦୦ | ୦.୪୬ | ସଞ୍ଜୟ କୁମାର ସାହୁ, ପିତା : ସତ୍ୟାନନ୍ଦ ସାହୁ, ଜା: ତେଲି, ବା : ନାଇପାଳ, ଥା: ବାଞ୍ଝାରପୁର | |
| ୫୭ | ୨୬୪ | ୯ | ୦.୯୯ | ୦.୯୯ | ସଞ୍ଜୟ କୁମାର ସାହୁ, ପିତା : ସତ୍ୟାନନ୍ଦ ସାହୁ, ଜା: ତେଲି, ବା : ନାଇପାଳ, ଥା: ବାଞ୍ଝାରପୁର | |
| ୫୮ | ୨୭୧ | ୭୦୬/ ୧୨୬୪ | ୦.୨୪ | ୦.୨୪ | ଲଳିତ ମଳିକ, ପିତା- ଜଟେଶ୍ୱର ମଳିକ, ଜା: ପାଣ, ବା: ତଳଗଡ଼ | |
| ୫୯ | ୨୮୨ | ୧୪୪ | ୧.୪୪ | ୧.୦୪ | ଶିବ ମଳିକ, ପିତା- ଫୋଦାର ମଳିକ, ଜା: ପାଣ, ବା : ନିଜଗାଁ | |
| ୬୦ | | ୨୨୨ | ୦.୨୬ | ୦.୦୫ | ଶିବ ମଳିକ, ପିତା- ଫୋଦାର ମଳିକ, ଜା: ପାଣ, ବା: ନିଜଗାଁ | |
| ୬୧ | ୩୦୧/ ୨୨ | ୧୧୪ | ୧.୧୬ | ୧.୧୬ | ସଞ୍ଜୟ କୁମାର ସାହୁ, ପିତା: ସତ୍ୟାନନ୍ଦ ସାହୁ, ଜା: ତେଲି, ବା: ନାଇପାଳ, ଥା: ବିଞ୍ଝାରପୁର | |
| ୬୨ | ୩୦୧/ ୪୪ | ୭୦୮ | ୦.୧୨ | ୦.୦୮ | ନାରଣ ପ୍ରଧାନ, ପିତା : ଧନୁ ପ୍ରଧାନ, ଜା: କେଳା, ବା: ପୂର୍ବକୋଟ | |
| ୬୩ | ୩୦୧/ ୫୫ | ୧୪୬ | ୦.୬୦ | ୦.୩୬ | ସଙ୍ଖାଳି ଜେନା, ପିତା- ଜଗବନ୍ଧୁ ଜେନା ଓଗେର, ଜା: ପାଣ, ବା: ରଗଡି | |
| ୬୪ | ୩୦୧/ ୨୦୪ | ୭୩୮ | ୦.୪୫ | ୦.୧୦ | ମଣିମାଳା ରଥ, ସ୍ୱାମୀ- ନିମାଇଁ ପଣ୍ଡା, ଜା: ବ୍ରାହ୍ମଣ, ବା: ମିର୍ଜାପୁର, ଥା: ଧର୍ମଶାଳା | |
| ୬୫ | | ୭୪୧ | ୦.୫୧ | ୦.୩୩ | ମଣିମାଳା ରଥ, ସ୍ୱାମୀ: ନିମାଇଁ ପଣ୍ଡା, ଜା: ବ୍ରାହ୍ମଣ, ବା: ମିର୍ଜାପୁର, ଥା: ଧର୍ମଶାଳା | |
| ୬୬ | ୩୦୧/ ୨୦୪ | ୭୪୩ | ୦.୨୪ | ୦.୦୩ | ମଣିମାଳା ରଥ, ସ୍ୱାମୀ: ନିମାଇଁ ପଣ୍ଡା, ଜା: ବ୍ରାହ୍ମଣ, ବା: ମିର୍ଜାପୁର, ଥା: ଧର୍ମଶାଳା | |
| ୬୭ | ୩୦୧/ ୨୦୯ | ୨୭୯ | ୧.୦୪ | ୦.୦୨ | ସେକ୍ ଗୁଲାମ ମୁସ୍ତାଫ, ପିତା- ସେକ୍ ଅବଦୁଲ୍ ରହେମାନ, ଜା: ମୁସଲମାନ, ବା: ତ୍ରିଜଙ୍ଗା, ଶଶିଭୂଷଣ ସ୍ୱାଇଁ, ପିତା - କାହ୍ନୁଚରଣ ସ୍ୱାଇଁ ଓଗେର, ଜା: ଖଣ୍ଡାୟତ, ବା: ନରେନ୍ଦ୍ରଭୋଗ | |
| ୬୮ | | ୨୮୪ | ୦.୯୦୧ | ୦.୩୬ | ସେକ୍ ଗୁଲାମ ମୁସ୍ତାଫ, ପିତା- ସେକ୍ ଅବଦୁଲ୍ ରହେମାନ, ଜା: ମୁସଲମାନ, ବା: ତ୍ରିଜଙ୍ଗା, ଶଶିଭୂଷଣ ସ୍ୱାଇଁ, ପିତା - କାହ୍ନୁଚରଣ ସ୍ୱାଇଁ ଓଗେର, ଜା: ଖଣ୍ଡାୟତ, ବା: ନରେନ୍ଦ୍ରଭୋଗ | |
| ୬୯ | ୩୦୧/ ୨୨୭ | ୭୨୭ | ୧.୦୮ | ୦.୯୪ | ମିନତି ଜେନା, ସ୍ୱାମୀ- ଅଜୟ କୁମାର ଜେନା, ଜା: ପାଣ, ବା: ଖମିଗାଁ | |
| ୭୦ | ୩୦୧/ ୨୪୩ | ୬୭୭ | ୦.୨୦ | ୦.୨୦ | ବିରଞ୍ଚି ନାରାୟଣ ଆଏଚ ପିତା- ଚୈତନ୍ୟ ଆଏଚ୍, ଜା: ଖଣ୍ଡାୟତ, ବା: ମୂଳସରଗଡ | |
| ୭୧ | ୩୦୧/ ୨୭୩ | ୨୭୯/ ୧୫୨୭ | ୦.୦୬ | ୦.୦୩ | ରମାକାନ୍ତ ବେହେରା, ପିତା : ରାମଚନ୍ଦ୍ର ବେହେରା, ଜା: ଗୋପାଳ, ବା: ବରି ଔରଙ୍ଗାବାଦ୍, ଥା: ବରି ରାମଚନ୍ଦ୍ରପୁର | |
| ୭୨ | ୩୦୧/ ୨୭୬ | ୨୭୯/ ୧୫୩୦ | ୦.୦୬ | ୦.୦୧ | ଦିଲ୍ଲୀପ କୁମାର ଖିଲ୍ଲାର ପିତା- ପ୍ରାଣବନ୍ଧୁ, ଖିଲ୍ଲାର, ଜା: ଗୋପାଳ, ବା: କୁମ୍ଭିରିଗାଡିଆ | |
| ୭୩ | ୧୫୨ | ୧୪୩ | ୪.୨୫ | ୨.୪୦ | ପ୍ରଫୁଲ୍ଲ କୁମାର ସାହୁ, ପିତା: ଲକ୍ଷ୍ମୀଧର ସାହୁ ଓଗେର, ଜା: ଖଣ୍ଡାୟତ, ବା: ରଗଡି | ଉନ୍ନତ ଯୋଜନା ଯୋଗ୍ୟ ବଦଳି |
| ୭୪ | ୧୪୨ | ୧୧୨ | ୧.୦୦ | ୦.୭୮ | ପଞ୍ଚୁ ଜେନା, ପିତା- ହାଡି ଜେନା, ଜା: ପାଣ, ବା: ଖମିଗାଁ | ଜଙ୍ଗଲ ବଦଳି |
| ୭୫ | ୨୫୬ | ୧୧ | ୧.୦୦ | ୦.୮୦ | ସଞ୍ଜୟ କୁମାର ସାହୁ, ପିତା- ସତ୍ୟାନନ୍ଦ ସାହୁ, ଜା- ତେଲି, ବା: ନାଇପାଳ, ଥା- ବିଞ୍ଝାରପୁର | ଜଙ୍ଗଲ ବଦଳି |
| ୭୬ | ୬୮ | ୧୧୦ | ୧.୦୦ | ୦.୩୮ | ଗୋଲକ ବିହାରୀ ଜେନା, ପିତା : ଅଗାଡି ଜେନା, ଜା: ପାଣ, ବା: ଖମିଗାଁ | ଗୋଚର ବଦଳି |
| ୭୭ | ୧୪୨ | ୧୧୨ | ୧.୦୦ | ୦.୨୨ | ପଞ୍ଚୁ ଜେନା, ପିତା- ହାଡି ଜେନା, ଜା: ପାଣ, ବା: ଖମିଗାଁ | ଗୋଚର ବଦଳି |
| ୭୮ | ୧୮୦ | ୧୧୧ | ୦.୯୪ | ୦.୯୪ | ବସନ୍ତ କୁମାର ଜେନା, ପିତା- କାଳି ଜେନା, ଜା: ପାଣ, ବା: ଖମିଗାଁ | ଗୋଚର ବଦଳି |
| | | | ମୋଟ | ୨୯.୫୧ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା : ୭୫ (ପାଞ୍ଚସ୍ତୋରି), ମୋଟ ଅଧିଗୃହିତ ଜମି : ୨୯.୫୧ ଏକର

24001/14/0476/1819



❝ ଏମ୍‌ସିଜି ପିଚ୍‌ରେ ଦ୍ୱିତୀୟ ଇନିଂସରେ ଆମକୁ କୋହଲି ଓ ପୂଜାରାଙ୍କ ଭଳି ବ୍ୟାଟିଂ କରିବାକୁ ହେବ ।

– ପ୍ୟାଟ୍ କମିନ୍ସ, ଅଷ୍ଟ୍ରେଲିଆ ପେସ୍ ବୋଲର



❝ ଦଳ ପାଇଁ ଚୟନ କ୍ଷେତ୍ରରେ ବୟସକୁ ନୁହେଁ ବରଂ ଖେଳାଳିର ସାମର୍ଥ୍ୟକୁ ମୁଁ ଗୁରୁତ୍ୱ ଦେଇଥାଏ ।

– ଷ୍ଟିଫେନ୍ କନଷ୍ଟାଣ୍ଟିନ, ଭାରତୀୟ ଫୁଟ୍‌ବଲ ମୁଖ୍ୟ କୋଚ୍

## ସଂକ୍ଷେପରେ

### ଥ୍ରୋ ବଲ୍: ଓଡ଼ିଶା ମହିଳା ସେମିରେ

ଭୁବନେଶ୍ୱର, ୨୮।୧୨(କ୍ରୀଡ଼ା ପ୍ରତିନିଧି)- ଚଣ୍ଡିଗଡ଼ଠାରେ ଚାଲିଥିବା ୪୧ତମ ଜାତୀୟ ସିନିୟର ଥ୍ରୋ ବଲ୍ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ୧୫-୮, ୧୫-୧୦ ପଏଣ୍ଟରେ ଚଣ୍ଡିଗଡ଼କୁ ପରାସ୍ତ କରିଛି। ଘଡିସନ୍ଧି ମୁହୂର୍ତ୍ତରେ ଅଧିନାୟିକା ପୁଷ୍ପାଞ୍ଜଳି ପ୍ରଧାନ ୬ ପଏଣ୍ଟ ସଂଗ୍ରହ କରି ଚଣ୍ଡିଗଡ଼ ହାତରୁ ମ୍ୟାଚ ଛଡ଼ାଇ ଆଣିଥିଲେ। ଶନିବାର ଓଡ଼ିଶା ଓ ୭ ଥର ଚାମ୍ପିୟନ ଦିଲ୍ଲୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ୮ ଥର ଚାମ୍ପିୟନ ମଧ୍ୟପ୍ରଦେଶଠାରୁ ୧୧-୧୫, ୧୪-୧୫ ପଏଣ୍ଟରେ ହାରିବାରୁ ଓଡ଼ିଶା ପୁରୁଷ ଦଳର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି।

### ସଫ୍ଟ ଟେନିସ୍ ଉଦ୍‌ଯାପିତ

ଭୁବନେଶ୍ୱର,୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ)- କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଚାଲିଥିବା ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ସଫ୍ଟ ଟେନିସ (ପୁରୁଷ/ମହିଳା) ଚାମ୍ପିୟନଶିପ୍ ୨୦୧୮-୧୯ ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବିଭାଗରେ ପଞ୍ଜାବ ବିଶ୍ୱବିଦ୍ୟାଳୟ (ଚଣ୍ଡିଗଡ଼) ପ୍ରଥମ, ପଞ୍ଜାବୀ ବିଶ୍ୱବିଦ୍ୟାଳୟ (ପଟିଆଲା) ଦ୍ୱିତୀୟ ଏବଂ ରୋହତକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଛି। ସେହିପରି ମହିଳା ବିଭାଗରେ ପଞ୍ଜାବ ବିଶ୍ୱବିଦ୍ୟାଳୟ ପ୍ରଥମ, ପଞ୍ଜାବୀ ବିଶ୍ୱବିଦ୍ୟାଳୟ ଦ୍ୱିତୀୟ ଏବଂ ପିଟି ରବିଶଙ୍କର ବିଶ୍ୱବିଦ୍ୟାଳୟ ତୃତୀୟ ହୋଇଛନ୍ତି। **ଆନ୍ତଃ ଜୋନ୍ ମହିଳା ହକି:** ସର୍ବଭାରତୀୟ ଆନ୍ତଃ ଜୋନ୍ ହକି (ମହିଳା) ଚାମ୍ପିୟନଶିପ୍ ୨୦୧୮-୧୯ରେ ଶୁକ୍ରବାର ରାଞ୍ଚି ବିଶ୍ୱବିଦ୍ୟାଳୟଠାରୁ ସମ୍ବଲପୁର ବିଶ୍ୱବିଦ୍ୟାଳୟ ୪-୨ଗୋଲରେ ପରାସ୍ତ ହୋଇଛି। **ପୁରୁଷ କବାଡ଼ି:** ଆନ୍ତଃ ବିଶ୍ୱବିଦ୍ୟାଳୟ କବାଡ଼ି (ପୁରୁଷ) ଚାମ୍ପିୟନଶିପ୍ ୨୦୧୮-୧୯ରେ ଏମ୍.ଡି.ୟୁ. ରୋହତକ, ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟ, ଚଣ୍ଡିଗଡ଼ ଓ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ କ୍ୱାର୍ଟରଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଶୁକ୍ରବାର ଏମ୍‌ଡି ୟୁ. ରୋହତକ ଗୁରୁ ନାନକ ଦେବ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି।

### ଫାଇନାଲରେ ଶହୀଦ ସ୍ପୋର୍ଟିଂ

ଭୁବନେଶ୍ୱର, ୨୮।୧୨ (ସ୍ପୋର୍ଟ୍ସ ବ୍ୟୁରୋ): ଓସ୍କାର ଖେଳ ପଡିଆରେ ଚାଲିଥିବା ଦଶମ ନୀରଜ ସ୍ମାରକୀ ଓସ୍କାର କପ୍ କ୍ରିକେଟ ଟୁର୍ନାମେଣ୍ଟରେ ଶହୀଦ ସ୍ପୋର୍ଟିଂ ଫାଇନାଲରେ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଭୁବନେଶ୍ୱରର ଶହୀଦ ସ୍ପୋର୍ଟିଂ କ୍ଲବ୍ ୬ ଉଇକେଟରେ ପାରାମାଉଣ୍ଟକୁ ପରାସ୍ତ କରି ଫାଇନାଲକୁ ଉଠିଛି। ଟସ୍ ଜିତି ପାରାମାଉଣ୍ଟ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୬ ଉଇକେଟ ହରାଇ ୧୧୬ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ତୁଷାର ସେନ ଗୁପ୍ତା ୨୬, ଅଭିଷେକ ମହନ୍ତ ୨୧ ଓ ପ୍ରିୟାଂଶୁ ରଞ୍ଜନ ସାହୁ ୧୮ ରନ ସଂଗ୍ରହ କରିଥିଲେ। ବୋଲିଂରେ ଶହୀଦ ସ୍ପୋର୍ଟିଂ ପକ୍ଷରୁ ସୌମିତ୍ର ବିଶ୍ୱାଳ ଓ ଶ୍ରେଷ୍ଠ ସିଂ ଦୁଇଟି ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ଶହୀଦ ସ୍ପୋର୍ଟିଂ ବ୍ୟାଟିଂ ଆରମ୍ଭ କରି ୧୬.୩ ଓଭରରେ ୪ ଉଇକେଟ ହରାଇ ୧୧୮ ରନ କରି ବିଜୟ ହାସଲ କରିଥିଲା। ଦଳ ତରଫରୁ ଶାଶ୍ୱତ ରାଉତ ସର୍ବାଧିକ ଅପରାଜିତ ୫୯ ଓ ଶ୍ରେଷ୍ଠ ସିଂ ୩୧ ରନ ସଂଗ୍ରହ କରି ଦଳକୁ ବିଜୟୀ କରାଇଥିଲେ। ବୋଲିଂରେ ପାରମାଉଣ୍ଟ ତରଫରୁ ପ୍ରିୟାଂଶ ରଞ୍ଜନ ସାହୁ ଦୁଇଟି ଉଇକେଟ ନେଇଥିଲେ। ମୁଖ୍ୟ ଅତିଥିରୂପେ ପୂର୍ବତନ ଖେଳାଳି ଆଲୋକ ଜେନା ଯୋଗନେଇ ଶହୀଦ ସ୍ପୋର୍ଟିଂର ଶାଶ୍ୱତ ରାଉତଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଟ୍ରଫି ପ୍ରଦାନ କରିଥିଲେ। ଶରତ ସାହୁ ଓ ସୁଶାନ୍ତ ଦାସ ମ୍ୟାଚ୍ ପରିଚାଳନା କରିଥିଲେ।

# ତୃତୀୟ ଦିନରେ ୧୫ ଉଇକେଟ

## ବୁମରାଙ୍କୁ ୬, କମିନ୍ସଙ୍କୁ ୪ ଉଇକେଟ

ମେଲବୋର୍ନ, ୨୮।୧୨(ପି.ଟି.)

ଦ୍ୱିତୀୟ ଇନିଂସରେ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ସତ୍ତ୍ୱେ ଭ୍ରମଣକାରୀ ଭାରତ ଅଷ୍ଟ୍ରେଲିଆ ବିପକ୍ଷ ଚଳିତ ବକ୍ସିଂ ଡେ ଟେଷ୍ଟରେ ସ୍ଥିତି ଦୃଢ କରିଛି। ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମରା କ୍ୟାରିୟର ଶ୍ରେଷ୍ଠ ପ୍ରଦର୍ଶନ (୬/୩୩) କରି ଅଷ୍ଟ୍ରେଲିଆ ପ୍ରଥମ ଇନିଂସର ବିପର୍ଯ୍ୟୟ ଘଟାଇଥିଲେ। ଫଳରେ ପ୍ରଥମ ଇନିଂସରେ ବୃହତ୍ ଅଗ୍ରଣୀ ହାସଲ କରିଥିବା ଭାରତ ଦ୍ୱିତୀୟ ଇନିଂସ ପ୍ରାରମ୍ଭରେ ୫ ଟପ୍ ଅର୍ଡର ବ୍ୟାଟ୍ସମ୍ୟାନଙ୍କୁ ସଅଳ ହରାଇଥିଲେ ମଧ୍ୟ ମ୍ୟାଚ୍‌କୁ ନିଜ ନିୟନ୍ତ୍ରଣକୁ ଆଣିବାରେ ସଫଳ ହୋଇଛି। ମ୍ୟାଚ୍‌ର ପ୍ରଥମ ଦିନରେ ୨, ଦ୍ୱିତୀୟ ଦିନରେ ୮ ଓ ତୃତୀୟ ଦିନରେ ୧୫ଟି ଉଇକେଟର ପତନ ହୋଇଛି। ଏଥିରୁ ମେଲବୋର୍ନ ଉଇକେଟର ଗୁଣବତ୍ତାର ହ୍ରାସ ହୋଇଥିବା ଏଥିରୁ ସ୍ପଷ୍ଟ ହୋଇଛି।

ଟସ୍ ଜିତି ଭାରତ ପ୍ରଥମ ଇନିଂସରେ ୭ ଉଇକେଟ ହରାଇ ୪୪୩ ରନ କରି ପାଳି ଘୋଷଣା କରିଥିଲା। ଜବାବରେ ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ଆରମ୍ଭ କରି ବୁମରାଙ୍କ ବୋଲିଂର ସମ୍ମୁଖୀନ ହୋଇ ନ ପାରି ୬୬.୫ ଓଭରରେ ୧୫୧ ରନ କରି ଅଲଆଉଟ ହୋଇଥିଲା। ଫଳରେ ଭାରତ ପ୍ରଥମ ଇନିଂସରେ ୨୯୨ରନର ବୃହତ ଅଗ୍ରଣୀ ହାସଲ କରିଥିଲା। ତେବେ ଚତୁର୍ଥ ଇନିଂସରେ ରନ ଚେଜ୍ କରିବାକୁ ପସନ୍ଦ କରିବାକୁ ଭାରତ ଚାହିଁ ନ ଥିଲା। ଫଳରେ ଆଶ୍ଚର୍ଯ୍ୟଜନକ ଭାବେ ଅଷ୍ଟ୍ରେଲିଆକୁ ଫଲୋଅନ ଦେଇ ନ ଥିଲା। ଏହାପରେ ଭାରତ ଦ୍ୱିତୀୟ ଇନିଂସ ଆରମ୍ଭ କରି ଅନୁରୂପ ଢଙ୍ଗରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଭାରତ ୨୭ ଓଭରରେ ୫ ଉଇକେଟ ହରାଇ ୫୪ ରନ ସଂଗ୍ରହ କରିଛି। ମ୍ୟାଚ୍ ଆଉ ଦୁଇ ଦିନ ବାକିଥିବା ବେଳେ ଭାରତ ୫ ଉଇକେଟ ବାକିଥାଇ ମୋଟ ଉପରେ ୩୪୬ ରନର ଅଗ୍ରଣୀ ହାସଲ କରି ସ୍ଥିତି ଦୃଢ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ପାଦର୍ପଣ କରିଥିବା ଓପନର ମୟଙ୍କ ଅଗ୍ରୱାଲ ୨୮ ଓ ଉଇକେଟ କିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୬ ରନ କରି ଅପରାଜିତ ରହିଛନ୍ତି।

ଦ୍ୱିତୀୟ ଇନିଂସରେ ଭାରତର ଆରମ୍ଭ ଭଲ ହୋଇଥିଲା ଓ ୨୮ ରନରେ ପ୍ରଥମ ଉଇକେଟ ହରାଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ୨୮ ରନରେ ହିଁ ଭାରତ ତା'ର ପ୍ରଥମ ୩ଟି ଉଇକେଟ ହରାଇଥିଲା। ହନୁମା ବିହାରୀ ୧୩ ରନ କରି ଆଉଟ ହେବା ପରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ଅଧିନାୟକ ବିରାଟ କୋହଲି ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଏହା ପରେ ପାଳି ପଡିଥିଲା ଉପ- ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କର। ସେ ମାତ୍ର ୧ ରନ କରି ପ୍ୟାଭିଲିୟନ ଫେରିଥିଲେ। ପ୍ରଥମ ୪ ବ୍ୟାଟ୍ସମ୍ୟାନ ପ୍ୟାଟ କମିନ୍ସଙ୍କ ବଲ୍‌କୁ ବୁଝିବାରେ ବିଫଳ ହୋଇଥିଲେ ଓ ତାଙ୍କ ବଲ୍‌ରେ ଆଉଟ ହୋଇ ପ୍ୟାଭିଲିୟନ ଫେରିଥିଲେ। ତୃତୀୟ ଦିବସର ଶେଷ ଉଇକେଟ ଭାବେ ରୋହିତ ଶର୍ମା ଆଉଟ ହୋଇଥିଲେ। ସେ ଜୋଶ ହାଜେଲଉଡଙ୍କ ଏକ ଅଫ୍ ଷ୍ଟମ୍ପ ବାହାରର ବଲକୁ ଖେଳିବାକୁ ଯାଇ ସ୍ଲିପ୍‌ରେ ଶନ ମାର୍ଶଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ବୋଲିଂରେ ଅଷ୍ଟ୍ରେଲିଆ ତରଫରୁ କମିନ୍ସ ୬ ଓଭର ବୋଲିଂ କରି ମାତ୍ର ୧୦ ରନ ବ୍ୟୟ କରି ୪ ଓ ହାଜେଲଉଡ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ।

ଦ୍ୱିତୀୟ ଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୮/୦ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଭାରତୀୟ ବୋଲରଙ୍କ ସମ୍ମୁଖୀନ ହୋଇ ନ ପାରି ବଡ଼ ସ୍କୋର ହାସଲ କରି ନ ପାରି ଅଲଆଉଟ ହୋଇଥିଲା। ଓଭରନାଇଟ ବ୍ୟାଟ୍ସମ୍ୟାନ ତଥା ଦୁଇ ଓପନର ମାର୍କସ ହାରିସ୍ ଓ ଆରୋନ ଫିଞ୍ଚ୍ ୫ ଓ ୩ରୁ ଇନିଂସ ଆରମ୍ଭ କରି ଯଥାକ୍ରମେ ୨୨ ଓ ୮ ରନ କରି ପ୍ୟାଭିଲିୟନ ଫେରିଥିଲେ। ଏହା ପରେ ନିୟମିତ ବ୍ୟବଧାନରେ ଘରୋଇ ଦଳ ଉଇକେଟ ହରାଇଥିଲା। ଏହି କ୍ରମରେ ଅଧିନାୟକ ଟିମ୍ ପେନ୍ ୨୨, ଉସ୍‌ମାନ ଖ୍ୱାଜା ୨୧, ଶନ ମାର୍ଶ ୧୯, ଟ୍ରାଭିସ୍ ହେଡ ୨୦, କମିନ୍ସ ୧୭ ରନ କରି ଆଉଟ ହୋଇଥିଲେ। ଦଳର ୫ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ମିଚେଲ ମାର୍ଶ ୯ରନ କରି ଆଉଟ ହୋଇଥିବା ବେଳେ ନାଥନ ଲିୟନ ଓ ଜୋସ ହାଜେଲଉଡ ଖାତା ଖୋଲିପାରି ନ ଥିଲେ। ମିଚେଲ ଷ୍ଟାର୍କ ୭ ରନ କରି ଅପରାଜିତ ରହିଥିଲେ। ବୋଲିଂରେ ଭାରତ ତରଫରୁ ବୁମ୍‌ରା ସର୍ବାଧିକ ୬, ରବୀନ୍ଦ୍ର ଜାଡେଜା ୨, ଇଶାନ୍ତ ଶର୍ମା ଓ ମହମ୍ମଦ ସାମି ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ।

ଆଡିଲେଡରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଭାରତ ୩୧ ରନରେ ବିଜୟୀ ହୋଇଥିବା ବେଳେ ପର୍ଥରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟରେ ଅଷ୍ଟ୍ରେଲିଆ ୧୪୬ ରନରେ ବିଜୟ ହାସଲ କରିଥିଲା। ଫଳରେ ୪ ମ୍ୟାଚ ବିଶିଷ୍ଟ ଏହି ସିରିଜ ୧-୧ରେ ଅମୀମାଂସିତ ରହିଛି।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ- ୧୬୯.୪ ଓଭରରେ ୪୪୩/୭ ଇନିଂସ ଘୋଷଣା। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ-୬୬.୫ ଓଭରରେ ୧୫୧ ଅଲଆଉଟ (ହାରିସ୍- ୨୨, ପେନ୍- ୨୨, ଖ୍ୱାଜା- ୨୧, ହେଡ- ୨୦, ଶନ ମାର୍ଶ- ୧୯, କମିନ୍ସ- ୧୭, ବୁମରା- ୬/୩୩, ଜାଡେଜା- ୨/୪୫, ଇଶାନ୍ତ-୧/୪୧, ସାମି- ୧/୨୭)। ଭାରତ ଦ୍ୱିତୀୟ ଇନିଂସ- ୨୭ ଓଭରରେ ୫୪/୫ (ମୟଙ୍କ- ୨୮*, ପନ୍ତ- ୬*, ବିହାରୀ- ୧୩, କମିନ୍ସ- ୪/୧୦, ହାଜେଲଉଡ- ୧/୧୩)।



ଯଶପ୍ରୀତ ବୁମରା: ୧୫.୫-୪-୩୩-୬

# ସୁନୀତାଙ୍କ ବିବାହ ସମ୍ପନ୍ନ



ଭୁବନେଶ୍ୱର, (କ୍ରୀଡ଼ା ପ୍ରତିନିଧି)/ ରାଉରକେଲା ଅଫିସ,୨୮।୧୨

ଭାରତୀୟ ମହିଳା ହକି ଦଳର ନିର୍ଭରଯୋଗ୍ୟ ସଦସ୍ୟା ଓଡ଼ିଶାର ସୁନୀତା ଲାକ୍ରା ଶୁକ୍ରବାର ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସୁନ୍ଦରଗଡ଼ ଜିଲାର ରାଜଗାଙ୍ଗପୁରସ୍ଥିତ କେଶରାମାହାଲ ଚର୍ଚ୍ଚରେ ଦୀପକ ଟପୋଙ୍କ ସହ ସୁନୀତାଙ୍କ ବିବାହ ସମ୍ପନ୍ନ ହୋଇଛି। ବିବାହ ଉତ୍ସବ ଖ୍ରିଷ୍ଟିଆନ ରୀତି ନୀତିରେ ଅନୁଷ୍ଠିତ ହୋଇଥିଲା। ସୁନୀତା ଭାରତୀୟ ମହିଳା ହକି ଦଳର ଅଧିନାୟିକା ଦାୟିତ୍ୱ ତୁଲାଇ ସାରିଥିବାବେଳେ ପୂର୍ବତନ ହକି ଖେଳାଳି ଦୀପକ ରାଉରକେଲା ରିଜର୍ଭ ପୋଲିସରେ କାର୍ଯ୍ୟରତ। ୧୯୯୧ରେ ଜନ୍ମିତ ସୁନୀତା ୨୦୦୯ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ୨୦୧୭ରେ ସେ ନ୍ୟୁଜିଲାଣ୍ଡ ବିପକ୍ଷ ଏକ ମ୍ୟାଚରେ କ୍ୟାରିୟରର୧୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ଜାକର୍ତ୍ତାଠାରେ ଅନୁଷ୍ଠିତ ଗତ ଏସିଆନ ଗେମ୍ସରେ ରୌପ୍ୟ ପଦକ ବିଜୟୀ ଭାରତୀୟ ଦଳର ସେ ସଦସ୍ୟା ଥିଲେ। ୨୦୧୪ ଇଞ୍ଚିଅନ ଏସିଆନ ଗେମ୍ସରେ ଭାରତୀୟ ଦଳର ସଦସ୍ୟାଭାବେ ସେ ବ୍ରୋଞ୍ଜ ପଦକ ମଧ୍ୟ ଜିତିଥିଲେ। ୨୦୧୮ ମେ'ରେ କୋରିଆର ଡୋଙ୍ଘେ ସିଟିରେ ଅନୁଷ୍ଠିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ମହିଳା ହକିରେ ସେ ସଫଳତାର ସହ ଭାରତୀୟ ମହିଳା ହକି ଦଳର ଅଧିନାୟିକା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ବର୍ଷ ମହିଳା ହକି ବିଶ୍ୱକପରେ ମଧ୍ୟ ସେ ଭାରତ ପକ୍ଷରୁ ଖେଳିଥିଲେ। ବିବାହ ଉତ୍ସବରେ ସୁନୀତାଙ୍କ ଗୁରୁ ତଥା ହକି ପ୍ରଶିକ୍ଷକ ଅମୂଲ୍ୟାନନ୍ଦ ବିହାରୀ, ଅଲିମ୍ପିଆନ ଲାଜରୁସ ବାର୍ଲା, ଆନ୍ତର୍ଜାତୀୟ ହକି ଖେଳାଳି ଅମିତ ରୋହିଦାସ, ଭିକ୍ଟର ମିଞ୍ଜ, ପାନପୋଷ କ୍ରୀଡା ସଙ୍ଗଠନ ସମ୍ପାଦକ ସୁଶାନ୍ତ ବେହେରା, ଗ୍ଲୋରିଆ ଡୁଙ୍ଗଡୁଙ୍ଗ, ସରିତା ଲାକ୍ରା, ରୋଜାଲିନ ଡୁଙ୍ଗଡୁଙ୍ଗ, ବିନିତା ଲାକ୍ରା, ସୁନୀତାଙ୍କ ନିକଟତମ ବନ୍ଧୁ ସୁଶୀଳା ଚାନୁ, ଅଲିମ୍ପିଆନ ଲିଲିମା ମିଞ୍ଜ, ନମିତା ଟପ୍ପୋ ଓ ଅନୁପା ବାର୍ଲାଙ୍କ ଭଳି ବହୁ ଜାତୀୟ ଅନ୍ତର୍ଜାତୀୟ ହକି ଖେଳାଳି ଓ ପ୍ରଶଂସକ ଏହି ବିବାହ ଉତ୍ସବରେ ସାମିଲ ହୋଇଥିଲେ।

## ଗଡ଼େଶ୍ୱର ଜୁନିୟର କ୍ରିକେଟ ଲିଗ୍

# ଗ୍ରୀନ୍ସ ଏକାଡେମୀ, ବିବିସିଏର ବିଜୟ

ଭୁବନେଶ୍ୱର, ୨୮।୧୨(କ୍ରୀଡ଼ା ପ୍ରତିନିଧି)

ଗାଡ଼କଣଠାରେ ଚାଲିଥିବା ଗଡ଼େଶ୍ୱର ୧୫ ବର୍ଷରୁ କମ୍ ଜୁନିୟର କ୍ରିକେଟ ଲିଗ୍‌ରେ ଶୁକ୍ରବାର ଗ୍ରୀନ୍ସ ଏକାଡେମୀ ଓ ବିବିସିଏ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚରେ ଗ୍ରୀନ୍ସ ୨୩ ରନରେ ପ୍ରଗତି ସ୍ପୋର୍ଟିଂକୁ ପରାସ୍ତ କରିଛି। ଗ୍ରୀନ୍ସ ଏକାଡେମୀ ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ୧୩୯ ରନ କରିଥିଲା। ଦଳ ପକ୍ଷରୁ ମୃତ୍ୟୁଞ୍ଜୟ ମହାପାତ୍ର ସର୍ବାଧିକ ୩୯ ଓ ସୂର୍ଯ୍ୟକାନ୍ତ ଭୂତିଆ ୩୮ ରନ କରିଥିଲେ। ପ୍ରତିପକ୍ଷ ଦଳର ଆୟୁଷ ସୂତାର ୩ଟି ଓ ଶୁଭମ୍ ନାୟକ ୨ଟି ଉଇକେଟ ନେଇଥିଲେ। ଜବାବରେ ପ୍ରଗତି ୨୫ ଓଭର ଖେଳିଥିଲେ ହେଁ ୫ ଉଇକେଟ ହରାଇ ୧୧୬ ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟୀ ଦଳର ତାରିଣୀ ପ୍ରସାଦ ନାୟକ ସର୍ବାଧିକ ୨ଟି ଉଇକେଟ ନେଇଥିଲେ। ପରବର୍ତ୍ତୀ ମ୍ୟାଚରେ ଭାରତ ଭୂଷଣ କ୍ରିକେଟ ଏକାଡେମୀ(ବିବିସିଏ) ୯ ଉଇକେଟରେ ଟାଉନ୍‌କ୍ଲବକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଟାଉନ୍ କ୍ଲବ ୨୫ ଓଭରରେ ୬ ଉଇକେଟ ହରାଇ ୧୪୨ ରନ କରିଥିଲା। ବିବିସିଏର ଶିଶିର ପଟ୍ଟନାୟକ ଓ ଶିଶିର ରାଉତ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ବିବିସିଏ ୨୨.୫ ଓଭରରେ ୧ ଉଇକେଟ ହରାଇ ୧୪୬ ରନ ସଂଗ୍ରହ କରି ନେଇଥିଲା। ସାରାଂଶ ରାଉତ ୨୭ ବଲ୍‌ରୁ ୪୧ ଓ ଜଗଜିତ ଦାସ ୪୬ ବଲ୍‌ରୁ ୭୨ ରନ କରି ଦଳକୁ ବିଜୟୀ କରାଇଥିଲେ। ବିସ୍ଫୋରକ ଇନିଂସ ପାଇଁ ଜଗଜିତ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଶନିବାର ଶହୀଦ ସ୍ପୋର୍ଟିଂ-ପାରାମାଉଣ୍ଟ, ଓସ୍କାର-ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟୀ

ସେଞ୍ଚୁରିଅନ, ୨୮।୧୨(ଏଏଫପି)

ସ୍ଥାନୀୟ ସୁପରସ୍ପୋର୍ଟ ପାର୍କଠାରେ ଅନୁଷ୍ଠିତ ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଘରୋଇ ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟ ହାସଲ କରିଛି। ଫଳରେ ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ୧-୦ରେ ଅଗ୍ରଣୀ ହାସଲ କରିଛି। ଟସ୍ ଜିତି ପାକିସ୍ତାନ ପ୍ରଥମ ଇନିଂସରେ ୧୮୧ ରନ କରି ଅଲଆଉଟ ହୋଇଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୬୦ ଓଭରରେ ୨୨୩ ରନ କରି ଅଲଆଉଟ ହେବା ସହ ୪୨ ରନର ଅଗ୍ରଣୀ ହାସଲ କରିଥିଲା। ଏହାପରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ପାକିସ୍ତାନ ୧୯୦ ରନ କରି ଆଉଟ ହୋଇଥିଲା। ଫଳରେ ଦକ୍ଷିଣ ଆଫ୍ରିକା ସମ୍ମୁଖରେ ୧୪୯ ରନର ବିଜୟ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା। ଜବାବରେ ଦ୍ୱିତୀୟ ଇନିଂସ ଆରମ୍ଭ କରି ଦକ୍ଷିଣ ଆଫ୍ରିକା ତୃତୀୟ ଦିବସରେ ୫୦.୪ ଓଭରରେ ୪ ଉଇକେଟ ହରାଇ ୧୫୧ ରନ ସଂଗ୍ରହ କରି ବିଜୟୀ ହୋଇଛି। ପ୍ରଥମ ଇନିଂସରେ ୬ ଓ ଦ୍ୱିତୀୟ ଇନିଂସରେ ୫ ଉଇକେଟ ଅକ୍ତିଆର କରିଥିବା ଦକ୍ଷିଣ ଆଫ୍ରିକା ୨୬ ବର୍ଷୀୟ ଦ୍ରୁତ ବୋଲର ଡୁଆନ ଓଲିଭର ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।

**ସଂକ୍ଷିପ୍ତ ସ୍କୋର:** ପାକିସ୍ତାନ ପ୍ରଥମ ଇନିଂସ- ୪୭ ଓଭରରେ ୧୮୧। ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୬୦ ଓଭରରେ ୨୨୩ ଅଲଆଉଟ। ପାକିସ୍ତାନ ଦ୍ୱିତୀୟ ଇନିଂସ- ୫୬ ଓଭରରେ ୧୯୦ ଅଲଆଉଟ। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ- ୫୦.୪ ଓଭରରେ ୧୫୧/୪ (ଅମଲା- ୬୩*,ଏଲଗାର- ୫୦, ଅଲୀ- ୧/୩୯, ଶାହିନ ଆଫ୍ରିଦି- ୧/ ୫୩, ୟାସିର- ୧/୨୦, ମାସୁଦ- ୧/୬)।





କଟକରେ ଶୁକ୍ରବାର ଆରମ୍ଭ ହୋଇଥିବା ରାଜ୍ୟ ଆଥ୍ଲେଟିକ୍ ମିଟ୍ ମହିଳା ୧୦୦ ମିଟର ଦୌଡ଼ ଅବସରରେ ଦୁତି ଚାନ୍ଦ (ବାମ)।

# ଅଂଶିକାଙ୍କ ନୂଆ ମିଟ୍ ରେକର୍ଡ

## ରାଜ୍ୟ ଆଥ୍ଲେଟିକ ମିଟ୍ ଉଦ୍‌ଘାଟିତ

କଟକ ଅଫିସ, ୨୮।୧୨

ବାରବାଟୀ ଷ୍ଟାଡିୟମରେ ୬୬ତମ ରାଜ୍ୟ ଆଥ୍ଲେଟିକ ମିଟ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଆଥ୍ଲେଟିକ ଆସୋସିଏଶନ (ଓଏଏ) ଆନୁକୂଲ୍ୟରେ ହେଉଥିବା ଏହି ପ୍ରତିଯୋଗିତାର ପ୍ରଥମ ଦିବସରେ ଗୋଟିଏ ନୂତନ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଛି। ଏହି ରେକର୍ଡ ପ୍ରତିଷ୍ଠା କରିଛନ୍ତି ପୂର୍ବତନ ଅଲିମ୍ପିଆନ ଅନୁରାଧା ବିଶ୍ୱାଳଙ୍କ ଝିଅ ଅଂଶିକା ରାଉତରାୟ। ୧୬ ବର୍ଷରୁ କମ୍ ବାଳିକା ଶଟ୍‌ପୁଟ ବିଭାଗରେ ପୂର୍ବରୁ ରାଜ୍ୟ ମିଟର ରେକର୍ଡ ଥିଲା ୧୦.୮୬ ମିଟର। ଅଂଶିକା ୧୧.୮୨ ମିଟର ଫିଙ୍ଗି ନୂତନ ମିଟ୍ ରେକର୍ଡ କରିଛନ୍ତି ।

ପ୍ରଥମ ଦିବସରେ ଅନୁଷ୍ଠିତ ୧୪ବର୍ଷରୁ କମ୍ ବାଳକ ୧୦୦ମିଟର ଦୌଡ଼ରେ ମହମ୍ମଦ ରିୟାନ ବାସା, ଟ୍ରାଇଥଲନରେ ରାଜେନ୍ଦ୍ର ସିଦ୍ଧୁ, ୧୬ବର୍ଷରୁ କମ୍ ବାଳକ ୧୦୦ମିଟର ଦୌଡ଼ରେ ସୋମେଶ ସ୍ୱାଇଁ, ୮୦୦ ମିଟର ଦୌଡ଼ରେ ସୁରେନ୍ଦ୍ର ଖରା, ଡିସ୍‌କସ୍‌ରେ ସମୀର କୁମାର ଲେଙ୍କା, ୧୮ ବର୍ଷରୁ କମ୍ ବାଳକ ୧୦୦ ମିଟର ଦୌଡ଼ରେ ଦୀପାଂଶୁ ସେଠୀ, ୮୦୦ ମିଟର ଦୌଡ଼ରେ ଦିଲୀପ ନାୟକ, ଲଙ୍ଗଜମ୍ପରେ ଚନ୍ଦନ ବେଡି, ଡିସ୍‌କସ୍‌ରେ ଏଲ୍. ଶର୍ମା, ୨୦ ବର୍ଷରୁ ବାଳକ ୧୦୦ ମିଟର ଦୌଡ଼ରେ ଶଙ୍କର ସିଂ, ୮୦୦ ମିଟର ଦୌଡ଼ରେ ସୁଶାନ୍ତ ଲୋକା, ୫ ହଜାର ମିଟର ଦୌଡ଼ରେ ଭୀମସେନ ଜାଙ୍କା, ଲଙ୍ଗଜମ୍ପରେ ଶରୁଣ ପୟସିଂ, ଡିସ୍‌କସ୍‌ରେ ଅଭିଷେକ ପଣ୍ଡା, ୧୪ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ପ୍ରୀତି ପ୍ରିୟଙ୍କା ଲାକ୍ରା, ଶଟ୍‌ପୁଟରେ ପ୍ରାଚୀ ମହାରଣା, ଟ୍ରାଇଥଲନ୍‌ରେ ବାସନ୍ତୀ ମାଝି, ୧୬ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ଯମୁନା ଟୁଡୁ, ୮୦୦ ମିଟର ଦୌଡ଼ରେ ଲକ୍ଷ୍ମୀପ୍ରିୟା କିଶନ, ଶଟ୍‌ପୁଟରେ ଅଂଶିକା ରାଉତରାୟ, ଜାଭେଲିନରେ ଲିନୁପ୍ରିୟା ଜେନା, ୧୮ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ମଧୁମିତା ଦେବ, ୮୦୦ ମିଟର ଦୌଡ଼ରେ ବବିତା ସାନ୍ତା, ହାଇଜମ୍ପରେ ମୋନିକା କୁଜୁର, ଶଟ୍‌ପୁଟରେ ବୁଦ୍ଧିନି ମାଝି, ଜାଭେଲିନରେ ଧନମତି ଖେସ୍, ୨୦ ବର୍ଷରୁ କମ୍ ବାଳିକା ୧୦୦ ମିଟର ଦୌଡ଼ରେ ମନୀଷା ମେରେଲ, ୮୦୦ ମିଟର ଦୌଡ଼ରେ ଅର୍ଚ୍ଚନା ଜେନା, ୫ହଜାର ମିଟର ଦୌଡ଼ରେ ଶ୍ୱେତା କୁଜୁର, ଲଙ୍ଗଜମ୍ପରେ ମନୀଷା ମେରେଲ, ହାଇଜମ୍ପରେ ପ୍ରିୟଙ୍କା ଟପ୍ପୋ(ବି), ଶଟପୁଟ, ଜାଭେଲିନରେ ପ୍ରିୟଙ୍କା ଟପ୍ପୋ(ଏ), ପୁରୁଷ ୧୦୦ ମିଟର ଦୌଡ଼ରେ ବିରୂପାକ୍ଷ ଡିଗଲ, ୮୦୦ ମିଟର ଦୌଡ଼ରେ ଦେବାଶିଷ ପଟ୍ଟନାୟକ, ୫ହଜାର ମିଟର ଦୌଡ଼ରେ କୈଳାସ କୁମ୍ଭାର, ଲଙ୍ଗଜମ୍ପରେ ଆଶିଷ ପାତ୍ର, ଡିସ୍‌କସ୍‌ରେ ହରି ବେହେରା, ମହିଳା ୧୦୦ ମିଟର ଦୌଡ଼ରେ ଦୂତୀ ଚାନ୍ଦ, ୮୦୦ ମିଟର ଦୌଡ଼ରେ ନମିତା ପ୍ରଧାନ, ୫ହଜାର ମିଟର ଦୌଡ଼ରେ ସମସାଦ ଆରା ବେଗମ୍, ଲଙ୍ଗଜମ୍ପରେ ସୁରସ୍ମିତା ବଗର୍, ହାଇଜମ୍ପରେ ମୋନାଲିସା ବିଶି, ଶଟ୍‌ପୁଟରେ ସଲ୍‌ମି କିସ୍‌ପୋଟା, ଜାଭେଲିନରେ ସ୍ୱାଗତିକା ଜେନା ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବରେ ଡିଜିପି ଡଃ ରାଜେନ୍ଦ୍ର ପ୍ରସାଦ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଏଏ ସମ୍ପାଦକ ଆଶୀର୍ବାଦ ବେହେରା, ଯୁଗ୍ମ ସମ୍ପାଦକ ଅଶୋକ ସାହୁ, ରବି ନାୟକ, ସହ ସମ୍ପାଦକ ବିଭୂତି ପଣ୍ଡା, ଉପସଭାପତି ଦୁର୍ଗାମାଧବ ନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଆଥଲେଟ ମାର୍ଚ୍ଚପାଷ୍ଟରେ ଅଲିମ୍ପିଆନ ଦୂତୀ ଚାନ୍ଦ ନେତୃତ୍ୱ ନେଇଥିବା ବେଳେ ଅନ୍ତର୍ଜାତୀୟ ଆଥ୍ଲେଟ ପ୍ରଜ୍ଞା ପ୍ରଶାନ୍ତ ସାହୁ ଓଏଏ ପତାକା ଧରିଥିଲେ। ଯୁଗ୍ମ ସମ୍ପାଦକ ଅଶୋକ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।





ଅଂଶିକା ରାଉତରାୟ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୨୦ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶନିବାର, ଡିସେମ୍ବର ୨୯/୨୦୧୮ Sambalpur, Saturday, December 29/ 2018

# ନାବାଳିକା ଅପହରଣ ମାମଲା: ୧୦ ମାସ ପରେ ଅଭିଯୁକ୍ତ ଗିରଫ

**ରୂପ୍‌ସା, ୨୮।୧୨(ଡି.ଏନ.ଏ.):** ଜଣେ ନାବାଳିକାଙ୍କୁ ଅପହରଣ ମାମଲାରେ ଶୁକ୍ରବାର ବସ୍ତା ଥାନା ପୋଲିସ ୧୦ ମାସ ପରେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଉଛନ୍ତି ହିତେଶ୍ୱର ଦାସ। ତାଙ୍କ ଘର ବାଲେଶ୍ୱର ସଦର ବ୍ଲକ ଶିଳଦା ଗ୍ରାମରେ। ହିତେଶ୍ୱର ଜଣେ ନାବାଳିକାଙ୍କୁ ଅପହରଣ କରିଥିବା ନେଇ ଗତ ମାର୍ଚ୍ଚରେ ଥାନାରେ ଏକ ମାମଲା (ନଂ.୭୦/୧୮) ରୁଜୁ ହୋଇଥିଲା। ୧୦ମାସ ହେଲା ଅପହରଣକାରୀ ଫେରାର ଥିଲେ। ଏବେ ଅଭିଯୁକ୍ତ ଘରେ ଥିବା ଖବରପାଇ ତଦନ୍ତ ଅଧିକାରୀ ଏସ୍‌ଆଇ ବିଦ୍ଦୁ ରାଉତ ସଦଳବଳ ଚଢ଼ାଉ କରି ଗିରଫ କରିବାରେ ସମର୍ଥ ହୋଇଛନ୍ତି।




# ଭିନ୍ନକ୍ଷମ ପରମାଣପତର ଲାଗି ଯୁବତୀ ହଟହଟା

**ଲାଠୋର, ୨୮।୧୨(ଡି.ଏନ.ଏ.)**


ମାଏଟ୍ କୁରିଆରେ ଭିନ୍ନକ୍ଷମ ଛାୟା ମାଝୀ।

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ୍ କରୁଆଁଝର ଗାଁର ଛାୟା ମାଝୀ (୩୩)। ଦିବ୍ୟାଙ୍ଗ ଯୁବତୀ ଜନ୍‌ମୁ ତାକର ଦୁଇଗୋଡ଼୍ ନାଇଁ ଚଲବାର,ହାତ୍ ସାହାଯ୍‌ରେ ଯିବାର ଆଏବାର କରୁଛନ୍। ସେ ଝନେ ନିହାତି ଗରିବ୍ ଭିନ୍ନକ୍ଷମ, ଆଦିବାସୀ ସମାଜର ଯୁବତୀ ହେଇଥିଲେ ବି ଉନିଆମାନକର ଲାଗି ଉଦାହରନ ସୁରୁଷ୍ଟି କରି ପାରିଛନ୍। ହେଲେ ଛାୟା ଭିନ୍ନକ୍ଷମ ପରମାନପତରଟେ ପାଏବାର ଲାଗି ବାରଦୁଆର ହେଉଥିବାର ଅଭିଯୋଗ୍ କରିଛନ୍। ବହୁତ୍ ଦିନୁ ମା' ଆରପାରକେ ଚାଲିଯାଇଛନ୍। ଦୁଇ ଭାଇ ଭିତ୍‌ରୁ ବଡ଼ଭାଇ ମରିଯାଇଥିଲା ବେଲେ ସାନ ଭାଇ ପୂର୍ଣ୍ଣ ମାଝୀ ନିଜର ପରିବାର ଧରି ଅଲଗେ ରହୁଛନ୍। ଯେନ୍‌ଥିରଲାଗି ଛାୟା ବୁରୁଧି ବାପ୍ ସଂଗେ ଗୁଟେ ଦଦ୍‌ରା ମାଏଟ୍ କୁରିଆରେ ରହୁଛନ୍। ବାପା ଅଧାରର ହେବାର ଲାଗି କାମ୍‌ବୁତା ନାଇଁ କରିପାରବାର। ଏନ୍‌ତା ପରିସ୍ଥିତିରେ ବି ଛାୟା ହାର ନାଇଁମାନି। ସେ ନିଜର ବୁଧି ଖଟେଇ ଲାଠୋର ବ୍ୟାଙ୍କରୁ ଗୁଟେ ଛୁଟିଆ ଲୋନ ଆନି ଦୁକାନଟେ କରିଥିଲେ। ସେଥିରେ ସେ ପରିବାର ଚଲାବାର ଚଲାବାର ସଂଗେ ବ୍ୟାଙ୍କ ଲୋନ୍ ବି ସୁଝୁଥିଲେ। ହେଲେ ଟଁକା ପଏସା ଅଭାବୁ ଦୁକାନଟା ବଁନ୍ଦ୍ ହେଇଗଲା। ସେ ଆରଘାଏ ବ୍ୟାଙ୍କରୁ ଲୋନ୍ କରବାକେ ଗଲାରୁ ବ୍ୟାଙ୍କବାଲେ ତାହାକୁ ଭିନ୍ନକ୍ଷମ ପରମାନପତର ଦାଖଲ କଲେ ଦିଆଯିବା ବଲି କହେଲେ। ଛାୟା ଭିନ୍ନକ୍ଷମ ପରମାନପତରଟେ ଯୁଗାଡ଼ କରବାର ଚେଷ୍‌ଟା କରି କରି ଶେଷେ ନିରାଶ ହେଇଯାଇଛନ୍। ପରମାନପତର ଲାଗି ଖପ୍ରାଖୋଲରୁ ବଲାଙ୍ଗୀର ଦଉଡ଼ି ଦଉଡ଼ି ନିହାଲ ହେଇଗଲିନ ହେଲେ କେହି ମୋର ଦୁଖ୍ ନାଇଁବୁଝ୍‌ବାର ବଲି ଛାୟା କହିଛନ୍। ନିଜର ଜାଗାବାଡ଼ି ନାଇଁଥିବାର ଲାଗି ମାମୁଁ ପୁଓର ଦୟାରେ ତିନ୍ ଡିସମିଲ ଜାଗାରେ ଗୁଟେ ମାଏଟ୍ କୁରିଆଟେ କରି ବୁଢ଼ା ବାପ୍ ସଂଗେ ରହୁଛନ୍। ଇ ବାବ୍‌ଦେ ଖପ୍ରାଖୋଲ ବିଡିଓ ତରଣି ସୁନାଙ୍କୁ ପଚରାଲାରୁ ପହେଲେ ତାକର ଭିନ୍ନକ୍ଷମ ପରମାନପତର ଯୁଗାଡ଼ କରୁନ୍। ତା'ପରେ ଭିନ୍ନକ୍ଷମମାନକର ଲାଗି ଯାହା ସରକାରୀ ସୁବିଧା ରହିଛେ ତାହାକୁ ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି କହିଥିଲେ। ସେନ୍‌ତା ବଲାଙ୍ଗୀର ଜିଲା ମୁଖିଆ ଚିକିତ୍ସା ଅଧିକାରୀ ଡା.ଶଙ୍କର ପ୍ରସାଦ ମେହେରଙ୍କୁ ଯୋଗାଯୋଗ୍ କଲାରୁ ଭିନ୍ନକ୍ଷମ ପରମାନପତର ନିୟମରେ କିଛି ପରିବର୍‌ତନ ହେଇଛେ। ସେ ଅନଲାଇନରେ ଆବେଦନ କଲେ ଯେତେ ଜଲ୍‌ଦି ହେବା ତାହାକୁ ପରମାନପତର ଯୁଗେଇ ଦେବାର ବେବସ୍‌ତା କରାଯିବା ବଲି କହିଥିଲେ।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ଡିସେମ୍ବର, ୨୦୧୮



ଲଜ୍ଜା, ଘୃଣା, ଭୟ। ଏହି ତିନୋଟିରୁ ଗୋଟିଏ ଉପସ୍ଥିତ ଥିବା ପର୍ଯ୍ୟନ୍ତ ଭଗବାନଙ୍କ ଦର୍ଶନ ହୁଏ ନାହିଁ।

-ଶ୍ରୀ ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### କ୍ଷେତ୍ର ଦିବସ ପାଳିତ

**ପାଇକମାଲ,୨୮।୧୨(ଡି.ଏନ.ଏ):** ପାଇକମାଲ ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟ ଠାରେ ପୂର୍ବ ଭାରତରେ ସବୁଜ ବିପ୍ଳବ ପାଇଁ କ୍ଷେତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ସରପଞ୍ଚ ପୁଷ୍ପାଞ୍ଜଳି ଭୋଇ ମୁଖ୍ୟଅତିଥି, ସମିତି ସଭ୍ୟ ଘନଶ୍ୟାମ ଭୋଇ, ସାଗର ମହାଲିଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ପାଇକମାଲ କୃଷି ଅଧିକାରୀ ଝୁମି ମେହେର ସଭାପତିତ୍ୱ କରିଥିବା ବେଳେ ଝାରବନ୍ଧ କୃଷି ଅଧିକାରୀ ମନୋଜ ରାଉତ ପୂର୍ବ ଭାରତର ସବୁଜ ବିପ୍ଳବ ଉପରେ ଆଲୋକପାତ କରିଥିଲେ। ଏଥିରେ ଗ୍ରାମର ଶତାଧିକ ଚାଷୀ ଯୋଗଦାନ କରିଥିଲେ । ଭୋଜରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



### ମେଗା ବିଦ୍ୟୁତ୍ ଗ୍ରୀଡ ନିର୍ମାଣ ଆରମ୍ଭ

**ଅତାବିରା,୨୮।୧୨(ଡି.ଏନ.ଏ.):** ବରଗଡ ଜିଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀ ଅଧୀନସ୍ଥ ଦେଶଭଟିଲି ପଞ୍ଚାୟତର ଝରାଡେରାଠାରେ ୧୩୨ କେଭି ଏକ ମେଗା ବିଦ୍ୟୁତ୍ ଗ୍ରୀଡ୍ ନିର୍ମାଣ କାମ ଆରମ୍ଭ ହୋଇଛି। ଏହାପୂର୍ବରୁ ଜମି ଚିହ୍ନଟ କରାଯାଇଥିଲା। ୯ ଏକର ୧୦ ଡେସିମିଲ ଗୋଚର ଜମି ଉପରେ ଏହି ଗ୍ରୀଡ୍ ନିର୍ମାଣ କରାଯିବ । ଏହି କାମରେ ୪୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ । ଗ୍ରୀଡ୍ ନିର୍ମାଣ କାମ ସରିଲେ ବରଗଡ, ସୋନପୁର, ସମ୍ବଲପୁର, ନୂଆପଡା, କଳାହାଣ୍ଡି, ବୌଦ୍ଧ ଜିଲାକୁ ଜିଲାକୁ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜଣେ ବିଦ୍ୟୁତ୍ ବିଭାଗର ଅଧିକାରୀ କହିଛନ୍ତି । ବ୍ୟୟରେ ନିର୍ମାଣ କାମ ଚାଲିଛି। କେତେକ ପ୍ରଭାବଶାଳୀ ବ୍ୟକ୍ତିବିଶେଷ ସରକାରୀ ଗ୍ରାମ ଜଙ୍ଗଲ ନିଜ କବ୍ଜାରେ ରଖିଥିବା ବେଳେ ନିର୍ମାଣ ସ୍ଥାନ ସ୍ଥାନାନ୍ତରିତ କରାଯାଇଥିବା ଚର୍ଚ୍ଚା ଚାଲିଛି। ଏ ଦିଗରେ ଜିଲା ପ୍ରଶାସନ ନିର୍ମାଣ ଆରମ୍ଭରୁ ତଦନ୍ତ କରି ବିହୀତ ପଦକ୍ଷେପ ନେବା ପାଇଁ ଦାବି ହେଉଛି ।

### କାଳୀୟ ଦଳନରେ କଂସ ମର୍ମାହତ

**ଭେଡ଼େନ, ୨୮।୧୨ (ଡ଼ି.ଏନ.ଏ):** ଭେଡ଼େନ ବ୍ଲକ ଅନ୍ତର୍ଗତ ଥୁଆପାଲିଠାରେ ଚାଲିଥିବା ବିରାଟ ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ଥିଲା ଅଷ୍ଟମ ସନ୍ଧ୍ୟା। ମଥୁରାନଗରରେ କଂସର ନଗର ଭ୍ରମଣ, ସାଧୁସନ୍ଥ ପ୍ରତି ଅତ୍ୟାଚାର, ପ୍ରଜାଙ୍କୁ ଦଣ୍ଡ ବିଧାନ, କାଳିନ୍ଦୀ ହ୍ରଦରେ କୃଷ୍ଣଙ୍କ ଦ୍ୱାରା କାଳୀୟ ନାଗ ଦଳନ ସମ୍ବାଦ ପାଇ କଂସ ମର୍ମାହତ, ନାରଦଙ୍କ ଆଗମନୀ ସହ ରଙ୍ଗସଭା ଆୟୋଜନ ପାଇଁ ପରାମର୍ଶ ଆଦି ଦୃଶ୍ୟାଭିନୟ ଅଭିନୀତ ହୋଇଛି । ଗୋପପୁରରେ ସମ୍ପ୍ରଦା, ସଞ୍ଚାର, ସଂକୀର୍ତ୍ତନ ଆଦି ପରିବେଷିତ ହେବା ସହ କଂସ ଦରବାରରେ ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରିଥିଲେ ।

### ଧନୁଯାତ୍ରା ପାଇଁ କଂସ ବରଣ

**ଗାଇସିଲେଟ,୨୮।୧୨(ଡି.ଏନ.ଏ):** ଗାଇସିଲେଟ ଥାନା ତାଲପାଲିଠାରେ ୨୦୧୯ ଜାନୁୟାରୀ ୨୫ ରୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ୩୫ତମ ବୋଡାସମ୍ବର ଧନୁଯାତ୍ରା ଅନୁଷ୍ଠିତ ହେବ । ଏହି ପରିପ୍ରେକ୍ଷୀରେ ଶୁକ୍ରବାର କଂସ କଳାକାର ବରଣ କରାଯାଇଛି । ଶତାଧିକ ଲୋକ ତାଲପାଲି ପଞ୍ଚାୟତ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ବ୍ରାହ୍ମଣମାଳ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ଯାତ୍ରା କମିଟି ସଭାପତି ମୋତିଲାଲ ସାହୁ କଂସ ଅଭିନେତା ହୃଷିକେଶ ଭୋଇଙ୍କୁ ବରଣ କରିଥିଲେ । ସେହିପରି ଚୈତନ୍ୟ ସାହୁଙ୍କୁ ଉଗ୍ରସେନ ଭୂମିକା ପାଇଁ କୋଷାଧ ନୀଳକଣ୍ଠ ସାହୁ ବରଣ କରିଥିଲେ । ଶୋଭାଯାତ୍ରାରେ କମିଟି ଉପସଭାପତି ନାରଦ କୁମାର ବରିହା, ସହସମ୍ପାଦକ ନୀଳମଣି ବରିହା, ଭୀଷ୍ମଦେବ ମହାନ୍ତି, ଉପଦେଷ୍ଟା ବ୍ଲକ ଉପାଧ ପ୍ରଣୟ କୁମାର ସାହୁ, ଦେବେନ୍ଦ ଯୋଷୀ, କୃଷ୍ଣ ସାହୁ, ପାଣ୍ଡବ ସାହୁ, ସଞ୍ଜୀବ କୁମାର ପୁରୋହିତ ଝସକେତନ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।

# ନଦୀକୂଳରେ ରାସ୍ତା ନିର୍ମାଣକୁ ବିରୋଧ

**ବରଗଡ଼ ଅଫିସ୍,୨୮।୧୨**

ଜୀରାନଦୀ କୂଳରେ ରାସ୍ତା ନିର୍ମାଣକୁ ନେଇ ବରଗଡ଼ ବ୍ଲକ ତୁମଗାଁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳି ରାସ୍ତା ନିର୍ମାଣକୁ ବିରୋଧ କରି ଗ୍ରାମବାସୀ ଗୁରୁବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଛନ୍ତି । ସେମାନେ ଜିଲାପାଳ ତ୍ରିପାଠୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ନିବେଦନ କରିଛନ୍ତି ।

ରାଜ୍ୟ ସରକାର ଗମନାଗମନର ସୁବିଧା ପାଇଁ ମାଲିପାଲିରୁ ତୁମଗାଁକୁ ଜୀରାନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ରଖିଥିଲେ । ମାତ୍ର ପଡ଼ୋଶୀ ଗ୍ରାମବାସୀଙ୍କ ଜିଦ୍ ଯୋଗୁ ସେହି ସେତୁକୁ ପ୍ରସ୍ତାବିତ ସ୍ଥାନରୁ ୪୦୦ ମିଟର ଦୂରକୁ ଘୁଞ୍ଚାଇ ଦିଆଯାଇଥିଲା। ପୂର୍ବରୁ ଦିଆଯାଇଥିବା ପ୍ରସ୍ତାବ ଅନୁସାରେ ଉକ୍ତ ସେତୁ ଲାଉନସରା ଆର୍‌ଡ଼ି ରାସ୍ତାକୁ ସଂଯୋଗ କରୁଥିଲା । କିନ୍ତୁ ସ୍ଥାନ ପରିବର୍ତ୍ତନ ଯୋଗୁ ସେତୁଟି ଅଞ୍ଚଳର ଜଣେ ତଫସିଲଭୁକ୍ତ ଉପଜାତି ଲୋକଙ୍କ ଜମିକୁ ଲାଗିଥିଲା । ଅଞ୍ଚଳର ସ୍ୱାର୍ଥ ଦୃଷ୍ଟିରୁ ସେ ତାଙ୍କ ସେହି ଜମିକୁ




ଜିଲାପାଳଙ୍କୁ ଫେରାଦ ହୋଇଥିବା ଗ୍ରାମବାସୀ ।

ମଧ୍ୟ ଛାଡ଼ି ଦେଇଥିଲେ ଏବଂ ବର୍ତ୍ତମାନ ସେହି ରାସ୍ତା ଦେଇ ବରଗଡ଼ ଓ ବରପାଲି ବ୍ଲକର ଲୋକ ଯାତାୟାତ କରୁଛନ୍ତି ।

କିନ୍ତୁ ବର୍ତ୍ତମାନ ଗୋଟିଏ ପଡ଼ୋଶୀ ଗ୍ରାମର ଲୋକେ ସିଧାସଳଖ ନଦୀ କୂଳରେ ସେତୁରୁ ତାଙ୍କ ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ଦାବି କରୁଛନ୍ତି । ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ରାଜସ୍ୱ ନିରୀକ୍ଷକ ମଧ୍ୟ ସେ ନେଇ ମାପଚୂପ କରିଛନ୍ତି ।

**ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ**

ଏହାହେଲେ ଅଞ୍ଚଳର ବହୁ ଲୋକଙ୍କ ରୟତି ଜମି ଯିବ ବୋଲି ଗ୍ରାମବାସୀ କହିଛନ୍ତି। କେବଳ ସେତିକି ନୁହେଁ, ସେହି ରାସ୍ତା ନିର୍ମାଣ ହେଲେ ନଦୀକୁ ଲାଗି ରହିଥିବା ଚାଷଜମିରୁ ଜଳ ନିଷ୍କାସନ ମଧ୍ୟ ହୋଇ ପାରିବ ନାହିଁ ଏବଂ ଫସଲକ୍ଷତି ହେବାର ଆଶଙ୍କା ରହିଛି । ଫଳରେ ଏହାକୁ ଆଖି ଆଗରେ ରଖି ସେହି ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଯୁବନେତା ଲିପସିତ୍ ମିଶ୍ରଙ୍କ ନେତୃତ୍ୱରେ ତୁମଗାଁ ଗ୍ରାମର ଗୋକୁଳ ପ୍ରଧାନ, ବାହାଦୂର ପ୍ରଧାନ, ଅଲେଖ ପ୍ରଧାନ, ଗଙ୍ଗାଧର ପ୍ରଧାନ ପ୍ରମୁଖ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳ ଅଫିସ ଆସିଥିଲେ ।

# ଡାକ୍ତର ନିଯୁକ୍ତି ଦାବିରେ ବରପାଲି ବନ୍ଦ

**ବରପାଲି,୨୮।୧୨(ଡି.ଏନ.ଏ)**

ବରଗଡ଼ ଜିଲା ବରପାଲି ଡାକ୍ତରଖାନାରେ ସ୍ଥାୟୀ ଡାକ୍ତର ନିଯୁକ୍ତି ଦାବିରେ ଚାଲିଥିବା ଆନ୍ଦୋଳନ ବ୍ୟାପକ ରୂପ ନେଇ ବସିଛି । ସ୍ଥାନୀୟ ଗାଡ଼ି ମାଲିକ ଓ ଡ୍ରାଇଭର ସଂଘ ନେତୃତ୍ୱରେ ଚାଲିଥିବା ଏହି ଆନ୍ଦୋଳନ ଗତ ୧୯ତାରିଖରୁ ଆରମ୍ଭ ହୋଇଥିଲା। ଆନ୍ଦୋଳନ ଆରମ୍ଭ ଦିବସରୁ ଗଣଧାରଣା ଦିଆଯାଉଥିବା ବେଳେ ଶୁକ୍ରବାର ବରପାଲିରେ ରାସ୍ତାରୋକୋ କରାଯିବା ସହିତ ସରକାରୀ, ବେସରକାରୀ ଦପ୍ତର ଏବଂ ଦୋକାନ, ବଜାର ଆଦି ବନ୍ଦ କରାଯାଇଥିଲା । ରାସ୍ତାରୋକୋ ଯୋଗୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବରଗଡ଼-ବଲାଙ୍ଗୀର, ବରପାଲି-ସୋନପୁର ରାସ୍ତାରେ ଗାଡ଼ି ଚଳାଚଳ ଠପ୍ ହୋଇ ଯାଇଥିଲା। ଗଣଧାରଣାସ୍ଥଳକୁ




ବରପାଲି ଗାଡ଼ି ଚଳାଚଳ ବନ୍ଦ କରାଯାଇଛି ।

ସ୍ଥାନୀୟ ବିଧାୟିକା ରୀତା ସାହୁ ପହଞ୍ଚି ଆଲୋଚନା କରିଥିଲେ। ମାତ୍ର ଡାକ୍ତର ନିଯୁକ୍ତି ନେଇ ରାଜ୍ୟ ସରକାର କୌଣସି ପଦକ୍ଷେପ ନେଉ ନ ଥିବା ଯୋଗୁ ସେଠାରେ ବିଧାୟିକା ସାହୁଙ୍କୁ ଆନ୍ଦୋଳନକାରୀମାନେ ନାନା ପ୍ରଶ୍ନ କରିବା ସହିତ ସରକାରଙ୍କୁ ସମାଲୋଚନା କରିଥିଲେ । ବରପାଲି ଡାକ୍ତରଖାନାରେ ତୁରନ୍ତ ଡାକ୍ତର ନିଯୁକ୍ତି କରା ନ ଗଲେ ଆଗକୁ ଏହି ଆନ୍ଦୋଳନ ଆହୁରି ବ୍ୟାପକ ରୂପ ଧାରଣ କରିବ ବୋଲି ଚେତାବନୀ ଦିଆଯାଇଛି ।

## ମକର ମହୋତ୍ସବ ପାଇଁ କଳାକାର ଚୟନ

**ଭେଡ଼େନ, ୨୮।୧୨ (ଡ଼ି.ଏନ.ଏ)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ପୁଡ଼ାପାଲି ଠାରେ ଆସନ୍ତା ଜାନୁୟାରୀ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ମକର ମହୋତ୍ସବ ଅନୁଷ୍ଠିତ ହେବ । ଏହି ମହୋତ୍ସବ ଅବସରରେ ମୁକ୍ତମଞ୍ଚ ନୃସିଂହ ଲୀଳା ତଥା ଭକ୍ତ ପ୍ରହଲ୍ଲାଦ ଚରିତ ଦୃଶ୍ୟାଭିନୟ ମଞ୍ଚସ୍ଥ ହେବ । ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଭୂମିକାରେ ଅଭିନୟ କରିବାକୁ ଶୁକ୍ରବାର କଳାକାର ଚୟନ ଅନୁଷ୍ଠିତ ହୋଇଛି। କଳାକାର ହିରାଲାଲ ବଡ଼େଇ ମୁଖ୍ୟ ଭୂମିକା ହିରଣ୍ୟକଶିପୁ ଭାବେ ଅଭିନୟ କରିବାକୁ ମନୋନିତ ହୋଇଛନ୍ତି। ଅନ୍ୟାନ୍ୟ ଭୂମିକା ପାଇଁ ବିଖୁ କରନ, କରୁଣା ପାତ୍ର, ପ୍ରସନ୍ନ ଦୀପ, ଗେଥଲ ଭୋଇ, ପଙ୍କଜ କର୍ଣ୍ଣ, କଳାକାନ୍ହୁ ବେହେରା, କପିଳ ସେଟ, ଆଶିଷ ପଶାୟତ, ଗୁଣ ପ୍ରଧାନ, ନିଲାଞ୍ଚଳ ମହାକୁର, ଅଶୋକ ଅମାତ,ଗଣେଷ ପାତ୍ର ପ୍ରମୁଖ ମନୋନିତ ହୋଇଛନ୍ତି । ଗଜ ମହାକୁର ଏବଂ ହୀରା ମହାକୁର ନାଟ୍ୟ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଉଛନ୍ତି।

# ୯ ଦଫା ଦାବି: ଜିଲାପାଳ ଅଫିସ ଘେରିଲା ଭାଜପା

**ବରଗଡ଼ ଅଫିସ୍,୨୮।୧୨**

ବରଗଡ଼ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟାରେ ଚାଲିଥିବା ଅବ୍ୟବସ୍ଥା ଏବଂ ବିଭିନ୍ନ ଚାଷୀ ସମସ୍ୟାକୁ ନେଇ ଶୁକ୍ରବାର ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଜିଲାପାଳ ଅଫିସ ଘେରାଉ କରାଯାଇଥିଲା। କୃଷକ ମୋର୍ଚ୍ଚାର ସଭାପତି ଦିବ୍ୟକିଶୋର ଭୋଇଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସ୍ଥାନୀୟ ଗାନ୍ଧୀଛକରୁ ଏକ ରାଲିରେ ବାହାରି ଜିଲାପାଳ ଅଫିସ ଆସିଥିଲେ । ସେମାନେ ପହଞ୍ଚିବା ପୂର୍ବରୁ ପୋଲିସ ଜିଲାପାଳ ଅଫିସ ମୁଖ୍ୟଫାଟକ ବନ୍ଦ କରିଦେଇ ଥିବାରୁ ସେମାନେ ଫାଟକ ସମ୍ମୁଖରେ ଧାରଣାରେ ବସି ନାରାବାଜି କରିଥିଲେ । ପରେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ ।

ବରଗଡ଼ ଜିଲାରେ ପ୍ରତିବର୍ଷ ଖରିଫରେ ୬୫ରୁ ୭୦ଲକ୍ଷ କୁଇଣ୍ଟାଲ ଏବଂ ରବିରେ ପାଖାପାଖି ୫୦ଲକ୍ଷ କୁଇଣ୍ଟାଲ ଧାନ କିଣାଯାଏ । ଗତ ୧୦ବର୍ଷ ମଧ୍ୟରେ ଧାନକିଣା ପ୍ରକ୍ରିୟାରେ ସାମିଲ ହୋଇ ଜିଲାର ୫୮ଟି ପ୍ୟାକ୍ସ ୧୮୦କୋଟି କମିଶନ ଏବଂ ଆରଏମସି ୨୦୦କୋଟି ମାର୍କେଟିଂ ଫି ବାବଦକୁ ପାଇ ସାରିଛି । କିନ୍ତୁ ଧାନ ସଂଗ୍ରହ ପ୍ରକ୍ରିୟାରେ ଆନୁଷଙ୍ଗିକ ବ୍ୟବସ୍ଥାରେ କିଛି ସୁଧାର ଆସି ନାହିଁ । ଅନ୍ୟପଟେ କଟନୀଛଟନୀ ଚାଲିଥିବା ସହିତ ମଣ୍ଡି ଗୁଡ଼ିକରେ ଅଭାବୀ ବିକ୍ରି ହେଉଥିବା ଅଭିଯୋଗ ହୋଇଛି । ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଭାଜପା କୃଷକ ମୋର୍ଚ୍ଚା ଦାବି କରିଛି । ନଚେତ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ଭାଜପା ରାଜ୍ୟ କୃଷକ ମୋର୍ଚ୍ଚାର ସାଧାରଣ ସମ୍ପାଦକ ସମୀର ପାତ୍ର, ଇଂ ଦେବବ୍ରତ ମିଶ୍ର, ସୌରୀଚରଣ ବାରିକ, ଗିରିଜେଶ ଖାଡ଼ଙ୍ଗା, ଉର୍ଦ୍ଧ୍ୱଲୁ ତାଣ୍ଡି, ଶକୁନ୍ତଳା ମହାପାତ୍ର, ପ୍ରୀତମ ସିଂ ପ୍ରମୁଖ ଏଥିରେ ସାମିଲ ହୋଇ ଉଦବୋଧନ ଦେଇଥିଲେ ।

ଅସାହା ଦିବ୍ୟାଙ୍ଗଙ୍କ ଜୀବନ୍

# କ୍ଲବ ଘର ପାଲଟିଛେ ଗୁରୁଚରଣଙ୍କର ଠିକ୍‌ନା

**ଅତାବିରା, ୨୮।୧୨ (ଡି.ଏନ.ଏ.)**

କେନ୍ଦ୍ର ଆର ରାଏଜ୍ ସରକାର ଗରିବ୍‌ଦୁଖି କର ଲାଗି ଯେତେ ଯୋଜ୍‌ନା ତିଆର କଲେବି କାହିଁ ନାଇଁ କାହିଁ ଖେଲ୍‌ଢ଼େପ ଦେଖିବାକେ ମିଲୁଛେ। ବହୁତ୍ ଲୋକ୍ ଯୋଜ୍‌ନାର ସୁଫଲ ପାଏବାରୁ ବଂଚିତ ହେଉଛନ୍। ଶୁକୁରବାର ଗୋଡ଼ଭଗା-ତୁରୁମ ୫୪ ନଂ. ରାଜପଥରେ ଏନ୍‌ତା ଗୁଟେ କରୁନ୍ ଦୁରୁଶ୍ ଦେଖି ବାଟ ଭାଂଗିଥିଲେ ଆମର ଥାନୀୟ ଧରିତ୍ରୀ ପରତିନିଧି। ଝନେ ଦିବ୍ୟାଙ୍ଗ ଦୁଇ ଖଁଦେ ୨ଟା ଝୁଲା ବ୍ୟାଗ୍, ଦୁଇ ହାତେ ଦୁଇଟା ଆଶାବାଡ଼ି ଧରି ରାସ୍‌ତା ତରେ ଭିଖ୍‌ମାଗୁଥିଲେ। ଧରିତ୍ରୀ ପରତିନିଧି ତାହାକୁ କିଛି ପଚରାଲାରୁ ସେ ତାକର କରୁନ୍ କାହାଣୀ ବଖାନିଥିଲେ। ସେ ହେଉଛନ୍ ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ୍ ମହୁଲପାଲି ଗାଁର ଗୁରୁଚରଣ ନାୟକ(୫୦)। ପରିବାରରେ ବଲି କହିଛି ନାଇଁ, ମା'ବାପ, ଭାଇ କେଭୁ ଆରପାରକେ ଚାଲିଗଲେନ, ନିଜେ ଅବିହାରି। କେହେନସି କାରନରୁ ତାକର ଗୁଟେ ଗୋଡ଼ ମୁଡ଼ି ହେଇଯାଇଥିଲା ବେଲେ ଆର ଗୋଡ଼ଟା ବି ଅଚଲ ହେଇଯାଇଛେ। ଯେନ୍‌ଥିରଲାଗି ସେ କେହେନ୍‌ସି କାମ୍‌ବୁତା କରବାର ଲାଗି ସକ୍ଷମ ନୁହଁନ୍। ନିଜର ପେଟ୍ ପାଲବାର ଲାଗି ସେ ଅତାବିରା, ଭେଡ଼େନ ବ୍ଲକ୍ ଅଂଚଲରେ ଭିଖ୍ ମାଗୁଛନ୍। କେତେବେଲେ ଭେଡ଼େନ ବ୍ଲକ୍ ଅଏଁଲାପାଲି କ୍ଲବ୍ ଘରରେ ତ କେତେବେଲେ ରାସ୍‌ତା ତରେ ତାକର ଦିନ୍ ବିତୁଛେ। ଭିଖ୍ ମାଗୁନ୍ ମାଗୁନ୍ ଯେନ୍‌ନେ ବେଲବୁଡ଼ଲା ସେଠାନେ ସେ



ଦିବ୍ୟାଙ୍ଗ ଗୁରୁଚରଣ ଗୋଡ଼ଭଗା-ତୁରୁମ ରାସ୍‌ତାରେ ଭିଖ୍ ମାଗୁଛନ୍।

ରହି ଯାଉଛନ୍। ୩-୪ଦିନ୍ ଭିନେ ଭିନେ ଗାଁ ବୁଲି ଭିଖ୍ ମାଗ୍‌ଲା ଉତାରୁ ବସ୍ କି ଟ୍ରେକରରେ ଗର୍ଭଣା ପାସର ଅଏଁଲାପାଲି ଗାଁର କ୍ଲବ୍ ଘରେ ସେ ପୁହୁଁଚି ଯାଉଛନ୍। ଇ ଗାଁର ଗଙ୍ଗାଧର ତାହାକୁ ଭିନେ ଭିନେ ସମିଆରେ ସାହାଯ୍ କରୁଥିବାର ଗୁରୁଚରଣ କହିଛନ୍। ହେଲେ ଇ ଅସାହା ଦିବ୍ୟାଙ୍ଗ ଆଏଜତକ୍ ସବୁପରକାର ସରକାରୀ ସୁବିଧାରୁ ବଂଚିତ୍ ହେଇ ରହିଛନ୍। ବରଗଡ଼, ସୁବର୍ଣ୍ଣପୁର ଜିଲା ପରଶାସନ୍ ଇ ଦିବ୍ୟାଙ୍ଗଙ୍କର ଉପରେ ଦୁରୁଷ୍‌ଟି ଦେଇ ସବୁପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ବୁଧିଜୀବୀ ମହଲରେ ଦାବି ହେଉଛେ। ନାଁଇ ହେଲେ କେତେବେଲେ ଯେ ଖରା, ବର୍ଷା, ଶୀତ କାକରରେ ଇ ଅସାହା ଦିବ୍ୟାଙ୍ଗଙ୍କର ଜୀବନ୍ ପଲେଇ ଯିବା କିଛି କହି ନାଇଁହୁଏ।

# ଭାଗବତ ପାରାୟଣ ଉଦ୍‌ଯାପିତ



ଚିଚିଣ୍ଡା ପାରାୟଣରେ ହୋଇଥିବା ଯଜ୍ଞ ।

**ଭେଡ଼େନ, ୨୮।୧୨ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅନ୍ତର୍ଗତ ଚିଚିଣ୍ଡା ଠାରେ ସପ୍ତାହବ୍ୟାପୀ ଚାଲିଥିବା ଶ୍ରୀମଦ ଭଗବତ ସପ୍ତାହ ପାରାୟଣ ତଥା ଜ୍ଞାନଯଜ୍ଞ ପ୍ରବଚନ ଶୁକ୍ରବାର ଉଦଯାପିତ ହୋଇଛି। ପୁରୀ ରାମଜୀ ମଠର ମହନ୍ତ ଗୁରୁ ମହାରାଜ ବଂଶୀଧର ଦାଶଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ପାରାୟଣରେ ପ୍ରବଚକ ଭାବେ ଛନଛଡ଼ା ବଲାଙ୍ଗୀରର ପରୀକ୍ଷିତ ମହରାଜଜୀ ଯୋଗଦେଇ ପ୍ରବଚନ ପ୍ରଦାନ କରିଥିଲେ। ଗତ ୨୦ ତାରିଖରୁ ବିଭିନ୍ନ ଦିବସରେ ଶୁକଦେବ, ନାରଦ, ପରୀକ୍ଷିତ, ଧୃବ ଚରିତ୍ର, ପ୍ରହଲ୍ଲାଦ, ବଳି ବାମନ, ଶ୍ରୀକୃଷ୍ଣ ଜନ୍ମ, ବାଲ୍ୟଲୀଳା, ମହାରାସ, କଂସ ବଧ, ସୁଦାମା ଚରିତ୍ର ଆଦି ବିଷୟରେ ପ୍ରବଚନ ହୋଇଥିଲା। ଶୁକ୍ରବାର ଭାଗବତ କଥା ସମାପନ, ଜ୍ଞାନ ଯଜ୍ଞ ପୂର୍ଣ୍ଣାହୁତି ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ସାବିତ୍ରୀ ବାଇ ଅଗ୍ରୱାଲ, ସିଉପ୍ରସାଦ ଅଗ୍ରୱାଲ, ସଞ୍ଜୀବ କୁମାର ଅଗ୍ରୱାଲ ପ୍ରମୁଖ ଆୟୋଜନ କରିଥିବା ବେଳେ ଚିଚିଣ୍ଡା ଗ୍ରାମବାସୀ ସହଯୋଗ କରିଥିଲେ ।

# ଗୌରଜୁରୀରେ ରାସ୍ତାରୋକୋ



ପାଇକମାଳ-ପଦ୍ମପୁର ରାସ୍ତା ଗୌରଜୁରୀ ଠାରେ ଚାଷୀମାନେ ରାସ୍ତା ଅବରୋଧ କରିଛନ୍ତି ।

**ପାଇକମାଳ,୨୮।୧୨(ଡି.ଏନ.ଏ)**

ପାଇକମାଳ-ପଦ୍ମପୁର ରାସ୍ତା ଗୌରଜୁରୀ ଠାରେ ପଲସଦା ଆଞ୍ଚଳିକ କୃଷକ ସଙ୍ଗଠନ ପକ୍ଷରୁ ୭ ଦଫା ଦାବି ନେଇ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ୨ଘଣ୍ଟିଆ ରାସ୍ତାରୋକୋ କରାଯାଇଥିଲା । ଏଥିରେ ଶତାଧିକ ଚାଷୀ ସାମିଲ ହୋଇଥିଲେ । ମରୁଡ଼ି ସହାୟତା ଶୀଘ୍ର ପ୍ରଦାନ, ୨୦୧୭ର ବକେୟା ଫସଲବୀମା ତୁରନ୍ତ ପ୍ରଦାନ, ଧାନକିଣାରେ କଟନୀଛଟନୀ ବନ୍ଦ, ଧାନର ସହାୟକ ମୂଲ୍ୟ ୨୯୩୦ଟଙ୍କା ଧାର୍ଯ୍ୟ, ରାଜ୍ୟ ସରକାର ୧୨୦୦ଟଙ୍କା ବୋନସ ଦେବା, ସମସ୍ତ ଚାଷୀଙ୍କ ଋଣଛାଡ ଓ ସମସ୍ତ ଜମିରେ ଜଳସେଚନ ବ୍ୟବସ୍ଥା ଆଦି ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା। ରାଜବୋଡାସମ୍ବର କୃଷକ ସଙ୍ଗଠନର କର୍ମକର୍ତ୍ତାଙ୍କ ସମେତ ହରି ବଣିଆ, ରୂପଧର ସାହୁ , ବିଶ୍ୱନାଥ ସାହୁ, ବିପିନ ବିହାରୀ ଠାକୁର ପ୍ରମୁଖଙ୍କ ନେତୃତ୍ୱରେ ରାସ୍ତାରୋକୋ କରାଯାଇଥିଲା ।

# ବିଳାସପୁରକୁ ହରାଇ ଖୋର୍ଦ୍ଧା ସେମିରେ

**ପାଇକମାଲ,୨୮।୧୨(ଡି.ଏନ.ଏ)**

ପାଇକମାଲ ବ୍ଲକ ଛିନ୍ଦେଇକେଲା ଚନ୍ଦ୍ରଶେଖର ଖେଳ ପଡିଆଠାରେ ଚାଲିଥିବା କ୍ରିକେଟ୍ ମ୍ୟାଚ୍‌ର ଶୁକ୍ରବାର ବି ଗ୍ରୁପ୍‌ର ୨ୟ ଖେଳ ବିଳାସପୁର ଏସଇସିଆର ଓ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ଖେଳକୁ ମୁଖ୍ୟଅତିଥି ଭାବେ ପ୍ରମୋଦ ରାୟ ଯୋଗଦେଇ ଉଦଘାଟନ କରିଥିଲେ। ବିଳାସପୁର ଟସ୍ ଜିତି ପ୍ରଥମେ ଫିଲ୍‌ଡିଂ ନିଷ୍ପତ୍ତି ନେଇଥିଲେ। ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୬ ଉଇକେଟ ହରାଇ ୧୯୯ରନ ସଂଗ୍ରହ କରିଥିଲେ । ବିଳାସପୁର ଦଳ ୨୦୦ ରନ୍‌ର ପିଛା କରି ୨୭ ଓଭରରେ ସମସ୍ତ ଉଇକେଟ ହରାଇ ୧୨୨ରନ ସଂଗ୍ରହ କରିଥିଲେ । ସୁଶାନ୍ତ ସୁବୁଳା ୩୩ବଲରେ ୨୭ରନ, ରୋହିତ ଧ୍ରୁବକ ୨୩ବଲରେ ୨୩ରନ ସଂଗ୍ରହ କରିଥିଲେ। ଖୋର୍ଦ୍ଧା ପକ୍ଷରୁ ଆଲୋକ ମଙ୍ଗରାଜ ୩ ଉଇକେଟ ଓ ଅଙ୍କିତ ଯାଦବ ୨ ଉଇକେଟ ହାସଲ କରିଥିଲେ। ଖୋର୍ଦ୍ଧା ଇଷ୍ଟକୋଷ୍ଟ ଦଳ ୭୭ ରନରେ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଥିଲେ । ସଚ୍ଚିଦାନନ୍ଦ ପଣ୍ଡା, ସଞ୍ଜୟ ନାୟକ ଖେଳ ପରିଚାଳନା କରିଥିବା ବେଳେ ପତତପାବନ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ । ବୁନିଲ ସାହୁ ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମନୋଜ କୁମାର ସାହୁ ମୁଖ୍ୟଅତିଥି, ପ୍ରହଲ୍ଲାଦ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କା ବିତରଣ କରିଥିଲେ । ଶନିବାର ଦ୍ୱିତୀୟ ସେମିଫାଇନାଲ ଇଷ୍ଟକୋଷ୍ଟ ରେଲୱେ ଖୋର୍ଦ୍ଧା ଓ ସ୍କୁଲ ଅଫ କ୍ରିକେଟ ଜାମସେଦପୁର ମଧ୍ୟରେ ଖେଳାଯିବ ବୋଲି କ୍ଲବର ଉପଦେଷ୍ଟା ଆନନ୍ଦ କୁମାର ସାହୁ ଜଣାଇଛନ୍ତି ।



ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ଡିସେମ୍ବର, ୨୦୧୮



ଅତିଟା ସବୁ କ୍ଷେତ୍ରରେ ଖରାପ, ଯେପରି ଅତିମାତ୍ରାରେ ଆଲୋକ ଆମକୁ ଅନ୍ଧ କରିଦିଏ।

- ଭଲଟାୟାର



## ସଂକ୍ଷେପରେ

### କଟାପାଲିରେ ଦ୍ୱିତୀୟ ବାର୍ଷିକ ଯଜ୍ଞ

**ଭେଡ଼େନ, ୨୮।୧୨ (ଡ଼ି.ଏନ.ଏ);** ଭେଡ଼େନ ବ୍ଲକ ଅନ୍ତର୍ଗତ ଅଏଁଲାପାଲି ଗ୍ରାମପଞ୍ଚାୟତର କଟାପାଲି ଠାରେ ଦୁଇଦିନ ଧରି ହୋଇଥିବା ଦ୍ୱିତୀୟ ବାର୍ଷିକ ଯଜ୍ଞ ତଥା ପ୍ରବଚନ କାର୍ଯ୍ୟକ୍ରମ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ଏଥିରେ ମୋହନ ମହାକୁର, ଭୁବନେଶ୍ୱର ପଧାନ, ନିରଞ୍ଜନ ପଧାନ, ସତ୍ୟ ପଧାନ ପ୍ରମୁଖ ସସ୍ତ୍ରୀକ କର୍ତ୍ତା ଦାୟିତ୍ୱ ଏବଂ ଗଣନାଥ ସରସ୍ୱତୀ ବ୍ରହ୍ମଚାରୀ ପୁରୋହିତ କର୍ମ ସମ୍ପାଦନ କରିଥିଲେ । ପ୍ରବଚକ ଭାବେ ବ୍ରହ୍ମଚାରୀ ମାନଭଞ୍ଜନ, ବ୍ୟାସଦେବ, ଗଣନାଥ ସରସ୍ୱତୀ, ପ୍ରେମାନନ୍ଦ ସରସ୍ୱତୀ, କୈଳାଶ ବାବା ପ୍ରମୁଖ ପ୍ରବଚନ ପ୍ରଦାନ କରିଥିଲେ । ଏଥିରେ କଟାପାଲି ଗ୍ରାମର ଜୀବର୍ଦ୍ଧନ ବାରିକ, ଦୟାନନ୍ଦ ମହାକୁର, ନିରଞ୍ଜନ ପଧାନ, ମୋହନ ମହାକୁର, ଭୁବନେଶ୍ୱର କରନଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ ।

## ବରଗଡ଼ ଧନୁଯାତ୍ରାକୁ ଦୁଇ ସପ୍ତାହ ବାକି

# ବଢୁଛି ବ୍ୟବସାୟିକ ବିବାଦ

**ବରଗଡ଼ ଅଫିସ୍,୨୮।୧୨**

ବୃହତ୍ ମୁକ୍ତାକାଶ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଆଉ ମାତ୍ର ଦୁଇ ସପ୍ତାହ ବାକି ରହିଲା । ଏଥିପାଇଁ ଦର୍ଶକ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଥିବାବେଳେ ମହୋତ୍ସବର ବ୍ୟବସାୟିକ ଦିଗକୁ ନେଇ ଦେଖାଯାଇଥିବା ବିବାଦ ଏବେ ଚର୍ଚ୍ଚାର ବିଷୟ ହୋଇଛି । ବରଗଡ଼ ଧନୁଯାତ୍ରା ମହୋତ୍ସବ ପ୍ରଶାସନ ଏବଂ ଅଞ୍ଚଳବାସୀଙ୍କ ସହଯୋଗରେ ହୋଇ ଆସୁଛି । ପ୍ରଶାସନ ଉପରେ ମହୋତ୍ସବର ଭାର ରହିଛି । କିନ୍ତୁ ଏହି ମହୋତ୍ସବ ସେଭଳି କିଛି ସରକାରୀ ଅନୁଦାନ ଉପରେ ନିର୍ଭର କରି ନ ଥାଏ । ମହୋତ୍ସବ ଚାଲିଥିବାବେଳେ ମୀନାବଜାର ଆଦି ବ୍ୟବସାୟିକ ଦିଗରୁ ଯାହା ମିଳେ, ସେଥିରୁ ଧନୁଯାତ୍ରାର ସବୁ ଖର୍ଚ୍ଚ କରାଯାଇଥାଏ । କିନ୍ତୁ ଏଥର ଧନୁଯାତ୍ରା ଆରମ୍ଭ ନ ହେଉଣୁ ମହୋତ୍ସବର ବ୍ୟବସାୟିକ ଦିଗକୁ ନେଇ ବିବାଦ ଦେଖାଦେଇଛି । ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ମୀନାବଜାର, ଟ୍ରେଡ଼ ଫେୟାର, ଫୁଡ୍ ଫେୟାର ଆଦି ହୋଇଥାଏ । ତେବେ ଜର୍ଜ ହାଇସ୍କୁଲ ପଡ଼ିଆର ସେଭଳି କାର୍ଯ୍ୟକ୍ରମ ଆୟୋଜନକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଏବେ ଅଡୁଆ ସାଜିଛି । ଜର୍ଜ ହାଇସ୍କୁଲ ଅଭିଭାବକ କମିଟି ଉପସଭାପତି ଅଭିମନ୍ୟୁ ସାହୁ ଏବଂ ଆଡ଼ଭୋକେଟ୍ ସନ୍ତୋଷ ଦାଶଙ୍କ ପକ୍ଷରୁ ହାଇକୋର୍ଟରେ ହୋଇଥିବା ଜନସ୍ୱାର୍ଥ ମାମଲାରେ ଜର୍ଜ ହାଇସ୍କୁଲ ପଡ଼ିଆରୁ ଅନ୍ୟତ୍ର କାର୍ଯ୍ୟକ୍ରମ ସ୍ଥାନାନ୍ତର ପାଇଁ ପ୍ରାର୍ଥନା କରାଯାଇଛି ।

କେବଳ ସେତିକି ନୁହେଁ, ମୀନାବଜାର, ଫୁଡ୍ ଫେୟାର ଆଦିକୁ ନେଇ ଶୁକ୍ରବାର ଟେଣ୍ଡର ହେବାର ଥିଲା । ମାତ୍ର ତାହା ମଧ୍ୟ ହୋଇ ପାରି ନାହିଁ । କେତେକ ଟେଣ୍ଡର ପେପର ନେଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ତାହା ଫେରାଇ ଥିବାବେଳେ କେବଳ ଟ୍ରେଡ ଫେୟାରର ଟେଣ୍ଡର ହୋଇଥିବା ସୂଚନା ମିଳିଛି । ବ୍ୟବସାୟିକ ଦିଗରେ ଏଭଳି ବିବାଦକୁ ନେଇ ଚର୍ଚ୍ଚା ଜୋର୍ ଧରିଥିବାବେଳେ ସ୍ଥାନୀୟ ଧନୁଯାତ୍ରାପ୍ରେମୀଙ୍କ ମନରେ ମଧ୍ୟ ଭିନ୍ନ ମତ ଆସିଛି । ଯଦି ଜର୍ଜ ହାଇସ୍କୁଲ ପଡ଼ିଆକୁ ନେଇ ବିବାଦ ଆସୁଛି, ତେବେ କଟକ ବାଲିଯାତ୍ରା ଭଳି ସହର ଉପକଣ୍ଠରେ ଜୀରାନଦୀ ବାଲୁକା ଶଯ୍ୟା ଉପରେ ସେଭଳି କାର୍ଯ୍ୟକ୍ରମ କରାଯାଉ ବୋଲି ମଧ୍ୟ ସ୍ଥାନୀୟ କିଛି ଲୋକ ମତ ଦେଇଛନ୍ତି । ଅନ୍ୟପଟେ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ ଏଥର ଧନୁଯାତ୍ରାକୁ ସବୁଦିଗରୁ ଆକର୍ଷଣୀୟ କରିବା ସହିତ ମହୋତ୍ସବରେ ନୂତନତ୍ୱ ଆଣିବାକୁ ପ୍ରୟାସ ଚାଲିଛି ବୋଲି କହିଛନ୍ତି ।

# ବାଲ୍ୟବନ୍ଧୁର ବାର୍ଷିକ ସମାରୋହ




ବାଲ୍ୟବନ୍ଧୁର ବାର୍ଷିକ ସମାରୋହରେ ସମ୍ବର୍ଦ୍ଧିତ କୃତି ପ୍ରତିଭା ।

**କଣ୍ଟାମାଳ, ୨୮।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ଉଚ୍ଚ ବିଦ୍ୟାଳୟ ସୁବର୍ଣ୍ଣ ଜୟନ୍ତୀର ଏକ ବର୍ଷ ପୂର୍ତ୍ତି ହୋଇଛି । ଏଥିପାଇଁ ଶୁକ୍ରବାର ପୁରାତନ ଛାତ୍ର ସଂସଦ ଦ୍ୱାରା ଗଠିତ ବାଲ୍ୟବନ୍ଧୁର ବାର୍ଷିକୋତ୍ସବ କଣ୍ଟାମାଳ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ଉଦଘାଟନୀ ସମାରୋହରେ ଅତିଥି ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଦେବରାଜ ସାହୁ, ବାଲ୍ୟବନ୍ଧୁର ବରିଷ୍ଠ ସଦସ୍ୟ ଦୁତିଆ ଚରଣ ସାହୁ, ଅଧ୍ୟାପକ ସୁଶାନ୍ତ କୁମାର ପାଣିଗ୍ରାହୀ, ଦେବରାଜ ସାହୁ, ଡଃ ଶ୍ରବଣ କୁମାର ମିଶ୍ର, ଅଧ୍ୟାପକ ରଥୀକାନ୍ତ କୁମ୍ଭାର, ପ୍ରଧାନ ଶିକ୍ଷକ ସୁମନ୍ତ କୁମାର ଖଟୁଆ ଉପସ୍ଥିତ ଥିଲେ । ବିଦ୍ୟାଳୟର ଇତିହାସ ସମ୍ପର୍କରେ ବକ୍ତାମାନେ ମତବ୍ୟକ୍ତ କରିବା ସହ ସ୍ମୃତିଚାରଣ କରିଥିଲେ । ଏହି ସଭାକୁ ବାଲ୍ୟବନ୍ଧୁର ସଦସ୍ୟ ଦିବ୍ୟଶଙ୍କର ରାଉତ ସଂଯୋଜନା କରିଥିଲେ । ଏହି ଅବସରରେ ବିଦ୍ୟାଳୟ ଅବସରପ୍ରାପ୍ତ ଶିକ୍ଷକ ନବୀନ କୁମାର ବିଶି, ଘାସିରାମ ମହାପାତ୍ର, ବଂଶୀଧର ମାହାଣା, ବିରେନ୍ଦ୍ର କୁମାର ସାହୁ, ଯାଦବ କିଶୋର ଡାଙ୍ଗ ଓ ଦିବାକର ପୋଡଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ଏକ ବନ୍ଧୁମିଳନ ସହ ପଶ୍ଚିମ ଓଡିଶାର ସ୍ୱନାମଧନ୍ୟ ଗୀତିକାର ଶତ୍ରୁଘ୍ନ ଲୁହା, ଗୁକୁନା ମିଶ୍ର, ବ୍ରହ୍ମା କୁମ୍ଭାର, ପୁରନ୍ଦର ଠେଲା, ରୁବି ଜେନା, ଖଗେଶ୍ୱର ସୁନାଙ୍କ ସମେତ ଅନ୍ୟ କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ । ସତୀଶ କୁମାର ମାହାଣା, ସୁଶାନ୍ତ ନାଏକ, ଧର୍ମେନ୍ଦ୍ର ରଣା, ନରେନ୍ଦ୍ର ଖଟୁଆ, ବସନ୍ତ କୁମାର ଖଟୁଆ, କେଦାର ନାଥ ସାହୁ, ରୀପ କୁମାର ସାହୁ ସହଯୋଗ କରିଥିଲେ ।

# ଦୁର୍ଘଟଣାରେ ଯୁବଚାଷୀଙ୍କ ମୃତ୍ୟୁ: କ୍ଷତିପୂରଣ ଦାବିରେ ମଣ୍ଡି ବନ୍ଦ

**କଣ୍ଟାମାଳ,୨୮।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା ସିମିଳିପଦରଠାରେ ଗୁରବାର ବିଳମ୍ବିତ ରାତିରେ ଏକ ଦୁର୍ଘଟଣାରେ ସିମିଳିପଦର ଗାଁର ଜଣେ ଯୁବ ଚାଷୀ ନିମାଇଁ ଚରଣ ଖେତିଙ୍କ ମୃତ୍ୟୁ ଘଟିଛି । ମୃତ ଚାଷୀଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶୁକ୍ରବାର ସିମିଳିପଦର ମଣ୍ଡିରେ ଧାନକ୍ରୟ ବନ୍ଦ କରାଯାଇଥିଲା । କ୍ଷତିପୂରଣ ପ୍ରତିଶ୍ରୁତି ପରେ ପରିସ୍ଥିତି ସ୍ୱାଭାବିକ ହୋଇଛି । ଏହି ଦୁର୍ଘଟଣାରେ ଆନନ୍ଦ ଶୁଲ ନାମକ ଅନ୍ୟ ଜଣେ ଯୁବକ ଗୁରୁତର ଆହତ ହୋଇ ବୁର୍ଲା ବଡ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି ।

ପୋଲିସ ସୂଚନା ଅନୁସାରେ, ଗୁରବାର ବିଳମ୍ବିତ ରାତିରେ ଖଟଖଟିଆ ପଟରୁ ସିମିଳିପଦରକୁ ନିମାଇଁ ଓ ଆନନ୍ଦ ଏକ ମୋପେଡଗାଡି(ନଂ.ଓଡି୩୧ବି/୪୭୮୫) ଯୋଗେ ଆସୁଥିଲେ । ଏହି ସମୟରେ ସିମିଳିପଦରରୁ ଖଟଖଟିଆ ପଟକୁ ଯାଉଥିବା ଏକ ବୋଲେରୋ (ନଂ.ଓଡି୧୭ଜି/୬୧୪୮) ସେମାନଙ୍କୁ ଧକ୍କା ଦେଇଥିଲା । ଫଳରେ ଉଭୟ ଗୁରୁତର ଆହତ ହୋଇଥିଲେ । ଉଭୟଙ୍କୁ ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯିବା ବେଳେ ବାଟରେ ନିମାଇଁଙ୍କ ମୃତ୍ୟୁ ଘଟିଥିଲା । ଆନନ୍ଦ ବୁର୍ଲା ବଡଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି । ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସିମିଳିପଦର ମଣ୍ଡିରେ ଚାଷୀମାନେ ଧାନ କିଣାବିକା ବନ୍ଦ କରିଥିଲେ । ରେଡକ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ଏ ନେଇ ମନମୁଣ୍ଡା ଥାନାରେ ଏକ ମାମଲା (ନଂ. ୨୪୯/୧୮) ରୁଜୁ ହୋଇଛି ।

# ବଏସ୍ ୧୬ ଟପ୍‌ଲା, ଝି’ର ଚିନ୍‌ତାରେ ମା’ବାପ୍

**ବରଗଡ଼ ଅଫିସ୍,୨୮।୧୨**

ବଏସ୍ ୧୬ ଟପ୍‌ଲାନ୍, ହେଲେ ସେ ହିସାବେ ଝି’ ଡେଂଗା ନାଇଁ ହେବାର । ଏହେଦେ ବି ଟୁକେଲଟା ୫ ବଛରିଆ ଛୁଆ ମିତାନ ଦିଶୁଛେ । ଇ ଘଟ୍‌ନାକେ ନେଇ ପରିବାର ଲୋକ୍ ଚିନ୍‌ତାରେ ପଡ଼ିଯାଇଛନ୍ । ବରଗଡ଼ ଜିଲା ଖଣ୍ଡହତା ଗାଁର ମୁକୁନ୍ଦ ତାଣ୍ଡି ଆର ମାଧୁରୀକର ଝି’ ବନିତାକର କ୍ଷେତ୍‌ରରେ ଏନ୍‌ତା ଗୁଟେ ଅଜବ୍ ଘଟ୍‌ନା ଦେଖିବାକେ ମିଲିଛେ । ଚିକିତ୍ସା ଅଭାବୁ ଝି’ର ଅବସ୍‌ତା ଏନ୍‌ତା ହେଇଥିବାର ପରିବାର ଲୋକ୍ କହିଛନ୍ । ମୁକୁନ୍ଦ ଚିକିତ୍ସା ସାହାଯ୍ ପାଏବାର ଆଶ୍‌ରେ ଝି’କେ ନେଇ ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହେଇଥିଲେ ।

ମୁକୁନ୍ଦକର ୫ ଝି’ରେ ଗୁଟେ ପୁଓ । ଝି’ ପିଙ୍କି ଆର ବିଜଲିର ବିହାଘୁରା ସରିଥିଲା ବେଲେ ରିଙ୍କି, ବନିତା ଆର ଅନିତା ଅବିହାରି ଅଛନ୍ । ସେନ୍‌ତା ଗୁଟେ ବଲି ପୁଓ ଶୈବାକ ଜନମ୍ ହେଲା ଉତାରୁ ପରିବାରରେ ଖୁସିର ମାହୋଲ ଥିଲା । ହେଲେ ବନିତାକର ଦିହିପା ଆର ଶାରୀରିକ୍ ବିକାଶ ନାଇଁ ହେବାର ଲାଗି କୁଟୁମବସିଆ ଦୁଖି ହେଇଯାଇଛନ୍ । ପିଲାବେଲେ ବନିତା ଭଲ ଥିଲେ । ହେଲେ ବଏସ୍ ବଢ଼ବାର ସଂଗେ ତାକର ଉଚତା ନାଇଁ ବଢ଼ଲା, ଦିହିପା ବି ଠିକ୍ ନାଇଁ ରହେଲାରୁ ଶେଷେ ପରିବାର ଲୋକ୍ ତାହାକୁ ବରଗଡ଼ ସରକାରୀ ଡାକ୍‌ତରଖାନାରେ ଦେଖେଇଥିଲେ । ବନିତାର ଉଚ ଧରନ୍‌ର ଚିକିତ୍ସା କରାଗଲେ ତାର ଦିହିପା ଠିକ୍ ହେବାର ସଂଗେ ଶାରୀରିକ୍ ବିକାଶ ହେବା ବଲି ସେତେବେଲେ ଡାକ୍‌ତରମାନେ କହିଥିଲେ । ହେଲେ ମୁକୁନ୍ଦ ନିହାତି ଗରିବ୍ ଆର କୁଲି ମଜୁରିଆ ଶ୍ରେଣୀର ଲୋକ୍ ହେଇଥିବାର ଲାଗି ବନିତାର ଚିକିତ୍ସା କରେଇ ନାଇଁ ପାରିଥିବାର ସେ କହିଛନ୍ ।

ବନିତା ଗାଁ ସ୍କୁଲରେ ସପ୍‌ତମ ଶ୍ରେଣୀ ତକ୍ ପଢ଼ିଛନ୍ । ତାକର ଆଗ୍‌କେ ପଢ଼ବାର ବହୁତ୍ ଇଛା ଥିଲେ ବି ଟଁକା ପଏସା ଅଭାବୁ ମୁକୁନ୍ଦ ତାହାକୁ ପଢ଼େଇ ନାଇଁ ପାରିଥିବାର କହିଛନ୍ । ଏନ୍‌ତାଥି ବନିତାର ଭବିଷତ୍ ଉଜ୍‌ଡିବାର ଅଶଁକା କରିଛନ୍ ବାପା ମୁକୁନ୍ଦ । ଯେନ୍‌ଥିରଲାଗି କେହେନ୍‌ସି ସରକାରୀ ଯୋଜ୍‌ନାରେ ବନିତାକୁଁ ପରଶାସନ ତରଫୁ ସହଯୋଗର ହାତ୍ ବଢ଼ାବାକେ ସେ ଜିଲାପାଳକୁଁ ନିବେଦନ କରିଛନ୍ ।

**ଚିକିତ୍ସାରେ ଟଁକା ବାଧକ**



ବନିତା ତାଣ୍ଡି ।

## ଗଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ବୌଦ୍ଧ,୨୮।୧୨(ସ୍ୱ.ପ୍ର)**

ଆସନ୍ତା ଗଣତନ୍ତ୍ର ଦିବସ ପାଳନ କରିବା ପାଇଁ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଅପରାହ୍ନରେ ଜିଲାପାଳଙ୍କ ଆବାସିକ ସଦଭାବନା ସଭା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକ ଆରମ୍ଭରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିଶିର କୁମାର ସାହୁ ବିବରଣୀ ପାଠ କରିଥିଲେ । ଜିଲାପାଳ ସୀତାଂଶୁ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଅତିରିକ୍ତ ଜିଲାପାଳ ରମାକାନ୍ତ ସେଠୀଙ୍କ ସମେତ ଜିଲାର ସମସ୍ତ ବିଭାଗର ପଦାଧିକାରୀ, ବୁଦ୍ଧିଜୀବୀ, ବ୍ୟବସାୟୀ, ଶିକ୍ଷକ, ବେସରକାରୀ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ । ଭୋର୍ ସାଢେ ୪ଟା ସମୟରେ ଡାକବାଜି ଯନ୍ତ୍ର ଦ୍ୱାରା ସହର ସାରା ରାମଧୂନ ଗାନ, ସକାଳ ୭ଟାରେ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକରେ ଜାତୀୟ ପତାକା ଉତ୍ତୋଳନ, ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଭାତ ଫେରି ହେବା ପରେ ସକାଳ ସାଢେ ୮ଟାରେ ଜିଲାସ୍ତରୀୟ ପତାକା ଉତ୍ତୋଳନ ଓ ପରେଡ ହେବ । ଏହାସହ ଜିଲାରେ ସଫଳ ଚାଷୀ ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ସମ୍ମାନିତ କରାଯିବାର ନିଷ୍ପତ୍ତି ନିଆଯାଇଥିଲା । ସନ୍ଧ୍ୟାରେ ଟାଉନହଲଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା ।

# ଭାଜପା କୃଷକ ମୋର୍ଚ୍ଚାର ବିକ୍ଷୋଭ



ଭାଜପା କୃଷକ ମୋର୍ଚ୍ଚାର କର୍ମୀ ଓ ନେତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

**ବୌଦ୍ଧ,୨୮।୧୨(ସ୍ୱ.ପ୍ର)**

ବୌଦ୍ଧ ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ରାଜ୍ୟ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାପାତ୍ରଙ୍କ ନେତୃତ୍ୱରେ ଶୁକ୍ରବାର ୯ ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଏକ ବିକ୍ଷୋଭ ସମାବେଶ କରାଯାଇଛି । ଶିଳ୍ପ ବିହୀନ ବୌଦ୍ଧ ଜିଲାରେ ଶତକଡା ୯୦ ଭାଗ ଲୋକ ଚାଷ ଉପରେ ନିର୍ଭର କରି ଚଳୁଛନ୍ତି । କିନ୍ତୁ ଜିଲା ପ୍ରଶାସନ ଚାଷୀଙ୍କ ସମସ୍ୟା ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଥିବା ନେଇ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଅଭିଯୋଗ କରାଯାଇଛି । ଜିଲାର ଚାଷୀମାନେ ସବୁ କ୍ଷେତ୍ରରେ ଅବହେଳିତ ହେଉଥିବା ବେଳେ ତୁରନ୍ତ ଚାଷୀଙ୍କ ସମସ୍ୟା ପ୍ରତି ପ୍ରଶାସନ ଓ ରାଜ୍ୟ ସରକାର ଗୁରୁତ୍ୱ ଦେବାକୁ ଦାବି କରାଯାଇଥିଲା । ଯଦି ସରକାର ୯ ଦଫା ଦାବି ଗୁଡିକ ନ ମାନନ୍ତି ତେବେ ଆଗାମୀ ଦିନରେ ଭାଜପା ପକ୍ଷରୁ ତୀବ୍ର ଆନ୍ଦୋଳନ କରାଯିବ ବୋଲି ନେତାମାନେ ଚେତାବନୀ ଦେଇଥିଲେ । ପରେ ସେମାନେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଏହି ବିକ୍ଷୋଭ ସମାବେଶରେ କୃଷକ ମୋର୍ଚ୍ଚା ସଭାପତି କାଳନ୍ଦୀ ଚରଣ କ୍ଷେତୀ, ସାଧାରଣ ସମ୍ପାଦକ, ବିପ୍ରଚରଣ ମହାନ୍ତି, ସରୋଜ ମେହେର, ମହିଳା ମୋର୍ଚ୍ଚା ସଭାପତି ନମିତାରାଣୀ ଦାସ, ମନୋରଞ୍ଜନ ଦାସ, ଜିଲା ଭାଜପା ସଭାପତି ସୌମିତ୍ରୀ ନାଏକ, ଗଦାଧର ମହାକୁଳ, ତ୍ରିପୁରାରୀ ସେଠୀ, ବିଶିକେସନ ପ୍ରଧାନ,ସୁଧାଂଶୁ ଡାଙ୍ଗ, ନବୀନ ହୋତା, ସରୋଜ ପ୍ରଧାନଙ୍କ ସମେତ ବହୁ କର୍ମୀ ଓ ଚାଷୀ ଯୋଗ ଦେଇଥିଲେ ।

# ଭାଷା ଭିନ୍ ଭିନ୍ ହେଲେ ବି ମୁନୁଷ ଏକ୍: ହଳଧର

**ଜହ୍ନାପଙ୍କ, ୨୮।୧୨(ଡି.ଏନ.ଏ.)**

ବୌଦ୍ଧ ବ୍ଲକ ଅନ୍ତର୍ଗତ ପଞ୍ଚାୟତ ଉଚ୍ଚବିଦ୍ୟାଳୟ ରଜତ ଜୟନ୍ତୀ ଉତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପଦ୍ମଶ୍ରୀ ହଳଧର ନାଗ ମୁଖ୍ୟଅତିଥି, ବୟନିକାର ଅଧକ୍ଷ ଶେଷଦେବ ମେହେର, ଜିଲା ପରିଷଦ ସଭ୍ୟା ସସ୍ମିତା ମଲ୍ଲିକ ସମ୍ମାନିତ ଅତିଥି, ବୌଦ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଧ୍ରୁବଚରଣ ଘିବେଲା ମୁଖ୍ୟବକ୍ତା, ବାସୁଦେବ ପାତ୍ର ବକ୍ତା ଭାବେ ଯୋଗ ଦେଇଥିଲେ । ସ୍କୁଲ ହେଉଛି ମଣିଷ ତିଆରି କାରଖାନା । ଭାଷା ଭିନ୍ ଭିନ୍ ହେଲେ ବି ମୁନୁଷ ଏକ୍ ବୋଲି ପଦ୍ମଶ୍ରୀ ନାଗ କହିଥିଲେ । ପ୍ରଧାନଶିକ୍ଷକ ଭରତ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ କୋର୍ କମିଟି ସଦସ୍ୟ ମହେଶ୍ୱର ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସତ୍ୟ ମହାକୁଳ ଧନ୍ୟବାଦ ଅର୍ପଣ କରିଥିଲେ । କ୍ରୀଡ଼ାଶିକ୍ଷକ ନୟନ କୁମାର ମହାନ୍ତି ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟ ପାଇଁ ଭୂମିଦାନ କରିଥିବା ବିଶିଷ୍ଟ ବ୍ୟକ୍ତିଙ୍କୁ ମୁଖ୍ୟ ଅତିଥି ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରେ ବିଦ୍ୟାଳୟର ଛାତ୍ରୀଛାତ୍ରୀଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।




ରଜତ ଜୟନ୍ତୀ ମହୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

# ମିଲର୍ସ ମର୍ଜିରେ ଚାଲିଛି ମଣ୍ଡି

**ଘଣ୍ଟାପଡା,୨୮।୧୨(ଡି.ଏନ.ଏ.)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ୧ ନଂ. ଜୋନ୍‌ର ଉମା ପ୍ୟାକ୍ସ ମିଲର୍ସଙ୍କ ମର୍ଜିରେ ଚାଲିଛି । ଏହି ପ୍ୟାକ୍ସ ଦୁଇଟି ପଞ୍ଚାୟତର ଚାଷୀଙ୍କୁ ନେଇ ଗଠିତ । ଖୁଣ୍ଟିଗୋଲା ଗ୍ରାମପଞ୍ଚାୟତର ଚାଷୀ ଉମା ପ୍ୟାକ୍ସକୁ ଯାଇ ଧାନ ବିକ୍ରି କରିପାରୁ ନ ଥିବାରୁ ଚଳିତବର୍ଷ ଖୁଣ୍ଟାଗୋରା ଗ୍ରାମପଞ୍ଚାୟତ ପ୍ରାଙ୍ଗଣରେ ଧାନ ମଣ୍ଡି ଖୋଲା ହୋଇଛି । କିନ୍ତୁ ଏଠାରେ ପ୍ରକୃତରେ ଚାଷୀଙ୍କୁ ଧାନ ବିକ୍ରି କରିବାରେ ବହୁତ ଅସୁବିଧା ଭୋଗିବାକୁ ପଡୁଛି । ଗତ ବୁଧବାର ଖୁଣ୍ଟିଗୋରାରେ ଧାନ ମଣ୍ଡିକୁ ଚାଷୀ ଧାନ ନେଇଥିଲେ । ମାତ୍ର ୬୪ ଘଣ୍ଟା ବିତିଯାଇଥିଲେ ମଧ ସମ୍ପୂର୍ଣ୍ଣ ଭାବେ ଧାନ ମଣ୍ଡିରୁ ଉଠିନାହିଁ । ଏହାର ପ୍ରତିବାଦରେ ଗୁରୁବାର ଚାଷୀମାନେ ମନମୁଣ୍ଡା-ସିନ୍ଧୁଗୋରା ରାସ୍ତା ଅବରୋଧ କରିଥିଲେ । ଏହାସତ୍ତ୍ୱେ ଏବେ ବି ମଣ୍ଡିରେ ଚାଷୀଙ୍କ ଧାନ ପଡିରହିଛି । ଏ ସମ୍ପର୍କରେ ପ୍ୟାକ୍ସ ସମ୍ପାଦକ ସନ୍ତୋଷ ରାଉତଙ୍କୁ ପଚାରିବାରୁ ଧାନ କିଣି ଗଚ୍ଛିତ ରଖିବାକୁ ଆମ୍ଭ ପାଖରେ ଗୋଦାମ ନାହିଁ । ତେଣୁ ଆମ୍ଭେ କିଣିପାରୁ ନାହୁଁ ବୋଲି ସେ କହିଥିଲେ । ଏହା କେବଳ ଉମା ପ୍ୟାକ୍ସରେ ହେଉଛି ତା ନୁହଁ, ବରଗାଁ, ନାରାୟଣ ପ୍ରସାଦ, କୁଲୁତାଯୋର, ଘଣ୍ଟାପଡା ପ୍ୟାକ୍ସରେ ମଧ ଏପରି ଅବସ୍ଥା ପରିଲକ୍ଷିତ ହେଉଛି ।



ମଣ୍ଡିରେ ଚାଷୀମାନେ ଧାନ ଜଗି ରହିଛନ୍ତି ।

# ରାସ୍ତା ଉନ୍ନତୀକରଣ ପାଇଁ ୨୬ଲକ୍ଷ ମଞ୍ଜୁର

**ବରଗଡ଼ ଅଫିସ୍,୨୮।୧୨**

ବରଗଡ଼ ବ୍ଲକ ବରଡ଼ୋଲଠାରୁ ବାଉଲସିଂହା ଭାୟା କଟାପାଲି ରାସ୍ତାର ସ୍ୱତନ୍ତ୍ର ଉନ୍ନତିକରଣ ପାଇଁ ଗୁରୁବାର ବରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଶିଳାନ୍ୟାସ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଜିଲା ଯୋଜନା ବୋର୍ଡ଼ ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ । କଟାପାଲି ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଭାଗିରଥି ବଘାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଂଘ ସଭାପତି ଗଣପତି ଖମାରୀ, ଆଶିଷ କର, ଅମୂଲ୍ୟ ବରୋଇ, ଦିବ୍ୟକିଶୋର ଆଚାର୍ଯ୍ୟ, ବିନ୍ଦୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ଏହି ରାସ୍ତାର ଉନ୍ନତିକରଣ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା ଏବଂ ବିଧାୟକ ଆଚାର୍ଯ୍ୟ ଏ ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ରାସ୍ତାର ଉନ୍ନତିକରଣ ପାଇଁ ୨୬ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର ହୋଇଛି ।

# ଜାତୀୟ ଭଲିବଲରେ ବରଗଡ଼ର ଦୁଇ ଛାତ୍ର

**ବରଗଡ଼ ଅଫିସ୍,୨୮।୧୨**

ଜାତୀୟ ସ୍କୁଲ ଭଲିବଲ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଓଡ଼ିଶା ଟିମ୍‌ରେ ବରଗଡ଼ ବ୍ଲକ ତୋରା କଲେଜର ଦୁଇଛାତ୍ର ବାଲାଜୀ ଭୁଏ ଏବଂ ମିନୁ ପୋଢ଼ ମନୋନୀତ ହୋଇଛନ୍ତି । ଆସନ୍ତା ଜାନୁୟାରୀ ଦ୍ୱିତୀୟ ସପ୍ତାହରେ ତାମିଲନାଡୁରେ ହେବାକୁ ଥିବା ଜାତୀୟ ସ୍କୁଲ ଭଲି ପ୍ରତିଯୋଗିତାରେ ସେମାନେ ଓଡ଼ିଶା ଟିମ୍ ପକ୍ଷରୁ ଭାଗ ନେବେ । ପ୍ରକାଶଥାଉକି, ଶୁକ୍ରବାର ସମ୍ବଲପୁରସ୍ଥିତ ସମଲେଶ୍ୱରୀ କଲେଜ ପରିସରରେ ସିଏଚଏସସି ଆନ୍ତଃ କଲେଜ ଭଲିବଲ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରି ଉଭୟ ଛାତ୍ର ଏହି ସଫଳତା ପାଇଛନ୍ତି । ତାଙ୍କ ଏହି ସଫଳତାରେ କଲେଜରେ ଖୁସିର ଲହରୀ ଖେଳି ଯାଇଛି । ତୋରା କଲେଜର କ୍ରୀଡ଼ା ଶିକ୍ଷକ ସୁରେଶ କୁମାର ପରିଡ଼ାଙ୍କ ତତ୍ତ୍ୱାବଧାନରେ ସେମାନେ ପ୍ରଶିକ୍ଷଣ ପାଇଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୯ ଡିସେମ୍ବର, ୨୦୧୮



ଯଦି ସାଧନାରେ ଉନ୍ନତି ଲାଭ କରିବାକୁ ଚାହଁ, ତେବେ କପଟତା ତ୍ୟାଗ କର।

- ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ



### ସାଦା ପୋଷାକରେ ଥିବା ପୋଲିସ କନଷ୍ଟେବଲଙ୍କୁ ମାଡ଼

- ଅଭିଯୁକ୍ତଙ୍କ ଘରେ କିଛି କନେଷ୍ଟବଲ ପଶି ମାର୍‌ପିଟ କରିଥିବା ଅଭିଯୋଗ
- ଉଭୟ ପକ୍ଷର ୨ଟି ମାମଲା ରୁଜୁ

**ସୋନପୁର,୨୮।୧୨(ନି.ପ୍ର):** ସୁବର୍ଣ୍ଣପୁର ବସଷ୍ଟାଣ୍ଡରେ ସାଦା ପୋଷାକରେ ଛିଡା ହୋଇଥିବା ଏପିଆର କନଷ୍ଟେବଲ ଉମେଶ ମହାଲିଙ୍ଗଙ୍କୁ କେତେକ ଯୁବକ ଶୁକ୍ରବାର ନିସ୍ତୁକ ମାଡ ମାରିଛନ୍ତି । ଉମେଶଙ୍କ ଆଖିପତା ଉପରେ କ୍ଷତ ସୃଷ୍ଟି ହୋଇଛି। ମୁହଁ ଫୁଲି ଯାଇଛି। କଳିଙ୍ଗନଗରର ଷଷ୍ଠି ବାଗ ଓ ତାଙ୍କର ୮ ସହଯୋଗୀ ମାଡ ମାରିଥିବା ଅଭିଯୋଗ ହୋଇଛି। ସାମାନ୍ୟ କଥାକୁ ନେଇ ବସ୍‌ଷ୍ଟାଣ୍ଡରେ ଷଷ୍ଠି ଓ ଉମେଶଙ୍କର ବଚସା ହୋଇଥିଲା । ପରେ ଷଷ୍ଠି ଫୋନ ଯୋଗେ ନିଜର ସହଯୋଗୀଙ୍କୁ ଡାକି ଉମେଶଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏ ସମ୍ପର୍କରେ ସୂଚନା ପାଇ ଉମେଶଙ୍କ ସହଯୋଗୀ ତଥା କେତେକ କନେଷ୍ଟବଳ ଅଭିଯୁକ୍ତ ଷଷ୍ଠିଙ୍କ ଘରକୁ ଯାଇ ତାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ । ତେବେ ପରିବାରର ମହିଳାମାନେ ଏହାକୁ ବିରୋଧ କରିଥିଲେ । ଉଭୟ ପକ୍ଷ ମୁହାଁମୁହିଁ ଅବସ୍ଥାକୁ ଆସି ଯାଇଥିଲେ । ସୋନପୁର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ। ପରେ ଉଭୟ ପକ୍ଷ ଏସ୍‌ପି ଦେବୀପ୍ରସାଦ ଦାଶଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। କନେଷ୍ଟବଳ ଉମେଶ ମହାଲିଙ୍ଗ, ଷଷ୍ଠି ବାଗ ଓ ଅନ୍ୟ ୮ ଜଣଙ୍କ ନାମରେ ମରଣାନ୍ତକ ଆକ୍ରମଣ ନେଇ ଲିଖିତ ଅଭିଯୋଗ କରିଛନ୍ତି । ସେହିପରି ଷଷ୍ଠିଙ୍କ ଭଉଣୀ ରେବତୀ ବାଗ ଅଭିଯୋଗ କରିଛନ୍ତି ଯେ, ୬୦ ରୁ ୭୦ ଜଣ ପୋଲିସ କର୍ମଚାରୀ ତାଙ୍କ ଘରେ ପଶି ମାରପିଟ୍ କରିବା ସହ ମହିଳା ସଦସ୍ୟଙ୍କୁ ଆଶାଳୀନ ବ୍ୟବହାର ପ୍ରଦର୍ଶନ କରିଛନ୍ତି । ଅଭିଯୋଗ ଅନୁଯାୟୀ ପୋଲିସ ପୃଥକ ୨ ଟି ମାମଲା ରୁଜୁ କରିଛି ।

### ଉଲୁଣ୍ଡା ଧନୁଯାତ୍ରାର ପଞ୍ଚମ ରଜନୀ: କୃଷ୍ଣ ନିଧନ ପାଇଁ ପୁତନା ପ୍ରେରଣ

**ଉଲୁଣ୍ଡା ୨୮।୧୨ (ଡି.ଏନ.ଏ.)** ବିଜୁଳି କନ୍ୟାର ଚେତାବନୀ ‘ରେ ରେ କଂସ ତୋତେ ବଧିବ ଯିଏ ସେ ବଢୁଛି ଗୋପରେ, ଅଷ୍ଟ ବର୍ଷେ ବିନାଶିବ ଆସି ମଥୁରାରେ’ରେ ବ୍ୟତିବ୍ୟସ୍ତ ହୋଇ ମଥୁରାଧିପତି କଂସ ଗୋପରେ ବଢୁଥିବା ଶତ୍ରୁର ବିନାଶପାଇଁ ମନ୍ତ୍ରୀ ପାରିଷଦଙ୍କ ସହିତ ଆପାତ ବୈଠକ କରିଛନ୍ତି। ସ୍ମରଣ କରନ୍ତି ବିଷକନ୍ୟା ପୁତନାକୁ କୃଷ୍ଣଙ୍କ ବିନାଶ ସକାଶେ। ସ୍ତନ ଯୁଗଳରେ ହଳାହଳ ବିଷ ଧାରଣ କରି ବିଷକନ୍ୟା ପୁତନା ଗୋପପୁରର ସମସ୍ତ ଦୁଗ୍ଧପୌଷ୍ୟ ଶିଶୁଙ୍କୁ ନିଧନ କରିବା ପାଇଁ ଗୋପପୁରକୁ ଗମନ କରେ। ଏହାପରେ ରାକ୍ଷସ ରାଜ ଜରାସନ୍ଧଙ୍କୁ ଯୁଦ୍ଧରେ ଦମନ କରି କଂସ ତାଙ୍କ କନ୍ୟା ଯୁଗଳ ହେତୀ ଓ ପ୍ରହେତୀଙ୍କୁ ବିବାହ କରେ। ଏପଟେ କୃଷ୍ଣ ଓ ବଳରାମଙ୍କ ଗୋପପୁର ଆଗମନରେ ଉତ୍ସବମୁଖର ହୋଇ ପଡିଛି ଗୋପପୁର। ଏଭଳି ପୌରାଣିକ କଥାବସ୍ତୁରୁ ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ୧୨ତମ ବିରାଟ ଧନୁଯାତ୍ରା ମହୋତ୍ସବର ଶୁକ୍ରବାର ରାତିରେ କାର୍ଯ୍ୟକ୍ରମମାନ ଆୟୋଜିତ ହୋଇଛି। ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ, ଉଲୁଣ୍ଡା ପକ୍ଷରୁ ଆୟୋଜିତ ହେଉଥିବା ଏହି ଧନୁଯାତ୍ରା ମହୋତ୍ସବରେ ଗୋପପୁର ମଣ୍ଡପରେ କ୍ଷେମାଲୋଏର ଜସ୍ମିନ ଆଚାର୍ଯ୍ୟଙ୍କ ସଙ୍ଗୀତମୟ ସୁନ୍ଦରାକାଣ୍ଡ ପାରାୟଣ ହୋଇଯାଇଛି। କଂସ ରାଜଦରବାରରେ ବିଭିନ୍ନ ଆଲବମ କଳାକାର ତଥା ଆଞ୍ଚଳିକ ନୃତ୍ୟ ସହିତ ବିଳମ୍ବିତ ରାତ୍ରୀ ପର୍ଯ୍ୟନ୍ତ ମୀନାବଜାରର ମଜା ନେଉଥିଲେ ଦର୍ଶକ।

# ଭାଜପା କୃଷକ ମୋର୍ଚ୍ଚାର ଜିଲାପାଳ କାର୍ଯ୍ୟାଳୟ ଘେରାଉ

**ସୋନପୁର,୨୮।୧୨(ନି.ପ୍ର)**

ସୁବର୍ଣ୍ଣପୁର ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଜିଲା କୃଷକ ମୋର୍ଚ୍ଚା ସଭାପତି କରମଚାନ୍ଦ ମହାନ୍ତିଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ କୃଷକମାରଣ ନୀତି ବିରୋଧରେ ଏହି ଆନ୍ଦୋଳନ ହୋଇଥିଲା। ନଦୀ, ନାଳ ଘେରା ଜିଲାରେ ସବୁ ଜମିକୁ ଜଳସେଚନର ବ୍ୟବସ୍ଥା। ଅଦିନିଆ ବର୍ଷାରେ ଫସଲ ନଷ୍ଟ ହୋଇଥିବାରୁ କ୍ଷତିପୂରଣ ପ୍ରଦାନ ସହିତ ଜିଲାରେ ଅଭାବି ଧାନ ବିକ୍ରି ରୋକିବା, ଧାନମଣ୍ଡି ସବୁଦିନ ଖୋଲିବା ପାଇଁ ଦଳ ପକ୍ଷରୁ ଦାବି ହୋଇଥିଲା। ବଲାଙ୍ଗୀରର ପ୍ରାକ୍ତନ ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ ଏଥିରେ ଯୋଗଦେଇ ରାଜ୍ୟ ସରକାରଙ୍କୁ କଟୁ ସମାଲୋଚନା କରିଥିଲେ।



ସୁବର୍ଣ୍ଣପୁରରେ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା ।

ଚାଷୀମାନଙ୍କର ଋଣ ସମ୍ପୂର୍ଣ୍ଣ ଛାଡ, ସୁଧମୁକ୍ତ ଋଣ ପ୍ରଦାନ, ଚାଷୀମାନଙ୍କୁ ସହାୟକ ମୂଲ୍ୟ ୧୭୫୦ଟଙ୍କା ଉପରେ ବୋନସ ଆକାରରେ ଅଧିକ ୭୫୦ଟଙ୍କା କୁଇଣ୍ଟାଲ ପ୍ରତି ପ୍ରଦାନ, ମଣ୍ଡିରେ କଟ୍‌ନି ଛଟନି ବନ୍ଦ ପାଇଁ ଦାବି କରିଥିଲେ। ସଭାକୁ ଭାଜପା କୃଷକ ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ଗୌରଚନ୍ଦ୍ର ନାୟକ ସଂଯୋଜନା କରିଥିଲେ। ଭାଜପା ଜିଲା ସଭାପତି ବିଜୟ ମହାକୁର, ଜିଲା ପରିଷଦ ଅଧ୍ୟକ୍ଷା ଉଷା କୁମାରୀ, ଉପାଧ୍ୟକ୍ଷ ରୁଦ୍ର କିଶୋର ମହଲା, ପ୍ରାକ୍ତନ ବିଧାୟକ ଅଚ୍ୟୁତ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରମୋଦ ମହାପାତ୍ର, ବଳଦେବ ପ୍ରସାଦ ବେଦ୍‌ବାକ୍, ଆନନ୍ଦ ବାରିକ୍, ଅଶୋକ ପୂଜାରୀ, ଶିବରାମ ମିଶ୍ର, ବିମଳ ମିଶ୍ର, ଜିଲା ପରିଷଦ ସଦସ୍ୟ ତଥା ମହିଳା ମୋର୍ଚ୍ଚା ସଭାନେତ୍ରୀ ଗାୟତ୍ରୀ ପାଣିଗ୍ରାହୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋହିଣୀ ଡାଙ୍ଗ, ସୁଶାନ୍ତ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ବିଶି, ନଳିନୀ ପଣ୍ଡା, କୃଷକ ମୋର୍ଚ୍ଚାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କିଶୋର ହୋତା, ବଲାଙ୍ଗୀର ଜିଲା ପ୍ରଭାରୀ ରାଜକିଶୋର ମେଣ୍ଡଲି, ଅଶୋକ ପୃଷ୍ଟି, ଗଣେଷ ସାହୁ, ବଳରାମ ସୁନା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଚାଷୀ ସମସ୍ୟା ସମ୍ପର୍କିତ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା ।



### ଆହାର ଯୋଜନାରେ ମିଳିଲା ରାତ୍ରିକାଳୀନ ଭୋଜନ

**ସୋନପୁର,୨୮।୧୨(ନି.ପ୍ର)**

ରାଜ୍ୟ ସରକାର ଗରିବ ଶ୍ରେଣୀର ଲୋକଙ୍କୁ ଆହାର ଯୋଜନାରେ ରାତ୍ରିକାଳୀନ ଭୋଜନ ପ୍ରଦାନ ପାଇଁ ଘୋଷଣା କରିଥିଲେ। ଏହି ପରିପ୍ରେକ୍ଷିରେ ସୁବର୍ଣ୍ଣପୁର ଜିଲାରେ ଶୁକ୍ରବାରଠାରୁ ରାତ୍ରୀ କାଳୀନ ଆହାର ଭୋଜନର ଶୁଭାରମ୍ଭ ହୋଇଛି। ଜିଲା ସଦର ମହକୁମାର ଆହାର କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଏହି ସେବା ଆରମ୍ଭ ହୋଇଥିଲା। ପ୍ରଥମ ଦିନରେ ୨୦୦ଜଣଙ୍କୁ ରାତ୍ରୀକାଳୀନ ଭୋଜନ ଦିଆଯାଇଥିଲା। ଜିଲାପାଳ ମଧୁସୂଦନ ମିଶ୍ର ଉପସ୍ଥିତ ରହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ହୋଟେଲ, ଜଳଖିଆ ଦୋକାନ ଖାଦ୍ୟ ନମୁନା ଯାଞ୍ଚ

## ୨୭ କିଲୋ ବାସି ଖାଦ୍ୟ ନଷ୍ଟ, ୪ ନମୁନା ସଂଗ୍ରହ

**ସୋନପୁର,୨୮।୧୨(ନି.ପ୍ର)**

ହୋଟେଲ, ଜଳଖିଆ ଓ ଫାଷ୍ଟଫୁଡ୍ ଦୋକାନରେ ନିମ୍ନ ମାନର ଏବଂ ବାସି ଖାଦ୍ୟ ଦିଆଯାଉଛି। ଏଭଳି ଅଭିଯୋଗ ଆସିବା ପରେ ଶୁକ୍ରବାର ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରର ୨୪ଟି ହୋଟେଲ ଓ ଜଳଖିଆ ଦୋକାନରେ ଖାଦ୍ୟ ନମୂନା ଯାଞ୍ଚ ହୋଇଥିଲା । ଯାଞ୍ଚ ସମୟରେ ହୋଟେଲର ୨୭ କିଲୋ ବାସି ଖାଦ୍ୟ ନଷ୍ଟ କରାଯାଇଥିଲା। ସେହିପରି ୪ଟି ଦୋକାନରୁ ଖାଦ୍ୟ ନମୂନା ସଂଗ୍ରହ କରାଯାଇ ଭୁବନେଶ୍ୱର ସ୍ଥିତ ପରୀକ୍ଷାଗାରକୁ ପଠାଯାଇଛି। ଜିଲା ରୋଗ ସର୍ବେକ୍ଷଣ ଅଧିକାରୀ ଡାକ୍ତର ଜୟପ୍ରକାଶ ପ୍ରଧାନ, ସମ୍ବଲପୁର ଖାଦ୍ୟ ନିରୀକ୍ଷକ ପ୍ରତାପ ରୁଦ୍ର ମଣ୍ଡଳ, ସ୍ୱାସ୍ଥ୍ୟ ପରିଦର୍ଶକ ପ୍ରମୋଦ କୁମାର ସାହୁ ଓ କୈଳାଶ ଚନ୍ଦ୍ର ପାତ୍ର ପୋଲିସ ଟିମ୍ ଉପସ୍ଥିତିରେ ଖାଦ୍ୟ ନମୂନା ଯାଞ୍ଚ କରିଥିଲେ । ତେବେ ଏଭଳି ଯାଞ୍ଚ ନିୟମିତ କରାଯିବାକୁ ବୁଦ୍ଧିଜୀବୀ ମହଲରେ ଦାବି କରାଯାଇଛି ।



ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ସୋନପୁରର ଏକ ହୋଟେଲରେ ଖାଦ୍ୟ ନମୁନା ଯାଞ୍ଚ କରୁଛନ୍ତି ।

### ୩ ବଖରା ଜଳିଗଲା

**ଉଲୁଣ୍ଡା, ୨୮।୧୨(ଡି.ଏନ.ଏ.) :** ଉଲୁଣ୍ଡା ବ୍ଲକ କୋଟସମଲାଇ ପଞ୍ଚାୟତର ସୁନାପାଲି ଗ୍ରାମରେ ନିଆଁଲାଗି ଗୋଟିଏ ପରିବାରର ୩ ବଖରା ଘର ଭସ୍ମୀଭୂତ ହୋଇଯାଇଛି। ଉପରୋକ୍ତ ଗ୍ରାମର ଭୀମ ଭୋଇଙ୍କ ପରିବାର ସବୁଦିନ ଭଳି ଖାଇପିଇ ଶୋଇଥିବା ବେଳେ ରାତି ପ୍ରାୟ ୨ଟାରେ ଘରେ ନିଆଁଲାଗି ଯାଇଥିଲା। ପରିବାର ସଦସ୍ୟମାନେ ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଘରେ ଥିବା ଧାନ, ଚାଉଳ ସମେତ ଆସବାବ ପତ୍ର ପୋଡି ନଷ୍ଟ ହୋଇଯାଇଛି। ଖବର ପାଇ ଉଲୁଣ୍ଡା ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ତେବେ ଉକ୍ତ ପରିବାରଟି ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ପଏଁରୀ ତିହାର-୨୦୧୯

## ସାମିଲ ହେବେ ୭୦୦ କଳାକାର

**ସୋନପୁର,୨୮।୧୨(ନି.ପ୍ର)**

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାସ୍କୃତିକ ଅନୁଷ୍ଠାନ ପଏଁରୀ ପକ୍ଷରୁ ଆସନ୍ତା ଜାନୁଆରୀ ୧, ୨ ଓ ୩ ତାରିଖ ତିନିଦିନ ଧରି ୧୯ତମ ପଏଁରୀ ତିହାର-୨୦୧୯ ଅନୁଷ୍ଠିତ ହେବ । ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ, ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ, ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ଭୁବନେଶ୍ୱର ଏବଂ ଜିଲା ସଂସ୍କୃତି ପରିଷଦ ସୁବର୍ଣ୍ଣପୁର ଏହି ଜାତୀୟ ପାରମ୍ପରିକ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ଆୟୋଜନରେ ସହଯୋଗ କରୁଛନ୍ତି। ଏଥିପାଇଁ ଅନୁଷ୍ଠାନ ପକ୍ଷରୁ ପଏଁରୀ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ ହୋଇଥିଲା। ତିହାର ସ୍ଥାନୀୟ ଭୀମଭୋଇ କଳା ମଣ୍ଡପରେ ଅନୁଷ୍ଠିତ ହେବ। ଏହି ଅବସରରେ ୧ ତାରିଖ ପୂର୍ବାହ୍ନ ସାଢେ ୯ଟାରେ ଅନୁଷ୍ଠାନର କଳାକାର, କର୍ମକର୍ତ୍ତା, ବିଭିନ୍ନ ବ୍ଲକରୁ ଆସିଥିବା ପାରମ୍ପରିକ କଳାକାର ଓ ଲୋକ ସଙ୍ଗୀତକାର ମାନଙ୍କୁ ନେଇ ଏକ ଶୋଭାଯାତ୍ରା ସୁରେଶ୍ୱରୀ ମନ୍ଦିରରୁ ବାହାରି ସହର ପରିକ୍ରମା କରିବ। ଶୋଭାଯାତ୍ରାରେ ଲୁଚି ଯାଇଥିବା ପ୍ରାଚୀନ ପାରମ୍ପରିକ ଲୋକକଳା ଧୁନକେଲ, ଡଡ଼ଁ ଘୁବ୍‌କୁଡୁ, ଘୁଁ ଘିଁ ନାଦିଆ, ହଲିଆ ଗୀତ, ସାପୁଁଆ କେଲା, ଡାଲଖାଇ, କରମସାନୀ, ଛେରଛେରା, ସଞ୍ଚାର, ସଂକିର୍ତ୍ତନ୍ୟ, ଖଜଣୀ ଭଜନ ଓ ଶୋହଳ ଶୁଆଙ୍ଗ ଦଣ୍ଡ ପ୍ରଦର୍ଶିତ ହେବ। ଉଦ୍‌ଘାଟନୀ ଉତ୍ସବ ଓ ସଭା ପରେ ଜିଲାସ୍ତରୀୟ କଳାକାରମାନେ ପାରମ୍ପରିକ ଲୋକକଳା ପ୍ରଦର୍ଶନ କରିବେ। ସନ୍ଧ୍ୟାରେ ସୋନପୁର ପଏଁରୀ, ମେଣ୍ଡାମାଳର ଭୂଷଣ ଦେହୁରୀ ଓ ସାଥୀ, ଗଞ୍ଜାମ ଲୋକନୃତ୍ୟ ଦଳ, ନୃତ୍ୟପ୍ରତିଭା କେସିଙ୍ଗା ଓ ମଧ୍ୟପ୍ରଦେଶର ଦର୍ଶନ ଲୋକକଳା ସଂସ୍ଥାନ ଲୋକନୃତ୍ୟ ପରିବେଷଣ କରିବାର କାଯର୍ୟକ୍ରମ ରହିଛି । ୨ ତାରିଖ ପୂର୍ବାହ୍ନରେ ପଶ୍ଚିମ ଓଡିଶାର ଲୋକଗୀତ : ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ଶିର୍ଷକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଲୋକଗୀତ ଓ ପରେ ରାଜ୍ୟ ଏବଂ ରାଜ୍ୟ ବାହାରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବେ। ୩ ତାରିଖ ପୂର୍ବାହ୍ନରେ ହଜି ଯାଉଛେ ଆମର ଲୋକନାଟକ ଶିର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ସନ୍ଧ୍ୟାରେ ଲୋକଗୀତ ଓ ବିଭିନ୍ନ ଅନୁଷ୍ଠାନର କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାଯର୍ୟକ୍ରମ ପରିବେଷଣ ହେବ। ତିନିଦିନ ଧରି ଉତ୍ସବରେ ରାଜ୍ୟ ଓ ରାଜ୍ୟ ବାହାରର ୧୭ଟି ଦଳର ୭ଶହରୁ ଉର୍ଦ୍ଧ୍ୱ କଳାକାର ଯୋଗଦେବେ। ଏହି ଅବସରରେ କଣ୍ଠଶିଳ୍ପୀ ମାଧବ ଚନ୍ଦ୍ର ଭୋଇ, ଲୋକନୃତ୍ୟରେ ଗଙ୍ଗାଧର ଦାସ ଓ ଲୋକବାଦ୍ୟ ଶିଳ୍ପୀ ସୁରେଶ ବର୍ଗର୍ତ୍ତିଙ୍କୁ ପଏଁରୀ ସମ୍ମାନ ପ୍ରଦାନ କରାଯିବ। ଗୌରବମୟ ଲୋକକଳାର ସୁରକ୍ଷା, ପୁନରୁଦ୍ଧାର ଓ ପ୍ରସାର ଏହି ତିହାରର ଲକ୍ଷ୍ୟ ବୋଲି ପଏଁରୀର ସମ୍ପାଦକ ଚୌଧୁରୀ ବିଭାର, ସଭାପତି ଲଡୁକିଶୋର ମଲ୍ଲିକ, ଅନୁଷ୍ଠାନର ଉପଦେଷ୍ଟା ଶ୍ରୀବତ୍ସ ମଲ୍ଲିକ୍ ଓ ସାମାଜିକକର୍ମୀ ଲକ୍ଷ୍ମୀନାରାୟଣ ମେହେର ପ୍ରମୁଖ ଜଣାଇଛନ୍ତି।




ପଏଁରୀ ତିହାର ସମ୍ପର୍କରେ କର୍ମକର୍ତ୍ତା ସୂଚନା ଦେଉଛନ୍ତି।

## ହାତୀ ଆକ୍ରମଣରେ ଚାଷୀ ଗୁରୁତର

**ବୀରମହାରାଜପୁର, ୨୮।୧୨ (ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନ୍ଦୁରିଆପାଲି ପଞ୍ଚାୟତ ଅନ୍ତର୍ଗତ ଖଇରମାଳ ଗ୍ରାମର ନେପାଳ ବାଙ୍କ (୫୫) ନାମକ ଜଣେ ଚାଷୀ ଶୁକ୍ରବାର ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ନେପାଳ ପୂର୍ବାହ୍ନ ପ୍ରାୟ ୧୦ଟାରେ ଗାଁ ନିକଟ ଜମିକୁ କପା ତୋଳିବା ପାଇଁ ଯାଇଥିବା ବେଳେ ହାତୀ ହାବୁଡରେ ପଡିଥିଲେ। ଭୟରେ ଚିତ୍କାର କରି ପାଖରେ ଥିବା ଏକ ଗଛକୁ ଚଢିବା ପାଇଁ ଉଦ୍ୟମ କରୁଥିବା ସମୟରେ ହାତୀ ତାଙ୍କୁ ଯାଣି ଆଣି ଦୂରକୁ ଫିଙ୍ଗି ଦେଇଥିଲା। ଗାଁ ଲୋକ ସଂଘବଦ୍ଧ ଭାବେ ନିଆଁହୁଳା ଓ ଫଟକା ଫୁଟାଇ ଧାଇଁବାର ଦେଖୀ ହାତୀଟି ସେଠାରୁ ଜଙ୍ଗଲ ପଟକୁ ଚାଲିଯାଇଥିଲା। ଗୁରୁତର ଅବସ୍ଥାରେ ନେପାଳଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରାଯାଇ ୧୦୮ ଆମ୍ବୁଲାନ୍ସ ଯୋଗେ ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଚାଷୀ ଜଣକ ନିହାତି ଗରିବ ହୋଇଥିବାରୁ ଜରୁରୀ ଖର୍ଚ୍ଚ ନିମନ୍ତେ ଉପଜିଲାପାଳ ସୁବ୍ରତ ବେହେରା ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିଥିବା ଜଣାପଡିଛି। ଗତ ଏକ ସପ୍ତାହ ହେଲା ଉକ୍ତ ହାତୀଟି ସମ୍ପୃକ୍ତ ଅଞ୍ଚଳରେ ଉତ୍ପାତ କରୁଥିବାରୁ ବ୍ୟାପକ ଫସଲହାନୀ ସହ ବାଡିବଗିଚା ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି।



ଡାକ୍ତରଖାନା ନେବା ପାଇଁ ଗୁରୁତର ଚାଷୀଙ୍କୁ ଷ୍ଟ୍ରେଚରରେ ଆମ୍ବୁଲାନ୍ସ ପାଖକୁ ନିଆଯାଉଛି।

ଲୁତୁରପଙ୍କ କ୍ରିକେଟ

## ରେଲୱେ ରାଞ୍ଚି ଫାଇନାଲରେ

**ଅମରପାଲି, ୨୮।୧୨ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଲୁତୁରପଙ୍କଠାରେ ଚାଲିଥିବା ୨୩ତମ ସର୍ବଭାରତୀୟ ଜୟ ଜଗନ୍ନାଥ ଲୁତୁରପଙ୍କ କ୍ରିକେଟ କପ୍‌ର ଅନ୍ତିମ ସେମିଫାଇଲରେ ଆରୱାଇସିସି ରାଉରକେଲାକୁ ହରାଇ ରେଲୱେ ରାଞ୍ଚି ଫାଇନାଲରେ ପ୍ରବେଶ କରିଛି। ରାଞ୍ଚି ଦଳ ଟସ୍ ଜିଣି ପ୍ରଥମେ ଖେଳାଯାଇଥିବା ଟି୨୦ ମ୍ୟାଚ୍‌ରେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୨୬ରନ୍ କରିଥିଲା। ଦଳର ସୁରଜ ଯାଦବ ୩୫ ଓ ବିନୟ ସିଂ ୩୧ରନ୍ କରିଥିଲେ। ବିପକ୍ଷ ରାଉରକେଲାର ସାଗର ରାଉତ ଓ ଆଶିଷ ୨ଟି ଲେଖାଏଁ ଉଇକେଟ ନେଇଥିଲେ। ଯବାବରେ ରାଉରକେଲା ଦଳ ୧୫.୩ ଓଭରରେ ସମସ୍ତ ଉଇକେଟ ହରାଇ ୯୦ରନ୍ କରିଥିଲା। ଦଳର ଅମିତ ୩୨ ଓ ଗଙ୍ଗା ୨୩ ଓ ସାଗର ରାଉତ ୬୧ ରନ୍ କରିଥିଲେ। ବିପକ୍ଷ ରାଞ୍ଚିର ରବି ଯାଦବ ୩ଟି ଓ ବିନୟ ସିଂ ୨ଟି ଉଇକେଟ ନେଇଥିଲେ।

ପରେ ଖେଳାଯାଇଥିବା ଟି-୧୦ ମ୍ୟାଚ୍‌ରେ ନିର୍ଦ୍ଧାରିତ ୧୦ ଓଭରରେ ରାଞ୍ଚି ୭ଉଇକେଟ ହରାଇ ୮୮ ରନ୍ କରିଥିଲା। ଦଳର ଧର୍ମେନ୍ଦ୍ର ୨୬ରନ୍ କରିଥିବା ବେଳେ ବିପକ୍ଷ ଦଳର ମହମ୍ମଦ ଆବ୍ରାମ ୨ଟିଉଇକେଟ ନେଇଥିଲେ। ଯବାବରେ ରାଉରକେଲା ଦଳ ନିର୍ଦ୍ଧାରିତ ୧୦ଓଭରରେ ୭ ଉଇକେଟ ହରାଇ ୮୮ରନ କରିଥିଲା। ଫଳରେ ଟି-୧୦ ମ୍ୟାଚ୍ ଟାଇ ହୋଇଥିଲା। ଦଳର ଅମିତ ୩୬ରନ୍ ଓ ଅନିକେ ୨୨ରନ୍ କରିଥିଲେ। ବିପକ୍ଷ ରାଞ୍ଚିର ବିନୟ ସିଂ ୨ଟି ଉଇକେଟ ନେଇଥିଲେ। ଫଳରେ ରାଞ୍ଚିଦଳ ୧-୦ରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ପୀତାମ୍ବର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ସୁଜାତା ସାହୁ, ସିଆରସିସି ପ୍ରଦୀପ ଜଗଦଲା ଓ ବିଜୁ ଯୁବ ବାହିନୀର ସଭାପତି ରାଧାମାଧବ ବେହେରା ଅତିଥି ଭାବେ ଯୋଗଦେଇ ରାଞ୍ଚିର ବିନୟ ସିଂଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ପୂର୍ବରୁ ବିଡିଓ ଅଭିମନ୍ୟୁ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଖେଳଟିକୁ ଓସିଏ ମାନ୍ୟତାପ୍ରାପ୍ତ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଓ ଶ୍ୟାମସୁନ୍ଦର ପଣ୍ଡା ପରିଚାଳନା କରିଥିବାବେଳେ ବାଙ୍କବିହାରୀ ମହାକୁର ସ୍କୋରିଂ, ପ୍ରଭୁଦତ୍ତ ବେଦୋକ୍ତା ଅନଲାଇନ ସ୍କୋରିଂ ଏବଂ ମ୍ୟାକ୍‌ମିଲନ ଧାରା ବିବରଣୀ ପ୍ରଦାନ କରିଥିଲେ। ଶନିବାର ଟୁର୍ନାମେଣ୍ଟର ଫାଇନାଲ ବିବି ସ୍ପୋର୍ଟିଂ ରାୟପୁର ଓ ରେଲୱେ ରାଞ୍ଚି ମଧ୍ୟରେ ହେବ ବୋଲି ଆୟୋଜକ ସୁଶିଲ ପ୍ରଧାନ ପ୍ରକାଶ କରିଛନ୍ତି।



ରାଞ୍ଚି ଦଳର ବିନୟ ସିଂଙ୍କୁ ମ୍ୟାନ୍ ଅଫ ମ୍ୟାଚ୍ ପୁରସ୍କୃତ କରାଯାଉଛି।

## ୭୦ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

### ପ୍ରେସ୍ ବିଜ୍ଞପ୍ତି

ନଂ. ୮୩/ Res. ତା.୨୮.୧୨.୨୦୧୮

ଅଦ୍ୟ ତା. ୨୮.୧୨.୨୦୧୮ରିଖ ଅପରାହ୍ନ ୩ ଘଟିକା ସମୟରେ ଧନୁଯାତ୍ରା ଜମି ଆବଣ୍ଟନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଟ୍ରେଡ୍‌ଫେୟାର ପାଇଁ ଏକଗୋଟି ଟେଣ୍ଡର ପ୍ରାପ୍ତ ହୋଇଥିଲା, ଯାହାର ଡାକ ମୂଲ୍ୟ ସର୍ବନିମ୍ନ ମୂଲ୍ୟଠାରୁ ଅଧିକ ଥିଲା, ତେଣୁ ଟ୍ରେଡ୍‌ଫେୟାର ଟେଣ୍ଡର ଚୂଡାନ୍ତ କରାଗଲା।

ଟ୍ରେଡ୍‌ଫେୟାର ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳ ନିମିତ୍ତ କୌଣସି ଟେଣ୍ଡର ଫର୍ମ ପଡି ନଥିବାରୁ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୯୪୧୪/ ତା ୨୦.୧୨.୨୦୧୮ରିଖ ଅନୁଯାୟୀ ତା ୩୦.୧୨.୨୦୧୮ରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଟେଣ୍ଡର ଫାଇନାଲ ନିମନ୍ତେ ବୈଠକ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି କରାଗଲା। ତେଣୁ ଇଚ୍ଛୁକ ନିଲାମଧାରୀ ଆସନ୍ତା ତା ୩୦.୧୨.୨୦୧୮ରିଖ ଅପରାହ୍ନ ୨ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଟେଣ୍ଡର ଫର୍ମ ଦାଖଲ କରିପାରିବେ।

ବରଗଡ଼ର କିଛି ବ୍ୟବସାୟୀଙ୍କର ଲିଖିତ ଆବେଦନକୁ ବିଚାରକୁ ନେଇ ଜମି ଆବଣ୍ଟନ କମିଟି ଦ୍ୱାରା ପୂର୍ବ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଥିବା ସର୍ବନିମ୍ନ ମୂଲ୍ୟକୁ ନିମ୍ନମତେ କମ କରାଗଲା।

| Zone No. | Zone Name | Previous Up-set Price (In Rs.) | Revised Up-Set Price (in Rs.) |
|---|---|---|---|
| 2A | JHULA i) Near Trade Fair | 18,50,000/- | 16,17,000/- |
| 2B | ii) From Maharaja Gali to SBI Gali | 18,38,000/- | 16,10,000/- |
| 3A | MEENA BAZZAR i) Near Pallishree Mela & Trade Fair | 14,00,000/- | 13,36,000/- |
| 3B | SMALL SHOP ii) Near SBI Gali | 8,50,000/- | 8,28,000/- |
| 3C | SMALL SHOP iii) Near Food Fest | 9,00,000/- | 8,53,000/- |
| PARKING PLACE | | | |
| Sl. No. | Place | Previous Up-Set Price (in Rs.) | Revised Up-Set Price (in Rs.) |
| 1 | Kacheri Field | 1,25,000/- | 1,15,000/- |
| 2 | Sales-Tax Field | 70,000/- | 67,000/- |
| 3 | Mahadev Temple to Super Market (Except VSS Nagar Durga Mandap) | 1,00,000/- | 67,000/- |
| 4 | Behind Women's College | 15,000/- | 11,000/- |

**ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଲା :**

ପୂର୍ବବର୍ଷ ଭଳି ପାର୍କିଂ ଫି ସାଇକେଲ ନିମନ୍ତେ ଟ.୫/-, ମୋଟର ସାଇକେଲ ନିମନ୍ତେ ଟ. ୧୦/- ଓ କାର୍ ନିମନ୍ତେ ଟ. ୨୦/- ବଳବତ୍ତର ରହିଲା। ବର୍ଦ୍ଧିତ ପାର୍କିଂ ଫି କୁ ପ୍ରତ୍ୟାହାର କରାଗଲା। ଅଧିକ ପାର୍କିଂ ଫି ଆଦାୟ ବିରୁଦ୍ଧରେ ପୋଲିସ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା।

ସ୍ୱା./- ଉପ-ଜିଲ୍ଲାପାଳ ତଥା ଆବାହକ, ଜମି-ଆବଣ୍ଟନ କମିଟି
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼



“ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା

**ସଂକ୍ଷେପରେ**

## ଦୁରଦିନ୍‌ରେ ଏଚ୍‌ଆଇଭି ପୀଡ଼ିତାଙ୍କର ପରିବାର

**ଲାଠୋର,୨୮।୧୨(ଡି.ଏନ୍.ଏ) :** ଖପ୍ରାଖୋଲ ବ୍ଲକ୍‌ର ଲାଠୋର ପଁଚେତ୍‌ରେ ଝନେ ଏଚ୍‌ଆଇଭି ପୀଡ଼ିତ୍ ମହିଲା ନିଜର ଦୁଇ ଛୁଆକୁ ନେଇ ବଡ଼ା ଗୁଲଗୁଲା ହେଇ ରହୁଛନ୍। ପରିବାରଟା ଆଗ୍‌ରୁ ପରହର ଘରେ କାମବୁତା କରବାର ସଂଗେ ବାହାର ରାଏଜ୍‌କେ ଦାଦନ ଯାଇ ପେଟ ପାଲୁଥିଲେ। ୪ ବଛର ତଲେ ଖରର ମୁଖିଆ ନିଜେ ଏଚଆଇଭି ପୀଡ଼ିତ ବଲି ଜାନଲାରୁ ବଲାଙ୍ଗୀର ଡାକ୍‌ତରଖାନାରୁ ଉଷୋକସା ଆନି ଖାଉଥିଲେ। ଗଲା ଡିସେମ୍ବର ୨୦୧୭ରେ ତାକର ଦିହିପା ଖରାପ ହେଲାରୁ ଘରର ଲୋକ୍ ବଲାଙ୍ଗୀର ଡାକ୍‌ତରଖାନାରେ ଭରତି କଲେ, ସେଠାନେ ଚିକିତ୍ସାଧିନ୍ ଅବସ୍ତାରେ ୨୨.୧୨.୧୦୧୭ରେ ତାକର ମୁର୍‌ତୁ ହେଇଥିଲା। ଘରର ମୁଖିଆକେ ହରେଇ ପରିବାର ଲୋକ୍ ବେସାହାରା ହେଇଗଲେ। ଇଆଡ଼େ ମାଏକିନା ବି ଏଚଆଇଭିରେ ପୀଡ଼ିତ ଥିଲା ବେଲେ ସାମାଜିକ ବାସଁଦ୍ ଆର ଦିହିପା ଦୁରୁଷ୍‌ଟିରୁ ସେ କାମ୍‌ବୁତା ନାଇଁ କରିପାରବାର। ଏନ୍‌ତାଥି ଘରର ବୁଢ଼ୀ ମା' ଦୁଇ ନାତି ନାତେନକେ ଆର ବହକେ ଚଲଉଛନ୍। ସରକାରୀ ସାହାଯ୍ ବଏଲେ ପୀଡ଼ିତାକୁଁ ମାସିକ ୩ ଶହ ଟଁକା ଭତା ଆର ୧୫ କେ.ଜି. ଚାଉଲ ମିଲୁଛେ। ପରିବାରଟା ସୁଖବାସୀ ହେଇଥିଲା ବେଲେ ଗୁଟେ ଗୋଚର ଜମିରେ କୁରିଆ ମାରି ରହୁଛନ୍। ଗଲା ୨୦୧୭ରେ ତାକର ପରିବାରକେ ପରିବାର ମଙ୍ଗଳ ଯୋଜନାରେ ସାମିଲ କରବାର ଲାଗି ଲାଠୋର ପଁଚେତର କାର୍ଯ୍ୟନିର୍ବାହୀ ଅଧିକାରୀ ତଦଁତ୍ କରିଥିଲେ। ହେଲେ ଆଏଜ୍ ତକ୍ ପରିବାରଟା ପରିବାର ମଙ୍ଗଳ ଯୋଜ୍‌ନାର ଲାଭ୍, ଖାସ ଭତା, ଘରଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ଯେନ୍‌ଥିରଲାଗି ପରିବାରଟା ଦୁରଦିନ୍‌ରେ ଗତି କରୁଛେ। ଇ ବାବ୍‌ଦେ ଲାଠୋର ପଁଚେତର କାର୍ଯ୍ୟନିର୍ବାହୀ ଅଧିକାରୀ ପି.କେ.ଶତପଥୀକୁଁ ଯୋଗାଯୋଗ କଲାରୁ ଆଗର ତଦଁତ ବାବ୍‌ଦେ ମୁଇଁ ନାଇଁଜାନି। ନିଜେ ଘଟନାର ତଦଁତ କରି ଯେନ୍‌ଟା ହେବା ଉପର ଅଧିକାରୀମାନକର ସଂଗେ କଥା ହେଇ ସରକାରୀ ସାହାଯ୍ ଯୁଗେଇ ଦେବାର ବେବସ୍‌ତା କରମି ବଲି କହିଥିଲେ। ଜିଲା ପରଶାସନ ପୀଡ଼ିତା ଆର ତାକର ଦୁଇ ଛୁଆକୁ ଦୁରୁଷ୍‌ଟି ଦେଇ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍।

ଟିଟିଲାଗଡ଼ ଜିଲା ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପଦଯାତ୍ରୀ ରଞ୍ଜନ, କ୍ରିୟାନୁଷ୍ଠାନ କମିଟି

**ଟିଟିଲାଗଡ଼, ୨୮।୧୨ (ଡି.ଏନ୍.ଏ)**

ଟିଟିଲାଗଡ ଜିଲା ଦାବିକୁ ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ୫୮ ଦିନ ଧରି ଉପଖଣ୍ଡ ଅଞ୍ଚଳରେ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ନଭେମ୍ବର ୧ ଓ ତାରିଖ ଠାରୁ ଗଣଧାରଣା ଜାରି ରହିଥିବା ବେଳେ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସଂଗଠନ, ରାଜନେତା, ଲୋକପ୍ରତିନିଧି, ଆଇନଜୀବୀ ଆନ୍ଦୋଳନକୁ ସମର୍ଥନ ଜଣାଇ ଆସିଛନ୍ତି। ଅପରପକ୍ଷରେ ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଭୁବନେଶ୍ୱର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ଆଲୋଚନା କରିଥିବା ଜଣାଯାଇଛି। କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଟିଟିଲାଗଡ ବାର ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢ଼ୀ, ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ବିଧାୟିକା ଟୁକୁନୀ ସାହୁଙ୍କ ସହ ମୁଖ୍ୟମନ୍ତ୍ରୀ ସାକ୍ଷାତ ଆଲୋଚନା କାଳରେ ନିଶ୍ଚିତ ଭାବରେ ଏନେଇ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏ ନେଇ ଏକ ଦାବି ପତ୍ର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ନିଶ୍ଚିତ ଭାବରେ ବିଚାର କରିବି ବୋଲି କହିଥିବା କ୍ରିୟାନୁଷ୍ଠାନ କମିଟି ଆବାହକ ସାହୁ କହିଛନ୍ତି। ଅପରପକ୍ଷରେ ସଚିବାଳୟରେ ବରିଷ୍ଠ ସଚିବଙ୍କ ସହ ଆଲୋଚନା କାଳରେ କମିଟି ସଦସ୍ୟ ଉପଖଣ୍ଡବାସୀଙ୍କ ନ୍ୟାୟୋଚିତ ଦାବି ପ୍ରତି ତୁରନ୍ତ ବିଚାର କରିବାକୁ ଅନୁରୋଧ କରିଥିବା ଜଣାଯାଇଛି।



ଜିଲା ଦାବି ନେଇ ପଦଯାତ୍ରା ପରେ ଭୁବନେଶ୍ୱରରେ ପହଞ୍ଚିଥିବା ଯୁବ ସଂଗ୍ରାମୀ ରଞ୍ଜନ ଖୁଆସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି।

ଅପରପକ୍ଷରେ ଟିଟିଲାଗଡ ଜିଲା ଦାବି ନେଇ ଦୀର୍ଘ ୫୨୦ କିଲୋମିଟର ପଦଯାତ୍ରା ପରେ ଭୁବନେଶ୍ୱରରେ ପହଞ୍ଚିଥିବା ଯୁବ ସଂଗ୍ରାମୀ ରଞ୍ଜନ ଖୁଆସ ମଧ୍ୟ ସନ୍ଧ୍ୟାରେ ଟିଟିଲାଗଡ ବିଧାୟିକା ସାହୁ, କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସହ ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିଥିବା ଜଣାଯାଇଛି। ଏହି ସମୟରେ ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶି, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂଭୋଇ, ସଞ୍ଜୟ ବେହେରା, ବିଜେଡି ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ପ୍ରଧାନ, ତୁଳସୀ ସାହୁ, ଆଲୋକ ନାୟକ, ଦିଲୀପ ବାଗ, ବାଳକୃଷ୍ଣ ଷାଣ୍ଡ, ହିମାଞ୍ଚଳ ବୁଡେକ, ଗୋପିନାଥ ପାଣିଗ୍ରାହୀ, ସୁବାଶ ଜୈନ, ଜିତୁ ସାହୁ, ଅରୁଣ ବାଗ, ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ଟିଟିଲାଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ବାଇକ୍ ଆରୋହୀଙ୍କୁ ଚାପିଦେଲା ଟ୍ରକ୍

**ବଲାଙ୍ଗୀର ଅଫିସ, ୨୮।୧୨**

ବଲାଙ୍ଗୀର ସହରର ଶିବ ମନ୍ଦିର ଛକରେ ଶୁକ୍ରବାର ରାତି ପ୍ରାୟ ୧୧ଟା ୧୫ରେ ଜଣେ ବାଇକ ଆରୋହୀଙ୍କୁ ଏକ ମାଲ ବୋଝେଇ ଟ୍ରକ ଚାପି ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଗାନ୍ଧୀ ନଗରପଡାର ଗୋପାଳ ମିଶ୍ର। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ ସହ ଅନ୍ୟ ଏକ ଟ୍ରକକୁ ଜାଳି ଦେଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଦମକଳ ସହ ପହଞ୍ଚି ଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ନିଆଁ ଲିଭାଇବାକୁ ଛାଡ଼ି ନ ଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ଟ୍ରକରେ ଲାଗିଥିବା ନିଆଁକୁ ଲିଭାଇବାକୁ ଅଗ୍ନିଶମ କର୍ମଚାରୀଙ୍କୁ ଛଡ଼ା ଯାଇଥିଲା। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକ ରହିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିପାରିନାହିଁ। ଏହି ଆନ୍ଦୋଳନରେ ଯୁବ କଂଗ୍ରେସ ଓ ବଲାଙ୍ଗୀର ଆକ୍ସନ କମିଟି କର୍ମକର୍ତ୍ତା ସାମିଲ ହୋଇ ବାଇପାସ୍ ରାସ୍ତା ନିର୍ମାଣ ଦାବି କରିଛନ୍ତି। ସହରର ଏକ ମହିନ୍ଦ୍ରା ଶୋରୁମ୍‌ରେ କାମ କରୁଥିବା ଗୋପାଳ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ବରଗଡ଼ ପଟୁ ଟିଟିଲାଗଡ଼ ଅଭିମୁଖେ ଯାଉଥିବା ଏକ ମାଲ ବୋଝେଇ ଟ୍ରକ ତାଙ୍କୁ ସାମନା ପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିବା ସହ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ବଲାଙ୍ଗୀର ଗସ୍ତର କେଇ ଘଣ୍ଟା ପୂର୍ବରୁ ବଲାଙ୍ଗୀର ସହର ଅଶାନ୍ତ ହୋଇ ପଡିବା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ସୂଚନାଯୋଗ୍ୟ, ମୃତ ଗୋପାଳ ୬ମାସ ତଳେ ବିବାହ କରିଥିଲେ।



ବଲାଙ୍ଗୀର ସହରରେ ଟ୍ରକ୍ ଧକ୍କାରେ ଯୁବକ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକେ ଜାଳି ଦେଇଥିବା ଟ୍ରକ ଓ ମୃତ ଯୁବକ (ଇନ୍‌ସେଟ୍)।

## ୫୮ ଦିନରେ ଟିଟିଲାଗଡ଼ ଜିଲା ଦାବି ଗଣଧାରଣା

**ଟିଟିଲାଗଡ଼, ୨୮।୧୨ (ଡି.ଏନ୍.ଏ)**

ଟିଟିଲାଗଡ ଜିଲା ଆନ୍ଦୋଳନରେ ଶୁକ୍ରବାର ମୁରିବାହାଲ ବ୍ଲକ ଅନ୍ତର୍ଗତ ବିଟାବନ୍ଧ ଗ୍ରାମ ପଞ୍ଚାୟତବାସୀ ଓ ଯୁବକ ସଂଗଠନ ସମର୍ଥନ କରି ରାସ୍ତାକୁ ଓହ୍ଲାଇଛି। ସରପଞ୍ଚ ଅଗସ୍ତି ବାଗ, ନାଏବ ସରପଞ୍ଚ ତେଜରାଜ ଲୁହା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଯୁବକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ପରେ ଗଣଧାରଣାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଜେନ୍ଦ୍ର ସାହୁ, ପରମେଶ୍ୱର କଟା, ଯଦୁ ତାଣ୍ଡି, ଶୁକ୍ରୁ ରଣା, ଖଣ୍ଡେଶ୍ୱର ଘିବେଲା, ପିନ୍ଟୁ ଲୁହା, ସୁଦାମ ଷଡଙ୍ଗୀ, ଲକ୍ଷେଶ୍ୱର ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

## ୩୦ରେ ନାରାୟଣ ସାଗର ପାଣି ନିଷ୍କାସନ, ଚିନ୍ତାରେ ମତ୍ସ୍ୟଜୀବୀ

**ଲୋଇସିଂହା,୨୮।୧୨(ଡି.ଏନ୍.ଏ.)**

ଲୋଇସିଂହା ତିଅରପଡା ମତ୍ସ୍ୟଜୀବୀ ପରିବାର ତଥା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନାରାୟଣ ସାଗରର ଉନ୍ନତୀକରଣ ପାଇଁ ପାଣି ନିଷ୍କାସନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୩୦ତାରିଖ ଦିନ ଧାର୍ଯ୍ୟ କରାଯାଇଛି। ଏହା ଜାଣିବା ପରେ ସ୍ଥାନୀୟ ମତ୍ସ୍ୟ ସମିତି ସଦସ୍ୟ ଓ ତାଙ୍କ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। ନାରାୟଣ ସଗାରର ଉନ୍ନତୀକରଣକୁ ସେମାନଙ୍କ ବିରୋଧ ନାହିଁ ବୋଲି କହିଛନ୍ତି। ଚଳିତ ବର୍ଷ ଲକ୍ଷାଧିକ ଟଙ୍କା ଋଣ କରି ଯାଆଁଳ ଛାଡିଥିବା ଟଙ୍କା ପରିଶୋଧ ଓ ପରିବାର ଚଳଣି ଉପରେ ଜିଲା ପ୍ରଶାସନ ଓ ସରକାର ଦୃଷ୍ଟିଦେବାକୁ ବୈଠକରେ ମତପ୍ରକାଶ ପାଇଥିଲା। ପ୍ରାଥମିକ ମତ୍ସଜୀବୀ ସମବାୟ ସମିତି ସଭାପତି ଚନ୍ଦ୍ରଶେଖର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବାବୁଲାଲ ବେହେରା, ସମିତି ଅଧୀନ ୫୯ ସଦସ୍ୟଙ୍କ ପରିବାର ଉପସ୍ଥିତ ଥିଲେ। ସମିତିର ବରିଷ୍ଠ ସଦସ୍ୟ କାର୍ତ୍ତିକ ବେହେରାଙ୍କ ସୂଚନାକ୍ରମେ ୫୪ହେକ୍ଟର ପରିସୀମା ନାରାୟଣ ସାଗରରୁ ସ୍ଥାନୀୟ ମତ୍ସ୍ୟଜବୀ ପରିବାର ମାଛ ମାରି ପରିବାର ନିର୍ବାହ କରି ଆସୁଛନ୍ତି। ୧୯୫୨ ମସିହାରୁ ଏକ ସମିତି ଗଠନ ହୋଇଛି । ଏହି ସମିତି ୧୯୬୪ରେ ସରକାରୀ ଭାବେ ପଞ୍ଜୀକୃତ ହୋଇଥିଲା । ସେବେଠାରୁ ଉକ୍ତ ସମିତିର ସଦସ୍ୟମାନେ ଜିଲା ମତ୍ସ୍ୟ ଅଧିକାରୀଙ୍କଠାରେ ପ୍ରତିବର୍ଷ ରୟଲଟି ପୈଠ କରି ମାଛ ଚାଷ କରି ପରିବାର ଚଳାଇ ଆସୁଛନ୍ତି। ଚଳିତବର୍ଷ ମଧ୍ୟ ୧୮ ହଜାର ୩୬୦ଟଙ୍କା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବଶ୍ୟକ ସମୟରେ ପୈଠ କରିଛନ୍ତି। ସରକାରଙ୍କ ପକ୍ଷରୁ ୧ ଲକ୍ଷ ଯାଆଁଳ ଓ ସମିତି ପକ୍ଷରୁ ୩ ଲକ୍ଷ ଯାଆଁଳା ଛଡାଯାଇଛି । ଏବେ ପାଣି କାଟା ଯିବ କହି ଜିଲା ମତ୍ସ୍ୟ ଅଧିକାରୀ ଯୋଗେନ୍ଦ୍ର ପଧାନ ସମିତି କର୍ମକର୍ତ୍ତାଙ୍କୁ ଫୋନେ ଯୋଗେ କହିଥିଲେ। ତେବେ ଅକ୍ଟୋବର ମାସରେ ଛାଡିଥିବା ଯାଆଁଳ ଏବେ ସେଭଳି ବୃଦ୍ଧି ହୋଇନାହିଁ। ତେଣୁ ପର୍ଯ୍ୟାୟ କ୍ରମେ ପାଣି ନିଷ୍କାସନ କରିବାକୁ ସମିତି ସମ୍ପାଦକ ବେହେରା ମତବ୍ୟକ୍ତ କରିଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790


# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166


GET INSTANT CASH AGAINST GOLD
GOLD CASH™ An ISO Certified Company 9001:2015
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷ ଧମାକା
ଗଣପତି ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍‌ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
8126592819
8126568293
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୨। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏଫ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍‌ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସଂପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ। ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 18 ଘଣ୍ଟାରେ 2% ସୁଧ, 50% ରିହାତି
(ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill-Baijnathpur, Gaya-205131

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.


| TARIFF | For Single Day | | For 7 Days | | For 15 Days | | For 30Days | | |
|---|---|---|---|---|---|---|---|---|---|
| MORE SPACE • SAME PRICE | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | *GST 5% Extra |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଳେଶ, ପତି-ପତ୍ନୀ ଅନବନ୍, ଶାଶୁ ବୋହୁଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସଂମ୍ପର୍କ କରନ୍ତୁ
9897037205

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978



ଯଦି ନିଜର ଶରୀରକୁ ଶାନ୍ତ ରଖିପାରିବ, ତେବେ ସାରା ବିଶ୍ୱକୁ ଜୟ କରିପାରିବ।
- ଗୁରୁ ନାନକ



## ସଂକ୍ଷେପରେ

### ଲାଣ୍ଡେଶ୍ୱର ଫୁଟବଲ: ଚଲକି ବିଜୟୀ

**ଟିକ୍ରାପଡା,୨୮।୧୨(ଡି.ଏନ.ଏ.):** ସଇଁତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧୀନ କେନ୍ଦୁଉଡାରଠାରେ ଚାଲିଥିବା ଲାଣ୍ଡେଶ୍ୱର ଫୁଟବଲ ଟୁର୍ଣ୍ଣାମେଣ୍ଟର ଶୁକ୍ରବାର ଥିଲା ତୃତୀୟ ଦିବସ। ଅନୁଷ୍ଠିତ ମ୍ୟାଚରେ ନାଇକେନସିରାକୁ ୨-୧ ଗୋଲରେ ହରାଇ ଚଲକି ବିଜୟୀ ହୋଇଥିଲା। ଦେବରାଜ ନାଗଙ୍କୁ ଖେଳ ପରିଚାଳନା କରିଥିଲେ । ଚୂଡାମଣି ବଗର୍ତ୍ତି ଧାରା ବିବରଣୀ ପ୍ରଦାନ କରିଥିଲେ। ସ୍ଥାନୀୟ ସରପଞ୍ଚ ବଜ୍ରଙ୍ଗଲାଲ ଜୈନ, ସମିତି ସଭ୍ୟ ଅନନ୍ତ କାଲସାଏ, ବଳଦେବ ମାଝି ଅତିଥିଭାବେ ଯୋଗଦାନ କରିଥିଲେ। ଶନିବାର କଣ୍ଟାବାଞ୍ଜି ବନାମ କେନ୍ଦୁଉଡାର ଦଳ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ସୂତ୍ରରୁ ପ୍ରକାଶ ।

### ସୁନ୍ଦରାକାଣ୍ଡ ପାରାୟଣ ଉଦ୍‌ଯାପିତ

**ଦେଓଗାଁ,୨୮।୧୨(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ପଞ୍ଚାୟତ ବରକାନୀ ତଲିପଡା ଓ ସହରାପଡା ଆନୁକୂଲ୍ୟରେ ଚାଲିଥିବା ରାମାୟଣ ସୁନ୍ଦରାକାଣ୍ଡ ପାରାୟଣ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗ୍ରାମର ମହିଳାମାନେ ସ୍ଥାନୀୟ ବନ୍ଧରୁ ପୂର୍ଣ୍ଣକଳସ ଧାରଣ କରି ଗ୍ରାମ ପରିକ୍ରମା କରିଥିଲେ । ଅନୁଷ୍ଠିତ ପାରାୟଣରେ ଦେବରାଜ ମେହେର ଓ ତାଙ୍କ ପତ୍ନୀ ବସୁମତୀ ମେହେର କର୍ତ୍ତା, ଦ୍ୱାରୁ ତ୍ରିପାଠୀ ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ । ବ୍ୟାସଭାବେ ବନ୍ଦିତା ନାୟକ ଓ ସାଥି ସୁନ୍ଦରାକାଣ୍ଡ ପାରାୟଣ ଗାନ କରିଥିଲେ। ପୂଜାରେ କମିଟି ସମ୍ପାଦକ ଶୁକଦେବ ମେହେର, ସହସମ୍ପାଦକ ବାସୁଦେବ ମେହେର ଏବଂ କୋଷାଧ୍ୟକ୍ଷ ଜୀବର୍ଦ୍ଧନ ମେହେର, ମକରଧ୍ୱଜ ମେହେର, ସନ୍ୟାସୀ ମେହେର, ସୁଶୀଲ ମେହେର, କିଶୋର ମେହେର, ଭିମସିଂ ମାଝି, ଦେବ ମାଝି, ନୀଳାଞ୍ଚଳ ମେହେର, କୈଳାସ ମେହେର ସହଯୋଗ କରିଥିଲେ ।

### କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

**ଦେଓଗାଁ,୨୮।୧୨(ଡି.ଏନ.ଏ):** ଦେଓଗାଁ ବ୍ଲକ ଗାଇବାହାଲ ପଞ୍ଚାୟତ ଅନ୍ତର୍ଗତ ଜୁର୍ଲାକାନୀରେ ଶୁକ୍ରବାର ବ୍ଲକ କଂଗ୍ରେସର ପ୍ରତିଷ୍ଠା ଦିବସ ଓ କୃଷକ ମହାସମାବେଶ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ବିଶ୍ୱଜିତ ପାତ୍ରଙ୍କ ତତ୍ତ୍ୱାବଧାନ ଓ ବ୍ଲକ କଂଗ୍ରେସ ସଭାପତି ଯୁଗେଶ୍ୱର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ରେଣୁକା ପାତ୍ର, ପଦ୍ମା ବାରିକ, ଅସିତ ମିଶ୍ର, ରାମଜୀ ଚୌଧୁରୀ, ନୀଳମଣି ରଣା, ଅଶୋକ କୁମାର ରଣା, ହଟକେଶ୍ୱର ଷଡଙ୍ଗୀ, ସତ୍ୟବାଦୀ ସାହୁ, ଭାଗ୍ୟବାନ କର୍ମୀ ପ୍ରମୁଖ ଯୋଗଦେଇ କଂଗ୍ରେସ ଦଳର ଆଭିମୁଖ୍ୟ ଉପରେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ କଂଗ୍ରେସ ଦଳରେ ଯୋଗଦେଇଥିବା ସୁଜିତ ସାହୁ ଓ ଦେଓଗାଁ ବ୍ଲକର ପୂର୍ବତନ ଅଧକ୍ଷ କୈଳାସ ତାଣ୍ଡିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଆସନ୍ତା ୬ ତାରିଖରେ ବଲାଙ୍ଗୀରଠାରେ ଅନୁଷ୍ଠିତ ହେବାକୁ ଥିବା କୃଷକ ମହାସମାବେଶରେ ଦେଓଗାଁ ବ୍ଲକର ଉଭୟ ୧୨ ଓ ୧୩ ନଂ ଜୋନରୁ କିଭଳି ବିପୁଳ ସମାଗମ ହେବ ତାହା ଉପରେ ଆଲୋଚନା କରାଯାଇଥିଲା।

ଶିକ୍ଷା,ସ୍ୱାସ୍ଥ୍ୟ ଓ କୃଷି ସମସ୍ୟାର ସମାଧାନ ଦାବି

# ଛାତ୍ର ସଙ୍ଗଠନର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

**ବେଲପଡା, ୨୮।୧୨ (ଡି.ଏନ.ଏ.)**



ବେଲପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିଭିନ୍ନ ଛାତ୍ର ସଂଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବଲାଙ୍ଗୀର ଜିଲା ବେଲପଡା ବ୍ଲକରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଅବସ୍ଥା ବିପର୍ଯ୍ୟସ୍ତ ହୋଇ ପଡିଛି। କୃଷି ଓ କୃଷକର ଅବସ୍ଥା ସଙ୍ଗୀନ। ଏହାର ପ୍ରତିବାଦ କରି ସମାଧାନ ଦାବି କରିଛନ୍ତି ବିଭିନ୍ନ ଛାତ୍ର ସଂଗଠନ। ଅଲ ଇଣ୍ଡିଆ ଡିଏସଓ, ଅଲ ଇଣ୍ଡିଆ ଡିୱାଇଓ, ଏଆଇଏମଏସଏସ ଯୁବଛାତ୍ର ଓ ମହିଳା ସଂଗଠନ ନେତୃତ୍ୱରେ ଶତାଧିକ ସଦସ୍ୟ ଶୁକ୍ରବାର ବେଲପଡା ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଂଗଠନର ସଦସ୍ୟମାନେ ସ୍ଥାନୀୟ ତାରିଣୀ ମନ୍ଦିରଠାରୁ ବିଭିନ୍ନ ପ୍ଲାକାର୍ଡ ଓ ବ୍ୟାନର ଧରି ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତି ବିରୋଧରେ ସ୍ଲୋଗାନମାନ ଦେଇ ଶୋଭାଯାତ୍ରାରେ ସହର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଯାଇଥିଲେ। ସେଠାରେ ଏଆଇଡିଏସଓ ବେଲପଡା ବ୍ଲକ ସଭାପତି ମଧୁସୂଦନ ବାଗଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ହୋଇଥିଲା। ଅଲ ଇଣ୍ଡିଆ ଡିୱାଇଓ ବ୍ଲକ ସଂଯୋଜକ ହୃଦାନନ୍ଦ କରୁଆଁ, ଏଆଇଏମଏସଏସ ରାଜ୍ୟ କମିଟି ସଦସ୍ୟା ମନ୍ଦୋଦରୀ ରାଉଳ, ଏଆଇ ଡିଏସଓ ଜିଲା ସଭାପତି ସୁନୀଲ ଭୋଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସଭାରେ ବକ୍ତାମାନେ ବେଲପଡା ବ୍ଲକର ରାଜନେତା ସରକାରୀ କଳ ଓ ସରକାରଙ୍କୁ ସମାଲୋଚନା କରିଥିଲେ । ବ୍ଲକର ବିଭିନ୍ନ ପ୍ରାଥମିକ ବିଦ୍ୟାଳୟଠାରୁ ହାଇସ୍କୁଲ କଲେଜ ମାନଙ୍କରେ ଶିକ୍ଷକ ଓ ଅଧ୍ୟାପକ ଓ ଭିତ୍ତିଭୂମିର ଅଭାବ ଯୋଗୁଁ ଶିକ୍ଷା ଅବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶିକ୍ଷାମାରଣ ନୀତି ଯୋଗୁଁ ସରକାରୀ ଶିକ୍ଷା ବ୍ୟବସ୍ଥା ଧ୍ୱଂସ ଆଡକୁ ଗତିକରୁଛି। ପିଲାଙ୍କ ଫି ବୃଦ୍ଧି ଓ ବ୍ଲକଗ୍ରାଣ୍ଟ ବ୍ୟବସ୍ଥା ଏହାର ଉଦାହରଣ ବୋଲି ଛାତ୍ର ସଂଗଠନ ପକ୍ଷରୁ ମତପ୍ରକାଶ ପାଇଥିଲା । କର୍ମ ନିଯୁକ୍ତି ଅଭାବ ଯୋଗୁଁ ବୋକାରୀ ସଂଖ୍ୟା ବୃଦ୍ଧି ପାଉଛି। ମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ଯୋଗୁଁ ଛାତ୍ରୀ, ମହିଳା ଅବହେଳିତ ହୋଇ ରହିଛନ୍ତି। ଗତ ୩୦ବର୍ଷ ତଳେ ପ୍ରସ୍ତାବିତ ଅପର ଲାନ୍ତ ନଦୀ ବନ୍ଧ ଯୋଜନା ସରକାରଙ୍କ ନାଲି ଫିତାତଳେ ପଡିରହିଥିବାରୁ ଆଜି ବେଲପଡା ବ୍ଲକ ମରୁଡି ଅଞ୍ଚଳରେ ପରିଣତ ହୋଇଛି। ଏଥିଯୋଗୁ ବହୁ କୃଷକ ଦାଦନ ପାଇଁ ବାହାର ରାଜ୍ୟକୁ ଯାଉଥିବା ବିକ୍ଷୋଭ ସଭାରେ ମତପ୍ରକାଶ ପାଇଥିଲା । ଆଗାମୀ ଦିନରେ ଏହି ସମସ୍ୟାର ସମାଧାନ ନ ହେଲେ ଜନ ଆନ୍ଦୋଳନ ଗଢିବା ତୋଳିବା ପାଇଁ ଏହି ଅବସରରେ ଆହ୍ୱାନ ଦିଆଯାଇଥିଲା । ଶେଷରେ ବେଲପଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମର୍ଦ୍ଧାଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୭ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବିଗୁଡିକ ମଧ୍ୟରେ ପ୍ରଥମ ଶ୍ରେଣୀରୁ ପାସ୍‌ଫେଲ ବ୍ୟବସ୍ଥାର ପୁନଃପ୍ରଚଳନ, ଶିକ୍ଷାନୁଷ୍ଠାନମାନଙ୍କରେ ଖାଲିଥିବା ଶିକ୍ଷକ,ଅଧ୍ୟାପକ ପଦବୀ ସ୍ଥାୟୀ ଭିତ୍ତିରେ ନିଯୁକ୍ତି, ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି ସହ ଭିତ୍ତିଭୂମିର ଆବଶ୍ୟକତା, ବେକାର ଯୁବତୀଯୁବକଙ୍କୁ କର୍ମ ନିଯୁକ୍ତି ଓ ନିଯୁକ୍ତି ନ ଦେବା ପର୍ଯ୍ୟନ୍ତ ବେକାରି ଭତ୍ତା, ମଦ ଓ ମାଦକ ଦ୍ରବ୍ୟ କାରବାର ବନ୍ଦ, ଚାଷୀମାନଙ୍କ ମନୋବଳ ବଢ଼ି ପାଇଁ ଚାଷ ଜମିକୁ ଜଳସେଚନର ବ୍ୟବସ୍ଥା ଅନ୍ତର୍ଭୁକ୍ତ ।

### ଲାଠୋରରେ ଜଟିଳ ହେଉଛି ଟ୍ରାଫିକ ସମସ୍ୟା

**ଲାଠୋର, ୨୮।୧୨(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଲାଠୋରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଲାଠୋର ଏକ ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ସବୁବେଳେ ଜଳଗହଳି ରହୁଛି। ସପ୍ତାହର ବୁଧବାର ଏବଂ ରବିବାର ଦୁଇ ଗୋଟି ହାଟ ବସୁଥିବାରୁ ବ୍ୟବସାୟୀଙ୍କ ଭିଡ ଜମିଥାଏ ଏବଂ ଅନେକ ଯାନବାହାନ ଆସିଥାଏ। ହେଲେ କୌଣସି ପାର୍କିଂ ବ୍ୟବସ୍ଥା ନ ଥିବାରୁ ଯିଏ ଯେଉଁଠି ପାରିଲା ଯାନବାହାନ ରଖିଦେଉଛି। ଅପରପକ୍ଷେ ଗ୍ରାମ ମଧଦେଇ ଯାଇଥିବା ପିଡବ୍ଲୁଡି ରାସ୍ତାକୁ ମାଡି ଦୋକାନ ଖୋଲା ଯାଇଥିବାରୁ ଲୋକ ଯିବା ଆସିବା ବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହାଟପାଳି ଦିନ ରେଳବିଭାଗ ଗେଟ ପଡିଲେ କଥା ସରିଲା। ଟ୍ରାଫିକ ସମସ୍ୟା ଯୋଗୁ ବହୁ ସମୟରେ ଲୋକେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଲାଠୋର ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ଆଇଡିଏମ୍ ପବ୍ଲିକ୍ ସ୍କୁଲରେ ଯୁକ୍ତଦୁଇ ଇଣ୍ଟିଗ୍ରେଟେଡ୍ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ

**ବଲାଙ୍ଗୀର ଅଫିସ,୨୮।୧୨**

ବଲାଙ୍ଗୀରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଆଇଡିଏମ୍ ପବ୍ଲିକ୍ ସ୍କୁଲର ସିନିୟର ସେକେଣ୍ଡାରୀ ସ୍କୁଲରେ ଆଗାମୀ ଶିକ୍ଷାବର୍ଷଠାରୁ ପ୍ରଥମ ଥର ପାଇଁ ଯୁକ୍ତଦୁଇ ଇଣ୍ଟିଗ୍ରେଟେଡ୍ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ ହେବ। ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ଆଇଡିଏମ୍ ସ୍କୁଲ କର୍ତ୍ତୃପକ୍ଷ ଏଭଳି ଘୋଷଣା କରିଛନ୍ତି। ଓଡିଶାର ବିଶିଷ୍ଟ ଇଞ୍ଜିନିୟରିଂ ଓ ମେଡିକାଲ ପ୍ରସ୍ତୁତି ଇନ୍‌ଷ୍ଟିଚ୍ୟୁଟ୍ ବିରାଟ୍ ଇନ୍‌ଷ୍ଟିଚ୍ୟୁଟ୍‌କୁ ଶିକ୍ଷା ଅଂଶୀଦାର ଭାବେ ଆଇଡିଏମ୍ ସ୍କୁଲ ସାମିଲ କରିଥିବା ଏହି ସମ୍ମିଳନୀରେ ସୂଚନା ଦିଆଯାଇଥିଲା । ଆଇଡିଏମ୍ ସ୍କୁଲ ଏହି ଯୁକ୍ତଦୁଇ ବିଜ୍ଞାନ ଇଣ୍ଟିଗ୍ରେଟେଡ୍ ପାଠ୍ୟକ୍ରମରେ ଯୁକ୍ତଦୁଇ ବିଜ୍ଞାନ ବୋର୍ଡ ସଙ୍ଗେ ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ପ୍ରସ୍ତୁତି ଯଥା ନିଟ୍, ଜେଇଇ, ଆଇଆଇଟି, ଏମ୍‌ସ୍, ନାଇଜର, ଆଇଜର, ଆଇସିଏଆର, ଓୟୁଏଟି ଓ କେଭିପିୱାଇ ଭଳି ପରୀକ୍ଷାର ପ୍ରସ୍ତୁତି କରାଯିବାର ଯୋଜନା ରଖିଛି । ଯଦ୍ୱାରା ବଲାଙ୍ଗୀର ଓ ଆଖପାଖ ଛାତ୍ରୀଛାତ୍ର ଅନ୍ୟ ରାଜ୍ୟକୁ ଯାଇ ଅଯଥାରେ ହଇରାଣ ଓ ଖର୍ଚ୍ଚାନ୍ତ ହେବାରୁ ବଞ୍ଚିତ ହେବେ ଓ ନିଜ ରାଜ୍ୟରେ ରହି ଉଚ୍ଚକୋଟୀର ତାଲିମ ପାଇପାରିବେ । ଏହି ପାଠ୍ୟକ୍ରମରେ ଭାରତର ବିଭିନ୍ନ ପ୍ରାନ୍ତରୁ ଯଥା ଦିଲ୍ଲୀ, ପାଟନା ଓ କୋଟା ଭଳି ସ୍ଥାନରୁ ଅଭିଜ୍ଞ ଅଧ୍ୟାପକ ଆସି ଶିକ୍ଷାଦାନ କରିବେ ବୋଲି ସୂଚନା ଦିଆଯାଇଥିଲା । ଏହି ଖବରଦାତା ସମ୍ମିଳନୀରେ ଆଇଡିଏମ୍ ସ୍କୁଲ ଡାଇରେକ୍ଟର ଶରତ ଚନ୍ଦ୍ର ଦୀକ୍ଷିତ, ବିରାଟ୍ ଇନ୍‌ଷ୍ଟିଚ୍ୟୁଟ୍ ଡାଇରେକ୍ଟର ରାହୁଲ ରାଜ୍ ଉପସ୍ଥିତ ରହି ଯୁକ୍ତଦୁଇ ଇଣ୍ଟିଗ୍ରେଟେଡ୍ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ ଘୋଷଣା କରିଥିଲେ । ଆଇଡିଏମ୍ ପବ୍ଲିକ୍ ସ୍କୁଲର ଏଭଳି ନୂତନ ପଦକ୍ଷେପ ବଲାଙ୍ଗୀର ଶିକ୍ଷା ମାନଚିତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ କରିବ ବୋଲି ଆଇଡିଏମ୍ ସ୍କୁଲ ଡାଇରେକ୍ଟର ଦୀକ୍ଷିତ କହିଥିଲେ । ଏହି ସମ୍ମିଳନୀରେ ବିରାଟ୍‌ର ଏକାଡେମିକ୍ କୋଓର୍ଡିନେଟର ଜେଆର ଆଚାର୍ଯ୍ୟ, ଆଇଡିଏମ୍ ସ୍କୁଲ ପ୍ରଶାସନିକ ମୁଖ୍ୟ ଶଶୀଭୂଷଣ ଦୀକ୍ଷିତ ଓ ଅନ୍ୟମାନେ ଉପସ୍ଥିତ ଥିଲେ ।



ଖବରଦାତା ସମ୍ମିଳନୀରେ ଆଇଡିଏମ୍ ସିନିୟର ସେକେଣ୍ଡାରୀ ସ୍କୁଲରେ ଯୁକ୍ତଦୁଇ ଇଣ୍ଟିଗ୍ରେଟେଡ୍ ବିଜ୍ଞାନ ପାଠ୍ୟକ୍ରମ ଆରମ୍ଭ କରାଯାଉଛି ।

### ନାଗର ମହାକୁର ସ୍ମାରକୀ ଫୁଟବଲ : ବିଲୋଇସର୍ଡା ବିଜୟୀ

**ଲୋଇସିଂହା,୨୮।୧୨(ଡି.ଏନ.ଏ)**

ସୁବର୍ଣ୍ଣପୁର ତରଭା ବ୍ଲକ କୁମୁଣ୍ଡେ ଭାଲିଆଟିକ୍ରା ଖେଳପଡିଆରେ ନାଗର ମହାକୁର ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଚତୁର୍ଥ ଦିବସରେ ବିଲେଇସର୍ଡା ଏବଂ ମନହୀରା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏଥିରେ ବିଲେଇସର୍ଡା ୩-୦ଗୋଲରେ ମନହୀରା ଦଳକୁ ପରାସ୍ତ କରି ବିଜୟୀ ହୋଇଥିଲେ । ଆଜିର ଖେଳରେ ସ୍ଥାନୀୟ ସରପଞ୍ଚ ଚିନାମାଲି ବିଶ୍ୱାଳ, ପିଇଓ ନନ୍ଦକିଶୋର ସୁନା ଅତିଥିଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।

### କଣ୍ଟାବାଞ୍ଜି ଜିଲା ଦାବି ଆନ୍ଦୋଳନ, ବଢୁଛି ସମର୍ଥନ

**କଣ୍ଟାବାଞ୍ଜି, ୨୮।୧୨(ଡି.ଏନ.ଏ.)**

କଣ୍ଟାବାଞ୍ଜି ଜିଲା ଦାବିକୁ ଦିନକୁ ଦିନ ସମର୍ଥନ ବଢିବାରେ ଲାଗିଛି। ତୁରେକେଲା ବ୍ଲକର ବୁରୋମାଲ, ଧାମନଡଙ୍ଗା, ଚଟୁଅନକା, କରୁଆଁମୁଣ୍ଡା, ହିଆଁଲ, କୁଇବାହାଲ ଆଦି ପଞ୍ଚାୟତରେ ଥିବା ମହିଳା ଗୋଷ୍ଠୀର ୫୦୦ରୁ ଉର୍ଦ୍ଧ୍ୱ ସଦସ୍ୟାଙ୍କ ସହିତ ଶତାଧିକ ଯୁବକ ଶୁକ୍ରବାର ଆନ୍ଦୋଳନର ସାମିଲ ହୋଇଥିଲେ। ସେହିପରି ଯୁବ ନେତା ବିମଳ ଅଗ୍ରୱାଲଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ନଗର ପରିକ୍ରମା କରି ଧାରଣାସ୍ଥଳ ତହସିଲ ଅଫିସକୁ ଯାଇଥିଲା। ସାମାଜିକ କର୍ମୀ ଅମୂଲ୍ୟ ନାଗ, ଅଭିମନ୍ୟୁ ନାଗ,ଶ୍ରୀଧର ମାଝୀ, ନବିନ ଦିପ, ପ୍ୟାରେଲାଲ ଜାଂଗଡା, ସଦାନନ ମେହେର ଉପସ୍ଥିତ ଥିଲେ। ପରେ ତହସିଲଦାର ତ୍ରୀଭୁବନ ଶତପଥୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

## ଭାଲୁବୁଢ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ: ପିତାମହୁଲ ଚାମ୍ପିୟନ

**ଦେଓଗାଁ, ୨୮।୧୨(ଡି.ଏନ.ଏ.)**


ହାତୀସରାରେ ଫୁଟବଲ ଟୁର୍ଣ୍ଣାମେଣ୍ଟର ଚାମ୍ପିୟନ ଦଳକୁ ପୁରସ୍କୃତ କରାଯାଉଛି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ହାତିସରାଠାରେ ଭାଲୁବୁଢ଼ା ଫୁଟବଲ ଆସୋସିଏଶନ ଆନୁକୂଲ୍ୟରେ ୧୬ତାରିଖରୁ ଚାଲିଥିବା ଭାଲୁବୁଢ଼ା ଫୁଟବଲ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି । ଅର୍ଜୁନପୁର ଓ ପିତାମହୁଲ ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକରର ସାହାଯ୍ୟ ନିଆଯାଇଥିଲା। ଏଥିରେ ୪-୨ଗୋଲରେ ପିତାମହୁଲ ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲେ । ଏଥିରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ଖେଳକୁ ରିତୁ ବୁଡେକ ପରିଚାଳନା କରିଥିବା ବେଳେ ଲାଇନମ୍ୟାନ ଭାବେ ବିରେନ୍ଦ୍ର ସୁନା, ରଞ୍ଜନ ପୁଟେଲ,ବିଷ୍ଣୁ ଗହୀର ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଦୀପ ନାଏକଙ୍କ ସଂଯୋଜନାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର, ସମ୍ମାନୀତ ଅତିଥିଭାବେ ବିଡିସିସି ବ୍ୟାଙ୍କ ନିର୍ଦ୍ଦେଶକ ସୁରେଶ କୁମାର ମେହେର, ବ୍ଲକ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରମୋଦ କୁମାର ବହିଦାର, ଜାଲୁ ମେହେର ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ ଦଳକୁ ପୁରସ୍କୃତ କରିଥିଲେ । ଏହି ଅବସରରେ ମ୍ୟାନ ଅପ ଦି ମ୍ୟାଚଭାବେ ପିତାମହୁଲର ପ୍ରଦୀପ ଜାଲ, ମ୍ୟାନ ଅପ ଦି ସିରିଜ ଭାବେ ଅର୍ଜୁନପୁରର ରିକୁନ ଗହୀରଙ୍କୁ ପୁରସ୍କୃତ କରାଯାଇଥିଲା ।

## ମହୁଲ ପୋଚ, ରନ୍ଧାମଦ ଜବତ: ୩ ଗିରଫ

**ପାଟଣାଗଡ, ୨୮।୧୨ (ଡି.ଏନ.ଏ.)**


ଅବକାରୀ ବିଭାଗ ଗିରଫ କରିଥିବା ଅଭିଯୁକ୍ତ ଓ ଜବତ ମଦ, ପୋଚ।

ବଲାଙ୍ଗୀର ଓ ପାଟଣାଗଡ ଅବକାରୀ ସ୍କ୍ୱାଡ ଗୁରୁବାର ବିଳମ୍ବିତ ରାତିରେ ମିଳିତ ଭାବେ ଚଢାଉ କରି ପାଟଣାଗଡ ବ୍ଲକ ରେଙ୍ଗାଲି ଗ୍ରାମ ଜଙ୍ଗଲ ଏବଂ ଭଗ୍ନ ଅବସ୍ଥାରେ ଥିବା କେନ୍ଦୁପତ୍ର ପଡି ଉପରେ ଚଢାଉ କରିଥିଲେ। ଏଥିରୁ ବିପୁଳ ପରିମାଣର ଦେଶୀ ରନ୍ଧା ମଦ ଏବଂ ମହୁଲ ପୋଚ ଜବତ କରାଯାଇଛି। ପାଟଣାଗଡ ଅବକାରୀ ଇନ୍ସପେକ୍ଟର ଅନ୍ନପୂର୍ଣ୍ଣା ରଥଙ୍କ ନେତୃତ୍ୱରେ ରେଙ୍ଗାଲି ଗ୍ରାମସ୍ଥିତ ଅବ୍ୟହୃତ କେନ୍ଦୁପତ୍ର ଫଡିରେ ଚଢାଉ କରାଯାଇଥିଲା। ଅଭିନବ ଉପାୟରେ ମାଟି ଖୋଳି ମହୁଲ ପୋଚ ରଖାଯାଇଥିଲା। ତା ଉପରେ ପଙ୍ଗା ଏବଂ ପଲିଥିନ ଢାଙ୍କି ପତ୍ର ବିଛାଇ ଲୁଚାଇ ରଖିଥିବା ଜଣା ପଡିଥିଲା। ସେହିପରି ନିକଟସ୍ଥ ସଂରକ୍ଷିତ ଜଙ୍ଗଲ ଭିତରେ ସମାନ ଉପାୟରେ ମାଟି ଖୋଳି ଦେଶୀ ରନ୍ଧା ମଦ ଏବଂ ମହୁଲ ପୋଚ ରଖାଯାଇଥିଲା। ଅବକାରୀ ବିଭାଗ ସେଠାରୁ ୨୦ କୁଇଣ୍ଟାଲ ମହୁଲ ପୋଚ ଏବଂ ୩୦ ଲିଟର ଦେଶୀ ରନ୍ଧା ମଦ ଜବତ କରିଥିଲା । ପରେ କନ୍ହେଇଟାଲ ଏବଂ ଡାଙ୍ଗବାହାଲ ଗ୍ରାମରେ ଚଢାଉ ପରେ ୬୫ ଲିଟର ରନ୍ଧା ମଦ ଜବତ କରାଯାଇଥିଲା। ଏହି ଘଟଣାରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ଗ୍ରାମର ରୋହିତ ବରିହା, ଯଦୁ ବରିହା ଏବଂ କନ୍ହେଇଟାଲ ଗ୍ରାମର ନରେନ୍ଦ୍ର ସାହୁଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ଏହି ଚଢାଉରେ ବଲାଙ୍ଗୀର ଅବକାରୀ ବିଭାଗର ଶଶିକାନ୍ତ ଦତ୍ତ, ମୋତିଲାଲ ସାଗର , ଗୁଣମତୀ ମାଝୀ, ଅଜିତ ସାହୁ, ବୁଲୁ ସେଠୀ, ରମାଂଶୁ ଷଡଙ୍ଗୀ, ସୁନେଲି ପଧାନ ପ୍ରମୁଖ ସାମିଲ ଥିଲେ ।

୩୦ରେ ବଲାଙ୍ଗୀରରେ ହିନ୍ଦୁ ସମ୍ମିଳନୀ

## ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ସଂକଳ୍ପ ନେବେ

**ବଲାଙ୍ଗୀର ଅଫିସ,୨୮।୧୨**

ଓଡିଶା ପଶ୍ଚିମ ପ୍ରାନ୍ତର ବଲାଙ୍ଗୀରଠାରେ ଆସନ୍ତା ୩୦ ତାରିଖ ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହେବ। ଶୁକ୍ରବାର ସାମ୍ବାଦିକ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବିଶ୍ୱହିନ୍ଦୁ ପରିଷଦ ଓଡିଶା ପଶ୍ଚିମ ପ୍ରାନ୍ତ ରାଜ୍ୟ ସଭାପତି ନୀଳାଦ୍ରୀ ଭୂଷଣ ଯୋଶୀ ଏ ନେଇ ସୂଚନା ଦେଇଛନ୍ତି। ରବିବାର କୋସଲ କଳା ମଣ୍ଡଳରେ ଅନୁଷ୍ଠିତ ହେବାକୁ ଥିବା ହିନ୍ଦୁ ସମ୍ମିଳନୀରେ ବଲାଙ୍ଗୀର ଜିଲା ସହ ବୌଦ୍ଧ ଓ ସୁବର୍ଣ୍ଣପୁର ଜିଲାର ସହସ୍ରାଧିକ ହିନ୍ଦୁ ଭାଇଭଉଣୀ ଯୋଗଦେବେ ଓ ଅଯୋଧ୍ୟାରେ ରାମ ମନ୍ଦିର ନିର୍ମାଣ ପାଇଁ ସଂକଳ୍ପ ନେବେ ବୋଲି ଯୋଶୀ ସୂଚନା ଦେଇଥିଲେ । ଶହ ଶହ ବର୍ଷ ଧରି ମୋଗଲ ଶାସନ କାଳରେ ଭାରତରେ ସରଳ ହିନ୍ଦୁମାନଙ୍କ ଆସ୍ଥା ଓ ବିଶ୍ୱାସର ପ୍ରତୀକ ସ୍ୱରୂପ ଭଗବାନଙ୍କ ବିଭିନ୍ନ ମନ୍ଦିର ଧ୍ୱଂସ କରି ହିନ୍ଦୁମାନଙ୍କ ଗାରିମାମୟ ଇତିହାସକୁ ଭୁଲୁଣ୍ଠିତ କରାଯାଇଥିଲା ବୋଲି ସେ କହିଥିଲେ। ସୁପ୍ରିମକୋର୍ଟରେ ଅଯୋଧ୍ୟା ମାମଲା ରାୟ ପ୍ରକାଶ ନ ପାଇବା ନେଇ ସେ ପ୍ରଶ୍ନ କରିଥିଲେ । ବଲାଙ୍ଗୀର ବ୍ୟତୀତ ଜୟପୁର, ଭବାନୀପାଟଣା, ସମ୍ବଲପୁର ଓ ରାଉରକେଲା ଠାରେ ମଧ ହିନ୍ଦୁ ସମ୍ମିଳନୀ ଆୟୋଜନ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ । ଏହି ସମ୍ମିଳନୀରେ କୁନ୍ତରା ଆଶ୍ରମର ସ୍ୱାମୀ ଜୀବନମୁକ୍ତାନନ୍ଦ ଗିରିଜୀ ମାର୍ଗଦର୍ଶନ ଦେବା ପାଇଁ ସ୍ୱୀକୃତି ପ୍ରଦାନ କରିଥିବା ବେଳେ ବିଶ୍ୱ ହିନ୍ଦୁ ପରିଷଦ ରାଜ୍ୟ ସଭାପତି ନିଳାଦ୍ରୀ ବିହାରୀ ଯୋଷୀ ସମ୍ମିଳନୀର ମୁଖ୍ୟ ସଂଯୋଜକ ଭାବରେ ଏହି ସମ୍ମିଳନୀର ସଫଳତା ପାଇଁ ସମସ୍ତ ବର୍ଗ ଆଗେଇ ଆସିବା ପାଇଁ ଆହ୍ୱାନ ଜଣାଇଥିଲେ । ଯୋଶୀଙ୍କ ବ୍ୟତୀତ ଭିଏଚ୍‌ପିର ଜିଲା ସଭାପତି ଗୋବିନ୍ଦ ମିଶ୍ର, ସମ୍ପାଦକ ପବିତ୍ର ଦାଶ, ବିଏମ୍‌ଏସର ରାଜ୍ୟ ସମ୍ପାଦକ ତଥା ପଶ୍ଚିମପ୍ରାନ୍ତ ପ୍ରଭାରୀ ଅରୁଣ କୁମାର ମିଶ୍ର, ବିଏମ୍‌ଏସ ଜିଲା ସଭାପତି ଅନଙ୍ଗ ଠାକୁର, ସମ୍ମିଳନୀର ଅନ୍ୟତମ ସଂଯୋଜକ ଲୋକନାଥ ପାତ୍ର, ପଶ୍ଚିମପ୍ରାନ୍ତ ବଜରଙ୍ଗ ଦଳ ସଭାପତି ସୁନୀଲ ସେଠୀ ଓ ବଜରଙ୍ଗ ଦଳ ନଗର ସଂଯୋଜକ ଚର୍ଚ୍ଚିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।


ବଲାଙ୍ଗୀର ଠାରେ ହିନ୍ଦୁ ସମ୍ମିଳନୀ ନେଇ ଖବରଦାତା ସମ୍ମିଳନରେ ସୂଚନା ଦେଉଛନ୍ତି ।

କୁଲିଆବାହାଲରେ ମା’ ମାଟିର ଉନ୍ନତି ମେଳା

## ପୁରାତନ ସଂସ୍କୃତି, ପରମ୍ପରା ଉଜ୍ଜୀବିତ ରଖିବାକୁ ଆହ୍ୱାନ

**ଦେଓଗାଁ,୨୮।୧୨ (ଡି.ଏନ.ଏ.)**



ମା’ ମାଟିର ଉନ୍ନତି ମେଳା ଅବସରରେ ରତନପୁର କଷକ ସମିତିର ସଭ୍ୟ ମାନେ ପାରମ୍ପରିକ ନୃତ୍ୟ ପରିବେଷଣ କରୁଛନ୍ତି।

ଦେଓଗାଁ ବ୍ଲକ ଅନ୍ତର୍ଗତ କୁଲିଆବାହାଲ ଶିବମନ୍ଦିର ନିକଟରେ ଶୁକ୍ରବାର ରିଲାଏନ୍ସ ଫାଉଣ୍ଡେସନ ସହଯୋଗ ତଥା ସ୍ଥାନୀୟ ଗୁପ୍ତେଶ୍ୱର କୃଷକ ସମିତି ଆନୁକୂଲ୍ୟରେ ମା’ ମାଟିର ଉନ୍ନତି ମେଳା ଅନୁଷ୍ଠିତ ହୋଇଯାଇଛି । ସାନୁର୍ଜ କରଣ, ସ୍ନୀଗ୍ଧାଶ୍ରୀ ସିଂହ ଚିନ୍ଦା ଓ ଅଶୋକ କୁମାର ଭଣ୍ଡାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବ୍ୟଙ୍ଗକବି ରସରାଜ ଅଚ୍ୟୁତ ପୁରୋହିତ ଯୋଗଦେଇ ବିଲୁପ୍ତପ୍ରାୟ ଅଞ୍ଚଳର ପୁରୁଣା ପାରମ୍ପରିକ କଳା, ସଂସ୍କୃତି ଉପରେ ନିଜର କବିତା ମାଧ୍ୟମରେ ଉପସ୍ଥାପନା କରିଥିଲେ। ପୁରାତନ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜିବିତ ରଖିବା ଆମମାନଙ୍କ ନୈତିକ ଦାୟିତ୍ୱ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ ସଭ୍ୟ ଅକ୍ଷୟ କୁମାର ରାଉତ ମାଟି ମା’ର ଉନ୍ନତି ମେଳା ପତାକା ଉତ୍ତୋଳନ କରିଥିବା ବେଳେ ରିଲାଏନ୍ସ ଫାଉଣ୍ଡେସନର ମୁଖ୍ୟ ଅବଞ୍ଚାନ୍ତଦାସ ନାଏକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଭୀମପାହାଡ ପ୍ରଦ୍ୟୁସର କମ୍ପାନୀର ସଭ୍ୟ ମହାଦେବ ଭୋଇ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ରିଲାଏନ୍ସ ଫାଉଣ୍ଡେଶନର ବଲାଙ୍ଗୀର କ୍ଲଷ୍ଟର ମୁଖ୍ୟ ଏ.ଡି.ନାଏକ ଯୋଗଦେଇ ଫାଉଣ୍ଡେସନ ଏ ପର୍ଯ୍ୟନ୍ତ ୩୭ ଖଣ୍ଡ ଗ୍ରାମରେ ଲୋକଙ୍କ ଜୀବନଜୀବିକା ଉପରେ କି ସହଯୋଗ କରିଛି ତାହା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ଥାନୀୟ କୃଷକ ସମିତି ତରଫରୁ ବ୍ୟଙ୍ଗକବି ପୁରୋହିତ, ସାମାଜିକ କର୍ମୀ ସୁଧିର ମିଶ୍ର, କିଶୋର କୁମାର ସାହୁ, କୃଷ୍ଣପ୍ରସାଦ ପାଣିଗ୍ରାହୀ, ଶରତ କୁମାର ପୁଟେଲ ଓ ବିଧୂଭୂଷଣ ପଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କୃଷକ ସମିତିମାନଙ୍କରୁ ଆସିଥିବା ଭଉଣୀ ଭାଇମାନେ ପାରମ୍ପରିକ ନୃତ୍ୟ ଓ ଗୀତ ପରିବେଷଣ କରିଥିଲେ। ଏହି ଅବସରରେ ଜଳ ସୁରକ୍ଷା, ପୋଷଣ ବାଟିକା ଓ ଉତ୍ପାଦକ କମ୍ପାନୀ ଆଦି ୩ଟି ଷ୍ଟଲ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମରେ ଦେଓଗାଁ ଓ ସଦର ବ୍ଲକର ୩୭ଖଣ୍ଡ ଗ୍ରାମର କୃଷକ ସମିତିମାନଙ୍କରୁ ୨ହଜାରରୁ ଉର୍ଦ୍ଧ୍ୱ ମହିଳା ପୁରୁଷ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ସ୍ଥାନୀୟ କୃଷକ ସମିତିର ତ୍ରିଲୋଚନ ସିଂ ଚିନ୍ଦା, ହଳଧର ସିଂ ଚିନ୍ଦା ଓ ସମସ୍ତ ସଦସ୍ୟାସଦସ୍ୟ ସହଯୋଗ କରିଥିଲେ ।



କାୟ, ମନ, ବଚନରେ କାହାରିକୁ ପୀଡ଼ା ଦେବନାହିଁ, ନିଜ ମାତାପିତା ଓ ବଡ଼ ଭାଇଙ୍କର ଆଜ୍ଞାକାରୀ ହେବ।
- ମହର୍ଷି ନାରଦ



## ସଂକ୍ଷେପରେ

### ଆକାଶବାଣୀ କେନ୍ଦ୍ରରେ ରୌପ୍ୟ ଜୟନ୍ତୀ ୩୦ରେ

ଭବାନୀପାଟଣା,୨୮।୧୨(ଡି.ଏନ.ଏ.)
ଭବାନୀପାଟଣା ସହରସ୍ଥିତ ଆକାଶବାଣି କେନ୍ଦ୍ରର ରୌପ୍ୟ ଜୟନ୍ତୀ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ୧୯୯୩ ଡିସେମ୍ବର ୩୦ ତାରିଖରେ କେନ୍ଦ୍ରର ଶୁଭାରମ୍ଭ କରାଯାଇଥିଲା। ଷ୍ଟୁଡିଓର ନବୀକରଣ ସହିତ ୨୦୦ କେଭିମିଡିଆ ଡେଭ ଟ୍ରାନ୍ସମିଟରକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇଛି। ଶ୍ରୋତାମାନଙ୍କ ମନପସନ୍ଦର କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଉଛି। ସେହିଭଳି ନୂତନ ପ୍ରତିଭାମାନଙ୍କୁ ସୁଯୋଗ ଦିଆଯିବାର ପ୍ରୟାସ ଅବ୍ୟାହତ ରହିଛି। ଚଳିତ ୩୦ ତାରିଖରେ ଏହାର ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହେବ । ଏହି ଉପଲକ୍ଷେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ରଖାଯାଇଥିବା ନେଇ ଆକାଶବାଣୀ କେନ୍ଦ୍ର ପକ୍ଷରୁ କୁହାଯାଇଛି।

### କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

ଭବାନୀପାଟଣା,୨୮।୧୨(ଡି.ଏନ.ଏ.)
ଶୁକ୍ରବାର ସ୍ଥାନୀୟ ଜିଲା କଂଗ୍ରେସ ଭବନଠାରେ କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଜିଲା ସଭାପତି ଭାରତ ଭୂଷଣ ବେମାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦଳର ମହିଳା, ଯୁବ, ଛାତ୍ର ସଙ୍ଗଠନ ଓ ବିଭିନ୍ନ ଛାମୁଆ ସଙ୍ଗଠନର କର୍ମକର୍ତ୍ତାମାନେ ଯୋଗଦେଇଥିଲେ। ଦଳର ପ୍ରତିଷ୍ଠା ଦିବସ ଅବସରରେ ଜିଲା ଯୁବ କଂଗ୍ରେସ ଓ ଛାତ୍ର କଂଗ୍ରେସ ତରଫରୁ ସ୍ଥାନୀୟ କଲେଜ ଛକଠାରେ ରାଫେଲ ଦୁର୍ନୀତି ବିରୋଧରେ ଦସ୍ତଖତ ଅଭିଯାନ ହୋଇଥିଲା। ଏହାର ନେତୃତ୍ୱ ମହମ୍ମଦ ମହସିନ, ଶୁଭମ ଦୁର୍ଗା, ସଚିନ ନାଏକ, ବବଲୁ ଯୋଷୀ, ନୂତନ ଗୋଖରିଆ, ତପନ ନାଏକ ପ୍ରମୁଖ ନେଇଥିଲେ। କାର୍ଯ୍ୟକ୍ରମରେ ଉତ୍ସବ ସାହୁ, ବ୍ରଜମହୋନ ସାହୁ, ମହମ୍ମଦ ଅଲ୍ଲି, ନିମାନ ନାଏକ, ସଚିଦା ନନ୍ଦ ମହାକୁଡ, ଧନୁ ଗହିର, ସନ୍ତୋଷ ଆଚାର୍ଯ୍ୟ, ସକିତ ରତେ, ଭାଗବତ ଯାଦବ, ଦେବେନ୍ଦ୍ର ମିଶ୍ର, ସୁବାଶ ପ୍ରଧାନ, ମହିଳା କଂଗ୍ରେସ ନେତ୍ରୀ ମାଣିକ୍ୟ ସୁନା, ସୁକାନ୍ତି ସରାଫ, ମମତା ଦାସ ପ୍ରମୁଖ ଉପସ୍ଥିତ ରହି ଦଳକୁ ସୁସଙ୍ଗଠିତ ଓ ସୁଦୃଢ଼ କରିବା ପାଇଁ ଆଲୋଚନା କରିଥିଲେ।

## ୭୨ ବର୍ଷ ପରେ ଲଖନାପଡ଼ାରେ ବିଧାୟକ

# ଗାଁ ଉନ୍ନତିର ପ୍ରତିଶ୍ରୁତି ଦେଲେ

କୁନାଗଡ,୨୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ବୁଡିଦର ପଞ୍ଚାୟତର ଦୁର୍ଗମ ତଥା ମାଓପ୍ରବଣ ଅଞ୍ଚଳ ଲଖନାପଡାକୁ ସ୍ୱାଧୀନତାର ୭୨ବର୍ଷ ପରେ ଶୁକ୍ରବାର ପ୍ରଥମ ବିଧାୟକ ଭାବେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ର ପହଞ୍ଚିଛନ୍ତି। ପୂର୍ବରୁ ଗ୍ରାମବାସୀ ଏମ୍‌ପି ଓ ବିଧାୟକଙ୍କ କେବଳ ନାମ ଜାଣିଥିବାବେଳେ ସେମାନଙ୍କୁ ନିଜ ଗାଁରେ କେବେବି ଦେଖି ନ ଥିଲେ। ପ୍ରଥମ ଥର ପାଇଁ ଗ୍ରାମବାସୀ ନିଜ ଗ୍ରାମରେ ଜଣେ ବିଧାୟକଙ୍କୁ ଦେଖିବା ପରେ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ପ୍ରକାଶ ଯେ, ଗତ ୨୫ ତାରିଖ ମଙ୍ଗଳବାର ଧରିତ୍ରୀରେ 'ଏମ୍‌ପି, ବିଧାୟକ ଦେଖି ନ ଥିବା ଗାଁ ଲଖନାପଡା' ବୋଲି ଏକ ରିପୋର୍ଟ ପ୍ରକାଶ ପାଇଥିଲା। ଏହା ପରେ ଜୁନାଗଡ ବ୍ଲକ ବୁଡିଦର ପଞ୍ଚାୟତର ଡାହିନିଗୁଡାଠାରୁ ୪ କି.ମି. ଜଙ୍ଗଲ ଘାଟି ରାସ୍ତାରେ ଶୁକ୍ରବାର ମଧ୍ୟାହ୍ନରେ ଜୁନାଗଡ ବିଧାୟକ ମିଶ୍ରଙ୍କ ସମେତ କନିଷ୍ଠ ଯନ୍ତ୍ରୀ ପାନାଡା ଦିଲୀ, ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ ସାହୁ, ବ୍ଲକ ଉପାଧ୍ୟକ୍ଷ ପ୍ରମୋଦ ବେହେରା, ଦିନେଶ ବଗର୍ତ୍ତୀ ପ୍ରମୁଖ ଚାଲି ଚାଲି ଯାଇ ଲଖନାପଡାରେ ପହଞ୍ଚିଥିଲେ। ସେଠାରେ ପହଞ୍ଚିବା ପରେ ଗ୍ରାମବାସୀଙ୍କ ସହିତ ସୁଖଦୁଃଖ ବାଣ୍ଟିବା ସହ ଗାଁର ଥିବା ସମସ୍ୟା ଉପରେ ବିଧାୟକ ଦୃଷ୍ଟି ଦେଇଥିଲେ। ପୂର୍ବରୁ ଜୁନାଗଡ ବିଧାୟକ ତାଙ୍କ ପାଣ୍ଠିରୁ ଗ୍ରାମରେ ଏକ କମ୍ୟୁନିଟି ହଲ ନିର୍ମାଣ କରିଥିବା ବେଳେ ଶୁକ୍ରବାର ଡାହିନିଗୁଡାରୁ ଲଖନାପଡାକୁ ଯିବା ରାସ୍ତା ପାଇଁ ୨ ଲକ୍ଷ, ଚାଷୀଙ୍କ ଉନ୍ନତି ପାଇଁ ୫ ଲକ୍ଷ ଟଙ୍କାର ଚେକଡ୍ୟାମ ଓ କଲଭର୍ଟ ପାଇଁ ୨ ଲକ୍ଷ, କମ୍ୟୁନିଟି ହଲ ପାଇଁ ୧ ଲକ୍ଷ ଟଙ୍କା ସମୁଦାୟ ୧୦ ଲକ୍ଷ ଟଙ୍କାର ଅନୁଦାନ ଘୋଷଣା କରିଥିଲେ। ଏହାସହ ଲଖନାପଡା ଓ ନିକଟସ୍ଥ ବିଜରାଦର, ବେହେରାଗୁଡା ଗ୍ରାମର ରାସ୍ତା ନିର୍ମାଣ କରାଯିବା ବୋଲି ବିଧାୟକ ପ୍ରତିଶ୍ରୁତି ଦେଇଥିଲେ। ବୁଡିଦର ପଞ୍ଚାୟତ କାର୍ଯ୍ୟାଳୟରୁ ଲଖନାପଡାକୁ ୧୫ କି.ମି. ପଡିଥାଏ। ଲଖନାପଡାରେ ପ୍ରାୟ୨୫୦ ଲୋକ ବାସ କରନ୍ତି। ସମସ୍ତେ ପ୍ରାୟ ଗରୀବ ଶ୍ରେଣୀର। ଏହି ଗାଁକୁ ଯିବା ପାଇଁ ଆଜି ପର୍ଯ୍ୟନ୍ତ ରାସ୍ତାଟିଏ ନାହିଁ। ଗତ ସେପ୍ଟେମ୍ବର ୨୫ ତାରିଖରୁ ଗ୍ରାମର ସମସ୍ତ ମହିଳାପୁରୁଷ ଏକତ୍ରିତ ହୋଇ ପାହାଡ କାଟି ରାସ୍ତା ନିର୍ମାଣ କରୁଛନ୍ତି। ଏହି ଗାଁକୁ ପ୍ରଥମେ ପ୍ରଶାସନିକ ଅଧିକାରୀ ଭାବରେ ତତ୍କାଳୀନ ଉପଜିଲାପାଳ ମନୋଜ ଆହୁଜା, ଗୌରୀ ପରାସର, ତତ୍କାଳୀନ ବିଡିଓ ଜଗନ୍ନାଥ ମହାନ୍ତି, ତ୍ରିଲୋଚନ ମହାନ୍ତି, ତହସିଲଦାର ସୂର୍ଯ୍ୟନାରାୟଣ ଦାଶ, ରବିନ୍ଦ୍ରନାଥ କୁଅଁର ପ୍ରମୁଖ ଯାଇ ଲୋକଙ୍କ ସମସ୍ୟା ବୁଝିଥିଲେ। ତତ୍କାଳୀନ ଉପଜିଲାପାଳ ଗୌରୀ ପରାସର ୨୦୧୨-୧୩ରେ ଏହି ଗାଁକୁ ଯାଇ ଜଙ୍ଗଲରେ ରାସ୍ତା ନିର୍ମାଣ କରିବା ପାଇଁ ୯ କୋଟି ଅନୁମୋଦନ କରିଥିଲେ। ହେଲେ ଜଙ୍ଗଲ ବିଭାଗର ନାଲିଫିତା ଫାଇଲ ତଳେ ରାସ୍ତା ଛାଡିବାକୁ ଅନୁମତି ଚାପି ହୋଇଥିବା ଯୋଗୁ ଶେଷରେ ବାଧହୋଇ ରାସ୍ତା ନିର୍ମାଣ ନିଜେ କରିବାକୁ ଗ୍ରାମବାସୀ ଅଣ୍ଟା ଭିଡିଛନ୍ତି।



ଲଖନାପଡାରେ ବିଧାୟକଙ୍କ ସହ ଅନ୍ୟମାନେ।

**ଧରିତ୍ରୀ ପ୍ରଭାବ**
- ପ୍ରଥମ ବିଧାୟକ ଭାବେ ଲଖନାପଡାକୁ ପହଞ୍ଚିଲେ ଦିବ୍ୟଶଙ୍କର
- ଗାଁର ଉନ୍ନତି ପାଇଁ ୧୦ ଲକ୍ଷ ଟଙ୍କାର ଅନୁଦାନ

## ସିଆରପିଏଫ୍ ତରଫରୁ

# ବୃଦ୍ଧାବୃଦ୍ଧଙ୍କୁ କମ୍ବଳ, ଲୁଗା ବଣ୍ଟନ

ମୋହନଗିରି,୨୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ମୋହନଗିରିଠାରେ ମାଓବାଦୀମାନଙ୍କ ମୁକାବିଲା କରିବା ଉଦେଶ୍ୟ ନେଇ ସ୍ଥାପିତ ହୋଇଥିବା ଇ/୬୪ ବାଟାଲିୟନ ସିଆରପିଏଫ ଯବାନମାନଙ୍କ ପକ୍ଷରୁ କ୍ୟାମ୍ପ ପରିସରରେ ଏକ ସମାଜିକ କଲ୍ୟାଣ କାର୍ଯ୍ୟକ୍ରମ ଗୁରୁବାର ଆୟୋଜନ କରାଯାଇଥିଲା । ଏଥିରେ ମୋହନଗିରି, ମାଣିକେରା, ସିହପୁର, ଦେଢଶୁଲି ୪ଟି ପଞ୍ଚାୟତର ୩୦୦ଜଣ ଗରିବ ବୃଦ୍ଧବୃଦ୍ଧାମାନଙ୍କୁ କମ୍ବଳ ଓ ଲୁଗା ବଣ୍ଟନ କରାଯାଇଥିଲା । ଏଥି ସହିତ ଅଞ୍ଚଳରେ ଥିବା ୯ଟି ଯୁବକ ସଂଘ ଓ ୧୨ ସ୍କୁଲକୁ ବିଭିନ୍ନ ଖେଳ ସାମଗ୍ରୀ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସିଆରପିଏଫର ସିଓ ଏ.ଏନ. ପାଣ୍ଡେ ମୁଖ୍ୟଅତିଥି ଭାବରେ ଯୋଗଦେଇ ହିତାଧିକାରୀମାନଙ୍କୁ ଉପରୋକ୍ତ ସାମଗ୍ରୀ ବଣ୍ଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାଟାଲିୟନର ଆସଷ୍ଟାଣ୍ଡ କମାଣ୍ଡର ଅନିରୁଦ୍ଧ ପାଣ୍ଡେ, ଡିସି ନିଶାନ୍ତ ବୈଷ୍ଣବ, ଇନସ୍ପେକ୍ଟର ଚନ୍ଦ୍ରକାନ୍ତ ନାଏକ ତଥା ୪ଟି ପଞ୍ଚାୟତର ସରପଞ୍ଚ ଓ ଆୟୁଷ ଡାକ୍ତର ତାପସ ରଞ୍ଜନ ପଧାନ ପ୍ରମୁଖ ଯୋଗଦେଇଥିଲେ ।



କାର୍ଯ୍ୟକ୍ରମରେ ଜଣେ ହିତାଧିକାରୀଙ୍କୁ କମ୍ବଳ ବଣ୍ଟନ କରାଯାଉଛି ।

## ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୩୯୩ ପ୍ରକଳ୍ପ ପାଇଁ ୮ କୋଟି ଟଙ୍କାର ଅନୁଦାନ

ଭବାନୀପାଟଣା,୨୮।୧୨(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ଅନ୍ତର୍ଗତ ଭଙ୍ଗାବାରୀଠାରେ ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନଫ୍ରେନ୍ସ ମାଧ୍ୟମରେ ଭବାନୀପାଟଣା ବ୍ଲକର ୩୯୩ଟି ପ୍ରକଳ୍ପ ପାଇଁ ମୋଟ ୮ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭବାନୀପାଟଣା ବିଧାୟକ ଅନାମ ନାଏକ, ଜିଲାପାଳ ଗାଭାଲି ପରାଗ ହରସଦ, ପିଡିଡିଆରଡିଏ ପ୍ରସନ୍ନ ଷଡଙ୍ଗୀ ସଦର ବିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ରାଜ୍ୟ ହାଉସିଂ ବୋଡ ଅଧ୍ୟକ୍ଷ ଭୁପିନ୍ଦର ସିଂ, ଲାଞ୍ଜିଗଡ ବିଧାୟକ ବଳଭଦ୍ର ମାଝି, ସଦର ଏବିଡିଓ ଶ୍ରୀଧର ପଣ୍ଡା, ଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ସୁଜିତ କୁମାର, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ପୂର୍ବତନ ନଗରପାଳ ଆଦିତ୍ୟନନ୍ଦ, ଭବାନୀଶଙ୍କର ମିଶ୍ର, ଇଂ. ପ୍ରମୋଦ ପଟ୍ଟନାୟକ, ପ୍ରଦୀପ ଦାସ, ଚକ୍ରଧର ସେଠୀଙ୍କ ସମେତ ବହୁ ଲୋକ ଯୋଗଦେଇଥିଲେ। ବୋର୍ଡା ସରପଞ୍ଚ ରିନାରାଣୀ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଲାର ୩ ଛାତ୍ରୀ ବ୍ୟାଡମିଣ୍ଟନରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ

ଭବାନୀପାଟଣା,୨୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ବ୍ୟାଡମିଣ୍ଟନ ସଂଘ ଅନୁକୂଲ୍ୟରେ ବ୍ୟାଡମିଣ୍ଟନ ଇଣ୍ଡୋର ହଲଠାରେ ସଭା ଅନୁଷ୍ଠିତ ହୋଇଥିଲା। ୬୪ତମ ରାଜ୍ୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ କଳାହାଣ୍ଡି ଜିଲାର ୩ ଜଣ ଛାତ୍ରୀ ଓଡିଶାରୁ ପ୍ରତିନିଧିତ୍ୱ କରୁଛନ୍ତି। ସେମାନେ ହେଲେ ଲାଞ୍ଜିଗଡ ସ୍କୁଲର ମଧୁମିତା ଶବର, ରଶ୍ମିତା ଶବର, ଜୁନାଗଡ ବାଳିକା ବିଦ୍ୟାଳୟର ସୀତା ସୁନାନୀ। ପ୍ରତିଯୋଗୀଙ୍କୁ କଳାହାଣ୍ଡି ବ୍ୟାଡମିଣ୍ଟନ ସଂଘ ପକ୍ଷରୁ ଲାଞ୍ଜିଗଡ ବେଦାନ୍ତ ସହାୟତାରେ ବ୍ୟାଡମିଣ୍ଟନ, ରାକେଟ, ଜୋତା, କିଟ ବ୍ୟାଗ, ଟ୍ରାକ ସୁଟ ଓ ଟିସାର୍ଟ ଆଦି ପ୍ରଦାନ କରାଯାଇଛି। ଆସୋସିଏଶନ ସଭାପତି ପ୍ରଦୀପ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପିଏ ଆଇଟିଡିଏ ବିରଞ୍ଚି ନାରାୟଣ ଦରୱାନ, ସମ୍ମାନିତ ଅତିଥି ବେଦାନ୍ତ ପିଆରଓ ଏକଜୁକ୍ୟୁଟିଭ ଶିବଦତ୍ତ ମିଶ୍ର, ସିଏସଆର ବିଭାଗ ମୃଣାଳୀ ଶେଲାର, ଡିଡବ୍ଲୁ ବୁଦ୍ଧଦେବ ପଣ୍ଡା, କ୍ରୀଡାବିତ ଶ୍ୟାମାପ୍ରସାଦ ବାବୁ, ବ୍ୟାଡମିଣ୍ଟନ ଏସୋସିଏଶନ ସମ୍ପାଦକ ସନ୍ଦୀପ ମିଶ୍ର ଯୋଗଦେଇଥିଲେ। କୋଷାଧ୍ୟକ୍ଷ ସରୋଜ ମହାରଣା ଧନ୍ୟବାଦ ଦେଇଥିଲେ। ଆସୋସିଏଶନ ଉପସଭାପତି ରଞ୍ଜିତ ସାହୁ, ସହସମ୍ପାଦକ ସୌର ସାହାଣୀ, ମହେଶ କୁକ୍ରେଜା, ସାଇ କୁମାର ସିଂ ସାମନ୍ତ, ଗୌରୀଶଙ୍କର ବିଶି ପ୍ରମୁଖ ଉପସ୍ଥିତ ଥିଲେ।

# ସେଁପୁର ଧନୁଯାତ୍ରା ମହୋତ୍ସବ ଉଦ୍‌ଘାଟିତ



ଧନୁଯାତ୍ରା ଉଦ୍‌ଘାଟନ ଅବସରରେ କଂସ ମହାରାଜଙ୍କ ସହ ପାତ୍ରମନ୍ତ୍ରୀ।

ଭବାନୀପାଟଣା,୨୮।୧୨(ଡି.ଏନ.ଏ.)

ଭବାନୀପାଟଣା ସଦର ବ୍ଲକ ମିଲକୀ ପ୍ରଗଣାର ସେଁପୁରଠାରେ ପଞ୍ଚମ ଧନୁଯାତ୍ରା ମହୋତ୍ସବ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଶିକ୍ଷାବିତ କୁଞ୍ଜ ବିହାରୀ ସାହୁଙ୍କୁ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ସ୍ୱଚ୍ଛ ଭାରତ ଅଭିଯାନ ଜିଲା ସଂଯୋଜକ ଲୋକନାଥ ଦୁର୍ଗା ମୁଖ୍ୟଅତିଥି, ସେଁପୁର ସରପଞ୍ଚ ରାଜେଶ ପ୍ରସାଦ ସାହୁ, ଭିକାରୀ ଚରଣ ସାହୁ, ପାଣ୍ଡବ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହାରାଜ ଅଗ୍ରେସେନଙ୍କୁ କଂସ ଗାଦିଚ୍ୟୁତ କରିବା ସହ ମଥୁରାର ନରେଶ ଭାବେ ମହାରାଜ କଂସଙ୍କ ରାଜ୍ୟାଭିଷେକ ହୋଇଥିବା ନାଟକୀୟ କଥା ବସ୍ତୁ ଅଭିନୀତ ହୋଇଥରଲା। କଂସ ଦରବାରରେ ମହାପ୍ରତାପି କଂସର ଅଟ୍ଟହାସ୍ୟରେ ସମଗ୍ର ମଥୁରା ନଗରୀ ଥରହର ହୋଇ ଉଠିଥିଲା। କଂସ ଭୂମିକାରେ ଝସକେତନ ସାହୁଙ୍କ ନିଖୁଣ ଅଭିନୟ ଦର୍ଶକଙ୍କୁ ବେଶ ଆକୃଷ୍ଟ କରିଥିଲା। ମହୋତ୍ସବ କମିଟି ଉପଦେଷ୍ଟା ଶରତ ଚନ୍ଦ୍ର ସାହୁ, ସମ୍ପାଦକ ବୈଷ୍ଣବ ମାଝି, ଉପସଭାପତି ଯୋଗୀରାମ ବାଗ, ଯୁଗ୍ମ ସଂମ୍ପାଦକ ବାଳକୃଷ୍ଣ ବାରିକ, କୋଷାଧ୍ୟକ୍ଷ ପଙ୍କଜ ବାଗ, ସୀତାରାମ ମାଝି, ପ୍ରଫୁଲ୍ଲ ସାହୁ, ଜୟଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ ଘଟଣା

# ପୀଡ଼ିତାଙ୍କୁ କ୍ଷତିପୂରଣ, ଉଚ୍ଚଶିକ୍ଷାର ବ୍ୟବସ୍ଥା କରାଯାଉ

ଭବାନୀପାଟଣା,୨୮।୧୨(ଡି.ଏନ.ଏ.)

**କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘର ଦାବି**

କଳାହାଣ୍ଡି ଜିଲା ଥୁ.ରାମପୁର ବ୍ଲକ ଅନ୍ତର୍ଗତ ସିରିମସ୍କା ସ୍କୁଲ ଛାତ୍ରୀଙ୍କୁ ଅସଦାଚରଣ ଘଟଣାରେ ସମ୍ପୃକ୍ତା ପୀଡ଼ିତାଙ୍କୁ କ୍ଷତିପୂରଣ, ଉଚ୍ଚଶିକ୍ଷାର ବ୍ୟବସ୍ଥା କରିବାକୁ କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ପକ୍ଷରୁ ଦାବି କରାଯାଇଛି। ଶୁକ୍ରବାର ଅପରାହ୍ନରେ ଭବାନୀପାଟଣା ସାର୍କିଟ ହାଉସଠାରେ କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ସଭାପତି କିଶୋର ଚନ୍ଦ୍ର ଭୋଇଙ୍କ ନେତୃତ୍ୱରେ ଖବରଦାତା ସମ୍ମିଳନୀରେ ଏହି ଦାବି କରାଯାଇଛି । ଜଣେ ଆଦିବାସୀ ନାବାଳିକା ସିରମସ୍କା ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରି ସ୍ଥାନୀୟ କନ୍ୟା ଆଶ୍ରମରେ ରହି ଆସୁଥିଲା । କିନ୍ତୁ ଦୁଃଖର ବିଷୟ ଉକ୍ତ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସେହି ଆଶ୍ରମରେ ରହୁଥିବା ଆଦିବାସୀ ନାବାଳିକା ଛାତ୍ରୀଙ୍କୁ ଯୌନ ନିର୍ଯ୍ୟାତନା ଦେବା ଘଟଣା ଆଦିବାସୀ ସମାଜର ମାନ ସମ୍ମାନକୁ କ୍ଷୁର୍ଣ୍ଣକରୁଛି ବୋଲି କୁହାଯାଇଛି। ଏହି ଘଟଣା ପ୍ରକଟ ହେବାରୁ ସଂଘ ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ମାଝି ଘଟଣାସ୍ଥଳ ଯାଇ ସତ୍ୟାସତ୍ୟ ତଦନ୍ତ କରି ଜାଣିବା ପରେ ଆଦିବାସୀ ସଂଘ ତରଫରୁ ଜିଲା ପ୍ରଶାସନ ପାଖରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଥିଲେ । ସଂଘର ଦାବି ଅନୁଯାଇ ସମ୍ପୃକ୍ତ ଦୋଷିଙ୍କୁ ଗିରଫ କରି ଜେଲ୍ ହାଜତ ଭିତରେ ରଖାଯାଇଛି । ଏହି ଘଟଣାରେ ଅନେକ ବ୍ୟକ୍ତି ସମ୍ପୃକ୍ତ ଥିବା ଜନସାଧାରଣରେ ଚର୍ଚ୍ଚା ହେଉଥିବାରୁ ସଂଘ ତରଫରୁ ଉଚ୍ଚସ୍ତରୀୟ ଏବଂ ସିବିଆଇ ତଦନ୍ତ ପାଇଁ ଦୃଢ଼ ଦାବି କରୁଛି । ତତ୍‌ସହିତ ସମ୍ପୃକ୍ତ ଦୋଷିମାନଙ୍କୁ କଠୋର ଦଣ୍ଡ ବିଧାନ କରାଯାଉ ଏବଂ ପୀଡିତା ଛାତ୍ରୀ ପ୍ରତି ସରକାର ୨୦ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରି ତା'ର ଉଚ୍ଚ ଶିକ୍ଷାର ବ୍ୟବସ୍ଥା ପାଇଁ ସଂଘ ଦାବି କରିଛି । ସମ୍ମିଳନୀରେ ସଂଘ କର୍ମକର୍ତ୍ତା ଓ ସହ ସମ୍ପାଦକ ସାଗର ମାଝି, ଉପସଭାପତି ଜଏନ ଶବର, ସଂଘ ବରିଷ୍ଠ ସଭ୍ୟ ଉଦ୍ଧବ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଡିଷ୍ଟ୍ରିକ୍ଟ ଆଦିବାସୀ ସଂଘ ପକ୍ଷରୁ ସୂଚନା ଦିଆଯାଉଛି।

# ପ୍ରତିବାଦ ସଭା, ଦାବିପତ୍ର ପ୍ରଦାନ

ଭବାନୀପାଟଣା,୨୮।୧୨(ଡି.ଏନ.ଏ.)

**ଭାଜପା କୃଷକ ମୋର୍ଚ୍ଚା**

ଶୁକ୍ରବାର ଭାରତୀୟ ଜନତା ପାର୍ଟି କୃଷକ ମୋର୍ଚ୍ଚା କଳାହାଣ୍ଡି ପକ୍ଷରୁ ଜିଲା ସଭାପତି ସୁଧିର ପଟ୍ଟଯୋଷୀଙ୍କ ନେତୃତ୍ୱରେ ଜିଲାରେ ଅବ୍ୟବସ୍ଥିତ ମଣ୍ଡି, ଧାନ ଅଭାବି ବିକ୍ରି, ରାଜ୍ୟ ସରକାରଙ୍କ ଚାଷୀ ଶୋଷଣ କାର୍ଯ୍ୟକଳାପ ନେଇ ପ୍ରତିବାଦ ସଭା ଏବଂ ଦାବିପତ୍ର ପ୍ରଦାନ କରାଯାଇଛି ।
ଏକ ବିରାଟ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖରେ ପ୍ରତିବାଦ ସଭା କରିବା ସହ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବହୁମୁଖ୍ୟ ଇନ୍ଦ୍ରାବତୀ ଓ ଅନ୍ୟାନ୍ୟ ସବୁସୁବିଧା ଥାଇ ୧୯ ବର୍ଷର ବିଜେଡି ସାଶନରେ ଜିଲାରେ ଜଳସେଚନର ଅଗ୍ରଗତି ହୋଇ ନ ଥିବା ବେଳେ ବାରମ୍ବାର ବନ୍ୟା ଓ ମରୁଡି ପ୍ରଭାବିତ ହୋଇ ଚାଷୀ ଆତ୍ମହତ୍ୟା ତାଲିକା ବଢିଚାଲିଛି। ଜିଲା ଓ ରାଜ୍ୟ ସରକାରଙ୍କ ଅଣଦେଖା ସତ୍ତ୍ୱେ ପରିଶ୍ରମୀ ଚାଷୀ ଯୋଗୁ ଗତ ୨୦୧୭-୧୮ ବର୍ଷରେ ରାଜ୍ୟରେ ୧୦,୨୮୭୦ କୁଇଣ୍ଟାଲ ଧାନ ଉତ୍ପାଦନ କରି ଦ୍ୱିତୀୟ ସର୍ବଶ୍ରେଷ୍ଠ ଜିଲାର ମାନ୍ୟତା ଲାଭ କରିଛି। ଚଳିତ ଖରିଫ ଋତୁରେ ୭୪ଟି ପ୍ରାଥମିକ କୃଷି ସମବାୟ ସେବା ସମିତି ଓ ଲ୍ୟାମ୍ପ ମାଧ୍ୟମରେ ୧୫୭ଟି ମଣ୍ଡି ଥିଲେ ମଧ୍ୟ ମଣ୍ଡିଗୁଡିକର ଭିତ୍ତିଭୂମି ଠିକ ନ ଥିବାରୁ ଧାନ ଓ କପା ଚାଷୀ ପ୍ରଧାନମନ୍ତ୍ରୀ ଘୋଷଣା କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ଧାନ ୧୭୫୦ ଟଙ୍କା ପାଇବାରୁ ବଞ୍ଚିତ ହେଉଛନ୍ତି। ରାଜ୍ୟ ସରକାର ଓ ମିଲରଙ୍କ ମଧୁଚନ୍ଦ୍ରିକା ଯୋଗୁ ୪ ରୁ ୬ କେଜି ଧାନ କଟିନି କରି ଚାଷୀଙ୍କୁ ଶୋଷଣ କରାଯାଉଛି। ଜିଲାର ଚାଷ ଓ ଚାଷୀଙ୍କ ମୌଳିକ ଅଧିକାର ଓ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭାରତୀୟ ଜନତାପାର୍ଟି କୃଷକ ମୋର୍ଚ୍ଚା ତରଫରୁ ନିମ୍ନଲିଖିତ ଦାବିଗୁଡିକୁ ନେଇ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି। ଦାବିଗୁଡିକ ହେଲା ମଣ୍ଡିଗୁଡିକରେ ୪ ରୁ ୬ କେଜି ଧାନ କଟିନି ବନ୍ଦ କରିବା, ଧାନ ମଣ୍ଡିଗୁଡିକର ଭିତ୍ତିଭୂମି ଠିକ ନ ଥିବାରୁ ଚାଷୀମାନେ ହଇରାଣ ହେଉଥିବାର ସୁଯୋଗରେ ଦଲାଲ ଓ କଲାବଜାରୀଙ୍କ ଶିକାର ହୋଇ କେନ୍ଦ୍ର ସରକାରଙ୍କ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ୧୭୫୦ଟଙ୍କାରୁ ବଞ୍ଚିତ ହେଉଛନ୍ତି। ମଣ୍ଡିଗୁଡିକର ଦଲାଲି ବନ୍ଦ କରାଯାଉ। ୨୦୧୭-୧୮ ବର୍ଷରେ ପୁନରୁଦ୍ଧାର ନାମରେ କଲମପୁର, ଜୁନାଗଡ, ଇନ୍ଦ୍ରାବତୀ ଡାହାଣ କେନାଲ, ରାଜ୍ୟ ସରକାରଙ୍କ ପିସିନିତୀ ଯୋଗୁ ଟେଣ୍ଡର ବାରମ୍ବାର ବାତିଲ କରି ଚାଷୀଙ୍କୁ ଚାଷ କାର୍ଯ୍ୟରୁ ବଞ୍ଚିତ କରାଯାଇଛି। ଏହା ବନ୍ଦ କରି ଶୀଘ୍ର କେନାଲ କାମ କରାଯାଉ। ରାଜ୍ୟ ସରକାର ଶୀଘ୍ର ସଂଖ୍ୟାଧିକ କପାମଣ୍ଡି ଖୋଲି ଚାଷୀଙ୍କୁ ସରକାରୀ ଧାର୍ଯ୍ୟ ପ୍ରାପ୍ୟ ପ୍ରଦାନ କରିବା, ଚାଷୀଙ୍କୁ ସବୁ ପ୍ରକାର କୃଷି ଋଣ ଛାଡ କରାଯାଉ ବୋଲି ଦାବି କରିଛନ୍ତି। ଶୋଭାଯାତ୍ରା, ପ୍ରତିବାଦ ସଭାରେ ଜିଲା କୃଷକ ମୋର୍ଚ୍ଚା ସଭାପତି ସୁଧିର ପଟ୍ଟଯୋଷୀଙ୍କ ସହ ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଶିବାଜୀ ମହାନ୍ତି, କାଳୀପ୍ରସାଦ ରାୟଗୁରୁ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, କେଶରି ଦୁର୍ଗା, ଅପ୍ରେସ ସ୍ୱାଇଁ, ଦେବେନ୍ଦ୍ର ମହାନ୍ତି, ଭବେନ୍ଦ୍ର ପଣ୍ଡା, ଦୟାନିଧି ନାଏକ, ଲୋକନାଥ ଦୁର୍ଗା, ଯୁଗଳ କିଶୋର ପୋଡ, ପ୍ରଦୀପ ବିହାରଙ୍କ ସମେତ ବହୁ କର୍ମକର୍ତ୍ତା ସାମିଲ ଥିଲେ।




ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

# ଶୀତକାଳୀନ କ୍ରିକେଟ ଟୁର୍ନାମେଣ୍ଟ: ଟିଟିଲାଗଡ଼ ଚାମ୍ପିୟନ



ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥିଙ୍କ ସହ ଅତିଥି ଗଣ।

କର୍ଲାମୁଣ୍ଡା,୨୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରେଗେଡା ପଞ୍ଚାୟତ ଯୋଗିପଲା ନେତାଜୀ କ୍ରିକେଟ କ୍ଲବ ପକ୍ଷରୁ ୧୦ ତାରିଖଠାରୁ ଆରମ୍ଭ ହୋଇଥିବା ଶୀତକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ଟିଟିଲାଗଡ ଓ ବେଲଗାଁ ମଧ୍ୟରେ ହୋଇଥିଲା। ଏଥିରେ ଟିଟିଲାଗଡ ଦଳ ପ୍ରଥମେ ବ୍ୟାଟିଂ କରି ୬ ଉଇକେଟ ବିନିମୟରେ ନିର୍ଦ୍ଧାରିତ ଓଭରରେ ୨୪୭ ରନ ସଂଗ୍ରହ କରିଥିଲା । ଜବାବରେ ବେଲଗାଁ ସମସ୍ତ ଉଇକେଟ ହରେଇ ୧୬୫ ରନ୍ ସଂଗ୍ରହ କରି ଫରାସ୍ତ ହୋଇଥିଲା। ପୁରସ୍କାର ବିତରଣୀ ସଭାରେ ମୁଖ୍ୟଅତିଥି ସାମାଜିକ କର୍ମୀ ଜିତୁ ମିଶ୍ର, ସମ୍ମାନିତ ଅତିଥି ନର୍ଲା ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି, ଅବସରପ୍ରାପ୍ତ ଶିକ୍ଷକ ମିଖା ଦୀପ ଓ ସଂକୀର୍ତ୍ତନ ଭୋଇ, ବୃନ୍ଦାବନ ଭୋଇ, କୌରବ ରଣା, ବଳଦେବ ରଣା, ଅରୁଣ ସାହୁ, ଲିଙ୍ଗରାଜ ଦୀପ ପ୍ରମୁଖ ଯୋଗଦେଇ ଖେଳ ସହିତ ସୁସ୍ଥ ସମାଜ ଗଠନରେ ଯୁବ ଗୋଷ୍ଠିର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ବିଜୟୀ ଦଳକୁ ଟ୍ରଫି ସହିତ ୩୦ ହଜାର ଟଙ୍କା ଓ ରନସଅପ ଦଳକୁ ଟ୍ରଫି ସହ ୧୮ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଖେଳକୁ ସଂଘ ସଭାପତି ସନ୍ତଲାଲ ଦୀପ, ସମ୍ପାଦକ ଭୁପିନ୍ଦ୍ର ଭୋଇ ଓ ସମସ୍ତ ସଭ୍ୟମାନେ ଆୟୋଜନରେ ନେତୃତ୍ୱ ନେଇଥିଲେ । ଉଦ୍‌ଘୋଷକ ଭାବେ ସୁଶାନ୍ତ କୁମାର ଦୀପ ଓ ଲୋକେଶ ଗହୀର, ସ୍କୋରର ଭାବେ ଅଗସ୍ତି ଭୋଇ, ଅମ୍ପାୟାର ଭାବେ ବୀରକିଶୋର ବାଗ, ଡୁଲାମଣି ଚୌଧୁରୀ ରହିଥିଲେ।

## ସଂକ୍ଷେପରେ

### ଭଇଁରୀଗୁଡା ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ

ଜୁନାଗଡ,୨୮।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଭଇଁରୀଗୁଡା ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ରଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ସମାରୋହରେ ବିଧାୟକ ମିଶ୍ରଙ୍କ ସହ ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଡିଓ ପରମ ବ୍ରହ୍ମ ଯୋଷୀ, ଜିପିଓ ସିଦ୍ଧେଶ୍ୱର ମେହେର, ଜୁନାଗଡ ପୂର୍ବତନ ଏନଏସି ଅଧ୍ୟକ୍ଷ ମହେଶ ସାହୁ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ମଲ୍ଲିକ, ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ଟୁଡୁ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଚିଙ୍ଗୁଡିସର ସରପଞ୍ଚ ତିଳକର ମାଝି, ବ୍ଲକ ମୁଖ୍ୟ କିରାଣୀ ବିଶ୍ୱନାଥ ପ୍ରଧାନ, ସ୍ଥାନୀୟ ପିଇଓ କ୍ଷମା ସାଗର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି କୋଠାଟି ଚତୁର୍ଦ୍ଦଶ ଅର୍ଥ କମିଶନରୁ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଜଣାପଡିଛି।

### ହିନ୍ଦୁମାନଙ୍କ ଭିତରେ ଏକତା ଆବଶ୍ୟକ

ନାକଟିଦେଉଳ,୨୮।୧୨(ଡି.ଏନ.ଏ.) ସ୍ଥାନୀୟ ହାଟପଦାରେ ଶୁକ୍ରବାର ବ୍ଲକସ୍ତରୀୟ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ନାକଟିଦେଉଳ ବ୍ଲକ ରାଷ୍ଟ୍ରୀୟ ସଂୟ ସେବକ ସଂଘ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ଖଗେଶ୍ୱର ବେହେରା, ହରିଶଙ୍କର ହୋତା, ଗୋବିନ୍ଦ ନାରାୟଣ ଅଗ୍ରୱାଲା, ଅରୁଣ କୁମାର ସାହୁ, ସ୍ୱଦେଶ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭାରତୀୟ ସଂସ୍କୃତିରେ ହିନ୍ଦୁ ଏକତାର ଆବଶ୍ୟକତା ଏବଂ ଭାଇଚାରା ସମ୍ପର୍କରେ ଆଲୋକପାତ କରିଥିଲେ। ଅଯୋଧାରେ ରାମ ମନ୍ଦିର ନିର୍ମାଣ ଓ ହିନ୍ଦୁ ଏକତ୍ରୀକରଣ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବ୍ଲକସ୍ତରୀୟ ହିନ୍ଦୁ ଜାଗରଣ କମିଟି ଗଠନ କରାଯାଇଥିଲା ।

### କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

କୋକସରା,୨୮।୧୨(ଡି.ଏନ.ଏ.) ଶୁକ୍ରବାର କୋକସରା ବ୍ଲକ୍ କଂଗ୍ରେସ ପକ୍ଷରୁ ସ୍ଥାନୀୟ ରାଜିବଗାନ୍ଧୀ ଭବନଠାରେ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ବ୍ଲକ୍ କଂଗ୍ରେସ ସଭାପତି ରାଜେନ୍ଦ୍ର କୁମାର ନାଏକ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ରାସ ବିହାରୀ ବେହେରା ଯୋଗଦେଇ ଆଗାମୀ ଦିନରେ କଂଗ୍ରେସର ପୂର୍ବ ଗୌରବମୟ ଇତିହାସକୁ ଥରେ ଉଜ୍ଜିବିତ କରିବା ପାଇଁ ଦଳୀୟ କର୍ମକର୍ତ୍ତାମାନଙ୍କଠାରେ ମତ ରଖିଥିଲେ । ଏହି ଅବସରରେ ବରିଷ୍ଠ ନେତା ନିମାଇ ଚରଣ ଧଙ୍ଗଡ଼ାମାଝି, ପୁରୁଷୋତ୍ତମ ଗୁପ୍ତା, କୃପାସିନ୍ଧୁ ପ୍ରଧାନୀ, ଯୁଧିଷ୍ଠିର ମାଝି, ତ୍ରିଭୁବନ ନାଏକ, ହରିଶ୍ଚନ୍ଦ୍ର ନାଏକ, ଅଭିମନ୍ୟୁ ପଟ୍ଟନାୟକ, ବସନ୍ତ କୁମାର ସରାବୁ, ମହେନ୍ଦ୍ର ଧରୁଆ, ଦୁର୍ଯ୍ୟୋଧନ ଠାକୁର, ରୁପଧର ପୋଡ଼, ଅରୁଣ ମାଝି, ଯୋଗା ନାଏକ ପ୍ରମୁଖ ଯୋଗଦେଇଥିଲେ। ପରେ ବ୍ଲକ୍ କଂଗ୍ରେସରେ ଦୀର୍ଘ ଦିନ ଧରି ନିଜର ସମୟ ଦେଇଥିବା ଜଣେ ଶୃଙ୍ଖଳିତ କର୍ମୀ ବ୍ରହ୍ମାନନ୍ଦ ଦାସଙ୍କ ଗତ କିଛି ଦିନ ତଳେ ବିୟୋଗ ହୋଇଥିବା ବେଳେ ତାଙ୍କ ଦଶାହ କାର୍ଯ୍ୟରେ ସମସ୍ତେ ଯୋଗଦେଇଥିଲେ ।

# ବାଇକ ଆରୋହୀଙ୍କୁ ଚାପିଦେଲା ଟ୍ରକ

- ଉତ୍ତ୍ୟକ୍ତ ଲୋକେ ୨ଟ୍ରକ ଜାଳିଦେଲେ
- ଉତ୍ତେଜନା, ରାସ୍ତାରୋକୋ

ବଲାଙ୍ଗୀର ଅଫିସ, ୨୮।୧୨

ବଲାଙ୍ଗୀର ସହରର ଶିବ ମନ୍ଦିର ଛକରେ ଶୁକ୍ରବାର ରାତି ପ୍ରାୟ ୧୧ଟା ୧୫ରେ ଜଣେ ବାଇକ ଆରୋହୀଙ୍କୁ ଏକ ମାଲ ବୋଝେଇ ଟ୍ରକ ଚାପି ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସ୍ଥାନୀୟ ଗାନ୍ଧୀ ନଗରପଡାର ଗୋପାଳ ମିଶ୍ର। ଦୁର୍ଘଟଣା ପରେ ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ରାସ୍ତା ଅବରୋଧ କରିବା ସହ ଦୁର୍ଘଟଣା ଘଟାଇଥିବା ଟ୍ରକ ସହ ଅନ୍ୟ ଏକ ଟ୍ରକକୁ ଜାଳି ଦେଇଛନ୍ତି। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀ ଦମକଳ ସହ ପହଞ୍ଚି ଥିଲେ ମଧ୍ୟ ଉତ୍ତ୍ୟକ୍ତ ଲୋକେ ସେମାନଙ୍କୁ ନିଆଁ ଲିଭାଇବାକୁ ଛାଡ଼ି ନ ଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିବା ପରେ ଟ୍ରକରେ ଲାଗିଥିବା ନିଆଁକୁ ଲିଭାଇବାକୁ ଅଗ୍ନିଶମ କର୍ମଚାରୀଙ୍କୁ ଛଡ଼ା ଯାଇଥିଲା। ରାସ୍ତା ଅବରୋଧ ଯୋଗୁ ଉଭୟ ପାର୍ଶ୍ୱରେ ଶହଶହ ଗାଡିମୋଟର ଅଟକ ରହିଛି। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ପୋଲିସ କୌଣସି ପଦକ୍ଷେପ ଗ୍ରହଣ କରିପାରିନାହିଁ । ଏହି ଆନ୍ଦୋଳନରେ ଯୁବ କଂଗ୍ରେସ ଓ ବଲାଙ୍ଗୀର ଆକ୍ସନ କମିଟି କର୍ମକର୍ତ୍ତା ସାମିଲ ହୋଇ ବାଇପାସ୍ ରାସ୍ତା ନିର୍ମାଣ ଦାବି କରିଛନ୍ତି।



ବଲାଙ୍ଗୀର ସହରରେ ଟ୍ରକ୍ ଧକ୍କାରେ ଯୁବକ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକେ ଜାଳି ଦେଇଥିବା ଟ୍ରକ ଓ ମୃତ ଯୁବକ (ଇନ୍‌ସେଟ୍)।

ସହରର ଏକ ମହିନ୍ଦ୍ରା ଶୋରୁମ୍‌ରେ କାମ କରୁଥିବା ଗୋପାଳ ନିଜ ବାଇକରେ ଘରକୁ ଫେରୁଥିବା ବେଳେ ବରଗଡ଼ ପଟୁ ଟିଟିଲାଗଡ଼ ଅଭିମୁଖେ ଯାଉଥିବା ଏକ ମାଲ ବୋଝେଇ ଟ୍ରକ ତାଙ୍କୁ ସାମନା ପଟୁ ଧକ୍କା ଦେଇଥିଲା। ଫଳରେ ସେ ରାସ୍ତା ଉପରେ ଛିଟିକି ପଡିବା ସହ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା। ଶନିବାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ବଲାଙ୍ଗୀର ଗସ୍ତର କେଇ ଘଣ୍ଟା ପୂର୍ବରୁ ବଲାଙ୍ଗୀର ସହର ଅଶାନ୍ତ ହୋଇ ପଡିବା ପ୍ରଶାସନ ପାଇଁ ଚିନ୍ତାର କାରଣ ହୋଇଛି। ସୂଚନାଯୋଗ୍ୟ, ମୃତ ଗୋପାଳ ୬ମାସ ତଳେ ବିବାହ କରିଥିଲେ।

# ଇଣ୍ଡିଆ ସ୍କିଲ୍‌ସ ବିଜେତା ସମ୍ବର୍ଦ୍ଧିତ

- ୱାର୍ଲଡ ସ୍କିଲ୍‌ଡ ସେଣ୍ଟରରେ ପାଇବେ ନିଯୁକ୍ତି

ଭୁବନେଶ୍ୱର, ୨୮।୧୨(ବ୍ୟୁରୋ)

'ଇଣ୍ଡିଆ ସ୍କିଲ୍‌ସ-୨୦୧୮'ର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ସୂଚନାଭବନଠାରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ସଫଳତା ଯୁବପିଢ଼ିଙ୍କୁ ଦକ୍ଷତା, ବୈଷୟିକ ଓ ପେସାର ବୈଶିଷ୍ଟ୍ୟ ସମୂହର ଉଚ୍ଚରେ ପହଞ୍ଚିବା ପାଇଁ ପ୍ରେରଣା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସ୍ୱର୍ଣ୍ଣ ପଦକ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୨ଲକ୍ଷ, ରୌପ୍ୟ ପଦକଧାରୀଙ୍କୁ ଦେଢ଼ଲକ୍ଷ ଏବଂ କାଂସ୍ୟ ପଦକଧାରୀଙ୍କୁ ୧ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସରକାରୀ ପଲିଟେକ୍‌ନିକ୍‌ରେ ନବନିଯୁକ୍ତ ୨୧୬ ଅଧ୍ୟାପକଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ କର୍ତ୍ତୃପକ୍ଷ(ଓଏସ୍‌ଡିଏ) ଅଧ୍ୟକ୍ଷ ସୁବ୍ରତ ବାଗ୍‌ଚୀ ଯୋଗଦେଇ କହିଥିଲେ, ରାଜ୍ୟର ପ୍ରତିଟି ଆଇଟିଆଇ, ପଲିଟେକ୍‌ନିକ୍ ଏବଂ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ଓଡ଼ିଶା ସ୍କିଲ ୨୦୧୯ ପାଇଁ ଆଗେଇ ଆସିବା ଉଚିତ। ଆଗାମୀ ଦିନରେ ଉଦ୍‌ଘାଟିତ ହେବାକୁ ଥିବା ୱାର୍ଲଡ ସ୍କିଲ୍‌ଡ ସେଣ୍ଟରରେ



ମୁଖ୍ୟମନ୍ତ୍ରୀଙ୍କ ଗହଣରେ ସମ୍ବର୍ଦ୍ଧିତ ଇଣ୍ଡିଆ ସ୍କିଲ୍‌ସ ବିଜେତା।

ଏହି ବିଜେତାଙ୍କୁ ପ୍ରଶିକ୍ଷକ ଭାବେ ସିଧାସଳଖ ନିଯୁକ୍ତି ଦିଆଯିବାର ବ୍ୟବସ୍ଥା କରାଯିବ। ୨୦୩୦କୁ ଆଖିରେ ରଖି ଏକ ନୂତନ ଭିଜନର କାମ ଆରମ୍ଭ କରିବା ପାଇଁ ଆନ୍ତର୍ଜାତିକ ମାନର ବିଶେଷଜ୍ଞ ସଂସ୍ଥାଗୁଡ଼ିକୁ ଆମନ୍ତ୍ରିତ କରିବାକୁ ସ୍ଥିର କରିଛୁ। ଏହି ଭିଜନ ଡକ୍ୟୁମେଣ୍ଟ ଭିତ୍ତିରେ ଓଡ଼ିଶା ଦକ୍ଷତା ବିକାଶ କ୍ଷେତ୍ରରେ ଏକ ଦୀର୍ଘମିଆଦୀ ଖସଡ଼ା ପ୍ରସ୍ତୁତ କରାଯିବ ବୋଲି ସେ କହିଥିଲେ। ସ୍କିଲ୍ ଉପରେ ପଦ୍ମଶ୍ରୀ ନୀଳମାଧବ ପଣ୍ଡାଙ୍କ ଦ୍ୱାରା ନିର୍ମିତ ଏବଂ ସମୀର ରିଶୁ ମହାନ୍ତି ଓ ପ୍ରକୃତି ମିଶ୍ରଙ୍କ ଦ୍ୱାରା ଅଭିନୀତ ଚଳଚ୍ଚିତ୍ରକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚିତ କରିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଏବଂ ଯୋଜନା ଓ ସଂଯୋଜନା ମନ୍ତ୍ରୀ ଉଷା ଦେବୀ ଇଣ୍ଡିଆ ସ୍କିଲ୍‌ସ ବିଜେତା ଓ ନବନିଯୁକ୍ତ ଅଧ୍ୟାପକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ବିଭିନ୍ନ ବୈଷୟିକ ଓ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ସଚିବ ସଞ୍ଜୟ ସିଂ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଏସ୍‌ଡିଏର ନିୟୋଜନ ନିର୍ଦ୍ଦେଶକ ତଥା ସିଇଓ ରାଜେଶ ପ୍ରଭାକର ପାଟିଲ, ବୈଷୟିକ ଶିକ୍ଷା ଓ ପ୍ରଶିକ୍ଷଣ ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ବଲୱନ୍ତ ସିଂ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗତ ଅକ୍ଟୋବର ୩ରୁ ୫ ମଧ୍ୟରେ ନୂଆଦିଲ୍ଲୀରେ 'ଇଣ୍ଡିଆ ସ୍କିଲ୍ ୨୦୧୮' ଅନୁଷ୍ଠିତ ହୋଇଥିଲା। ଏଥିରେ ଓଡ଼ିଶା ୪ଟି ସ୍ୱର୍ଣ୍ଣ, ୯ଟି ରୌପ୍ୟ ଏବଂ ୬ଟି କାଂସ୍ୟ ପଦକ ହାସଲ କରିଛି। ପ୍ରତିଯୋଗିତାରେ ଓଡ଼ିଶାରୁ ପ୍ରଥମ ଥର ପାଇଁ ୧୪ଟି ଅନୁଷ୍ଠାନରୁ ୨୧ଟି ଟ୍ରେଡ୍‌ରେ ୩୩ ପ୍ରତିଯୋଗୀ ଭାଗ ନେଇଥିଲେ। ସର୍ବ ଭାରତୀୟ ସ୍ତରରେ ମହାରାଷ୍ଟ୍ର ସର୍ବାଧିକ ପଦକ ହାସଲ କରିଥିବାବେଳେ ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଛି।

## ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ

# ଦେବ ବିଗ୍ରହଙ୍କ ଭସାଣି ଶୋଭାଯାତ୍ରା

ସିନାପାଲି,୨୮।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଶାନ୍ତିନଗରଠାରେ ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ସହ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ପୂର୍ଣ୍ଣାହୁତି ପରେ ଏକ ଭାବବିହ୍ୱଳ ପରିବେଶରେ ଶାନ୍ତିକୁ ହରିଦ୍ୱାରରୁ ଆସିଥିବା ସଞ୍ଚାଳକ ଋଷିପୁତ୍ର ଦେବତା ପ୍ରସାଦ ଶର୍ମା ଓ ସାଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା କରାଯାଇଥିଲା । ସନ୍ଧ୍ୟାରେ ଦେବବିଗ୍ରହଙ୍କ ଭସାଣୀ କାର୍ଯ୍ୟକ୍ରମ ହୋଇଥିଲା । ଏକ ବିରାଟ ଶୋଭାଯାତ୍ରାରେ ମା' ଗାୟତ୍ରୀ ଓ ମହକାଳଙ୍କ ବିଗ୍ରହକୁ ସିନାପାଲି ସହର ପରିକ୍ରମା କରାଯାଇ ସ୍ଥାନୀୟ ଉଦନ୍ତୀ ନଦୀରେ ବିସର୍ଜନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ମହାଯଜ୍ଞରେ ଦୈନିକ ଆହୁତି, ସଙ୍ଗୀତ, ପ୍ରବଚନ, ସାମୂହିକ ଜପ, ଧ୍ୟାନ, ଦୀପ ମହାଯଜ୍ଞ ସହ ନାମକରଣ, ମୁଣ୍ଡନ, ବିଦ୍ୟାରମ୍ଭ, ଦୀକ୍ଷା, କୋଣାବେରା (କୁମାରୀବ୍ରତ), ଯଜ୍ଞୋପବୀତ, ବିବାହ ସଂସ୍କାର ଆଦି କାର୍ଯ୍ୟକ୍ରମରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ମହାଯଜ୍ଞରେ ପ୍ରବଳ ଜନସମାଗମକୁ ଆଖିଆଗରେ ରଖି କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥଲା । ଚବିଶ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସଭାପତି ଭାବେ ତରୁଣ କୁମାର ମେହେର, ସମ୍ପାଦକ ଭାବରେ ତ୍ରିନାଥ ମେହେର ଓ କୋଷାଧ୍ୟକ୍ଷ ମୁନେଶ କୁମାର ଅଗ୍ରୱାଲ ଦାୟିତ୍ୱ ନିର୍ବାହ କରିଥିଲେ। ମହାଯଜ୍ଞର ପରିଚାଳନାରେ ସିନାପାଲି ହାଇସ୍କୁଲ ଏନ୍‌ସିସି ନାଭାଲ ୟୁନିଟ୍, ରେଡକ୍ରସ ଓ ସ୍କାଉଟ ଦଳ ସହ ଆଦର୍ଶ ଯୁବକ ସଂଘ, ଶାନ୍ତି ଯୁବକ ସଂଘ, ଫ୍ରେଣ୍ଡସ କ୍ଲବ୍, ଉଦନ୍ତୀ ଯୁବକ ସଂଘ, ଉମଙ୍ଗ ୟୁଥ୍ କ୍ଲବ, ହନୁମାନ ଯୁବକ ସଂଘ, ମା' ମହୁଲଗୋଛିଏନ ଯୁବକ ସଂଘ, ନେତାଜୀ ଯୁବକ ସଂଘ, ଚକାଡୋଳା ଭଜନ ମଣ୍ଡଳୀ, ଶ୍ରୀ ସତ୍ୟସାଇ ଅନୁଷ୍ଠାନ, ପ୍ରଜ୍ଞା ମହିଳା ମଣ୍ଡଳ, ମା' ଦୁର୍ଗା ମହିଳା ମଣ୍ଡଳ, ସିନାପାଲି, ହାତୀବନ୍ଧା ତଥା କଳାହାଣ୍ଡି, ବଲାଙ୍ଗୀର ଓ ସୀମାନ୍ତ ଛତିଶଗଡରୁ ବହୁ ଗାୟତ୍ରୀ ପରିଜନ ସହଯୋଗ କରିଥିଲେ ।

# ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ଜୁନାଗଡ,୨୮।୧୨(ସ୍ୱ.ପ୍ର.)-କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ କରଚଲା ସ୍ୱାମୀ ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ମୋହନ ସିଂଙ୍କ ଅଧ୍ୟକ୍ଷତାରେ ପ୍ରମାଣପତ୍ର ବିତରଣ ଉତ୍ସବ ପାଳନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଭାରତ ଭୂଷଣ ମୁଣ୍ଡ, ସୁବାସ ଚନ୍ଦ୍ର ମେହେର, ରବି ନାରାୟଣ ବାରିକ, ଗ୍ରନ୍ଥାଗାରକ ସୁଧୀର ପଣ୍ଡା ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନର ସ୍ମୃତିମୟୀ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ କ୍ରୀଡା ଅଧ୍ୟାପକ ଜୟ କିଶନ ବେହେରାଙ୍କ ତତ୍ତ୍ୱାବଧାନରେ ୪୯ଜଣ ଛାତ୍ରୀ ଆତ୍ମସୁରକ୍ଷାର ତାଲିମ ଦୀର୍ଘ ୧୨ ଦିନ ଧରି ଶିକ୍ଷାଲାଭ କରିଥିଲେ।




ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ପ୍ରମାଣପତ୍ର ପ୍ରଦର୍ଶନ କରୁଛନ୍ତି ।

# ବିଭାଗୀୟ ଯନ୍ତ୍ରୀଙ୍କ ଧାରଣାସ୍ଥଳ ପରିଦର୍ଶନ

## ଜୋଙ୍କ ପ୍ରକଳ୍ପରେ ଧାରଣା ୪ର୍ଥ ଦିନରେ

ନୂଆପଡା ଅଫିସ,୨୮।୧୨

ନୂଆପଡା ଜିଲାର ଭାତହାଣ୍ଡି କୁହାଯାଉଥିବା ଜୋଙ୍କ ଜଳ ସେଚନ ପ୍ରକଳ୍ପର ପଞ୍ଚମପୁର କେନାଲ ମୁଣ୍ଡରେ ବିଭିନ୍ନ ଦାବି ଦେଇଥିବା ଧାରଣା ଶୁକ୍ରବାର ୪ର୍ଥ ଦିନରେ ପହଞ୍ଚିଥିବାବେଳେ ବିଭାଗୀୟ ଯନ୍ତ୍ରୀ ଧାରଣାସ୍ଥଳ ପରିଦର୍ଶନ କରିଛନ୍ତି । ଧାରଣା ଦେଇଥିବା ଯୋଗେଶ୍ୱର କୃଷକ ମଞ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଜୋଙ୍କ ଜଳ ସେଚନ ପ୍ରକଳ୍ପରେ ବିଭିନ୍ନ ପ୍ରକାର ଅନିୟମିତତା, ଏସଡିଓଙ୍କ ବଦଳି ଏବଂ ଏପେକ୍ସ କମିଟି ସଭାପତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଗତ ମଙ୍ଗଳବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି । ତିନିଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାବେଳେ ଶୁକ୍ରବାର ବିଭାଗୀୟ ଯନ୍ତ୍ରୀ ଧାରଣାସ୍ଥଳକୁ ଆସିଥିଲେ । ମଧ୍ୟାହ୍ନ ୧୨ଟାବେଳେ ଯନ୍ତ୍ରୀ ଏଠାରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନେତୃତ୍ୱ ନେଉଥିବା ଭରତଲାଲ ରାଉତ, ରାମଚରଣ ସାହୁ, କମଳେଶ ଦିକ୍ଷୀତ, ପୁରୁଷୋତମ ଦେୱାଙ୍ଗନ, ରାମସିଂ ମାଝି, ପ୍ରକାଶ ଦିକ୍ଷୀତ ପ୍ରମୁଖ ଉପସ୍ଥିତ ଥିଲେ ।

## ବଳାତ୍କାର ମାମଲାରେ ଯୁବକ ଗିରଫ

ନୂଆପଡା ଅଫିସ,୨୮।୧୨: ନୂଆପଡ଼ା ଜିଲା ଲଖନା ଥାନା ପୋଲିସ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକଙ୍କ ନାମ ଦୁର୍ଯ୍ୟୋଧନ ମାଝି (୨୪) । ତାଙ୍କ ବିରୋଧରେ ଦଫା ୩୭୬, ପୋକ୍ସୋ ଆକ୍ଟରେ (ନଂ. ୧୦୨।୧୮)ରୁଜୁ କରି କୋର୍ଟ ଚାଲାଣ କରାଯାଇଛି ।


## ୭୦ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼

### ପ୍ରେସ୍ ବିଜ୍ଞପ୍ତି

ନଂ. ୮୩/ Res. ତା.୨୮.୧୨.୨୦୧୮

ଅଦ୍ୟ ତା. ୨୮.୧୨.୨୦୧୮ରିଖ ଅପରାହ୍ନ ୩ ଘଟିକା ସମୟରେ ଧନୁଯାତ୍ରା ଜମି ଆବଣ୍ଟନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଟ୍ରେଡ୍‌ଫେୟାର ପାଇଁ ଏକଗୋଟି ଟେଣ୍ଡର ପ୍ରାପ୍ତ ହୋଇଥିଲା, ଯାହାର ଡାକ ମୂଲ୍ୟ ସର୍ବନିମ୍ନ ମୂଲ୍ୟଠାରୁ ଅଧିକ ଥିଲା, ତେଣୁ ଟ୍ରେଡ୍‌ଫେୟାର ଟେଣ୍ଡର ଚୂଡାନ୍ତ କରାଗଲା।

ଟ୍ରେଡ୍‌ଫେୟାର ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳ ନିମିତ୍ତ କୌଣସି ଟେଣ୍ଡର ଫର୍ମ ପଡି ନଥିବାରୁ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୯୪୧୪/ ତା ୨୦.୧୨.୨୦୧୮ରିଖ ଅନୁଯାୟୀ ତା ୩୦.୧୨.୨୦୧୮ରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଟେଣ୍ଡର ଫାଇନାଲ ନିମନ୍ତେ ବୈଠକ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି କରାଗଲା। ତେଣୁ ଇଚ୍ଛୁକ ନିଲାମଧାରୀ ଆସନ୍ତା ତା ୩୦.୧୨.୨୦୧୮ରିଖ ଅପରାହ୍ନ ୨ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଟେଣ୍ଡର ଫର୍ମ ଦାଖଲ କରିପାରିବେ।

ବରଗଡ଼ର କିଛି ବ୍ୟବସାୟୀଙ୍କର ଲିଖିତ ଆବେଦନକୁ ବିଚାରକୁ ନେଇ ଜମି ଆବଣ୍ଟନ କମିଟି ଦ୍ୱାରା ପୂର୍ବ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଥିବା ସର୍ବନିମ୍ନ ମୂଲ୍ୟକୁ ନିମ୍ନମତେ କମ କରାଗଲା।

| Zone No. | Zone Name | Previous Up-set Price (In Rs.) | Revised Up-Set Price (in Rs.) |
|---|---|---|---|
| 2A | JHULA<br>i) Near Trade Fair | 18,50,000/- | 16,17,000/- |
| 2B | ii) From Maharaja Gali to SBI Gali | 18,38,000/- | 16,10,000/- |
| 3A | MEENA BAZZAR<br>i) Near Pallishree Mela & Trade Fair | 14,00,000/- | 13,36,000/- |
| 3B | SMALL SHOP<br>ii) Near SBI Gali | 8,50,000/- | 8,28,000/- |
| 3C | SMALL SHOP<br>iii) Near Food Fest | 9,00,000/- | 8,53,000/- |
| PARKING PLACE | | | |
| Sl. No. | Place | Previous Up-Set Price (in Rs.) | Revised Up-Set Price (in Rs.) |
| 1 | Kacheri Field | 1,25,000/- | 1,15,000/- |
| 2 | Sales-Tax Field | 70,000/- | 67,000/- |
| 3 | Mahadev Temple to Super Market (Except VSS Nagar Durga Mandap) | 1,00,000/- | 67,000/- |
| 4 | Behind Women's College | 15,000/- | 11,000/- |

**ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଲା :**

ପୂର୍ବବର୍ଷ ଭଳି ପାର୍କିଂ ଫି ସାଇକେଲ ନିମନ୍ତେ ଟ.୫/-, ମୋଟର ସାଇକେଲ ନିମନ୍ତେ ଟ. ୧୦/- ଓ କାର୍ ନିମନ୍ତେ ଟ. ୨୦/- ବଳବତ୍ତର ରହିଲା। ବର୍ଦ୍ଧିତ ପାର୍କିଂ ଫି କୁ ପ୍ରତ୍ୟାହାର କରାଗଲା। ଅଧିକ ପାର୍କିଂ ଫି ଆଦାୟ ବିରୁଦ୍ଧରେ ପୋଲିସ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା।

ସ୍ୱା./- ଉପ-ଜିଲ୍ଲାପାଳ ତଥା ଆବାହକ, ଜମି-ଆବଣ୍ଟନ କମିଟି
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼


# ୧୫ ଦଫା ଦାବି ନେଇ ବ୍ଲକ ଘେରାଉ

- ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ
- ନର୍ଲା ବ୍ଲକ ଆଦିବାସୀ ସଂଘ

ସେରଗଡ଼,୨୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲା ନର୍ଲା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ୧୫ ଦଫା ଦାବି ନେଇ ଶୁକ୍ରବାର ବ୍ଲକ ଓ ଥାନା ଘେରାଉ କରାଯାଇଛି। ପ୍ରଥମେ ରୁପ୍ରାରୋଡ ଡୁକୁରୀପୀଠରେ ପୂଜାର୍ଚ୍ଚନା ପରେ ଶତାଧିକ ଆଦିବାସୀ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ସହିତି ଢ଼ାପ୍ ବାଜା ତାଳେ ତାଳେ ନୃତ୍ୟ କରି ଏକ ବିରାଟ ରାଲିରେ ବାହାରି ନର୍ଲା ସହର ପରିକ୍ରମା କରି ବ୍ଲକ ଘେରାଉ କରିଥିଲେ। ପରେ ବ୍ଲକ ସମ୍ମୁଖରେ ବିଶାଳ ସମାବେଶ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ୧୫ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଥୁଆମୂଳ ରାମପୁର ବ୍ଲକ ସିରମସ୍କା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାପାତ୍ର ଆଦିବାସୀ ଛାତ୍ରୀଙ୍କୁ ଅସଦାଚରଣ ଓ ଶାରୀରିକ ନିର୍ଯାତନା ଦେଇଥିବାରୁ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଫାଶୀ ଦଣ୍ଡ ଦିଆଯାଉ ଓ ଛାତ୍ରୀଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ଆଦି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ସମାବେଶରେ ଜିଲା ଆଦିବାସୀ ସଂଘ ସଭାପତି ପରମାନନ୍ଦ ମାଝି, ବ୍ଲକ ସଭାପତି ଅନ୍ତରାମ ମାଝି, ଉପସଭାପତି ପ୍ରକାଶ ଚନ୍ଦ୍ର ମାଝି, ଝସକେତନ ମାଝି, ବ୍ରେଦ୍ୟରାଜ ମାଝି, ସଂକିର୍ତ୍ତନ ମାଝି, ସୁରେନ୍ଦ୍ର ଭୋଇ, ଗୋବର୍ଦ୍ଧନ ଭୋଇ ଏବଂ ଜଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଆଦିବାସୀ ମହିଳାପରୁଷ ଯୋଗଦେଇଥିଲେ।




ଆଦିବାସୀ ସଂଘ ପକ୍ଷରୁ ୧୫ ଦଫା ଦାବି ନେଇ ନର୍ଲା ସହର ପରିକ୍ରମା କରାଯାଉଛି ।



ଗୋଟିଏ ମାତ୍ର ଜାତି ଅଛି, ତାହା ମାନବ ଜାତି। ଗୋଟିଏ ମାତ୍ର ଧର୍ମ ଅଛି, ତାହା ପ୍ରେମ ଧର୍ମ।
ଗୋଟିଏ ମାତ୍ର ଭାଷା ଅଛି, ତାହା ହୃଦୟର ଭାଷା। ଜଣେ ମାତ୍ର ଈଶ୍ୱର ଅଛନ୍ତି ସେ ସର୍ବବ୍ୟାପୀ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଭଇଁରୀଗୁଡା ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ଉଦ୍‌ଘାଟିତ

ଜୁନାଗଡ,୨୮।୧୨(ଡି.ଏନ.ଏ.) କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ଭଇଁରୀଗୁଡା ପଞ୍ଚାୟତ କାର୍ଯ୍ୟାଳୟର ନୂତନ କୋଠା ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟ ଶଙ୍କର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଭଇଁରୀଗୁଡା ସରପଞ୍ଚ ଲକ୍ଷ୍ମୀଧର ପାତ୍ରଙ୍କ ଅଧକ୍ଷତାରେ ଉଦଘାଟନୀ ସମାରୋହରେ ବିଧାୟକ ମିଶ୍ରଙ୍କ ସହ ସମ୍ମାନିତ ଅତିଥି ଭାବେ ଜୁନାଗଡ ବିଡିଓ ପରମ ବ୍ରହ୍ମ ଯୋଷୀ, ଜିପିଓ ସିଦ୍ଧେଶ୍ୱର ମେହେର, ଜୁନାଗଡ ପୂର୍ବତନ ଏନଏସି ଅଧକ୍ଷ ମହେଶ ସାହୁ, ସହକାରୀ ଯନ୍ତ୍ରୀ ଗୋବିନ୍ଦ ବଲ୍ଲଭ ମହାରଣା, କନିଷ୍ଠ ଯନ୍ତ୍ରୀ ସଞ୍ଜୟ କୁମାର ମଲ୍ଲିକ, ବ୍ଲକ ଯୋଗାଣ ନିରୀକ୍ଷକ ପୂର୍ଣ୍ଣଚନ୍ଦ୍ର ଟୁଡୁ, ମହିଚଲା ସରପଞ୍ଚ ଅଜୟ କୁମାର ବେହେରା, ଚିଙ୍ଗୁଡିସର ସରପଞ୍ଚ ତିଳକର ମାଝି, ବ୍ଲକ ମୁଖ୍ୟ କିରାଣୀ ବିଶ୍ୱନାଥ ପ୍ରଧାନ, ସ୍ଥାନୀୟ ପିଇଓ କ୍ଷମା ସାଗର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି କୋଠାଟି ଚତୁର୍ଦ୍ଦଶ ଅର୍ଥ କମିଶନରୁ ୧୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହୋଇଥିବା ଜଣାପଡିଛି।

### ହିନ୍ଦୁମାନଙ୍କ ଭିତରେ ଏକତା ଆବଶ୍ୟକ

ନାକଟିଦେଉଲ,୨୮।୧୨(ଡି.ଏନ.ଏ.) ସ୍ଥାନୀୟ ହାଟପଦାରେ ଶୁକ୍ରବାର ବ୍ଲକସ୍ତରୀୟ ବିଶାଳ ହିନ୍ଦୁ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ନାକଟିଦେଉଳ ବ୍ଲକ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଏବଂ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏହା ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ଖଗେଶ୍ୱର ବେହେରା, ହରିଶଙ୍କର ହୋତା, ଗୋବିନ୍ଦ ନାରାୟଣ ଅଗ୍ରୱାଲା, ଅରୁଣ କୁମାର ସାହୁ, ସ୍ୱଦେଶ ରଞ୍ଜନ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଭାରତୀୟ ସଂସ୍କୃତିରେ ହିନ୍ଦୁ ଏକତାର ଆବଶ୍ୟକତା ଏବଂ ଭାଇଚାରା ସମ୍ପର୍କରେ ଆଲୋକପାତ କରିଥିଲେ। ଅଯୋଧାରେ ରାମ ମନ୍ଦିର ନିର୍ମାଣ ଓ ହିନ୍ଦୁ ଏକତ୍ରୀକରଣ ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ବ୍ଲକସ୍ତରୀୟ ହିନ୍ଦୁ ଜାଗରଣ କମିଟି ଗଠନ କରାଯାଇଥିଲା ।

### କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

କୋକସରା,୨୮।୧୨(ଡି.ଏନ.ଏ.) ଶୁକ୍ରବାର କୋକସରା ବ୍ଲକ୍ କଂଗ୍ରେସ ପକ୍ଷରୁ ସ୍ଥାନୀୟ ରାଜିବଗାନ୍ଧୀ ଭବନଠାରେ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ ହୋଇଛି । ବ୍ଲକ୍ କଂଗ୍ରେସ ସଭାପତି ରାଜେନ୍ଦ୍ର କୁମାର ନାଏକ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ରାସ ବିହାରୀ ବେହେରା ଯୋଗଦେଇ ଆଗାମୀ ଦିନରେ କଂଗ୍ରେସର ପୁର୍ବ ଗୌରବମୟ ଇତିହାସକୁ ଥରେ ଉଜ୍ଜିବିତ କରିବା ପାଇଁ ଦଳିୟ କର୍ମକର୍ତ୍ତାମାନଙ୍କଠାରେ ମତ ରଖିଥିଲେ । ଏହି ଅବସରରେ ବରିଷ୍ଠ ନେତା ନିମାଇ ଚରଣ ଧଙ୍ଗଡ଼ାମାଝି, ପୁରୁଷୋତ୍ତମ ଗୁପ୍ତା, କୃପାସିନ୍ଧୁ ପ୍ରଧାନୀ, ଯୁଧିଷ୍ଠିର ମାଝି, ତ୍ରିଭୁବନ ନାଏକ, ହରିଶ୍ଚନ୍ଦ୍ର ନାଏକ, ଅଭିମନ୍ୟୁ ପଟ୍ଟନାୟକ, ବସନ୍ତ କୁମାର ସରାବୁ, ମହେନ୍ଦ୍ର ଧରୁଆ, ଦୁର୍ଯ୍ୟଧନ ଠାକୁର, ରୁପଧର ପୋଡ଼, ଅରୁଣ ମାଝି, ଯୋଗା ନାଏକ ପ୍ରମୁଖ ଯୋଗଦେଇଥିଲେ। ପରେ ବ୍ଲକ୍ କଂଗ୍ରେସରେ ଦୀର୍ଘ ଦିନ ଧରି ନିଜର ସମୟ ଦେଇଥିବା ଜଣେ ଶୃଙ୍ଖଳିତ କର୍ମୀ ବ୍ରହ୍ମାନନ୍ଦ ଦାସଙ୍କ ଗତ କିଛି ଦିନ ତଳେ ବିୟୋଗ ହୋଇଥିବା ବେଳେ ତାଙ୍କ ଦଶାହ କାର୍ଯ୍ୟରେ ସମସ୍ତେ ଯୋଗଦେଇଥିଲେ ।

## ଅବ୍ୟବସ୍ଥା ଭିତରେ ମେଣ୍ଢାଟାଲ ଉନ୍ନୀତ ଉଚ୍ଚବିଦ୍ୟାଳୟ
# ୫ଟି କୋଠରିରେ ୧୦ଟି ଶ୍ରେଣୀ

ନୂଆପଡା ଅଫିସ,୨୮।୧୨

ସରକାର ଗ୍ରାମାଞ୍ଚଳରେ ହାଇସ୍କୁଲ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ପ୍ରାଥମିକ ବିଦ୍ୟାଳୟଗୁଡିକୁ ଉନ୍ନୀତ ହାଇସ୍କୁଲର ମାନ୍ୟତା ଦେଇଛନ୍ତି । ସେଠାରେ ଭିତିଭୂମିର ବିକାଶ କରିବାକୁ ସରକାରୀ କାଗଜପତ୍ରରେ ଯୋଜନା ପ୍ରସ୍ତୁତ ହେଉଛି । ହେଲେ ତାହା ପ୍ରକୃତ୍ତ ପକ୍ଷେ କାର୍ଯ୍ୟକାରୀ ହୋଇପାରୁନାହିଁ । ତାରି ଏକ ଉଦାହରଣ ଭାବେ କୋମନା ବ୍ଲକ ଲଖନା ଗ୍ରାମପଞ୍ଚାୟତର ମେଣ୍ଢାଟାଲ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ସ୍ଥିତିକୁ ଦେଖିଲେ ସବୁ ଅବ୍ୟବସ୍ଥା ଜଳ ଜଳ ଦେଖାଯାଇଥାଏ । ଏଠାରେ ମାତ୍ର ୫ଟି କୋଠରିରେ ପ୍ରଥମରୁ ଦଶମ ଶ୍ରେଣୀଯାଏଁ ପିଲାମାନେ ବସି ପାଠ ପଢିଥାନ୍ତି । ଏମାନଙ୍କୁ ମାତ୍ର ୭ଜଣ ଶିକ୍ଷକ ପାଠ ପଢାଉଥିବାବେଳେ ପାନୀୟ ଜଳ କି ପରିମଳ ବ୍ୟବସ୍ଥା ଭୁଷୁଡିପଡିଛି ।




ମେଣ୍ଢାଟାଲ ହାଇସ୍କୁଲର ସମ୍ମୁଖ ଭାଗ ।

- **ଶିକ୍ଷକ ବିହୁନେ ଚାଲିଛି ଶିକ୍ଷାଦାନ**
- **ହିନ୍ଦୀ, ସଂସ୍କୃତ, ବିଜ୍ଞାନ, ଖେଳ ଶିକ୍ଷକ ପଦବୀ ଖାଲି**

ଜିଲାର ଉପାନ୍ତ ଲଖନା ଗ୍ରାମପଞ୍ଚାୟତ ଆଦିବାସୀ ବହୁଳ ମେଣ୍ଢାଟାଲ ଗାଁ ମୁଣ୍ଡରେ ଆଜିକୁ ବହୁ ବର୍ଷ ଧରି ପ୍ରାଥମିକ ବିଦ୍ୟାଳୟ ଚାଲୁଥିଲା । ଏହି ଅଞ୍ଚଳରେ ଉଚ୍ଚ ଶିକ୍ଷାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାର ଏହାକୁ ୧୮।୬।୧୬ରେ ଉନ୍ନୀତ ହାଇସ୍କୁଲ ଭାବରେ ଘୋଷଣା କଲେ । ସେହି ଦିନଠାରୁ ଏଠାରେ ହାଇସ୍କୁଲ ଚାଲିଲା । ହେଲେ ସେହି ପୁରୁଣା ଘର, ଶିକ୍ଷକ ସଂଖ୍ୟାରେ ବିଦ୍ୟାଳୟ ଚାଲିଲା । ଏଠାରେ ମୋଟ ୩୧୫ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଏମାନଙ୍କ ପାଇଁ ୭ଜଣ ଶିକ୍ଷକ ନିଯୁକ୍ତ ରହିଛନ୍ତି । ଏଥିରେ ହିନ୍ଦୀ, ସଂସ୍କୃତ, ବିଜ୍ଞାନ ଏବଂ ଖେଳ ଶିକ୍ଷକ ପଦବୀ ଦୀର୍ଘ ଦିନ ଧରି ଖାଲି ପଡିଛି । ଏଭଳି ସ୍ଥିତିରେ କିପରି ପାଠ ପଢା ହେଉଥିବ ତାହା ସହଜେ ଅନୁମେୟ । ଠିକ ଭାବରେ ପାଣିର ବ୍ୟବସ୍ଥା ହୋଇ ନ ଥିବାବେଳେ ପାଇଖାନା ନ ଥିବାରୁ ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଥିରେ ପୁଣି ଜଣେ ଭିନ୍ନକ୍ଷମ ପ୍ରଧାନଶିକ୍ଷକଙ୍କ ଆପ୍ରାଣ ଉଦ୍ୟମରେ ବିଦ୍ୟାଳୟ ଚାଲିଛି । ସୂଚନାଯୋଗ୍ୟ ଯେ, ପ୍ରଧାନଶିକ୍ଷକଙ୍କ ଉଦ୍ୟମରୁ ବିଦ୍ୟାଳୟ ପରିପାଟୀ ଉଚ୍ଚକୋଟୀର ହୋଇଥିବାରୁ ବିଗତ ଦିନରେ ବିଭାଗ ଦ୍ୱାରା ପୁରସ୍କୃତ ହୋଇଛି । ଦୀର୍ଘ ଦୁଇ ବର୍ଷ ପରେ ନିକଟରେ ନୂତନ ବିଦ୍ୟାଳୟ ଗୃହ ନିର୍ମାଣ ସକାଶେ ଶିଳାନ୍ୟାସ କାର୍ଯ୍ୟକ୍ରମ ହୋଇଛି । ହେଲେ ନିର୍ମାଣ କାମ ଆରମ୍ଭ ହୋଇ ନ ଥିବାରୁ କେବେ ଏହା ନିର୍ମାଣ ହେଲେ କାମକୁ ଆସିବ ବୋଲି ଗ୍ରାମବାସୀ ଆଲୋଚନା କରୁଛନ୍ତି । ଏହା ଉପରେ ଜିଲାକର୍ତ୍ତୃପକ୍ଷ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।

## ଗୁଣପୁର ବ୍ଲକ ଗଠନ ଦାବି ନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭବାନୀପାଟଣା,୨୮।୧୨(ଡି.ଏନ.ଏ.)

କଳାହାଣ୍ଡି ଜିଲ ଆଦିବାସୀ ଅଧ୍ୟୁଷିତ ଥୁଆମୁଳ ରାମପୁର ବ୍ଲକ ଗୁଣପୁରଠାରେ ଏକ ବ୍ଲକ ଗଠନ ପାଇଁ ଗୁରୁବାର ରାଜ୍ୟପାଳଙ୍କ ଭବାନୀପାଟଣା ଗସ୍ତ ସମୟରେ ଅଞ୍ଚଳର ୧୦ଟି ଗ୍ରାମପଞ୍ଚାୟତର ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କଳାହାଣ୍ଡି ଜିଲାର ଏକମାତ୍ର ଆଦିବାସୀ ଅଧ୍ୟୁଷିତ ବ୍ଲକ ଭୌଗଳିକ ଦୃଷ୍ଟି କୋଣରୁ ନବରଙ୍ଗପୁର, ରାୟଗଡା, କୋରାପୁଟ ଓ କଳାହାଣ୍ଡି ଜିଲାକୁ ସ୍ପର୍ଶକରୁଛି। ଯାହାଏକ ସବଡିଭିଜନ ଭଳି। ଦୁର୍ଗମ ଅଞ୍ଚଳ ଭିତରେ ବହୁ ଗ୍ରାମମାନ ରହିଛି। ଯଦ୍ୱାରା ଯେକୌଣସି ପ୍ରଶାସନିକ କାର୍ଯ୍ୟ ପାଇଁ ଥୁ. ରାମପୁରର ଏହି ବିଶାଳ ଭୌଗଳିକ ପରିଶୀମା ଜନସାଧାରଣଙ୍କୁ ଘୋର ଅସୁବିଧାର ସମ୍ମୁଖୀନ କରାଉଛି। ଶାସନ ବ୍ୟବସ୍ଥାକୁ ସୁଚାରୁ ରୁପେ କରିବା ସମ୍ପାଦନ କରିବା ପାଇଁ ଥୁ. ରାମପୁର ବ୍ଲକର କିଆପଦର, କର୍ଲାପାଠ, ନାକରୁଣ୍ଡି, କେରପାଇ, ସିଲେଟ, ତଲଆମପଦର, ଗୁଣପୁର, କାଣିଗୁମା, ଥୁଆମୂଳ ଓ ସିନ୍ଧିପଦର ଗ୍ରାମ ପଞ୍ଚାୟତକୁ ନେଇ ଏକ ଗୁଣପୁର ବ୍ଲକ ଗଠନ କରାଗଲେ ଅଞ୍ଚଳବାସୀ ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇପାରିବେ। ଏହି ୧୦ଟି ଗ୍ରାମପଞ୍ଚାୟତ ଲୋକ ଯେକୌଣସି କାମପାଇଁ ଥୁ. ରାମପୁର ସଦର କାର୍ଯ୍ୟାଳୟ ଉପରେ ନିର୍ଭର କରୁଥିବା ଯୋଗୁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ବିଶେଷ କରି ସ୍ୱାସ୍ଥ୍ୟ, ଶିକ୍ଷା ଓ ଯୋଗାଯୋଗ କ୍ଷେତ୍ରରେ ଏ ସବୁ ଅଞ୍ଚଳ ବିଛିନ୍ନାଞ୍ଚଳ ଭାବେ ରହିଛି। ଏହି ୧୦ଟି ଗ୍ରାମପଞ୍ଚାୟତ ମୁଖ୍ୟ ଅଞ୍ଚଳ ଗୁଣପୁର ହୋଇଥିବାରୁ ଗୁଣପୁରକୁ ବ୍ଲକର ମାନ୍ୟତା ଦେବା ପାଇଁ ବିଶେଷ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ପ୍ରତିନିଧି ଦଳରେ ଥୁ. ରାମପୁର ବ୍ଲକ ଉପାଧ୍ୟକ୍ଷ ଗୋବିନ୍ଦ ପ୍ରଧାନି, ହରପ୍ରସାଦ ପୂଜାରି, ସନ୍ତୋଷ ସିଂ, ରାମଡୁ ମାଝି, ସାନୁ ମାଝି, ରାଇ ମାଝି, ପରମା ମାଝି, ସନ୍ତୋଷ ନାଏକ, ହାଦନ ମାଝି, ସାଧୁ ବାଗ, ଲାଲ ନାଏକ ଓ ବାଜରା ଭୋଇ ପ୍ରମୁଖ ସାକ୍ଷାତ କରିଥିଲେ ।

## ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଉଦ୍‌ଯାପିତ
# ଦେବ ବିଗ୍ରହଙ୍କ ଭସାଣି ଶୋଭାଯାତ୍ରା

ସିନାପାଲି,୨୮।୧୨(ଡି.ଏନ.ଏ.)

ନୂଆପଡା ଜିଲା ସିନାପାଲି ଶାନ୍ତିନଗରଠାରେ ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଶୁକ୍ରବାର ପୂର୍ଣ୍ଣାହୁତି ସହ ମହାସମାରୋହରେ ଉଦ୍‌ଯାପିତ ହୋଇଯାଇଛି। ପୂର୍ଣ୍ଣାହୁତି ପରେ ଏକ ଭାବବିହ୍ୱଳ ପରିବେଶରେ ଶାନ୍ତିକୁ ହରିଦ୍ୱାରରୁ ଆସିଥିବା ସଞ୍ଚାଳକ ଋଷିପୁତ୍ର ଦେବତା ପ୍ରସାଦ ଶର୍ମା ଓ ସାଥୀଙ୍କୁ ବିଦାୟ ସମ୍ବର୍ଦ୍ଧନା କରାଯାଇଥିଲା । ସନ୍ଧ୍ୟାରେ ଦେବବିଗ୍ରହଙ୍କ ଭସାଣୀ କାର୍ଯ୍ୟକ୍ରମ ହୋଇଥିଲା । ଏକ ବିରାଟ ଶୋଭାଯାତ୍ରାରେ ମା' ଗାୟତ୍ରୀ ଓ ମହକାଳଙ୍କ ବିଗ୍ରହକୁ ସିନାପାଲି ସହର ପରିକ୍ରମା କରାଯାଇ ସ୍ଥାନୀୟ ଉଦନ୍ତୀ ନଦୀରେ ବିସର୍ଜନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ୨୫ ତାରିଖଠାରୁ ଆରମ୍ଭ ହୋଇଥିବା ମହାଯଜ୍ଞରେ ଦୈନିକ ଆହୁତି, ସଙ୍ଗୀତ, ପ୍ରବଚନ, ସାମୂହିକ ଜପ, ଧ୍ୟାନ, ଦୀପ ମହାଯଜ୍ଞ ସହ ନାମକରଣ, ମୁଣ୍ଡନ, ବିଦ୍ୟାରମ୍ଭ, ଦୀକ୍ଷା, କୋଣାବେରା (କୁମାରୀବ୍ରତ), ଯଜ୍ଞୋପବୀତ, ବିବାହ ସଂସ୍କାର ଆଦି କାର୍ଯ୍ୟକ୍ରମରେ ପ୍ରବଳ ଶ୍ରଦ୍ଧାଳୁଙ୍କ ଭିଡ ହୋଇଥିଲା। ମହାଯଜ୍ଞରେ ପ୍ରବଳ ଜନସମାଗମକୁ ଆଖିଆଗରେ ରଖି କମିଟି ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥଲା । ଚବିଶ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ସଭାପତି ଭାବେ ତରୁଣ କୁମାର ମେହେର, ସମ୍ପାଦକ ଭାବରେ ତ୍ରିନାଥ ମେହେର ଓ କୋଷାଧ୍ୟକ୍ଷ ମୁନେଶ କୁମାର ଅଗ୍ରୱାଲ ଦାୟିତ୍ୱ ନିର୍ବାହ କରିଥିଲେ। ମହାଯଜ୍ଞର ପରିଚାଳନାରେ ସିନାପାଲି ହାଇସ୍କୁଲ ଏନ୍‌ସିସି ନାଭାଲ ୟୁନିଟ୍, ରେଡକ୍ରସ ଓ ସ୍କାଉଟ ଦଳ ସହ ଆଦର୍ଶ ଯୁବକ ସଂଘ, ଶାନ୍ତି ଯୁବକ ସଂଘ, ଫ୍ରେଣ୍ଡସ କ୍ଲବ୍, ଉଦନ୍ତୀ ଯୁବକ ସଂଘ, ଉମଙ୍ଗ ୟୁଥ୍ କ୍ଲବ, ହନୁମାନ ଯୁବକ ସଂଘ, ମା' ମହୁଲଗୋଛିଏନ ଯୁବକ ସଂଘ, ନେତାଜୀ ଯୁବକ ସଂଘ, ଚକାଡୋଳା ଭଜନ ମଣ୍ଡଳୀ, ଶ୍ରୀ ସତ୍ୟସାଇ ଅନୁଷ୍ଠାନ, ପ୍ରଜ୍ଞା ମହିଳା ମଣ୍ଡଳ, ମା' ଦୁର୍ଗା ମହିଳା ମଣ୍ଡଳ, ସିନାପାଲି, ହାତୀବନ୍ଧା ତଥା କଳାହାଣ୍ଡି, ବଲାଙ୍ଗୀର ଓ ସୀମାନ୍ତ ଛତିଶଗଡରୁ ବହୁ ଗାୟତ୍ରୀ ପରିଜନ ସହଯୋଗ କରିଥିଲେ ।




୨୪ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞର ଉଦ୍‌ଯାପନୀ କାର୍ଯ୍ୟକ୍ରମ।

## ବଳାତ୍କାର ମାମଲାରେ ଯୁବକ ଗିରଫ

ନୂଆପଡା ଅଫିସ,୨୮।୧୨

ନୂଆପଡ଼ା ଜିଲା ଲଖନା ଥାନା ପୋଲିସ ଜଣେ ନାବାଳିକାଙ୍କୁ ବଳାତ୍କାର କରିବା ଘଟଣାରେ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଯୁବକଙ୍କ ନାମ ଦୁର୍ଯ୍ୟୋଧନ ମାଝି (୨୪) । ତାଙ୍କ ବିରୋଧରେ ଦଫା ୩୭୬, ପୋକ୍ସୋ ଆକ୍ଟରେ (ନଂ. ୧୦୨।୧୮)ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ପ୍ରକାଶ ଯେ, ଯୁବକଙ୍କ ଘର ସ୍ଥାନୀୟ ଚନାମୁଣ୍ଡା ଗାଁରେ ବୋଲି ଜଣାପଡିଛି।

## ଆତ୍ମସୁରକ୍ଷା ଶିବିର ଉଦ୍‌ଯାପିତ

ଜୁନାଗଡ,୨୮।୧୨(ସ୍ୱ.ପ୍ର.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ କରଚଲା ସ୍ୱାମୀ ଚିଦାନନ୍ଦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମସୁରକ୍ଷା ଶିବିର ଶୁକ୍ରବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ହିମାଂଶୁ ମୋହନ ସିଂଙ୍କ ଅଧ୍ୟକ୍ଷତାରେ ପ୍ରମାଣପତ୍ର ବିତରଣ ଉତ୍ସବ ପାଳନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଭାରତ ଭୁଷଣ ମୁଣ୍ଡ, ସୁବାସ ଚନ୍ଦ୍ର ମେହେର, ରବି ନାରାୟଣ ବାରିକ, ଗ୍ରନ୍ଥାକାରକ ସୁଧୀର ପଣ୍ଡା ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନର ସ୍ମୃତିମୟୀ ପଟ୍ଟନାୟକଙ୍କ ନେତୃତ୍ୱ ଏବଂ କ୍ରୀଡା ଅଧ୍ୟାପକ ଜୟ କିଶନ ବେହେରାଙ୍କ ତତ୍ତ୍ୱାବଧାନରେ ୪୯ଜଣ ଛାତ୍ରୀ ଆତ୍ମସୁରକ୍ଷାର ତାଲିମ ଦୀର୍ଘ ୧୨ ଦିନ ଧରି ଶିକ୍ଷାଲାଭ କରିଥିଲେ।




ଛାତ୍ରୀମାନେ ଆତ୍ମସୁରକ୍ଷା ତାଲିମ ପ୍ରମାଣପତ୍ର ପ୍ରଦର୍ଶନ କରୁଛନ୍ତି ।

## ବିଭାଗୀୟ ଯନ୍ତ୍ରୀଙ୍କ ଧାରଣାସ୍ଥଳ ପରିଦର୍ଶନ

**ଜୋଙ୍କ ପ୍ରକଳ୍ପରେ ଧାରଣା ୪ର୍ଥ ଦିନରେ**

ନୂଆପଡା ଅଫିସ,୨୮।୧୨

ନୂଆପଡା ଜିଲାର ଭାତହାଣ୍ଡି କୁହାଯାଉଥିବା ଜୋଙ୍କ ଜଳ ସେଚନ ପ୍ରକଳ୍ପର ପଞ୍ଚମପୁର କେନାଲ ମୁଣ୍ଡରେ ବିଭିନ୍ନ ଦାବି ଦେଇଥିବା ଧାରଣା ଶୁକ୍ରବାର ୪ର୍ଥ ଦିନରେ ପହଞ୍ଚିଥିବାବେଳେ ବିଭାଗୀୟ ଯନ୍ତ୍ରୀ ଧାରଣାସ୍ଥଳ ପରିଦର୍ଶନ କରିଛନ୍ତି । ଧାରଣା ଦେଇଥିବା ଯୋଗେଶ୍ୱର କୃଷକ ମଞ୍ଚ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ । ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ, ଜୋଙ୍କ ଜଳ ସେଚନ ପ୍ରକଳ୍ପରେ ବିଭିନ୍ନ ପ୍ରକାର ଅନିୟମିତତା, ଏସଡିଓଙ୍କ ବଦଳି ଏବଂ ଏପେକ୍ସ କମିଟି ସଭାପତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ଗତ ମଙ୍ଗଳବାରଠାରୁ ଆନ୍ଦୋଳନ ଆରମ୍ଭ ହୋଇଛି । ତିନିଦିନ ବିତିଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବାବେଳେ ଶୁକ୍ରବାର ବିଭାଗୀୟ ଯନ୍ତ୍ରୀ ଧାରଣାସ୍ଥଳକୁ ଆସିଥିଲେ । ମଧ୍ୟାହ୍ନ ୧୨ଟାବେଳେ ଯନ୍ତ୍ରୀ ଏଠାରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ନେତୃତ୍ୱ ନେଉଥିବା ଭରତଲାଲ ରାଉତ, ରାମଚରଣ ସାହୁ, କମଳେଶ ଦିକ୍ଷୀତ, ପୁରୁଷୋତମ ଦେୱାଙ୍ଗନ, ରାମସିଂ ମାଝି, ପ୍ରକାଶ ଦିକ୍ଷୀତ ପ୍ରମୁଖ ଉପସ୍ଥିତ ଥିଲେ ।



ଜୋଙ୍କ ପ୍ରକଳ୍ପରେ ଚାଷୀଙ୍କ ଧାରଣା ଜାରି ରହିଛି ।


## ୭୦ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼
### ପ୍ରେସ୍ ବିଜ୍ଞପ୍ତି

ନଂ. ୮୩/ Res. ତା.୨୮.୧୨.୨୦୧୮

ଅଦ୍ୟ ତା. ୨୮.୧୨.୨୦୧୮ରିଖ ଅପରାହ୍ନ ୩ ଘଟିକା ସମୟରେ ଧନୁଯାତ୍ରା ଜମି ଆବଣ୍ଟନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଟ୍ରେଡ୍‌ଫେୟାର ପାଇଁ ଏକଗୋଟି ଟେଣ୍ଡର ପ୍ରାପ୍ତ ହୋଇଥିଲା, ଯାହାର ଡାକ ମୂଲ୍ୟ ସର୍ବନିମ୍ନ ମୂଲ୍ୟଠାରୁ ଅଧିକ ଥିଲା, ତେଣୁ ଟ୍ରେଡ୍‌ଫେୟାର ଟେଣ୍ଡର ଚୂଡାନ୍ତ କରାଗଲା।
ଟ୍ରେଡ୍‌ଫେୟାର ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳ ନିମିତ୍ତ କୌଣସି ଟେଣ୍ଡର ଫର୍ମ ପଡି ନଥିବାରୁ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୯୪୧୪/ ତା ୨୦.୧୨.୨୦୧୮ରିଖ ଅନୁଯାୟୀ ତା ୩୦.୧୨.୨୦୧୮ରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଟେଣ୍ଡର ଫାଇନାଲ ନିମନ୍ତେ ବୈଠକ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି କରାଗଲା। ତେଣୁ ଇଚ୍ଛୁକ ନିଲାମଧାରୀ ଆସନ୍ତା ତା ୩୦.୧୨.୨୦୧୮ରିଖ ଅପରାହ୍ନ ୨ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଟେଣ୍ଡର ଫର୍ମ ଦାଖଲ କରିପାରିବେ।
ବରଗଡ଼ର କିଛି ବ୍ୟବସାୟୀଙ୍କର ଲିଖିତ ଆବେଦନକୁ ବିଚାରକୁ ନେଇ ଜମି ଆବଣ୍ଟନ କମିଟି ଦ୍ୱାରା ପୂର୍ବ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଥିବା ସର୍ବନିମ୍ନ ମୂଲ୍ୟକୁ ନିମ୍ନମତେ କମ କରାଗଲା।

| Zone No. | Zone Name | Previous Up-set Price (In Rs.) | Revised Up-Set Price (in Rs.) |
|---|---|---|---|
| 2A | JHULA<br>i) Near Trade Fair | 18,50,000/- | 16,17,000/- |
| 2B | ii) From Maharaja Gali to SBI Gali | 18,38,000/- | 16,10,000/- |
| 3A | MEENA BAZZAR<br>i) Near Pallishree Mela & Trade Fair | 14,00,000/- | 13,36,000/- |
| 3B | SMALL SHOP<br>ii) Near SBI Gali | 8,50,000/- | 8,28,000/- |
| 3C | SMALL SHOP<br>iii) Near Food Fest | 9,00,000/- | 8,53,000/- |
| | PARKING PLACE | | |
| Sl. No. | Place | Previous Up-Set Price (in Rs.) | Revised Up-Set Price (in Rs.) |
| 1 | Kacheri Field | 1,25,000/- | 1,15,000/- |
| 2 | Sales-Tax Field | 70,000/- | 67,000/- |
| 3 | Mahadev Temple to Super Market (Except VSS Nagar Durga Mandap) | 1,00,000/- | 67,000/- |
| 4 | Behind Women's College | 15,000/- | 11,000/- |

**ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଲା :**
ପୂର୍ବବର୍ଷ ଭଳି ପାର୍କିଂ ଫି ସାଇକେଲ ନିମନ୍ତେ ଟ.୫/-, ମୋଟର ସାଇକେଲ ନିମନ୍ତେ ଟ. ୧୦/- ଓ କାର୍ ନିମନ୍ତେ ଟ. ୨୦/- ବଳବତ୍ତର ରହିଲା। ବର୍ଦ୍ଧିତ ପାର୍କିଂ ଫି କୁ ପ୍ରତ୍ୟାହାର କରାଗଲା। ଅଧିକ ପାର୍କିଂ ଫି ଆଦାୟ ବିରୁଦ୍ଧରେ ପୋଲିସ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା।

ସ୍ୱା./- ଉପ-ଜିଲ୍ଲାପାଳ ତଥା ଆବାହକ, ଜମି-ଆବଣ୍ଟନ କମିଟି
ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼


# ୧୫ ଦଫା ଦାବି ନେଇ ବ୍ଲକ ଘେରାଉ

ସେରଗଡ଼,୨୮।୧୨(ଡି.ଏନ.ଏ.)

କଳାହାଣ୍ଡିଜିଲା ନର୍ଲା ବ୍ଲକ ଆଦିବାସୀ ସଂଘ ପକ୍ଷରୁ ୧୫ ଦଫା ଦାବି ନେଇ ଶୁକ୍ରବାର ବ୍ଲକ ଓ ଥାନା ଘେରାଉ କରାଯାଇଛି। ପ୍ରଥମେ ରୁପ୍ରାରୋଡ ଢୁକୁରୀପୀଠରେ

- **ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**
- **ନର୍ଲା ବ୍ଲକ ଆଦିବାସୀ ସଂଘ**

ପୂଜାର୍ଚ୍ଚନା ପରେ ଶତାଧିକ ଆଦିବାସୀ ପାରମ୍ପାରିକ ଅସ୍ତ୍ରଶସ୍ତ୍ର ସହିତି ଢ଼ାପ୍ ବାଜା ତାଳେ ତାଳେ ନୃତ୍ୟ କରି ଏକ ବିରାଟ ରାଲିରେ ବାହାରି ନର୍ଲା ସହର ପରିକ୍ରମା କରି ବ୍ଲକ ଘେରାଉ କରିଥିଲେ। ପରେ ବ୍ଲକ ସମ୍ମୁଖରେ ବିଶାଳ ସମାବେଶ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ୧୫ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ଦାବିପତ୍ରରେ ଥୁଆମୂଳ ରାମପୁର ବ୍ଲକ ସିରମସ୍କା ଉନ୍ନୀତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ବାଳକୃଷ୍ଣ ମହାପାତ୍ର ଆଦିବାସୀ ଛାତ୍ରୀଙ୍କୁ ଅସଦାଚରଣ ଓ ଶାରୀରିକ ନିର୍ଯାତନା ଦେଇଥିବାରୁ ଉଚ୍ଚସ୍ତରୀୟ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହିତ ଫାଶୀ ଦଣ୍ଡ ଦିଆଯାଉ ଓ ଛାତ୍ରୀଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦିଆଯିବା ଆଦି ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏହି ସମାବେଶରେ ଜିଲା ଆଦିବାସୀ ସଂଘ ସଭାପତି ପରମାନନ୍ଦ ମାଝି, ବ୍ଲକ ସଭାପତି ଅନ୍ତରାମ ମାଝି, ଉପସଭାପତି ପ୍ରକାଶ ଚନ୍ଦ୍ର ମାଝି, ଝସକେତନ ମାଝି, ବେଦ୍ୟରାଜ ମାଝି, ସଂକିର୍ତ୍ତନ ମାଝି, ସୁରେନ୍ଦ୍ର ଭୋଇ, ଗୋବର୍ଦ୍ଧନ ଭୋଇ ଏବଂ ଜଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଆଦିବାସୀ ମହିଳାପରୁଷ ଯୋଗଦେଇଥିଲେ।




ଆଦିବାସୀ ସଂଘ ପକ୍ଷରୁ ୧୫ ଦଫା ଦାବି ନେଇ ନର୍ଲା ସହର ପରିକ୍ରମା କରାଯାଉଛି ।



ମୃତ୍ୟୁ ସମୟରେ ଯଦି ଆମର ମନ ଇଷ୍ଟ ବା ଗୁରୁଙ୍କଠାରେ ଯୋଗ ହୋଇଥାଏ ତେବେ ମୁକ୍ତି ମିଳିଥାଏ।
- ଶିରିଡ଼ି ସାଇବାବା



## ସଂକ୍ଷେପରେ

### ଦୁରଦିନ୍‌ରେ ଏଚ୍‌ଆଇଭି ପୀଡ଼ିତାଙ୍କର ପରିବାର

**ଲାଠୋର,୨୮।୧୨(ଡି.ଏନ.ଏ) :** ଖପ୍ରାଖୋଲ ବ୍ଲକ୍‌ର ଲାଠୋର ପଁଚେତ୍‌ରେ ଝନେ ଏଚ୍‌ଆଇଭି ପୀଡ଼ିତ୍ ମହିଲା ନିଜର ଦୁଇ ଛୁଆକୁ ନେଇ ବଡ଼ା ଗୁଲଗୁଲା ହେଇ ରହୁଛନ୍। ପରିବାରଟା ଆଗ୍‌ରୁ ପରହର ଘରେ କାମବୁତା କରବାର ସଂଗେ ବାହାର ରାଏଜ୍‌କେ ଦାଦନ ଯାଇ ପେଟ ପାଲୁଥିଲେ। ୪ ବଛର ତଲେ ଖରର ମୁଖିଆ ନିଜେ ଏଚଆଇଭି ପୀଡ଼ିତ ବଲି ଜାନଲାରୁ ବଲାଙ୍ଗୀର ଡାକ୍‌ତରଖାନାରୁ ଉଷୋକସା ଆନି ଖାଉଥିଲେ। ଗଲା ଡିସେମ୍ବର ୨୦୧୭ରେ ତାକର ଦିହିପା ଖରାପ ହେଲାରୁ ଘରର ଲୋକ୍ ବଲାଙ୍ଗୀର ଡାକ୍‌ତରଖାନାରେ ଭରତି କଲେ, ସେଠାନେ ଚିକିତ୍ସାଧିନ୍ ଅବସ୍‌ତାରେ ୨୨.୧୨.୧୦୧୭ରେ ତାକର ମୁର୍‌ତୁ ହେଇଥିଲା। ଘରର ମୁଖିଆକେ ହରେଇ ପରିବାର ଲୋକ୍ ବେସାହାରା ହେଇଗଲେ। ଇଆଡ଼େ ମାଏକିନା ବି ଏଚଆଇଭିରେ ପୀଡ଼ିତ ଥିଲା ବେଲେ ସାମାଜିକ ବାସଁଦ୍ ଆର ଦିହିପା ଦୁରୁଷ୍‌ଟିରୁ ସେ କାମ୍‌ବୁତା ନାଇଁ କରିପାରବାର। ଏନ୍‌ତାଥି ଘରର ବୁଢ଼ୀ ମା' ଦୁଇ ନାତି ନାତେନକେ ଆର ବହକେ ଚଲଉଛନ୍। ସରକାରୀ ସାହାଯ୍ ବଏଲେ ପୀଡ଼ିତାକୁଁ ମାସିକ ୩ ଶହ ଟଁକା ଭତା ଆର ୧୫ କେ.ଜି. ଚାଉଲ ମିଲୁଛେ। ପରିବାରଟା ସୁଖବାସୀ ହେଇଥିଲା ବେଲେ ଗୁଟେ ଗୋଚର ଜମିରେ କୁରିଆ ମାରି ରହୁଛନ୍। ଗଲା ୨୦୧୭ରେ ତାକର ପରିବାରକେ ପରିବାର ମଙ୍ଗଳ ଯୋଜନାରେ ସାମିଲ କରବାର ଲାଗି ଲାଠୋର ପଁଚେତର କାର୍ଯ୍ୟନିର୍ବାହୀ ଅଧିକାରୀ ତଦଁତ୍ କରିଥିଲେ। ହେଲେ ଆଏଜ୍ ତକ୍ ପରିବାରଟା ପରିବାର ମଙ୍ଗଳ ଯୋଜ୍‌ନାର ଲାଭ୍, ଖାସ ଭତା, ଘରଖଁଡ଼େ ପାଏବାରୁ ବଁଚିତ୍ ହେଇ ରହିଛନ୍। ଯେନ୍‌ଥିରଲାଗି ପରିବାରଟା ଦୁରଦିନ୍‌ରେ ଗତି କରୁଛେ। ଇ ବାବ୍‌ଦେ ଲାଠୋର ପଁଚେତର କାର୍ଯ୍ୟନିର୍ବାହୀ ଅଧିକାରୀ ପି.କେ.ଶତପଥୀଙ୍କୁଁ ଯୋଗାଯୋଗ କଲାରୁ ଆଗର ତଦଁତ ବାବ୍‌ଦେ ମୁଇଁ ନାଇଁଜାନି। ନିଜେ ଘଟନାର ତଦଁତ କରି ଯେନ୍‌ଟା ହେବା ଉପର ଅଧିକାରୀମାନକର ସଂଗେ କଥା ହେଇ ସରକାରୀ ସାହାଯ୍ ଯୁଗେଇ ଦେବାର ବେବସ୍‌ତା କରମି ବଲି କହିଥିଲେ। ଜିଲା ପରଶାସନ ପୀଡ଼ିତା ଆର ତାକର ଦୁଇ ଛୁଆକୁ ଦୁରୁଷ୍‌ଟି ଦେଇ ସବୁ ପରକାର ସରକାରୀ ସାହାଯ୍ ଯୁଗେଇ ଦେବାକେ ଅଂଚଲବାସୀ ଦାବି କରିଛନ୍।

ଟିଟିଲାଗଡ଼ ଜିଲା ଦାବି

# ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପଦଯାତ୍ରୀ ରଞ୍ଜନ, କ୍ରିୟାନୁଷ୍ଠାନ କମିଟି

**ଟିଟିଲାଗଡ଼, ୨୮।୧୨ (ଡି.ଏନ.ଏ)**

ଟିଟିଲାଗଡ ଜିଲା ଦାବିକୁ ନେଇ ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗତ ୫୮ ଦିନ ଧରି ଉପଖଣ୍ଡ ଅଞ୍ଚଳରେ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଛି। ଟିଟିଲାଗଡ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗତ ନଭେମ୍ବର ୧ ଓ ତାରିଖ ଠାରୁ ଗଣଧାରଣା ଜାରି ରହିଥିବା ବେଳେ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ସଂଗଠନ, ରାଜନେତା, ଲୋକପ୍ରତିନିଧି, ଆଇନଜୀବୀ ଆନ୍ଦୋଳନକୁ ସମର୍ଥନ ଜଣାଇ ଆସିଛନ୍ତି। ଅପରପକ୍ଷରେ ଜିଲା କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଭୁବନେଶ୍ୱର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ସାକ୍ଷାତ ଆଲୋଚନା କରିଥିବା ଜଣାଯାଇଛି। କ୍ରିୟାନୁଷ୍ଠାନ କମିଟି ଆବାହକ ତଥା ଟିଟିଲାଗଡ ବାର ଆସୋସିଏଶନ ସଭାପତି କୃଷ୍ଣଚନ୍ଦ୍ର ସାହୁ, ବରିଷ୍ଠ ଆଇନଜୀବୀ ରାଧାକାନ୍ତ ପାଢ଼ୀ, ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ଦାୟିତ୍ୱରେ ଥିବା ମନ୍ତ୍ରୀ ସୁଶାନ୍ତ ସିଂ ଏବଂ ବିଧାୟିକା ଟୁକୁନୀ ସାହୁଙ୍କ ସହ ମୁଖ୍ୟମନ୍ତ୍ରୀ ସାକ୍ଷାତ ଆଲୋଚନା କାଳରେ ନିଶ୍ଚିତ ଭାବରେ ଏନେଇ ବିଚାର କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାଯାଇଛି। ଜିଲା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଏ ନେଇ ଏକ ଦାବି ପତ୍ର ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ନିଶ୍ଚିତ ଭାବରେ ବିଚାର କରିବି ବୋଲି କହିଥିବା କ୍ରିୟାନୁଷ୍ଠାନ କମିଟି ଆବାହକ ସାହୁ କହିଛନ୍ତି। ଅପରପକ୍ଷରେ ସଚିବାଳୟରେ ବରିଷ୍ଠ ସଚିବଙ୍କ ସହ ଆଲୋଚନା କାଳରେ କମିଟି ସଦସ୍ୟ ଉପଖଣ୍ଡବାସୀଙ୍କ ନ୍ୟାୟୋଚିତ ଦାବି ପ୍ରତି ତୁରନ୍ତ ବିଚାର କରିବାକୁ ଅନୁରୋଧ କରିଥିବା ଜଣାଯାଇଛି।



ଜିଲା ଦାବି ନେଇ ପଦଯାତ୍ରା ପରେ ଭୁବନେଶ୍ୱରରେ ପହଞ୍ଚିଥିବା ଯୁବ ସଂଗ୍ରାମୀ ରଞ୍ଜନ ଖୁଆସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରୁଛନ୍ତି।

ଅପରପକ୍ଷରେ ଟିଟିଲାଗଡ ଜିଲା ଦାବି ନେଇ ଦୀର୍ଘ ୫୨୦ କିଲୋମିଟର ପଦଯାତ୍ରା ପରେ ଭୁବନେଶ୍ୱରରେ ପହଞ୍ଚିଥିବା ଯୁବ ସଂଗ୍ରାମୀ ରଞ୍ଜନ ଖୁଆସ ମଧ୍ୟ ସନ୍ଧ୍ୟାରେ ଟିଟିଲାଗଡ ବିଧାୟିକା ସାହୁ, କ୍ରିୟାନୁଷ୍ଠାନ କମିଟି ସଦସ୍ୟଙ୍କ ସହ ନବୀନ ନିବାସରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ସହ ସାକ୍ଷାତ କରିଥିବା ଜଣାଯାଇଛି। ଏହି ସମୟରେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘ ମହାସଚିବ ନିରଞ୍ଜନ ବିଶି, ଜିଲା ଆଦିବାସୀ କଲ୍ୟାଣ ସଂଘ ସଭାପତି ବ୍ରଜକିଶୋର ସିଂଭୋଇ, ସଞ୍ଜୟ ବେହେରା, ବିଜେଡି ରାଜ୍ୟ ପରିଷଦ ସଭ୍ୟ ପ୍ରମୋଦ ପ୍ରଧାନ, ତୁଳସୀ ସାହୁ, ଆଲୋକ ନାୟକ, ଦିଲୀପ ବାଗ, ବାଳକୃଷ୍ଣ ଷାଣ୍ଡ, ହିମାଞ୍ଚଳ ବୁଡେକ, ଗୋପିନାଥ ପାଣିଗ୍ରାହୀ, ସୁବାଶ ଜୈନ, ଜିତୁ ସାହୁ, ଅରୁଣ ବାଗ, ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ଉପାଧ୍ୟକ୍ଷା ଅଞ୍ଜନା ବର୍ମା, ଟିଟିଲାଗଡ ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ୫୮ ଦିନରେ ଟିଟିଲାଗଡ଼ ଜିଲା ଦାବି ଗଣଧାରଣା

**ଟିଟିଲାଗଡ଼, ୨୮।୧୨ (ଡି.ଏନ.ଏ)**

ଟିଟିଲାଗଡ ଜିଲା ଆନ୍ଦୋଳନରେ ଶୁକ୍ରବାର ମୁରିବାହାଲ ବ୍ଲକ ଅନ୍ତର୍ଗତ ବିଟାବନ୍ଧ ଗ୍ରାମ ପଞ୍ଚାୟତବାସୀ ଓ ଯୁବକ ସଂଗଠନ ସମର୍ଥନ କରି ରାସ୍ତାକୁ ଓହ୍ଲାଇଛି। ସରପଞ୍ଚ ଅଗସ୍ତି ବାଗ, ନାଏବ ସରପଞ୍ଚ ତେଜରାଜ ଲୁହା ପ୍ରମୁଖଙ୍କ ନେତୃତ୍ୱରେ ଶତାଧିକ ଯୁବକ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରୁ ଶୋଭାଯାତ୍ରାରେ ବାହାରି ନଗର ପରିକ୍ରମା ପରେ ଗଣଧାରଣାରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଜେନ୍ଦ୍ର ସାହୁ, ପରମେଶ୍ୱର କଟା, ଯଦୁ ତାଣ୍ଡି, ଶୁକ୍ରୁ ରଣା, ଖଣ୍ଡେଶ୍ୱର ଘିବେଲା, ପିନ୍ଟୁ ଲୁହା, ସୁଦାମ ଷଡଙ୍ଗୀ, ଲକ୍ଷେଶ୍ୱର ଭୋଇ ପ୍ରମୁଖ ସାମିଲ ହୋଇଥିଲେ।

## ୩୦ରେ ନାରାୟଣ ସାଗର ପାଣି ନିଷ୍କାସନ, ଚିନ୍ତାରେ ମତ୍ସ୍ୟଜୀବୀ

**ଲୋଇସିଂହା,୨୮।୧୨(ଡି.ଏନ.ଏ.)**

ଲୋଇସିଂହା ତିଅରପଡା ମତ୍ସ୍ୟଜୀବୀ ପରିବାର ତଥା ପ୍ରାଥମିକ ମତ୍ସ୍ୟଜୀବୀ ସମବାୟ ସମିତର ଏକ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନାରାୟଣ ସାଗରର ଉନ୍ନତୀକରଣ ପାଇଁ ପାଣି ନିଷ୍କାସନ ପାଇଁ ଜିଲା ପ୍ରଶାସନ ପକ୍ଷରୁ ଆସନ୍ତା ୩୦ତାରିଖ ଦିନ ଧାର୍ଯ୍ୟ କରାଯାଇଛି। ଏହା ଜାଣିବା ପରେ ସ୍ଥାନୀୟ ମତ୍ସ୍ୟ ସମିତି ସଦସ୍ୟ ଓ ତାଙ୍କ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। ନାରାୟଣ ସଗାରର ଉନ୍ନତୀକରଣକୁ ସେମାନଙ୍କ ବିରୋଧ ନାହିଁ ବୋଲି କହିଛନ୍ତି। ଚଳିତ ବର୍ଷ ଲକ୍ଷାଧିକ ଟଙ୍କା ଋଣ କରି ଯାଆଁଳ ଛାଡିଥିବା ଟଙ୍କା ପରିଶୋଧ ଓ ପରିବାର ଚଳଣି ଉପରେ ଜିଲା ପ୍ରଶାସନ ଓ ସରକାର ଦୃଷ୍ଟିଦେବାକୁ ବୈଠକରେ ମତପ୍ରକାଶ ପାଇଥିଲା। ପ୍ରାଥମିକ ମତ୍ସଜୀବୀ ସମବାୟ ସମିତି ସଭାପତି ଚନ୍ଦ୍ରଶେଖର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ବାବୁଲାଲ ବେହେରା, ସମିତି ଅଧୀନ ୫୯ ସଦସ୍ୟଙ୍କ ପରିବାର ଉପସ୍ଥିତ ଥିଲେ। ସମିତିର ବରିଷ୍ଠ ସଦସ୍ୟ କାର୍ତ୍ତିକ ବେହେରାଙ୍କ ସୂଚନାକ୍ରମେ ୫୪ହେକ୍ଟର ପରିସୀମା ନାରାୟଣ ସାଗରରୁ ସ୍ଥାନୀୟ ମତ୍ସ୍ୟଜବୀ ପରିବାର ମାଛ ମାରି ପରିବାର ନିର୍ବାହ କରି ଆସୁଛନ୍ତି। ୧୯୫୨ ମସିହାରୁ ଏକ ସମିତି ଗଠନ ହୋଇଛି । ଏହି ସମିତି ୧୯୬୪ରେ ସରକାରୀ ଭାବେ ପଞ୍ଜୀକୃତ ହୋଇଥିଲା । ସେବେଠାରୁ ଉକ୍ତ ସମିତିର ସଦସ୍ୟମାନେ ଜିଲା ମତ୍ସ୍ୟ ଅଧିକାରୀଙ୍କଠାରେ ପ୍ରତିବର୍ଷ ରୟଲଟି ପୈଠ କରି ମାଛ ଚାଷ କରି ପରିବାର ଚଳାଇ ଆସୁଛନ୍ତି। ଚଳିତବର୍ଷ ମଧ୍ୟ ୧୮ ହଜାର ୩୬୦ଟଙ୍କା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅବଶ୍ୟକ ସମୟରେ ପୈଠ କରିଛନ୍ତି। ସରକାରଙ୍କ ପକ୍ଷରୁ ୧ ଲକ୍ଷ ଯାଆଁଳ ଓ ସମିତି ପକ୍ଷରୁ ୩ ଲକ୍ଷ ଯାଆଁଳା ଛଡାଯାଇଛି । ଏବେ ପାଣି କାଟା ଯିବ କହି ଜିଲା ମତ୍ସ୍ୟ ଅଧିକାରୀ ଯୋଗେନ୍ଦ୍ର ପଧାନ ସମିତି କର୍ମକର୍ତ୍ତାଙ୍କୁ ଫୋନେ ଯୋଗେ କହିଥିଲେ। ତେବେ ଅକ୍ଟୋବର ମାସରେ ଛାଡିଥିବା ଯାଆଁଳ ଏବେ ସେଭଳି ବୃଦ୍ଧି ହୋଇନାହିଁ। ତେଣୁ ପର୍ଯ୍ୟାୟ କ୍ରମେ ପାଣି ନିଷ୍କାସନ କରିବାକୁ ସମିତି ସମ୍ପାଦକ ବେହେରା ମତବ୍ୟକ୍ତ କରିଥିଲେ।

ପଣ୍ଡିତ ଫକୀର ମୋହନ ନନ୍ଦଙ୍କ ଜୟନ୍ତୀରେ ଆଲୋଚନାଚକ୍ର

# ପୂଜ୍ୟପୂଜା ଶୁଦ୍ଧପୂତ ପ୍ରେରଣା ପ୍ରଦାନ କରେ

**ବଲାଙ୍ଗୀର ଅଫିସ, ୨୮।୧୨**

ପଣ୍ଡିତ ଫକୀର ମୋହନ ନନ୍ଦଙ୍କ ୮୫ତମ ଜୟନ୍ତୀ ଅବସରରେ ସଦାଇପାଲି ପଲ୍ଲୀଶ୍ରୀ ବିହାରସ୍ଥିତ ବୃନ୍ଦାବନ ଧାମରେ ସାମ୍ପ୍ରତିକ ପରିସ୍ଥିତିରେ ପୂଜ୍ୟପୂଜାର ଆବଶ୍ୟକତା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ପଣ୍ଡିତ ଫକୀର ମୋହନ ନନ୍ଦ ସ୍ମୃତି ସଂସଦ ତରଫରୁ ତଥା ସାଇଟ୍ ପ୍ରତିଷ୍ଠାତା ଡ ଶ୍ରୀକର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଆଲୋଚକଭାବେ ସତ୍ୟସୁନ୍ଦର ଭଞ୍ଜ, ବୀରେନ୍ଦ୍ର କୁମାର ଝାଙ୍କର, ହୃଷିକେଶ ବାଗ ଓ ବିଶ୍ୱଜିତ ଦାଶ ଯୋଗଦେଇ ପୂଜ୍ୟପୂଜା ହିଁ ଶୁଦ୍ଧପୂତ ପ୍ରେରଣା ପ୍ରଦାନ କରେ ଓ ସ୍ୱର୍ଗତ ନନ୍ଦ ଏ ଦିଗରେ ଏକ ଉତ୍ତମ ପ୍ରେରଣା ପୁରୁଷ ବୋଲି କହିଥିଲେ । ସ୍ମୃତି ସଂସଦର ଆବାହକ ତଥା ସ୍ୱର୍ଗତ ନନ୍ଦଙ୍କ ସୁପୁତ୍ରୀ ସରସ୍ୱତୀ ନନ୍ଦଙ୍କ ଅତିଥି ପରିଚୟ ଓ ଆଲୋଚନାଚକ୍ର ଉପରେ ମତଦେଇଥିଲେ । ସଭାପତୀୟ ଅଭିଭାଷଣରେ ଡ ମିଶ୍ର ସ୍ୱର୍ଗତ ନନ୍ଦଙ୍କ ଆଦର୍ଶ ଶିକ୍ଷକ ଜୀବନ, ଅଭିନୟ, କର୍ମକାଣ୍ଡ ଓ ବେଦାନ୍ତ ଜ୍ଞାନସିଦ୍ଧି ଉପରେ କହିଥିଲେ । ଏହି ଅବସରରେ ଗୋପୀନାଥ ନନ୍ଦ ଓ ଭାଗୀରଥି ମହାପାତ୍ରଙ୍କ ଲିଖିତ ଦୁଇଟି ଉପାଦେୟ ପୁସ୍ତକ ଉନ୍ମୋଚନ କରାଯାଇଥିଲା । ଯମୁନା ଯୋଷୀ ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ୱର୍ଗତ ନନ୍ଦଙ୍କ ପତ୍ନୀ ଲବଙ୍ଗଲତା ନନ୍ଦ ଓ ବଡଝିଅ ପ୍ରଭାତୀ ନନ୍ଦ, ପଣ୍ଡିତ ଟୀକେଶ୍ୱର ଗୁରୁ, ଶିବାନନ୍ଦ ଦାସ, ଚୈତନ୍ୟଦାସ ଠାକୁର, ଶୁଭ୍ରାଂଶୁ ଶେଖର ପଣ୍ଡା, ବାବୁଲାଲ ମିଶ୍ର ଓ ଅନ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କୁନି ଛାତ୍ରୀଛାତ୍ରମାନେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । କରୁଣାକର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।



ଫକୀର ନନ୍ଦ ଜୟନ୍ତୀରେ ସଭାପତି ଡ ଶ୍ରୀକର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଯାପିତ

**ଟିଟିଲାଗଡ, ୨୮।୧୨ (ଡି.ଏନ.ଏ.):** ଟିଟିଲାଗଡ ରେଲୱେ ଇନଷ୍ଟିଚ୍ୟୁଟଠାରେ କଳିଙ୍ଗ ଟାଏକୋଣ୍ଡୋ ଆସୋ ସିଏଶନ ଓ ଟିଟିଲାଗଡ ଜିଲା ଟାଏକୋଣ୍ଡୋ ଆସୋସିଏଶନ ନେତୃତ୍ୱରେ ୧୧ତମ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଆସୋସିଏସନ ପକ୍ଷରୁ ଜିଲାସ୍ତରୀୟ ସେମିନାର, ଆତ୍ମରକ୍ଷାର କୌଶଳ ଓ ବ୍ଲାକ ବେଲ୍ଟ ପରୀକ୍ଷା କରାଯାଇଥିଲା। ଏଥିରେ ୮ ଜିଲାରୁ ୧୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। କଳିଙ୍ଗ ଟାଏକୋଣ୍ଡୋ ଆସୋସିଏଶନର ଓଡିଶା ମୁଖ୍ୟ ସଚ୍ଚିଦାନନ୍ଦ ବିଶ୍ୱାଳ, ଟିଟିଲାଗଡ ଜିଲାକୋଚ ରାଜେଶ ଛୁରା, ରାଉରକେଲାର କୋଚ ଗୋଲଖ ପ୍ରସାଦ ବେହେରା, ଆନନ୍ଦ ସୁନା, ଦାରିଙ୍ଗବାଡିର କୋଚ ଲେନୁସ ନାଏକ, ରାୟଗଡାର କୋଚ ଅର୍ଜୁନ ବୁଧାଏକ, ବ୍ଲାକ ବେଲ୍ଟ ସ୍ମିତିରଞ୍ଜନ ଲେଙ୍କା, ବଡମାଲର କୋଚ ଦେବାନନ୍ଦ ପ୍ରମୁଖଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଉଦ୍‌ଯାପନୀ ଅବସରରେ ଟିଟିଲାଗଡ ବିଧାୟିକା ଟୁକୁନୀ ସାହୁ ମୁଖ୍ୟଅତିଥି, ପୌରାଧ୍ୟକ୍ଷ ଗୋବର୍ଦ୍ଧନ ନାଗ, ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାକାନ୍ତି ପୁଟେଲ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ପ୍ରମାଣପତ୍ର ପ୍ରଦାନ କରିଥିଲେ।


+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳଦ୍ୱାରକ୍ଷତ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

LOAN
ସୁବର୍ଣ୍ଣ ସୁଯୋଗ।
ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି।
(ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

MAHENDAR FINANCE
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ୍ୟ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋଣା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ନବବର୍ଷ ଧମାକା
ଗଣପତି ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
8126592819
8126568293
SCO-106, Second Floor, Vishal Tower, Connaught Place, Delhi

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ। ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେସନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ୟାଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଆ ରୋଡ୍। ପୂଜା ହେଲ୍ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠକରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 1800120002563
Ansal Bhavan, Connaught Place, New Delhi

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 18 ଘଣ୍ଟାରେ 2% ସୁଧ, 50% ରିହାତି (ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill-Baijnathpur, Gaya-205131

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.



TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ, ୭ ଘଣ୍ଟାରେ ଘରେବସି ଗ୍ୟାରେଣ୍ଟେଡ ସମାଧାନ
ଆମ ଇଲମ କିମ୍ବା ଆମଠୁ ଆଗରୁ କାମ କରିଲା ବାଲାକୁ ମନ ଚାହୁଁଥିବା ପୁରସ୍କାର
ମହାଗୁରୁ ବଙ୍ଗାଳୀ
ଯଦି କାହା ପତି, ପ୍ରେମୀ କିମ୍ବା ପୁତ୍ର କିମ୍ବା ପ୍ରେମିକା ଆଉ କାହା ବଶରେ ଅଛନ୍ତି ତାହେଲେ ତୁରନ୍ତ ଫୋନ କାରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ, ସଉତୁଣୀ ଶତ୍ରୁ ମୁକ୍ତି
ଚାକିରୀ, ବ୍ୟବସାୟ, ଅଡଚନ୍, ଗୃହକ୍ଲେଶ, ପତି-ପତ୍ନୀ ଅନବନ, ଶାଶୁ ବୋହୂଙ୍କ ଅନବନ ନିରାଶ ମା, ଭାଇ, ଭଉଣୀ ସମ୍ପର୍କ କରନ୍ତୁ
9897037205

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ। ଘରେ ବସି ପାଆନ୍ତୁ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
କିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978



ଜନସାଧାରଣଙ୍କର ନେତୃତ୍ୱ ଓ ଦାୟିତ୍ୱ ନେଉଥିବା ଲୋକ ସଦାଚାରୀ ଓ ସଚ୍ଚୋଟ ହେବା ଉଚିତ୍।

- ଚରଣ ସିଂ



## ସଂକ୍ଷେପରେ

### ଲାଠୋରରେ ଜଟିଳ ହେଉଛି ଟ୍ରାଫିକ ସମସ୍ୟା

ଲାଠୋର, ୨୮।୧୨(ଡି.ଏନ.ଏ.)- ଖପ୍ରାଖୋଲ ବ୍ଲକ ଲାଠୋରରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଜଟିଳ ହେବାରେ ଲାଗିଛି। ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ଲାଠୋର ଏକ ବ୍ୟବସାୟିକ କେନ୍ଦ୍ର ହୋଇଥିବାରୁ ସବୁବେଳେ ଜଳଗହଳି ରହୁଛି। ସପ୍ତାହର ବୁଧବାର ଏବଂ ରବିବାର ଦୁଇ ଗୋଟି ହାଟ ବସୁଥିବାରୁ ବ୍ୟବସାୟୀଙ୍କ ଭିଡ ଜମିଥାଏ ଏବଂ ଅନେକ ଯାନବାହାନ ଆସିଥାଏ। ହେଲେ କୌଣସି ପାର୍କିଂ ବ୍ୟବସ୍ଥା ନ ଥିବାରୁ ଯିଏ ଯେଉଁଠି ପାରିଲା ଯାନବାହାନ ରଖିଦେଉଛି। ଅପରପକ୍ଷେ ଗ୍ରାମ ମଧଦେଇ ଯାଇଥିବା ପିଡବ୍ଲୁଡି ରାସ୍ତାକୁ ମାଡି ଦୋକାନ ଖୋଲା ଯାଇଥିବାରୁ ଲୋକ ଯିବା ଆସିବା ବେଳେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହାଟପାଳି ଦିନ ରେଳବିଭାଗ ଗେଟ ପଡିଲେ କଥା ସରିଲା। ଟ୍ରାଫିକ ସମସ୍ୟା ଯୋଗୁ ବହୁ ସମୟରେ ଲୋକେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଲାଠୋର ପୋଲିସ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ୨ ଲୁଟେରାଙ୍କୁ ଗିରଫ ପାଇଁ ଝାଡ଼ଖଣ୍ଡରେ ରାଉରକେଲା ପୋଲିସ

## ଲୁଟେରା ଗିରଫ, ୨୩ଭରି ସୁନା ଅଳଙ୍କାର ଉଦ୍ଧାର

ରାଉରକେଲା ଅଫିସ,୨୮।୧୨

ବୋକାରୋ ଆଲେପି ଏକ୍ସପ୍ରେସରେ ଗତ ୧୭ତାରିଖରେ ଘଟିଥିବା ଏକ ବଡ ଧରଣର ଲୁଟ୍ ଘଟଣାର ପର୍ଦ୍ଦାଫାସ ହୋଇଛି। ଏ ନେଇ ଜିଆରପି ପୋଲିସ ଜଣଙ୍କୁ ଗିରଫ କରିଥିବାବେଳେ ତାଙ୍କ ଠାରୁ ୨୩ଭରି ଓଜନର ସୁନା ଗହଣା ଉଦ୍ଧାର କରିଛି। ଗିରଫ ଜଣଙ୍କ ହେଲେ ଆକବର ଅଲୀ(୩୫)। ଅନ୍ୟ ଦୁଇ ଅଭିଯୁକ୍ତଙ୍କ ଗିରଫ ନେଇ ଦୁଇଟି ଟିମ୍ ଗଠନ କରାଯାଇ ଝାରଖଣ୍ଡ ପଠାଯାଇଛି। ଏ ନେଇ ଶୁକ୍ରବାର ଅପରାହ୍ଣରେ ଆୟୋଜିତ ଖବରଦାତା ସମ୍ମିଳନୀରେ ରାଉରକେଲା ରେଳବାଇ ଏସପିଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ବି ସତ୍ୟନାରାଣ(୪୪) ଓ ତାଙ୍କ ଭଉଣୀ ବି ଚେଲମା ରାଜମହେନ୍ଦ୍ରୀ ପାଖ ପାର୍ବତୀପୁରମକୁ ଗତ ୧୭ତାରିଖରେ ଟ୍ରେନରେ ଯାତ୍ରା କରୁଥିଲେ। ପାଖରେ ସୁନାଗହଣା ଥିବା ୨ଟି ଆଟାଚି ସିଟ୍ ତଳେ ବନ୍ଧା ହୋଇରହିଥିଲା। ଉଭୟ ଶୋଇପଡିଥିବା ବେଳେ ସେହି ଡବାରେ ଯାତ୍ରା କରୁଥିବା ୩ଦୁର୍ବୃତ୍ତ


ଅଭିଯୁକ୍ତ ଆକବରଙ୍କୁ ଗିରଫ କରି ପୋଲିସ ନେଉଛି ଓ ଜବତ ଅଳଙ୍କାର (ଇନ୍‌ସେଟ୍)।

ଦୁଇଟିଯାକ ଆଟାଚି ଉଠାଇ ଫେରାର ହୋଇଯାଇଥିଲେ। ଅଟାଚି ଦୁଇଟି ଚୋରି ହେବା ନେଇ ଏମାନେ ଭାଇଜାଗରୁ ଫେରି ଗତ ୨୧ତାରିଖରେ ରାୟଗଡା ଥାନାରେ ଅଭିଯୋଗ କରିଥିଲେ। ସିସି କ୍ୟାମେରା ଯାଞ୍ଚ ପରେ ଜଣାଗଲା ଯେ, ରାୟଗଡ ଷ୍ଟେଶନ ଠାରେ ଉକ୍ତ ଟ୍ରେନ ରହଣୀ ସମୟରେ ୩ଦୁର୍ବୃତ୍ତ ଏମାନଙ୍କ ଆଟାଚି ଚୋରି କରିଛନ୍ତି। ଯେଉଁମାନେ କି ଅଭିଯୋଗକାରୀଙ୍କ ଡବାରେ ଯାତ୍ରା କରୁଥିବା ପ୍ରମାଣ ମିଳିଥିଲା। ଜିଆରପି ପୋଲିସ ସମ୍ପୃକ୍ତ ଲୁଟେରାଙ୍କ ଟ୍ରେନ ଟିକଟ ଆଧାରରେ ତଦନ୍ତ ଆରମ୍ଭ କରିଥିଲା। ଏମାନଙ୍କ ନାମ ଠିକଣା ଓ ମୋବାଇଲ ନମ୍ବର ହସ୍ତଗତ ହେବା ପରେ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ରାୟଗଡ ଜିଆରପି ଅନୁରୋଧ କ୍ରମେ ରାଉରକେଲା ରେଳବାଇ ଏସପି ଅଜୟପ୍ରତାପ ସ୍ୱାଇଁ ଅଭିଯୁକ୍ତଙ୍କୁ ଧରିବାକୁ ତତ୍ପରତା ପ୍ରକାଶ କରିଥିଲେ। ଏଥିରେ ପ୍ଲାଣ୍ଟସାଇଟ ପୋଲିସ ଓ ସାଇବର ସେଲ କର୍ତ୍ତୃପକ୍ଷଙ୍କୁ ସାମିଲ କରାଯାଇଥିଲା। ସିସି କ୍ୟାମେରା ଫୁଟେଜ ଆଧାରରେ ୩ଅଭିଯୁକ୍ତଙ୍କୁ ପୋଲିସ ଚିହ୍ନଟ କରିବା ପରେ ଜଣଙ୍କୁ ଗିରଫ କରିଥିଲା। ମୁଦାଲା ଆକବର ଅଲ୍ଲୀ(୩୫)ଙ୍କୁ ଗିରଫ କରାଯାଇଥିବାବେଳେ ତାଙ୍କ ଠାରୁ ୨୩ଭରି ସୁନା ଅଳଙ୍କାର ଜବତ କରାଯାଇଛି। ସମ୍ପୃକ୍ତ ଅନ୍ୟ ଦୁଇ ଜଣ ମୁଦାଲାଙ୍କ ମଧ୍ୟରୁ ଜଣେ ଆନ୍ତଃ ରାଜ୍ୟ ଲୁଟେରା ହୋଇଥିବାବେଳେ ତାଙ୍କ ନାମରେ ୧୫ଟି ସଙ୍ଗୀନ ଅଭିଯୋଗ ରହିଛି। ଅନ୍ୟ ଜଣେ ଅଭିଯୁକ୍ତ ଓଡିଶାର ବୋଲି ରେଳବାଇ ଏସପି ସୂଚନା ଦେଇଛନ୍ତି।

## ଖୁବ୍‌ଶୀଘ୍ର ଗିରଫ ହେବେ ଅଭିଯୁକ୍ତ: ମିଶ୍ର

### ସେକ୍ଟର-୧ ଗୁଳିକାଣ୍ଡ ପ୍ରସଙ୍ଗ

ରାଉରକେଲା ଅଫିସ,୨୮।୧୨

ଗତ ଗୁରୁବାର ସନ୍ଧ୍ୟାରେ ସେକ୍ଟର-୧ ବାସିନ୍ଦା ଆରଏସପି କର୍ମଚାରୀ ନୃସିଂହ ସାହୁ(୫୦)ଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଶୁକ୍ରବାର ଜୋନାଲ ଡିଏସପି ପିକେ ମିଶ୍ର ସୂଚନା ଦେଇଛନ୍ତି। ବରିଷ୍ଠ ପୋଲିସ ଅଧିକାରୀ ଓ ସାଇଣ୍ଟିଫିକ ଟିମ୍ ସାହୁଙ୍କ ଘର ଯାଞ୍ଚ କରିଥିବାବେଳେ ତାଙ୍କ ସମ୍ପର୍କୀୟଙ୍କୁ ପଚରାଉଚରା କରାଯାଇଛି। ଅର୍ଥ ନେଣ ଦେଣକୁ ନେଇ ଏହି ହତ୍ୟାକାଣ୍ଡ ଘଟିଥିବା ସାହୁଙ୍କ ନିକଟ ସମ୍ପର୍କୀୟଙ୍କଠାରୁ ସୂଚନା ମିଳିଛି। ହତ୍ୟାକାରୀଙ୍କୁ ଠାବ କରିବାକୁ ପୋଲିସ ତନାଘନା ଆରମ୍ଭ କରିଥିବା ସୂଚନା ମିଳିଛି। ସାହୁଙ୍କ ଘରକୁ ସେ ଦିନ ସନ୍ଧ୍ୟାରେ ଆସି ତାଙ୍କ ମୁଣ୍ଡକୁ ଗୁଳି ମାରିଥିବା ଦୁଇ ଆସାମୀ ରାଉରକେଲାର ବୋଲି କୁହାଯାଇଛି।

## ପ୍ରେମଜନିତ କାରଣରୁ ମୃତ୍ୟୁ ଘଟିଥିବା ଅଭିଯୋଗ

ରାଉରକେଲା ଅଫିସ,୨୮।୧୨

ସେକ୍ଟର-୫ ଭାଇଜାଗ ହଷ୍ଟେଲରେ ଗୁରୁବାର ଅପରାହ୍ଣରେ ବେକରେ ଫାଶି ଦେଇ ଆତ୍ମହତ୍ୟା କରିଥିବା ଟ୍ରେନି ଡାକ୍ତରୀ ଛାତ୍ରୀ ସୁନୟନା ଡେକାରାଜା(୨୭)ଙ୍କ ପରିବାର ଶୁକ୍ରବାର ସହରରେ ପହଞ୍ଚିଛନ୍ତି। ଝିଅକୁ ପ୍ରେମ କରୁଥିବା ଯୁବକଙ୍କ ଦ୍ୱାରା ପ୍ରତାରିତ ହୋଇ ସୁନୟନା ଆତ୍ମହତ୍ୟା କରିଥିବା କହିଛନ୍ତି ତାଙ୍କ ମା’ ବନଲତା ଡେକାରାଜା। ଏ ନେଇ ପୋଲିସ ଅଧିକାରୀ ପିକେ ମିଶ୍ର ସୂଚନା ପ୍ରଦାନ କରି କହିଛନ୍ତି ଯେ, ଏହା ସମ୍ପୂର୍ଣ୍ଣ ଭାବେ ଏକ ପ୍ରେମ ଜନିତ ଆତ୍ମହତ୍ୟା ଘଟଣା। ସୁନୟନା କେଉଁ ଯୁବକଙ୍କ ସହ ପ୍ରେମ କରୁଥିଲେ ସେ ତାଙ୍କୁ ପ୍ରତାରିତ କରିଛନ୍ତି ନା ନାହିଁ ସେ ନେଇ ତଦନ୍ତ ଜାରି ରହିଛି। ସୁନୟନାଙ୍କ ଦ୍ୱାରା ଲେଖା ଯାଇଥିବା ସୁଇସାଇଡାଲ ନୋଟକୁ ଭଲ ଭାବେ ଯାଞ୍ଚ କରାଯାଉଛି ବୋଲି କହିଛନ୍ତି ପୋଲିସ ଅଧିକାରୀ ମିଶ୍ର।

## ହିନ୍ଦୁ ସମ୍ମିଳନୀ ନେଇ ଭୂମି ପୂଜନ

ରାଉରକେଲା ଅଫିସ,୨୮।୧୨

ସ୍ଥାନୀୟ ଦିତନଗର ପଡିଆଠାରେ ଆସନ୍ତା ୩୦ରେ ଅନୁଷ୍ଠିତ ହେବ ବିଶାଳ ହିନ୍ଦୁ ସମ୍ମିଳନୀ। ଏ ନେଇ ଷ୍ଟିଲ ସିଟିରେ ବ୍ୟାପକ ପ୍ରଚାର ଅଭିଯାନ ଜାରି ରହିଛି। ଶୁକ୍ରବାର ସଂଗଠନର କର୍ମକର୍ତ୍ତାଙ୍କ ଗହଣରେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟକ୍ରମ ସଞ୍ଚାଳନ ପ୍ରମୁଖ ସର୍ବେଶ୍ୱର ଦାସଙ୍କ ସମେତ ରାମଚନ୍ଦ୍ର ନାୟକ, ବିଶ୍ୱମ୍ବରନାଥ ମିଶ୍ର ଓ ଅମୁଲ୍ୟ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱ ହିନ୍ଦୁ ପରିଷଦର ଜିଲା ସମ୍ପାଦକ କୃଷ୍ଣଚନ୍ଦ୍ର ପଟ୍ଟନାୟକ ଜଗଦୀଶ ଖାଡଙ୍ଗା, ଅନ୍ନଦା ପାଣିଗ୍ରାହୀ ଓ ସଞ୍ଜୟ ମହାନ୍ତ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ।

କଂସର ଗ୍ରାମରେ ବିଶ୍ୱ ହିନ୍ଦୁ ପରିଷଦ ବୈଠକ

## ଗୋହତ୍ୟା ନେଇ ସଚେତନତା ଉପରେ ଗୁରୁତ୍ୱାରୋପ

ରାଉରକେଲା ଅଫିସ,୨୮।୧୨

ସୁନ୍ଦରଗଡ ଜିଲା କୁଣ୍ଡେଇଡିହା ପଞ୍ଚାୟତ ଅନ୍ତର୍ଗତ ବଣ ପାହାଡ ଘେରା କଂସର ଗ୍ରାମରେ ଗୁରୁବାର ବିଶ୍ୱ ହିନ୍ଦୁ ପରିଷଦ ଧର୍ମ ପ୍ରସାର ବିଭାଗ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶ୍ୱ ହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ପଶ୍ଚିମ ଓଡିଶା ଧର୍ମପ୍ରସାର ସମ୍ପାଦକ ଶାନ୍ତନୁ କୁସୁମ ଯୋଗଦେଇଥିଲେ। ସେ କହିଥିଲେ ଯେ, ଗୁରୁଣ୍ଡିଆ ବ୍ଲକ ଅନ୍ତର୍ଗତ ଆଭ୍ୟନ୍ତରୀଣ ଜଙ୍ଗଲ ଅଞ୍ଚଳରେ ଆଜି ବି ଧର୍ମାନ୍ତରୀକରଣ ଜାରି ରହିଛି। କେବଳ ଏତିକି ନୁହେଁ ଲଗାମହୀନ ଭାବେ ଚାଲିଥିବା ଗୋହତ୍ୟା ନେଇ କୁସୁମ ଉଦ୍‌ବେଗ ପ୍ରକାଶ କରିଥିଲେ।


ଗୁରୁଣ୍ଡିଆ ବ୍ଲକ କଂସାରୀ ଗ୍ରାମରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଆୟୋଜିତ ବୈଠକରେ ଉପସ୍ଥିତ ଗ୍ରାମବାସୀ।

ଏହି ଅବସରରେ ସେ ନିର୍ଦ୍ଦିଷ୍ଟ ଭାବେ ତଥ୍ୟ ଉପସ୍ଥାପନ କରିବା ସହ ଏହାକୁ ରୋକାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉପସ୍ଥିତ ଗ୍ରାମବାସୀଙ୍କୁ ଆହ୍ୱାନ ଦେଇ ସେ କହିଥିଲେ, ନିଜ ସଂସ୍କୃତି ବଞ୍ଚାଇବା ଅଧିକାର ସମସ୍ତଙ୍କର ରହିଛି। ଏଥିରେ ଅନଧିକାର ହସ୍ତକ୍ଷେପକୁ କେବେ ବରଦାସ୍ତ କରାଯିବନି ବୋଲି କୁସୁମ କହିଥିଲେ। ସେହିପରି ଉପାନ୍ତ ଗୁରୁଣ୍ଡିଆ ବ୍ଲକର ଅନେକ ଅଞ୍ଚଳରେ ଗୋହତ୍ୟା ଜାରି ରହିଥିବା ସେ ଅଭିଯୋଗ କରିଥିଲେ। ଗୋ ମାତା ବଂଶ ନିପାତ ପୂର୍ବରୁ ସମସ୍ତେ ସଚେତନ ହେବାକୁ କୁସୁମ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଆଗାମୀ କାର୍ଯ୍ୟକ୍ରମ ନେଇ ସୂଚନା ପ୍ରଦାନ କରିଥିଲେ। ବନବାସୀ ଅଞ୍ଚଳରେ ଧର୍ମାନ୍ତରୀକରଣ ନେଇ ବ୍ୟାପକ ସତ୍‌ସଙ୍ଗ ଓ ଧର୍ମରକ୍ଷା ଯଜ୍ଞ ଆୟୋଜନ କରାଯିବ ବୋଲି କୁସୁମ କହିଥିଲେ। ସଞ୍ଜୟ ଦଣ୍ଡସେନାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭିଏଚପି ଜିଲା ଉପସଭାପତି ରଘୁନାଥ ଦଣ୍ଡସେନା, ଆନନ୍ଦ ନାୟକ, ବିକ୍ରମ ନାୟକ, କୁଞ୍ଜବିହାରୀ ସାମଲ, ଶରତ ସାହୁ, ଶେଖର ସାମନ୍ତ, ଅର୍ଜୁନ ପାତ୍ର, ଚୂଡାମଣି ନାୟକ, କୁଳମଣି ନାୟକ, ଗୌରାଙ୍ଗ ଠାକୁର, ନଗେନ୍ଦ୍ର ହାଁସଦା, ରାଜେନ୍ଦ୍ର ବେହେରା ଓ ଧିରେନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଜିଲା କଂଗ୍ରେସ ପକ୍ଷରୁ ୧୩୪ତମ ପ୍ରତିଷ୍ଠା ଦିବସ

## ରାଷ୍ଟ୍ରନେତାଙ୍କ ବଳିଦାନ କଂଗ୍ରେସକୁ ସମୃଦ୍ଧ କରିଛି

ରାଉରକେଲା ଅଫିସ,୨୮। ୧୨

ରାଉରକେଲା ଜିଲା କଂଗ୍ରସ ଭବନଠାରେ ଶୁକ୍ରବାର କଂଗ୍ରେସ ଦଳର ୧୩୪ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଭାପତି ରବି ରାୟଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିବାବେଳେ ମୁଖ୍ୟ ଅତିଥି ଭାବେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ହେମାନନ୍ଦ ବିଶ୍ୱାଳ ଯୋଗଦେଇଥିଲେ। ସେ କହିଥିଲେ କଂଗ୍ରେସ ହେଉଛି ସାଧାରଣ ଲୋକଙ୍କ ଦଳ। ଦେଶର ଏକତା, ଅଖଣ୍ଡତା ନେଇ ଦଳ ସର୍ବଦା ଗୁରୁତ୍ୱ ଦେଇ ଆସିଛି। ସାମ୍ପ୍ରଦାୟିକ ସଦଭାବ ବିନା ଏକ ସମୃଦ୍ଧ ଓ ଶକ୍ତିଶାଳୀ ଭାରତ ଗଠନ କରିବା ସମ୍ଭବ ନୁହେଁ। ଏ ନେଇ ଆଜିର ଯୁବ ବର୍ଗ ଆଗକୁ ଆସିବା ଦରକାର। ଅନେକ ରାଷ୍ଟ୍ରନେତାଙ୍କ ଅବଦାନ ଆଜି ଏ ଦଳକୁ ସମୃଦ୍ଧ କରିଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଝାରସୁଗୁଡା ଜିଲା ପ୍ରଭାରୀ ପ୍ରମୋଦ ପ୍ରଧାନ, ରାଜ୍ୟ ସମ୍ପାଦକ ରଶ୍ମିରଞ୍ଜନ ପାଢ଼ି, ଜିଲା କାର୍ଯ୍ୟକାରୀ ସଭାପତି ସବିର ହୁସେନ, ବରିୟମ ସିଂ, ଇଜାଜ ଅଖତର, ଗୋପାଳ ଦାସ, ଘନଶ୍ୟାମ ସୁନା ଓ ସନ୍ତୋଷ ତନ୍ତି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଆଗାମୀ ଦିନରେ ଷ୍ଟିଲ ସିଟିରେ କଂଗ୍ରେସ ସଂଗଠନକୁ ମଜଭୁତ କରି ଲୋକାଭିମୁଖୀ କାର୍ଯ୍ୟକ୍ରମରେ କର୍ମୀ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଦଳର ବରିଷ୍ଠ ନେତା ଗୋବର୍ଦ୍ଧନ କୁଶଳ, ଲୋକନାଥ ଭୂମିଜ, ଏମଡି ମୋଇନୁଦ୍ଦିନ, ସ୍ୱର୍ଣ୍ଣଲତା ବେହେରା, କ୍ରୀଷ୍ଟଚନ୍ଦ୍ର ନାୟକ, ସହଦେବ ପାଲ, ପ୍ରଶାନ୍ତ ରାୟ, ସୁବାଶ ମହାପାତ୍ର, ତ୍ରିନାଥ ତନ୍ତି ଓ ପ୍ରବାଳ ପଟ୍ଟନାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଛେଣ୍ଡ ଅଞ୍ଚଳରୁ କବିତା ଜାମୁଦା, ସଙ୍ଗୀତା ମିଶ୍ର, ପ୍ରଭାତୀ ଦାସ, ସାବିତ୍ରୀ ସାହୁ, ସୀତା ସାବତ ଓ ପ୍ରତିମା ବାରିକ ଦଳରେ ଯୋଗଦେଇଥିବାବେଳେ ଏମାନଙ୍କୁ ମଞ୍ଚାସୀନ ଅତିଥି ସମ୍ବର୍ଦ୍ଧିତ କରିଥିଲେ।



ସେକ୍ଟର-୨୧ କଂଗ୍ରେସ ଭବନଠାରେ ଆୟୋଜିତ ୧୩୪ତମ ପ୍ରତିଷ୍ଠା ଦିବସ ଅବସରରେ ଉପସ୍ଥିତ ଦଳୀୟ ନେତୃ ମଣ୍ଡଳୀ।

## ଭାଜପା କୃଷକ ମୋର୍ଚ୍ଚାର ଜିଲାପାଳ ଅଫିସ ଘେରାଓ

ଝାରସୁଗୁଡା ଅଫିସ,୨୮।୧୨

ଝାରସୁଗୁଡା ଜିଲା ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ଜିଲାପାଳ ଅଫିସ ଆଗରେ ଧାରଣା ଏବଂ ଘେରାଓ କରାଯାଇଛି। ୮ଦଫା ଦାବି ପୂରଣ କରିବା ପାଇଁ ଏହି ଘେରାଓ ଏବଂ ଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାର ଚାଷୀଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ବ୍ୟବସ୍ଥାଗତ ତ୍ରୁଟି କାରଣରୁ ଚାଷୀ ଉପଯୁକ୍ତ ମୂଲ୍ୟ ପାଇବାରୁ ବଞ୍ଚିତ ହୋଇଛନ୍ତି। ଉପଯୁକ୍ତ ମୂଲ୍ୟ ନ ପାଇ ଚାଷୀ ଋଣରେ ଚାପଗ୍ରସ୍ତ ହେଉଛି। ତେଣୁ ରାଜ୍ୟ ସରକାର ଚାଷୀମାନଙ୍କର ବକେୟା କୃଷି ଋଣ ଛାଡ କରନ୍ତୁ, ବିନା ସୁଧରେ କୃଷିଋଣ ପ୍ରଦାନ କରାଯାଉ, ଚାଷ ଜମିକୁ ଜଳସେଚନ ବ୍ୟବସ୍ଥା କରାଯାଉ, ଠିକ୍ ସମୟରେ ଧାନମଣ୍ଡି ଖୋଲୁ ନ ଥିବାରୁ ଚାଷୀ ଶାଗ ମାଛ ଦରରେ ଧାନ ବିକ୍ରି କରୁଛନ୍ତି। ତେଣୁ ଏହି ଅଭାବି ବିକ୍ରିର ତଦନ୍ତ ଭିଜିଲାନ୍ସ ଦ୍ୱାରା କରାଯାଉ, କୁଇଣ୍ଟାଲ ପିଛା ୧୦୦୦ଟଙ୍କା ବୋନସ ପ୍ରଦାନ କରିବାକୁ ଦାବି କରାଯାଇଛି। ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଭାଜପା କୃଷକ ମୋର୍ଚ୍ଚା ପକ୍ଷରୁ ଦାବି କରାଯାଇଛି। ଏ ସମ୍ପର୍କିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଜିଲା ଭାଜପା ସଭାପତି ରାଧାରାଣୀ ପଣ୍ଡା, କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପଟେଲ, ସୁବାସ ଚୌହାନ, ସୁନୀଲ ପଣ୍ଡା, ରଘୁନନ୍ଦନ ପଣ୍ଡା, ନରେଶ ନାଏକଙ୍କ ସମେତ ଭାଜପା ନେତାମାନେ ଉପସ୍ଥିତ ଥିଲେ।


କଂଗ୍ରେସ କାର୍ଯ୍ୟାଳୟରେ ଉପସ୍ଥିତ ନେତା ଓ କର୍ମୀ।

## କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ

ଝାରସୁଗୁଡା ଅଫିସ,୨୮।୧୨

ଭାରତୀୟ ଜାତୀୟ କଂଗ୍ରେସର ୧୩୪ତମ ପ୍ରତିଷ୍ଠା ଦିବସ ଜିଲା କଂଗ୍ରେସ କାର୍ଯ୍ୟାଳୟଠାରେ ପାଳନ କରାଯାଇଛି। ଜିଲା କଂଗ୍ରେସ ସଭାପତି ଗିରିଶ ପଣ୍ଡା ପତାକା ଉତ୍ତୋଳନ କରି ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ପଡୋଶୀ ରାଜ୍ୟ ଗୁଡିକରେ ନିର୍ବାଚନ ଫଳ ପରିବର୍ତ୍ତନ ଘଟିବା ପରେ ଓଡ଼ିଶାରେ ମଧ୍ୟ ଏଥର କଂଗ୍ରେସ ସରକାରକୁ ଫେରିବ ବୋଲି କଂଗ୍ରେସ ନେତାମାନେ ନିଜ ଉଦ୍‌ବୋଧନରେ କହିଥିଲେ। ଏହାସହ କଂଗ୍ରେସ ଦଳର ଇତିହାସ ଉପରେ ଆଲୋଚନା କରାଯାଇଥିଲା। ଜିଲାରେ କଂଗ୍ରେସ ମଜଭୁତ୍ ପାଇଁ ବିଧାୟକ ନବ ଦାସଙ୍କୁ ଶ୍ରେୟ ଦେଇଥିଲେ ସହର କଂଗ୍ରେସ ସଭାପତି ଭରତ ଅଗ୍ରୱାଲ। ଅନ୍ୟମାନଙ୍କ ମଧ୍ୟରେ କୁଶାସନ ଜୟପୁରିଆ, ପୱନ ସିଂ ଯାଦବ, ଲଳିତ ପଣ୍ଡା, କୁଳଦୀପ ସିଂ, କରୁଣାକର ସାହୁ, ମରଲୀ ଛଛାନ, ସରିତା ଅଗ୍ରୱାଲ, ରୁବିନା ଖାନ, ବେଲା ଥାପ୍ପା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

ନୃତ୍ୟ ମହୋତ୍ସବ ଉଦ୍‌ଯାପିତ

## ଦିଲ୍ଲୀଶ୍ୱର ମହାରଣାଙ୍କୁ ସ୍ପନ୍ଦନ ସମ୍ମାନ-୨୦୧୮

ରାଉରକେଲା ଅଫିସ,୨୮।୧୨

ଆରଏସପି ଆନୁକୂଲ୍ୟରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓଡିଶା ସରକାର, ଗୃହସ୍ଥି ଉଦ୍ୟୋଗ ସହଯୋଗରେ ସ୍ପନ୍ଦନ ଆୟୋଜିତ ୨୯ତମ ସର୍ବଭାରତୀୟ ବହୁଭାଷି ନାଟକ ଓ ନୃତ୍ୟ ମହୋତ୍ସବର ଉଦଯାପନୀ ପର୍ବ ଗୁରୁବାର ସେକ୍ଟର-୧୯ ସିଭିକ ସେଣ୍ଟରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ବୟନଶିଳ୍ପ ବିଭାଗ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଯୋଗ ଦେଇଥିଲେ। ଏହି ଅବସରରେ ସେ ନିଜ କହିଥିଲେ ଯେ, ପରିବର୍ତ୍ତିତ ପରିସ୍ଥିତିରେ ମାନବିକତା ଲୋପ ପାଇବାରେ ଲାଗିଛି। ସ୍ୱାର୍ଥନ୍ୱେଷି ମଣିଷଙ୍କ ସୁବିଧାବାଦୀ ଚିନ୍ତାଧାରା କ୍ରମଶଃ ସମାଜକୁ କଳୁଷିତ କରୁଛି ବୋଲି ଛୁରିଆ ଏଥିରେ ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ରଘୁନାଥପାଲ୍ଲୀ ବିଧାୟକ ସୁବ୍ରତ ତରାଇ, ନିର୍ବାହୀ ଅଧିକାରୀ ଦିଲୀପ ମହାପାତ୍ର, ଆରଡିଏ ଅଧ୍ୟକ୍ଷ ସାରଦା ନାୟକ ଏବଂ ଗଣେଷ ପ୍ରସାଦ ବାଗେଡିଆ ଯୋଗଦେଇ ସ୍ପନ୍ଦନର ଏଭଳି ଉଦ୍ୟମକୁ ପ୍ରଶଂସା କରିଥିଲେ। ସ୍ପନ୍ଦନ ସଭାପତି ପ୍ରକାଶ ଦାସ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ସାଧାରଣ ସମ୍ପାଦକ ପ୍ରଫେସର ସମର ମୁଦାଲି ସଭା କାର୍ଯ୍ୟ ସଞ୍ଚାଳନ କରିଥିଲେ। ନାଟକ କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ନାଟ୍ୟକାର, ଅଭିନେତା, ନିର୍ଦ୍ଦେଶକ ତଥା ବିଶିଷ୍ଟ ସଂଗଠକ ଦିଲ୍ଲୀଶ୍ୱର ମହାରଣାଙ୍କୁ ସ୍ପନ୍ଦନ ସମ୍ମାନ ୨୦୧୮ରେ ସମ୍ମାନିତ କରାଯାଇଛି। ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ଅଭିନେତା ଅଚ୍ଛୁ ପ୍ରଧାନଙ୍କୁ ନାଟ୍ୟ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ସନ୍ଧ୍ୟାରେ ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅନୁଷ୍ଠିତ ସର୍ବଭାରତୀୟସ୍ତରୀୟ ଲୋକନୃତ୍ୟ ପ୍ରତିଯୋଗିତାରେ ପ୍ରଥମ ସୁରତାଲ ନୃତ୍ୟ ଦଳ, ୨ୟ ୱାଗୋଇ ଡ୍ରାମାଟିକ ୟୁନିୟନ ମଣିପୁର, ୩ୟ ନଟରାଜ ନୃତ୍ୟାନୁଷ୍ଠାନ ଓ ଜୟ ମା’ ସମଲାଇ ଦଳକୁ ପୁରସ୍କୃତ କରାଯାଇଥିଲା। ସେହିଭଳି ବାଂଲାଦେଶର ଜାଗୋ ଓ ରାଣୀ ଥିଏଟର, ଲିଟିଲ ପ୍ରତିଭା ରାଉରକେଲା, ଆସାମର ଆଙ୍କଏ କ୍ରିଏଟିଭ ଗ୍ରୁପକୁ ଜୁରି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ଆୟୋଜନ କରିବାରେ ସହଯୋଗ କରିଥିଲେ ଶିଶିର ମୁଦାଲି, କ୍ଷୀରୋଦ ବାଡତ୍ୟା, ମିହିର ପରିଜା, ରମେଶ ଗୌଡ, କ୍ରୀଷ୍ଟା ସିଂ, ସୁଦୀପ ମିଶ୍ର, ନିତ୍ୟାନନ୍ଦ ଜେନା, ସୌମ୍ୟ ଲେଙ୍କା, ସୋନାଲୀ ପଣ୍ଡା, ନରୋତମ ସାମଲ. ଲକ୍ଷ୍ମୀକାନ୍ତ ପଟ୍ଟନାୟକ ଓ ସସ୍ମିତା ଜେନା ପ୍ରମୁଖ।


ସ୍ପନ୍ଦନ ପକ୍ଷରୁ ଆୟୋଜିତ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।



ଲେଖନୀ ଓ ତରବାରୀ ଉଭୟ ଶକ୍ତିଶାଳୀ, କିନ୍ତୁ ଲେଖନୀର ହିଁ ଜୟ ହୁଏ।
- ନେପୋଲିୟନ୍



## ସଂକ୍ଷେପରେ

### ବାଇକ୍‌ରୁ ଖସି ମହିଳା ମୃତ

**ସୁନ୍ଦରଗଡ଼, ୨୮।୧୨ (ଡି.ଏନ୍.ଏ)-** ଭଷ୍ମା -ଅବନକେଲା ପୋଲ ଉପରେ ବାଇକରୁ ଖସି ଜଣେ ମହିଳାଙ୍କର ମୃତ୍ୟୁ ଘଟିଛି। ତାଙ୍କ ନାମ ସରସ୍ୱତୀ ନାଏକ (୫୫)। ମହିଳା ଜଣକ ନିଜ ପୁଅ ସହିତ ବାଇକ୍‌ରେ ବସି ଭଷ୍ମାରୁ ନିଜ ଘର ଅବନକେଲାକୁ ଫେରୁଥିବା ବେଳେ ଇବ୍ ନଦୀ ପୋଲ ଉପରେ ବାଇକ୍‌ରୁ ଖସି ପଡିଥିଲେ। ପରେ ୧୦୮ ଆମ୍ବୁଲାନ୍ସକୁ ଖବର ଦେବା ପରେ ୪୫ମିନିଟ ବିଳମ୍ବରେ ଆମ୍ବୁଲାନ୍ସ ପହଞ୍ଚିବା ପରେ ତାଙ୍କୁ ସୁନ୍ଦରଗଡ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### କଂଗ୍ରେସର ପ୍ରତିଷ୍ଠା ଦିବସ

**ସୁନ୍ଦରଗଡ,୨୮।୧୨ (ଡି.ଏନ୍.ଏ)-** ଜାତୀୟ କଂଗ୍ରେସ ଦଳର ୧୩୪ତମ ପ୍ରତିଷ୍ଠା ଦିବସ ଗୁରୁବାର ଜିଲା କଂଗ୍ରେସ କମିଟି ତରଫରୁ ପାଳିତ ହୋଇଯାଇଛି। ଜିଲା ସଭାପତି ବେଣୁମାଧବ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତଳସରା ବିଧାୟକ ଡା. ପ୍ରଫୁଲ୍ଲ କୁମାର ମାଝି ଦଳୀୟ ପତାକା ଉତ୍ତୋଳନ କରି ଦେଶର ସ୍ୱାଧୀନତାଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ କଂଗ୍ରେସର ଐତିହ୍ୟ ଓ ଦେଶବାସୀଙ୍କ ପାଇଁ ଏକ ସମର୍ପିତ ଦଳ ଭାବେ କାର୍ଯ୍ୟ କରିଆସୁଛି ବୋଲି କହିଥିଲେ। ବର୍ତ୍ତମାନ ପରିସ୍ଥିତିରେ କର୍ମୀମାନେ ଦଳର ସଙ୍ଗଠନକୁ ମଜବୁତ କରି ଦଳର ନୀତି, ଆଦର୍ଶକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ସେବାଦଳର ଜିଲା ମୁଖ୍ୟ ଭାଷ୍କଦେବ ସିଂ, ସେବା ଦଳର କର୍ମୀମାନଙ୍କୁ ନେଇ ବନ୍ଦେ ମାତରଂ ସଙ୍ଗୀତ ଗାନ କରିଥିଲେ। ଜିଲା ସଭାପତି ତ୍ରିପାଠୀ ଦଳୀୟ କର୍ମୀଙ୍କୁ ଦଳର ନୀତି ,ଆଦର୍ଶ ଓ ଶୃଙ୍ଖଳା ବଜାୟ ରଖିବା ପାଇଁ ଶପଥ ପାଠ କରିଥିଲେ । ବରିଷ୍ଠ ଆଇନଜୀବୀ ନିମାଇଁ ନାଏକ, ମନୋଜ ମହାରଣା ,ସତ୍ୟଜିତ୍ ପଣ୍ଡା ,ବାପୁନ୍ ନାଏକ, ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନୀ, ଜିଲା କାର୍ଯ୍ୟକାରୀ କମିଟି ସଭାପତି ଅଜୟ କୁମାର ବହିଦାର, ପ୍ରଭାତ ଭୋଳ, ବିଜୟ ମହାରଣା, ସୁବାଶୀଷ ବାନାର୍ଜୀ , ସରୋଜ ପୁରୋହିତ, ଦେବାଶୀଷ ଦାଶ, ଟାଉନ କଂଗ୍ରେସ ସଭାପତି ନରେନ୍ଦ୍ର ସିଂ, ଋତୁରାଜ ପୁରୋହିତ, ରମଣୀରଞ୍ଜନ ଯୋଶୀ, ଚନ୍ଦ୍ରିକା ସେଠୀ, ହର ବେହେରା, ସୁମନ୍ତ ଠାକୁର ଶତାଧିକ କଂଗ୍ରେସ କର୍ମୀ ଓ ବିଭିନ୍ନ ବ୍ଲକରୁ ଆସୁଥିବା ସେବାଦଳର ସଙ୍ଗଠକମାନେ ଉପସ୍ଥିତ ଥିଲେ।

### ଲାନ୍ତେଶ୍ୱର ଫୁଟବଲ: ଚଲକି ବିଜୟୀ

**ଟିକ୍ରାପଡା,୨୮।୧୨(ଡି.ଏନ.ଏ.):** ସର୍ଗିତଲା ବ୍ଲକ ଝିଙ୍କିଡୁଙ୍ଗୁରି ପଞ୍ଚାୟତ ଅଧୀନ କେନ୍ଦୁଡାରଠାରେ ଚାଲିଥିବା ଲାନ୍ତେଶ୍ୱର ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ତୃତୀୟ ଦିବସ। ଅନୁଷ୍ଠିତ ମ୍ୟାଚରେ ନାଇକେନସିରାକୁ ୨-୧ ଗୋଲରେ ହରାଇ ଚଲକି ବିଜୟୀ ହୋଇଥିଲା। ଦେବରାଜ ନାଗଙ୍କୁ ଖେଳ ପରିଚାଳନା କରିଥିଲେ ।

# କୃଷି ବିଜ୍ଞାନ କେନ୍ଦ୍ରର ଜମି ଚିହ୍ନଟ

- ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅତିରିକ୍ତ ଶାସନ ସଚିବଙ୍କ କୁଆଁରମୁଣ୍ଡା ଗସ୍ତ

**କୁଆଁରମୁଣ୍ଡା,୨୮।୧୨ (ଡି.ଏନ.ଏ.)**

ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ରର ଜମି ଚିହ୍ନଟ ନିମନ୍ତେ ଶୁକ୍ରବାର ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅତିରିକ୍ତ ସଚିବ ମନ୍ମଥ କୁମାର ପାଣି କୁଆଁରମୁଣ୍ଡା ଡାଏରୀ ଫାର୍ମ ପାର୍ଶ୍ୱସ୍ଥ ଶଙ୍ଖ ନଦୀ ପଠାରେ ଥିବା ସରକାରୀ ଜମି ବୁଲି ଦେଖିଛନ୍ତି। ଉକ୍ତ ଜମି ରାଜପଥ ନିକଟରୁ କେତେ ଦୂରରେ ଅବସ୍ଥିତ, ଜମିକୁ ରାସ୍ତାର ସଂଯୋଗୀକରଣ ହୋଇପାରିବ କି ନାହିଁ ସେ ସମ୍ପର୍କରେ ରାଜସ୍ୱ ବିଭାଗର ଅଧିକାରୀମାନଙ୍କ ସହ ଆଲୋଚନା କରିଛନ୍ତି। ଏହା ସହ ଯେଉଁ ସ୍ଥାନକୁ ଉତ୍ତମଭାବେ ଯାତାୟାତର ସୁବିଧା ହୋଇପାରିବ ଓ ସେଠାରେ ଅତିକମ୍‌ରେ ୫୦ ଏକର ସରକାରୀ ଜମି ମିଳିପାରିବ ସେହି ସ୍ଥାନକୁ ପ୍ରାଥମିକତା ଦିଆଯିବ ବୋଲି ସୂଚନା ମିଳିଛି। ଅତିରିକ୍ତ ସଚିବ ପାଣିଙ୍କ ସହ ଭୁବନେଶ୍ୱର ଓୟୁଏଟିର ଡିନ୍ ଡ.ପ୍ରଭାତ କୁମାର ରାଉଳ ଉପସ୍ଥିତ ରହି ଡାଏରୀ ଫାର୍ମ ନିକଟସ୍ଥ ଜମିର ଅବସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। କୁଆଁରମୁଣ୍ଡା ତହସିଲଦାର ଚାନ୍ଦନୀ ଓ ଅନ୍ୟ ରାଜସ୍ୱ କର୍ମଚାରୀମାନେ ଉପସ୍ଥିତ ରହି ଦୁଇ ଅଧିକାରୀମାନଙ୍କୁ ଜମି ଚିହ୍ନଟରେ ସହାୟତା କରିଥିଲେ। ଏହି ଗସ୍ତ ସମୟରେ ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ କୃଷି ବୈଜ୍ଞାନିକ ଡ.ମାନସ ଭୋଳଙ୍କ ସହ କୃଷି ବୈଜ୍ଞାନିକ ବିଜୟ ଲକ୍ଷ୍ମୀ ସାହୁ, ଜୟନ୍ତ କୁମାର ପତି ଓ ସଞ୍ଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉକି,କୃଷି ବିଜ୍ଞାନ କେନ୍ଦ୍ର ପ୍ରତିଷ୍ଠା ହେଲେ ସେଠାରେ କୃଷି ଠାରୁ ଆରମ୍ଭ କରି କୁକୁଡା, ଛେଳି, ଘୁଷୁରି ପାଳନ ନିମନ୍ତେ ଚାଷୀମାନଙ୍କୁ ସମସ୍ତ ପ୍ରକାରର ତାଲିମ ଇତ୍ୟାଦି ପ୍ରଦାନ କରାଯିବ। ଫଳରେ ଚାଷୀମାନେ ଉପଯୁକ୍ତ ତାଲିମ ପାଇବା ସହ ଆବଶ୍ୟକୀୟ ଉନ୍ନତମାନର ଯନ୍ତ୍ରପାତି, ସାର, ବିହନ ଇତ୍ୟାଦିର ପ୍ରୟୋଗ ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ହାସଲ କରିପାରିବେ ।



କୃଷି ବିଜ୍ଞାନ କେନ୍ଦ୍ରର ନୂତନ ଜମି ଚିହ୍ନଟ ନିମନ୍ତେ ଅଧିକାରୀମାନେ ଡାଏରୀଫାର୍ମ ନିକଟସ୍ଥ ଅଞ୍ଚଳ ବୁଲି ଦେଖୁଛନ୍ତି।



ବୈଠକରେ ଉତ୍କଳୀୟ ବ୍ରାହ୍ମଣ ସମାଜର କର୍ମକର୍ତ୍ତା।

## ଉତ୍କଳୀୟ ବ୍ରାହ୍ମଣ ସମାଜର ବୈଠକ
# ଭାଇଚାରା ସୃଷ୍ଟି କରିବାକୁ ଗୁରୁତ୍ୱ

**ଲେଫ୍ରିପଡା,୨୮।୧୨ (ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ କଦୋମାଲ ଗ୍ରାମରେ ଉତ୍କଳୀୟ ବ୍ରାହ୍ମଣ ସମାଜର ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଠକର ପ୍ରାରମ୍ଭରେ ସମାଜ ପକ୍ଷରୁ ପର୍ଶୁରାମଙ୍କ ଫଟୋଚିତ୍ର ସ୍ଥାପନ କରି ଢେଲସରା ଗ୍ରାମର ହେମନ୍ତ କୁମାର ଦାଶଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଇଥିଲା। ପରେ ସମାଜର ସଭାପତି ଡିଲେଶ୍ୱର ଦାଶଙ୍କ ସଭାପତିତ୍ୱରେ ସମାଜରେ ରହିଥିବା ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଆଗାମୀ ଦିନରେ ସମାଜରେ ଚଳଣୀୟ ପ୍ରଥା ସହ ନିଜ ଭିତରେ ଭାଇଚାରା ସୃଷ୍ଟି କରି ସ୍ନେହ ଶ୍ରଦ୍ଧା ଭାବନାରେ ସମାଜକୁ ଗଢି ତୋଳିବା ଦିଗରେ ସମସ୍ତେ ସଂକଳ୍ପ ବଦ୍ଧ ହେବା ପାଇଁ ଆଲୋଚନା କରାଯାଇଥିଲା। ଏଥିରେ ସମାଜର ସମ୍ପାଦକ ହରିହର ଦାଶ, କୋଷାଧ୍ୟକ୍ଷ ରଜନୀକାନ୍ତ ଆଚାର୍ଯ୍ୟ, ଜଗନ୍ନାଥ ମିଶ୍ର, ସୁରେଶ ଚନ୍ଦ୍ର କର, ସୁନ୍ଦରମଣି ପଣ୍ଡା, ମୁକୁନ୍ଦ କୁମାର ପଣ୍ଡା, ରାଜେନ୍ଦ୍ର ସତପତି, ପ୍ରମୋଦ ମିଶ୍ର, ପୂର୍ଣ୍ଣାନନ୍ଦ ହୋତା, ଦେବେନ୍ଦ୍ର ହୋତା, ପ୍ରଦୀପ ମିଶ୍ର, ଖଦେଶ୍ୱର ସତପଥୀ, ନେତ୍ରନନ୍ଦ ମହାପାତ୍ର, ବିପିନବିହାରୀ ମିଶ୍ର, ଶିବଶଙ୍କର ହୋତା, ଭବାନୀଶଙ୍କର ଦାଶ, ଯଦୁ ପାଣିଗ୍ରାହୀ, ଟେକଚାନ୍ଦ ଦାଶ, ପ୍ରଫୁଲ୍ଲ ଦାଶ ପ୍ରମୁଖ ସମେତ ବର୍ଡନକେଲା, ଉଜ୍ଜ୍ୱଳପୁର, ହେମଗିର, ଟାଙ୍ଗରପାଲି, ରାଏଡିହି ଦର୍ଲିପାଲି, ସବ୍‌ଡେଗା ଇତ୍ୟାଦି ଅଞ୍ଚଳରୁ ଉତ୍କଳୀୟ ବ୍ରାହ୍ମଣ ସମାଜର କର୍ମକର୍ତ୍ତା ଯୋଗଦାନ କରିଥିଲେ।

# ପାଟିକା, ସହାୟିକା ସଂଘର ସ୍ମାରକପତ୍ର ପ୍ରଦାନ



ପାଟିକା, ସହାୟିକା ସଂଘ ତରଫରୁ ଧାରଣା ଦିଆଯାଇଛି।

**ସୁନ୍ଦରଗଡ଼, ୨୮।୧୨ (ଡି.ଏନ୍.ଏ)**

୧୧ଦଫା ଦାବି ନେଇ ନିଖିଳ ଓଡିଶା ପାଚିକା, ସହାୟିକା ସଂଘ ତରଫରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଜିଲାରେ କାର୍ଯ୍ୟରତ ପାଚିକା, ସହାୟିକାମାନେ ଏକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି କମଳ ଷଣ୍ଢ, ଜିଲା ସଭାନେତ୍ରୀ ସାବିତ୍ରୀ ପଟେଲ, ଜିଲା ସମ୍ପାଦିକା କିସମତୀ ମାଝି, ଗୀତା ସା, ସିମନ୍ତୀନି ସାହୁ , କେତକୀ ପଣ୍ଡା, ମନୀଷା କେରକେଟା, କୁମୁଦିନୀ ଲାକ୍ରା, ସୁରଭି ପୃଷେଠ ପ୍ରମୁଖ ଉଦ୍‌ବୋଧନ ଦେଇ ପାଚିକା, ସହାୟିକାଙ୍କ ନ୍ୟାର୍ଯ୍ୟଦାବି ପୂରଣ ଦିଗରେ ସରକାର ଯଥାଶିଘ୍ର ପଦକ୍ଷେପ ନେବାକୁ ଦାବି କରିଥିଲେ। ପାଚିକାମାନଙ୍କୁ ଶ୍ରମିକର ମାନ୍ୟତା ପ୍ରଦାନ, ପରିଚୟପତ୍ର ପ୍ରଦାନ, ୨୮ମାସର ବକେୟା ପାଉଣା ପ୍ରଦାନ, ବର୍ଷକୁ ୨ଯୋଡା ଶାଢୀ ପ୍ରଦାନ ଆଦି ଦାବିକରି ଏକ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

### ଜୟଦୁର୍ଗା କ୍ଲବ ବାର୍ଷିକ କ୍ରୀଡା ଉତ୍ସବର ଚତୁର୍ଥ ଦିବସ

**ସୁନ୍ଦରଗଡ,୨୮।୧୨ (ଡି.ଏନ୍.ଏ)**

ଜୟଦୁର୍ଗା କ୍ଲବର ବାର୍ଷିକ ଉତ୍ସବର ଶୁକ୍ରବାର ଥିଲା ଚତୁର୍ଥ ଦିବସ। ବାଳକ ବିଭାଗର ଭଲିବଲ ମ୍ୟାଚର ସେମିଫାଇନାଲ ଓ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ପ୍ରଥମ ସେମିଫାଇନାଲ ଅଲେଇକେରା ଓ ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସୁନ୍ଦରଗଡ ସରକାରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ କିଶୋର କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଆଗାମୀ ଦିନରେ ଜାତୀୟ, ଅନ୍ତର୍ଜାତୀୟ ସ୍ତରରେ କୃତିତ୍ୱ ଅର୍ଜନ କରି ସୁନ୍ଦରଗଡର ନାମକୁ ଆହୁରି ଗୌରବାନ୍ୱିତ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। କ୍ଲବର ବରିଷ୍ଠ ସଦସ୍ୟ ଯୋଗଶ୍ୱେର ଭୋଇ, ସମ୍ପାଦକ ବଟକିଶୋର ମିଶ୍ର, ସଭାପତି ଅଭୟ କୁମାର ପଟ୍ଟନାୟକ, ପ୍ରଦୀପ ବହିଦାର ପ୍ରମୁଖ ଯୋଗଦେଇଥିଲେ। ଶନିବାର ସକାଳ ସମୟରେ ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ଖେଳକୁଦ ଓ ମହିଳାଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଏବଂ ଅପରାହ୍ନରେ ବାଳକ ବିଭାଗର କବାଡି ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି କ୍ଲବର ସମ୍ପାଦକ ସୂଚନା ଦେଇଥିଲେ।

# ତଣ୍ଟିକାଟି ମହିଳାଙ୍କୁ ହତ୍ୟା

**ନୂଆଗାଁ, ୨୮।୧୨ (ଡି.ଏନ.ଏ.)**

**ନୂଆଗାଁ ବ୍ଲକ**
- କୂଅରୁ ମୃତଦେହ ଉଦ୍ଧାର
- ହତ୍ୟା ପୂର୍ବରୁ ବଳାତ୍କାର ସନ୍ଦେହ
- ଘଟଣା ପଛରେ ପ୍ରେମ ସମ୍ପର୍କ

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ହାତୀବାରି ଥାନା ଅନ୍ତର୍ଗତ ଚୁଆଁବାହାଲ ବଡ଼ାଇକବସ୍ତି ନିକଟରେ ଥିବା ଏକ କୂଅରୁ ଶୁକ୍ରବାର ସକାଳେ ଜନୈକା ୩୩ବର୍ଷ ବୟସ୍କା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ତାଙ୍କୁ କୌଣସି ଧାରୁଆ ଅସ୍ତ୍ରରେ ତଣ୍ଟିକାଟି ହତ୍ୟା କରାଯାଇଛି। ପାରିପାର୍ଶ୍ୱିକ ସ୍ଥିତିରୁ ହତ୍ୟା ପୂର୍ବରୁ ତାଙ୍କୁ ବଳାତ୍କାର କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଏହି ଘଟଣାନେଇ ଭିନ୍ନଭିନ୍ନ କଥା ଶୁଣାଯାଉଥିଲେ ମଧ୍ୟ ପ୍ରେମ ସମ୍ପର୍କ ନେଇ ଏହି ହତ୍ୟା ଘଟଣା ଘଟିଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି। ବୀରମିତ୍ରପୁର ଏସ୍‌ଡ଼ିପିଓ ପି.କେ. ପାତ୍ର, ହାତୀବାରି ଥାନା ଅଧିକାରୀ ଶ୍ୟାମଲାଲ ଓରାମ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। କୂଅରୁ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛନ୍ତି।

ଚୁଆଁବାହାଲ ବଡ଼ାଇକବସ୍ତିର ଜନୈକ ବ୍ୟକ୍ତିଙ୍କ ଝିଅ ୮ବର୍ଷ ପୂର୍ବେ ସବ୍‌ଡ଼େଗାସ୍ଥିତ ଦେଓଗାଁରେ ପ୍ରେମ ବିବାହ କରିଥିଲେ। କୌଣସି କାରଣରୁ ୩ବର୍ଷ ହେବ ଚୁଆଁବାହାଲରେ ବାପ ଘରେ ରହୁଥିଲେ। ବୁଧବାର ରାତିରେ ଉକ୍ତ ମହିଳାଙ୍କ ମୋବାଇଲକୁ ଏକ ଫୋନକଲ ଆସିଥିଲା। ସେ କଥା ହୋଇ ବାହାରକୁ ଚାଲିଯାଇଥିଲେ। ରାତିରେ ଘରକୁ ଫେରି ନ ଥିଲେ। ତେବେ ବାପଘର ଲୋକେ ଏଥିପ୍ରତି ଧ୍ୟାନ ଦେଇ ନ ଥିଲେ। ଶୀତରାତି ହୋଇଥିବାରୁ ସମସ୍ତେ ଶୋଇଯାଇଥିଲେ। ଗୁରୁବାର ତାଙ୍କ ମୋବାଇଲ ଫୋନ୍ ବନ୍ଦ ଥିବାରୁ ଘର ଲୋକେ ସନ୍ଦେହକରି ବିଭିନ୍ନ ସ୍ଥାନରେ, ସାହିପଡ଼ିଶାରେ ଖୋଜିଥିଲେ। ସନ୍ଧ୍ୟାରେ ଘରଠାରୁ କିଛି ଦୂରରେ ଏକ ବାଇଗଣ କିଆରିରେ ମହିଳାଙ୍କ ଚପଲ ଓ ଅନ୍ତବସ୍ତ୍ର, କୂଅରେ ଆଉ ଏକ ଚପଲ ପଡ଼ିଥିବା ଦେଖିବାକୁ ମିଳିଥିଲା। ମହିଳାଙ୍କ ଭାଇ ନୂଆଗାଁ ଫାଣ୍ଡି ଅଧିକାରୀ କୈଳାସ ଚନ୍ଦ୍ର ନାଏକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପୋଲିସ ଓ ଦମକଳବାହିନୀ ଆସି କୂଅରୁ ପାଣି ବାହାର କରିଥିଲେ। ସନ୍ଧ୍ୟା ହୋଇଯିବାରୁ ପାଣି ବାହାର କରିବା ସମ୍ପୂର୍ଣ୍ଣ ହୋଇ ନ ଥିଲା। ଶୁକ୍ରବାର ସକାଳେ ପାଣି ଶୁଖିଯିବାରୁ ମହିଳାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ. ୮୪/୨୦୧୮) ରୁଜୁକରି ତଦନ୍ତ ଚଳାଇଛି।



ମହିଳାଙ୍କ ମୃତଦେହ କୂଅରୁ ଉଦ୍ଧାର କରାଯାଉଛି।



ନୂତନ ଫାଣ୍ଡି ଅଧିକାରୀଙ୍କୁ ବ୍ଲକ ବିଜେଡ଼ି ସଭାପତି ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରୁଛନ୍ତି।

## ବିଜେଡି ପକ୍ଷରୁ ନୂତନ ଫାଣ୍ଡି ଅଧିକାରୀଙ୍କୁ ସମ୍ବର୍ଦ୍ଧନା
# ପିଏଲ୍‌ଏଫ୍‌ଆଇ ଦମନ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯିବ

**କୁଆଁରମୁଣ୍ଡା,୨୮।୧୨(ଡି.ଏନ.ଏ)**

ବୀରମିତ୍ରପୁର ଥାନା ଅନ୍ତର୍ଗତ କୁଆଁରମୁଣ୍ଡା ଫାଣ୍ଡି ଅଧିକାରୀ ପଦ ଖାଲି ପଡିବା ପରେ ରବିବାର ନୂତନଭାବେ ଫାଣ୍ଡି ଅଧିକାରୀ ଭାବେ ଏସଆଇ ଅନିଲ ପରିଡା ଯୋଗ ଦେଇଛନ୍ତି। କୁଆଁରମୁଣ୍ଡାଭଳି ଏକ ସମ୍ବେଦନଶୀଳ ଫାଣ୍ଡିରେ ଏସଆଇ ପରିଡାଙ୍କ ଯୋଗ ଦେଇଥିବାରୁ ଗୁରୁବାର ତାଙ୍କୁ ଫୁଲତୋଡା ଦେଇ ବ୍ଲକ ବିଜେଡ଼ି ସଭାପତି ରାଜେନ୍ଦ୍ର କୁଜୁର ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଛନ୍ତି। କୁଆଁରମୁଣ୍ଡା ଅଞ୍ଚଳରେ ଚୋରି, ଡକାୟତି, ପିଏଲଏଫଆଇ ଦମନ ଦିଗରେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରିବି ବୋଲି ଏସଆଇ ପରିଡା ଏହି ଅବସରରେ ସୂଚନା ଦେଇଛନ୍ତି। ଏହି ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ବେଳେ ବିଜେଡ଼ି ବ୍ଲକ ସଭାପତି ରାଜେନ୍ଦ୍ର କୁଜୁରଙ୍କ ସହ ଆରଏସପିର ଅବସରପ୍ରାପ୍ତ ଏଜିଏମ୍ ଭୀମସେନ ବିଲୁଙ୍ଗ, ମହେନ୍ଦ୍ର ସାହୁଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ତିଲେଇକାନୀରେ ଶୁକ୍ର ଓ ପୀୟୂଷ ମେମୋରିଆଲ ହକି ଟୁର୍ନାମେଣ୍ଟ ଉଦ୍‌ଘାଟିତ
# ଜୁନିୟର, ସିନିୟର ଦଳର ଅଂଶଗ୍ରହଣ

**ବାଲିଶଙ୍କରା, ୨୮।୧୨ (ଡି.ଏନ.ଏ.)**

ବାଲିଶଙ୍କରା ବ୍ଲକ ତିଲେଇକାନି ପଞ୍ଚାୟତର ଖେଳ ପଡ଼ିଆରେ ୨୬ତମ ଶୁକ୍ର ଓ ୧୨ତମ ପୀୟୁଷ ମେମୋରିଆଲ ହକି ଟୁର୍ନାମେଣ୍ଟ ତିଲେଇକାନୀ ରୁରାଲ ଡେଭଲପମେଣ୍ଟ ୟୁଥ୍ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ସଫ୍ଟୱେୟର ଇଞ୍ଜିନିୟର ଭାବେ କାର୍ଯ୍ୟରତ ବିଳାସପୁରରେ ଇଲିଆସ ତିର୍କୀଙ୍କ ନେତୃତ୍ୱରେ ଚାଲିଥିବା ଏହି ମେମୋରିଆଲ ହକି ଟୁର୍ନାମେଣ୍ଟରେ ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ଫାଦର ଅନିଲ କୁଲୁ ଯୋଗଦେଇଥିଲେ। କଠିନ ପରିଶ୍ରମ, ଏକାଗ୍ରତା ଧୈର୍ଯ୍ୟ ବଜାୟ ରଖିପାରିଲେ ପଦ୍ମଶ୍ରୀ ଦିଲୀପ ତିର୍କୀ, ପ୍ରବୋଧ ତିର୍କୀ, ଇଗ୍ନେସ ତିର୍କୀ, ଲାଜରୁସ ବାର୍ଲାଙ୍କ ଭଳି ସୁନାମଧନ୍ୟ ଖେଳାଳି ହୋଇପାରିବେ ବୋଲି ସେ ଖେଳାଳିମାନଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଫାଦର ପାଉଲୁସ୍ ଏକ୍କା, ଫାଦର ପାଉଲୁସ କୁଜୁର, ଜିଲା ଶ୍ରମ ଅଧିକାରୀ ରବୀନ୍ଦ୍ର ବାର୍ଲା, ଫାଦର ଲାଜରୁସ୍ କୁଲୁ, ୟେଶୁ ଦାସ ତିର୍କୀ ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚରେ ସରକାରୀ ବାଳିକା ବିଦ୍ୟାଳୟ ତିଲେଇକାନୀ ଓ ତିଲେଇକାନୀ ଗ୍ରାମ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ୧ ଗୋଲ୍‌ରେ ତିଲେଇକାନୀ ବିଜୟଲାଭ କରିଥିଲା ଓ ପୁରୁଷ ବିଭାଗରେ ତିଲେଇକାନୀ ଓ ରପୋର୍ଟଜୋର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। କ୍ଲବର ସଞ୍ଜିବ ମିଞ୍ଜ, ମନୋଜ ବାର୍ଲା, ଏଶୁଦାସ ତିର୍କୀ, ଝାଲକୁ ବାର୍ଲା, ଜଗନ୍ନାଥ ବାର୍ଲା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା ଦାୟିତ୍ୱରେ ଅଛନ୍ତି। ଏହି ଟୁର୍ନାମେଣ୍ଟ ଆସନ୍ତା ୩୦ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ଜୁନିୟର ଓ ସିନିୟର ଦୁଇ ଦଳର ଏଥିରେ ଭାଗ ନେଇଛନ୍ତି।





ଶୁକ୍ର ଓ ପୀୟୁଷ ମେମୋରିଆଲ ହକି ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚରେ ଅଂଶଗ୍ରହଣ କରିଥିବା ସିନିୟର(ବାମ) ଓ ଜୁନିୟର ଦଳର ଖେଳାଳି।



ଅନ୍ୟଠାରୁ ନିଜକୁ ଉଚ୍ଚ ବୋଲି ମଣିବା ହେଉଛି ଭଗବାନଙ୍କ ପ୍ରତି ଦ୍ରୋହ ଆଚରଣ।
- ମହାତ୍ମା ଗାନ୍ଧୀ



## ସଂକ୍ଷେପରେ

ଗୌତମ ବହିଦାର ମେମୋରିଆଲ କ୍ରିକେଟ

### ୟୁନାଇଟେଡ୍, ଟାଇଗର ଲିଜେଣ୍ଡ ବିଜୟୀ

**ବେଲପାହାଡ଼,୨୮।୧୨(ଡ଼ି.ଏନ୍.ଏ.)-** ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରାଞ୍ଚଳସ୍ଥିତ ଟିଆର୍ଏଲ ଷ୍ଟାଡ଼ିୟମରେ ଶୁକ୍ରବାରଠାରୁ ଗୌତମ ବହିଦାର ମେମୋରିଆଲ କ୍ରିକେଟ ଲିଗ ଆରମ୍ଭ ହୋଇଛି । ଏଥିରେ ସ୍ଥାନୀୟ ୧୨ଟି ଦଳ ଅଂଶଗ୍ରହଣ କରିଛନ୍ତି । ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍ ୟୁନାଇଟେଡ଼-୧୧ ଏବଂ ପାର୍କ-୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ୟୁନାଇଟେଡ଼ ୧୧ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରିଥିଲା ଏବଂ ନିର୍ଦ୍ଧାରିତ ୨୦ଓଭରରେ ୧୦ଉଇକେଟ ହରାଇ ୧୫୮ ରନ୍ ସଂଗ୍ରହ କରିଥିଲା । ଏହାର ଜବାବରେ ପାର୍କ-୧୧ ବ୍ୟାଟିଂ କରି ୧୦ଉଇକେଟରେ ମାତ୍ର ୧୨୫ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ୟୁନାଇଟେଡ଼-୧୧ ପକ୍ଷରୁ ଦିଲୀପ ବିଶ୍ୱାଳ ୩୨ବଲ୍ ବିପକ୍ଷରେ ସର୍ବାଧିକ ୪୩ରନ୍ କରିଥିଲା । ଦ୍ୱିତୀୟ ମ୍ୟାଚ୍‌ରେ ଟାଇଗର ଲିଜେଣ୍ଡ ପ୍ରଥମେ ବ୍ୟାଟିଂ କରି ୫ଉଇକେଟ ବିନିମୟରେ ୧୫୩ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ସମିତ ପଣ୍ଡା ୨୯, ଆକାଶ ସରକାର୨୩ ଓ ବରୁଣ ସକସେରିଆ ୨୬ରନ୍ କରିଥିଲେ । ପ୍ରତି ପକ୍ଷ ଦଳ ଗ୍ଲୋବାଲ-୧୧ ୯ ଉଇକେଟ ହରାଇ ୧୦୫ରନ୍ ସଂଗ୍ରହ କରିଥିଲା । ଜେଡ୍.ଏ. ଭୁଟ୍ଟୋ ଏବଂ ପ୍ରଭାତ ରାଉତ ଅମ୍ପେୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ । ଆସନ୍ତା ଶନିବାର ରାଇଜିଙ୍ଗ ସନ୍ ଓ ଏସ୍‌ସିଏ ମଧ୍ୟରେ ପ୍ରଥମ ମ୍ୟାଚ୍, ଅମରଜ୍ୟୋତି ଏବଂ ଜିବିସିଏ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ।

ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀ

# ବଢୁଛି ଆଶାୟୀ ପ୍ରାର୍ଥୀଙ୍କ ସଂଖ୍ୟା

**ଝାରସୁଗୁଡା ଅଫିସ,୨୮।୧୨**

ଝାରସୁଗୁଡା ରାଜନୀତିରେ ଘଡିକେ ଘୋଡା ଛୁଟୁଛି। ଖାସ୍ କରି ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ଏହି ପରିମାଣ ଢେର ଅଧିକ। ଏହି ନିର୍ବାଚନମଣ୍ଡଳୀରେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ, ପୂର୍ବତନ ବାଚସ୍ପତି କିଶୋର ମହାନ୍ତି, ବର୍ତ୍ତମାନର ବିଧାୟକ ନବ କିଶୋର ଦାସଙ୍କ ଭଳି ତୁଙ୍ଗ ନେତାଙ୍କ ଉପସ୍ଥିତି ସତ୍ତ୍ୱେ ଏହି ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ଆଶାୟୀ ଇଚ୍ଛା ପ୍ରକାଶ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ସର୍ବାଧିକ ଆଶାୟୀ ବିଜେଡିରୁ ପ୍ରାର୍ଥୀ ହେବାକୁ ମନ ବଳାଉଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ଆଉ ଜଣେ ଆଶାୟୀଙ୍କ ଆବିର୍ଭାବ ହୋଇଛି। ଏହି ଆଶାୟୀ ଏବଂ ତାଙ୍କ ସମର୍ଥକ ଗତ କିଛି ଦିନ ଆଗରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ଜିଲା ପର୍ଯ୍ୟବେକ୍ଷକଙ୍କୁ ଭେଟି ଝାରସୁଗୁଡା ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ ହେବାକୁ ଅନୁରୋଧ କରିଛନ୍ତି। ପ୍ରାର୍ଥୀ ଜଣଙ୍କ ହେଲେ ଅଖିଳ ଭାରତୀୟ ଅଘରିଆ ସମାଜର ଦୁଷ୍ମନ୍ତ ପାଣ୍ଡେ। ଝାରସୁଗୁଡା ନିର୍ବାଚନମଣ୍ଡଳୀରୁ ତାଙ୍କୁ ପ୍ରାର୍ଥୀ କରିବାକୁ ଦୁଷ୍ମନ୍ତ ଏବଂ ତାଙ୍କ ସମର୍ଥକମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅନୁରୋଧ କରିବା ଘଟଣା ଜିଲା ରାଜନୀତିରେ ପୁଣି ଥରେ ଚର୍ଚ୍ଚାର ବିଷୟ ହୋଇଛି। ଦୁଷ୍ମନ୍ତଙ୍କ ପ୍ରାର୍ଥିତ୍ୱ ସ୍ୱୀକାର କରିବାକୁ ଅଘରିଆ ସମାଜ ମୁଖ୍ୟମନ୍ତ୍ରୀଙ୍କ ଆଗରେ ଦୃଢ ଯୁକ୍ତି ଉପସ୍ଥାପନ କରିଛି। ଝାରସୁଗୁଡା ନିର୍ବାଚନମଣ୍ଡଳୀର ଉନ୍ନତି ପାଇଁ ଇଚ୍ଛାଶକ୍ତିର ଅଭାବକୁ ସମାଜ ଉପଲବ୍ଧି କରୁଛି। ଏହି ପ୍ରସଙ୍ଗ ଉପସ୍ଥାପନା କରି ଝାରସୁଗୁଡା ନିର୍ବାଚନମଣ୍ଡଳୀରୁ ଦୁଇ ଦୁଇ ଥର ବିଧାୟକ ଭାବେ ବିଜୟୀ ହୋଇଥିବା ଏବଂ ନିରବଚ୍ଛିନ୍ନ ଭାବେ ବିକାଶ କରାଯାଉଛି ବୋଲି ପ୍ରକାଶ କରୁଥିବା ନବ ଦାସଙ୍କ ବିକାଶ ଧାରାପ୍ରତି ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ ପ୍ରଶ୍ନ ଉଠାଯାଇଛି। ଅନ୍ୟପକ୍ଷରେ ଅଘରିଆ ସମାଜ ଝାରସୁଗୁଡା ନିର୍ବାଚନମଣ୍ଡଳୀରେ ୨୮% ଜନସଂଖ୍ୟା ଭୋଟଦେବାର କ୍ଷମତା ସାବ୍ୟସ୍ତ କରିଆସୁଛନ୍ତି। ତେଣୁ ଉଭୟ ନିରବଚ୍ଛିନ୍ନ ବିକାଶ ଏବଂ ମତଦାତାଙ୍କ ଆନୁପାତିକ ଗଣିତ ଉପରେ ଯୁକ୍ତି ଉପସ୍ଥାପନ କରିଛନ୍ତି। କେବଳ ମୁଖ୍ୟମନ୍ତ୍ରୀ ନୁହନ୍ତି ସମାନ ଅନୁରୋଧ ଜିଲା ବିଜେଡିର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ଏମ୍‌ପି ରବି ନାରାୟଣ ପାଣିଙ୍କୁ ମଧ୍ୟ ଭେଟି ଏହି ପ୍ରସଙ୍ଗ ଜଣାଇଛନ୍ତି। ଅକ୍ଟୋବର ୨୮ରେ ପୂର୍ଣ୍ଣା ଗ୍ରାମର ସାମାଜିକ କଲ୍ୟାଣମଣ୍ଡପରେ ଏକ ବୈଠକ ଡକାଯାଇ ଏହି ନିଷ୍ପତି ନିଆଯାଇଥିବା ଜଣାପଡିଛି। ଝାରସୁଗୁଡା ରାଜନୀତିରେ ବର୍ତ୍ତମାନ ବିଜେଡିର ମଙ୍ଗ ସମ୍ଭାଳୁ ଥିବା କିଶୋର ମହାନ୍ତି ଗତ ୨୦୦୯ ଏବଂ ୨୦୧୪ନିର୍ବାଚନରେ କଂଗ୍ରେସର ନବ ଦାସଙ୍କ ଠାରୁ ପରାଜିତ ହୋଇଥିଲେ। ଆଗକୁ ହେବାକୁ ଥିବା ୨୦୧୯ନିର୍ବାଚନରେ କିଶୋର ମହାନ୍ତି ପୁନଶ୍ଚ ଝାରସୁଗୁଡା ଦଖଲ କରିବାକୁ ନିଶ୍ଚିତ ପ୍ରୟାସ କରୁଥିବେ। ହେଲେ ଇତି ମଧ୍ୟରେ କଂଗ୍ରେସ ବିଧାୟକ ନବ ଦାସଙ୍କ(ପ୍ରେସ୍ ବିବୃତ୍ତି ଦେବା ପୂର୍ବରୁ) ବିଜେଡିରେ ଯୋଗଦେବାର ଚର୍ଚ୍ଚା ଝାରସୁଗୁଡା ବିଜେଡି ଓ କଂଗ୍ରେସ ରାଜନୀତି ଏବଂ ରାଜନୈତିକ କର୍ମୀଙ୍କୁ ସଙ୍କଟରେ ପକାଇ ଦେଇଛି। ଏପରିକି ଝାରସୁଗୁଡା ନିର୍ବାଚନମଣ୍ଡଳୀରୁ ବିଜେଡି ପାର୍ଥିତ୍ୱ ନେଇ ଏକ ପ୍ରକାର ଦ୍ୱନ୍ଦ୍ୱ ଉପୁଜିଥିଲା। ପୂର୍ବ ଇତିହାସକୁ ଅବଲୋକନ କଲେ ଜଣାଯାଏ ଯେ, ଏହି ନିର୍ବାଚନମଣ୍ଡଳୀରୁ ଅଘରିଆ ସମାଜର ବିରେନ ପାଣ୍ଡେ ତିନି ଥର ବିଧାୟକ ହୋଇଛନ୍ତି। ଏପରି ସ୍ଥଳେ ଉପସ୍ଥାପନ କରାଯାଇଥିବା ଯୁକ୍ତି ଏବଂ ସଂଖ୍ୟା ଗଣିତକୁ ବିଚାର କରି ମୁଖ୍ୟମନ୍ତ୍ରୀ କେଉଁ ପଦକ୍ଷେପ ନେବେ ତାହା ୨୦୧୯ଟିକେଟ୍ ବଣ୍ଟନ ବେଳେ ସ୍ପଷ୍ଟ ହେବ।



ଅଘରିଆ ସମାଜର ପ୍ରତିନିଧି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅନୁରୋଧ କରୁଛନ୍ତି।

କଂଗ୍ରେସ ପକ୍ଷରୁ ୧୩୪ତମ ପ୍ରତିଷ୍ଠା ଦିବସ ପାଳିତ

## ଯୁବକମାନଙ୍କୁ ସଙ୍ଗଠିତ କରିବାକୁ ଆହ୍ୱାନ

**ବେଲପାହାଡ଼,୨୮।୧୨(ଡ଼ି.ଏନ୍.ଏ.)**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ସହରର କଂଗ୍ରେସ କମିଟି ପକ୍ଷରୁ ଦଳର ୧୩୪ତମ ପ୍ରତିଷ୍ଠା ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ଶୁକ୍ରବାର ସକାଳେ ଗୁମାଡ଼େରା ବଜାରରେ କଂଗ୍ରେସ ଜିଲା ଉପସଭାପତି ବିଜୟ ଭ୍ରମରବର ରାଏଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଟାଉନ ସଭାପତି ବୁଲୁ ପଣ୍ଡା କର୍ମିମାନଙ୍କୁ ଉଦ୍‌ବୋଧନ ଦେଇ କୌଣସି କାରଣରୁ ଦଳରୁ ଦୂରେଇ ଯାଇଥିବା କର୍ମୀମାନଙ୍କୁ ଫେରାଇ ଆଣିବା ପାଇଁ ଏବଂ ଯୁବକମାନଙ୍କୁ ସଙ୍ଗଠିତ କରି ସଙ୍ଗଠନକୁ ଅଧିକ ମଜଭୁତ କରିବା ପାଇଁ ଉଦ୍ୟମ କରାଯିବ ବୋଲି ପ୍ରକାଶ କରିଥିଲେ । କର୍ମୀ ଟୁଲୁ ମେହେର, ଭାସ୍କର ପଟେଲ ଓ ପ୍ରଦୀପ ପଣ୍ଡା ସଭାରେ ଉଦ୍‌ବୋଧନ ଦେଇ ଅତିତରେ କଂଗ୍ରେସ ଦଳ କେନ୍ଦ୍ର ଓ ରାଜ୍ୟ ଶାସନରେ ଥିବାବେଳେ ଗରିବ ଓ ଦୁର୍ବଳ ଶ୍ରେଣୀ ଲୋକଙ୍କ ପାଇଁ ଅନେକ କାମ କରିଛି ଏବଂ ଏହି ଦଳ ପ୍ରତି ଏବେ ବି ସାଧାରଣ ଲୋକଙ୍କ ଆସ୍ଥା ଓ ବିଶ୍ୱାସ ତିଷ୍ଠି ରହିଛି ବୋଲି ପ୍ରକାଶ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀ ଦିଲୀପ ପଟ୍ଟନାୟକ, ତାରକନାଥ ଚକ୍ରବର୍ତ୍ତୀ, ପ୍ରଶାନ୍ତ ପଣ୍ଡା, ହେମସାଗର ପଟ୍ଟନାୟକ, ବନମାଳି ସାହୁ ଓ ଅନୀଲ ଭୋଇଙ୍କ ସମେତ ଅନ୍ୟ କେତେକ ଯୁବ କର୍ମୀ ଉପସ୍ଥିତ ଥିଲେ ।



ବେଲପାହାଡ଼ରେ କଂଗ୍ରେସ କର୍ମୀ ପ୍ରତିଷ୍ଠା ଦିବସ ପାଳନ କରୁଛନ୍ତି ।

# ଦଲଗାଁରେ ମୁଁ ହିରୋ ମୁଁ ଓଡ଼ିଶା କାର୍ଯ୍ୟକ୍ରମ

**ଲଖନପୁର,୨୮।୧୨ (ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ଦଲଗାଁ ପଞ୍ଚାୟତ ଖେଳପଡିଆଠାରେ ଗୁରୁବାର ବିଜୁ ଯୁବ ବାହିନୀ ତରଫରୁ ମୁଁ ହିରୋ ମୁଁ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅନୁପ ସାଏ, ବିଜେଡି ରାଜ୍ୟ ପରିଷଦ ସଦସ୍ୟ ଟିକେଶ୍ୱର ସେନାପତି, ସ୍ଥାନୀୟ ସରପଞ୍ଚ ଚିତ୍ରସେନ ଧୁରୁଆ, ପୂର୍ବତନ ସରପଞ୍ଚ ଚାପଧାରୀ ଧୁରୁଆ, ବସନ୍ତ ପାଢ଼ୀ, ଭୁବନେଶ୍ୱର ହାତୀ, ଦୌତାରୀ ସେନାପତି, ଘନଶ୍ୟାମ ସିଂହ, ନନ୍ଦଲାଲ ସେନାପତି, କେଦାର ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । କିର୍ତ୍ତନ ବାଗ ମଞ୍ଚ ପରିଚାଳନା କରିଥିଲେ । ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସାଏ ତାଙ୍କ ବକ୍ତବ୍ୟରେ କହିଥିଲେ, ଯୁବବାହିନୀ ପଞ୍ଚାୟତବାସୀଙ୍କ ଦୁଃଖ ସୁଖର ସାଥୀ। ଏହି ସଙ୍ଗଠନକୁ ଆଗକୁ ନେବାକୁ ହେଲେ ପଞ୍ଚାୟତବାସୀଙ୍କ ସ୍ନେହଶ୍ରଦ୍ଧା ଦରକାର । ଆସନ୍ତୁ ଯୁବ ବାହିନୀକୁ ଉତ୍ସାହିତ କରିବା ପଞ୍ଚାୟତର ବିକାଶ କରିବା ବୋଲି ଆହ୍ୱାନ ଦେଇଥିଲେ। ଏହି ଅବସରରେ ପଞ୍ଚାୟତର କଳାକାରମାନଙ୍କୁ ନେଇ ରେକର୍ଡ ଡ୍ୟାନ୍ସ, ସମ୍ବଲପୁରୀ, ବ୍ରେକ୍‌ଡ୍ୟାନ୍ସ, ସଙ୍ଗୀତ, ଖେଳକୁଦ ଆଦି ପ୍ରତିଯୋଗିତା ହୋଇଥିଲା । ଏଥିରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏଥି ମଧ୍ୟରେ ଲମ୍ବାଡିଆଁରେ ବିଦ୍ୟାଧର ସା ପ୍ରଥମ, ଗୁରୁଦେବ କାଲୋ ଦ୍ୱିତୀୟ, ବେଦବ୍ୟାସ ଭୋଇ ତୃତୀୟ ହୋଇଥିଲେ । ଉଚ୍ଚଡିଆଁ ଭୁଗଦେବ ସା ପ୍ରଥମ, ସଚ୍ଚନ୍ଦ୍ର ଚାନ୍ଦ ଦ୍ୱିତୀୟ, ଅଭିଷେକ ସେନାପତି ତୃତୀୟ, ଶହେ ମିଟରରେ ବିଦ୍ୟାଧର ସା ପ୍ରଥମ, ଉମେଶ ସେନାପତି ଦ୍ୱିତୀୟ, ସଚ୍ଚିନ୍ଦ୍ର ଚାନ୍ଦ ତୃତୀୟ ହୋଇଥିଲେ। ସେହିଭଳି ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଦ୍ୟାଧର ସା, ତିଳାଞ୍ଜଳୀ ସିଂହ, କ୍ଷେତ୍ର ହାତୀ, ସଚ୍ଚିନ୍ଦ୍ର ଚାନ୍ଦ, ବାପି କୁମାର, ଧର୍ମୁ ଭୋଇ, ରୋହନ ଧୁରୁଆ ଆଦି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।



ଅତିଥିମାନଙ୍କ ଗହଣରେ ଯୁବ ବାହିନୀବୃନ୍ଦ।

କୋଇଲା ଚୋରା କାରବାର, ଢାବା ମାଲିକ ଗିରଫ

## ଦୁଇ ଟ୍ରାକ୍ଟର ସହ କୋଇଲା ଜବତ

**ଝାରସୁଗୁଡା ଅଫିସ,୨୮।୧୨**

ଚୋରା କୋଇଲା କାରବାର ସମ୍ପୃକ୍ତିରେ ଜଣେ ଢାବା ମାଲିକଙ୍କ ସମେତ ତିନି ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଢାବା ମାଲିକ ହେଲେ ପାହାଡି ମନ୍ଦିର ଅଞ୍ଚଳର ଲଲନ ଯାଦବ ଏବଂ ଟ୍ରାକ୍ଟର ଚାଳକ ରାଜା ଖଡିଆ, ଅବଦୁଲ କାଦିର। ଟାଉନଥାନା ପୋଲିସ ଅଭିଯୁକ୍ତଙ୍କଠାରୁ ଦୁଇଟି ଟ୍ରାକ୍ଟର ସମେତ ୯ହଜାର କେଜି କୋଇଲା ଜବତ କରିଛି। ବାଲିଯୋରୀସ୍ଥିତ ଲଲନ ଢାବାରୁ ଗୁରୁବାର ରାତିରେ ଦୁଇଟି ଟ୍ରାକ୍ଟରରେ ୯ହଜାର କେଜି କୋଇଲା ଚୋରାରେ ଚାଲାଣ ହେଉଥିଲା। ଖବରପାଇ ଟାଉନଥାନା ପୋଲିସ ଗାଡି ଜବତ କରିବା ସହ ମାଲିକ ଲଲନ ଏବଂ ଦୁଇ ଚାଳକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି।

# ଇଭିଏମ୍, ଭିଭିପାଟ୍ ସମ୍ପର୍କିତ ତାଲିମ

**ଝାରସୁଗୁଡା ଅଫିସ,୨୮।୧୨**

ସାଧାରଣ ନିର୍ବାଚନ ପାଇଁ ଜିଲାସ୍ତରରେ ପ୍ରସ୍ତୁତି ଜୋର ସୋରରେ ଚାଲିଛି। ମତଦାତାଙ୍କୁ ଇଲେକଟ୍ରୋନିକ୍ ଭୋଟିଂ ମେସିନ୍(ଇଭିଏମ୍) ଏବଂ ଭିଭିପାଟ୍ ବିଷୟରେ ଅବଗତ କରାଇବା ଏବଂ ଏହାର ବ୍ୟବହାର ଜଣାଇବା ପାଇଁ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯାଇଛି। ଝାରସୁଗୁଡା ଜିଲାର ଦୁଇଟି ନିର୍ବାଚନମଣ୍ଡଳୀ ପାଇଁ ମୋଟ ୧୪ଟି ଟିମ୍ ଗଠନ କରାଯାଇ ଶୁକ୍ରବାର ଏହି ଟିମ୍ ମୁଖ୍ୟଙ୍କୁ ତାଲିମ୍ ପ୍ରଦାନ କରାଯାଇଛି। ୪ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ୍ ପରେ ଏହି ଟିମ୍ ଜିଲାର ପ୍ରତ୍ୟେକ ଗାଁକୁ ଯାଇ ମତଦାତାଙ୍କୁ ଇଭିଏମ୍ ଏବଂ ଭିଭିପାଟ୍‌ର ବ୍ୟବହାରିତା ଉପରେ ପୂର୍ଣ୍ଣ ଅବଗତ କରାଇବେ। ଶୁକ୍ରବାର ଜିଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ୧୪ଜଣ ସମ୍ପ୍ରସାରଣ ଅଧିକାରଙ୍କୁ ଏହି ତାଲିମ୍ ଦିଆଯାଇଥିଲା। ଜିଲାପାଳ ବିଭୂତି ଭୂଷଣ ପଟ୍ଟନାୟକ, ଉପଜିଲାପାଳ ବ୍ରଜବନ୍ଧୁ ଭୋଇ, ଏପିଡି ଡୋଳାମଣି ପଟେଲ, ଡେପୁଟି କଲେକ୍ଟର ସୁନାସିର କିଶାନ ପ୍ରମୁଖ ଏହି ତାଲିମ ଦେଇଥିଲେ। ଇଭିଏମ୍ ଏବଂ ଭିଭିପାଟ୍ ବ୍ୟବହାର କ୍ଷେତ୍ରରେ ମତଦାତା ଯେପରି ସମସ୍ୟାର ସମ୍ମୁଖିନ ନ ହୁଅନ୍ତି ସେଥିପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଉଥିବା ଜିଲାପାଳ ପଟ୍ଟନାୟକ କହିଛନ୍ତି।



ସମ୍ପ୍ରସାରଣ ଅଧିକାରୀଙ୍କୁ ଇଭିଏମ୍ ଏବଂ ଭିଭିପାର୍ଟ ସମ୍ପର୍କରେ ତାଲିମ ଦିଆଯାଉଛି।

ବେଆଇନ ମୋରମ ଉତ୍ତୋଳନ

# ରାଜସ୍ୱ ବିଭାଗ, କଣ୍ଟ୍ରାକ୍ଟରଙ୍କ ସଲାସୁତୁରାରେ ଚାଲିଛି କାମ

**ଲଖନପୁର,୨୮।୧୨(ଡି.ଏନ୍.ଏ.)**

ଝାରସୁଗୁଡା ଜିଲା ଲଖନପୁର ବ୍ଲକ୍ ୩ନଂ ଜୋନ୍ କୁମ୍ଭାରବନ୍ଧ ଭଟ୍ଟାରିକା ମନ୍ଦିର ନିକଟରୁ ଡେଙ୍ଗସର୍ଗି ଓ ଖୁଟପାଲି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାମ ଚାଲିଛି । ଏଥିରେ ବ୍ୟବହାର ହେଉଥିବା ମୋରମ ଜଙ୍ଗଲ ଜମିରୁ ବେଆଇନ୍‌ଭାବେ ଉତ୍ତୋଳନ କରାଯାଉଛି । ଯାହା ଫଳରେ ସରକାରଙ୍କ ବ୍ୟାପକ ରାଜସ୍ୱହାନୀ ହେବା ସହ ଜଙ୍ଗଲ ଜମିରେ ଗର୍ତ୍ତ ସୃଷ୍ଟି ହୋଇ ମୃତ୍ତିକା କ୍ଷୟ ହେବାରେ ଲାଗିଛି । ଏ ସମ୍ପର୍କରେ ରାଜସ୍ୱ ବିଭାଗକୁ ଜଣାଇଥିଲେ ମଧ୍ୟ କଣ୍ଟ୍ରାକ୍ଟରଙ୍କ ନାଁ ଏକ ନୋଟିସ୍ ଜାରି କରି ବିଭାଗୀୟ ଅଧିକାରୀମାନେ ହାତରେ ହାତ ବାନ୍ଧି ବସିଛନ୍ତି । ଏପଟେ କାମ ଶେଷ ହେବାକୁ ବସିଲାଣି । କିନ୍ତୁ ମୋରମ ଉତ୍ତୋଳନ ହେଉଥିବା ସ୍ଥାନରୁ କୁମ୍ଭାରବନ୍ଧ ଆର୍‌ଆଇ ଅଫିସ୍ ମାତ୍ର ୨ଶହ ମିଟର ଦୂରତ୍ୱ ହେବ । ରାଜସ୍ୱ ବିଭାଗ ଅଧିକାରୀଙ୍କ ଆଖି ସମ୍ମୁଖରେ ହଜାର ହଜାର ଟ୍ରିପ୍ ମୋରମ୍ ଉତ୍ତୋଳନ ହେଉଛି ତଥାପି ବିଭାଗୀୟ ଅଧିକାରୀ ଚୁପ୍ ରହିଛନ୍ତି । ଏ ସବୁକୁ ଦେଖିଲେ ରାଜସ୍ୱ ବିଭାଗ ଅଧିକାରୀ ଓ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ସଲାସୁତୁରା ରହିଛି ବୋଲି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି । ଏ ସବୁକୁ ଦେଖିଲେ କଣ୍ଟ୍ରାକ୍ଟରଙ୍କ ପ୍ରତି ରାଜସ୍ୱ ବିଭାଗର ଅହେତୁକ ଅନୁକମ୍ପା ରହିଛି । ଏ ନେଇ କୁମ୍ଭାରବନ୍ଧ ଆର୍‌ଆଇ ସୋମନାଥ ସାହୁ କହିଛନ୍ତି, ବେଆଇନ୍ ମୋରମ୍ ଉତ୍ତୋଳନ ହେଉଥିବା ଜାଣିବା ପରେ ସେ ଗତ ନଭେମ୍ବର ମାସ ୨୮ତାରିଖରେ ପତ୍ର ସଂଖ୍ୟା୧୭୦ ଜରିଆରେ ତହସିଲଦାର୍‌ଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏ ନେଇ ତହସିଲଦାର ଜ୍ୟୋସ୍ନାରାଣି ସାହୁ କହିଛନ୍ତି ଆର୍‌ଆଇଙ୍କ ରିପୋର୍ଟ ପାଇବା ପରେ କଣ୍ଟ୍ରାକ୍ଟରଙ୍କୁ ନୋଟିସ୍ ଜାରି ହୋଇଛି । ବେଆଇନ୍ ମୋରମ୍ ଉତ୍ତୋଳନ ପାଇଁ କଣ୍ଟ୍ରାକ୍ଟରଙ୍କୁ ମୋଟା ଅଙ୍କର ଜରିମାନା କରାଯିବବୋଲି ସେ କହିଛନ୍ତି । ଆର୍‌ଆଇ ତହସିଲଦାରଙ୍କୁ ପତ୍ର ଦ୍ୱାରା ଜଣାଇବା ତହସିଲଦାର କଣ୍ଟ୍ରାକ୍ଟରଙ୍କୁ ନୋଟିସ୍ ଜାରି କରିବା ଏ ନେଇ ଇତି ମଧ୍ୟରେ ଏକ ମାସ ବିତିଗଲାଣି । ତଥାପି କଣ୍ଟ୍ରାକ୍ଟର ଉପରେ ରାଜସ୍ୱ ବିଭାଗର କାର୍ଯ୍ୟାନୁଷ୍ଠାନ ନାହିଁ । କୁମ୍ଭାରବନ୍ଧ-ଡେଙ୍ଗସର୍ଗି ଆର୍‌ଡି ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିଲା । ଏହାର ମରାମତି ପାଇଁ ସ୍ଥାନୀୟ ବାସିନ୍ଦାଙ୍କ ତରଫରୁ ଦୀର୍ଘ ଦିନରୁ ଦାବି ହୋଇଆସୁଥିଲା । ଏ ନେଇ ମୁଖ୍ୟମନ୍ତ୍ରୀ ସଡକ ଯୋଜନାରେ ଏହି ରାସ୍ତାକୁ ସାମିଲ କରାଯାଇଥିଲା । ରାସ୍ତା ସମ୍ପ୍ରସାରଣ ପାଇଁ ଆର୍‌ଡି ବିଭାଗ ତରଫରୁ ଟେଣ୍ଡର ଆହ୍ୱାନ କରଯାଇଥିଲା । ଟେଣ୍ଡର ମାଧମରେ କଣ୍ଟ୍ରାକ୍ଟର ରାସ୍ତା ନିର୍ମାଣ କାମ ପାଇଥିବାବେଳେ ଏହାର ବ୍ୟୟ ଅଟକଳ ୨କୋଟି ଟଙ୍କା ରହିଛି । ରାସ୍ତାର ଦୂରତ୍ୱ ସାଢେ ୪କିଲୋମିଟର ରହିଛି । ଏଥି ମଧ୍ୟରେ ସର୍ବାଧିକ ପିଚୁ ରାସ୍ତା ରହିଥିବାବେଳେ ଅବଶିଷ୍ଟ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଟେଣ୍ଡରରେ ଉଲ୍ଲେଖ ରହିଛି ।



କୁମ୍ଭାରବନ୍ଧ ଗ୍ରାମ ସରକାରୀ ଜମିରୁ ଡମ୍ପର ଓ ଜେସିବି ମେଶିନ୍‌ରେ ମୋରମ ଉତ୍ତୋଳନ ଚାଲିଛି ।


## ୭୦ତମ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା, ବରଗଡ଼
### ପ୍ରେସ୍ ବିଜ୍ଞପ୍ତି

ନଂ. ୮୩/ Res. ତା.୨୮.୧୨.୨୦୧୮

ଅଦ୍ୟ ତା. ୨୮.୧୨.୨୦୧୮ରିଖ ଅପରାହ୍ନ ୩ ଘଟିକା ସମୟରେ ଧନୁଯାତ୍ରା ଜମି ଆବଣ୍ଟନ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା । ଟ୍ରେଡ୍‌ଫେୟାର ପାଇଁ ଏକଗୋଟି ଟେଣ୍ଡର ପ୍ରାପ୍ତ ହୋଇଥିଲା, ଯାହାର ଡାକ ମୂଲ୍ୟ ସର୍ବନିମ୍ନ ମୂଲ୍ୟଠାରୁ ଅଧିକ ଥିଲା, ତେଣୁ ଟ୍ରେଡ୍‌ଫେୟାର ଟେଣ୍ଡର ଚୂଡାନ୍ତ କରାଗଲା ।

ଟ୍ରେଡ୍‌ଫେୟାର ବ୍ୟତୀତ ଅନ୍ୟ ସମସ୍ତ ଅଞ୍ଚଳ ନିମିତ୍ତ କୌଣସି ଟେଣ୍ଡର ଫର୍ମ ପଡି ନଥିବାରୁ ପୂର୍ବ ପ୍ରକାଶିତ ବିଜ୍ଞପ୍ତି ସଂଖ୍ୟା ୯୪୧୪/ ତା ୨୦.୧୨.୨୦୧୮ରିଖ ଅନୁଯାୟୀ ତା ୩୦.୧୨.୨୦୧୮ରିଖ ଦିନ ଦ୍ୱିତୀୟ ପର୍ଯ୍ୟାୟ ଟେଣ୍ଡର ଫାଇନାଲ ନିମନ୍ତେ ବୈଠକ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି କରାଗଲା । ତେଣୁ ଇଚ୍ଛୁକ ନିଲାମଧାରୀ ଆସନ୍ତା ତା ୩୦.୧୨.୨୦୧୮ରିଖ ଅପରାହ୍ନ ୨ ଘଟିକା ମଧ୍ୟରେ ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଟେଣ୍ଡର ଫର୍ମ ଦାଖଲ କରିପାରିବେ ।

ବରଗଡ଼ର କିଛି ବ୍ୟବସାୟୀଙ୍କର ଲିଖିତ ଆବେଦନକୁ ବିଚାରକୁ ନେଇ ଜମି ଆବଣ୍ଟନ କମିଟି ଦ୍ୱାରା ପୂର୍ବ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଥିବା ସର୍ବନିମ୍ନ ମୂଲ୍ୟକୁ ନିମ୍ନମତେ କମ କରାଗଲା ।

| Zone No. | Zone Name | Previous Up-set Price (In Rs.) | Revised Up-Set Price (in Rs.) |
|---|---|---|---|
| 2A | JHULA<br>i) Near Trade Fair | 18,50,000/- | 16,17,000/- |
| 2B | ii) From Maharaja Gali to SBI Gali | 18,38,000/- | 16,10,000/- |
| 3A | MEENA BAZZAR<br>i) Near Pallishree Mela & Trade Fair | 14,00,000/- | 13,36,000/- |
| 3B | SMALL SHOP<br>ii) Near SBI Gali | 8,50,000/- | 8,28,000/- |
| 3C | SMALL SHOP<br>iii) Near Food Fest | 9,00,000/- | 8,53,000/- |

PARKING PLACE

| Sl. No. | Place | Previous Up-Set Price (in Rs.) | Revised Up-Set Price (in Rs.) |
|---|---|---|---|
| 1 | Kacheri Field | 1,25,000/- | 1,15,000/- |
| 2 | Sales-Tax Field | 70,000/- | 67,000/- |
| 3 | Mahadev Temple to Super Market (Except VSS Nagar Durga Mandap) | 1,00,000/- | 67,000/- |
| 4 | Behind Women's College | 15,000/- | 11,000/- |

**ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଲା :**

ପୂର୍ବବର୍ଷ ଭଳି ପାର୍କିଂ ଫି ସାଇକେଲ ନିମନ୍ତେ ଟ.୫/-, ମୋଟର ସାଇକେଲ ନିମନ୍ତେ ଟ. ୧୦/- ଓ କାର୍ ନିମନ୍ତେ ଟ. ୨୦/- ବଳବତ୍ତର ରହିଲା । ବର୍ଦ୍ଧିତ ପାର୍କିଂ ଫି କୁ ପ୍ରତ୍ୟାହାର କରାଗଲା । ଅଧିକ ପାର୍କିଂ ଫି ଆଦାୟ ବିରୁଦ୍ଧରେ ପୋଲିସ ତରଫରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଗଲା ।

**ସ୍ୱା./- ଉପ-ଜିଲ୍ଲାପାଳ ତଥା ଆବାହକ, ଜମି-ଆବଣ୍ଟନ କମିଟି**
**ଧନୁଯାତ୍ରା ମହୋତ୍ସବ ସମିତି, ବରଗଡ଼**

